# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁୟାରୀ ୧୯/୨୦୨୦ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 19/2020 | ★★★★★★

୪୬ଶ ଭାଗ ୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



ଓଡ଼ିଶା ଆମ ଗୌରବ

## ୩୧ତମ ଜାତୀୟ
# ସଡ଼କ ସୁରକ୍ଷା ସପ୍ତାହ



### ସଡ଼କ ସୁରକ୍ଷା ନିମନ୍ତେ ନିଆଯାଇଥିବା ପଦକ୍ଷେପ :

- ସଂଶୋଧିତ ମୋଟରଯାନ ଆଇନ-୨୦୧୯ କୁ ରାଜ୍ୟରେ ଲାଗୁ କରିବା ପରେ ସଡ଼କ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ
- ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ କଟକ ଓ ଭୁବନେଶ୍ୱର ସହରର ନିର୍ଦ୍ଦିଷ୍ଟ ବେସରକାରୀ ହସ୍ପିଟାଲରେ ପ୍ରଥମ ୪୮ ଘଣ୍ଟାର ମାଗଣା ଚିକିତ୍ସା ବ୍ୟବସ୍ଥା
- ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ଆଇନତଃ ଉତ୍ତରାଧିକାରୀଙ୍କୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା
- ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରୁଥିବା ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ସୁରକ୍ଷା ପ୍ରଦାନ ଏବଂ ଉକ୍ତ ଭଦ୍ର ବ୍ୟକ୍ତିଙ୍କୁ ୨ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ ନିମନ୍ତେ ''ଗୁଡ୍ ସମରିଟାନ ପଲିସି'' ।
- ବାରମ୍ୱାର ମୋଟରଯାନ ଆଇନ ଉଲଙ୍ଘନ କରୁଥିବା ବ୍ୟକ୍ତିଙ୍କୁ ଅଧିକ ଅର୍ଥଦଣ୍ଡ ପ୍ରଦାନ କରିବା ନିମନ୍ତେ ଉଭୟ ପୁଲିସ ଓ ପରିବହନ ବିଭାଗରେ ଇ-ଚାଲାଣ ବ୍ୟବସ୍ଥା ପ୍ରଚଳନ
- ସମସ୍ତ ଜିଲ୍ଲାରେ ଅଟୋମେଟେଡ୍ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ ନିର୍ମାଣ ପାଇଁ ପଦକ୍ଷେପ
- ୫ ଗୋଟି ଦୁର୍ଘଟଣା ପ୍ରବଣ ରାସ୍ତାରେ ହାଇୱେ ପାଟ୍ରୋଲ ପ୍ରଚଳନ କରିବାର ବ୍ୟବସ୍ଥା

### ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ଉତ୍ସବ ଏବଂ ଇ-ଚେକ୍ ଗେଟ୍ ବ୍ୟବସ୍ଥାର ଶୁଭାରମ୍ଭ

ମୁଖ୍ୟ ଅତିଥି

## ଶ୍ରୀଯୁକ୍ତ ପଦ୍ମନାଭ ବେହେରା

ମାନ୍ୟବର ମନ୍ତ୍ରୀ,
ଯୋଜନା ଓ ସଂଯୋଜନ ଏବଂ ବାଣିଜ୍ୟ ଓ ପରିବହନ, ଓଡ଼ିଶା

ସ୍ଥାନ : ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
୧୯ ଜାନୁଆରୀ ୨୦୨୦, ସମୟ : ଦିବା ୧୧ ଘଟିକା

"ସୁରକ୍ଷିତ ରୁହନ୍ତୁ - ସୁଖୀ ରୁହନ୍ତୁ"

ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି
ବାଣିଜ୍ୟ ଓ ପରିବହନ ବିଭାଗ,
ଓଡ଼ିଶା ସରକାର

ଟ୍ରାଫିକ୍ ନିୟମ ମାନନ୍ତୁ, ଓଡ଼ିଶାକୁ ଦୁର୍ଘଟଣା ମୁକ୍ତ କରାନ୍ତୁ



"ଫିଲ୍ମ 'ଷାଣ୍ଡ୍ କି ଆଁଖ୍'ରେ ପ୍ରଯୋଜକ ଅନୁରାଗ କଶ୍ୟପ ଆମ ବୟସର ଲୋକଙ୍କୁ ନେବାକୁ ଚାହୁଁଥିଲେ। ଏଥିଲାଗି ମୁଁ ପ୍ରସ୍ତୁତ ଥିଲି।
-ନୀନା ଗୁପ୍ତା,
ବଲିଉଡ୍ ଅଭିନେତ୍ରୀ

# ୯୭ ବର୍ଷ ବୟସରେ ସମ୍ଭାଳିବେ ସରପଞ୍ଚ ଦାୟିତ୍ୱ



ବିଦ୍ୟା ଦେବୀ

**ଜୟପୁର:** ବୟସ ଯେ ଏକ ସଂଖ୍ୟା ଏହାକୁ ଏବେ ପ୍ରମାଣ କରିଛନ୍ତି ରାଜସ୍ଥାନ ସିକାରର ୯୭ ବର୍ଷୀୟା ମହିଳା ବିଦ୍ୟା ଦେବୀ। ନିକଟରେ ଅନୁଷ୍ଠିତ ହୋଇଥିବା ରାଜସ୍ଥାନର ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନରେ ସେ ବିଜୟୀ ହୋଇ ଏବେ ସରପଞ୍ଚ ଦାୟିତ୍ୱ ସମ୍ଭାଳିବେ ବୋଲି ଜଣାପଡିଛି। ଏବେବି ସେ କିଛି କରିପାରିବେ ବୋଲି ଲୋକଙ୍କର ବିଶ୍ୱାସ ରହିଥିବାରୁ ଲୋକେ ତାଙ୍କୁ ନିର୍ବାଚିତ କରିଥିବା କୁହାଯାଏ। ବିଦ୍ୟାଦେବୀ ସିକାରର ପୁରନଓ୍ୱାସ ଗ୍ରାମ ପଞ୍ଚାୟତ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଆରତି ମିନାଙ୍କୁ ୨୦୭ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ବିଦ୍ୟା ଦେବୀଙ୍କ ସ୍ୱାମୀ ଶିବରାମ ସିଂ ସେନାରେ ମେଜର ଭାବେ କାମ କରିଥିବା ବେଳେ ୧୯୯୦ ମସିହା ପୂର୍ବରୁ ୨୫ ବର୍ଷକାଳ ସରପଞ୍ଚ ଭାବେ କାମ କରିଛନ୍ତି। ବିଦ୍ୟା ଦେବୀଙ୍କୁ ମୋଟ ୮୪୩ ଖଣ୍ଡ ଭୋଟ ମିଳିଥିବା ବେଳେ ମିନାଙ୍କୁ ମିଳିଥିଲା ୬୩୬ ଖଣ୍ଡ ଭୋଟ। ବିଦ୍ୟାଙ୍କ ବୟସ ଜାନୁୟାରୀ ୧, ୧୯୨୩ ବୋଲି ଉଲ୍ଲେଖ କରାଯାଇଛି।

# ଗରିବଙ୍କ ଅର୍କିଡ୍ 'କାଞ୍ଚନ' ଉପରେ ହେବ ଗବେଷଣା

**ନୂଆଦିଲ୍ଲୀ:** ଆୟୁର୍ବେଦର ବରଦାନ ହେଉଛି 'କାଞ୍ଚନ'। ଗରିବଙ୍କ ଅର୍କିଡ ନାମରେ ପରିଚିତ ଏହି ଗଛ ଭାରତର ପ୍ରାୟ ସବୁ ଅଞ୍ଚଳରେ ଦେଖିବାକୁ ମିଳେ। ଔଷଧୀୟ ଗୁଣରେ ଭରପୂର ଏହି ପରିଚିତ ଗଛ ଉପରେ ଏବେ ଗବେଷଣା କରିବ ଅଖିଳ ଭାରତୀୟ ଆୟୁର୍ବେଦିକ୍ ସଂସ୍ଥାନ (ଏମ୍ସ)। ପରୀକ୍ଷାମୂଳକ ଭାବେ ଝାଡ଼ଖଣ୍ଡକୁ ଗବେଷଣା କେନ୍ଦ୍ର ଭାବେ ନିଆଯାଇଛି। ଏମ୍ସ, ସେଣ୍ଟ୍ରାଲ କୋଲଫିଲ୍ଡ ଲିମିଟେଡ୍, ଡିପାର୍ଟମେଣ୍ଟ ଅଫ୍ ଫରେଷ୍ଟ ଏବଂ ଝାଡ଼ଖଣ୍ଡ ସରକାରଙ୍କ ମଧ୍ୟରେ ଏ ନେଇ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଝାଡ଼ଖଣ୍ଡର ଆଦିବାସୀ ଅଧ୍ୟୁଷିତ ହଜାରିବାଗ୍ ଏବଂ କୋଦର୍ମାରେ ଗବେଷଣା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ପ୍ରକଳ୍ପର ମୁଖ୍ୟ ତଥା ଏମ୍ସର ପ୍ରଫେସର ଡା. ଜୀବନ ସିଂ ଟିଟିୟାଲ କହିଛନ୍ତି, କେଉଁ ଆବହମାନ କାଳରୁ କାଞ୍ଚନ ଗଛକୁ ମନୁଷ୍ୟ ବ୍ୟବହାର କରି ଆସୁଛି। ଏହା ଔଷଧୀୟ ଗୁଣରେ ଭରପୂର ବୋଲି କୁହାଯାଉଛି। ହେଲେ ଶରୀର ଉପରେ ଏହା କିପରି ପ୍ରଭାବ ପକାଉଛି ସେ ସମ୍ପର୍କରେ ବିସ୍ତୃତ ଭାବେ ଜାଣିବାକୁ ଗବେଷଣା କରାଯିବାର ଆବଶ୍ୟକତା ରହିଛି। ଏଥିପାଇଁ ୨ରୁ ୪ବର୍ଷ ସମୟ ଲାଗିପାରେ। ତେବେ ହାରାହାରି ୨ବର୍ଷ ମଧ୍ୟରେ ପ୍ରକଳ୍ପ ଶେଷ କରିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି। ଝାଡ଼ଖଣ୍ଡକୁ ପରୀକ୍ଷା କେନ୍ଦ୍ର ଭାବେ ନେବାର ପ୍ରମୁଖ କାରଣ ହେଉଛି, ଏଠାକାର ଆଦିବାସୀମାନେ ବଂଶାନୁକ୍ରମିକ ଭାବେ ଏହି ଗଛର ପତ୍ର, ଫୁଲ ଏବଂ ଅନ୍ୟ ଅଂଶ ବ୍ୟବହାର କରି ଆସୁଛନ୍ତି। ଗବେଷଣାରେ ଉଭୟ କାଞ୍ଚନ ଗଛ ବ୍ୟବହାର କରୁଥିବା ଏବଂ ବ୍ୟବହାର କରୁ ନ ଥିବା ଲୋକଙ୍କୁ ସାମିଲ କରାଯିବ। ଏଥିରୁ କାଞ୍ଚନର ପୁଷ୍ଟିକର ତତ୍ତ୍ୱ, ଶରୀର ଉପରେ ଏହାର ପ୍ରଭାବ ସମ୍ପର୍କରେ ଜଣାପଡ଼ିବ। ଗବେଷଣାରେ ସାମିଲ ହୋଇଥିବା ଡା. ନନ୍ଦ କୁମାର କୁହନ୍ତି, ମଧୁମେହ, ବ୍ଲଡ୍‌ପ୍ରେସର ଭଳି ଲାଇଫ୍ ଷ୍ଟାଇଲ୍‌କୁ ପ୍ରଭାବିତ କରୁଥିବା ରୋଗୀଙ୍କୁ 'କାଞ୍ଚନ'ର ବ୍ୟବହାର କରିବାକୁ ଆୟୁର୍ବେଦିକ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି। ହେଲେ ଏଥିରେ ସତ୍ୟତା କେତେ ତାହା ସ୍ପଷ୍ଟ ଭାବେ ଜାଣିବା ଗବେଷଣାର ପ୍ରମୁଖ ଉଦ୍ଦେଶ୍ୟ। ଗବେଷଣାଲବ୍ଧ ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯିବ।



କେବଳ ଏତିକି ନୁହେଁ, ଏମ୍ସର ଗବେଷକ ଦଳ କାଠ, କୋଇଲା ଭଳି ଜାଳେଣିର ଶରୀର ଉପରେ ପ୍ରଭାବ ସମ୍ପର୍କରେ ଅନୁଧ୍ୟାନ କରିବେ। ଉଭୟ ଜାଳେଣି ବ୍ୟବହାରକାରୀ ଏବଂ ଜାଳେଣି ବ୍ୟବହାର କରୁ ନ ଥିବା ପରିବାରକୁ ସର୍ଭେରେ ସାମିଲ କରାଯିବ। ଧୂମ ସୃଷ୍ଟିକାରୀ ଜାଳେଣିର ପ୍ରତିକୂଳ ପ୍ରଭାବ ଶ୍ୱାସ ଏବଂ ହୃଦ୍‌ରୋଗ ସହିତ ରହିଛି କି ନାହିଁ ସେ ସମ୍ପର୍କରେ ଗବେଷଣା କରାଯିବ। ପ୍ରଭାବିତ ରୋଗୀଙ୍କ ଚିକିତ୍ସା ଏମ୍ସର ବିଶେଷଜ୍ଞ ଡାକ୍ତରମାନେ କରିବେ।

# ମାଲିକଙ୍କ ବିବାଦରୁ ଥାନାରେ ରାତି କାଟିଲା କୁକୁର



**ରୁଦ୍ରପୁର:** ଉତ୍ତରାଖଣ୍ଡର ଉଦ୍ଦମ ସିଂ ନଗରର କଟୋର୍‌ଲାଲ ଥାନାକୁ ଆସିଥିବା ଏକ ଅଜବ ମାମଲାରେ ପୋଲିସ୍‌କୁ ନାକେଦମ ହେବାକୁ ପଡିଛି। ଗୋଟିଏ କୁକୁରକୁ ଦୁଇ ଜଣ ମାଲିକ ଦାବି କରିବା ଦ୍ୱାରା ଏଭଳି ପରିସ୍ଥିତି ଉପୁଜିଥିଲା। ଶେଷରେ ପୋଲିସ କୁକୁର ଉପରେ ହିଁ ଏହାର ସମାଧାନ ଛାଡିଦେଇଥିଲା। କିନ୍ତୁ ଏହି ମାମଲା ଲାଗି ଟାଇଗର ନାମକ କୁକୁରକୁ ଥାନାରେ ରାତି କଟାଇବାକୁ ପଡିଥିଲା। କୁକୁର ଦୁଇ ମାଲିକଙ୍କୁ ଚିହ୍ନିପାରୁଥିଲା ସେମାନଙ୍କ କଥା ବି ମାନୁଥିବାରୁ ଏହାର ସମାଧାନ କରିବା ଲାଗି ପୋଲିସକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ନିର୍ମଳ ସିଂ ନାମକ ବ୍ୟକ୍ତିଙ୍କ ଲାବ୍ରାଡୋର ବ୍ରିଡର ପୋଷା କୁକୁର 'ଟାଇଗର' ଗତ ବର୍ଷ ୨୬ ଡିସେମ୍ବରରୁ କୁଆଡେ ଚାଲିଯାଇଥିଲା। ପରେ ଅମିତ କୁମାର ନାମକ ଜଣେ ବ୍ୟକ୍ତି ୧୨ ଜାନୁୟାରୀରେ ତାକୁ ପାଇ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ନିର୍ମଳ ତାହା ଦେଖିଥିଲେ। ପରେ ସେ ଅମିତଙ୍କ ପାଖରୁ ଟାଇଗରକୁ ନେଇଆସିଥିଲେ। କିନ୍ତୁ ୧୬ ଜାନୁୟାରୀରେ ଅନୁରାଗ ଚୌହାନ ନାମକ ଆଉ ଜଣେ ବ୍ୟକ୍ତି ନିର୍ମଳଙ୍କ ପାଖରେ ପହଞ୍ଚି ଟାଇଗର ତାଙ୍କର ବୋଲି ଦାବି କରିବା ପରେ ମାମଲା ଥାନାରେ ପହଞ୍ଚିଥିଲା। କିନ୍ତୁ ଚୌହାନ ଯେଉଁ ଲାବ୍ରାଡୋର୍‌ର ଫଟୋ ଆଣିଥିଲେ ତାହା ଟାଇଗର ସହ ମେଳ ଖାଉଥିଲା। ଏଣୁ ମାମଲାକୁ ତୁଟାଇବାରେ ପୋଲିସ ଅଡୁଆରେ ପଡିଯାଇ କୁକୁରକୁ ଥାନାରେ ରଖିବାକୁ ବାଧ ହୋଇଥିଲା ବୋଲି କୁହନ୍ତି ସବ୍ ଇନ୍ସପେକ୍ଟର ସଦନ ସିଂ ବିଷ୍ଟ। ମାମଲାର ସମାଧାନ ପାଇଁ ପୋଲିସ ଏକ ଉପାୟ ସ୍ଥିର କଲା। କୁକୁରକୁ ଗୋଟିଏ ଜାଗାରେ ଛାଡିଦିଆଯିବ ଓ ସେ ଯାହା ଘରକୁ ଯିବ ତାଙ୍କର ବୋଲି ପୋଲିସ ପକ୍ଷରୁ କୁହାଗଲା। ପରେ ଟାଇଗରକୁ ଛାଡିଦିଆଗଲା ଓ ସେ ନିର୍ମଳଙ୍କ ଘରେ ହିଁ ପହଞ୍ଚିଥିଲା।

# ବିଶ୍ୱର ସବୁଠାରୁ ଦାମୀ ମଦ



**ଟୋକଜ:** ମଦର ଦାମ୍ ଭାରତରେ ୫ରୁ ୧୦ ହଜାର ଟଙ୍କା ଭିତରେ ହେଲେ ଏହାକୁ ଦାମୀ ମଦ ବୋଲି କୁହାଯାଏ। ହେଲେ ୟୁରୋପର ପ୍ରମୁଖ ପର୍ଯ୍ୟଟନସ୍ଥଳ ଟୋକଜରେ ଏକ ମଦ ଉତ୍ପାଦକ ଏବେ ଏମିତି ଏକ ମଦ ତିଆରି କରିଛନ୍ତି, ଯାହାର ଦେଢ ଲିଟରର ଦାମ୍ ପାଖାପାଖି ୨୮.୪୧ ଲକ୍ଷ ଟଙ୍କା ବୋଲି ଜଣାପଡିଛି। ଏହାକୁ ବିଶ୍ୱର ସବୁଠାରୁ ଦାମୀ ମଦ ବୋଲି କୁହାଯାଉଛି। ଏହି ଲିମିଟେଡ ଏଡିସନ ମଦର ନାଁ ରହିଛି ଏସେନସିଆ ୨୦୦୮ ଡିସେମ୍ବର। ହଙ୍ଗେରୀର ଆର୍ଟିଷ୍ଟ ଜେମ୍ସ କାରକାସ ଏପର୍ଯ୍ୟନ୍ତ ଏହାର ୨୦ଟି ବୋତଲ ଡିଜାଇନ କରିଥିବା ବେଳେ ଗତବର୍ଷ ୧୮ ବୋତଲକୁ ରିଲିଜ୍ କରାଯାଇଛି। ଏହାପରେ ଏହା ବିଶ୍ୱର ସବୁଠାରୁ ଦାମୀ ମଦ ବୋଲି କୁହାଯାଉଛି। ଏହା ଏକ ବ୍ଲାକ୍ ବକ୍ସରେ ଥିବା ବେଳେ ଏଥିରେ ଲାଗିଥିବା ଏକ ସୁଇଚ୍ ଚିପିଲେ ଏହା ଆଲୋକିତ ହୋଇ ଉଠୁଛି। ଏହାର କୌଣସି ବୋତଲ କାହା ସହ ମିଶୁନାହିଁ। ଅର୍ଥାତ୍ ସବୁ ବୋତଲର ଡିଜାଇନ୍ ଅଲଗା ରହିଛି। ଏପର୍ଯ୍ୟନ୍ତ ଏହାର ୧୧ ବୋତଲ ବିକ୍ରି ହୋଇସାରିଛି। ଏହାର ଏକ୍ସପ୍ୟାରୀ ଡେଟ୍ ବର୍ଷ ୨୩୦୦ ଉଲ୍ଲେଖ କରାଯାଇଛି। ଅର୍ଥାତ୍ ୮୦ ବର୍ଷ ପର୍ଯ୍ୟନ୍ତ ଏହା ସତେଜ ରହିପାରିବ। ଏହା ୨୦୦୮ରେ ତିଆରି କରାଯାଇଥିବା ବେଳେ କିଛିବର୍ଷ ପରେ ଏହା ବୋତଲରେ ପ୍ୟାକ କରାଯାଇଛି। ଏହି କମ୍ପାନୀର ଜେନରାଲ ମ୍ୟାନେଜର ଜେଲ୍‌ଟନ କୋଓ୍ୱାସ୍କ କୁହନ୍ତି, ଏସେନସିଆ ୨୦୦୮ ଡିସେମ୍ବର ତିଆରି ହେବାର ୮ ବର୍ଷ ପରେ ଏହାକୁ ବୋତଲରେ ପ୍ୟାକ୍ କରାଯିବା ଉଚିତ୍ ବୋଲି ଜଣାପଡିଥିଲା। ଏହା ଏକ ନିର୍ଦ୍ଦିଷ୍ଟ ଋତୁରେ ପ୍ରସ୍ତୁତ କରାଯାଇଥାଏ ବୋଲି ଜେଲ୍‌ଟନ କୋଓ୍ୱାସ୍କ କହିଛନ୍ତି। ଗୋଟିଏ ଛୋଟ ଚାମଚ ମାତ୍ରାର ଏହି ମଦ ପାଇଁ ପ୍ରାୟ ଏକ କିଲୋଗ୍ରାମ ପାଚିଲା ଅଙ୍ଗୁର ବ୍ୟବହାର କରାଯାଇଥାଏ। ଅର୍ଥାତ୍ ଗୋଟିଏ ବୋତଲ ମଦ ତିଆରି ପାଇଁ ପ୍ରାୟ ୨୦ କିଲୋ ଅଙ୍ଗୁର ଆବଶ୍ୟକ ହୋଇଥାଏ। ଏହାର ୩୭.୫ ସେଣ୍ଟିମିଟର ବୋତଲରେ ୩-୪ ପ୍ରତିଶତ ଆଲ୍‌କୋହଲ ଥାଏ ବୋଲି କମ୍ପାନୀ ପକ୍ଷରୁ ପ୍ରକାଶ।

# ମଙ୍ଗଳରେ ସ୍ଥାପନ ହେବ କଲୋନୀ

**ସାନ୍‌ଫ୍ରାନ୍ସିସ୍‌କୋ:** ମଣିଷ ମଙ୍ଗଳରେ ରହିବାର ସ୍ୱପ୍ନ ପୂରଣ ହେବାକୁ ହୁଏତ ଆଉ ବେଶି ଡେରି ନାହିଁ। ଏଥିପାଇଁ ସ୍ପେସ୍‌କୁ ପଠାଇବ ବୋଲି ଏହାର ସିଇଓ ଏଲନ୍ ମସ୍କ ଲକ୍ଷ୍ୟ ରଖିଛନ୍ତି। ମଙ୍ଗଳରେ କଲୋନୀ ସ୍ଥାପନ କରିବାର କଠିନ କାର୍ଯ୍ୟକୁ ପୂରଣ କରିବେ ବୋଲି ସେ ଟ୍ୱିଟ୍ କରି ଜଣାଇଦେଇଛନ୍ତି। ସ୍ପେସ୍-ଏକ୍ସର ଷ୍ଟାରଶିପ୍ ପ୍ରୋଗ୍ରାମ ବିଷୟରେ ଅଧିକ ସୂଚନା ଦେବାକୁ ଯାଇ ମସ୍କ କହିଛନ୍ତି ଯେ, ଏହି ପ୍ରୋଗ୍ରାମରେ ବହୁ ମେଗାଟନ୍ ମାଲ ପ୍ରତିବର୍ଷ ନିଆଯାଇ ୨୦୫୦ ସୁଦ୍ଧା ମଙ୍ଗଳରେ ମଣିଷ ରହିବା ଲାଗି ପରିବେଶ ସୃଷ୍ଟି କରାଯାଇପାରିବ। ଷ୍ଟାରଶିପ୍ ପ୍ରୋଗ୍ରାମରେ ଦିନକୁ ହାରାହାରି ୩ଟି ଫ୍ଲାଇଟ ହାରରେ ବର୍ଷକୁ ୧୦୦୦ରୁ ଊର୍ଦ୍ଧ୍ୱ ଫ୍ଲାଇଟ୍ ପଠାଯିବ। ଗୋଟିଏ ଫ୍ଲାଇଟ୍‌ରେ ୧୦୦ ଟନ୍ ଓଜନର ମାଲ ହିସାବରେ ବର୍ଷକୁ ୧୦ଟି ଫ୍ଲାଇଟ ୧ ମେଗାଟନ ମାଲ ନେଇପାରିବ ବୋଲି ୩୦.୭ ମିଲିୟନ ଫଲୋର୍ସଙ୍କୁ ଟ୍ୱିଟ୍ ମାଧ୍ୟମରେ ମସ୍କ ଜଣାଇଛନ୍ତି। ଏବେ ସ୍ପେଶ-ଏକ୍ସର ଟେକ୍ସାସ କେନ୍ଦ୍ରରେ ଷ୍ଟାରଶିପ ମଡେଲ 'ଏସ୍‌ଏନ୍‌ଆଇ'ର ନିର୍ମାଣ କାର୍ଯ୍ୟ ଚାଲିଛି। ବର୍ଷକୁ ୧୦୦ଟି ଷ୍ଟାର୍‌ଶିପ ନିର୍ମାଣ କରି ୧୦ ବର୍ଷରେ ୧,୦୦୦ଟି ନିର୍ମାଣ କରିବାକୁ ଯୋଜନା କରିଛି ଏହି କମ୍ପାନୀ। ଏହି ସଂଖ୍ୟକ ଯାନରେ ମଙ୍ଗଳକୁ ୧୦୦ ମେଗାଟନ ମାଲ ବା ଏହି ଓଜନର ୧୦ ଲକ୍ଷ ଲୋକଙ୍କୁ ନେଇ ଯାଇପାରିବ। ପ୍ରତି ଦୁଇ ବର୍ଷରେ ଯେତେବେଳେ ଥରେ ମଙ୍ଗଳ ପୃଥିବୀର ନିକଟତର ହେବ ସେତେବେଳେ ଏହା କରାଯିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଏହି ଯୋଜନାକୁ ସଫଳ କରିବା ଲାଗି କରିବା ପରେ ମଣିଷ ରହିବା ଉପଯୋଗୀ ପରିବେଶ ସୃଷ୍ଟି କରାଯାଇପାରିବ ବୋଲି କହିଛନ୍ତି ସେ। ମଙ୍ଗଳରେ ବରଫାବସ୍ଥାରେ ଜମାଟ ବାନ୍ଧିଥିବା ଅଙ୍ଗାରକାମ୍ଳ ଗ୍ୟାସକୁ ପରିବର୍ତ୍ତନ କରି ପରିବେଶରେ ଗ୍ରୀନ୍‌ହାଉସ ଗ୍ୟାସ ସୃଷ୍ଟି କରିବାକୁ ସକ୍ଷମ ହେବ। ମଙ୍ଗଳରେ ଏକ ମଣିଷ ସଭ୍ୟତା ପ୍ରତିଷ୍ଠା କରିବା ଲାଗି ୧୦୦ ବିଲିୟନ ଡଲାରରୁ ୧୦ ଟ୍ରିଲିୟନ ଡଲାର ଖର୍ଚ୍ଚ ହେବ ବୋଲି କହିଛନ୍ତି ମସ୍କ। ମଙ୍ଗଳରେ ୧ ଟନ୍ ଓଜନର ଜିନିଷ ପହଞ୍ଚାଇବାରେ ବ୍ୟୟ ୧ ଲକ୍ଷ ଡଲାର ହିସାବରେ ଏହି ଆକଳନ କରାଯାଇଛି।

**୨୦୫୦ ସୁଦ୍ଧା ଯିବେ ୧୦ ଲକ୍ଷ ଲୋକ**



ଗତ ବର୍ଷ ମସ୍କ ନାସାକୁ ମଙ୍ଗଳରେ ଏକ ସମ୍ଭାବିତ ଲ୍ୟାଣ୍ଡିଂ ସାଇଟ୍ ଯୋଗାଇ ଦେବାକୁ ଅନୁରୋଧ କରିଥିଲା। ମଙ୍ଗଳକୁ ମଣିଷ ପଠାଇବା ଲାଗି ସ୍ପେସ୍-ଏକ୍ସ ଯେଉଁ ଷ୍ଟାରଶିପ ନିର୍ମାଣ କରୁଛି ତାହାକୁ ପୁନଃ ବ୍ୟବହାର କରାଯାଇପାରିବ। ଅର୍ଥାତ ତାହା ମଙ୍ଗଳକୁ ମଣିଷକୁ ବାରମ୍ବାର ନେବା ଆଣିବା କରିବାକୁ ସକ୍ଷମ। ପ୍ରଥମରୁ ମଙ୍ଗଳରେ ମଣିଷ ରହିବା ଅସମ୍ଭବ ବାଲି ମସ୍କ ପ୍ରକାଶ କରିଥିଲେ। କିନ୍ତୁ ଏବେ ଏହି ଯୋଜନାରେ ମଙ୍ଗଳକୁ ଥର୍ମୋନ୍ୟୁକ୍ଲିୟାର ଓ୍ୱିପନ୍ସ ପଠାଇ ଛୋଟ ଛୋଟ ନକ୍ଷତ୍ର ସୃଷ୍ଟି

# ଅନୁ ମଲିକଙ୍କୁ ଆଶ୍ୱସ୍ତି

**ମୁମ୍ବାଇ:** ବଲିଉଡ୍‌ର ପପୁଲାର ଗାୟକ, ସଙ୍ଗୀତ ନିର୍ଦ୍ଦେଶକ ଓ ଇଣ୍ଡିଆନ ଆଇଡଲ୍-୧୧ର ପୂର୍ବତନ ଜଜ୍ ଅନୁ ମଲିକଙ୍କ ଉପରେ #ମିଟୁ ଜରିଆରେ ଯୌନ ନିର୍ଯାତନା ମାମଲା ଅଭିଯୋଗ ହୋଇଥିଲା। କଣ୍ଠଶିଳ୍ପୀ ସୋନା ମହାପାତ୍ରଙ୍କ ସମେତ ଅନ୍ୟ କେତେକ ମହିଳା ତାଙ୍କ ଉପରେ ଏହି ଅଭିଯୋଗ ଆଣିଥିଲେ। ତେବେ ଏହି ମାମଲାରେ ତାଙ୍କୁ ଆଶ୍ୱସ୍ତି ମିଳିଛି। ଅନୁଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ନ ମିଳିବାରୁ ଜାତୀୟ ମହିଳା କମିଶନର ଏହି ମାମଲାକୁ ଏବେ ବନ୍ଦ କରିଦେଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଅନୁ ମଲିକ ଇଣ୍ଡିଆନ ଆଇଡଲ୍-୧୧ର ଜଜ୍ ରହିଥିଲେ। ହେଲେ ସୋନାଙ୍କ ଏହି ଅଭିଯୋଗ ସାମ୍ନାକୁ ଆସିବା ପରେ ତାଙ୍କୁ ଶୋ'ରୁ ବାହାର କରିଦିଆଯାଇଥିଲା। ଆଉ ତାଙ୍କ ସ୍ଥାନରେ ହିମେଶ ରେଶମିୟାଙ୍କୁ ଜଜ୍ କରାଯାଇଥିଲା। ଏନେଇ ଅନୁ ସଫେଇ ଦେବା ସହ କହିଥିଲେ, ମିଥ୍ୟା ଅଭିଯୋଗ ତାଙ୍କ ଉପରେ ଲଗାଯାଇଛି।



# ପାରା ପରରେ ସ୍ୱୟଂଚାଳିତ ରୋବୋଟିକ୍ ବିମାନ

**ଷ୍ଟାନଫୋର୍ଡ:** ପ୍ରତିଦିନ ବୈଜ୍ଞାନିକମାନେ ନୂଆ ନୂଆ ଗବେଷଣା କରୁଛନ୍ତି। ସମ୍ପ୍ରତି ଆମେରିକାର କାଲିଫର୍ନିଆ ସ୍ଥିତ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷକ ୪୦ଟି ପାରା ପରରେ ସ୍ୱୟଂଚାଳିତ ରୋବୋଟିକ୍ ବିମାନ ନିର୍ମାଣ କରିଛନ୍ତି। ବିମାନର ଡେଣା ସମ୍ପୂର୍ଣ୍ଣ ଭାବେ ପରରେ ନିର୍ମିତ। ଏହାକୁ ପିଜନ ବୋଟ୍ ଭାବେ ନାମିତ କରାଯାଇଛି। ଏହା ଆକାଶରେ ପକ୍ଷୀଙ୍କ ଗହଣରେ ସହଜରେ ଉଡ଼ିବାକୁ ସକ୍ଷମ ହୋଇପାରିବ। ପାରା ପରରେ ତିଆରି ହୋଇଥିବାରୁ ଅନ୍ୟ ପକ୍ଷୀମାନେ ଏହା ଯେ ଏକ ବିମାନ ତାହା ସହଜରେ ଜାଣି ପାରିବେ ନାହିଁ। ଏହାଦ୍ୱାରା ବିଭିନ୍ନ ପକ୍ଷୀଙ୍କ ଜୀବନଶୈଳୀ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରାଯାଇପାରିବ। ଏହା ପକ୍ଷୀଙ୍କ ଭଳି ଶବ୍ଦ ମଧ୍ୟ ସୃଷ୍ଟି କରିବାକୁ ସକ୍ଷମ। ଏହାର ଡେଣାର ପର ନଷ୍ଟ ହେଲେ ନୂଆ ପର ମଧ୍ୟ ଲଗାଯାଇ ପାରିବ ବୋଲି ଗବେଷକ ସୂଚନା ଦେଇଛନ୍ତି।



# ପୃଥିବୀକୁ ମାଡ଼ି ଆସୁଛି ବିପଦ

**ଓ୍ୱାଶିଂଟନ:** ପୃଥିବୀ ଉପରେ ଭୟଙ୍କର ବିପଦ ମାଡ଼ିଆସୁଛି। ଆଗାମୀ ଦିନରେ ଦକ୍ଷିଣ ଆମେରିକା, କେନ୍ଦ୍ରୀୟ ଆମେରିକା, କାରିବିୟାନର ପ୍ୟୁର୍ଟୋ ରିକୋ ଅଞ୍ଚଳରେ ଶକ୍ତିଶାଳୀ ଭୂକମ୍ପ ହେବାର ଆଶଙ୍କା ରହିଛି। ଏନେଇ ସେସ୍‌ମିକ୍ ଓ୍ୱେବ୍‌ସାଇଟ୍ ଦାତ୍ରିଆନୁମ୍ ପକ୍ଷରୁ ସୂଚନା ଦିଆଯାଇଛି। ହେବାକୁଥିବା ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬ରୁ ୭ କିମ୍ବା ୮ ରହିବ ବୋଲି ଓ୍ୱେବ୍‌ସାଇଟ୍‌ରେ ଦର୍ଶାଯାଇଛି। ଏହି ରିପୋର୍ଟକୁ କେତେକ ଖଣ୍ଡନ କରି କହିଛନ୍ତି ଯେ, ଭୂକମ୍ପ ସମ୍ପର୍କରେ ପୂର୍ବରୁ ସୂଚନା ମିଳିବା ଅସମ୍ଭବ। ତେବେ ଏଭଳି ପୂର୍ବାନୁମାନ ସୋଲାର ସିଷ୍ଟମ୍ ଜୋମେଟ୍ରି ଇଣ୍ଡେକ୍ସ ଦ୍ୱାରା ସମ୍ଭବ ବୋଲି ଓ୍ୱେବସାଇଟ୍‌ର ପ୍ରତିଷ୍ଠାତା ଫ୍ରାଙ୍କ୍ ହୋଗେରବିଟସ୍ ସୂଚନା ଦେଇଛନ୍ତି। ଏହି ପୂର୍ବାନୁମାନ ନେଇ ଏବେ ବିଶ୍ୱବ୍ୟାପୀ ଚର୍ଚ୍ଚା ଆରମ୍ଭ ହୋଇଛି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁୟାରୀ ୧୯/୨୦୨୦ | Bhubaneswar, Sunday, January 19/2020 | ପୃଷ୍ଠା-୧




## ୪୫ ବର୍ଷରେ ମୋନିକା

ବଲିଉଡ୍ ଷ୍ଟାର ମୋନିକା ବେଦୀ ୪୫ ବର୍ଷରେ ପଦାର୍ପଣ କରିଛନ୍ତି। ଅଣ୍ଡରୱାର୍ଲ୍ଡ ଡନ୍ ଆବୁ ସାଲେମ୍‌ଙ୍କ ସହ ସମ୍ପର୍କ ଓ ନକଲି ପାସପୋର୍ଟ ମାମଲାରେ ପୋଲିସ ତାଙ୍କୁ ଗିରଫ କରିଥିଲା। **୦୨**

**୧୭** 

## ସାନିଆଙ୍କୁ ହୋବାର୍ଟ ଟାଇଟଲ

ସାନିଆ ମିର୍ଜା ଓ ତାଙ୍କ ପାର୍ଟନର ନାଡିଆ କିଚେନୋକ ହୋବାର୍ଟ ଇଣ୍ଟରନ୍ୟାଶନାଲ ଟେନିସ୍ ଟୁର୍ନାମେଣ୍ଟ ମହିଳା ଡବଲ୍ସ ଚାମ୍ପିୟନ ହୋଇଛନ୍ତି।



# ‘ଭଗବାନ କହିଲେ ବି କ୍ଷମାଦେବିନି’



ଆଶା ଦେବୀ

- ଅପରାଧୀଙ୍କୁ କ୍ଷମା ଦେବା ପାଇଁ ନିର୍ଭୟା ମାଆଙ୍କୁ ଅନୁରୋଧ କରିଥିଲେ ଜୟସିଂ
- ସୋନିଆଙ୍କ ଭଳି ବିଶାଳ ହୃଦୟ ଆମର ନୁହେଁ: ନିର୍ଭୟାଙ୍କ ବାପା

ନୂଆଦିଲ୍ଲୀ,୧୮।୧(ପି.ଟି.)

ଦିଲ୍ଲୀର ପାରାମେଡିକାଲ ଛାତ୍ରୀ ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ଅପରାଧୀମାନଙ୍କୁ କ୍ଷମା କରିଦେବା ପାଇଁ ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ କରିଥିବା ଅନୁରୋଧକୁ ନିର୍ଭୟାର ମାଆବାପା ଅଗ୍ରାହ୍ୟ କରିଦେଇଛନ୍ତି। ଭଗବାନ କହିଲେ ବି ସେ କ୍ଷମା ଦେବେନାହିଁ ବୋଲି ନିର୍ଭୟାଙ୍କ ମାଆ ଆଶା ଦେବୀ କହିଛନ୍ତି। ଫେବୃୟାରୀ ୧ ସକାଳ ୬ଟାରେ ନିର୍ଭୟା ଅପରାଧୀମାନଙ୍କୁ ଫାଶୀ ଦେବା ପାଇଁ ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ଶୁକ୍ରବାର ୱାରେଣ୍ଟ ଜାରି କରିବା ପରେ ଜୟସିଂ ଟୁଇଟ୍ କରିଥିଲେ। ସେ ନିର୍ଭୟା ମାଆଙ୍କୁ କହିଥିଲେ, ଆପଣଙ୍କ ଯନ୍ତ୍ରଣାକୁ ମୁଁ ସମ୍ପୂର୍ଣ୍ଣ ହୃଦୟଙ୍ଗମ କରିପାରୁଛି। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ନଳିନୀ ଶ୍ରୀହରନ୍‌ଙ୍କୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କ୍ଷମା ଦେଇଥିଲେ। ସୋନିଆଙ୍କ ହସ୍ତକ୍ଷେପ ଯୋଗୁ ନଳିନୀଙ୍କ ମୃତ୍ୟୁଦଣ୍ଡାଦେଶକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରାଯାଇଥିଲା। ସୋନିଆଙ୍କ ଏହି ଉଦାହରଣକୁ ଆଶା ଦେବୀ ଅନୁକରଣ କରିବାକୁ ଜୟସିଂ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ☞ପୃଷ୍ଠା-୨

# ବିଜୟ ସହ ଭାରତର ପ୍ରୋ ଅଭିଯାନ



କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ନେଦରଲାଣ୍ଡ୍ସ ବିପକ୍ଷ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ମାଚ୍ ଜିତିବା ପରେ ଖୁସି ମୁହୂର୍ତ୍ତରେ ଭାରତୀୟ ହକି ଦଳର ଖେଳାଳିମାନେ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୧୮।୧(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମର ଘରୋଇ ପରିବେଶ, ପରିଚିତ ଟର୍ଫ, ଦର୍ଶକ ସମର୍ଥନ ଭାରତ ପାଇଁ ପୁଣି ଶୁଭ ସାବ୍ୟସ୍ତ ହୋଇଛି। ଡ୍ରାଗ୍‌ଫ୍ଲିକର ରୂପିନ୍ଦର ପାଲ୍ ସିଂଙ୍କ ଡବଲ ଗୋଲ ବଳରେ ଭାରତ ବିଜୟ ସହ ଏହାର ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ଅଭିଯାନ ଆରମ୍ଭ କରିଛି। ଶନିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଭାରତ ୫-୨ ଗୋଲରେ ହକି ବିଶ୍ୱକପ ରନର୍ସଅପ୍ ନେଦରଲାଣ୍ଡ୍ସକୁ ପରାସ୍ତ କରିଛି। ବିଶ୍ୱର ୫ ନମ୍ବର ଦଳ ଭାରତକୁ ଏଠାରେ ୩ ନମ୍ବର ନେଦରଲାଣ୍ଡ୍ସ ୨୦୧୮ ହକି ବିଶ୍ୱକପର କ୍ୱାର୍ଟର ଫାଇନାଲରେ ପରାସ୍ତ କରିଥିଲା। ତେଣୁ ପ୍ରୋ ଲିଗ୍‌ର ପ୍ରଥମ ମ୍ୟାଚରେ ସମାନ ପ୍ରତିଦ୍ୱନ୍ଦ୍ୱୀକୁ ହରାଇ ମନପ୍ରୀତ ସିଂଙ୍କ ଦଳ ମଧୁର ପ୍ରତିଶୋଧ ନେଇଛି। ହକି ଇଣ୍ଡିଆ ସିଇଓ ଏଲିନା ନର୍ମାନଙ୍କ ଉପସ୍ଥିତିରେ ବିଶିଷ୍ଟ ହକି ଖେଳାଳି ଦିଲୀପ ତିର୍କୀ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ମ୍ୟାଚ ଶେଷରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଅତିଥିଭାବେ ଯୋଗଦେଇ ଲଳିତ ଉପାଧ୍ୟାୟଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ଲଳିତଙ୍କୁ ୫୦,୦୦୦ଟଙ୍କାର ଚେକ୍ ଦିଆଯାଇଥିଲା। ୨୦୧୮ ହକି ପ୍ରୋ ଲିଗ୍‌ର ପ୍ରଥମ ସଂସ୍କରଣରେ ଭାରତ ଖେଳି ନ ଥିଲା। ଦ୍ୱିତୀୟ ସଂସ୍କରଣରେ କିନ୍ତୁ ଅପେକ୍ଷାକୃତ ଉଚ୍ଚ ର୍‍ୟାଙ୍କିଂପ୍ରାପ୍ତ ଦଳ ବିପକ୍ଷରେ ବିଜୟ ହାସଲ କରି ନିଜର ପରାକ୍ରମ ଦେଖାଇଛି। ଚଳିତ ଲିଗ୍‌ର ଦ୍ୱିତୀୟ ମ୍ୟାଚ ରବିବାର କଳିଙ୍ଗ ଷ୍ଟାଡିୟମରେ ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଅନୁଷ୍ଠିତ ହେବ।

(ବିସ୍ତୃତ ରିପୋର୍ଟ: ଖେଳ ପୃଷ୍ଠାରେ)


ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ



ହାତୀ ଆକ୍ରମଣରେ ୨ ମୃତ, ଜଣେ ଗୁରୁତର ........ ୩ ........

କଳବଲ କରୁଛି କୁହୁଡ଼ି, ୨୨ରେ ବର୍ଷା ସମ୍ଭାବନା ........ ୫ ........

ବିବାଦରେ ସାଇବାବାଙ୍କ ଜନ୍ମସ୍ଥାନ ........ ୧୦ ........


# ଅନିଶ୍ଚିତତାରେ ଆଖଡ଼ାଶାଳୀ ବନ୍ଦର

ଭୁବନେଶ୍ୱର,୧୮।୧(ବ୍ୟୁରୋ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଆଖଡ଼ାଶାଳୀଠାରେ ରାଜ୍ୟର ଏକମାତ୍ର ନଦୀଭିତ୍ତିକ ବନ୍ଦର ନିର୍ମାଣ କରିବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। ଏହି ବନ୍ଦର ନିର୍ମାଣ ପାଇଁ ଘରୋଇ କମ୍ପାନୀ ମୁହଁ ମୋଡ଼ିବା ପରେ ଏହାର ନିର୍ମାଣ ଦାୟିତ୍ୱ ହାତକୁ ନେବାକୁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟ ଆଗ୍ରହ ଦେଖାଇଛି। ତେବେ ଏହି ବନ୍ଦର ନିର୍ମାଣ କ୍ଷେତ୍ରରେ ପ୍ରଶାସନିକ ଉଦାସୀନତା ଏକ ବିରାଟ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଛି। ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ବାରମ୍ବାର ଅନୁରୋଧ କରାଗଲେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ସବୁଜ ସଙ୍କେତ ମିଳୁନାହିଁ। ସରକାରୀ ଉଦାସୀନତା ପ୍ରସ୍ତାବିତ ବନ୍ଦରର ଭବିଷ୍ୟତକୁ ଅନିଶ୍ଚିତତା ଭିତରକୁ ଠେଲିଦେଇଛି।

ମିଳିଥିବା ସୂଚନା ଅନୁଯାୟୀ, ଆଖଡ଼ାଶାଳୀ ବନ୍ଦର ନିର୍ମାଣ କରିବାକୁ ୨୦୧୯ ଫେବୃୟାରୀରେ ଟେଣ୍ଡର ଡକାଯାଇଥିଲା। ୪ଟି ଘରୋଇ ସଂସ୍ଥା ଟେଣ୍ଡର ଆବେଦନ କରିଥିଲେ। ତେବେ ପ୍ରି-ବିଡିଂ ପରେ ସେହି କମ୍ପାନୀଗୁଡ଼ିକ ଟେଣ୍ଡରରେ ଆଉ ଅଂଶଗ୍ରହଣ କରି ନ ଥିଲେ। ଫଳରେ ଟେଣ୍ଡର ଫେଲ୍ ମାରିଥିଲା। ଘରୋଇ ସଂସ୍ଥାଗୁଡିକର ଅନାଗ୍ରହକୁ ଦେଖି ରାଜ୍ୟ ସରକାର ସେହି ନଦୀଭିତ୍ତିକ ବନ୍ଦର ନିର୍ମାଣ କରିବାକୁ କେନ୍ଦ୍ର ସରକାରଙ୍କ ସହାୟତା ଲୋଡ଼ିଥିଲେ। ୨୦୧୯ ଜୁନ ୨୪ ତାରିଖରେ ଓଡ଼ିଶା ଗସ୍ତରେ ଆସିଥିବା ଜାହାଜ ଚଳାଚଳ ମନ୍ତ୍ରଣାଳୟ ସଚିବ ଗୋପାଳକ୍ରିଷ୍ଣାଙ୍କୁ ଏହି ବନ୍ଦର ନିର୍ମାଣ ପାଇଁ ତତ୍କାଳୀନ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ପ୍ରସ୍ତାବ ଦେଇଥିଲେ। ରାଜ୍ୟ ସରକାରଙ୍କ ଏହି ପ୍ରସ୍ତାବକୁ କେନ୍ଦ୍ର ସରକାର ଗ୍ରହଣ କରିଥିଲେ। ଉକ୍ତ ବନ୍ଦର ନିର୍ମାଣ କରିବାକୁ ପାରାଦୀପ ପୋର୍ଟ ଟ୍ରଷ୍ଟ (ପିପିଟି) ମଧ୍ୟ ପ୍ରସ୍ତୁତ ହୋଇସାରିଛି। ଏ ନେଇ ୨୦୧୯ ଡିସେମ୍ବର ୨ରେ ମନ୍ତ୍ରଣାଳୟ ସଚିବ ଉକ୍ତ ବନ୍ଦର ନିର୍ମାଣ ଦାୟିତ୍ୱ ପିପିଟି ହାତରେ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟ ସରକାର ପ୍ରସ୍ତାବ ଦେବା ପରେ ପାରାଦୀପ ପୋର୍ଟ ଟ୍ରଷ୍ଟ ପକ୍ଷରୁ ପ୍ରସ୍ତାବିତ ବନ୍ଦର ସମ୍ପର୍କରେ ଅଧ୍ୟୟନ କରାଯାଇଥିଲା। ଏହି ନଦୀଭିତ୍ତିକ ବନ୍ଦର ଏକ ଲାଭଜନକ ପ୍ରକଳ୍ପ ହୋଇପାରିବ ବୋଲି ପିପିଟି ପକ୍ଷରୁ ମନ୍ତ୍ରଣାଳୟକୁ ଜଣାଇ ଦିଆଯାଇଥିଲା। ଏହି ବନ୍ଦର ହେଲେ ଉଭୟ ରାଜ୍ୟ ସରକାର ଏବଂ ପାରାଦୀପ ବନ୍ଦର ଲାଭବାନ୍ ହୋଇପାରିବେ ବୋଲି ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଛି। ପୂର୍ବରୁ କରାଯାଇଥିବା ଅଧ୍ୟୟନ ଅନୁଯାୟୀ ବନ୍ଦର ପାଇଁ ୩୦୦ ଏକର ଜମି ଆବଶ୍ୟକ ବୋଲି ରିପୋର୍ଟ ଦିଆଯାଇଥିଲା। ତେବେ ପିପିଟି ସର୍ଭେ ପରେ ଏଥିପାଇଁ ଅଧିକ ଜମି ଆବଶ୍ୟକ ହେବ ବୋଲି କୁହାଯାଇଛି। ଏଥିପାଇଁ ଯାହାକିଛି କରାଯିବ, ତାହା ମିଳିତ ଭାବେ ହେବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ରାଜ୍ୟ ସରକାରଙ୍କ ଶିଳ୍ପ ନୀତି ଅନୁଯାୟୀ ଜମିର ମୂଲ୍ୟ ଧାର୍ଯ୍ୟ କରାଯିବ। ଏହି ପ୍ରକଳ୍ପ ରିହାତି ଅବଧି (କନ୍‌ସେସନ ପିରିୟଡ଼) ୫୦ ବର୍ଷ କରିବାକୁ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଛି। ରାଜ୍ୟ ସରକାରଙ୍କ ସହମତିରେ ବିଭିନ୍ନ ରିହାତି ସମୟ ପାଇଁ ରାଜସ୍ୱ ୫ରୁ ୧୨ ପ୍ରତିଶତ କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଚିଠିରେ ଜଣାଇ ଦିଆଯାଇଛି। ତେବେ ପ୍ରସ୍ତାବ ଆସିବାର ଦେଢ଼ମାସ ବିତି ଯାଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ କୌଣସି ପଦକ୍ଷେପ ନିଆଯାଉ ନାହିଁ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ବନ୍ଦରକୁ ଘରୋଇ ସଂସ୍ଥା ହାତରେ ଟେକି ଦେବାକୁ ବିଭାଗର କେତେଜଣ ଅଧିକାରୀ ଭିତିରି ଉଦ୍ୟମ କରୁଥିବା କୁହାଯାଉଛି। ଘରୋଇ କମ୍ପାନୀ ଆଗ୍ରହ ଦେଖାଉ ନ ଥିବାବେଳେ କେଉଁ ଉଦ୍ଦେଶ୍ୟରେ ପୁଣି ଏହି ପ୍ରକଳ୍ପକୁ ଏକ ଘରୋଇ କମ୍ପାନୀକୁ ଦେବାକୁ ମସୁଧା ଚାଲିଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ମୁଖ୍ୟମନ୍ତ୍ରୀ ରାଜ୍ୟରେ ନୂତନ ବନ୍ଦର ସୃଷ୍ଟି କରି ବିକାଶକୁ ତ୍ୱରାନ୍ୱିତ କରିବାକୁ ଉଦ୍ୟମ କରୁଥିବାବେଳେ କେତେକ ନ୍ୟସ୍ତସ୍ୱାର୍ଥ ଅଧିକାରୀଙ୍କ ଯୋଗୁ ପ୍ରସ୍ତାବିତ ବନ୍ଦର ପ୍ରକଳ୍ପଗୁଡିକ ଦୀର୍ଘବର୍ଷ ହେବ ଲଟକି ରହିଛି।

ପୁରୁଣା ବନ୍ଦର ଏବଂ ନୂଆ ପ୍ରସ୍ତାବିତ ବନ୍ଦର ବିକାଶ କରିବାକୁ ୨୦୦୪ରେ ରାଜ୍ୟ ସରକାର ବନ୍ଦର ନୀତି ☞ପୃଷ୍ଠା-୨

**ନଦୀଭିତ୍ତିକ ବନ୍ଦର ନିର୍ମାଣ ପ୍ରସଙ୍ଗ**

- କେନ୍ଦ୍ର ପ୍ରସ୍ତାବକୁ ଅଣଦେଖା
- ଘରୋଇ କମ୍ପାନୀ ହାତରେ ଟେକିଦେବାକୁ ମସୁଧା
- କାମଦେଉନି ବନ୍ଦର ନୀତି
- ୧୬ ବର୍ଷ ପରେ ବି ଆରମ୍ଭ ହୋଇପାରୁନି ପ୍ରସ୍ତାବିତ ବନ୍ଦର ନିର୍ମାଣ

# ‘ପରୀକ୍ଷା ପେ ଚର୍ଚ୍ଚା’ରେ ଓଡ଼ିଶାରୁ ୨୮ ପିଲା

ଭୁବନେଶ୍ୱର, ୧୮।୧(ବ୍ୟୁରୋ)

ନୂଆଦିଲ୍ଲୀଠାରେ ଆସନ୍ତା ୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ପରୀକ୍ଷା ପେ ଚର୍ଚ୍ଚା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ସାରା ଦେଶରୁ ୨୨୦୦ଜଣ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକ ଅଂଶଗ୍ରହଣ କରିବେ। ଏଥିପାଇଁ ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୨୮ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ଇତିମଧ୍ୟରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରଶ୍ନପତ୍ରକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବା ସହିତ ପରୀକ୍ଷାକୁ ନେଇ କିପରି ଚାପମୁକ୍ତ ହେବେ ସେ ନେଇ ସେ ଛାତ୍ରୀଛାତ୍ରଙ୍କ ସହିତ ସିଧାସଳଖ ଆଲୋଚନା କରିବେ। ସେପଟେ କାର୍ଯ୍ୟକ୍ରମର ବହୁଳ ପ୍ରଚାର ପାଇଁ ରାଜ୍ୟର ସବୁ ସ୍କୁଲ ନୋଟିସ୍ ବୋର୍ଡ ଓ ଅଫିସିଆଲ ୱେବ୍‌ସାଇଟ୍‌ରେ ସୂଚନା ରଖିବାକୁ କୁହାଯାଇଛି। ଏ ନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ଶନିବାର ସମସ୍ତ ଜିଲା ଶିକ୍ଷାଧିକାରୀ ଓ ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ଚିଠି ଲେଖାଯାଇଛି।






**ଆଜିର ସମ୍ପାଦକୀୟ**

ଅନ୍ୟ ପନ୍ଥା ନାହିଁ

**ଆଜିର ମନ୍ତବ୍ୟ**

“ସିଏଏକୁ ଅସାମ୍ବିଧାନିକ ଦର୍ଶାଇ କାର୍ଯ୍ୟକାରୀ କରିବୁ ନାହିଁ ବୋଲି କହିପାରିବେନି ରାଜ୍ୟ।

-କପିଳ ଶିବଲ, ବରିଷ୍ଠ କଂଗ୍ରେସ ନେତା

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷରେ ୩.୧୫ ଲକ୍ଷ ସଂଖ୍ୟା ଲଘୁ ଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯିବାକୁ ଯୋଜନା ରଖାଯାଇଛି।

– ସଂଖ୍ୟା ଲଘୁ ବ୍ୟାପାର ମନ୍ତ୍ରଣାଳୟ


Vencobb Fresh Chicken — Taste the difference!

18.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 70 | 119 | 129 |
| DKL | 71 | 120 | 130 |
| BDK | 66 | 114 | 124 |
| BLS | 66 | 114 | 124 |
| ANG | 72 | 122 | 132 |
| BHM | 71 | 120 | 130 |

*Conditions Apply

Issued in the Interest of Consumers


# ଦୈନିକ ଆତ୍ମହତ୍ୟା କରୁଛନ୍ତି ୩୫ ବେକାର

ନୂଆଦିଲ୍ଲୀ,୧୮।୧(ପି.ଟି.)

ଦେଶରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଛି। ୨୦୧୮ରେ ଦୈନିକ ହାରାହାରି ୩୫ ଜଣ ବେରୋଜଗାରୀ ଓ ୩୬ଜଣ ଆତ୍ମନିଯୁକ୍ତି ପାଇଥିବା ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସେହିବର୍ଷ ମୋଟ ୨୬,୦୮୫ ଜଣ ବେରୋଜଗାରୀ ଓ ଆତ୍ମନିଯୁକ୍ତ ବ୍ୟକ୍ତି ଜୀବନ ହାରିଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟରୁ ଜଣାପଡିଛି। ସେହିବର୍ଷ ୧୨,୯୩୬ ଜଣ ବେରୋଜଗାରୀ ଓ ୧୩,୧୪୯ ଜଣ ଆତ୍ମନିଯୁକ୍ତ ଆତ୍ମହତ୍ୟା କରିଥିବାବେଳେ ଚାଷୀ ଆତ୍ମହତ୍ୟା ସଂଖ୍ୟା ଥିଲା ୧୦,୩୪୯।

ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ ୨୦୧୮ରେ ଦେଶରେ ମୋଟ ୧,୩୪,୫୧୬ ଜଣ ଆତ୍ମହତ୍ୟା କରିଥିଲେ, ଯାହାକି ପୂର୍ବବର୍ଷ ତୁଳନାରେ ୩.୬ ପ୍ରତିଶତ ଅଧିକ ଥିଲା। ସେହିପରି ପ୍ରତି ୧ ଲକ୍ଷ ଲୋକସଂଖ୍ୟାରେ ଆତ୍ମହତ୍ୟା ହାର ୨୦୧୭ ତୁଳନାରେ ୨୦୧୮ରେ ୦.୩ ପ୍ରତିଶତ ବୃଦ୍ଧି ପାଇଥିଲା। ସେହିବର୍ଷ ମୋଟ ୪୨,୩୯୧ ଜଣ ମହିଳା ଆତ୍ମହତ୍ୟା କରିଥିବାବେଳେ ସେମାନଙ୍କ ମଧ୍ୟରେ ଗୃହିଣୀ ଥିଲେ ୨୨,୯୩୭ ଜଣ ଅର୍ଥାତ୍ ୫୪.୧ ପ୍ରତିଶତ। ସରକାରୀ କର୍ମଚାରୀଙ୍କ ଆତ୍ମହତ୍ୟା ୧.୩ ପ୍ରତିଶତ (୧୭୦୭) ହୋଇଥିବାବେଳେ ଘରୋଇ ସେକ୍ଟର କର୍ମଚାରୀଙ୍କ ଆତ୍ମହତ୍ୟା ହାର ଥିଲା ୬.୧ପ୍ରତିଶତ (୮୨୪୬)। ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ୨୦୨୨ ଜଣ ଆତ୍ମହତ୍ୟା କରିଥିଲେ। ଛାତ୍ରୀଛାତ୍ର ଓ ବେରୋଜଗାରୀଙ୍କ ଆତ୍ମହତ୍ୟା ହାର ଥିଲା ଯଥାକ୍ରମେ ୭.୬ ଓ ୯.୬ ପ୍ରତିଶତ। ଅର୍ଥାତ୍ ୨୦୧୮ରେ ୧୦,୧୫୯ ଜଣ ଛାତ୍ରୀଛାତ୍ର ଓ ୧୨,୯୩୬ ଜଣ ବେରୋଜଗାରୀ ଜୀବନ ହାରିଥିଲେ। ଆତ୍ମନିଯୁକ୍ତଙ୍କ ଆତ୍ମହତ୍ୟା ହାର ୯.୮ ପ୍ରତିଶତ (୧୩,୧୪୯) ଥିଲା।

୨୦୧୮ରେ କୃଷି ସେକ୍ଟରରେ ସମୁଦାୟ ୧୦,୩୪୯ ଜଣ ଆତ୍ମହତ୍ୟା କରିଥିବାବେଳେ ସେମାନଙ୍କ ମଧ୍ୟରୁ ୫୭୬୩ ଜଣ କୃଷକ ଓ ୪୫୮୬ ଜଣ କୃଷି ଶ୍ରମିକ ବୋଲି ଜଣାପଡିଛି। ମୋଟ ଆତ୍ମହତ୍ୟାରେ ସେମାନଙ୍କ ହାର ୭.୭ ପ୍ରତିଶତ ବୋଲି ଏନ୍‌ସିଆର୍‌ବି ରିପୋର୍ଟରେ କୁହାଯାଇଛି। ରାଜ୍ୟ ଅନୁଯାୟୀ ଦେଖିଲେ ମହାରାଷ୍ଟ୍ରରେ ସର୍ବାଧିକ ୧୭,୯୭୨ ଜଣ ଆତ୍ମହତ୍ୟା କରିଥିବାବେଳେ ଏହା ପଛକୁ ରହିଛି ତାମିଲନାଡୁ (୧୩,୮୯୬), ପଶ୍ଚିମବଙ୍ଗ (୧୩,୨୫୫), ମଧ୍ୟପ୍ରଦେଶ (୧୧,୭୭୫), କର୍ଣ୍ଣାଟକ (୧୧,୫୬୧)। ମୋଟ ଆତ୍ମହତ୍ୟା କରିଥିବା ବ୍ୟକ୍ତିଙ୍କ ମଧ୍ୟରୁ ୫୦.୯ ପ୍ରତିଶତ ଏହି ୫ ରାଜ୍ୟର ବୋଲି ରିପୋର୍ଟରୁ ଜଣାପଡିଛି।

- ୨୦୧୮ରେ କୃଷକଙ୍କଠାରୁ ବେରୋଜଗାରୀଙ୍କ ଆତ୍ମହତ୍ୟା ହାର ଅଧିକ



## ମାଟିତଳୁ ମହିଳାଙ୍କ ମୃତଦେହ ମିଳିଲା

ସମ୍ବଲପୁର ଜିଲା ଧନୁପାଲି ଥାନା ବାହାଲପଡାର ଆରତି ଦେବୀ (୨୦)ଙ୍କ ମୃତଦେହ ମାଟିତଳୁ ଉଦ୍ଧାର କରାଯାଇଛି। ବାଗଡିଆପଡା ଆମ୍ବତୋଟାରେ ମାଟି ଖୋଳି ପୋଲିସ ତାଙ୍କ ଗଳିତ ମୃତଦେହ ବାହାର କରିଛି। ସେ ଗତ ୧୮ ଦିନ ହେବ ନିଖୋଜ ଥିଲେ। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀ କୁନାଲ ସିଂଙ୍କ ସମେତ ତାଙ୍କ ବାପା, ବଡଭାଇ, ୨ ସମ୍ପର୍କୀୟଙ୍କୁ ଅଟକ ରଖି ତନାଘନା ଚଳାଇଛି। ଆରତିଙ୍କୁ ହତ୍ୟା କରିବା ପରେ ଖୁବ୍ ଚତୁରତାର ସହ ମାଟି ତଳେ ପୋତି ଦିଆଯାଇଥିବା ପୋଲିସ ସନ୍ଦେହ କରୁଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................


ତେଜସ୍ ପରିବାରବର୍ଗ


ତେଜସ୍ୱିନୀ ପରିବାରବର୍ଗ


ଯଶରାଜ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୁରୁଣା ଘର ଫଟୋ ଉଠାଇ ବିଲ୍

**ପ୍ରଧାନମନ୍ତ୍ରୀ ଆବାସରେ ପୁଣି କେଳେଙ୍କାରୀ**

- ପାଟରପଦା, କଲଦା ପରେ ବସୁଲେଇ
- ବାସଗୃହ ତିଆରି ନ ସରୁଣୁ ଫାଇନାଲ ବିଲ୍
- ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନୀରବ
- ଅନିୟମିତତା ସ୍ୱୀକାର କଲେ ଜିଆର୍ଏସ୍

ପରଜଙ୍ଗ, ୧୮।୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ଯୁଆଡ଼େ ଉଣ୍ଡିଲେ ବାରି ହୋଇପଡୁଛି ଦୁର୍ନୀତିର ଗନ୍ଧ। ସବୁ ଅନିୟମିତତାର ଚେର ଯାଇ ଅଟକୁଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଖରେ। ପାଟରପଦା, କଲଦା ପଞ୍ଚାୟତରେ ଆବାସ ଯୋଜନା ହଟଚମଟକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଏଥିରେ ଏବେ ଯୋଡ଼ିହୋଇଛି ବସୁଲେଇ। ଏଠାରେ ଯେଉଁଭଳିଭାବେ ଦୁର୍ନୀତି କରାଯାଇଛି, ତାହା ନ ଦେଖିଲେ ବିଶ୍ୱାସ କରିହେବନାହିଁ। ଛାତ ପଡ଼ିନି କି ପ୍ଲାଷ୍ଟର ହୋଇନି। ହେଲେ ଫାଇନାଲ ବିଲ୍ ଦିଆ ସରିଲାଣି। ଖାଲି ଏତିକି ନୁହେଁ, କମ୍ପ୍ୟୁଟରରେ ଅପ୍‌ଲୋଡ୍ କରାଯାଇଥିବା ଫଟୋରେ ହିତାଧିକାରୀଙ୍କୁ ଅନ୍ୟ ଏକ ପୁରୁଣା ଘର ଆଗରେ ଛିଡ଼ାକରାଇ ଦିଆଯାଇଛି, ଯେଉଁଥିରୁ ଲାଗୁଛି ଘର କାମ ଶେଷ ହୋଇଯାଇଛି। ଏପରି ଅନିୟମିତତା ପଛରେ ସରକାରୀ କଳର ଏକ ଗୋଷ୍ଠୀ କାମ କରୁଥିବା ସ୍ପଷ୍ଟ ହୋଇଛି। ଅନ୍ୟପଟେ ଏ ନେଇ ବ୍ଲକ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ଏଯାଏ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏପରି ଅନିୟମିତତାକୁ ଜିଆର୍ଏସ୍ ସ୍ୱୀକାର କରିବା ପରେ ଏଥିରେ ବଡ଼ଧରଣର ଲାଞ୍ଚ କାରବାର ହୋଇଥିବା ଅନୁମାନ କରାଯାଉଛି। ଭିଜିଲାନ୍ସ ଖୋଳତାଡ଼ କରାଗଲେ ଏପରି ଅନେକ ଘଟଣା ପଦାକୁ ଆସିବ ବୋଲି ଅଞ୍ଚଳବାସୀ କହିଛନ୍ତି।

ବସୁଲେଇ ପଞ୍ଚାୟତ ଗୋପାଳସାହିର ଜଣେ ମହିଳାଙ୍କ ନାମରେ ୨୦୧୮ ଡିସେମ୍ବରରେ ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ତାଙ୍କର ଆଇଡି ନଂ. ହେଉଛି ଓଆର୍ ୩୨୮୬୨୮୬। ସମ୍ପୃକ୍ତା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଘର କାମ ପାଇଁ ୪ ପର୍ଯ୍ୟାୟରେ ଟଙ୍କା ଆସିଛି। ପ୍ରଥମ ପର୍ଯ୍ୟାୟରେ ୨୦ ହଜାର, ଦ୍ୱିତୀୟ ପର୍ଯ୍ୟାୟରେ ପ୍ଲିନ୍ଥ ପଡ଼ନ ଯାଏ ୩୦ ହଜାର,


ଅସମ୍ପୂର୍ଣ୍ଣ ଘର।

ତୃତୀୟ ପର୍ଯ୍ୟାୟରେ ଛାତ ପଡ଼ନ ଯାଏ ୪୦ ହଜାର ଏବଂ ୨୦୧୯ ସେପ୍ଟେମ୍ବର ୨୮ରେ ଛାତ ପଡ଼ି ଘର ପ୍ଲାଷ୍ଟର ସରିଥିବା ଦର୍ଶାଇ ୩୦ ହଜାର ଟଙ୍କାର ଫାଇନାଲ ବିଲ୍ ପ୍ରଦାନ କରାଯାଇଛି। ଏହାର ଫଟୋ ମଧ୍ୟ କମ୍ପ୍ୟୁଟରରେ ଅପ୍‌ଲୋଡ୍ କରାଯାଇଛି। ହେଲେ ପ୍ରକୃତରେ ହିତାଧିକାରୀ ଘର ସମ୍ପୂର୍ଣ୍ଣ କରିନାହାନ୍ତି। ଏଯାଏ ଛାତ ପଡ଼ିନି କି ପ୍ଲାଷ୍ଟର ମଧ୍ୟ ହୋଇନାହିଁ। ହିତାଧିକାରୀ ଜଣକ ମଧ୍ୟ ନିଜର ନୂତନ ଘର ଦେଖାଇପାରୁନାହାନ୍ତି। ଯଦି ସେପ୍ଟେମ୍ବରରେ ଘର ସମ୍ପୂର୍ଣ୍ଣ ହୋଇଥିବା ରେକର୍ଡ କହୁଛି, ତେବେ ହିତାଧିକାରୀ କାହିଁକି ନିଜର ଘର ଦେଖାଇପାରୁନାହାନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖଣ୍ଡିଆ ଘରକୁ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଇ ବିଲ୍ କିପରି କରାଗଲା ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି।

ଏ ନେଇ ହିତାଧିକାରୀଙ୍କ ସ୍ୱାମୀ କୁହନ୍ତି, ସେ ଘର କରିନାହାନ୍ତି। ଜିଆର୍ଏସ୍ ଏବଂ ପିଇଓଙ୍କୁ ହାତଗୁଞ୍ଜା ଦେବା ପରେ ସେମାନେ ସ୍ତ୍ରୀକୁ ଅନ୍ୟ ଜଣଙ୍କ ଘରେ ଛିଡ଼ା କରାଇ ଫଟୋ ଉଠାଇଥିଲେ। ପୁରୁଣା ଘର ଫଳକ ଦେଖାଇ ଫଟୋ ଉଠାଯାଇଥିଲା। ଏହାପରେ ଆକାଉଣ୍ଟକୁ ଟଙ୍କା ଛାଡ଼ିଥିଲେ। ଘର ବାବଦ ୧ ଲକ୍ଷ ୨୦ ହଜାର ଟଙ୍କା ପାଇସାରିଛି। ଯଦି ଘର କାମ ନ କରି ଟଙ୍କା ମିଳୁଛି ତେବେ କାହିଁକି ମନା କରିବି ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏବେ ତାଙ୍କ କାର୍ଯ୍ୟାଦେଶ ପାଇଥିବା ଘର ଛାତ ପତନ ଯାଏ ଉଠିଛି। ଏ ନେଇ କେହି ଜଣେ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଜଣେ ପ୍ରତିନିଧି ତୁରନ୍ତ ଛାତ ପକାଇ ଦେବାକୁ କହିଛନ୍ତି। ତେଣୁ ଶୀଘ୍ର ଛାତ ପକାଇ ଦେବା ବ୍ୟବସ୍ଥା କରୁଛି ବୋଲି ହିତାଧିକାରୀ ମହିଳାଙ୍କ ସ୍ୱାମୀ କହିଛନ୍ତି।

ଏପରି ଅନିୟମିତତା ଅଭିଯୋଗକୁ ଜିଆର୍ଏସ୍ ଦୀପକ କୁମାର ପଣ୍ଡା ସ୍ୱୀକାର କରିଛନ୍ତି। ପୁରୁଣା ଘର ଫଟୋ ଉଠାଇ ବିଲ୍ ଦିଆଯାଇଥିବା କଥାକୁ ମଧ୍ୟ ମାନିଛନ୍ତି। ହେଲେ ଆଗକୁ ଏପରି ହେବନାହିଁ ବୋଲି ସେ କହିଛନ୍ତି। ସେହିପରି ତତ୍କାଳୀନ ପିଇଓ ବାବୁଲାଲ ବାରିକ କୁହନ୍ତି, ବ୍ଲକ ସାରା ଏପରି ଦୁର୍ନୀତି ହେଉଛି। ତଳିଆଙ୍କୁ ଧରିଲେ କ'ଣ ହେବ। ହିତାଧିକାରୀଙ୍କୁ କିପରି ଫାଇନାଲ ବିଲ୍ ଛଡ଼ାଗଲା ସେ ସମ୍ପର୍କରେ ଅବଗତ ନାହାନ୍ତି। ଯଦି ଟଙ୍କା ଛଡ଼ାହୋଇଥିବ ତେବେ ତାଙ୍କର ନକଲି ଦସ୍ତଖତ କରି ଦାୟିତ୍ୱରେ ଥିବା ଅଧିକାରୀ ଛାଡ଼ିଥିବେ ବୋଲି ସେ ସଫେଇ ଦେଇଛନ୍ତି। ଏ ନେଇ ବିଡିଓ ବସନ୍ତ କୁମାର ମଲ୍ଲିକ କୁହନ୍ତି, ଘଟଣାର ତଦନ୍ତ କରାଯିବ। ଅନିୟମିତତା ସ୍ପଷ୍ଟ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଭଗବାନ...

ପ୍ରଥମ ପୃଷ୍ଠାରୁ...

ଆଶା ଦେବୀ କହିଛନ୍ତି, ଜୟସିଂ ଏଭଳି ପ୍ରସ୍ତାବ ଦେବାକୁ କିପରି ସାହସ କଲେ ତାହା ସେ ବିଶ୍ୱାସ କରିପାରୁନାହାନ୍ତି। ଏଭଳି ପ୍ରସ୍ତାବ ଦେବାକୁ ସେ କିଏ ବୋଲି ନିର୍ଭୟାଙ୍କ ମାଆ ପ୍ରଶ୍ନ କରିଛନ୍ତି। ଅପରାଧୀମାନଙ୍କୁ ଫାଶୀ ଦିଆଯିବା ସାରା ଦେଶ ଚାହୁଁଛି। ଜୟସିଂଙ୍କ ଭଳି କେତେଜଣ ଲୋକଙ୍କ ପାଇଁ ବଳାତ୍କାର ପୀଡ଼ିତାମାନଙ୍କୁ ନ୍ୟାୟ ମିଳୁନାହିଁ ବୋଲି ଆଶା ଦେବୀ କହିଛନ୍ତି। ୨୦୧୨ ଡିସେମ୍ବର ୧୬ ରାତିରେ ୨୩ ବର୍ଷୀୟା ନିର୍ଭୟାଙ୍କୁ ଏକ ଚଳନ୍ତା ବସ୍‌ରେ ଗଣବଳାତ୍କାର ପରେ ଫିଙ୍ଗିଦିଆଯାଇଥିଲା। ୧୪ଦିନ ମୃତ୍ୟୁ ସହ ସଂଗ୍ରାମ କରିବା ପରେ ସିଙ୍ଗାପୁରର ଏକ ହସ୍ପିଟାଲରେ ନିର୍ଭୟା ଆଖିବୁଜିଥିଲେ। ଝିଅକୁ ନ୍ୟାୟ ଦେବା ପାଇଁ ୭ ବର୍ଷ ହେଲା ସଂଘର୍ଷ କରିଆସୁଥିବା ଆଶା ଦେବୀ କହିଛନ୍ତି, ଭଗବାନ ଯଦି ଆସି ତାଙ୍କୁ କ୍ଷମା ଦେବା ପାଇଁ କହନ୍ତି, ତଥାପି ସେ କ୍ଷମା ଦେଇପାରିବେ ନାହିଁ। ଜୟସିଂଙ୍କ ଟ୍ୱିଟ୍ ଉପରେ ଆଶା ଦେବୀ କହିଛନ୍ତି, ତାଙ୍କର ମୋ ସହ ସମ୍ପର୍କ କ'ଣ। ସେ ଅପରାଧୀମାନଙ୍କ ସମ୍ପର୍କୀୟ ହୋଇଥାଇପାରନ୍ତି, ଯେଉଁଥିପାଇଁ ସେମାନଙ୍କ ପ୍ରତି ସହାନୁଭୂତି ଦେଖାଉଛନ୍ତି। ସେ ନାରୀଜାତି ପାଇଁ ଅପମାନ, ମାନବାଧିକାର ନାମରେ ଜୟସିଂ ବ୍ୟବସାୟ ଚଳାଇଥିବା ଆଶା ଦେବୀ ଅଭିଯୋଗ କରିଛନ୍ତି। ସେହିପରି ନିର୍ଭୟାଙ୍କ ବାପା କହିଛନ୍ତି, ଇନ୍ଦିରା ଜୟସିଂ ତାଙ୍କର ଏଭଳି ପ୍ରସ୍ତାବ ପାଇଁ ଲଜ୍ଜିତ ହେବା ଉଚିତ। ସୋନିଆ ଗାନ୍ଧୀ ତାଙ୍କ ସ୍ୱାମୀଙ୍କ ହତ୍ୟାକାରୀଙ୍କୁ କ୍ଷମା ଦେଇଥିଲେ। ତେବେ କଂଗ୍ରେସ ଅଧ୍ୟକ୍ଷାଙ୍କ ଭଳି ବିଶାଳ ହୃଦୟ ଆମର ନୁହେଁ ବୋଲି ନିର୍ଭୟାଙ୍କ ବାପା କହିଛନ୍ତି। ଏଥିସହିତ ଜୟସିଂ ତାଙ୍କ ପ୍ରସ୍ତାବ ପାଇଁ କ୍ଷମା ମାଗନ୍ତୁ ବୋଲି ସେ ଦାବି କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲି ବଳଦ,**
**ଘଣାରେ ନ ଗଲେ ପଲାଣ ଲଦ।**

ତେଲି ଘରେ ରହୁଥିବା ବଳଦ ତେଲ ଘଣା ପେଲିଥାଏ। ଯଦି ତେଲ ପେଡ଼ିବାର କାର୍ଯ୍ୟ ନ ଥାଏ ତା'ହେଲେ ଶଗଡ଼ ବୁହା ଭଳି ଅନ୍ୟ କାର୍ଯ୍ୟରେ ଲାଗିଥାଏ ବା ଯଚାଯାଇଥାଏ। ତେଲିଘର ଗୋରୁ ପରି ଅନ୍ୟ ତୃତୀୟ ବିକଳ୍ପ ପନ୍ଥା ନ ଥିବା ଅସହାୟ ବ୍ୟକ୍ତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତଳେ ତଳେ ଯାଏ ତଳ ଗଡ଼ିଶା,**
**ଉପରେ ମରଇ ସାଇ ପଡ଼ିଶା।**

ଧୂର୍ତ୍ତପ୍ରକୃତିର ବ୍ୟକ୍ତିର କାର୍ଯ୍ୟକଳାପକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଏପରି କଳକୌଶଳ ବା ଖଞ୍ଜରେ କାମ କରିଚାଲନ୍ତି ଯେ ତା'ର ଟେର୍ କେହି ବି ପାଇପାରି ନ ଥାନ୍ତି। ଲୁଚାଛପାରେ ନିଜର ଇପ୍ସିତ କାର୍ଯ୍ୟ ହାସଲ କରିନେବାରେ ସେମାନେ ପାରଙ୍ଗମ ହୋଇଥାନ୍ତି। ଅତି ସନ୍ତର୍ପଣ ସହକାରେ ନିଜର ଫାଇଦା ଉଠାଇ ନିଆଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୪୫ ବର୍ଷରେ ମୋନିକା



ମୁମ୍ବାଇ: ବଲିଉଡ୍ ଷ୍ଟାର ମୋନିକା ବେଦୀ ଶନିବାର ୪୫ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୭୫ ଜାନୁୟାରୀ ୧୮ରେ ପଞ୍ଜାବ ହୋସିଆରପୁର ଜିଲା ଛେବୱାଲଠାରେ ଜନ୍ମଗ୍ରହଣ କରିଥିଲେ। ବଲିଉଡ୍‌ରେ ପାଦ ଦେବା ପରେ ଅଣ୍ଡରୱାର୍ଲ୍ଡ ଡନ୍ ଆବୁ ସାଲେମ୍‌ଙ୍କ ସହ ତାଙ୍କର ନିବିଡ଼ତା ବଢ଼ିବାରେ ଲାଗିଥିଲା। ଆବୁ ସାଲେମ୍‌ଙ୍କ ସହିତ ସମ୍ପର୍କ ନେଇ ସେ ଜେଲ୍ ଯାଇଥିଲେ। ନକଲି ପାସପୋର୍ଟ ମାମଲାରେ ଭୋପାଳ ପୋଲିସ ତାଙ୍କୁ ଗିରଫ କରିଥିଲା। ତେବେ ଜେଲ୍‌ରେ ସମସ୍ତେ ଥିଲେ ତାଙ୍କର ଦିୱାନା। ତାଙ୍କ ପାଇଁ ସ୍ପେଶାଲ ଷ୍ଟାର୍ ହୋଟେଲରୁ ଖାଦ୍ୟ ମଗାଯାଉଥିଲା। ସେହିପରି ମୋନିକାଙ୍କ ବାଥ୍‌ରୁମ୍‌ରେ ସିସିଟିଭି କ୍ୟାମେରା ଲଗାଯିବା ଅଭିଯୋଗ ମଧ୍ୟ ହୋଇଥିଲା। ତତ୍କାଳୀନ ଜେଲର ପୁରୁଷୋତ୍ତମ ସୋମକୁମ୍ବର ଏପରି କରି ମୋନିକାଙ୍କ ଅଶ୍ଳୀଳ ଭିଡ଼ିଓ ପ୍ରସ୍ତୁତ କରିବାର ପ୍ରୟାସ କରୁଥିବା ଅଭିଯୋଗ ହୋଇଥିଲା।

## ଅନିଶ୍ଚିତତାରେ...

ପ୍ରଥମ ପୃଷ୍ଠାରୁ...

କାର୍ଯ୍ୟକାରୀ କରିଥିଲେ। ଜଳପଥ ପରିବହନଠାରୁ ଆରମ୍ଭ କରି ଶିଳ୍ପ, ନୂତନ ବନ୍ଦର ଚିହ୍ନଟ, ବନ୍ଦରଭିତ୍ତିକ ଭିତ୍ତିଭୂମି ବିକାଶ ପାଇଁ ଏଥିରେ ବ୍ୟବସ୍ଥା ରହିଛି। ନୂତନ ବନ୍ଦର ପାଇଁ ଏକ ସାମୁଦ୍ରିକ (ମେରିଟାଇମ୍) ବୋର୍ଡ ଗଠନ କରାଯାଇଛି। ଏହି ବୋର୍ଡ ବନ୍ଦର ନିର୍ମାଣ ପାଇଁ ଜମି, ପାଣି, ବିଦ୍ୟୁତ୍ ଏବଂ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ କରିବା ଲାଗି ସିଙ୍ଗଲୱିଣ୍ଡୋ ଭାବେ କାର୍ଯ୍ୟ କରିବ। ଏହାଛଡ଼ା ଏହି ବୋର୍ଡ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଥିବା ପରିବେଶ ମଞ୍ଜୁରୀ ଭଳି ବିଭିନ୍ନ ସମସ୍ୟାକୁ ଦୂର କରିବା କ୍ଷେତ୍ରରେ କାର୍ଯ୍ୟ କରିବ। ଏହା ଦ୍ୱାରା ରାଜ୍ୟର ରପ୍ତାନି, ଆମଦାନୀ, ଜାତୀୟ ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ କାରବାର ବୃଦ୍ଧି ପାଇବ। ରାଜ୍ୟରେ ଥିବା ବୃହତ୍ ଓ କ୍ଷୁଦ୍ର ବନ୍ଦରଗୁଡ଼ିକର ବିକାଶ କ୍ଷେତ୍ରରେ ଏହି ନୀତି କାର୍ଯ୍ୟ କରିବ। ରାଜ୍ୟରେ ଥିବା ବୃହତ୍ ବନ୍ଦର ଏବଂ ପ୍ରସ୍ତାବିତ ଛୋଟ ବନ୍ଦରଗୁଡ଼ିକର ବିକାଶ ପାଇଁ ଘରୋଇ ପୁଞ୍ଜି ନିବେଶକାରୀଙ୍କୁ ଆକୃଷ୍ଟ କରାଯିବ। ପରିବହନ ବ୍ୟବସ୍ଥାର ବିକାଶ କରିବା ପାଇଁ ବନ୍ଦରଗୁଡ଼ିକ ସହିତ ନଦୀକୁ ସଂଯୋଗ କରିବା ବନ୍ଦର ନୀତିରେ ଲକ୍ଷ୍ୟ ରଖାଯାଇଛି। ଏହା କେବଳ ଲକ୍ଷ୍ୟରେ ହିଁ ରହିଯାଇଛି। ଦୀର୍ଘ ୧୬ ବର୍ଷ ପରେ ମଧ୍ୟ ରାଜ୍ୟରେ ନୂଆ ବନ୍ଦର ବିକାଶ ନେଇ ସେପରି କିଛି ଆଖିଦୃଶିଆ କାର୍ଯ୍ୟ ହୋଇନାହିଁ। ରାଜ୍ୟରେ ୧୪ଟି ନୂତନ ବନ୍ଦର ଚିହ୍ନଟ କରାଯାଇଥିଲା। ବାଲେଶ୍ୱର ଜିଲାର ବିଚିତ୍ରପୁର, ସୁବର୍ଣ୍ଣରେଖା ମୁହାଣ, ବାହାବଳପୁର, ପାଲୁର, ଚାନ୍ଦିପୁର, ଇଞ୍ଚୁଡି, ଭଦ୍ରକ ଜିଲାର ଚୂଡ଼ାମଣି, ଧାମରା, ଜଗତ୍‌ସିଂହପୁର ଜିଲାର ଜଟାଧାର ମୁହାଣ, ପୁରୀ ଜିଲାର ଅସ୍ତରଙ୍ଗ ଓ ବାଲି ହରଚଣ୍ଡୀ, ଗଞ୍ଜାମ ଜିଲାର ଗୋପାଳପୁର, ବାହୁଦା ମୁହାଣ ଏବଂ କେନ୍ଦ୍ରାପଡା ଜିଲାର ମହାକାଳପଡା ବ୍ଲକସ୍ଥ ମହାନଦୀ ମୁହାଣରେ ନଦୀଭିତ୍ତିକ ବନ୍ଦର ନିର୍ମାଣ କରିବାକୁ ପ୍ରସ୍ତୁତି ହୋଇଥିଲା। ସେଥିମଧ୍ୟରୁ ବିଚିତ୍ରପୁର, ବାହାବଳପୁର, ଚାନ୍ଦିପୁର, ଜଟାଧାର, ବାଲି ହରଚଣ୍ଡୀ, ପାଲୁର, ବାହୁଦା ଏବଂ ଇଞ୍ଚୁଡି ପ୍ରସ୍ତାବିତ ବନ୍ଦର କେବଳ ବିଜ୍ଞପ୍ତିରେ ସୀମିତ ରହିଛି। ସୁବର୍ଣ୍ଣରେଖା ମୁହାଣ ବନ୍ଦର ପାଇଁ ୨୦୦୬ ଡିସେମ୍ବର ୧୮ରେ ଏକ ଘରୋଇ ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଥିଲା। ଏହି ବନ୍ଦର ପାଇଁ ୨୬୨.୬୮୯ ଏକର ଜମି ଅଧିଗ୍ରହଣ ହୋଇଥିଲା। ଦୀର୍ଘ ୧୪ ବର୍ଷ ପରେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଚୂଡ଼ାମଣି ବନ୍ଦର ପାଇଁ ଆଦିତ୍ୟ ବିର୍ଲା ଗ୍ରୁପ ୨୦୦୧ ଅକ୍ଟୋବର ୨୨ରେ ଏମ୍ଓୟୁ ସ୍ୱାକ୍ଷର କରିଥିଲା। ତେବେ ପରବର୍ତ୍ତୀ ସମୟରେ ଏଥିରୁ ଓହରି ଯାଇଛି। ଅସ୍ତରଙ୍ଗ ବନ୍ଦରର ବିକାଶ ପାଇଁ ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ସହ ୨୦୧୦ରେ ଚୁକ୍ତିପତ୍ର ସ୍ୱାକ୍ଷର କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇ ପାରୁ ନାହିଁ। ଗୋପାଳପୁର ବନ୍ଦର ଫାଇଲିନ୍ ଯୋଗୁ ନଷ୍ଟ ହୋଇଥିବାରୁ ଏହାର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ହତ୍ୟାକାରୀଙ୍କୁ ଧରାଇଥିଲା ଏଟିଏମ୍ କାର୍ଡ

**ଠିକ୍ ଢଙ୍ଗରେ ତଦନ୍ତ ଚଳାଇ ଅପରାଧୀଙ୍କୁ ଧରିବା ପୋଲିସର ଦାୟିତ୍ୱ। ଏହି ଗୁରୁଦାୟିତ୍ୱ ସମ୍ପାଦନ ବେଳର ଅନୁଭୂତି ଅନେକ ପୋଲିସ ଅଧିକାରୀଙ୍କ ପାଇଁ ଅପାସୋରା। ଏଭଳି ଏକ ଅନୁଭୂତି ବଖାଣିଛନ୍ତି ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଧିକାରୀ ଦୟାନିଧି ନାୟକ। ଅଚିହ୍ନା ମୃତଦେହ ନିକଟରେ ପଡିଥିବା ଏକ ଏଟିଏମ୍ କାର୍ଡ କିପରି ୪ଟା ହତ୍ୟାକାଣ୍ଡ ଘଟାଇଥିବା ଅଭିଯୁକ୍ତଙ୍କୁ ଧରାଇଦେଲା ତାହା ବର୍ଣ୍ଣନା କରିଛନ୍ତି ଥାନା ଅଧିକାରୀ ନାୟକ।**

- ୪ଜଣଙ୍କ ଜୀବନ ନେଇଥିଲେ
- ଅନେକ ମହିଳାଙ୍କୁ ବଳାତ୍କାର କରିଥିଲେ
- ନିଶା ବଟିକା ଦେଇ ଯାତ୍ରୀଙ୍କୁ ଲୁଟୁଥିଲେ

**ଥାନା ଅଧିକାରୀଙ୍କ ଅନୁଭୂତି**


ଦୟାନିଧି ନାୟକ

୨୦୧୭ ଅଗଷ୍ଟ ୨ର ଘଟଣା। ମୁଁ ସେତେବେଳେ ଡେଲାଙ୍ଗ ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଥାଏ। ଡେଲାଙ୍ଗ ରେଳଷ୍ଟେଶନ ନିକଟ ମଙ୍ଗୁପଡ଼ା ଗ୍ରାମ ଜଙ୍ଗଲରେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ଖବର ପାଇଥିଲୁ। ମହିଳାଙ୍କ ଗଳା କଟାଯାଇଥିବା ବେଳେ ସେ ଉଲଗ୍ନ ଅବସ୍ଥାରେ ପଡ଼ିଥିଲେ। ନିକଟରେ ଏକ ଏଟିଏମ୍ କାର୍ଡ ପଡ଼ିଥିଲା। ବିଭିନ୍ନ ଥାନାକୁ ମହିଳାଙ୍କ ଫଟୋ ପଠାଯିବା ସତ୍ତ୍ୱେ ତାଙ୍କର ପରିଚୟ ମିଳିପାରି ନ ଥିଲା। ଜବତ ଏଟିଏମ୍ କାର୍ଡର ବିବରଣୀ ମଗାଯିବା ପରେ ତାହା ଝାଡ଼ଖଣ୍ଡ ବୋକାରୋ ଅଞ୍ଚଳର ଜଣେ ଯୁବକଙ୍କର ଏବଂ ୬ ମାସ ହେଲା ବ୍ୟବହାର ହୋଇ ନ ଥିବା ଜଣାପଡ଼ିଥିଲା। ମୁଁ ମୋର ଟିମ୍ ସହ ବୋକାରୋ ଯାଇ ଉକ୍ତ ଯୁବକଙ୍କୁ ପଚରାଉଚରା କରିଥିଲି। ୬ମାସ ତଳେ ଯୁବକ ଜଣକ ଚେନ୍ନାଇରୁ ଫେରିବାବେଳେ ବିଜୟୱାଡା ଷ୍ଟେଶନରେ ତାଙ୍କୁ ଅନ୍ୟ ଜଣେ ଯୁବକ ନିଶା ଦେଇ ତାଙ୍କଠାରୁ ମୋବାଇଲ ଫୋନ, ପର୍ସ ଏବଂ ଏଟିଏମ୍ କାର୍ଡ ଆଦି ଲୁଟି ନେଇଥିଲେ। କିନ୍ତୁ ଲୁଟେରାକୁ ଦେଖିଲେ ଚିହ୍ନିପାରିବି ଏବଂ ତଦନ୍ତରେ ସହଯୋଗ କରିବି ବୋଲି ଝାଡ଼ଖଣ୍ଡର ଯୁବକ ଜଣକ ଆମକୁ କହିଥିଲେ। ଉକ୍ତ ଯୁବକଙ୍କୁ ଧରି ବିଜୟୱାଡ଼ା ରେଳଷ୍ଟେଶନକୁ ଯାଇ ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲୁ। କିନ୍ତୁ ଅଭିଯୁକ୍ତଙ୍କ ଟେର୍ ମିଳି ନ ଥିଲା। ହେଲେ ଜାଣିବାକୁ ପାଇଥିଲୁ ଯେ, ଆନ୍ଧ୍ରପ୍ରଦେଶର ଚିଲାକାଲୁରରେ ଜଣେ ଯୁବତୀଙ୍କୁ ଗଳାକାଟି ହତ୍ୟା କରାଯାଇଛି ଏବଂ ଘଟଣାସ୍ଥଳରୁ ସେଠାକାର ପୋଲିସ ଜଟଣୀ ଅଞ୍ଚଳର ଜଣେ ଯୁବକଙ୍କ ଏକ ବାଇକ୍ ଆରସି କାର୍ଡ ଜବତ କରିଛି। ଉକ୍ତ ଆରସି କାର୍ଡକୁ ଆଧାର କରି ଆନ୍ଧ୍ର ପୋଲିସ ଓଡ଼ିଶା ଆସି ଉକ୍ତ ଯୁବକଙ୍କୁ ପଚରାଉଚରା କରିଥିଲା। କିନ୍ତୁ ସେ ପୁରୀ ଯିବାବେଳେ ନିଶାଦିଆ ଲୁଟେରାଙ୍କ ଶିକାର ହୋଇ ପର୍ସ, ବ୍ୟାଗ୍ ଏବଂ କିଛି ଜରୁରୀ କାଗଜପତ୍ର ହରାଇଥିବା ଜାଣିବା ପରେ ଆନ୍ଧ୍ର ପୋଲିସ ନିରାଶ ହୋଇ ଫେରିଥିଲା। ଆମେ ମଧ୍ୟ ବିଜୟୱାଡ଼ାରୁ ନିରାଶରେ ଫେରିଥିଲୁ। କିନ୍ତୁ ଉଭୟ ଘଟଣାରେ ଅନେକ ସାମଞ୍ଜସ୍ୟ ଥିବାରୁ ତଦନ୍ତକୁ ଜୋରଦାର କରିଥିଲି। ଘଟଣା ଦିନ ଡେଲାଙ୍ଗ ଅଞ୍ଚଳର ସମସ୍ତ ମୋବାଇଲ ଫୋନ ଟାୱାର ଅଧୀନକୁ ଆସିଥିବା ଫୋନ ନମ୍ବର ଓ କଲ୍‌ଗୁଡ଼ିକୁ ଯାଞ୍ଚ କରିଥିଲୁ। ସେଥିରୁ ଜାଣିପାରିଥିଲୁ ଯେ, ଝାଡ଼ଖଣ୍ଡର ଯୁବକଙ୍କଠାରୁ ଲୁଟ୍ ହୋଇଥିବା ମୋବାଇଲ ଫୋନରେ ଆନ୍ଧ୍ରପ୍ରଦେଶର ଏକ ସିମ୍ ବ୍ୟବହାର ହୋଇଥିଲା। ଉକ୍ତ ସିମ୍‌କୁ ଟ୍ରାକ୍ କରିବା ପରେ ମୋବାଇଲ ଫୋନଟି ଯାଜପୁର କୁଆଖିଆ ଅଞ୍ଚଳରେ ଥିବା ଜଣାପଡ଼ିଥିଲା। ଆମେ ତାହାକୁ ଜଣେ ମୋବାଇଲ ଫୋନ ଦୋକାନୀଙ୍କଠାରୁ ଜବତ କରିଥିଲୁ। ପଚରାଉଚରା ପରେ ତାଙ୍କୁ ଜଣେ ବ୍ୟକ୍ତି ମୋବାଇଲ ଫୋନ ବିକିଥିବା କହିଥିଲେ। ତାଙ୍କ ସୂଚନା ଅନୁଯାୟୀ ଆମେ ବହୁ ଚେଷ୍ଟା କରିବା ପରେ ଫୋନ ବିକିଥିବା ଲୋକଙ୍କ ପାଖରେ ପହଞ୍ଚିଥିଲୁ। ସେ ହେଲେ ବୁଦ୍ଧଦେବ ବେହେରା। ତାଙ୍କ ପ୍ରକୃତ ଘର ଦେବଗଡ଼ ଜିଲା କୁଣ୍ଢେଇଗୋଲା ଥାନା ଅଧୀନ ଗିନାହଜା ଗ୍ରାମରେ। ସେ ଯାଜପୁର କୁଆଖିଆ ଅଞ୍ଚଳରେ ରହୁଥିଲେ। ତାଙ୍କ ଘର ତଲାସି ପରେ ସେଠାରୁ ୫୦ରୁ ଊର୍ଦ୍ଧ୍ୱ ଭ୍ୟାନିଟି ବ୍ୟାଗ୍, ୨୦ରୁ ଊର୍ଦ୍ଧ୍ୱ ମୋବାଇଲ ଫୋନ ଏବଂ ନିଶାବଟିକା ମିଳିଥିଲା। ବୁଦ୍ଧଦେବ ଟ୍ରେନରେ ବୁଲି ମୋବାଇଲ ଫୋନ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରୁଥିବା ଆମ ନିକଟରେ ସ୍ୱୀକାର କରିଥିଲେ। ମାତ୍ର ହତ୍ୟାକାଣ୍ଡରେ ତାଙ୍କର କୌଣସି ସମ୍ପୃକ୍ତି ନ ଥିବା କହିଥିଲେ। ଫଳରେ ଆମେ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲୁ। କିନ୍ତୁ ତାଙ୍କଠାରୁ ଜବତ ହୋଇଥିବା ମୋବାଇଲ ଫୋନଗୁଡ଼ିକୁ ଯାଞ୍ଚ ପରେ ସେଥିରୁ ଗୋଟିଏ ଫୋନର ଉପସ୍ଥିତି ଡେଲାଙ୍ଗ ମୋବାଇଲ ଫୋନ ଟାୱାର ଅଧୀନକୁ ଆସିଥିଲା ଏବଂ ତାହା ଫୁଲବାଣୀ ଅଞ୍ଚଳର ଜଣେ ମହିଳାଙ୍କର ବୋଲି ଜଣାପଡ଼ିଥିଲା। ଆମେ ସେହି ମହିଳାଙ୍କ ଠିକଣାରେ ଯୋଗାଯୋଗ କରିବା ପରେ ସେ କାମ କରିବାକୁ ରାଜ୍ୟ ବାହାରକୁ ଯାଇଥିବା ଏବଂ ତାଙ୍କ ମୋବାଇଲ ଫୋନ ୧୫ଦିନ ହେବ ବନ୍ଦ ରହିଥିବା ପରିବାର ଲୋକଙ୍କଠାରୁ ଜାଣିପାରିଥିଲୁ। ଏହାପରେ ପରିବାର ଲୋକଙ୍କୁ ଡାକି ମୃତ ମହିଳା ଏବଂ ବୁଦ୍ଧଦେବଙ୍କ ଫଟୋ ଦେଖାଇବାରୁ ସେମାନେ ଉଭୟଙ୍କୁ ଚିହ୍ନିପାରିଥିଲେ। ବୁଦ୍ଧଦେବ ଚାକିରି କରାଇଦେବା ପାଇଁ କହି ମହିଳାଙ୍କୁ ଘରୁ ନେଇଥିବା ସେମାନେ କହିଥିଲେ। ଏହାପରେ ଆମେ ବୁଦ୍ଧଦେବଙ୍କୁ ଗିରଫ କରି ଥାନାରେ ପଚରାଉଚରା କରିବାରୁ ସେ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରିଥିବା ମାନିଥିଲେ। ଘଟଣା ଘଟିବା ଦିନ ସେ ମହିଳାଙ୍କ ସହ ବସ୍‌ରେ ଯାଇ ଖୋର୍ଦ୍ଧାରେ ଓହ୍ଲାଇଥିଲେ। ସେଠାରୁ ଚେନ୍ନାଇ ଯିବା ପାଇଁ ଖୋର୍ଦ୍ଧାରୋଡ ଷ୍ଟେଶନକୁ ଯାଇଥିଲେ। ହେଲେ ଥଣ୍ଡାପାନୀୟରେ ନିଶା ମିଶାଇ ବୁଦ୍ଧଦେବ ମହିଳାଙ୍କୁ ପିଆଇ ଦେଇଥିଲେ। ଏହାପରେ ଚେନ୍ନାଇ ନ ଯାଇ ପୁରୀ ଅଭିମୁଖେ ଟ୍ରେନରେ ଯାଇଥିଲେ। ଶୌଚ ହେବା ବାହାନାରେ ଡେଲାଙ୍ଗ ଷ୍ଟେଶନରେ ଓହ୍ଲାଇ ମଙ୍ଗୁପଡ଼ା ଗ୍ରାମ ପାଖ ଜଙ୍ଗଲରେ ଥିବା ପୋଖରୀକୁ ଯାଇଥିଲେ। ସେଠାରେ ମହିଳାଙ୍କୁ ବଳାତ୍କାର କରିବା ପରେ ଗଳା କାଟି ହତ୍ୟା କରିଦେଇଥିଲେ। ମହିଳା ଜଣକ ମରିଯିବା ପରେ ମଧ୍ୟ ତାଙ୍କୁ ବଳାତ୍କାର କରିଥିଲେ। ଏହାପରେ ପ୍ରମାଣ ଲୁଚାଇବା ଓ ପୋଲିସକୁ ଭ୍ରମିତ କରିବା ପାଇଁ ଅନ୍ୟ ରାଜ୍ୟର କାଗଜପତ୍ର ପକାଇ ପଳାଇ ଯାଇଥିଲେ। କେବଳ ଡେଲାଙ୍ଗ ହତ୍ୟାକାଣ୍ଡ ନୁହେଁ, ଚିଲାକାଲୁର ହତ୍ୟାକାଣ୍ଡ ମଧ୍ୟ ସେ ଘଟାଇଥିବା ଏବଂ ମୃତ ଯୁବତୀଜଣକ ଜଟଣୀ ଅଞ୍ଚଳର ବୋଲି ବୁଦ୍ଧଦେବ ସ୍ୱୀକାର କରିଥିଲେ। ହେଲେ ତାଙ୍କର ଏଭଳି ଅପରାଧ ପ୍ରବୃତ୍ତି ପ୍ରଥମେ ୨୦୧୦ରେ ଆରମ୍ଭ ହୋଇଥିଲା। ସେତେବେଳେ ସେ ଦେବଗଡ଼ ଜିଲାର ନିଜ ଗ୍ରାମରେ ରହୁଥିଲେ। ପାରିବାରିକ କଳହରୁ ସ୍ତ୍ରୀଙ୍କଠାରୁ ଅଲଗା ହେବା ପରେ ନିକଟସ୍ଥ ଗ୍ରାମର ଜଣେ ମହିଳାଙ୍କୁ ପ୍ରେମ କରୁଥିଲେ। ମହିଳା ଜଣକ ବିବାହ କରିବାକୁ ରାଜି ନ ହେବାରୁ ତାଙ୍କୁ ଗ୍ରାମ ନିକଟ ଜଙ୍ଗଲକୁ ଡାକି ବଳାତ୍କାର କରିବା ପରେ ହତ୍ୟା କରିଥିଲେ। ସେହି ଘଟଣାରେ ଏପ୍ରିଲ ୨୦୧୨ରେ ସେ ଗିରଫ ହୋଇ ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ରହିଥିଲେ। କିନ୍ତୁ ୩ ମାସ ପରେ ଜାଣିଶୁଣି ନିଜ ଗୋଡ଼କୁ ଖଣ୍ଡିଆ କରି ଦେବଗଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିଲେ। ସେଠାରେ ପୋଲିସକୁ ଚକ୍‌ମା ଦେଇ ଫେରାର ହୋଇଯାଇଥିଲେ। ଏହାପରେ ସେ ବିଭିନ୍ନ ସ୍ଥାନ ବୁଲି ଅଶିକ୍ଷିତ ମହିଳା ଓ ଯୁବତୀମାନଙ୍କୁ ଦାଦନ ଖଟାଇବା ପାଇଁ ବାହାର ରାଜ୍ୟକୁ ନେଉଥିଲେ। ପଶ୍ଚିମବଙ୍ଗ, ବିହାର, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନକୁ ଟ୍ରେନରେ ଯାତାୟାତ କରିବା ସହ ନିଶା ଦେଇ ଯାତ୍ରୀମାନଙ୍କୁ ଲୁଟୁଥିଲେ। ସେହିପରି ଯାଜପୁର କୁଆଖିଆ ଅଞ୍ଚଳରେ ରହି ସେଠାକାର ଜଣେ ମହିଳାଙ୍କ ସହ ସମ୍ପର୍କ ବଢ଼ାଇଥିଲେ। ତାଙ୍କୁ ୨୦୧୬ରେ ସୁନ୍ଦରଗଡ଼ ହାତୀବାରି ଅଞ୍ଚଳକୁ ନେଇ ବଳାତ୍କାର ପରେ ହତ୍ୟା କରିଥିବା ବୁଦ୍ଧଦେବ ସ୍ୱୀକାର କରିଥିଲେ।

-ରିପୋର୍ଟ: **ଜ୍ୟୋତିରଞ୍ଜନ ମହାପାତ୍ର,** ଭୁବନେଶ୍ୱର

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି କର୍ମକ୍ଷେତ୍ରରେ ଷଷ୍ଠାଧିପ ଯୁକ୍ତ ରବିଙ୍କ ଯୋଗୁ ସବୁ କଥାକୁ ଭଲରୂପେ ବିଚାର କରି କାମ କରିବା ଭଲ ହେବ। ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେଲେ ମଧ୍ୟ ଆତ୍ମୀୟଙ୍କ ଅନାଦର ଭାବ ମନକୁ ବ୍ୟଥିତ କରିବ। ଆଗାମୀ ଆନୁଷ୍ଠାନିକ କାମକୁ ଆଖି ଆଗରେ ରଖି ଘରକୁ ସଜାଡ଼ିବାରେ ସମୟ ନେଇପାରନ୍ତି। ଯାତ୍ରା, ବାଣିଜ୍ୟରେ ସଫଳତା ମିଳିବ।

**ବୃଷ**
ବୁଧଙ୍କ ନବମଭାବ ସଂସ୍ଥିତି କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କର ଯୁକ୍ତିଯୁକ୍ତ ବିଚାର ଓ ସୁଚିନ୍ତିତ ପରାମର୍ଶ ବନ୍ଧୁମାନଙ୍କ ମନକୁ ପାଇବ। ତଥାପି ନିଜ କ୍ଷେତ୍ରରେ ବିଭିନ୍ନ ପ୍ରକାର ଅଟକି ରହିଥିବା କାମଗୁଡ଼ିକୁ ନେଇ ମନ ବିଚଳିତ ରହିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂରହୋଇପାରେ।

**ମିଥୁନ**
ରାଶିରେ ରାହୁ ଓ ସପ୍ତମସ୍ଥ ଏକାଧିକ ଗ୍ରହ ହେତୁ ବିବାଦୀୟ ଘଟଣାର ସମାଧାନ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅମୀମାଂସିତ ରହିବ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଆଦେଶାନୁସାରେ ହଠାତ୍ ଦୂରକୁ ଯିବାକୁ ପଡ଼ିପାରେ। ମନ ଭିତରର ଗୋପନ କଥା କହିବାକୁ ଇଚ୍ଛା ଥିଲେ ମଧ୍ୟ ସଂକୋଚବଶତଃ ବନ୍ଧୁଙ୍କ ନିକଟରେ ପ୍ରକାଶ କରିପାରିବେ ନାହିଁ।

**କର୍କଟ**
ସାମାଜିକ ସ୍ତରରେ ଜନହିତକର କାମ କରି ପ୍ରଶଂସାଭାଜନ ହେବେ। ଶୁକ୍ର ଅଷ୍ଟମସ୍ଥ ଯୋଗୁ ପରିବାରରେ ଏକ ସାମାନ୍ୟ କଥାରେ ମତଭେଦ ଘଟିପାରେ। ମାଲିମକଦ୍ଦମା ଓ ବ୍ୟବସାୟରେ ସ୍ଥିତି ଅନୁକୂଳ ହେବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ, ଆଲୋଚନାରେ କିଛି ସମସ୍ୟା ଦେଖାଦେଇପାରେ।

**ସିଂହ**
ରବିଙ୍କ ଶୁଭ ସଂସ୍ଥିତିରୁ କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନକରି କେତେକାଂଶରେ ଆଶ୍ୱସ୍ତି ଅନୁଭବ କରିବେ। ହଠାତ୍ କିଛି ଅର୍ଥର ଆବଶ୍ୟକତା ପଡ଼ିପାରେ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ, ମାତ୍ର ଆଶାନୁରୂପ ସାହାଯ୍ୟ ମିଳି ନ ପାରେ। ଆଜି ଅଫିସିଆଲି ଆଲୋଚନାରେ ସହକର୍ମୀମାନଙ୍କ ସହ ଉଚ୍ଚବାଚ ଘଟିପାରେ।

**କନ୍ୟା**
ଚନ୍ଦ୍ରଙ୍କ ଶୁଭ ପ୍ରଭାବରୁ ଆର୍ଥିକ ଉନ୍ନତି,ବନ୍ଧୁମାନଙ୍କ ସମାଦର,ସମସ୍ୟାର ସମାଧାନ ହେବ। ବିଭିନ୍ନ ପ୍ରକାର କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆନୁଷ୍ଠାନିକ କାର୍ଯ୍ୟ ସମ୍ପାଦିତ ହେବ। ପୂର୍ବରାଗ ଶୁଝାଇବାକୁ ଯାଇ ନିଜର ଆତ୍ମୀୟମାନେ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇ ହଠାତ୍ ଶତ୍ରୁତା କରିପାରନ୍ତି। ସଭାସମିତିରେ ବନ୍ଧୁଙ୍କ ଯୁକ୍ତି ଗ୍ରହଣ କରିବାକୁ ବାଧ୍ୟ ହେବେ।

**ତୁଳା**
ଅନୁକୂଳ ଗ୍ରହ ସ୍ଥିତିରୁ ଆନୁଷଙ୍ଗିକ ସାହାଯ୍ୟ,ସହଯୋଗ ଲାଭକରି ନୂତନ କାର୍ଯ୍ୟଟି ସୁରୁଖୁରୁରେ ସମ୍ପନ୍ନ କରିବେ। ଗୁରୁଶୌରୀଙ୍କ ଭାଗ୍ୟଭାବାଲୋକନ ଶିଳ୍ପ,ବାଣିଜ୍ୟ,କାରିଗରି, ଆଇନ ଅଦାଲତ ଓ ଗଣତାନ୍ତ୍ରିକ ପଦ୍ଧତିର କାର୍ଯ୍ୟରେ ସଫଳତା ପାଇବେ। ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ।

**ବିଛା**
ଶୁକ୍ର ଓ ମଙ୍ଗଳାଦି ଗ୍ରହଙ୍କ କୃପାରୁ ପ୍ରତ୍ୟେକ କାମ ସହଜରେ ସମ୍ପନ୍ନ ହେବ। ବନ୍ଧୁଙ୍କ ପରାମର୍ଶକ୍ରମେ ଦୈନିକ କାର୍ଯ୍ୟଶୈଳୀରେ ପରିବର୍ତ୍ତନ କରି ଆତ୍ମତୃପ୍ତି ଲାଭ କରିବେ। ପାରିବାରିକ ସ୍ତରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରି ବିଚଳିତ କରିପାରେ।

**ଧନୁ**
ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିଲେ ମଧ୍ୟ କାର୍ଯ୍ୟହାନି କାରଣରୁ ମାନସିକ ସ୍ତରରେ ସାମାନ୍ୟ ଅସ୍ଥିରତା ଅନୁଭବ କରିବେ। ପ୍ରତିକୂଳ ସମୟ ଚାଲିଥିବାରୁ ପରିସ୍ଥିତିବଶତଃ ଅବହେଳିତ ହୋଇ ରହିଯାଇଥିବା କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ମକର**
ଶୁକ୍ରଙ୍କ ସୁପ୍ରଭାବରୁ ବୁଦ୍ଧିମତ୍ତାର ପରିଚୟ ଦେଇ ପ୍ରତ୍ୟେକ ସମସ୍ୟାକୁ ସରଳ ଓ ସୁନ୍ଦର ଭାବରେ ସମାଧାନ କରିପାରିବେ। ନୂତନ ବନ୍ଧୁତ୍ୱ, ରପ୍ତାନି, ବାଣିଜ୍ୟ, କଳା, ସାହିତ୍ୟଚର୍ଚ୍ଚା, ସଙ୍ଗୀତ ସାଧନାରେ ଉନ୍ନତି କରିବେ। ସୁସ୍ଥ ମାନସିକତା ଅଭାବରୁ ଶ୍ରବଣା ନକ୍ଷତ୍ର ଟିକିଏ କଥାରେ ରାଗିବା ଫଳରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ।

**କୁମ୍ଭ**
ଶୁକ୍ର ପ୍ରତି ଶନିଙ୍କ ଦୃଷ୍ଟି କାରଣରୁ ସକାଳୁ ସକାଳୁ ସାମାନ୍ୟ ବଚସାଜନିତ ମନ ଖରାପ ହୋଇଯାଇଥିଲେ ମଧ୍ୟ ଅଳ୍ପ ସମୟ ପରେ ସବୁକିଛି ଠିକ୍ ହୋଇଯିବ। ପରୋକ୍ଷ ଶତ୍ରୁତା ହେତୁ କାମଗୁଡ଼ିକ ଶୃଙ୍ଖଳିତ ହେବାର ସୂଚନା ରହିଛି। ଜମିଜମା ସମ୍ପର୍କିତ କଥାବାର୍ତ୍ତା, କଚେରି ମାମଲା, ଚୁକ୍ତିପତ୍ର, ବିବାଦର ସମାଧାନ କ୍ଷେତ୍ରରେ ସଫଳତା ପାଇବେ।

**ମୀନ**
କର୍ମସ୍ଥ ଗ୍ରହ ପ୍ରଭାବରେ ଆପଣଙ୍କ କୌଣସି କାମ ଅଟକି ରହିବ ନାହିଁ, ମାତ୍ର ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ପରିବାରରେ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ,କିଛିଟା ଅଭାବ ଓ ଅସୁବିଧାରୁ ମନ ଭାରାକ୍ରାନ୍ତ ରହିପାରେ। ଜମିଜମା କାରବାର,ଗୃହ ନିର୍ମାଣ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ର ଗତାନୁଗତିକ ରୀତିରେ ଗଡ଼ି ଚାଲିବ।

ଆଜି ଜାନୁୟାରୀ ୧୯ ତାରିଖ, ମାଘ କୃଷ୍ଣ ଦଶମୀ ରବିବାର, ରାଶିନକ୍ଷତ୍ର- ବିଶାଖା/ତୁଳା, ମେଷ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଅଦ୍ୟ ରାତ୍ରୌ ବିବାହ ପାଣିଗ୍ରହଣ, ନିଷେକ, ବିଦ୍ୟାରମ୍ଭ, ବୃକ୍ଷରୋପଣ ପାଇଁ ଶୁଭ। ଦିବା ଘ୭।୫୪ମି. ଗତେ ଘ୯।୧୭ମି. ମଧ୍ୟେ ଅମୃତବେଳା। ସକାଳ ଘ୯।୧୭ମି. ଗତେ ଘ୧୦।୪୦ମି. ମଧ୍ୟେ, ଘ୧।୨୬ମି. ଗତେ ଘ୨।୪୯ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୦୩ମି. ଗତେ ଘ୫।୨୫ମି. ମଧ୍ୟେ ରାହୁକାଳ।



ମାଓବାଦୀଙ୍କ ସହ ସମ୍ପର୍କ ରଖିଥିବା ଅଭିଯୋଗରେ ଓସ୍ମାନିଆ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର(ତେଲୁଗୁ ବିଭାଗ) ସି. କାସିମ୍‌ଙ୍କୁ ଗିରଫ କରାଯାଇଛି। ସର୍ଚ୍ଚ ୱାରେଣ୍ଟ ବଳରେ ଶନିବାର ସକାଳେ ତାଙ୍କ ବାସଭବନ ଖାନ୍ତଲାସ୍ କରାଯାଇଛି। ସେଠାରୁ କେତେକ ଆପତ୍ତିଜନକ କାଗଜପତ୍ର ସହ ଇଲେକ୍ଟ୍ରୋନିକ୍ସ ତଥ୍ୟ ସଂଗ୍ରହ କରାଯାଇଥିବା ପ୍ରକାଶ। କାସିମ୍‌ଙ୍କୁ ଖୁବ୍‌ଶୀଘ୍ର ଗଜ୍‌ୱେଲସ୍ଥିତ ସ୍ଥାନୀୟ କୋର୍ଟରେ ହାଜର କରାଯିବ ବୋଲି ଜଣାପଡ଼ିଛି।




# ପଛରେ ବସିଲେ ବି ହେଲ୍‌ମେଟ, ସିଟ୍‌ବେଲ୍ଟ ପିନ୍ଧିବାକୁ ପଡ଼ିବ

## କଡ଼ାକଡ଼ି ହେବ ସଂଶୋଧିତ ମୋଟରଯାନ ଆଇନ

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଥିବାରୁ ସଂଶୋଧିତ ମୋଟରଯାନ ଆଇନକୁ କଡାକଡି ଲାଗୁ କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଡ୍ରାଇଭର ସହ ଯାତ୍ରୀମାନଙ୍କ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ଦୁଇ ଚକିଆ ଯାନ ପଛରେ ବସି ଯାତ୍ରା କରୁଥିବା ଯାତ୍ରୀ ମଧ୍ୟ ହେଲ୍‌ମେଟ ପିନ୍ଧିବାକୁ ବାଧ୍ୟ। ସେହିପରି କାରରେ ଡ୍ରାଇଭରଙ୍କ ସମେତ ଅନ୍ୟ ଯାତ୍ରୀମାନଙ୍କୁ ମଧ୍ୟ ସିଟ୍ ବେଲ୍ଟ ବାନ୍ଧିବାକୁ ପଡିବ। ଶନିବାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଚାଳକଙ୍କ ବ୍ୟତୀତ ଗାଡିରେ ଯାଉଥିବା ଅନ୍ୟମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିୟମକୁ କଡାକଡି କରାଯିବ। ସଂଶୋଧିତ ମୋଟର ଯାନ ଆଇନରେ ଏହି ବ୍ୟବସ୍ଥା ଆଗରୁ ରହିଛି। ଆମେ ଏହାକୁ କଡାକଡି ପାଳନ କରିବୁ। କୋହଳ ସମୟ ଶେଷ ହେବା ପରେ ରାଜ୍ୟରେ ସଂଶୋଧିତ ଆଇନକୁ କଡାକଡି କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ଗାଡି କାଗଜପତ୍ର ଠିକ୍ କରିବାକୁ ୩ ମାସ କୋହଳ କରିଛନ୍ତି। ଫେବୃୟାରୀ ପରେ ଆଇନ ରାଜ୍ୟରେ କଡାକଡି ପାଳନ କରାଯିବ।

ନିକଟରେ କେନ୍ଦ୍ର ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀରେ ଏକ ବୈଠକ ଡକାଯାଇଥିଲା।ସେଥିରେସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପରିବହନ ମନ୍ତ୍ରୀଯୋଗ ଦେଇଥିଲେ। ବୈଠକରେ ଦୁର୍ଘଟଣାକୁ କମାଇବା ନେଇ ଗୁରୁତ୍ୱ ଦିଆଯିବା ସହ ସଂଶୋଧିତ ମୋଟର ଯାନ ଆଇନକୁ କଡାକଡି ଲାଗୁ କରିବାକୁ ପରାମର୍ଶ ଦିଆଯାଇଛି।

# ବାପାଙ୍କୁ ମୁଖାଗ୍ନି ଦେଲେ ଝିଅ

**ନବରଙ୍ଗପୁର,୧୮।୧(ବି.ପ୍ର.):** ପୁଅ ନ ଥିବାରୁ ବାପାଙ୍କ ମୃତ୍ୟୁ ପରେ ଝିଅ ମୁଖାଗ୍ନି ଦେଇଛି। ଏଭଳି ଏକ ଘଟଣା ଘଟିଛି ନବରଙ୍ଗପୁର ଜିଲାରେ। ଏହା ଜିଲାରେ ପ୍ରଥମ ଘଟଣା। ନବରଙ୍ଗପୁରର ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଭାଜପା ଜିଲା ସଭାପତି ଲୋକନାଥ ପାଳ ହୃଦରୋଗରେ ଆକ୍ରାନ୍ତ ଥିଲେ। ଜୟପୁରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ଶନିବାର ତାଙ୍କର ବିୟୋଗ ଘଟିଛି। ପୁତ୍ର ସନ୍ତାନ ନଥିବାରୁ ପାଳଙ୍କ ଝିଅ ଶିତାଦି ପାଳ ହିନ୍ଦୁ ରିତିନୀତିରେ ମୁଖାଗ୍ନି ଦେଇଛନ୍ତି। ମୁଖାଗ୍ନି ଦେବା ସମ୍ପର୍କରେ ଶିତାଦି କହିଛନ୍ତି ଯେ ବାପା କହୁଥିଲେ ମୁଁ ତାଙ୍କ ଝିଅ ଓ ପୁଆ ଝିଅ ହେଲେ ମଧ ପୁଅ ଭଳି ସବୁକାର୍ଯ୍ୟ କରିପାରିଲି। ସେଥିପାଇଁ ମୁଖାଗ୍ନି ମଧ ପୁଅ ଭଳି ଦେଇଛି। ଏଥିପାଇଁ ସମସ୍ତେ ମୋତେ ସମର୍ଥନ କରିଥିଲେ।

# ହାତୀ ଆକ୍ରମଣରେ ୨ ମୃତ, ଜଣେ ଗୁରୁତର

- ବନ ବିଭାଗର ଅସହଯୋଗ ପ୍ରତିବାଦରେ ରାସ୍ତାରୋକୋ
- ମୃତକଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ଲେଖାଏ ସହାୟତା

**ଖୋର୍ଦ୍ଧା ଅଫିସ /ବେଗୁନିଆ/ ଟାଙ୍ଗୀ/ ନିରାକାରପୁର, ୧୮।୧ (ଡି.ଏନ୍.ଏ.)**

ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ରେଞ୍ଜ ବେଗୁନିଆ ବ୍ଲକ ହଜ ପଞ୍ଚାୟତରେ ଶୁକ୍ରବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ୨ ଜଣଙ୍କର ମୃତ୍ୟୁ ହୋଇଛି। ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ମୃତକ ହେଲେ ହଜ ଗାଁର ବଂଶୀଧର ଛୁଆଳସିଂ(୭୪)ଓ କଲରାଝର ଗାଁର ସନାତନ ପ୍ରଧାନ(୭୦)। କଲାରାଝର ଗାଁର ବ୍ରଜ ସାହୁ (୬୫) ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭୋରରୁ ଭର୍ତ୍ତି କରିଥିଲେ। ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ। ଆହତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ପର୍କରେ ବନବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ଠିକଣା ସମୟରେ ସହଯୋଗ ମିଳି ନ ଥିଲା। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ନୂଆଜଗନ୍ନାଥ ସଡ଼କକୁ ହଜଠାରେ ଶନିବାର ସକାଳ ୬ଟାରୁ ନିଆଁ ଜାଳି ଅବରୋଧ କରିଥିଲେ।

ଉତ୍ତ୍ୟକ୍ତ ଲୋକେ ମୃତକ ପରିବାରକୁ କ୍ଷତିପୂରଣ ଯୋଗାଇବା, ହାତୀଙ୍କ ଉତ୍ପାତରୁ ସୁରକ୍ଷା ଦେବା, ଆହତ ପରିବାରକୁ ମାଗଣାରେ ଚିକିତ୍ସା ଦାବିରେ ରାସ୍ତାରୋକୋ ଚଳାଇଥିଲେ। ବିଳମ୍ବରେ ବନ ବିଭାଗର କର୍ମଚାରୀ ପହଞ୍ଚିବାରୁ ଉତ୍ତ୍ୟକ୍ତ ଲୋକେ ସେମାନଙ୍କୁ ଅଟକ ରହିଥିଲେ। ଖବରପାଇ ଜଙ୍କିଆ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ଘଟଣାସ୍ଥଳରେ ଡିଏଫଓ ସୁଦୀପ୍ତ ନାୟକ, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବେଗୁନିଆ ତହସିଲଦାର ବିବେକାନନ୍ଦ ପରିଡା ପହଞ୍ଚିଥିଲେ। ସେମାନେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇବା ପରେ ଅପରାହ୍ନ ୧ଟାରେ ରାସ୍ତାରୋକୋ ହଟିଥିଲା। ମୃତକଙ୍କ ପରିବାରକୁ ୧ଲକ୍ଷ ଟଙ୍କାର ଚେକ ସହ ୧୦ ହଜାର ଟଙ୍କା ଲେଖାଏ ରେଡ୍‌କ୍ରସରୁ ସହାୟତା ପ୍ରଦାନ କରାଯାଇଥିଲା। ଆହତଙ୍କୁ ମାଗଣା ଚିକିତ୍ସା ସହ ୫ ହଜାର ଟଙ୍କା ରେଡକ୍ରସରୁ ସହାୟତା ଦିଆଯାଇଥିଲା। ଜଙ୍କିଆ ପୋଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସନ୍ଧ୍ୟାରେ ଶୋକାକୁଳ ପରିବେଶରେ ଦୁଇ ଗାଁରେ ମୃତବ୍ୟକ୍ତିଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ଶୁକ୍ରବାର ରାତିରେ ହଜ ଓ କଲରାଝର ଗାଁରେ ଏକ ଦନ୍ତା ସହ ମାଇହାତୀର ଉତ୍ପାତ ଲାଗି ରହିଥିଲା। ଦୁଇ ହାତୀ ପ୍ରଥମେ ଖାଦ୍ୟ ସନ୍ଧାନରେ ହଜ ଗାଁକୁ ଆସିଥିଲେ। ରାତି ପ୍ରାୟ ସାଢ଼େ ୧ଟାରେ ଏକ ବାଇକ୍ ଭାଙ୍ଗୁଥିବାବେଳେ ଗାଁର ବଂଶୀଧର ପରିସ୍ରା କରିବାକୁ ଦାଣ୍ଡକୁ ଆସିଥିଲେ। ସେହି ସମୟରେ ହାତୀ ବଂଶୀଧରଙ୍କୁ କାଚାଡି ଓ ଥୋଡ ପାହାରରେ ମାରି ଫିଙ୍ଗି ଦେଇଥିଲା। ସ୍ଥାନୀୟ ଲୋକ ଘଉଡାଇବାରୁ ହାତୀ ଦ୍ୱୟ ଦିଗ ବଦଳାଇ କଲରାଝରରେ ପଶିଥିଲେ। ସନାତନ ପ୍ରଧାନଙ୍କ ଗୁହାଳ ଘରକୁ ହାତୀ ଭାଙ୍ଗୁଥିଲେ। ଏହି ସମୟରେ ସନାତନ ପରିସ୍ରା କରିବାକୁ ବାହାରକୁ ଉଠିଥିଲେ। ହାତୀକୁ ଦେଖି ଚିତ୍କାର କରିଥିଲେ। ସ୍ଥାନୀୟ ଲୋକ ତାଙ୍କ ପାଟି ଶୁଣି ହାତୀକୁ ଘଉଡାଇବାକୁ ଉଦ୍ୟମ କରିଥିଲେ। ହାତୀ ଦ୍ୱୟ ସନାତନ ଓ ନିକଟରେ ଥିବା ବ୍ରଜଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସନାତନଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଖୋର୍ଦ୍ଧା ଡିଏଫଓ ସୁଦୀପ୍ତ ନାୟକ କୁହନ୍ତି, ବିଭାଗ ପକ୍ଷରୁ ଦୁଇ ମୃତକଙ୍କ ପରିବାର ଲୋକଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ସହାୟତା ଦିଆଯାଇଛି। ତହସିଲଦାର ଆବଶ୍ୟକ କାଗଜପତ୍ର ଦାଖଲ କରିବା ପରେ ୩ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ। ଆହତଙ୍କୁ ମାଗଣାରେ ଚିକିତ୍ସା କରାଯାଉଛି।



ଉତ୍ତ୍ୟକ୍ତ ଲୋକେ ନିଆଁଜାଳି ରାସ୍ତାରୋକୋ କରୁଛନ୍ତି।

# ମହିଳାଙ୍କୁ ଗଣବଳାତ୍କାର

## ସ୍ୱାମୀଙ୍କ ସହ ୩ ଜଣଙ୍କ ନାଁରେ ଏତଲା

**ଉମରକୋଟ,୧୮।୧(ଡି.ଏନ.ଏ)**

ନବରଙ୍ଗପୁର ଜିଲା ରାଇଘର ବ୍ଲକର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀଙ୍କ ସମେତ ୪ ଜଣ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଯୁବତୀ ଉମରକୋଟ ଚଢେଇଗୁଡା ଗ୍ରାମର ଜଣେ ଯୁବକଙ୍କୁ ଭଲ ପାଇ ପରିବାର ଲୋକଙ୍କ ଅଜାଣତରେ ବିବାହ କରିଥିଲେ। ଏହା ପରଠାରୁ ଯୁବତୀଙ୍କ ସହ ପରିବାର ଲୋକ ସମ୍ପର୍କ କାଟି ଦେଇଥିଲେ। ଏପରିକି ଯୁବକଙ୍କ ପରିବାର ଲୋକ ମଧ୍ୟ ଉଭୟ ପୁଅ ଓ ବୋହୂଙ୍କୁ ଘରେ ପୂରେଇଲେ ନାହିଁ। ଶେଷରେ ଦୁହେଁ ରାଇଘରରେ ଘର ଭଡା କରି ରହିଥିଲେ। କିନ୍ତୁ ବିବାହର ଏକ ମାସ ପରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା। ଯୁବତୀଙ୍କୁ ଯୁବକ ଜଣକ ଘରୁ ବାହାର କରିଦେଇଥିଲେ। ସେ ରାଇଘର ଥାନାରେ ଅଭିଯୋଗ କରିବାରୁ ଏକ ମାମଲା ରୁଜୁ ହୋଇଥିଲା। ଆପୋସ ବୁଝାମଣା ପରେ ଯୁବକ ଜାମିନରେ ଆସିଥିଲେ। ଗତ ୧୩ ତାରିଖ ସନ୍ଧ୍ୟାରେ ସ୍ତ୍ରୀଙ୍କୁ ଉମରକୋଟ ବୁଲିଯିବା କହି ଯୁବକ ଆଣିଥିଲେ। ରାତି ପ୍ରାୟ ୯ଟା ସମୟରେ ୟୁଭି୫୨ସ୍ଥିତ ଏକ ସରକାରୀ ଫାର୍ମ ଭିତର ପୋଖରୀ ନିକଟକୁ ନେଇଥିଲେ। ଯୁବକଙ୍କ ସାଙ୍ଗମାନେ ବାନ୍ଧବୀମାନଙ୍କ ସହ ଆସିବେ ବୋଲି ସ୍ତ୍ରୀକୁ କହିଥିଲେ। କିଛି ସମୟ ପରେ ୩ ଜଣ ଯୁବକ ଏକ ନାଲି ରଙ୍ଗର ବାଇକରେ ଆସିଥିଲେ। ଯୁବକ ଓ ତାଙ୍କ ସାଙ୍ଗମାନେ ଯୁବତୀଙ୍କ ହାତ ଓ ମୁହଁରେ ଗାମୁଛାରେ ବାନ୍ଧି ବଳାତ୍କାର କରିଥିଲେ। ଏଥିରେ ଯୁବତୀ ଚେତା ହରାଇଥିଲେ। ସକାଳେ ଚେତା ଫେରିବା ପରେ ଉମରକୋଟ ଥାନାକୁ ଯାଇ ଯୁବତୀ ଘଟଣା ସମ୍ପର୍କରେ ଜଣାଇଥିଲେ। ତାଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଲିସ ଭର୍ତ୍ତି କରିଥିଲା। ସେ ସାମାନ୍ୟ ସୁସ୍ଥ ହେବା ପରେ ଶୁକ୍ରବାର ଉମରକୋଟ ଥାନାରେ ଏକ ଏତଲା ଦେଇଛନ୍ତି।




# କୋରଡ଼କୋଟ ଜଳପ୍ରପାତ

୧୯୯୪ ମସିହାରେ ଦେବଗଡ଼ ଏକ ସ୍ୱତନ୍ତ୍ର ରାଜସ୍ୱ ଜିଲାର ମାନ୍ୟତା ପାଇଥିଲା। ବାମଣ୍ଡା କହିଲେ ସମ୍ବଲପୁର ଜିଲାର ଦେବଗଡ ସବ୍‌ଡିଭିଜନ୍ ଏବଂ କୁଚିଣ୍ଡା ସବ୍‌ଡିଭିଜନ୍ ଅଧୀନ ଭୌଗୋଳିକ ସୀମାକୁ ବୁଝାଉଥିଲା। ଦେବଗଡ଼ର ଏକମାତ୍ର ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା ୨୨୬ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରଧାନପାଟ ଜଳପ୍ରପାତ ଯାହାକି ଆଜି ଦେଶବ୍ୟାପୀ ପର୍ଯ୍ୟଟକମାନଙ୍କ ପାଇଁ ଏକ ଦର୍ଶନୀୟ ସ୍ଥାନ ହୋଇରହିଛି। ବାସ୍ତବିକ ପ୍ରଧାନପାଟର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋରମ ଓ ଚିତ୍ତାକର୍ଷକ। ତେବେ ଓଡ଼ିଶାର ପ୍ରଥମ ଜଳ ବିଦ୍ୟୁତ୍ ଉତ୍ପନ୍ନ କେନ୍ଦ୍ରର ମାନ୍ୟତା ପାଇଥିବା କୋରଡକୋଟ ଜଳପ୍ରପାତ ମଧ ତା'ଠାରୁ କୌଣସି ଗୁଣରେ କମ୍ ନୁହେଁ। ତତ୍କାଳୀନ ବାମଣ୍ଡା ରାଜ୍ୟର ସୁଶାସକ ତଥା ପ୍ରଜାବତ୍ସଳ ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ରାଜତ୍ୱ କାଳରେ ଏହି କୋରଡ଼କୋଟ ଜଳପ୍ରପାତରୁ ଜଳ ବିଦ୍ୟୁତ୍ (ହାଇଡ୍ରୋ ଇଲେକ୍ଟ୍ରିସିଟି) ଉତ୍ପନ୍ନ କରି ସାରା ଦେବଗଡ଼ ସହରକୁ ବିଦ୍ୟୁତୀକରଣ କରାଇଥିଲେ। ସେହି ଜଳପ୍ରପାତର ପାଦ ଦେଶରେ ତତ୍କାଳୀନ ଦୂରଦ୍ରଷ୍ଟା ରାଜା ଚୂନ,ଇଟା ଓ ପଥରରେ ଏକ ସୁରମ୍ୟ ଅଟ୍ଟାଳିକା ନିର୍ମାଣ କରିବା ସହ ଇଂଲଣ୍ଡ ଓ ଜର୍ମାନୀ ଦେଶର ଲୌହନିର୍ମିତ ଟର୍ବାଇନ୍ ଖଞ୍ଜି ଜଳବିଦ୍ୟୁତ୍ ଉତ୍ପନ୍ନ କରାଇଥିଲେ। ଯାହାକି ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗି ଏଣେତେଣେ ପଡ଼ିଛି। ଅନେକ ଯନ୍ତ୍ରାଂଶ ଚୋରି ହୋଇଯାଇଛି। ଘଞ୍ଚ ଜଙ୍ଗଲ ପରିବେଷ୍ଟିତ କୋରଡକୋଟ ପାଦଦେଶକୁ ପର୍ଯ୍ୟଟକମାନଙ୍କ ନିୟମିତ ଯିବାଆସିବା ନିମନ୍ତେ ତତ୍କାଳୀନ ରାଜା ଦେବଗଡ଼ରୁ ଜଳପ୍ରପାତର ନିମ୍ନଭାଗ ପର୍ଯ୍ୟନ୍ତ ବଣବୁଦା କାଟି ଏକ ପାଦଚଲା ରାସ୍ତା ନିର୍ମାଣ କରାଇଥିଲେ। ଏଥିସହ ବିଦ୍ୟୁତ୍ ତାର ମଧ ଟାଣି ବିଜୁଳି ସଂଯୋଗ କରାଇଥିଲେ। ଆଉ ଏହି ଜଳବିଦ୍ୟୁତ୍ କେନ୍ଦ୍ରଟି ସେତେବେଳର ବେଙ୍ଗଲ ପ୍ରେସିଡେନ୍ସି ତଥା ଓଡିଶାର ସର୍ବପ୍ରଥମ ଜଳବିଦ୍ୟୁତ୍ କେନ୍ଦ୍ର ରୂପେ ମାନ୍ୟତା ପାଇଥିଲା। ସେତେବେଳେ ଏହି ଜଳପ୍ରପାତର ଜଳକୁ ଗଚ୍ଛିତ ରଖାଯାଇ ଲୌହ ପାଇପ୍ ସାହାଯ୍ୟରେ ପୁରୁଣାଗଡକୁ ଜଳଯୋଗାଣର ବ୍ୟବସ୍ଥା କରାଯାଇଥିଲା। ଏବେ କିନ୍ତୁ ସେହି ଜଳରେ ପୁରୁଣାଗଡର ଚାଷୀକୁଳ ବର୍ଷ ତମାମ୍ ବିଭିନ୍ନ ପ୍ରକାର ଫଳମୂଳ ଓ ପନିପରିବା ଚାଷ କରି ଦେବଗଡ ସହରବାସୀଙ୍କୁ ଯୋଗାଉଛନ୍ତି। ଅବଶ୍ୟ ୧୯୯୪ ମସିହା ପରଠାରୁ ଏହି ଜଳପ୍ରପାତର ପାଦଦେଶରେ ଛୋଟବଡ କେତୋଟି ସରକାରୀ ତଥା ବେସରକାରୀ କୃଷି ଫାର୍ମ ଗଢି ଉଠିଛି। କୋରଡକୋଟ ଆଜି ମଧ ଏକ ସୁନ୍ଦର ଦର୍ଶନୀୟ ସ୍ଥାନ ହୋଇଛି। ନିକଟକୁ ଯାଇ ଦେଖିଲେ ତା'ର ଜଙ୍ଗଲୀ ଫୁଲଫଳଭରା ସବୁଜିମା ତଥା ପାହାଡ ପ୍ରସ୍ତର ଘେରା କୋରଡ (ଗୁମ୍ଫା) ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ବିଭିନ୍ନ ପଶୁପକ୍ଷୀଙ୍କ ଗୁଞ୍ଜନ ସହଜରେ ଜନମନ କିଣିନିଏ। ଜଳପ୍ରପାତର ପାଦ ଦେଶରେ ଥିବା ପ୍ରାକୃତିକ ଶୋଭା ଅତ୍ୟନ୍ତ ମନୋମୁଗ୍ଧକାରୀ। ହେଲେ ଆଜି ପର୍ଯ୍ୟନ୍ତ ଏହି ଜଳପ୍ରପାତ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆଢୁଆଳରେ ରହିଛି। ରାଜନୈତିକ ନେତୃବୃନ୍ଦ ଓ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା କରିଥିବା କୋରଡ଼କୋଟ ପାଇଁ ସମସ୍ତଙ୍କ ଆକର୍ଷଣ ରହିଛି। ଏବେ କେତେଜଣ ଉତ୍ସାହୀ ବ୍ୟକ୍ତିଙ୍କ ବାରମ୍ବାର ଦାବି ଓ ଉଦ୍ୟମ ଫଳରେ ସେହି ଅଞ୍ଚଳର କିଛି ଉନ୍ନତି କରାଯାଇଛି। ତେବେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିନାହିଁ। ପର୍ଯ୍ୟଟନ ବିଭାଗ ଏଥିପ୍ରତି ଦୃଷ୍ଟିଦେବାକୁ ବୃଦ୍ଧିଜୀବୀମାନେ ଗୁରୁତ୍ୱାରୋପ କରିଛନ୍ତି। **– ଶଶାଙ୍କ ଶେଖର ଝାଙ୍କର**










# ନାବାଳିକା ବଳାତ୍କାର ମାମଲାରେ ୧୫ବର୍ଷ ଜେଲ୍

**ବାଲେଶ୍ୱର ଅଫିସ, ୧୮।୧–** ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ବାଲେଶ୍ୱର ପୋକ୍ସୋ ଅଦାଲତର ବିଚାରପତି ଗିରିଜା ମହାପାତ୍ର ଶନିବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୫ବର୍ଷ ଜେଲଦଣ୍ଡ ସହ ୨୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଆଉ ବର୍ଷେ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ସଦର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଘରେ କେହି ନ ଥିବାବେଳେ ବେଢ଼ପଛ ଅରାଡ଼ ଗ୍ରାମର ବୁଦ୍ଧିଆ ସିଂ (୨୮) ତାଙ୍କ ଘରେ ଭିତରେ ପଶି ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ବଡ଼ଭଉଣୀ ଖବରପାଇ ପହଞ୍ଚି ସାନଭଉଣୀଙ୍କୁ ଉଦ୍ଧାର କରିବା ସହ ଘଟଣା ସମ୍ପର୍କରେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ସଦର ଥାନାରେ ମାମଲା (ନଂ. ୩୪୫/୧୮) ରୁଜୁ କରାଯାଇ କୋର୍ଟରେ ବିଚାରାଧୀନ ଥିଲା। ୧୨ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ବିଚାରପତି ଏହି ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# ୪ ବର୍ଷୀୟାଙ୍କୁ ବଳାତ୍କାର

## ସିଆଇଏସ୍ଏଫ୍ କନଷ୍ଟେବଳ ଗିରଫ

**ପାରାଦୀପ,୧୮।୧(ସ୍ୱ.ପ୍ର.):** ପାରାଦୀପ ଅଞ୍ଚଳରେ ଶନିବାର ୪ ବର୍ଷୀୟା ନାବାଳିକାଙ୍କୁ ଜଣେ ସିଆଇଏସ୍ଏଫ୍ (ସେଣ୍ଟ୍ରାଲ୍ ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ)ର କନଷ୍ଟେବଳ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ଆଧାରରେ ପାରାଦୀପ ଅଭୟଚାନ୍ଦପୁର ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସିଆଇଏସ୍ଏଫ(ଫାୟାରୱିଙ୍ଗ) ହେଡ୍ କନଷ୍ଟେବଳ ଏମ୍. କାଣ୍ଡାସ୍ୱାମୀ (୪୯)। କାଣ୍ଡାସ୍ୱାମୀ ରହୁଥିବା ବ୍ଲକରେ ସମ୍ପୃକ୍ତା ନାବାଳିକା ରହୁଥିଲେ। ସେ ସକାଳେ ଚକୋଲେଟ ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ଘରକୁ ଡାକି ଆଣିଥିଲେ। ପରେ ତାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ମା'ଜାଣିବାପରେ ଥାନାରେ ଅଭିଯୋଗ କରିଥିଲେ। ଆଗରୁ ମଧ ସେ ସମ୍ପୃକ୍ତା ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଏକ ମାମଲା ସଂଖ୍ୟା–୮/୨୦ ରୁଜୁ ହୋଇଛି। ସିଆଇଏସ୍ଏଫ ପକ୍ଷରୁ କାଣ୍ଡାସ୍ୱାମୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ମିଳିଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।



ଅଭିଯୁକ୍ତ ଏମ୍. କାଣ୍ଡାସ୍ୱାମୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୯ ଜାନୁୟାରୀ, ୨୦୨୦

ଭଗବାନ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି– ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଈଶ୍ୱରଙ୍କ ବିଜୟ ସମାପନ ହେବା ଯାଏ।
– ଶ୍ରୀଅରବିନ୍ଦ



# ଅନ୍ୟ ପନ୍ଥା ନାହିଁ



ଆକାର ପଟେଲ

ମୋର ବୟସ ୫୦ ହେଲାଣି ଏବଂ ବର୍ତ୍ତମାନ ଚାଲିଥିବା ସିଏଏ, ଏନ୍ଆର୍‌ସି ଓ ଏନ୍‌ପିଆର୍ ବିରୋଧୀ ଆନ୍ଦୋଳନ ପରି ଗଣଆନ୍ଦୋଳନ ଦେଖିନାହିଁ। ଜରୁରିକାଳୀନ ପରିସ୍ଥିତି ସମୟର ଅସ୍ପଷ୍ଟ ସ୍ମୃତି ମୋର ଏବେ ବି ମନେଅଛି। ମୁମ୍ବାଇର ଭିଲେ ପାର୍ଲେ ଇଷ୍ଟ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଥିଲା କିନ୍ତୁ ତାହା ବେଶି ସମୟ ରହି ନ ଥିଲା। ମୋର ମନେଅଛି ଜନତା ଦଳ ଦ୍ୱାରା ଏକ ହଳଦିଆ ରଙ୍ଗର ପୁସ୍ତିକା ବଣ୍ଟାଯାଇଥିଲା। ସେଥିରେ ତତ୍‌କାଳୀନ ଇନ୍ଦିରା ଗାନ୍ଧୀଙ୍କ ସରକାର ବିରୋଧୀମାନଙ୍କ ଉପରେ ଯେଉଁ ଅତ୍ୟାଚାର ଚଳାଇଥିଲେ, ସେ ବିଷୟରେ ଲେଖାଯାଇଥିଲା। ସେଥିରେ ଗୋଟିଏ ପୃଷ୍ଠାରେ ସିଗାରେଟ ଚେଙ୍କ ଦିଆଯାଇଥିବା ଜଣେ ଲୋକର ଛବି ଥିଲା। ମୁଖ୍ୟତଃ, କଂଗ୍ରେସର ରାଜନୈତିକ ବିରୋଧୀମାନଙ୍କ ପ୍ରତି ଏଭଳି ଅତ୍ୟାଚାର କରାଯାଇଥିଲା ଓ ଜେଲରେ ରଖାଯାଇଥିଲା ଏବଂ ଗଣମାଧ୍ୟମ ଉପରେ କଟକଣା ଲଗାଯାଇଥିଲା। କ୍ଷମତା ପାଇଁ ଏହା ଥିଲା ଏକ ରାଜନୈତିକ ଲଢ଼େଇ, ଯେଉଁଥିରେ ସାଧାରଣ ନାଗରିକମାନଙ୍କର କୌଣସି କ୍ଷତି ହୋଇ ନ ଥିଲା। ତା'ପରେ ଆଉ ଗୋଟିଏ ଆନ୍ଦୋଳନ ଦେଖାଗଲା ମଣ୍ଡଳ କମିଶନଙ୍କ ସୁପାରିସକୁ ନେଇ ଜାତିଗତ ସଂରକ୍ଷଣ ବିରୋଧରେ। ଏହାର ଠିକ୍ ପୂର୍ବରୁ ୧୯୮୫ରେ ଗୁଜରାଟରେ ଗୋଟିଏ ଆନ୍ଦୋଳନ ଦେଖାଯାଇଥିଲା। ପ୍ରତିବାଦକାରୀମାନେ ସମସ୍ତେ ଥିଲେ ସବର୍ଣ୍ଣ। ଗୁଜରାଟରେ ଏହି ଆନ୍ଦୋଳନ ଦଙ୍ଗାରେ ପରିଣତ ହେଲା ଏବଂ ବିନା କାରଣରେ ମୁସଲମାନମାନେ ଦଣ୍ଡିତ ହେଲେ। ଏହାର କିଛିବର୍ଷ ପରେ ଦେଖାଦେଲା ମଣ୍ଡଳ କନ୍ଦଳ। ପ୍ରତିବାଦକାରୀମାନେ ଦୁଇଟି ଗୋଷ୍ଠୀର ଥିଲେ– ସଂରକ୍ଷଣ ସପକ୍ଷବାଦୀ ଓ ସଂରକ୍ଷଣ ବିରୋଧୀ। ଉଚ୍ଚଜାତିର ଲୋକମାନେ ସେମାନଙ୍କ ଅଧିକାର କ୍ଷୁଣ୍ଣ ହେଉଥିବାରୁ ବିଦ୍ରୋହ କରିଥିଲେ। ଗୋସ୍ୱାମୀ ନାମକ ଜଣେ ବ୍ୟକ୍ତି ନିଆଁରେ ନିଜକୁ ଜାଳିଦେଇ ହିରୋ ବନିଯାଇଥିଲେ। ପାଖାପାଖି ସେହି ସମୟରେ ବାବ୍ରି ମସ୍‌ଜିଦକୁ ନେଇ ଏକ ଆନ୍ଦୋଳନ ଦେଖାଦେଇଥିଲା, ଯାହା ଅତ୍ୟନ୍ତ ଭୟଙ୍କର ଥିଲା। ଏଲ୍.କେ. ଆଡ୍‌ଭାନୀ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି ଯେ, ତାଙ୍କ ରଥଯାତ୍ରା ଯେଉଁ ପଥ ଦେଇ ଯାଉଥିଲା, ସେଠାରେ କୌଣସି ହିଂସା ଘଟି ନ ଥିଲା। କିନ୍ତୁ ଭାରତ ସାରା ଆନ୍ଦୋଳନର ନିଆଁ ବ୍ୟାପିବା ସହ ଏଥିରେ ମୁସଲମାନମାନେ ହିଁ ଦଣ୍ଡିତ ହୋଇଥିଲେ। ବାବ୍ରି ମସ୍‌ଜିଦ ଭଙ୍ଗାଯିବା ପରେ ହିଂସାକାଣ୍ଡରେ ୨୦୦୦ ଭାରତୀୟଙ୍କର ମୃତ୍ୟୁ ଘଟିଥିଲା।

ପ୍ରତ୍ୟେକ ଆନ୍ଦୋଳନ ସମୟରେ ଯେଉଁଭଳି ବର୍ବରତା ଦେଖିବାକୁ ମିଳିଥିଲା, ସେଗୁଡ଼ିକ ବର୍ତ୍ତମାନ ପରି ନ ଥିଲା। ଭାରତରେ ଯେତେ ଆନ୍ଦୋଳନ ଘଟିଛି ସବୁ ବ୍ୟକ୍ତିଗତ କାରଣ ପାଇଁ। ମଣ୍ଡଳ ଓ ମନ୍ଦିର ଆନ୍ଦୋଳନକାରୀମାନେ ନିଜ ପାଇଁ ଆନ୍ଦୋଳନ କରୁଥିଲେ। ଜଣେ ସଂରକ୍ଷଣକୁ ସମର୍ଥନ କରିପାରେ ବା କରି ନ ପାରେ କିନ୍ତୁ ଉଭୟ ମତବାଦୀମାନେ ନିଜର ସ୍ୱାର୍ଥ ପାଇଁ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ସମ୍ବିଧାନ ସପକ୍ଷରେ ସ୍ଥାୟୀ ଗଣଆନ୍ଦୋଳନ ଏହା ପୂର୍ବରୁ କେବେ ବି ଦେଖିବାକୁ ମିଳିନାହିଁ। ଇରମ ଶର୍ମିଳା ନାମକ ମହିଳା ସମ୍ବିଧାନ ଓ ମାନବାଧିକାର ସପକ୍ଷରେ ଦୀର୍ଘଦିନ ଧରି ଆନ୍ଦୋଳନ କରି ଆସୁଛନ୍ତି। ଏଥିରେ ଲକ୍ଷ ଲକ୍ଷ ଭାରତୀୟ ବ୍ୟକ୍ତିଗତ ଲାଭ ଅପେକ୍ଷା ମୂଲ୍ୟବୋଧ ସପକ୍ଷରେ ଠିଆ ହୋଇଛନ୍ତି। ମୋ ପରି ଅନେକ ପ୍ରତିବାଦକାରୀଙ୍କର ସରକାରଙ୍କୁ ଗାଦିଚ୍ୟୁତ କରିବା ବା ସରକାରଙ୍କର କ୍ଷତି ପହଞ୍ଚାଇବାର କୌଣସି ଉଦ୍ଦେଶ୍ୟ ନାହିଁ। ଏହା ଏକ ନିର୍ବାଚିତ ସରକାର ଏବଂ ଏହା ତାଙ୍କର କାର୍ଯ୍ୟକାଳ ପୂର୍ଣ୍ଣ କରିବେ। ଯଦି ମୋଦି ପୁଣିଥରେ ନିର୍ବାଚିତ ହୁଅନ୍ତି ତେବେ ସେ ତୃତୀୟ ପାଳିରେ ବି ଦେଶର ସେବା କରିବେ। ସେ ଦିଗରୁ ଆମର କୌଣସି ଉଦ୍‌ବେଗର କାରଣ ନାହିଁ। କିନ୍ତୁ ଆମର ପ୍ରତିବାଦର ଉଦ୍ଦେଶ୍ୟ ହେଉଛି ଆଇନରେ କୌଣସି ପକ୍ଷପାତିତା ନ ରହୁ ଏବଂ ତାହା ସମ୍ବିଧାନର ମୌଳିକ ଢାଞ୍ଚାର ଉଲ୍ଲଂଘନ ନ କରୁ। ଭାରତ ଯେଉଁସବୁ ଅନ୍ତର୍ଜାତୀୟ ଚୁକ୍ତିନାମାରେ ସ୍ୱାକ୍ଷର କରିଛି ତାହାର ଉଲ୍ଲଂଘନ ନ ହେଉ।

ଏହା ସତ ଯେ, ଅଧିକାଂଶ ପ୍ରତିବାଦକାରୀ ହେଉଛନ୍ତି ମୁସଲମାନ ଯେଉଁମାନେ ତାଙ୍କର ଅଧିକାର ତାଙ୍କଠାରୁ ଛିନ୍ନ କରିନିଆଯିବା ଭୟରେ ଆତଙ୍କିତ ଅଛନ୍ତି। ସେମାନଙ୍କର ଭୟ ଯୁକ୍ତିଯୁକ୍ତ। ତେବେ ସେମାନେ ଯାହା ପାଇଛନ୍ତି, ତା'ଠୁ ଅଧିକ କିଛି ଚାହୁଁନାହାନ୍ତି। ସେମାନେ ସଂରକ୍ଷଣ ଚାହୁଁନାହାନ୍ତି ବା ମନ୍ଦିର ଚାହୁଁନାହାନ୍ତି ଏବଂ ସେମାନଙ୍କର ଅନ୍ୟ କୌଣସି ଦାବି ନାହିଁ। କେବଳ ସେମାନେ ଚାହାନ୍ତି, ସେମାନଙ୍କୁ ହଇରାଣ କରା ନ ଯାଉ। ସେଥିପାଇଁ ଏହି ଆନ୍ଦୋଳନ ହେଉଛି ସ୍ୱତନ୍ତ୍ର, ଯାହା ଏ ସରକାରକୁ ଅଡୁଆରେ ପକାଇଦେଇଛି। ସରକାର ଆଗକୁ କ'ଣ କରିବେ ବା ନ କରିବେ ସେଥିନେଇ ସନ୍ଦେହରେ ଅଛନ୍ତି। କ'ଣ ଘଟିବ ତାହା ସରକାରଙ୍କ ନିୟନ୍ତ୍ରଣରେ ନାହିଁ, ଯାହା ଉଦ୍‌ବେଗଜନକ। ବିଶ୍ୱ ସମୁଦାୟ ଭାରତ ଉପରେ ନଜର ରଖିଛି ଏବଂ ମୋଦି ସରକାର ଚାପରେ ଅଛନ୍ତି। କେବଳ ମୋହାଥିର ମହମ୍ମଦ ବା ଆମେରିକା କଂଗ୍ରେସ ସଦସ୍ୟା ପ୍ରମିଳା ଜୟପାଲ ମୋଦି ସରକାରକୁ କଶ୍ମୀର ଓ ନାଗରିକତ୍ୱକୁ ନେଇ ଯାହା ଚାଲିଛି ତାକୁ ବନ୍ଦ କରିବାକୁ କହିନାହାନ୍ତି। ଭାରତ ନିଜ ନାଗରିକଙ୍କ ଉପରେ ଦମନଲୀଳା ଚଳାଇଛି ବୋଲି ଯେଉଁ ଅଭିଯୋଗ ହେଉଛି, ତାହା ବିରୋଧରେ ସଫେଇ ଦେବା ଲାଗି ଭାରତ ପାଖରେ କିଛି ନାହିଁ। ତେଣୁ ସରକାର ଆନ୍ଦୋଳନକୁ ଯୁକ୍ତିଯୁକ୍ତ ବୋଲି ମାନିନେବା ସହ ପ୍ରଣୀତ ଜନବିରୋଧୀ ଆଇନଗୁଡ଼ିକୁ ପ୍ରତ୍ୟାହାର କରିନେବା ଏବଂ ପ୍ରସ୍ତାବିତ ସର୍ଭେ ବନ୍ଦ କରିବା ଛଡ଼ା ଅନ୍ୟ ପନ୍ଥା ନାହିଁ, ଯାହାଦ୍ୱାରା ଆନ୍ଦୋଳନକୁ ପ୍ରଶମିତ କରିହେବ। ଆମେ ଆଶା କରୁଛୁ ବିଶ୍ୱର ଅନ୍ୟତମ ପ୍ରବୀଣ ରାଜନୀତିଜ୍ଞ ଆମ ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଏ କଥା ବୁଝି ଠିକ୍ ପଦକ୍ଷେପ ଗ୍ରହଣ କରିବେ।

Email: aakar.patel@gmail.com

# ମସ୍ତିଷ୍କ ଓ ହୃଦୟ



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ଏକ ପୂର୍ଣ୍ଣ ମାନବୀୟ ଉତ୍ତରଣ ପାଇଁ ସୃଷ୍ଟିର ବଡପଣ୍ଡା ଭାବେ ବିବେଚିତ ମଣିଷମାନଙ୍କ ନିମନ୍ତେ ସ୍ରଷ୍ଟାଙ୍କର ସବୁଠୁ ବଡ଼ ବରଦାନ ମସ୍ତିଷ୍କ ଓ ହୃଦୟ। ମେଧାଶକ୍ତିର କେନ୍ଦ୍ର ମସ୍ତିଷ୍କ ଯାହାର ଯେତେ ଉନ୍ନତ ଓ ଉର୍ବର, ସେ ଅନ୍ୟ ସାଧାରଣଙ୍କ ତୁଳନାରେ ସେତେ ଅସାଧାରଣ, ସେତେ ଅନନ୍ୟ। ବିଜ୍ଞତାରେ ଉନ୍ନତ ମସ୍ତିଷ୍କର ଅଧିକାରୀମାନେ ଜଣେ ଜଣେ ବିରଳ ବ୍ୟକ୍ତିତ୍ୱ। ସେହିପରି ଯାହାର ହୃଦୟ ଯେତେ କୋମଳ, ଯେତେ ବିଶାଳ, ମଣିଷ ଭାବେ ସେ ସେତିକି ଭିନ୍ନ, ସେତେ ଅନନ୍ୟ। ସ୍ନେହ, ମମତା, ଦୟା, କରୁଣା, ପ୍ରେମ ଓ ସମ୍ବେଦନା ଆଦି ଦିବ୍ୟ ଗୁଣ ଶରୀରର ଯେଉଁ ଅଦୃଶ୍ୟ ଅଙ୍ଗରୁ ଝରି ମଣିଷକୁ ଈଶ୍ୱରଙ୍କ ସମୀପବର୍ତ୍ତୀ କରିଥାଏ, ସେଇ ଅଙ୍ଗର ନାମ ହୃଦୟ। ସୁତରାଂ ଚିନ୍ତନ, ମନ୍ଥନ, ରୋମନ୍ଥନ ବା ବ୍ୟାଖ୍ୟା ବିଶ୍ଳେଷଣ ଆଦି ଯେତେ ଯାହା ଚେତନା ସମ୍ବଳିତ କାର୍ଯ୍ୟ, ତାହାର ଦାୟିତ୍ୱ ମସ୍ତିଷ୍କ ଉପରେ ଥିଲାବେଳେ ହୃଦୟ ପରିସରରେ ଥାଏ ସେବା, ଶୁଶ୍ରୂଷା, କୃପା, ଅନୁକମ୍ପା ବା ପର ଦୁଃଖ ଦେଖି ନିଜେ ଦ୍ରବୀଭୂତ ହେବା ଭଳି ବିରଳ ଦିବ୍ୟ ଅନୁଭବ।

ତେବେ ମଗଜ ଓ ହୃଦୟ ଏକ ସଙ୍ଗେ ଏକାଠି ଅବସ୍ଥାନ କରିବା କ'ଣ ମନା। ଉର୍ବର ମଗଜର ଅଧିକାରୀ ହୋଇଥିବା ମଣିଷଟିକୁ ହୃଦୟବାନ ହେବା ପାଇଁ କ'ଣ ବାରଣ ଅଛି ନା ସହୃଦୟ ସମ୍ବେଦନଶୀଳ ମଣିଷକୁ ମେଧାସମ୍ପନ୍ନ ହେବା ପାଇଁ କିଛି ଅଭିଶାପ ଅଛି? ବୋଧହୁଏ ଏପରି କିଛି ନାହିଁ। ତେବେ ଆମ ସମାଜରେ କେବେ କେଉଁଠି ଏମିତି କିଛି ଚରିତ୍ରଙ୍କ ସହ ସାମ୍ନାସାମ୍ନି ହୋଇଯାଏ, ଯାହା ବିଜ୍ଞତା ଓ ହୃଦୟବତ୍ତାର ସହାବସ୍ଥାନକୁ ନେଇ ମନରେ ସନ୍ଦେହ ସୃଷ୍ଟି କରେ। ମନେହୁଏ, ସତେ ଯେମିତି ମସ୍ତିଷ୍କ ଓ ହୃଦୟ ଦୁହେଁ ଦୁଇଟି ସମାନ୍ତରାଳ ରେଖାରେ ହିଁ ଗତି କରିବାକୁ ଉଦ୍ଦିଷ୍ଟ। ଏମାନେ ଗୋଟିଏ ବିନ୍ଦୁରେ ମିଳିତ ହେଲେ ଆକାଶଟା ଯେମିତି ଛିଡିପଡିବ! ବିଦୀର୍ଣ୍ଣ ହୋଇଯିବ ବସୁଧା!

ଜଣେ ଡାକ୍ତରଙ୍କ କଥା। ଅତ୍ୟନ୍ତ ଉର୍ବର ମସ୍ତିଷ୍କର ଅଧିକାରୀ ନ ହେଲେ ସାଧାରଣ ଭାବେ ଡାକ୍ତର ହେବାର ସୁଯୋଗ ମିଳେନା। ସେମିତି ମେଧାବୀ ଥିଲେ ବୋଲି ଏ ଡାକ୍ତର ଅନ୍ୟ ବହୁ ଛାତ୍ରଙ୍କୁ ପଛରେ ପକାଇ ଡାକ୍ତରୀ ଶାସ୍ତ୍ର ପଢିବାର ସୁଯୋଗ ପାଇଥିଲେ ଓ ହାସଲ କରିଥିଲେ ଦ୍ୱିତୀୟ ଈଶ୍ୱର ବୋଲାଇବାର ମହାର୍ଘ ସନନ୍ଦପତ୍ର। ଅଥଚ ପୁଳାଏ ଅର୍ଥ ଅର୍ଜନ କରିବାର ତାଙ୍କର ଭୟଙ୍କର ପ୍ରବଣତା ଯିଏ ପ୍ରତ୍ୟକ୍ଷ କରିଛି, ମୁଁ କେବଳ ଧନୀ ଲୋକଙ୍କ ଡାକ୍ତର, ଗରିବଙ୍କର ନୁହେଁ ବୋଲି ତାଙ୍କର ଔଦ୍ଧତ୍ୟପୂର୍ଣ୍ଣ ଆସ୍ଫାଳନ ଯିଏ କାନରେ ଶୁଣିଛି, ସେ ହିଁ ଜାଣିଛି କେତେ ଉତ୍କଟ ହୋଇପାରେ ମେଧାବୀ ଈଶ୍ୱରଙ୍କ ନିଦାରୁଣ ହୃଦୟହୀନତା! ରୋଗଜ୍ୱାଳାରେ ଜଳି ଜଳି ଚିକିତ୍ସା ଚନ୍ଦନର ଶୀତଳତା ଆଶାରେ ଡାକ୍ତରଙ୍କ ପାଖକୁ ଦୌଡି ଆସିଥିବା ରୋଗୀମାନେ ସବୁବେଳେ ଧନୀ ହୋଇ ନ ପାରନ୍ତି। ଚିକିତ୍ସା ବ୍ୟୟ ସମ୍ଭାଳିବାର ସାମର୍ଥ୍ୟ ସବୁ ରୋଗୀଙ୍କର ଥାଇ ନ ପାରେ। ଏମିତି ରୋଗୀମାନଙ୍କୁ ରୋଗମୁକ୍ତ କରିବାକୁ ଚିକିତ୍ସକଙ୍କ ମସ୍ତିଷ୍କର ମେଧାପଣ ଅପେକ୍ଷା ଅଧିକ ଯାହା ଲୋଡାପଡେ, ତାହା ହେଉଛି ତାଙ୍କ ସହୃଦୟତା। ରୋଗ ସିନା ଧନୀ ଗରିବ ଦେଖେନା, ମାତ୍ର ରୋଗର ଚିକିତ୍ସା କରୁଥିବା ଚିକିତ୍ସକ ତ ଗରିବ ରୋଗୀର ଦୟନୀୟ ଅସାମର୍ଥ୍ୟ ଦେଖିପାରନ୍ତେ! କିନ୍ତୁ ନିଜ ମସ୍ତିଷ୍କର ମୂଲ୍ୟ ଆଦାୟ କରିବାକୁ ଯେଉଁମାନେ ଡାକ୍ତର ହୋଇଛନ୍ତି ଓ ଅର୍ଥ ମୋହରେ ଅନ୍ଧ ହୋଇ ଯେଉଁମାନେ ନିଜ ହୃଦୟଟିକୁ କେଉଁଠି ହଜାଇ ଦେଇଛନ୍ତି, ସେମାନେ ତ ସ୍ୱୟଂ ରୋଗଗ୍ରସ୍ତ! ସୁତରାଂ ପକେଟରେ ଟଙ୍କା ନ ପଶିଲେ ଅପରେଶନ ଥିଏଟରକୁ ଯିବିନାହିଁ ଓ ଯେତେ ଯାହା ଅନାବଶ୍ୟକ ପରୀକ୍ଷା ନ କଲେ ବ୍ୟବସ୍ଥାପତ୍ର ଲେଖିବି ନାହିଁ ବୋଲି କହୁଥିବା ଡାକ୍ତରଙ୍କଠୁ ଅଧିକ କ'ଣ ଆଶା କରାଯାଇପାରେ!

ଆଉ ଜଣେ ପ୍ରଶାସକଙ୍କ କଥା। ମସ୍ତିଷ୍କ ଦୃଷ୍ଟିରୁ ଦେଖିବାକୁ ଗଲେ ଜଣେ ପ୍ରଶାସକ ଅନ୍ୟ ସବୁ ବର୍ଗର ଅଧିକାରୀଙ୍କଠୁ ଅଧିକ ମେଧାସମ୍ପନ୍ନ। ପ୍ରଜ୍ଞା। ପରୀକ୍ଷାରେ ସହସ୍ର ସହସ୍ର ପ୍ରତିଯୋଗୀଙ୍କୁ ପଛରେ ପକାଇ, ନିଜ ପାଣ୍ଡିତ୍ୟ ଓ ପାରଦର୍ଶିତାର ପ୍ରମାଣ ଦେଇ ପ୍ରଶାସନିକ ପଦବୀ ମଣ୍ଡନ କରିବା ମାମୁଲି ବିଷୟ ନୁହେଁ। ଶାଣିତ ମଗଜର ଅଧିକାରୀ ହୋଇଥିବା ହେତୁ ଏମାନେ ପ୍ରଶାସନିକ ଅଧିକାରୀ ହୋଇଥାନ୍ତି ଓ ଥରେ ପ୍ରଶାସକ ହୋଇଗଲେ ଶିଳ୍ପଠାରୁ କୃଷି ଯାଏ ଓ ଶିକ୍ଷାଠାରୁ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ସବୁ ବିଷୟରେ ବିଶାରଦ ରୂପେ ବିବେଚିତ ହୁଅନ୍ତି। ଏମାନେ ନିଜ ନିଜର ପଦବୀକୁ ନେଇ ଏମିତି ଶକ୍ତିମାନ ହୋଇଯାନ୍ତି ଯେ ଏମାନଙ୍କ ଗୋଟିଏ କଲମ ଗାରରେ ଦୁଃଖୀର କୋଟିଏ ଦୁଃଖ ଦୂର ହୋଇପାରେ। ପୁଣି ଏମାନଙ୍କ ବିଷଦୃଷ୍ଟିରେ ଜଳିପୋଡି ଛାରଖାର ହୋଇପାରେ କାହା କାହା ସୁଖର ସାମ୍ରାଜ୍ୟ।

ସେଇ ପ୍ରଶାସକ ମହୋଦୟଙ୍କୁ ସାକ୍ଷାତ କରି ନିଜର ଦୁଃଖ ଜଣାଇବାକୁ ଯାଇଥିଲେ ଜଣେ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ। ନିଜ ଅବସରର ବର୍ଷକ ପରେ ବି ପେନ୍‌ସନ ମିଳୁ ନ ଥିବାରୁ ବିଭାଗର ସର୍ବୋଚ୍ଚ ହାକିମଙ୍କ ହସ୍ତକ୍ଷେପ ଲୋଡିବାକୁ ରାଜଧାନୀ ଆସିଥିଲେ ସେ। ଅଥଚ ଦୁଇଦିନ କାଳ ଅପେକ୍ଷା କରି ମଧ୍ୟ ତାଙ୍କ ସାକ୍ଷାତ ମିଳିଲା ନାହିଁ। 'ସାର୍ ମିଟିଂରେ ବ୍ୟସ୍ତ ଅଛନ୍ତି, ସାର୍ ଏବେ ଫାଇଲ କାମ କରୁଛନ୍ତି, ସାର୍ ଲଞ୍ଚ ପାଇଁ ବାହାରିଲେଣି' ଆଦି ନାନା କୈଫିୟତ ସିନା ମିଳୁଥିଲା ସାର୍‌ଙ୍କ ଘରୋଇ ସହାୟକଙ୍କଠାରୁ ହେଲେ ସାର୍‌ଙ୍କ ଦର୍ଶନ ମିଳୁ ନ ଥିଲା। ତୃତୀୟ ଦିନ ଅପେକ୍ଷାକୃତ ଅନୁର୍ବର ମସ୍ତିଷ୍କସମ୍ପନ୍ନ ପ୍ରାଇଭେଟ ସେକ୍ରେଟାରୀଙ୍କ ହୃଦୟ ତରଳିଗଲା। ସେ ପ୍ରଶାସକଙ୍କ ଦୃଷ୍ଟି ଆକର୍ଷଣ କଲେ। ଏକଥା ବି ଜଣାଇଲେ ଯେ ଦୀର୍ଘ ତିନିଦିନ ହେଲା ସାକ୍ଷାତ ପାଇଁ ଦୌଡୁଥିବା ଲୋକଟି ମାତ୍ର ତିନି ମିନିଟରେ ତାଙ୍କ ଦୁଃଖ ଜଣାଇ ଫେରିଯିବେ। ମାତ୍ର ରାଜ୍ୟର ଦୁଃଖ ଦୂର କରିବାରେ ବ୍ୟସ୍ତ ରହୁଥିବା ପ୍ରଶାସକଙ୍କ ନିକଟରେ କାହାର ବ୍ୟକ୍ତିଗତ ଦୁଃଖ ଶୁଣିବା ପାଇଁ ସମୟ ନ ଥିଲା। ସାକ୍ଷାତ ପାଇଁ ଅନୁମତି ମିଳିଲା ନାହିଁ। ପର ସପ୍ତାହର ଅଭିଯୋଗ ଦିବସରେ ଆସିବାକୁ କହି ବିଦାୟ କରି ଦିଆଗଲା ସେଇ ଅବସରପ୍ରାପ୍ତ ଶିକ୍ଷକଙ୍କୁ, ଯାହାଙ୍କ ଭଳି ଅନ୍ୟ କାହାଠାରୁ ନିଜର ପ୍ରାଥମିକ ଶିକ୍ଷା ଗ୍ରହଣ କରି ଜଣେ ପ୍ରଶାସକ ଚୌକିରେ ବସିବାର ଯୋଗ୍ୟତା ହାସଲ କରିଥାନ୍ତି!

ପଇସା ନ ଥିବା ଗରିବ ଲୋକଙ୍କୁ ଚିକିତ୍ସା କଲେ ଡାକ୍ତରଙ୍କ ଧନ୍ୱନ୍ତରୀପଣର ମାନ ହ୍ରାସ ପାଇଯିବ! ନିର୍ଦ୍ଦିଷ୍ଟ ତିଥି ବାହାରେ ଦୁଃଖ ଜଣାଇବାକୁ ଆସିଥିବା ଲୋକଟିର କଥା ଶୁଣିଲେ ପ୍ରଶାସକଙ୍କ ହାକିମପଣର ଅପମାନ ହେବ! ଏ କେବଳ ଦୁଇଟି ଦୃଷ୍ଟାନ୍ତ ନୁହେଁ ବରଂ ଦୁଇପ୍ରକାର ଦୃଷ୍ଟାନ୍ତ, ଯାହାର ସଂଖ୍ୟା ଗଣିବାକୁ କାହାର ସମୟ ନାହିଁ, ସ୍ପୃହା ବି ନାହିଁ। ନିଜ ନିଜର ଚୌକିକୁ ନେଇ ବଡପଣ ପ୍ରକଟ କରୁଥିବା ବଡଲୋକଙ୍କ ପଟିଆରା ସବୁ ଏହିଭଳି। ଏମାନଙ୍କ ବଡପଣ ସର୍ବଦା ମସ୍ତିଷ୍କ ଦ୍ୱାରା ହିଁ ନିୟନ୍ତ୍ରିତ। ବୃତ୍ତିଗତ କାର୍ଯ୍ୟରେ ନିୟୋଜିତ ଥିଲାବେଳେ ଏମାନେ ନିଜ ହୃଦୟକୁ ଛୁଟିରେ ପଠାଇ ଦିଅନ୍ତି।

ଡାକ୍ତର ହୁଅନ୍ତୁ କି ପ୍ରଶାସକ ଅବା ଅନ୍ୟ କେହି ବୃତ୍ତିଧାରୀ, ଯେଉଁମାନେ ନିଜର ମଗଜ ବଳରେ ଆପଣା ଆସନର ଅଧିକାରୀ ହୋଇ ପାରିଛନ୍ତି, ସେମାନେ ହୃଦୟବାନ ନ ହୁଅନ୍ତୁ ଭଲ କଥା। ନିଜର ମସ୍ତିଷ୍କ ଖଟାଇ କରଣୀୟ ଅକରଣୀୟ ମଧ୍ୟରେ ପାର୍ଥକ୍ୟ ଦେଖି କାମ କରନ୍ତୁ ମନା ନାହିଁ, ହେଲେ ଯେଉଁ ସାଧାରଣ ଜନତାଙ୍କ ସେବା କରିବା ପାଇଁ ସେମାନଙ୍କୁ ମହାର୍ଘ ଅଧିକାର ମିଳିଛି, ନିଜ ଆଚରଣରେ ସେଇ ଅଧିକାରର ଅବମାନନା କରିବା କେତେଦୂର ଯୁକ୍ତିଯୁକ୍ତ, ଏହା ବୁଝିବା ପାଇଁ ହୃଦୟ ନୁହେଁ, ସେଇ ମସ୍ତିଷ୍କ ହିଁ ଲୋଡା। ଅଥଚ ବିଡମ୍ବନାର ବିଷୟ ଏହା ଯେ, ଯେଉଁଠି ବ୍ୟକ୍ତିର ପରିଚୟ ପଦବୀର ଅହଙ୍କାର ଓ ଔଦ୍ଧତ୍ୟ ଦ୍ୱାରା ଆକ୍ରାନ୍ତ ହୋଇଥାଏ, ସେଠି କେବଳ ହୃଦୟ ନୁହେଁ, ମସ୍ତିଷ୍କ ବି ନିର୍ବାସନରେ ଚାଲି ଯାଇଥାଏ। ବାକି କେବଳ ପଡି ରହିଥାଏ ଏକ ଯନ୍ତ୍ରଚାଳିତ ଶରୀର !

ବିଶ୍ୱବିଜୟୀ ସ୍ୱାମୀ ବିବେକାନନ୍ଦ ଆମେରିକାର ଏକ ସହରକୁ ଯାତ୍ରା କରୁଥାନ୍ତି। କେଇଦିନ ପୂର୍ବରୁ ଶିକାଗୋ ଧର୍ମ ମହାସଭାରେ ନିଜ ଜ୍ୱାଳାମୟୀ ବକ୍ତୃତା ପାଇଁ ଢେର ପ୍ରସିଦ୍ଧି ଲାଭ କରିଥିବା ଏହି ଚର୍ଚ୍ଚିତ ମହାନାୟକଙ୍କୁ ସମ୍ବର୍ଦ୍ଧନା ଜଣାଇବାକୁ ଷ୍ଟେଶନର ପ୍ଲାଟଫର୍ମ ଲୋକାରଣ୍ୟ ହୋଇ ଯାଇଥାଏ। ତାଙ୍କ ଜୟଜୟକାରରେ ଗଗନପବନ ମୁଖରିତ ହୋଇ ଉଠୁଥାଏ। ଅସ୍ପୃଶ୍ୟ ଇତର ନିଗ୍ରୋ କୁଲିଟିଏ ବିଶାଳ ଜନଭିଡ ଭେଦ କରି ନ ପାରି ଖଣ୍ଡେ ଦୂରରୁ ଏହି ତରୁଣ ତପସ୍ୱୀଙ୍କୁ ଏକ ଲୟରେ ଚାହିଁ ରହିଥାଏ। ସ୍ୱାମିଜୀଙ୍କ ଭଳି ଏକ ପୁଣ୍ୟ ପୁରୁଷଙ୍କ ସାକ୍ଷାତ ସଂସ୍ପର୍ଶରେ ଆସିପାରୁ ନ ଥିବା ଦୁଃଖରେ ଦ୍ରବୀଭୂତ ହୋଇ ଯାଉଥାଏ ତା'ର ଶରୀର ଓ ଆତ୍ମା!

କୁଲିଟି ଉପରେ ବିବେକାନନ୍ଦଙ୍କ ଦୃଷ୍ଟି ପଡିଲା। ସେ ତାକୁ କିଛି ସମୟ ଚାହିଁଲେ ଓ ପରେ ପରେ ଭିଡ ଭେଦ କରି ତା' ନିକଟକୁ ଆଗେଇଗଲେ। ସେ ଯାଏ ତଟସ୍ଥ ହୋଇ ତାଙ୍କୁ ଚାହିଁ ରହିଥିବା କୁଲିଟି ନିକଟରେ ପହଞ୍ଚି 'ମୋ ଭାଇ' ବୋଲି କହି ତାକୁ ନିବିଡ ଆଲିଙ୍ଗନରେ ବାନ୍ଧି ପକାଇଲେ ସ୍ୱାମିଜୀ। ପରମ ତୃପ୍ତିରେ ନିଗ୍ରୋଟିର ଦୁଇ ଆଖିରୁ ଲୁହ ଦୁଇଟୋପା ଝରିପଡିଲା। ତା' ସହ ଦୁଇ ପଦ କଥା ହୋଇ ଷ୍ଟେଶନ ବାହାରକୁ ବାହାରିଲା ମାତ୍ରେ ନିଭୃତରେ ତାଙ୍କର ଜଣେ ଗୋରା ଶିଷ୍ୟ ସ୍ୱାମିଜୀଙ୍କୁ ଚେତାଇ ଦେଲେ, 'ଏ ଘୃଣ୍ୟ କଳା ଲୋକମାନଙ୍କୁ ଏମିତି ସର୍ବସାଧାରଣରେ କୋଳେଇ ନିଅନ୍ତୁ ନାହିଁ ସ୍ୱାମିଜୀ! ଏପରି ହେଲେ ଗୋରାମାନେ ଆପଣଙ୍କଠୁ ଦୂରେଇଯିବେ।'' ଚରମ ଉତ୍ତେଜନାରେ ଥରି ଉଠିଲେ ବିଦ୍ରୋହୀ ସନ୍ୟାସୀ ବିବେକାନନ୍ଦ। କହିଲେ, ''କେବଳ ଗୋରାମାନଙ୍କ ପାଇଁ ମୁଁ କ'ଣ ଏ ପୃଥିବୀକୁ ଆସିଛି? ବରଂ କଳାମାନଙ୍କ ସାନ୍ନିଧ୍ୟ ହିଁ ମୋର କାମ୍ୟ!''

ଏଇଠି ମନରେ ପ୍ରଶ୍ନଟିଏ ଆସେ। ନିଜ ସ୍ୱଳ୍ପ ଜୀବନକାଳ ମଧ୍ୟରେ ଏକ ଉନ୍ନତ ମସ୍ତିଷ୍କ ସହ ବିଶାଳ ହୃଦୟ ନେଇ ଅଜସ୍ର କୀର୍ତ୍ତି ଅର୍ଜନ କରିଥିବା ସ୍ୱାମୀ ବିବେକାନନ୍ଦ କେଉଁଥିପାଇଁ ଥିଲେ ଅଧିକ ପ୍ରସିଦ୍ଧ? ଶିକାଗୋ ଧର୍ମସଭାରେ ପ୍ରଦର୍ଶନ କରିଥିବା ନିଜର ଅକଳ୍ପନୀୟ ପାଣ୍ଡିତ୍ୟ ପାଇଁ ନା ମହାମାରୀ ପ୍ଲେଗ୍ ଅଧ୍ୟୁଷିତ ପାଟନାରେ ପ୍ରପୀଡିତ ଜନତାଙ୍କ ସେବା ପାଇଁ? ସାମ୍ପ୍ରତିକ ସମାଜର ବହୁବିଧ ବିବିଧତା ମଧ୍ୟରେ କେବଳ ଗୋରାମାନଙ୍କୁ କୋଳେଇ ନେଇ କଳାମାନଙ୍କୁ ଦୂର୍ ଦୂର୍ କରୁଥିବା ଡାକ୍ତର, ପ୍ରଶାସକ ଓ ସେହିଭଳି ଅନ୍ୟ ଅଧିକାରୀମାନେ ବେଶି ମସ୍ତିଷ୍କ ଓ କମ୍ ହୃଦୟ ନେଇ ବଞ୍ଚୁଥିବା ବେଳେ ଏକାନ୍ତରେ ନିଜକୁ ପ୍ରଶ୍ନ କରିବା ଉଚିତ– 'ସେମାନେ କ'ଣ ବିବେକାନନ୍ଦଙ୍କଠାରୁ ଅଧିକ ଉନ୍ନତ ମସ୍ତିଷ୍କର ଅଧିକାରୀ? ସେମାନେ କ'ଣ ସ୍ୱାମିଜୀଙ୍କଠୁ ଅଧିକ ପ୍ରାଜ୍ଞ, ଅଧିକ ମେଧାସମ୍ପନ୍ନ?

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇସିହାଣି,
ଭୁବନେଶ୍ୱର, ମୋ–୮୮୯୫୬୨୪୧୦୫

# ମୁଦ୍ରାନୀତି ବିଶାରଦ

ଭାରତ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛି। ଅର୍ଥନୀତିକୁ ସୁଧାରିବା ଦିଗରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବିଶେଷକରି ଉତ୍ତମ ମୁଦ୍ରାନୀତି ପରିଚାଳନା କରିବା ଏହି ଶୀର୍ଷ ବ୍ୟାଙ୍କର ପଦକ୍ଷେପ ଉପରେ ନିର୍ଭର କରେ। ଏବେ ଏହି ବିଭାଗ ଦାୟିତ୍ୱ ଜଣେ ଓଡ଼ିଆ ଅଧିକାରୀ ମାଇକେଲ ଦେବବ୍ରତ ପାତ୍ରଙ୍କ ଉପରେ ନ୍ୟସ୍ତ କରାଯାଇଛି। ବିରଲ ଆଚାର୍ଯ୍ୟ ଆର୍‌ବିଆଇ ଡେପୁଟୀ ଗଭର୍ନର ପଦବୀରୁ ୬ ମାସ ତଳେ ଇସ୍ତଫା ଦେବା ପରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିବା ପାତ୍ରଙ୍କୁ ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ କମିଟି ନିକଟରେ ଏହି ନିଯୁକ୍ତି ଦେଇଛି। ଉଲ୍ଲେଖଯୋଗ୍ୟ ଯେ, ଅନ୍ୟତମ ଓଡ଼ିଆ ଶକ୍ତିକାନ୍ତ ଦାସ ଏହି କେନ୍ଦ୍ରୀୟ ବ୍ୟାଙ୍କର ଗଭର୍ନର ଭାବେ ଶୀର୍ଷ ପଦବୀ ମଣ୍ଡନ କରିଛନ୍ତି।

ବ୍ୟକ୍ତିତ୍ୱ



ମାଇକେଲ ଦେବବ୍ରତ ପାତ୍ର

କଟକଠାରେ ଜନ୍ମିତ ମାଇକେଲ ପାତ୍ର ସେତେବେଳେ ରେଭେନ୍‌ଶା ମହାବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକ ଡିଗ୍ରୀ ଅର୍ଜନ କରିବା ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ବମ୍ବେ ଆଇଆଇଟିରୁ ଅର୍ଥନୀତିରେ ସେ ପିଏଚ୍‌ଡି କରିଥିଲେ। ଏହା ପରେ ଫାଇନାନ୍ସିଆଲ ଷ୍ଟାବିଲିଟି ଉପରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରୁ ପୋଷ୍ଟ ଡକ୍ଟରାଲ କରିଥିଲେ। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ରୁ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫାଇନାନ୍ସିଆଲ ପ୍ରୋଗ୍ରାମିଂ ଆଣ୍ଡ୍ ପଲିସି ଏବଂ ବ୍ୟାଙ୍କ ଅଫ୍ ଇଂଲଣ୍ଡରୁ ବ୍ୟାଙ୍କିଙ୍ଗ୍ ଷ୍ଟଡିଜ୍ ଉପରେ ପ୍ରଶିକ୍ଷଣ ନେଇଥିବା ପାତ୍ର ୧୯୮୫ରେ ଆର୍‌ବିଆଇରେ ଯୋଗ ଦେଇଥିଲେ। ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ପ୍ରୟୋଗାତ୍ମକ ଅଭିଜ୍ଞତା ତାଙ୍କୁ ମୁଦ୍ରାନୀତି ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଦବୀରେ ପହଞ୍ଚିବା ଲାଗି ସୁଯୋଗ ଦେଇଥିଲା। ସେ ୨୦୦୮ରୁ ୨୦୧୨ ଯାଏ ଆଇଏମ୍ଏଫ୍‌ରେ ଥିବା ଭାରତୀୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପାଣ୍ଠି)ଙ୍କ ବରିଷ୍ଠ ଉପଦେଷ୍ଟା ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି।

ଭାରତରେ କ୍ରମାଗତ ମୁଦ୍ରାସ୍ଫୀତି ଘଟୁଥିବାରୁ ଅର୍ଥନୀତିଜ୍ଞ ଓ ନୀତି ନିର୍ଦ୍ଧାରକମାନେ ବ୍ୟସ୍ତ ହୋଇପଡ଼ିଲେଣି। ୨୦୧୯ ଡିସେମ୍ବରରେ ଗ୍ରୋଥ୍–ଇନ୍‌ଫ୍ଲାସନ ଡାଇନମିକ୍ସ ୭.୩୫%ରେ ପହଞ୍ଚି ବିଗତ ୬ ବର୍ଷର ରେକର୍ଡ ଭାଙ୍ଗିଦେଇଛି। ଏପରିକି ପନିପରିବା ଦର ଅକାଶଛୁଆଁ ହୋଇ ଆର୍‌ବିଆଇ ଯେଉଁ ଟାର୍ଗେଟ ରଖିଥିଲା ତାହାକୁ ଅତିକ୍ରମ କରିଯାଇଛି। ତେଣୁ ଏସବୁକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ଲାଗି ନୂଆ ଡେପୁଟୀ ଗଭର୍ନରଙ୍କ ଉପରେ ଗୁରୁଦାୟିତ୍ୱ ପଡ଼ିଛି। ପାତ୍ର ଆର୍‌ବିଆଇର ମୁଦ୍ରାନୀତି ବିଭାଗ ସହ ଫାଇନାନ୍ସିଆଲ୍ ମାର୍କେଟସ୍ ଅପରେଶନ ବିଭାଗ, ଫାଇନାନ୍ସିଆଲ୍ ମାର୍କେଟସ୍ ରେଗୁଲେଶନ ବିଭାଗ, ଅନ୍ତର୍ଜାତୀୟ ବିଭାଗ, ଅର୍ଥନୀତି ଓ ନୀତି ଗବେଷଣା ବିଭାଗ, ପରିସଂଖ୍ୟାନ ଓ ସୂଚନା ପରିଚାଳନା ବିଭାଗ, କର୍ପୋରେଟ୍ ଷ୍ଟ୍ରାଟେଜି ଓ ବଜେଟ ବିଭାଗ ଏବଂ ଫାଇନାନ୍ସିଆଲ ଷ୍ଟାବିଲିଟି ୟୁନିଟ୍‌ର ତତ୍ତ୍ୱାବଧାରକ ରହିବେ। ଯେହେତୁ ମାଇକେଲ ପାତ୍ର ମୁଦ୍ରାନୀତି ବିଭାଗର ଡେପୁଟୀ ଗଭର୍ନର ଭାବେ ଦାୟିତ୍ୱ ନେଇଛନ୍ତି, ସେହେତୁ ସେ ମନିଟାରୀ ପଲିସି କମିଟିର ଏକ୍ସ–ଅଫିସିଓ ସଦସ୍ୟ ରହିଛନ୍ତି। ସୁଧହାର ନିର୍ଦ୍ଧାରଣ କରିବାରେ ମାଇକେଲ ପାତ୍ରଙ୍କ ଅଗାଧ ଜ୍ଞାନ ଥିବାରୁ ସେ ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ଆଣିବାରେ ସଫଳ ହୋଇପାରନ୍ତି ବୋଲି କୁହାଯାଉଛି। ଶକ୍ତିକାନ୍ତ ଆର୍‌ବିଆଇ ଗଭର୍ନର ହେବା ପରେ ମାଇକେଲ ପାତ୍ର କ୍ରମାଗତ ସୁଧହାର କମାଇବା ଲାଗି ନିଆଯାଉଥିବା ନିଷ୍ପତ୍ତିକୁ ସମର୍ଥନ କରିଥିଲେ। ତାଙ୍କ ମତରେ ଭାରତୀୟ ଅର୍ଥନୀତିକୁ ଆର୍ଥିକ ସହଯୋଗ ନିତାନ୍ତ ଜରୁରୀ ହୋଇପଡ଼ିଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିଲା। ମୁଦ୍ରାନୀତି ଉପରେ ତତ୍‌କ୍ଷଣାତ୍ ନିଷ୍ପତ୍ତି ନେଇ କାର୍ଯ୍ୟ କରୁଥିବାରୁ ମାଇକେଲ ପାତ୍ରଙ୍କୁ 'ମୁଦ୍ରାନୀତି ବିଶାରଦ' ବୋଲି ଆଖ୍ୟା ଦିଆଯାଇଛି। ଅର୍ଥନୀତି ଦୁଃସ୍ଥିତି ଦେଇ ଗତି କରୁଥିବାରୁ ତାଙ୍କ ନୂଆ ମୁଦ୍ରାନୀତି ଆଗାମୀ ଦିନରେ କିଭଳି ଦେଶକୁ ସାହାଯ୍ୟ କରିବ, ତାହା ଉପରେ ଅର୍ଥ ଓ ବଜାର ବିଶେଷଜ୍ଞଙ୍କ ନଜର।

– **ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଟ୍ରାଫିକ ନିୟମ ନ ମାନିଲେ ଚାଳକଙ୍କୁ ଜରିମାନା ଦେବାକୁ ପଡେ। କିନ୍ତୁ ଏହା ବଦଳରେ ସେମାନଙ୍କୁ ରଚନା ଲେଖିବାକୁ ପଡିଛି ଭୋପାଳରେ। ସଡ଼କ ସୁରକ୍ଷା ଆଇନ ଲାଗୁ ହେବା ପରେ ବିଭିନ୍ନ ସ୍ଥାନରେ ଚାଳକଙ୍କ ଉପରେ ଲାଗୁ କରାଯାଇଥିବା ଜରିମାନାକୁ ନେଇ ଚର୍ଚ୍ଚା ହେଉଥିବାବେଳେ ଏବେ ଏଭଳି ନିୟମକୁ ଅମାନ୍ୟ କରି ରଚନା ଲେଖିଛନ୍ତି ୧୫୦ ଜଣ ଦୁଇଚକିଆ ଚାଳକ। ଭୋପାଳ ଟ୍ରାଫିକ ପୋଲିସ ହେଲ୍‌ମେଟ ପିନ୍ଧି ନ ଥିବା ଚାଳକଙ୍କୁ ହେଲମେଟ ନ ପିନ୍ଧିବାର କାରଣ ସମ୍ପର୍କରେ ରଚନା ଲେଖିବାକୁ କହିଥିଲା। ଏହି ଅଭିଯାନ ସଡକ ସୁରକ୍ଷା ସପ୍ତାହ ଅବସରରେ ଆରମ୍ଭ କରାଯାଇ ଏଭଳି ଦଣ୍ଡ ବ୍ୟବସ୍ଥା କରାଯାଇଥିଲା ବୋଲି କୁହନ୍ତି ଭୋପାଳର ଯୁଗ୍ମ ପୋଲିସ ଅଧୀକ୍ଷକ ପ୍ରଦୀପ ଚୌହାନ। ଟ୍ରାଫିକ ନିୟମ ଭଙ୍ଗ କରିଥିବା ଚାଳକମାନେ ୧୦୦ଟି ଶବ୍ଦରେ ରଚନା ଲେଖିଥିଲେ। ଟ୍ରାଫିକ ନିୟମ ଉପରେ ସଚେତନତା ସୃଷ୍ଟି କରିବା ଲାଗି ଏହା କରାଯାଇଥିଲା ଓ ଲୋକମାନଙ୍କୁ ଟ୍ରାଫିକ ନିୟମ ସମ୍ପର୍କିତ ପ୍ରଚାରପତ୍ର ମଧ୍ୟ ବଣ୍ଟାଯାଇଥିଲା। ଟ୍ରାଫିକ ନିୟମ ମାନୁ ନ ଥିବା ଲୋକମାନଙ୍କ ପାଇଁ ଆଗକୁ ଏହି ଦଣ୍ଡ ବ୍ୟବସ୍ଥା ଜାରି ରହିବ ବୋଲି କହିଛନ୍ତି ଚୌହାନ।

## ଚିରନ୍ତନୀ

ମୋ ପ୍ରିୟ ସାଗରତୀରେ ନିରେଖିଛି
ସୁଦୂର ପଥେ
କେତେରେ ବିଳାପ କେତେ ହସଖେଳ
ବାଲୁକା ଚରେ।
ସାକ୍ଷୀ ତାହାର ଏ ନୀଳ ଆକାଶେ
ଶୁକ୍ର ତାରା
କରୁଣ ବେଦନା ଲୁଚାଇ ଚାହିଁଛି
ମରମଗତେ।
(ପାସୋରି ଦେଲିରେ ଶିମୁଳିପାଳ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 4 | | | | C | A | B | | | 3 | | 0 | | 8 |
| 9 | | B | 8 | 5 | 1 | | 2 | | | | | | | |
| 1 | | 0 | | 6 | | D | 9 | | C | | | | E | |
| | | | | | A | | 7 | | | | | | 3 | 9 |
| | | D | | | | C | | 4 | | | | | | |
| | | C | | 3 | | | | | E | | | | B | |
| | 8 | | 7 | 9 | D | | 6 | | | | | | | |
| E | 2 | | | | | 9 | | | | D | | | | 3 |
| | 9 | | E | 8 | | | | C | | | 1 | | | |
| | 0 | | | | | | E | | B | | | 5 | 7 | |
| | | 2 | 6 | E | 0 | 3 | | | | 5 | | | C | 1 |
| | 5 | 3 | | | | | | | 6 | 8 | B | | A | E |
| | | E | | A | | 7 | C | | | | 2 | | | |
| | 7 | 8 | 5 | | | 0 | | | D | E | | | 6 | |
| | C | | B | 2 | | | | | | A | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | A | C | 9 | D | B | 7 | 1 | 8 | 2 | 4 | 5 | 3 | 0 | E |
| E | 8 | 9 | 7 | 3 | A | 5 | 0 | D | B | C | 6 | 1 | 4 | 2 |
| 3 | B | 4 | 5 | 0 | 2 | C | E | 6 | 9 | A | 1 | 8 | D | 7 |
| 2 | 0 | 7 | 6 | 1 | C | A | 4 | 3 | E | D | 8 | 5 | 9 | B |
| D | 5 | 1 | 8 | 4 | E | B | 2 | 9 | 3 | 0 | 7 | A | 6 | C |
| 1 | 2 | 8 | 0 | C | 7 | 9 | B | 5 | 4 | E | A | 6 | 3 | D |
| B | 3 | 6 | 4 | E | 9 | 1 | C | 2 | 5 | 7 | D | 0 | A | 8 |
| 0 | 7 | 5 | A | B | D | 4 | 8 | E | 1 | 6 | 3 | C | 2 | 9 |
| 9 | 4 | D | 2 | 5 | 8 | 3 | 6 | A | 0 | B | C | 7 | E | 1 |
| A | C | E | 3 | 6 | 1 | 0 | D | 7 | 8 | 9 | 2 | 4 | B | 5 |
| 5 | 9 | 3 | D | 2 | 6 | 8 | 7 | 4 | A | 1 | E | B | C | 0 |
| C | D | 2 | 1 | 9 | 4 | 6 | 3 | 0 | 7 | 5 | B | E | 8 | A |
| 7 | 6 | 0 | C | A | 3 | E | 5 | B | D | 8 | 9 | 2 | 1 | 4 |
| 8 | 1 | B | E | 7 | 0 | D | A | C | 6 | 2 | 4 | 9 | 5 | 3 |
| 4 | E | A | B | 8 | 5 | 2 | 9 | 1 | C | 3 | 0 | D | 7 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଏମିତି ଯୁବକ ବି ଅଛନ୍ତି

ମହାଶୟ,

ମୁଁ ୫ ନମ୍ବର ଜାତୀୟ ରାଜପଥ ଉପରେ ବାଇକରେ ମହୁରାରୁ ଭୁବନେଶ୍ୱର ଗଲାବେଳେ କେହି ଜଣେ ମୋ ବାଇକକୁ ଧକ୍କା ଦେଇ ଚାଲିଗଲା। ମୁଣ୍ଡ ଫାଟି ରକ୍ତ ବୋହୁଥିଲା ଓ ହୋସ ବି ନ ଥିଲା। ଜଣେ ଯୁବକ ଭିଡ ଭିତରେ ସମସ୍ତଙ୍କୁ ଠେଲି ଆଉ ଜଣେ ଯୁବକଙ୍କ ସାହାଯ୍ୟରେ ମୋତେ ଗୋଟାଏ ଅଟୋରେ ସିଧା ଏମ୍‌ସକୁ ନେଇଗଲେ। ସେଠାରେ ଡାକ୍ତରଙ୍କୁ ଦେଖାଇ ମୋର ପ୍ରାରମ୍ଭିକ ଚିକିତ୍ସା ଆରମ୍ଭ କରିଦେଲେ। ମୋ ମୋବାଇଲର ଯେଉଁଟା ଶେଷ କଲ୍ ଥିଲା ସେହି ଫୋନକୁ ମୋର ଦୁର୍ଘଟଣା ବିଷୟରେ ଜଣାଇଦେଲେ। ସଙ୍ଗେ ସଙ୍ଗେ ମୋ ସ୍ତ୍ରୀ ପାଖରେ ଖବର ପହଞ୍ଚିଗଲା। ହସ୍ପିଟାଲରେ ମୁଁ ଥିବା ପର୍ଯ୍ୟନ୍ତ ସେ ଜଗି ବସିଥିଲେ। ମୋ ସ୍ତ୍ରୀ ତାଙ୍କୁ ପଚାରି ବୁଝିଥିଲା, ତାଙ୍କ ନାଁ ପବିତ୍ର। ଘର କଟକର ନିଆଳିମାଧବ। ଭୁମୁଭୁମାରେ ରହି କମ୍ପିଟିଭ ପରୀକ୍ଷା ପାଇଁ ପଢାପଢି କରୁଛନ୍ତି। ମୁଁ ସବୁବେଳେ ଟିଭି ଆଉ ଖବରକାଗଜରୁ ଅସାମାଜିକ ଯୁବକଙ୍କ ବିଷୟରେ ଜାଣୁଥିଲି। ଏବେ ଜାଣିଲି ପବିତ୍ର ପରି ପରୋପକାରୀ ଯୁବକ ଅଛନ୍ତି। ଭଗବାନ ତାଙ୍କର ମଙ୍ଗଳ କରନ୍ତୁ।

ଅକ୍ଷୟ ମହାନ୍ତି, ମହୁରା, ଭୁବନେଶ୍ୱର

### ଶରୀରର ଯତ୍ନ

ଲୋକମାନେ ଟଙ୍କାପଇସା, ସମ୍ପତ୍ତିବାଡି ଠୁଳ କରିବାରେ ବ୍ୟସ୍ତ ହେଉଛନ୍ତି। ଭଲ ଖାଇବାକୁ ଓ ପିନ୍ଧିବାକୁ ଯତ୍ନବାନ ହେଉଛନ୍ତି। ମାତ୍ର ଏ ଶରୀର ରୋଗର ଗନ୍ତାଘର। ତାହା କିପରି ସୁସ୍ଥ, ସବଳ ରହିବ ସେଥିପ୍ରତି ଯତ୍ନବାନ ହେବା ନିହାତି ଆବଶ୍ୟକ। ଧନସମ୍ପଦ ଆଜି ନ ଥିଲେ କାଲି ଅର୍ଜନ କରିହେବ। ମାତ୍ର ଶରୀର ନଷ୍ଟ ହୋଇଗଲେ ଧନରତ୍ନ କାହା କାମରେ ଲାଗିବ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଜାନୁୟାରୀ ୧୯୯୫

- ପ୍ରଧାନମନ୍ତ୍ରୀ ଲାମ୍ବେରଟୋ ଡିନିଙ୍କ ନେତୃତ୍ୱରେ ଇଟାଲୀରେ ନୂଆ ସରକାରଙ୍କ ଶପଥ ଗ୍ରହଣ।
- ଜାପାନର ପଶ୍ଚିମାଞ୍ଚଳରେ ଗତକାଲି ଘଟିଥିବା ଶକ୍ତିଶାଳୀ ଭୂମିକମ୍ପରେ ମୃତ୍ୟୁସଂଖ୍ୟା ୩ ହଜାରକୁ ବୃଦ୍ଧି।
- ଓଡ଼ିଆ ଚଳଚ୍ଚିତ୍ରର ବର୍ଷୀୟାନ ଚରିତ୍ର ଅଭିନେତା ଦୁଃଖୀରାମ ସ୍ୱାଇଁଙ୍କର ୭୦ ବର୍ଷ ବୟସରେ ପରଲୋକ।



ଦେଶବାସୀଙ୍କ ନୈତିକ ବିକାଶ, ସାଂସ୍କୃତିକ ଓ ମାନବିକ ମୂଲ୍ୟବୋଧର ଉତ୍ଥାନ ଲାଗି ଆର୍‌ଏସ୍‌ଏସ୍ କାମ କରିଆସୁଛି, ରାଜନୀତି ସହ ଏହି ସଙ୍ଗଠନର କୌଣସି ସମ୍ପର୍କ ନାହିଁ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମୁଖ୍ୟ ମୋହନ ଭାଗବତ କହିଛନ୍ତି। ମୋରାଦାବାଦ୍‌ରେ ଆର୍‌ଏସ୍‌ଏସ୍‌ର ୪ ଦିନିଆ କାର୍ଯ୍ୟକ୍ରମରେ ଯୋଗଦେଇ ସେ ସଂଘ ଭାଜପାକୁ ରିମୋଟରେ କଣ୍ଟ୍ରୋଲ କରୁଛି ବୋଲି କହିବା ଆଦୌ ଠିକ୍ ନୁହେଁ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ୧୭ ଦିନର ଶିଶୁକନ୍ୟାକୁ ବିକ୍ରି କରୁଥିଲେ ବାପା

**ଉଦ୍ଧାର କଲା ଶିଶୁ ମଙ୍ଗଳ କମିଟି**

ମାଲକାନଗିରି,୧୮।୧(ସ୍ୱ.ପ୍ର.): ଦାରିଦ୍ର୍ୟ କେତେ ଚରମ ସୀମାରେ ପହଞ୍ଚି ମଣିଷର ବୁଦ୍ଧି ଓ ବିଚାରଧାରାକୁ କବଳିତ କରିନିଏ ତା'ର ନଜିର ଦେଖିବାକୁ ମିଳିଛି ମାଲକାନଗିରି ଜିଲାରେ। ଜିଲାର ଖଇରପୁଟ ବ୍ଲକ ମୁଦୁଲିପଡା ପଞ୍ଚାୟତ କାତାମଗୁଡା ଗ୍ରାମର ବଣ୍ଡା ଯୁବକ ମାଙ୍ଗତୁ ଚାଲାଣ ଦାରିଦ୍ର୍ୟ ଓ ଅସହାୟତା ଯୋଗୁ ନିଜ ୧୭ ଦିନର ଛୁଆକୁ ବିକ୍ରି କରିବାକୁ ବାଧ ହେଉଥିଲେ। ପୂର୍ବରୁ ତାଙ୍କର ୬ଟି ସନ୍ତାନସନ୍ତତି ଅଛନ୍ତି । ଗତ ଜାନୁୟାରୀ ୧ରେ ମାଙ୍ଗତୁଙ୍କ ସ୍ତ୍ରୀ ଆଉ ଏକ ଶିଶୁ କନ୍ୟା ଜନ୍ମ ଦେଇଥିଲେ। ତେବେ ନବଜାତ ଶିଶୁଟିକୁ କଷ୍ଟରେ ୧୬ ଦିନ ପାଳନ କରିଥିଲେ ମାଙ୍ଗତୁ। ଶେଷରେ ସେ ଶିଶୁକନ୍ୟାକୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇ ଲମତାପୁଟ ଦେଇ ଜୟପୁରକୁ ଶୁକ୍ରବାର ଯାଉଥିଲେ। ଖବର ପାଇ ଜୟପୁର ନିକଟସ୍ଥ କୋଟା ଜଙ୍କସନଠାରୁ ଶିଶୁ ମଙ୍ଗଳ କମିଟି କର୍ମକର୍ତ୍ତା ମାଙ୍ଗତୁଙ୍କଠାରୁ ଶିଶୁକନ୍ୟାକୁ ଉଦ୍ଧାର କରି ମାଲକାନଗିରି ଆଣିଥିଲେ। କାଉନସେଲିଂ ପରେ ମାଙ୍ଗତୁ ଅତି ଗରିବ ହୋଇଥିବା ଜାଣି କମିଟି ଶିଶୁକନ୍ୟାର ଲାଳନପାଳନ ଦାୟିତ୍ୱ ନେଇଛି। ଶିଶୁକନ୍ୟାକୁ ଦଶମନ୍ତପୁରସ୍ଥିତ ପୋଷ୍ୟ ଶିଶୁ ଗୃହକୁ ପଠାଯାଇଥିବା ଜଣାପଡିଛି।

### ଘରୋଇ କଳି: ମଝିଆ ଭାଇଙ୍କୁ ହତ୍ୟା କଲେ ସାନ

ନାଉଗାଁ,୧୮।୧(ସ୍ୱ.ପ୍ର.): ଘରୋଇ କଳହକୁ ନେଇ ଶନିବାର ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଅନ୍ତର୍ଗତ ହରିଶପୁର ଗ୍ରାମରେ ସାନ ଭାଇ ମଝିଆ ଭାଇଙ୍କୁ ଶିଳପୁଆରେ ଛେଚି ହତ୍ୟା କରିଛନ୍ତି। ଏନେଇ ଥାନାରେ ବଡ଼ଭାଇଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରିବା ସହ ସାନଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ବଡ଼ଭାଇ ପ୍ରମୋଦ ରାଉଳଙ୍କ ସ୍ତ୍ରୀ ଝୁନିଲତା ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି, ସକାଳେ ତଙ୍କ ସାନ ଦିଅର ସୁକାନ୍ତ ଓ ମଝିଆ ଦିଅର ହେମନ୍ତଙ୍କ ପରିବାର ମଧରେ ଝଗଡା ହୋଇଥିଲା। ଏହାର କିଛି ସମୟ ପରେ ସୁକାନ୍ତ ଘରେ ଥିବା ସମସ୍ତ ଜିନିଷ ଆଣି ବାଡି ପଛପଟେ ରଖି ଏଥିରେ କେହି ଲାଗିବ ନାହିଁ ବୋଲି କହିଥିଲେ। ଏହି ସମୟରେ ହେମନ୍ତ ଘରେ ଶୋଇଥିଲେ। ଏହାଶୁଣି କାହିଁକି ପାଟି କରୁଛୁ ବୋଲି ତାଙ୍କୁ ପଚାରିଥିଲେ। ଏଥିରେ ସୁକାନ୍ତ ଉତ୍ତ୍ୟକ୍ତ ହୋଇ ବାରିପଟେ ଥିବା ଏକ ଶିଳପୁଆ ଆଣି ହେମନ୍ତଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ସେ ଦୌଡି ପଳାଇ ଯାଉଥିବା ସମୟରେ ସୁକାନ୍ତ ତାଙ୍କୁ ଧକ୍କା ମାରି ତଳେ ପକାଇଥିଲେ। ତଳେ ପଡି ଯିବା ପରେ ହେମନ୍ତ ଚେତାଶୂନ୍ୟ ହୋଇଯାଇଥିଲେ। ତାଙ୍କୁ ନାଉଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇବା ପରେ ଥାନାଧିକାରୀ ପ୍ରଜ୍ଞା ରିତାମ୍ବର କର ପହଞ୍ଚି ଏହାର ତଦନ୍ତ କରିଛନ୍ତି। ଏନେଇ ଏକ ମାମଲା ନଂ-୧୨/୨୦ରୁଜୁ ହୋଇଛି। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ମୁଖ୍ୟମନ୍ତ୍ରୀଙ୍କୁ ଯାଦବ ମହାସଭାର ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୮।୧(ବ୍ୟୁରୋ): ଜାତିଭିତ୍ତିକ ଜନଗଣନା ପାଇଁ ନିକଟରେ ମୁଖମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ କ୍ୟାବିନେଟ୍‌ରେ ଏକ ସଂକଳ୍ପ ପ୍ରସ୍ତାବ ଗୃହୀତ କରାଇଛନ୍ତି। ଏଥିପାଇଁ ଉତ୍କଳ ଯାଦବ ମହାସଭା ପକ୍ଷରୁ ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ମହାସଭାର ସଭାପତି ଆଶୀର୍ବାଦ ବେହେରାଙ୍କ ନେତୃତ୍ୱରେ ଶତାଧିକ ଯାଦବ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଥିଲେ।

# କୁଷ୍ଠ ରୋଗୀ ବୋଲି କାନ୍ଧ ଦେଲେନି ଜାତି ଭାଇ

- ସାଇକେଲରେ ବୁହାହେଲା ମୃତଦେହ
- ହଜିଗଲା ମାନବିକତା



ପର୍ଲା,୧୮।୧ (ଡି.ଏନ.ଏ.)

କୁଷ୍ଠ ରୋଗୀ ବୋଲି ଜାତିଭାଇ କାନ୍ଧ ଦେଲେନି। ବହୁ ସମୟ ମୃତଦେହ ଘରେ ପଡିରହିଲା। ଶେଷରେ ପରିବାର ଲୋକେ ସାଇକେଲରେ ମୃତଦେହ ବୋହି ଶ୍ମଶାନକୁ ନେଇ ଶେଷକୃତ୍ୟ ସମ୍ପନ୍ନ କଲେ । ଏଭଳି ଏକ ଅଭାବନୀୟ ଘଟଣା କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳ ଛଚାଣବାହାଲି ପଞ୍ଚାୟତ ବେହେରାଗୁଡାରେ ଦେଖିବାକୁ ମିଳିଛି । ସମ୍ପୂର୍ଣ୍ଣ ଘଟଣାଟି ଏମିତି, ବେହେରାଗୁଡ଼ା ଗ୍ରାମର ସୁବାସ ଦୋରୁଆନ (୪୫) ଗତ ୪ବର୍ଷ ହେବ କୁଷ୍ଠ ରୋଗରେ ପୀଡିତ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ଶୁକ୍ରବାର ରାତି ୧୧ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ସେ ଜଣେ କୁଷ୍ଠ ରୋଗୀ ହୋଇଥିବାରୁ ମୃତଦେହକୁ କାନ୍ଧ ଦେବା ପାଇଁ ଜାତିଭାଇ କିମ୍ବା ସମାଜ ଲୋକ ଆସିଲେ ନାହିଁ। ୧୦ଘଣ୍ଟା ଧରି ମୃତଦେହ ଘରେ ପଡିରହିଲା। ପରେ ନିଜ କାକା ଓ ପୁତୁରା ଶନିବାର ସକାଳେ ସାଇକେଲରେ ମୃତଦେହ ଲଦି ଶ୍ମଶାନକୁ ନେଇ ଦାହସଂସ୍କାର କରିଥିଲେ। କୁଷ୍ଠ ରୋଗରେ ପୀଡିତ ସୁବାସ ଏକ ଭୁଦ୍ର କୋଠରିରେ ଦୀର୍ଘଦିନରୁ ରହି ଆସୁଥିଲେ। ଆବଶ୍ୟକ ଚିକିତ୍ସା ଅଭାବରୁ ରୋଗ ଗୁରୁତର ରୂପ ଧାରଣ କରିଥିଲା। ଅନ୍ୟପକ୍ଷେ ସମସ୍ତେ ତାଙ୍କୁ ଘୃଣା ନଜରରେ ଦେଖିବାରୁ ସେ ଚିକିତ୍ସା ପାଇଁ ପଦାକୁ ବାହାରି ପାରି ନ ଥିଲେ । ଏପରି ପରିସ୍ଥିତିରେ ସ୍ତ୍ରୀ ସୁଲ (୪୨) ଗତବର୍ଷ ତାଙ୍କୁ ଛାଡି ପଳାଇଯାଇଥିଲେ। ସେ ନିଜ ପୁଅ ଝିଅ କଥା ବି ଚିନ୍ତା କଲେନି। ଏବେ ସୁଲଙ୍କ ଝିଅ ନନ୍ଦିନୀ (୭), ପୁଅ ମାନସ (୪) ଓ ବାହୁବଳି (୨) ବୁଢ଼ୀମା ସୁଲୋଚନା (୬୫)ଙ୍କ ପାଖରେ ରହୁଛନ୍ତି । ପୁଅକୁ କୁଷ୍ଠ ରୋଗ ହୋଇଥିବା ଜାଣି ସୁଲୋଚନା ଭାଙ୍ଗି ପଡିଥିଲେ ସତ, ହେଲେ ନିଜ ନାତି ନାତୁଣୀଙ୍କ ପାଇଁ ସେ ସାହାରା ପାଲଟିଛନ୍ତି।

ଶୁକ୍ରବାର ସୁବାସଙ୍କ ମୃତ୍ୟୁ ପରେ ଶବକୁ ଚାରିକାନ୍ଧ ଦେବାକୁ କେହି ଆସିଲେନି। ସୁଲୋଚନା ଏଥିପାଇଁ ଜାତି ଭାଇ ଓ ପରିଜନଙ୍କ ପାଖକୁ ଯାଇ ଅନୁରୋଧ କରିଥିଲେ। ତଥାପି କେହି ଆସିଲେଣି କାନ୍ଧ ଦେବାକୁ। ଶେଷରେ ସୁବାସଙ୍କ କାକା କମଳ ଦୋରୁଆନ ଓ ପୁତୁରା ବୁଦ୍ଧ ସିଂ ଦୋରୁଆନ ଶନିବାର ମୃତଦେହକୁ ସାଇକେଲରେ ଲଦି ଶ୍ମଶାନକୁ ନେଇଥିଲେ।

## ଜଳପ୍ରପାତ ନିକଟ ଗାଡ଼ିଆରେ ବୁଡ଼ି ୨ ଭିସୁଟ ଛାତ୍ର ମୃତ

ସମ୍ବଲପୁର,୧୮।୧(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଦେବଝରନ ପର୍ଯ୍ୟଟନ ସ୍ଥଳୀରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଳପ୍ରପାତ ନିକଟରେ ଥିବା ଗାଡିଆ ପାଣିରେ ବୁଡି ୨ ଭିସୁଟ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କମ୍ପ୍ୟୁଟର୍ ସାଇନ୍ସର ତୃତୀୟ ବର୍ଷ ଛାତ୍ର ତଥା ହୀରାକୁଦ ହିଣ୍ଡାଲକୋ କଲୋନୀର ଅଭିଜିତ ସାମଲ ଓ ମଧ୍ୟପ୍ରଦେଶ ଭୋପାଳର ସୌମ୍ୟ ରଞ୍ଜନ ବେଉରିଆ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମେ ଅଭିଜିତ ଜଳପ୍ରପାତ ନିକଟ ଗାଡ଼ିଆକୁ ଗାଧୋଇବାକୁ ଯାଇଥିଲେ। କିଛି ସମୟ ଗାଧୋଇବା ପରେ ହଠାତ୍ ପାଣିରେ ବୁଡି ଯାଇଥିଲେ। ଏପରି ପରିସ୍ଥିତିରେ ଅଭିଜିତଙ୍କୁ ଉଦ୍ଧାର କରିବାକୁ ସୌମ୍ୟରଞ୍ଜନ ପାଣିକୁ ଡେ଼ଇଁ ପଡିଥିଲେ । ହେଲେ ସାଙ୍ଗକୁ ବଞ୍ଚାଇବା ବଦଳରେ ସେ ନିଜେ ହିଁ ବୁଡ଼ିଯାଇଥିଲେ। କିଛି ସମୟ ଭିତରେ ୨ ସାଙ୍ଗଙ୍କ ଜୀବନ ଚାଲିଯାଇଥିଲା। ପାଖରେ ଥିବା କେତେଜଣ ପର୍ଯ୍ୟଟକ ପାଣି ଭିତରୁ ଉଭୟଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ନିକଟସ୍ଥ ଯୁଯୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

## ଇସିଆଇଙ୍କୁ ଆୱାର୍ଡ ଅଫ୍ ଏକ୍ସିଲେନ୍ସି




ଆଇସିଟି ଏବଂ ସିଆଇଏସଓ ନିର୍ଦ୍ଦେଶକ ଡ. କୁଶଲ ପାଠକ ଏବଂ ସିଇଓ ସୁଶୀଲ କୁମାର ଲୋହାନୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ସୂଚନା, ଯୋଗାଯୋଗ ଓ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ଜରିଆରେ 'ଭୋଟର ହେଲ୍ପ ଲାଇନ୍' ଏବଂ ସି-ଭିଜିଲ୍ ଆପ୍‌ର ଉପଯୁକ୍ତ ଉପଯୋଗ କରାଯାଇଛି। ଏଥିପାଇଁ ଭାରତର ନିର୍ବାଚନ କମିଶନ(ଇସିଆଇ) ଇ-ଗଭର୍ନାନ୍ସ କ୍ଷେତ୍ରରେ କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆ ଦ୍ୱାରା ୨୦୧୯ ମସିହା ଲାଗି 'ଆୱାର୍ଡ ଅଫ୍ ଏକ୍ସିଲେନ୍ସି' ପୁରସ୍କାର ଦିଆଯାଇଛି।

କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ଭୁବନେଶ୍ୱରର କିଟ୍ ପରିସରରେ ପ୍ରଦାନ କରାଯାଇଥିବା ପୁରସ୍କାରକୁ ଭାରତ ନିର୍ବାଚନ କମିଶନ ତରଫରୁ ଆଇସିଟି ଏବଂ ସିଆଇଏସଓ ନିର୍ଦ୍ଦେଶକ ଡ. କୁଶଲ ପାଠକ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସୁଶୀଲ କୁମାର ଲୋହାନୀ ଗ୍ରହଣ କରିଥିଲେ। ସି-ଭିଜିଲ୍ ଆପ୍ ନିର୍ବାଚନ ସମୟରେ ଆଦର୍ଶ ଆଚରଣବିଧିର ଉଲ୍ଲଂଘନ, ଲାଞ୍ଚ କାରବାର, ମାଗଣା ଦାନ, ମଦ ବଣ୍ଟନ, ନିର୍ଦ୍ଧାରିତ ସମୟସୀମା ବାହାରେ ଡାକବାଜି ଯନ୍ତ୍ର ବଜାଇବା ଇତ୍ୟାଦି କାର୍ଯ୍ୟଗୁଡ଼ିକୁ ମୋବାଇଲ୍‌ରେ ଫଟୋ ନେବା କାର୍ଯ୍ୟରେ ସାହାଯ୍ୟ କରିଥାଏ। ଜଣେ ନାଗରିକ ଏହି ଆପ୍ ମାଧ୍ୟମରେ ନିର୍ବାଚନ ସମୟରେ କୌଣସି ଅନୈତିକ କାର୍ଯ୍ୟର ଫଟୋ ବା ଭିଡିଓ କଣ୍ଟ୍ରୋଲ୍ ରୁମ୍‌କୁ ପଠାଇବାର ୧୦୦ ମିନିଟ୍ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ। ସମୁଦାୟ ୧,୭୧,୭୪୫ ମାମଲା ସି-ଭିଜିଲ୍ ଆପ୍ ଜରିଆରେ ଗ୍ରହଣ କରାଯାଇଥିବାବେଳେ ୧,୨୭,୫୬୭ (୭୪%) ଗୋଟି କେସ୍ ଠିକ୍ ଥିବା ଜଣାଯାଇଛି । ସେହିପରି ଭୋଟର ହେଲ୍ପଲାଇନ୍ ଆପ୍ ଜରିଆରେ ସମୁଦାୟ ୨.୧୬ କୋଟି ନାଗରିକ ଗୁଗୁଲ୍ ପ୍ଲେ ଷ୍ଟୋରରୁ ଡାଉନ୍‌ଲୋଡ୍ କରି ବ୍ୟବହାର କରିଥିବା ଜଣାପଡ଼ିଛି। ଏହି ଆପ୍ ଜରିଆରେ ଭୋଟର ତାଲିକାରେ ଜଣେ ଭୋଟରଙ୍କ ନାମ ତନଖି, ପଞ୍ଜୀକରଣ, ସ୍ଥାନାନ୍ତରଣ, ସଂଶୋଧନ ଆଦି କାର୍ଯ୍ୟ କରାଯାଇପାରିବ। 'ଭୋଟର ହେଲ୍ପଲାଇନ୍' ଏବଂ ସି-ଭିଜିଲ୍ ଆପ୍ ଗୁଗୁଲ୍ ପ୍ଲେ ଷ୍ଟୋରରେ ଉପଲବ୍ଧ ହେଉଛି।

## କଲବଲ କରୁଛି କୁହୁଡ଼ି, ୨୨ରେ ବର୍ଷା ସମ୍ଭାବନା



- କମିଲା ଶୀତ, ଜାରି ରହିବ ଘନ କୁହୁଡ଼ି
- ଆଜି ୯ ଜିଲାକୁ ୟେଲୋ ୱାର୍ନିଂ
- ବଜ୍ରପାତ ନେଇ ୨ ଜିଲାକୁ ସତର୍କ ସୂଚନା

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ସାରା ଓଡ଼ିଶାରେ କଲବଲ କରୁଛି କୁହୁଡ଼ି। ଘନ କୁହୁଡ଼ି ସହ ପ୍ରବଳ ଶୀତ ସାଧାରଣ ଜୀବନ ଯାତ୍ରାକୁ ପ୍ରଭାବିତ କରିଥିବାବେଳେ ଗାଡ଼ିମୋଟର ପାଇଁ କାଳ ସାଜିଛି। ଇତିମଧ୍ୟରେ କୁହୁଡ଼ି ଯୋଗୁ ଦୁର୍ଘଟଣା ଘଟି ବହୁ ଜୀବନ ଯାଇଛି। ତେବେ ଆଉ କିଛିଦିନ ଘନ କୁହୁଡ଼ି ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଶନିବାର ଶୀତର ପ୍ରକୋପ କମ୍ ରହିଥିଲା। ତାଳଚେରର ସର୍ବନିମ୍ନ ତାପମାତ୍ରା ୯.୮ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ରାଜ୍ୟର ଅନ୍ୟ ଅଞ୍ଚଳରେ ପୂର୍ବଦିନଠାରୁ ଅପେକ୍ଷାକୃତ ଅଧିକ ଥିଲା। ଆସନ୍ତା ୨୨ ତାରିଖରେ ପୁଣି ବର୍ଷା ହେବା ସମ୍ଭାବନା ରହିଛି। ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼ ଓ ଅନୁଗୋଳ ଆଦି ୫ ଜିଲାରେ ବର୍ଷା ସହ ଝଡ଼ ତୋଫାନ ଏବଂ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ଆଶଙ୍କା ରହିଛି। ତେଣୁ ବଜ୍ରପାତ ନେଇ ଉକ୍ତ ଦୁଇ ଜିଲାକୁ ପାଣିପାଗ କେନ୍ଦ୍ର ସତର୍କ କରାଇବା ସହ ୟେଲୋ ୱାର୍ନିଂ ଜାରି କରିଛି। ବର୍ଷା ପରେ ଶୀତ ବଢ଼ିପାରେ ବୋଲି ଅନୁମାନ କରାଯାଉଛି।

ମିଳିଥିବା ସୂଚନାନୁସାରେ, ଶନିବାର ଅନୁଗୋଳ, ଢେଙ୍କାନାଳ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, କନ୍ଧମାଳ, ସୁନ୍ଦରଗଡ଼ ଜିଲାରେ କୁହୁଡ଼ି ଦେଖାଯାଇଥିଲା। ଆସନ୍ତା ୪ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି ରହିବ। ଏଥିପାଇଁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି। ରବିବାର ପାଇଁ ଖୋର୍ଦ୍ଧା, ପୁରୀ, ଭଦ୍ରକ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ସୁନ୍ଦରଗଡ଼ ଓ କେନ୍ଦୁଝର ଆଦି ୯ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଭଳି ସୋମବାର ବଲାଙ୍ଗୀର, କଳାହାଣ୍ଡି, ଅନୁଗୋଳ, ବୌଦ୍ଧ, କନ୍ଧମାଳ ଓ କୋରାପୁଟ, ମଙ୍ଗଳବାର ଅନୁଗୋଳ, ଢେଙ୍କାନାଳ, ଭଦ୍ରକ, କୋରାପୁଟ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ଯାଜପୁର, ନୟାଗଡ଼, ଗଞ୍ଜାମ, କନ୍ଧମାଳ ଓ ସୁନ୍ଦରଗଡ଼ ଏବଂ ବୁଧବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ, ଢେଙ୍କାନାଳ ଓ କନ୍ଧମାଳ ଆଦି ୫ ଜିଲାରେ ଘନ କୁହୁଡ଼ି ପାଇଁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର।

## ଚିଲିକାରେ ଡଲଫିନ୍ ଗଣନା ଆଜି

**ଗଠନ ହୋଇଛି ୧୮ ଦଳ**

ବାଲୁଗାଁ,୧୮।୧(ଡି.ଏନ୍.ଏ.)

ସମଗ୍ର ଚିଲିକାରେ ରବିବାର ବିରଳ 'ଇରାୱାଡି' ପ୍ରଜାତିର ଡଲଫିନ୍ ଗଣନା କରାଯିବ। ଚିଲିକା ବନ୍ୟପ୍ରାଣୀ ବିଭାଗ ଓ ସିଡିଏର ମିଳିତ ଆନୁକୂଲ୍ୟରେ ଏହି ଗଣନା କାର୍ଯ୍ୟ ହେଉଛି। ଏଥିପାଇଁ ବିଭାଗ ପକ୍ଷରୁ ଶନିବାର ବାଲୁଗାଁ ନିକଟ ଚନ୍ଦ୍ରାପୁଟସ୍ଥିତ ସିଡିଏ ଗବେଷଣା କେନ୍ଦ୍ରଠାରେ ଗଣନାକାରୀଙ୍କୁ ସବିଶେଷ ତାଲିମ ଦିଆଯାଇଛି। ଗଣନା ପାଇଁ ମୋଟ ୧୮ଟି ଦଳ ଗଠନ କରାଯାଇଛି। ପ୍ରତି ଦଳରେ ୪ଜଣ ଲେଖାଏ ପ୍ରଶିକ୍ଷଣପ୍ରାପ୍ତ କର୍ମଚାରୀ ରହିବେ। ୧୮ଟି ଡଙ୍ଗା ସମେତ ସମସ୍ତ ଦଳକୁ ଜିପିଏସ୍, ବାଇନାକୁଲାର, ୱାକିଟକି ଆଦି ଯନ୍ତ୍ରାଂଶ ଯୋଗାଇ ଦିଆଯାଇଛି ବୋଲି ବନ୍ୟପ୍ରାଣୀ ବିଭାଗୀୟ ଡିଏଫ୍‌ଓ ଆଲୋକ କୁମାର ହୋତା ସୂଚନା ଦେଇଛନ୍ତି। ରବିବାର ଭୋର୍ ୬ଟାରୁ ୧୨ଟା ମଧ୍ୟରେ ଏହି ଗଣନା ହେବ। ଡଲଫିନ୍ ଚଳପ୍ରଚଳ ଅଞ୍ଚଳରେ ଡଙ୍ଗା ସରଳରେଖାରେ ଗତି କରିବ। ଏହି ସମୟରେ ଉଭୟ ପାର୍ଶ୍ୱରେ ଦୃଷ୍ଟିଗୋଚର ଡଲଫିନ୍‌ଙ୍କ ସଂଖ୍ୟା ନିର୍ଦ୍ଧାରଣ କରାଯାଇଥାଏ। ସମଗ୍ର ଚିଲିକାକୁ ୩ଟି ସେକ୍ଟର ତଥା କେନ୍ଦ୍ରୀୟ, ଦକ୍ଷିଣ ଓ ବାହ୍ୟ ଆଦି ଅଞ୍ଚଳରେ ବିଭକ୍ତ କରାଯାଇଥାଏ। ସର୍ବାଧିକ ସଂଖ୍ୟାରେ ଡଲଫିନ୍ ଦୃଷ୍ଟିଗୋଚର ହେଉଥିବା ଅଞ୍ଚଳ ସାତପଡ଼ା, ଜହ୍ନିକୁଦା ଓ ସାତପଡ଼ାଠାରୁ ସମୁଦ୍ର ମୁହାଣ ପର୍ଯ୍ୟନ୍ତ କେନ୍ଦ୍ରୀୟ ସେକ୍ଟରରେ ଅନ୍ତର୍ଭୁକ୍ତ। ସେହିପରି ନଳବଣ ପାର୍ଶ୍ୱ ଚିଲିକା, ବାଲୁଗାଁ ଓ କାଳିଜାଇ ଅଞ୍ଚଳ ଦକ୍ଷିଣ ସେକ୍ଟର ଅନ୍ତର୍ଭୁକ୍ତ ଅଟେ। ପ୍ରକାଶଥାଉ କି, ବିଗତ ବର୍ଷରେ ସମଗ୍ର ଚିଲିକାରେ ଏହି ବିରଳ ଇରାୱାଡ଼ି ପ୍ରଜାତିର ଡଲଫିନ୍ ୧୬୦ରୁ ଊର୍ଦ୍ଧ୍ୱ ଦେଖାଯାଇଥିଲା। କ୍ରମଶଃ ଏହି ସଂଖ୍ୟା ହ୍ରାସ ପାଇ ଗତବର୍ଷ ୧୨୧ରେ ପହଞ୍ଚିଥିଲା। ବେଆଇନ ଘେରି, ଜାଲ ଓ ଡଙ୍ଗା ଫ୍ୟାନ୍‌ରେ ଛନ୍ଦିହୋଇ ଡଲଫିନ୍ ମୃତ୍ୟୁବରଣ କରୁଥିବା ଆଶଙ୍କା କରାଯାଉଛି।

## ଯବାନ-ମାଓବାଦୀ ଗୁଳି ବିନିମୟ

ଫୁଲବାଣୀ ଅଫିସ, ୧୮।୧

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ଅଞ୍ଚଳ ଜଙ୍ଗଲରେ ଏସ୍‌ଓଜି ଯବାନ ଏବଂ ମାଓବାଦୀ ଶୁକ୍ରବାର ମୁହାଁମୁହିଁ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲେ ହେଁ କେହି ମୃତାହତ ହୋଇଥିବା ସୂଚନା ମିଳିନାହିଁ। ମାଓବାଦୀମାନେ କ୍ୟାମ୍ପ ଛାଡି ପଳାଇଥିବା ଜଣାପଡିଛି। ସୁମରବନ୍ଧ ଅଞ୍ଚଳରେ ଥିବା ଜଙ୍ଗଲରେ ମାଓବାଦୀ ଚଳପ୍ରଚଳ ହେଉଥିବା ସୂଚନା ମିଳିଥିଲା। ଶୁକ୍ରବାର ଏସ୍‌ଓଜି ଟିମ୍ କମ୍ବିଂ ଅପରେଶନରେ ଯାଇଥିଲେ। ଅପରେଶନ ଚାଲିଥିବା ସମୟରେ ସକାଳ ପ୍ରାୟ ୮ଟାବେଳେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ଏସ୍‌ଓଜି ଯବାନମାନେ ଏହାର ପାଲଟା ଜବାବ ଦେଇଥିଲେ। ଯବାନଙ୍କ ଆକ୍ରମଣକୁ ପ୍ରତିହତ କରିନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ କ୍ୟାମ୍ପ ଛାଡି ପଳାଇଥିଲେ। ଏହାପରେ ଜଙ୍ଗଲରେ ସର୍ଚ୍ଚ ଅପରେଶନ ଜାରି ରହିଥିଲା। ସନ୍ଧ୍ୟାରେ ପୁଣି ମାଓବାଦୀଙ୍କ ତରଫରୁ ଗୁଳି ଚାଳନା ହୋଇଥିଲା। କିଛି ସମୟ ଗୁଳି ବିନିମୟ ପରେ ମାଓବାଦୀମାନେ ଘଞ୍ଚ ଜଙ୍ଗଲ ମଧ୍ୟକୁ ଚାଲି ଯାଇଥିଲେ। ଯବାନମାନେ କ୍ୟାମ୍ପ ଉପରେ ଚଢାଉ କରି ମାଓବାଦୀ ଛାଡି ଯାଇଥିବା ବିପୁଳ ପରିମାଣର ସାମଗ୍ରୀ ଜବତ କରିଛନ୍ତି। ଯବାନମାନେ ସେଠାରୁ ଫେରି ନାହାନ୍ତି। ତେଣୁ କ'ଣ ଜବତ ହୋଇଛି ଏବଂ କିଏ ମୃତାହତ ହୋଇଛନ୍ତି କି ନାହିଁ ସେନେଇ ସୂଚନା ମିଳିନାହିଁ। ଫେରିଲା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ଏସ୍‌ପି ପ୍ରତୀକ ଗୀତା ସିଂ ସୂଚନା ଦେଇଛନ୍ତି।

## ୩୧ରେ ପୂର୍ବାଞ୍ଚଳ ଜୋନାଲ୍ କାଉନ୍‌ସିଲ ବୈଠକ

- ଯୋଗ ଦେଇପାରନ୍ତି ଅମିତ୍ ଶାହ
- ୫ ମୁଖ୍ୟମନ୍ତ୍ରୀଙ୍କୁ ଆମନ୍ତ୍ରଣ
- ଲୋକସେବା ଭବନରେ ହେବ ଆଲୋଚନା

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ଆସନ୍ତା ୩୧ ତାରିଖରେ ଭୁବନେଶ୍ୱରରେ ୨୪ତମ ପୂର୍ବାଞ୍ଚଳ ଜୋନାଲ୍ କାଉନ୍‌ସିଲ ବୈଠକ ହେବାକୁ ଯାଉଛି। ଏଥିରେ ଭାରତ ସରକାରଙ୍କ ପକ୍ଷରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ସ୍ୱରାଷ୍ଟ୍ର(ରାଷ୍ଟ୍ର)ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଯୋଗଦେବାର ସମ୍ଭାବନା ରହିଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଏବଂ ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂ ତମାଙ୍ଗଙ୍କୁ ନିମନ୍ତ୍ରଣ କରାଯାଇଛି। ମୁଖ୍ୟମନ୍ତ୍ରୀମାନଙ୍କ ବ୍ୟତୀତ ଉପରୋକ୍ତ ରାଜ୍ୟର ମନ୍ତ୍ରୀ ପରିଷଦର କେତେଜଣ ସଦସ୍ୟ ମଧ ଏଥିରେ ସାମିଲ ହେବେ। ଦୀର୍ଘବର୍ଷର ବ୍ୟବଧାନ ପରେ ଓଡ଼ିଶାରେ ଏହି ବୈଠକ ହେବାକୁ ଯାଉଛି।

ନବନିର୍ମିତ ଲୋକସେବା ଭବନର କନ୍‌ଭେନ୍‌ସନ ସେଣ୍ଟରରେ ହେବାକୁ ଥିବା ବୈଠକରେ ମୁଖ୍ୟତଃ ୨୦୨୧ ଜନଗଣନା, ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର) ଏବଂ ପୂର୍ବ ଭାରତରେ ମାଓବାଦ ସମସ୍ୟା, ପୂର୍ବାଞ୍ଚଳର ଅର୍ଥନୈତିକ ଭିତ୍ତିଭୂମି ଉନ୍ନତି ସମ୍ପର୍କରେ ଆଲୋଚନା ହେବ।

## ଦକ୍ଷିଣକାଳୀ ମନ୍ଦିରରୁ ଚୋରି

**ଉତ୍ତେଜନା : ୨ ଜଣଙ୍କୁ ଥାନାରେ ଅଟକ**

ମହାକାଳପଡା,୧୮।୧ (ଡି.ଏନ.ଏ.)

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ସୁନୀତି ପଞ୍ଚାୟତର ଜଗରୀଜୋର ସାପ୍ତାହିକ ହାଟଠାରେ ଥିବା ମା' ଦକ୍ଷିଣ କାଳୀ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଯାଇଛି । ଏହି ଘଟଣାରେ ପୋଲିସ ସନ୍ଦେହରେ ଦୁଇଜଣଙ୍କୁ ଧରି ନେଇ ଥାନାରେ ଅଟକ ରଖିଛି । ଗ୍ରାମରେ ଏହାକୁ ନେଇ ଉତ୍ତେଜନା ଲାଗି ରହିଛି। ପ୍ରକାଶ ଯେ, ଦକ୍ଷିଣକାଳୀ ମନ୍ଦିରର ମୁଖ୍ୟ ଗ୍ରୀଲ ତାଡି କେହି ଦୁର୍ବୃତ୍ତ ମା' ମସ୍ତକରେ ପିନ୍ଧିଥିବା ୧ କିଲୋ ଓଜନର ରୂପା ମୁକୁଟ ସମେତ ୩ଟି ସୁନା ମଙ୍ଗଳ ସୂତ୍ର, ନାକ ଫୁଲ, ୫ଟି ରୂପା ଲକେଟ ଓ ଅନ୍ୟାନ୍ୟ ଅଳଙ୍କାର ଲୁଟି ନେଇଛି। ଏହାଛଡା ଦାନ ହୁଣ୍ଡି ବାକ୍ସକୁ ମଧ ନେଇଯାଇଛି । ସକାଳୁ ଏହା ଜଣା ପଡିବା ପରେ ଉକ୍ତ ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ଜଗରୀଜୋର ହାଟ କମିଟି ସଭାପତି ଗଗନ ପ୍ରଧାନ ତନ୍ତିଆପାଳ ମେରାଇନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରି ୨ ଜଣଙ୍କୁ ଧରିଥିଲା । ତେବେ ଗ୍ରାମବାସୀ ଏହି ସମୟରେ ଉତ୍ତ୍ୟକ୍ତ ହୋଇ ପୋଲିସ ଧରିଥିବା ଦୁଇଜଣଙ୍କୁ ଆକ୍ରମଣ କରିବା ପାଇଁ ଉଦ୍ୟମ କରିବାକୁ ପଛାଇ ନ ଥିଲେ। ଫଳରେ ପୋଲିସ ଉଭୟଙ୍କୁ ଗାଡିରେ ବସାଇ ଥାନାକୁ ନେଇ ଅଟକ ରଖିଛି ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଏଫ୍‌ଓବି ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

ଇ-ଟେଣ୍ଡର ନଂ.: ଡିଆର୍‌ଏମ୍-ଇଏନ୍‌ଜି-ବିଏସ୍‌ପି-ଟି-୧୭୮-୧୯-୨୦, ତାରିଖ: ୧୪।୦୧।୨୦୨୦

କାର୍ଯ୍ୟ: ଏଡିଇଏନ୍/ରାୟଗଡ଼ଙ୍କ କ୍ଷେତ୍ରାଧିକାର ଅଧୀନରେ ଆଇବି ଷ୍ଟେଶନଠାରେ ନୂଆ ଏଫ୍‌ଓବି ନିର୍ମାଣ ଓ ଡାଘୋରା ଷ୍ଟେଶନଠାରେ ଇଣ୍ଟର ପ୍ଲାଟ୍‌ଫର୍ମ ପାଥ୍‌ୱେ ନିର୍ମାଣ। ଟେଣ୍ଡର ମୂଲ୍ୟ: ₹୨,୧୨,୮୬,୦୪୫.୧୭, ଇଏମ୍‌ଡି : ₹୨,୫୬,୪୦୦/-, ସମାପ୍ତି ଅବଧି: ୧୨ ମାସ, ଟେଣ୍ଡର ଦାଖଲ ଆରମ୍ଭ ତାରିଖ: ତା୨୭।୦୧।୨୦୨୦ରିଖ ୧୧.୦୦ ଘଟିକାରୁ। ଟେଣ୍ଡର ଦାଖଲର ଶେଷ ତାରିଖ: ତା୧୦।୦୨।୨୦୨୦ରିଖ ୧୧.୦୦ ଘଟିକା।

ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍: https://www.ireps.gov.inରେ ଉପଲବ୍ଧ । ଉପରୋକ୍ତ ଟେଣ୍ଡରଗୁଡ଼ିକ ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟାନ୍ୟ ବିଡ୍ ଗ୍ରହଣ କରାଯିବ ନାହିଁ।

ଡିଭିଜନାଲ ରେଲୱେ ମ୍ୟାନେଜର (ଇଂ.)
CPR/10/413 ଏସ୍.ଇ.ସି. ରେଳପଥ/ବିଳାସପୁର
South East Central Railway @Secrail

## ଭାତ, ତରକାରି ଖାଇ ଶିଶୁକନ୍ୟା ମୃତ

- ଖାଦ୍ୟରେ ବିଷକ୍ରିୟା
- ପରିବାରର ୩ ଅସୁସ୍ଥ

ଭଞ୍ଜନଗର,୧୮।୧(ଡି.ଏନ୍.ଏ)

ଗଞ୍ଜାମ ଜିଲା ଭଞ୍ଜନଗର ତହସିଲ ଅନ୍ତର୍ଗତ ବଦାଙ୍ଗିରେ ଶୁକ୍ରବାର ରାତିରେ ଭାତ ତରକାରି ଖାଇବା ପରେ ପରିବାରର ୪ ଜଣ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ୩ ବର୍ଷର ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଲିମା ଗୌଡ଼ (୩)। ଅନ୍ୟ ଅସୁସ୍ଥମାନେ ଭଞ୍ଜନଗର ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ପ୍ରକାଶ ଯେ, ସୁବାସ ଗୌଡ଼ଙ୍କ ସ୍ତ୍ରୀ ଏବଂ ୨ ଝିଅ ଶୁକ୍ରବାର ରାତିରେ ଭାତ ଓ ତରକାରି ଖାଇ ଶୋଇଥିଲେ। ବିଳମ୍ବିତ ରାତିରେ ସମସ୍ତଙ୍କ ପେଟ କାଟିବା ସହ ବାନ୍ତି ହୋଇଥିଲା। ମାତ୍ର ସେମାନେ ରାତିରେ ଚିକିତ୍ସା ପାଇଁ ମେଡ଼ିକାଲକୁ ଆସି ନ ଥିଲେ। ଶନିବାର ସକାଳୁ ଅବସ୍ଥା ସଙ୍କଟାପନ୍ନ ହେବାପରେ ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ଭଞ୍ଜନଗର ମେଡ଼ିକାଲକୁ ଅଣାଯାଇଥିଲା। ସେଠାରେ ଡାକ୍ତର ଲିମାଙ୍କୁ ମୃତ ଘୋଷଣା କରିବା ସହ ଅନ୍ୟମାନଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ଗାଲେରୀ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଫୁଡ୍ ପଏଜନିଂ ଯୋଗୁ ଏପରି ହୋଇଥିବା ଅନୁମାନ କରାଯାଉଛି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି। ଏନେଇ ଶିଶୁ ବିଶେଷଜ୍ଞ ଡ. ଭଗବାନ ସାହୁ କହିଛନ୍ତି ଯେ, ଖାଦ୍ୟ ଖାଇବା ପରେ ଏହିଭଳି ସମସ୍ୟା ହୋଇଛି। ଚିକିତ୍ସା ପରେ ଅନ୍ୟ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସ୍ଥିର ରହିଛି।





ଏକମାତ୍ର କୁହୁକ ହେଉଛି କଠିନ ପରିଶ୍ରମ, ଦୂରଦୃଷ୍ଟି, କର୍ତ୍ତବ୍ୟବୋଧ ଓ ଦୃଢ଼ ସଂକଳ୍ପ।

- ଇନ୍ଦିରାଗାନ୍ଧୀ



## ସଂକ୍ଷେପରେ

### କାରରେ ପୋଲିସ ଲୋଗୋ ଲଗାଇ ଗଞ୍ଜେଇ ଚାଲାଣ



**ପୁରୁଣା ଭୁବନେଶ୍ୱର, ୧୮।୧ (ଡି.ଏନ.ଏ.):** ନିଶା କାରବାର ରୋକିବାକୁ ପୋଲିସ ବିଭାଗ ଯେତିକି ସଜାଗ ହେଉଥିଲେ ମଧ ବ୍ୟବସାୟୀମାନେ ଅଭିନବ ଉପାୟ ଅବଲମ୍ବନ କରୁଛନ୍ତି। ଚୋରା ଚାଲାଣ ସମୟରେ କୌଣସି ସନ୍ଦେହ ନ ହେବା ପାଇଁ ଅଭିଯୁକ୍ତମାନେ ବ୍ୟବହାର କରୁଥିବା କାର୍‌ରେ ପୋଲିସ ଲୋଗୋ ବ୍ୟବହାର କରୁଥିବା ଜଣାପଡିଛି। ଏପରି ଏକ ଘଟଣାର ଶ୍ରୀଲିଙ୍ଗରାଜ ଥାନା ପକ୍ଷରୁ ପର୍ଦ୍ଦାଫାଶ କାରାଯାଇଛି। ଏକ ଇଣ୍ଡିକା କାର (ନଂ. ଓଆର୦୨ଏକ୍ସ୯୨୯୩) ଯୋଗେ ଚାଲାଣ ହେଉଥିବା ୨୪ କିଗ୍ରାରୁ ଊର୍ଦ୍ଧ୍ୱ ଗଞ୍ଜେଇ ସମେତ ନଗଦ ୯, ୫୦୦ଟଙ୍କା ଓ ୪ଟି ମୋବାଇଲ ଜବତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ କନ୍ଧମାଳ ଅଞ୍ଚଳର ଉମେଶ ଚନ୍ଦ୍ର କୁଅଁର(୩୫), କାହ୍ନୁଚରଣ ଦିଗାଲ(୨୩) ଓ ଅନିଲ ଦିଗାଲ(୨୩)ଙ୍କୁ ପୋଲିସରୁ ଗିରଫ କରିଛି। ଏହି ଘଟଣାରେ ପୋଲିସ ପକ୍ଷରୁ ୧୧/୨୦ରେ ମାମଲା ରୁଜୁ କରାଯିବା ସହ ଘଟଣା ସହ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ତଦନ୍ତ ଚାଲୁ ରହିଛି।

### ଲକ୍ଷାଧିକ ଟଙ୍କାର ଚୋରି ବ୍ୟାଟେରି ଜବତ, ୩ ଗିରଫ

**ଭୁବନେଶ୍ୱର,୧୮।୧(ବ୍ୟୁରୋ):** ଖଣ୍ଡଗିରି ଥାନା ଅଞ୍ଚଳରେ ଥିବା ଏକ ବିଏସ୍‌ଏନ୍‌ଏଲ୍ ଟାୱାରରୁ ଲକ୍ଷାଧିକ ଟଙ୍କାର ୨୭ଟି ଚୋରି ବ୍ୟାଟେରିକୁ ପୋଲିସ ଜବତ କରିବା ସହ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ଇଟାମାଟି ଅଞ୍ଚଳର ବିପିନ ବେହେରା, ଶୈଳଶ୍ରୀ ବେହେରା ଅଞ୍ଚଳର ମାଧବ ମାଣିକ ଓ କାକଟପୁର ଥାନା ଅଞ୍ଚଳର ଜଗନ୍ନାଥ ପାତ୍ର। ସୂଚନା ମୁତାବକ, ବରମୁଣ୍ଡା ରୁଚିକା ମାର୍କେଟ ନିକଟରେ ଥିବା ଏକ ବିଏସ୍‌ଏନ୍‌ଏଲ ଟାୱାରରୁ ୨୭ଟି ବ୍ୟାଟେରି ଚୋରି ହେବା ନେଇ ଏସଡିଓ ଗୋପାଳ କୃଷ୍ଣ ବେହେରା ଗତ ୧୫ତାରିଖରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଶୁକ୍ରବାର ରାତିରେ ଶୈଳଶ୍ରୀ ବିହାର ଅଞ୍ଚଳରେ ଥିବା ଏକ କବାଡିଆ ଦୋକାନରେ ଚଢ଼ାଉ କରି ସମସ୍ତ ବ୍ୟାଟେରିକୁ ଜବତ କରିଥିଲା। ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ପୋଲିସ କବାଡିଆ ଦୋକାନର ୩ଜଣଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ନେବା ଆଣିବାରେ ବ୍ୟବହୃତ ଏକ ଟାଟା ଏସିଇ ମାଲବାହୀ ଅଟୋକୁ ମଧ ପୋଲିସ ଜବତ କରିଥିଲା।

### ସୂକ୍ଷ୍ମେଶ୍ୱର ମନ୍ଦିର ପ୍ରତି ଯତ୍ନବାନ ହେବାକୁ ଦେବୋତ୍ତର ଆୟୁକ୍ତଙ୍କ ନିକଟରେ ଦାବି

**ପୁରୁଣା ଭୁବନେଶ୍ୱର, ୧୮।୧ (ଡି.ଏନ.ଏ.):** ପୁରୁଣା ଭୁବନେଶ୍ୱରସ୍ଥିତ ଐତିହ୍ୟ ସୂକ୍ଷ୍ମେଶ୍ୱର ମନ୍ଦିର ରାଜ୍ୟ ସରାକରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଥିଲେ ମଧ ବିଭିନ୍ନ ସମୟରେ ଅବହେଳା କରାଯାଉଛି। ଏ ନେଇ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଶନିବାର ଦେବୋତ୍ତର ଆୟୁକ୍ତଙ୍କୁ ଏଥିପ୍ରତି ଯତ୍ନବାନ ହେବାକୁ ଦୃଷ୍ଟି ଆକର୍ଷଣ କରାଯାଇଛି। ମନ୍ଦିର ରୀତିନୀତି ସମ୍ପନ୍ନ କରାଯାଉଥିବା ପୁଷ୍କରିଣୀରେ ବିଏମ୍‌ସି ପକ୍ଷରୁ କରାଯାଇଥିବା ନାଳରେ ନର୍ଦ୍ଦମା ପାଣି ମିଶିବା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିବା ମଞ୍ଚ ଅଧ୍ୟକ୍ଷ ଭୀଷ୍ମନାରାୟଣ ନାୟକ କହିଛନ୍ତି। ପୂର୍ବରୁ ମନ୍ଦିର ପୁଷ୍କରିଣୀ ପୁନରୁଦ୍ଧାର ନେଇ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯିବା ପରେ ନିମ୍ନମାନର କାର୍ଯ୍ୟ ଯୋଗୁ ଏହା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିବା ନେଇ ଭିଜିଲାନ୍ସ ତଦନ୍ତ ଦାବି କରାଯାଇଥିଲା। ସେହିଭଳି ଭୁବନେଶ୍ୱର ବ୍ଲକ ପକ୍ଷରୁ ମନ୍ଦିର ପରିସରରେ ସୂକ୍ଷ୍ମେଶ୍ୱର ମହାଦେବଙ୍କ ରୋଷଘର ରେକର୍ଡଭୁକ୍ତ ସମ୍ପତ୍ତି ଉପରେ କମ୍ୟୁନିଟି ସେଣ୍ଟର ନାମରେ ଅବୈଧ ନିର୍ମାଣ ଅଭିଯୋଗ ମଧ ଆସିଥିଲା। ଏଣୁ ବିଭିନ୍ନ ସମସ୍ୟା ପ୍ରତି ଦୃଷ୍ଟି ଦେବା ସହ ମନ୍ଦିର ରକ୍ଷଣାବେକ୍ଷଣ କରାଯିବା ନେଇ ଦାବି କରାଯାଇଛି।

# ବିଜେବି କଲେଜ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ରାସ୍ତାରୋକୋ

## ଯୁକ୍ତ୨ ପ୍ରଥମ ବର୍ଷ ପରୀକ୍ଷା ତାରିଖ, ପାସ୍‌ଫେଲ୍ ବ୍ୟବସ୍ଥାକୁ ବିରୋଧ

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**



ଚଳିତବର୍ଷଠାରୁ ଯୁକ୍ତ୨ ପ୍ରଥମ ବର୍ଷ ପରୀକ୍ଷାରେ ପାସ୍ ଫେଲ୍ ବ୍ୟବସ୍ଥା ଲାଗୁ କରାଯାଇଛି। ନିକଟରେ ପରୀକ୍ଷା ହେବାକୁ ଥିବାବେଳେ ଏଯାଏ କୋର୍ସ ସରିନି। ଏପରି ସ୍ଥଳେ ଛାତ୍ରୀଛାତ୍ରମାନେ ସେମାନଙ୍କ ଭବିଷ୍ୟତକୁ ନେଇ ବେଶ୍ ଚିନ୍ତିତ ହୋଇପଡିଛନ୍ତି। ରାଜ୍ୟର ବିଭିନ୍ନ କଲେଜରେ ଏହାକୁ ନେଇ ଆନ୍ଦୋଳନ ଆରମ୍ଭ ହୋଇଥିବାବେଳେ ଶନିବାର ବିଜେବି ଜୁନିୟର କଲେଜର ଛାତ୍ରୀଛାତ୍ର ରାସ୍ତାକୁ ଓହ୍ଲାଇଥିଲେ। ସେମାନେ କଲେଜ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜାତୀୟ ରାଜପଥକୁ ଟାୟାର ଜାଳି ଅବରୋଧ କରିଥିଲେ। ଫଳରେ ସେଠାରେ ବହୁ ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ବଡ଼ଗଡ଼ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ସ୍ଥିତି ଉପରେ ନଜର ରଖିଥିଲେ। ଶେଷରେ କଲେଜ ଅଧ୍ୟକ୍ଷ ପିଲାମାନଙ୍କୁ ବୁଝାଶୁଝା କରିବା ସହ ପଢାଯାଇଥିବା ପାଠ୍ୟକ୍ରମରୁ ପ୍ରଶ୍ନ ଆସିବ ବୋଲି କହିବା ପରେ ସେମାନେ ରାସ୍ତାରୋକୋରୁ ଉଠିଥିଲେ।

ଛାତ୍ରୀଛାତ୍ରମାନେ କହିଥିଲେ, ପୂର୍ବରୁ ପ୍ରଥମବର୍ଷ ପରୀକ୍ଷା ମାର୍ଚ୍ଚ ମାସରେ ହୁଏ। ଚଳିତ ବର୍ଷ ହଠାତ୍ ପାସ୍‌ଫେଲ୍ ବ୍ୟବସ୍ଥା ଲାଗୁ କରାଗଲା। ପିଲାଙ୍କୁ ସମୟ ଦିଆ ନ ଯାଇ ମାର୍ଚ୍ଚ ପରିବର୍ତ୍ତେ ଫେବୃୟାରୀରୁ ପରୀକ୍ଷା ହେବ ବୋଲି ଘୋଷଣା କରାଗଲା। ପିଲାମାନେ ଏଥିପାଇଁ ପ୍ରସ୍ତୁତ ନ ଥିବାବେଳେ ହାତରେ ବି ସମୟ ନାହିଁ। ଏହା ଘୋର୍ ଅନ୍ୟାୟ ବୋଲି ସେମାନେ ଅଭିଯୋଗ କରିବା ସହ ପାସ୍‌ଫେଲ୍ ବ୍ୟବସ୍ଥାକୁ ବିରୋଧ କରିଥିଲେ। ଏଥିସହ ପୂର୍ବଭଳି ମାର୍ଚ୍ଚ ମାସରେ ପରୀକ୍ଷା କରିବା ପାଇଁ ସେମାନେ ଦାବି କରିଥିଲେ। ଜଣେ ଛାତ୍ର କହିଥିଲେ, ୩୦ ପ୍ରତିଶତ ମାର୍କ ଓ ୭୦ ପ୍ରତିଶତ ଉପସ୍ଥାନ ଥିଲେ ଦ୍ୱିତୀୟ ବର୍ଷକୁ ଉତ୍ତୀର୍ଣ୍ଣ କରାଯାଉଛି। ଏପରିସ୍ଥଳେ ହଠାତ୍ କ'ଣ ପାଇଁ ପାସ୍‌ଫେଲ୍ ବ୍ୟବସ୍ଥା କରାଗଲା। ପରୀକ୍ଷା ଆଉ ୧୫ ଦିନ ଥିବାରୁ ଓ ପାଠ୍ୟକ୍ରମ ସରି ନ ଥିବାରୁ ପରୀକ୍ଷାରେ କ'ଣ ଲେଖିବୁ ବୋଲି ସେ ପ୍ରଶ୍ନ କହିଥିଲେ।

କଲେଜର ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ଦାସ କହିଛନ୍ତି, ଖୁବ୍‌ଶୀଘ୍ର ବସିବ କଲେଜର କର୍ମଚାରୀ ପରିଷଦ ବୈଠକ। ଆବଶ୍ୟକ ସ୍ଥଳେ ପିଲାଙ୍କୁ ଉସୁକାଇଥିବା ଅଧ୍ୟାପକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ। ପିଲାଙ୍କ ବୁଝିବାରେ ଭୁଲ୍ ଥିବାରୁ ସେମାନେ ଧାରଣା ଦେଇଥିଲେ। ବୁଝାଇବା ପରେ ସେମାନେ ବୁଝି ଯାଇଥିବା ସେ କହିଛନ୍ତି।

## 'କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ଜୀବନରେ ଅନୁଶାସନ ଆଣେ'



ଅତିଥିଙ୍କ ଗହଣରେ ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରୀଛାତ୍ର।

**ଭୁବନେଶ୍ୱର, ୧୮।୧(ବ୍ୟୁରୋ)**

ସାଇ ଇଣ୍ଟରନ୍ୟାଶନାଲ୍ କଲେଜ୍ ଅଫ୍ କମର୍ସ ଓ ଇକୋନୋମିକ୍ସ (ଏସ୍‌ଆଇସିସି)ର ଚତୁର୍ଥ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସାଇ ଇଣ୍ଟରନ୍ୟାଶନାଲ୍‌ର ପ୍ରତିଷ୍ଠାତା ତଥା ମେଣ୍ଟର ବିଜୟ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ପାଠପଢ଼ା ସହିତ କ୍ରୀଡ଼ା ନିହାତି ଆବଶ୍ୟକ। କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବନ୍ଧୁତା, ସ୍ୱତନ୍ତ୍ରତା, ଖୁସି, ସଂସ୍କୃତିକୁ ଏକାସାଥିରେ ଯୋଡ଼ିଥାଏ ଏବଂ ଜୀବନରେ ଅନୁଶାସନ ଆଣିଥାଏ ବୋଲି ସେ କହିଥିଲେ। ଶନିବାର ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସାଇ ଇଣ୍ଟରନ୍ୟାଶନାଲ୍‌ର ନିର୍ଦ୍ଦେଶକ ଅରବିନ୍ଦ ଦାସ ଓ ଜେନେରାଲ୍ ମ୍ୟାନେଜର ଶରତ କୁମାର କର ଯୋଗଦେଇଥିଲେ। କ୍ରୀଡ଼ା ଉତ୍ସବରେ ରେସ୍, ହାଇଜମ୍ପ୍, ଲଙ୍ଗଜମ୍ପ୍, ଶଟପୁଟ୍ ଥ୍ରୋ, ଡିସକସ୍ ଥ୍ରୋ ଆଦି ୧୭ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷ ଦିବସରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷବର୍ଷର ବାଣିଜ୍ୟ ଛାତ୍ରୀ ପ୍ରୀତିଶା ମହାପାତ୍ର ଚାମ୍ପିୟନ୍ ହୋଇଥିବାବେଳେ ଦ୍ୱିତୀୟ ବର୍ଷ ବାଣିଜ୍ୟ ଛାତ୍ର ସୁୟାସ ମହାପାତ୍ର ବାଳକ ବିଭାଗରେ ଚାମ୍ପିୟନ ହୋଇଥିଲେ। ଖେଳ ଶିକ୍ଷକ ଦିବ୍ୟବ୍ରତ ପଣ୍ଡା ଓ ଅନ୍ୟମାନେ ପ୍ରତିଯୋଗିତା ପରିଚାଳନା କରିଥିଲେ।



ଖଣ୍ଡଗିରି-ଉଦୟଗିରି ଐତିହ୍ୟ ପଦଯାତ୍ରାରେ ସାମିଲ ହୋଇଥିବା ବାଙ୍ଗାଲୋରର ସ୍ଥାପତ୍ୟ ଶିକ୍ଷାର୍ଥୀ।

# କଳିଙ୍ଗ ଇତିହାସ ଜାଣିଲେ ବାଙ୍ଗାଲୋରର ସ୍ଥାପତ୍ୟ ଶିକ୍ଷାର୍ଥୀ

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

### ଖଣ୍ଡଗିରି-ଉଦୟଗିରିରେ ଐତିହ୍ୟ ପଦଯାତ୍ରା

ଖଣ୍ଡଗିରି-ଉଦୟଗିରିରେ ଶନିବାର ଅନୁଷ୍ଠିତ ହୋଇଥିଲା ୧୦୧ତମ ଐତିହ୍ୟ ପଦଯାତ୍ରା। ବାଙ୍ଗାଲୋରର କେ.ଏସ୍. ସ୍କୁଲ ଅଫ୍ ଆର୍କିଟେକ୍ଟରର ୨୨ଜଣ ସ୍ଥାପତ୍ୟ ଶିକ୍ଷାର୍ଥୀଙ୍କ ସମେତ ଅନ୍ୟ କେତେଜଣ ପର୍ଯ୍ୟଟକ ସାମିଲ ହୋଇଥିଲେ। କୁହୁଡ଼ିଆ ଶୀତ ସକାଳରେ ପାହାଡ଼ ଚଢ଼ା ସାଙ୍ଗକୁ ଗୁମ୍ଫା ବୁଲିବା ସେମାନଙ୍କୁ ନିଆରା ଅନୁଭବ ଦେଇଥିଲା। ଏହି ଦୁଇ ଐତିହ୍ୟସ୍ଥଳର କାହାଣୀ ଶୁଣିବା ସହ ଏଥିସହ ପୁରାତନ ଓଡ଼ିଶା ବା କଳିଙ୍ଗର ଇତିହାସ ସମ୍ପର୍କରେ ବହୁତ କିଛି ଶିକ୍ଷା ଲାଭ କରିଥିଲେ। ସକାଳ ପ୍ରାୟ ୬ଟା ୩୦ରେ ଉଦୟଗିରି ପାହାଡ଼ରୁ ପଦଯାତ୍ରା ଆରମ୍ଭ ହୋଇଥିଲା। ପାହାଡ଼ ଉପରକୁ ଯେତିକି ଚଢୁଥିଲେ ଛାତ୍ରୀଛାତ୍ରଙ୍କ ଜାଣିବାର ଉତ୍ସାହ ସେତିକି ବଢୁଥିଲା। ସେମାନେ ଗୁମ୍ଫା, ଶିଳାଲେଖ ଓ ବିଭିନ୍ନ କଳାକୃତି ବିଷୟରେ ପଚାରି ବୁଝିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ରାଜା ଖାରବେଳଙ୍କ ବିଷୟରେ ସୂଚନା ଦିଆଯାଇଥିଲା। ସ୍ଥାପତ୍ୟକାର ସତ୍ୟପ୍ରକାଶ ଭାରନାସୀ କହିଥିଲେ, ମୁଁ ୧୯୮୮-୮୯ ସମୟରେ ଏକାମ୍ର କ୍ଷେତ୍ର ପ୍ରକଳ୍ପ ଉପରେ କାର୍ଯ୍ୟ କରୁଥିଲି। ଆଜି ମୁଁ ମୋ' ଛାତ୍ରୀଛାତ୍ରଙ୍କୁ ଭୁବନେଶ୍ୱରର କଳା ଓ ସଂସ୍କୃତି ଦେଖାଇବାକୁ ଆଣିଛି।

### ଖରିବୁଦାରେ ଲାଗିଲା ନିଆଁ, ବିପୁଳ କେବୁଲ ନଷ୍ଟ

**ବାରଙ୍ଗ,୧୮।୧(ଡି.ଏନ.ଏ):** ନନ୍ଦନକାନନ ଥାନା ଅନ୍ତର୍ଗତ ପଦାସାହି ଗ୍ରାମମୁଣ୍ଡରେ ଥିବା ଭୁବନେଶ୍ୱର ନୂଆ ରେଳ ଷ୍ଟେଶନ ରାସ୍ତାକଡ଼ରେ ଥିବା ଖରି ବୁଦାରେ ଶନିବାର ନିଆଁଲାଗି ଲକ୍ଷାଧିକ ଟଙ୍କାର କେବୁଲ ପୋଡ଼ିଯାଇଛି। ବାରଙ୍ଗ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଭୁବନେଶ୍ୱର ନୂଆରେଳ ଷ୍ଟେଶନ ରାସ୍ତାର ଉଭୟପାର୍ଶ୍ୱରେ ରହିଛି ଖରିବୁଦା। ଖରାରେ ଏହି ଖରିଗୁଡିକ ଶୁଖି ଯାଇଥିବାବେଳେ କେହି ସିଗାରେଟ କିମ୍ବା ବିଡି ଖାଇ ପକାଇ ଦେଇଥିବାରୁ ସେଥିରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଷ୍ଟେଶନ ପାଖାପାଖି ଖରିବୁଦା ଭିତରେ ଥିବା କେବୁଲ ପଡିଥିବାବେଳେ ଏହା ମଧ ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡିଯାଇଛି। ନିଆଁ ଲାଗିବାର ପ୍ରକୃତ କାରଣ ସ୍ପଷ୍ଟ ହୋଇନି।

# ୨୪ ଗ୍ରାମ୍ ବ୍ରାଉନସୁଗାର ଜବତ, ୩ ଗିରଫ

**ଭୁବନେଶ୍ୱର,୧୮।୧(ବ୍ୟୁରୋ)/ କଟକ ରୋଡ୍ (ଡି.ଏନ୍.ଏ.)**

ରାଜଧାନୀରେ ବ୍ରାଉନସୁଗାର କାରବାରର ଚେର ମେଲିଛି। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ତତ୍ପରତା ପରେ କମିଶନରେଟ ପୋଲିସର ନିଦ ଭାଙ୍ଗିଛି। ଶନିବାର ବିଭିନ୍ନ ଥାନାଞ୍ଚଳରୁ ୨୪ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯିବା ସହ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରାଯାଇଛି। କ୍ୟାପିଟାଲ ଥାନା ପୋଲିସ ସଡ଼କ ବସ୍ତିରେ ଚଢ଼ାଉ କରି ୭ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣେ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ବସ୍ତିରେ ରହୁଥିବା ରମେଶ ନାୟକ ଓରଫ ସୁଦର୍ଶନ ଓରଫ ପପୁ। ରମେଶ ନିଶା କାରବାର କରୁଥିବା ନେଇ ପୋଲିସ ନିକଟରେ ଖବର ପହଞ୍ଚିବା ପରେ ତାଙ୍କୁ ଧରିବା ପାଇଁ ଯୋଜନା ଆରମ୍ଭ ହୋଇଥିଲା। ସକାଳେ ଏକ ପୋଲିସ ଟିମ୍ ସଡକ ବସ୍ତିସ୍ଥିତ ରମେଶଙ୍କ ଘରେ ଚଢ଼ାଉ କରିଥିଲା। ସେଠାରୁ ପୋଲିସ ୭ ଗ୍ରାମ ବ୍ରାଉନସୁଗାର ମିଳିବାପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ସେହିପରି ଖାରବେଳନଗର ଥାନା ପୋଲିସ ୟୁନିଟ୍-୪ ମାର୍କେଟ ନିକଟରେ ଚଢ଼ାଉ କରି ବ୍ରାଉନସୁଗାର ବିକ୍ରି କରୁଥିବା ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହଳଦୀପଡ଼ିଆ ବସ୍ତିରେ ରହୁଥିବା କଟକ ଚୌଦ୍ୱାରର ରିଙ୍କୁ ମଲ୍ଲିକଙ୍କୁ ଗିରଫ କରିଛି। ସେ ପ୍ରାୟ ୨ ମାସ ହେବ ହଳଦୀପଡିଆ ବସ୍ତିରେ ରାଜୁ ସାହୁ ନାମରେ ରହି ଏହି କାରବାର ଚଳାଇଥିଲେ। ପୋଲିସ ତାଙ୍କ ନିକଟରୁ ୫ ଗ୍ରାମରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ଜବତ କରିବା ସହ ଅଭିଯୁକ୍ତ ରିଙ୍କୁଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନମିଳିବାରୁ ଜେଲ୍ ପଠାଇ ଦିଆଯାଇଛି।

ଅନ୍ୟପକ୍ଷରେ ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ବଡ଼ଗଡ଼ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଲକ୍ଷ୍ମୀସାଗର ଥାନା ବୁଦ୍ଧେଶ୍ୱରୀ କଲୋନୀ ଅଞ୍ଚଳରେ ରହୁଥିବା ଡମ୍ବରୁଧର ବିଶ୍ୱାଳ। ତାଙ୍କଠାରୁ ୫.୬ଗ୍ରାମ ବ୍ରାଉନସୁଗାର, ୧୧୦୦ଟଙ୍କା ଓ ଗୋଟିଏ ସ୍କୁଟି ଜବତ କରାଯାଇଛି। ଶୁକ୍ରବାର ରାତି ପ୍ରାୟ ୧୨ଟାରେ ଡମ୍ବରୁଧର ଗିଳିପୋଖରୀ କେନାଲ ରୋଡରେ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ଥାନାକୁ ସୂଚନା ମିଳିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଧରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୧୯/୨୦)ରୁଜୁ ହୋଇଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

CAPITAL FINANCE
CAPITAL ଋଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
9992220486

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1948ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

BUSINESS

BUSINESS
ଭାରତ ସରକାର ଦ୍ୱାରା ମାନ୍ୟତାପ୍ରାପ୍ତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ରେ ଡିଜିଟାଲ ଟାଓ୍ୱର ଲଗାନ୍ତୁ
ଅଗ୍ରିମ - 70ଲକ୍ଷ, ଭଡା-50000 +
20 Years
କୋର୍ଟ ଆଗ୍ରୀମେଣ୍ଟ,
ଧୋଖା ଖାଇଥିବା ବ୍ୟକ୍ତି ଥରେ ଅବଶ୍ୟ କଲ କରି ଡାଇରେକ୍ଟ କମ୍ପାନୀ ସହ କଥା ହୁଅନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
Amit Tiwari: -
7429717631

2003ଠାରୁ ଆପଣଙ୍କ ସେବାରେ
TOWER VISION CO.
ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ସିଧା କମ୍ପାନୀ ସହ କଥା ହୋଇ ନିଜର ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍‌ରେ ମଲ୍ଟିମିଡିଆ ଡିଜିଟାଲ ଟାୱାର୍ ଲଗାନ୍ତୁ ।
ଅଗ୍ରିମ: 65 ଲକ୍ଷ | ଭଡ଼ା: 60 ହଜାର
+ କୋର୍ଟ ଏଗ୍ରିମେଣ୍ଟ + ବାଇକ୍
ଜମିର ନିରୀକ୍ଷଣ କରାନ୍ତୁ ଓ ନିଜ ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
073762-57896
094994-92906
ADDRESS: T-51, GAUTAMPURI, DELHI

SHINGHANIA TOWER
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No
8887184570

JOB JOB
ଶିବାନୀ SMS ଜବ୍ ପାର୍ଟ ଟାଇମ୍/ଫୁଲ ଟାଇମ୍ JOB ALL ଓଡ଼ିଶାର ସବୁ ଜିଲ୍ଲା ଅନୁସାରେ ପୁଅ/ଝିଅ, ବେରୋଜଗାର, ଗୃହିଣୀ, ବେରୋଜଗାରୀ/ମାନ୍ଦାବସ୍ଥା ସମୟରେ ଆୟର ସୁବର୍ଣ୍ଣ ସୁଯୋଗ 15,000/-ରୁ 20,000/- ରୋଜଗାର କରନ୍ତୁ । ଲାପଟପ୍, ମୋବାଇଲ, ବାଇକ୍ ମାଗଣା । ଅନ୍‌ଲାଇନ୍ SMS କରନ୍ତୁ । ଜବ୍ ଆଇ.ଡି. ପାଇଁ ଯୋଗାଯୋଗ କରନ୍ତୁ ।
7265982706
7064678575

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି ।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

## ସଂକ୍ଷେପରେ

### ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ

ଭୁବନେଶ୍ୱର,୧୮।୧(ପି.ଟି.): ସ୍ଥାନୀୟ ବିଜେବି କଲେଜ ଗ୍ରାଉଣ୍ଡରେ ଶନିବାର ଷଷ୍ଠ ପ୍ରଶାନ୍ତ ରାଉତରାୟ ଅଲ୍ ଓଡ଼ିଶା ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ବରିଷ୍ଠ ଆଇନଜୀବୀ ମାନସ ମହାପାତ୍ର, ନିର୍ମଳ କୁମାର ପଟ୍ଟନାୟକ ଓ ବିଜେବି କଲେଜ ପ୍ରିନ୍ସପାଲ ସୁପ୍ରଭା ପଟ୍ଟନାୟକ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ଭୁବନେଶ୍ୱର ରେଡ୍ ଓ ପୁରୀ ବାର ପରସ୍ପରକୁ ଭେଟିଥିଲେ। ପୁରୀ ୧୬୬ ରନ କରିଥିବା ବେଳେ ଭୁବନେଶ୍ୱର ୧୭୦ ରନକରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ କଟକ କ୍ରିମିନାଲ ବାର ଓ ବାଲେଶ୍ୱର ବାର ମୁହାଁମୁହିଁ ହୋଇଥିଲେ। ବାଲେଶ୍ୱର ୧୫୩ ରନ ସଂଗ୍ରହ କରିଥିଲା। କଟକ ୬ ଉଇକେଟ ହରାଇ ୧୫.୩ ଓଭରରେ ୧୫୬ ରନକରି ବିଜୟୀ ହୋଇଥିଲା। ବୀରେନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ବିଶ୍ୱମୋହନ ମହାନ୍ତି,ଶିଳଭଦ୍ର ଶାସ୍ତ୍ରୀ, ବିପିନ ବଳିୟାରସିଂ, ଜୟନ୍ତ ଜେନା ଓ ଅଶୋକ ପାତ୍ର ମ୍ୟାଚ ପରିଚାଳନାର ସହଯୋଗ କରିଥିଲେ।

### ଅର୍ଜୁନ ମୁଣ୍ଡା ଆର୍ଚେରୀ ଆସୋସିଏଶନ ସଭାପତି

ନୂଆଦିଲ୍ଲୀ, ୧୮।୧ (ପି.ଟି.): କେନ୍ଦ୍ର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଶନିବାର ଆର୍ଚେରୀ ଆସୋସିଏଶନ ଅଫ୍ ଇଣ୍ଡିଆ (ଏଏଆଇ)ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ୩ଜଣ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ନିର୍ବାଚନ ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଛି। ପୂର୍ବତନ ଏଏଆଇ ସଭାପତି ବିଜୟ କୁମାର ମାଲହୋତ୍ରାଙ୍କ ସମର୍ଥନ ପାଇଁ ମୁଣ୍ଡା ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଭିପି ରାଓଙ୍କୁ ୩୪-୧୮ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ। ମୁଣ୍ଡାଙ୍କ ପ୍ୟାନେଲର ସମସ୍ତ ପ୍ରାର୍ଥୀ ସଂଖ୍ୟାଧିକ ଭୋଟ ପାଇ ବିଜୟ ଲାଭ କରିଛନ୍ତି। ନିର୍ବାଚିତ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ୪ବର୍ଷ ରହିବ। କୋଷାଧକ୍ଷ ପଦବୀ ପାଇଁ ଉତ୍ତରାଞ୍ଚଳର ରାଜେନ୍ଦର ସିଂ ତୋମାର ୩୪-୧୮ ଭୋଟ ବ୍ୟବଧାନରେ ଓଡ଼ିଶାର ସମୀକ୍ଷା ନନ୍ଦ ଦାସଙ୍କୁ ହରାଇଛନ୍ତି।

# ଓଡ଼ିଶାକୁ ୧ ସ୍ୱର୍ଣ୍ଣ ସହ ୪ ପଦକ

ଭୁବନେଶ୍ୱର, ୧୮।୧
(କ୍ରୀଡ଼ା ପ୍ରତିନିଧି)

ଆସାମର ଗୁଆହାଟୀ ଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଶନିବାର ଓଡ଼ିଶାକୁ ଗୋଟିଏ ସ୍ୱର୍ଣ୍ଣ ସହିତ ୪ ପଦକ ମିଳିଛି। ପୁରୁଷ ୬୭ କେଜି ଭାରୋତ୍ତୋଳନରେ ଓଡ଼ିଶାର କୁଲଦୀପ ସାହୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ମୋଟ ୨୩୮ କେଜି ଭାରୋତ୍ତୋଳନ କରିଛନ୍ତି। ଭାରୋତ୍ତୋଳନର ୫୫ କେଜି ମହିଳା ବିଭାଗରେ ମୋତି ଜାନି ବ୍ରୋଞ୍ଜ ପଦକ ପାଇଛନ୍ତି। ସେ ମୋଟ ୧୫୮ କେଜି ଭାର ଉଠାଇ ଏହି ସଫଳତା ପାଇଛନ୍ତି। ସନ୍ତରଣର ୨୧ ବର୍ଷରୁ କମ୍ ବାଳିକା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶା ରାୟ ରୌପ୍ୟ ପଦକ ହାସଲ କରିଛନ୍ତି। ୧:୦୯.୩୮ ସେକେଣ୍ଡ ସମୟ ନେଇ ପ୍ରତ୍ୟାଶା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଖୋଖୋ ଦଳଗତ ଇଭେଣ୍ଟରୁ ଓଡ଼ିଶାକୁ ୪ର୍ଥ ପଦକ ମିଳିଛି। ଓଡ଼ିଶା ବାଳିକା ଦଳ ସେମିଫାଇନାଲରେ କର୍ଣ୍ଣାଟକ ନିକଟରୁ ୫-୬ ପଏଣ୍ଟରେ ହାରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛି।



ରୌପ୍ୟ ପଦକ ସହିତ ପ୍ରତ୍ୟାଶା ରାୟ।

## ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଚେସ୍ ଆରମ୍ଭ


ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ଗହଣରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୧୮।୧ (ସ୍ପୋର୍ଟ୍ସ ବ୍ୟୁରୋ): କିଟ୍ କ୍ୟାମ୍ପସ ୧୫ବି ସ୍ଥିତ ଇଣ୍ଟରନ୍ୟାଶନାଲ ଚେସ୍ ସେଣ୍ଟରଠାରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃଜୋନ ଚେସ୍ (ମହିଳା) ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୧୬ ମହିଳା ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରୁଛନ୍ତି। ନର୍ଥଜୋନରୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ପଞ୍ଜାବ ବିଶ୍ୱବିଦ୍ୟାଳୟ (ଚଣ୍ଡିଗଡ଼), ପଞ୍ଜାବୀ ବିଶ୍ୱବିଦ୍ୟାଳୟ (ପଟିଆଲା) ଓ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟ, ୱେଷ୍ଟଜୋନ୍‌ରୁ ସାବିତ୍ରୀବାଇ ଫୁଲେ ପୁନେ ବିଶ୍ୱବିଦ୍ୟାଳୟ, ମହାରାଜା ସାୟାଜିରାଓ ବିଶ୍ୱବିଦ୍ୟାଳୟ (ବରୋଦା), ଶିବାଜୀ ବିଶ୍ୱବିଦ୍ୟାଳୟ (କୋହ୍ଲାପୁର), ମୁମ୍ବାଇ ବିଶ୍ୱବିଦ୍ୟାଳୟ। ସେହିଭଳି ଇଷ୍ଟଜୋନରୁ କଲକତା ବିଶ୍ୱବିଦ୍ୟାଳୟ, କିଟ୍ ବିଶ୍ୱବିଦ୍ୟାଳୟ, ପାଟନା ବିଶ୍ୱବିଦ୍ୟାଳୟ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଏବଂ ସାଉଥ୍‌ଜୋନରୁ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ (ଚେନ୍ନାଇ), ମାଡ୍ରାସ ବିଶ୍ୱବିଦ୍ୟାଳୟ, ଭାରଥିଆର ବିଶ୍ୱବିଦ୍ୟାଳୟ (କୋଏମ୍ବାଟୁର) ଓ ଆନ୍ନା ବିଶ୍ୱବିଦ୍ୟାଳୟ (ଚେନ୍ନାଇ)।

କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, କିଟ୍ ରେଜିଷ୍ଟ୍ରର ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

## ଦକ୍ଷିଣ ଆଫ୍ରିକାର ସଂଘର୍ଷ

ପୋର୍ଟ ଏଲିଜାବେଥ,୧୮।୧: ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଦକ୍ଷିଣ ଆଫ୍ରିକା ସଂଘର୍ଷ ଜାରି ରଖିଛି। ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଇନିଂସରେ ୧୫୨ ଓଭରରେ ୯ ଉଇକେଟ ହରାଇ ୪୯୯ ରନ ସଂଗ୍ରହ କରି ପାଳି ଘୋଷଣା କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ଆରମ୍ଭ କରି ଶନିବାର ତୃତୀୟ ଦିନ ଖେଳ ଶେଷସୁଦ୍ଧା ୮୨ ଓଭରରେ ୬ ଉଇକେଟ ହରାଇ ୨୦୮ ରନ ସଂଗ୍ରହ କରିଛି। ଫଳରେ ୪ ଉଇକେଟ ହାତରେ ରଖି ଦକ୍ଷିଣ ଆଫ୍ରିକା ଏବେ ୨୯୧ ରନ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡିକକ୍ ୬୩ ଓ ଭର୍ଣ୍ଣନ ଫିଲାଣ୍ଡର ୨୭ ରନ କରି ଅପରାଜିତ ରହିଛନ୍ତି। ଦଳ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ଓପନର ଡିନ୍ ଏଲଗାର ୩୫, ପିଟର ମଲାନ ୧୮, ଜୁବେର ହମ୍‌ଜା ୧୦, ଅନରିଚ ନୋର୍ଜ ୧୮, ଅଧିନାୟକ ଫାଫ୍ ଡୁପ୍ଲେସି ୮, ରାସି ଭାନ ଡେର ଡୁସେନ ୨୪ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଡୋମ୍ ବେସ୍ ସର୍ବାଧିକ ୫ ଓ ବେନ୍ ଷ୍ଟୋକ୍ସ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୬୯/୨ରୁ ଦକ୍ଷିଣ ଆଫ୍ରିକା ଖେଳ ଆରମ୍ଭ କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଡିନ୍ ଏଲ୍‌ଗାର ୩୨ରୁ ଓ ନୋର୍ଜ ବିନା ସ୍କୋରରୁ ଖେଳ ଆରମ୍ଭ କରି ଆଉଟ ହୋଇଥିଲେ। ବର୍ଷା ଯୋଗୁ ତୃତୀୟ ଦିବସର ଖେଳ ଏକାଧିକ ବାର ବାଧାପ୍ରାପ୍ତ ହୋଇଥିଲା।

## ଓଡ଼ିଶାରେ ପ୍ରତିଭାଙ୍କ ଅଭାବ ନାହିଁ

**କଟକରେ ପହଞ୍ଚିଛନ୍ତି କୁଡୋ ଫେଡେରେଶନ ଅଫ ଇଣ୍ଡିଆର ସଭାପତି ତଥା ବଲିଉଡ ଷ୍ଟାର ଅକ୍ଷୟ କୁମାରଙ୍କ ବନ୍ଧୁ ସୋସିହାନ ମେହୁଲ ବୋରା। ଏଠାରେ କୁଡ଼ୋ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ରାଜ୍ୟ କୁଡ଼ୋ ତାଲିମ ଶିବିରରେ ସେ ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରେ ଅଛନ୍ତି। ଏହି ଅବସରରେ ମେହୁଲଙ୍କ ସହ ସାକ୍ଷାତକାର**



ସୋସିହାନ ମେହୁଲ

**ଭାରତରେ କୁଡୋ ମାର୍ଶଲ ଆର୍ଟ ପ୍ରତି ଉତ୍କଣ୍ଠା ରହିଛି କି?**

▶ ଏହି ଖେଳ ପ୍ରଚାର, ପ୍ରସାର ସମ୍ପୂର୍ଣ୍ଣ ଭାବେ ହୋଇ ନାହିଁ। ତଥାପି ଭାରତରେ ଅନେକ କୁଡ଼ୋ ଖେଳ ପ୍ରତି ଆକୃଷ୍ଟ ହେଲେଣି। ଏବେ ଓଡ଼ିଶାରେ ଏହାକୁ ଆରମ୍ଭ କରାଯାଉଛି। ଭାରତର ସମସ୍ତ ରାଜ୍ୟରେ ଏହାକୁ ବ୍ୟାପକ ଭାବେ କରାଯିବାକୁ ଯୋଜନା ଚାଲିଛି। ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଓ ଗୁଜରାଟର ପ୍ରତି ଜିଲାରେ ଶହଶହ କୁଡ଼ୋ ଖେଳାଳି ରହିଛନ୍ତି। ଓଡ଼ିଶାରେ କୁଡ଼ୋ ଖେଳର ବିକାଶ ଦ୍ରୁତ ଗତିରେ ହୋଇ ପାରିବ। ଏଠାରେ ପ୍ରତିଭାଙ୍କ ଅଭାବ ନାହିଁ।

**ବଲିଉଡ ଷ୍ଟାର ଅକ୍ଷୟ କୁମାର ଫେଡେରେଶନର ଅଧ୍ୟକ୍ଷ ଅଛନ୍ତି। ମାର୍ଶଲ ଆର୍ଟ ପ୍ରତି ରୁଚି ରଖୁଥିବା ଅକ୍ଷୟଙ୍କର ଅବଦାନ କେତେ ରହୁଛି?**

▶ କିଛି ଲୋକ କେବଳ କଥା କୁହନ୍ତି, ହେଲେ କାମରେ ଦେଖାନ୍ତି ନାହିଁ। ଅକ୍ଷୟ କୁମାର ଫେଡେରେଶନ ପାଇଁ ଯାହା ପ୍ରତିଶ୍ରୁତି ଦିଅନ୍ତି ତାହା ପୂରଣ କରନ୍ତି। ଅଧ୍ୟକ୍ଷ ପଦବୀରେ ବସିବା ପାଇଁ ତାଙ୍କଠାରୁ ଯୋଗ୍ୟ ବ୍ୟକ୍ତି କେହି ନାହାନ୍ତି। ଏପରିକି ନିକଟ ଅତୀତରେ ଅକ୍ଷୟ କହିଥିଲେ ଯେ, ମୁଁ ବଞ୍ଚିଥିଲା ଯାଏଁ କୁଡ଼ୋ ଖେଳକୁ ପ୍ରାୟୋଜକର ଆବଶ୍ୟକତା ପଡ଼ିବ ନାହିଁ।

**'ଅକ୍ଷୟ କୁମାର କୁଡ଼ୋ ଟୁର୍ନାମେଣ୍ଟ' ସମ୍ପର୍କରେ କଣ କହିବେ?**

▶ ୧୧ବର୍ଷ ଧରି ଏହି ଟୁର୍ନାମେଣ୍ଟ ଆୟୋଜନ ହୋଇ ଆସୁଛି। ପ୍ରଥମ ୮ ବର୍ଷ ମୁମ୍ବାଇରେ ହୋଇଥିଲା। ପରେ ଗତ ୩ଟି ସଂସ୍କରଣ ସୁରଟରେ ହୋଇଆସୁଛି। ଅକ୍ଷୟ କୁମାର ଟୁର୍ନାମେଣ୍ଟର ସମସ୍ତ ଖର୍ଚ୍ଚ ବହନ କରନ୍ତି। ଏଥିରେ ଶ୍ରୀଲଙ୍କା, ନେପାଳ, ମାଳଦ୍ୱୀପ, ଭୁଟାନ, ବାଂଲାଦେଶ ସମେତ ଆମେରିକାରୁ ମଧ୍ୟ ପ୍ରତିଯୋଗୀ ଭାଗ ନିଅନ୍ତି।

**ଅକ୍ଷୟ କୁମାରଙ୍କ ସହ କିଛି ବିଶେଷ ମୁହୂର୍ତ୍ତ?**

▶ ଦୀର୍ଘ ବର୍ଷର ସମ୍ପର୍କ। ଦୁହେଁ ମିଶିକି ମାର୍ଶଲ ଆର୍ଟ ଶିଖୁଥିଲୁ। ବର୍ତ୍ତମାନ ତାଙ୍କ ପୁଅ ମୋ ନିକଟରେ ପ୍ରଶିକ୍ଷଣ ନେଉଛନ୍ତି। ମୋ ଝିଅ ଏବେ ଅକ୍ଷୟ କୁମାରଙ୍କ ଝିଅଙ୍କୁ କୁଡ଼ୋ ଶିକ୍ଷା ଦେଉଛନ୍ତି। ଚାନ୍ଦିନୀ ଚୌକ ଟୁ ଚାଇନା, ସିଂ ଇଜ୍ କ୍ଲିଙ୍ଗ, ବେବି ଭଳି ବଡ଼ ବ୍ୟାନର ଚଳଚ୍ଚିତ୍ରଠାରୁ ଆରମ୍ଭ କରି ଥମସ ଅପ୍ ଭଳି ଅନେକ ବିଜ୍ଞାପନରେ ମୁଁ ତାଙ୍କ କୋରିଓଗ୍ରାଫର ଦାୟିତ୍ୱରେ ରହିଛି।

*– ସାକ୍ଷାତ୍‌କାର: କୁମାରଶ୍ରୀ, କଟକ*

# ରୋମାଞ୍ଚକ ମୁକାବିଲା ପାଇଁ କ୍ଷେତ୍ର ପ୍ରସ୍ତୁତ

ଭିଭିଏସ ଲକ୍ଷ୍ମଣ

ସିରିଜରେ ପଛୁଆ ରହିବା ପରେ ଭାରତୀୟ ଦଳ ସଫଳ ପ୍ରତ୍ୟାବର୍ତ୍ତନ କରିବାରେ ଅନେକ ନଜିର ରହିଛି। ମାତ୍ର ୱାଙ୍ଖଡେରେ ଖରାପ ପ୍ରଦର୍ଶନ ପରେ ରାଜକୋଟରେ ଅଷ୍ଟ୍ରେଲିଆ ପରି ଏକ ଶକ୍ତିଶାଳୀ ଦଳ ବିପକ୍ଷରେ ଯେପରି ଖେଳି ପ୍ରତ୍ୟାବର୍ତ୍ତନ କଲା ତାହା ଭାରତୀୟ ଦଳର ଦକ୍ଷତା ପ୍ରମାଣିତ କରିଛି। ରୋହିତ ଶର୍ମା ଓ ଶିଖର ଧାୱନ ପୂର୍ବରୁ ବହୁଥର ଭାରତକୁ ଭଲ ଆରମ୍ଭ ଦେଇଛନ୍ତି। ଧାୱନ ଫର୍ମରେ ଥିବାବେଳେ ଏକାକୀ ଦଳକୁ ଆଗକୁ ନେବାର ଦକ୍ଷତା ରଖିଥାନ୍ତି। ମିଚେଲ ଷ୍ଟାର୍କଙ୍କ ପ୍ରଥମ ବଲ୍‌କୁ ଗ୍ରାଉଣ୍ଡ ଶଟ୍ ଖେଳି ସେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଆଷ୍ଟନ ଅଗରଙ୍କ ବାମହାତୀ ସ୍ପିନକୁ ସେ ଭଲଭାବେ ପଢ଼ିନେଇଥିଲେ ଏବଂ ପ୍ରହାର କରିଥିଲେ। ଅଧିନାୟକ ବିରାଟ କୋହଲି ୩ ନମ୍ବରରେ ପୁଣି ଚମତ୍କାର ଖେଳିଲେ। ସେ କେବଳ ଶୀଘ୍ର ରନ ସଂଗ୍ରହ କରି ନ ଥିଲେ ଷ୍ଟ୍ରାଇକ୍ ରୋଟେଟ କରି ଧାୱନଙ୍କୁ ଅଧିକ ବଲ୍ ଖେଳିବାର ସୁଯୋଗ ଦେଇଥିଲେ ମଧ୍ୟ। ଏହା ଗେମ୍ ପ୍ରତି ବିରାଟଙ୍କ ପରିପକ୍ୱତାର ସୂଚନା ଦିଏ। ୱାଙ୍ଖଡେରେ ଧାୱନ ଓ ଆୟାର ଶୀଘ୍ର ଆଉଟ ହୋଇଯିବାରୁ ଲୋକେଶ ରାହୁଲଙ୍କ ଉପରେ ଇନିଂସ ଗଢ଼ିବା ଭାର ପଡ଼ିଥିଲା। ପୂର୍ବ ସିରିଜ ଗୁଡ଼ିକରେ ଇନିଂସ ଓପନ କରି ପରେ ଡାଉନ୍ ଅର୍ଡରରେ ଖେଳିବା ସହଜ କଥା ନୁହେଁ। ରାହୁଲ ମଧ୍ୟ ଏହି ପରିସ୍ଥିତିର ସାମ୍ନା କରିଥିଲେ। ମାତ୍ର ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ସଫଳତା ରାହୁଲଙ୍କୁ ମାନସିକ ଦୃଢ଼ତା ପ୍ରଦାନ କରିଥିବାରୁ ସେ ସଫଳ ହେଲେ। ରାଜକୋଟରେ ରାହୁଲ ୫ ନମ୍ବର ସ୍ଥାନରେ ବ୍ୟାଟିଂ କଲେ। ଦ୍ୱିତୀୟ ଥରପାଇଁ ତାଙ୍କୁ ଏପରି କରିବାକୁ ପଡ଼ିଲା। ଉଭୟ ଟେକ୍ନିକାଲି ଓ ମାନସିକ ସ୍ତରରେ ସେ ଆଡ୍‌ଜଷ୍ଟ କରି ଭାରତ ପାଇଁ ଶ୍ରେଷ୍ଠ ଇନିଂସ ଖେଳିଲେ। ୩୪୧ ବଡ଼ ଟାର୍ଗେଟ ଥିଲେ ହେଁ ଭାରତ ବୋଲିଂରେ ଭଲ ଆରମ୍ଭ କରିବା ଆବଶ୍ୟକ ହେଉଥିଲା। ଯଶପ୍ରୀତ ବୁମ୍‌ରା ନିଜ ପ୍ରଥମ ୪ ଓଭର ବହୁତ ବଢ଼ିଆ ବୋଲିଂ କରିଥିଲେ। ମନୀଷ ପାଣ୍ଡେଙ୍କ ଚିତ୍ତାକର୍ଷକ କ୍ୟାଚ(ଡେଭିଡ ୱାର୍ନର), ଆରୋନ ଫିଞ୍ଚଙ୍କୁ ଲୋକେଶ ରାହୁଲଙ୍କ ବିଜୁଳି ବେଗରେ ଷ୍ଟମ୍ପିଂ ମ୍ୟାଚର ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା। ଷ୍ଟିଭ୍ ସ୍ମିଥ ଓ ମାର୍ନସ ଲାବୁସେନ ଅଷ୍ଟ୍ରେଲିଆ ଇନିଂସକୁ ଆଗେଇ ନେଇଥିଲେ। ମାତ୍ର ଗୋଟିଏ ଓଭରରେ କୁଲଦୀପ ଯାଦବ ଏହି ଦୁଇ ଖେଳାଳିଙ୍କୁ ଆଉଟ କରିବା ମ୍ୟାଚର ଟର୍ନିଂ ପଏଣ୍ଟ ଥିଲା। ବାଙ୍ଗାଲୋରରେ ରୋମାଞ୍ଚକ ମୁକାବିଲା ପାଇଁ କ୍ଷେତ୍ର ପ୍ରସ୍ତୁତ। ବାଙ୍ଗାଲୋରରେ ସାଧାରଣତଃ ବ୍ୟାଟିଂ ପିଚ୍ ଥାଏ। ତେବେ ସେଠାରେ ଭାରତୀୟ ବୋଲିଂ ଭଲ ହେବା ଆଶା।

–(ଗେମ୍‌ପ୍ଲାନ)




रजिस्ट्री सं. डी. एल.-33004/99 REGD. NO. D. L.-33004/99

भारत का राजपत्र
The Gazette of India
असाधारण
EXTRAORDINARY
भाग II- खण्ड 3 - उप-खण्ड (ii)
PART II - Section 3 - Sub-section (ii)
प्राधिकार से प्रकाशित
PUBLISHED BY AUTHORITY

सं.3942] नई दिल्ली, शनिवार, दिसम्बर 7, 2019/अग्रहायण 16, 1941
No.3942] NEW DELHI, SATURDAY, DECEMBER 7, 2019/AGRAHAYANA 16, 1941

MINISTRY OF ROAD TRANSPORT AND HIGHWAYS
NOTIFICATION
New Delhi, the 20th November, 2019

S.O. 4387(E).—Whereas by the notification of the Government of India in the Ministry of Road Transport and Highways, , published in the Gazette of India, Extraordinary, Part II, Section 3, Sub-section(ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intension to acquire the land specified in the Schedule annexed to the said notification for building (widening/four-laning, etc.), maintenance, management and operation of NH49 on the stretch of land from Km 427.350 to Km 468.000 (OFFICE OF THE TAHASILDAR, BARKOTE) in the district of Deogarh in the state of ODISHA

And whereas the substance of the said notification has been published in "Sambad" and "Pragativadi" both dated 02.11.2019; under sub-section (3) of section 3A of the said Act;

And whereas objections have been received and the same have been considered and disallowed by the competent Authority;

And whereas, in pursuance of sub-section (1) of section 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

SCHEDULE

Brief description of the land to be acquired, with or without structure, falling within the NH49 in the stretch of land from NH49 (OFFICE OF THE TAHASILDAR, BARKOTE) in the district of Deogarh in the state of ODISHA

State: ODISHA Dist: Deogarh

| Sr. No. | Survey Number | Type of Land | Nature of Land | Area in Hectare | Name of the Land Owner/Interested Person Part Survey No. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Talluk: Barkot Village:Balita | | | | | |
| 1 | 1088/1162 | Private | GHARABARI | 0.0040469 | Jyotirmoya Dey S/o Jitendra Dey Caste-Kayasta |
| Village : Vijayanagar | | | | | |
| 2 | 392 | Government | UNNAT JOJANAJOGYA | 0.0080939 | Rakshita |
| 3 | 398 | Government | RASTA | 0.8417645 | Purta Bibhagya |
| 4 | 399 | Government | UNNAT JOJANAJOGYA | 0.0080939 | Rakshita |
| 5 | 464 | Government | RASTA | 0.3439903 | Purta Bibhagya |
| Viilage: Kandhal | | | | | |
| 6 | 1384 | Private | GHARABARI | 0.0080939 | Soudamini Debi W/o Kishor Ch. Deb, Ajaya Kumar Deb minor through Guardian mother Soudamini Debi W/o Kishore Ch Deb, Jali Krishna Deb, Ashok Kumar Deb, Anil Deb, Kapilendra Deb S/o Nikunja Chandra Deb, Kamaleswari Debi, W/o Nikunja Chandra Deb, Dilia Deb, Narayan Deb S/o Bijaya Chandra Deb, Bhargaba Chandra Deb S/o Ramesh Chandra Deb Caste- Kshyatrya |
| 7 | 1384/4429 | Private | GHARABARI | 0.0080939 | Bhama Samal W/o Dambrudhar Samal Caste Chasa |
| 8 | 1384/4759 | Private | GHARABARI | 0.0040469 | Pramila Sahu W/o Udyachandra Sahu Caste- Chasa |
| 9 | 1385 | Private | GODA I | 0.0040469 | Rajesh Kumar Swain, Kshirodbihari Swain S/o Udyanath Swain Caste-Chasa |
| 10 | 1385/3859 | Private | GHARABARI | 0.0040469 | Iswarchandra Pradhan S/o Maguni Pradhan Caste- Chasa |
| 11 | 1385/4399 | Private | GHARABARI | 0.0040469 | Banisri Majhi W/o Rushikesh Majhi Caste-Chasa |
| 12 | 1386/4306 | Private | GHARABARI | 0.0040469 | Akrura Nayak S/o Kashinath Nayak Caste-Ganda |
| 13 | 1386/4532 | Private | GHARABARI | 0.0040469 | Gourahari Behera W/o Kumudabandhu Behera Caste- Chasa |
| 14 | 1387 | Government | GOCHAR | 0.0040469 | Rakshita |
| 15 | 1388/4125 | Private | GHARABARI | 0.0040469 | Dileswar Pradhan S/o Nityananda Pradhan Caste- Teli |
| 16 | 1388/4126 | Private | GHARABARI | 0.0040469 | Dileswar Pradhan S/o Nityananda Pradhan Caste- Teli |
| 17 | 1910/4802 | Private | GHARABARI | 0.0040469 | Nandita Pradhan W/o Pramoda Ch.Biswal Caste- Chasa |
| 18 | 1910/4807 | Private | GHARABARI | 0.0040469 | Namita Pradhan W/o Akshya Kumar Pradhan Caste- Chasa Village- Balam Bhalumunda |
| 19 | 2913/4845 | Private | GHARABARI | 0.0040469 | Jalandhar Behera S/o Srini Behera Caste- Chasa |
| Viilage: Nuabanakala | | | | | |
| 20 | 707 | Private | MALSADHARAN | 0.0485633 | Somyaranjan Sahu S/o Sarata Ch. Sahu Caste- Kansari |
| 21 | 707/1019 | Private | GHARABARI | 0.0404694 | Somyaranjan Sahu S/o Sarata Ch. Sahu Caste- Kansari |
| 22 | 709 | Private | BERNA SADHARAN | 0.0080939 | Judhistir Dhala S/o Makunda Dhala Cate-Chasa |
| 23 | 710 | Private | BERNA SADHARAN | 0.0566572 | Lingaraja Dhala, Indramani Dhala, Gitanjali Sahu S/D/o Duryodhan Dhala Caste- Chasa |
| 24 | 711 | Government | PATIT | 0.2428167 | Abadajogya Anabai |
| 25 | 712 | Government | PAKKA RASTA | 0.1821125 | Kendrya Purti Bibhag |
| 26 | 713 | Government | PATIT | 0.0283286 | Abadajogya Anabai |
| 27 | 714 | Government | PAKKA RASTA | 0.2023472 | Kendrya Purti Bibhag |
| 28 | 715 | Government | PATIT | 0.3561311 | Abadajogya Anabai |
| 29 | 716 | Private | MAL SADHARAN | 0.0040469 | Lingaraja Dhala, Indramani Dhala, Gitanjali Sahu S/D/o Duryodhan Dhala Caste- Chasa |
| 30 | 728 | Government | RASTA | 0.0323756 | Sarbasadharana |
| Viilage: Nuakheshla | | | | | |
| 31 | 1044 | Private | MAL SADHARAN | 0.0930797 | Tankadhar Behera S/o Budhuram Behera Caste- Shiala |
| 32 | 635 | Private | BAHAL SADHARAN | 0.0040469 | Bhubneswar Behera, Krushna Ch. Behera, Uttam Behera, Boitarani Behera, Amruti Behera S/D/o Managobinda Behera Caste- Kumbhara |
| 33 | 717 | Private | MAL SADHARAN | 0.0121408 | Madan Behera D/o Sukru Behera, Bandhu Behera, Buie Behera S/o Kalia Behera Caste- Kumbhara |
| 34 | 720 | Private | MAL SADHARAN | 0.0242817 | Bandhu Naik S/o Puda Naik Caste- Pana |
| 35 | 721 | Private | MAL SADHARAN | 0.0080939 | Gobardhan Behera, Lalita Behera S/D/o Bhagyarathi Behera, Kasmna Behera, Suman Behera S/D/o Karunakar Behera, Saibani Behera, W/o Karunakar Behera Caste- Bhandari |
| 36 | 722 | Private | BERNA SADHARAN | 0.0080939 | Tikeswar Behera S/o Dukhabandhu Behera Caste- Shiala |
| 37 | 723 | Private | MAL SADHARAN | 0.0404694 | Lingaraja Naik, Brundabana Naik, Banamali Naik, Bari Naik, Bedi Naik, S/D/o Nidhi Naik Caste-Pana |
| 38 | 724 | Government | RASTA | 0.0971267 | Sarbasadharana |
| 39 | 725 | Private | MALSADHARAN | 0.072845 | Gobardhan Behera, Lalita Behera S/D/o Bhagyarathi Behera, Kasmna Behera, Suman Behera S/D/o Karunakar Behera, Saibani Behera, W/o Karunakar Behera Caste- Bhandari |
| 40 | 726 | Private | BERNA SADHARAN | 0.0242817 | Hrudayanath Behera S/o Dukhabandhu Behera Caste- Bhiula |
| 41 | 728/1089 | Private | GHARABARI | 0.0161878 | Motilal Behera S/o Gangadhar Behera 10 THE GAZETTE OF INDIA : EXTRAORDINARY [PART II.SEC. 3(ii)]Caste-Kumbhar |
| 42 | 729 | Private | BAHAL SADHARAN | 0.0485633 | Situ Naik S/o Mahi Naik Caste-Pana, Village-Jayapur, P.S.- Pallahara |
| 43 | 732 | Government | SARVA SADHARAN JOGYA | 0.2428167 | Rakshita |
| 44 | 733 | Government | SARVA SADHARAN JOGYA | 0.0161878 | Rakshita |
| 45 | 734 | Government | PAKKA SADAK | 1.0683934 | Purti Bibhag |
| 46 | 735 | Government | GRAMY JUNGLE | 0.0809389 | Rakshita |
| 47 | 736 | Government | GRAMY JUNGLE | 0.072845 | Rakshita |
| 48 | 740 | Private | MAL SADHARAN | 0.0080939 | Rasananda Behera S/o Dukhabandhu Behera Caste-Kumbhara |
| 49 | 743 | Private | MAL SADHARAN | 0.0080939 | Bhubneswar Behera, Krushna Ch. Behera, Uttam Behera, Boitarani Behera, Amruti Behera S/D/o Managobinda Behera Caste- Kumbhara |
| 50 | 744 | Private | MAL SADHARAN | 0.0080939 | Jagannath Behera, Kshiroda Ch. Behera, Malati Behera, Kandiri Behera, Gelehi Behera S/o Dasarathi Behera Caste-Shiala |
| 51 | 746 | Private | MAL SADHARAN | 0.0040469 | Tapan Singh,Dipak Kumar Singh, Madhubmita Singh S/o Tikayat Singh Caste- Kshtriya Village- Kuladi, P.S.- NALCO Nagar,Dist: Angul |
| 52 | 748 | Private | MAL SADHARAN | 0.0040469 | Tikeswar Behera S/o Dukhabandhu Behera Caste- Shiala |
| 53 | 749 | Private | BERNA SADHARAN | 0.0040469 | Purnima Mahanti W/o Biswajit Mahanti Caste- Kalata, Village- Gurusangh |
| 54 | 752 | Private | BAHAL SADHARAN | 0.0121408 | Shibacharan Dalabehera, Susanta Dalabehera, Bina Samal S/D/o Nirakar Dalabehera, Abhimanu Behera, Bhaja Behera, Sulachana Behera S/D/o Gundicha Behera, Chiku Amanta, Situ Amanta, Dali Amanta S/D/o Kuna Amanta Caste- Suda |
| 55 | 753 | Government | PAKKA SADAK | 1.9870498 | Purti Bibhag |
| 56 | 754 | Private | BAHAL SADHARAN | 0.0202347 | Suryakanta Jena S/o Chintamani Jena Caste- Suda |
| 57 | 763 | Private | BERNA SADHARAN | 0.0161878 | Shibacharan Dalabehera, Susanta Dalabehera, Bina Samal S/D/o Nirakar Dalabehera, Abhimanu Behera, Bhaja Behera, Sulachana Behera S/D/o Gundicha Behera, Chiku Amanta, Situ Amanta, Dali Amanta S/D/o Kuna Amanta Caste- Suda |
| 58 | 764 | Private | BERNA SADHARAN | 0.0283286 | Tikeswar Naik,Jadu Naik, Basanti Naik,Amruti Naik S/D/o Sanu Naik Caset-Pana |
| 59 | 784 | Private | MAL SADHARAN | 0.0323756 | Bishnu Charan Behera, Sudhakar Behera, Duhita Behera, Shantilata Behera, S/D/o Pitabasa Behera, Champa Behera W/o Pitabasa Behera, Laxmikanta Behera, Barsa Behera S/D/o Sambhunath Behera Caste- Kumbhara |
| 60 | 785 | Private | MAL SADHARAN | 0.0202347 | Shibacharan Dalabehera, Susanta Dalabehera, Bina Samal S/D/o Nirakar Dalabehera, Abhimanu Behera, Bhaja Behera, Sulachana Behera S/D/o Gundicha Behera, Chiku Amanta, Situ Amanta, Dali Amanta S/D/o Kuna Amanta Caste- Suda |
| 61 | 786 | Private | BERNA SADHARAN | 0.0283286 | Tikeswar Naik,Jadu Naik, Basanti Naik, Amruti Naik S/D/o Sanu Naik Caset- Pana |
| 62 | 788 | Private | MAL SADHAARAN | 0.0161878 | Kumari Behera W/o Rabichandra Behera Caste- Bhandari |
| | | | TOTAL | 6.6005659 | |

[F. No. NHAI/11013/Odisha/NH-6/LA/Notification/(3a)/3D],
RAJESH GUPTA, Dy. Secy.



କାମନା ରୂପକ ତୃଷ୍ଣା
କେବେହେଲେ ମେଣ୍ଟେନାହିଁ।
- ସିସେରୋ



# ଏ ସପ୍ତାହର କାର୍ଯ୍ୟକ୍ରମ

### ରବିବାର(୧୯।୧।୨୦୨୦)

**ଭୁବନେଶ୍ୱର**

- ଭୁବନେଶ୍ୱର ହାଫ୍ ମାରାଥନ, କଳିଙ୍ଗ ଷ୍ଟାଡିୟମ, ପ୍ରାତଃ ୫ଟା ୩୦।
- ଜାତୀୟ ପଲସ୍ ପୋଲିଓ ଦିବସ, ଅର୍ବାନ ପ୍ରାଇମେରି ହେଲ୍ଥ ସେଣ୍ଟର, ୟୁନିଟ-୮, ସକାଳ ୮ଟା।
- ପାନାସିଆ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୯ମ ରାଜ୍ୟସ୍ତରୀୟ ପ୍ରତିଯୋଗିତା, ସୂଚନା ଭବନ, ସକାଳ ୮ଟା ୧୫।
- ମାଇ ସାଇକ୍ଲୋଥନର ପୁରସ୍କାର ବିତରଣ ଉତ୍ସବ, କଳିଙ୍ଗ ଷ୍ଟାଡିୟମ, ଗେଟ ନଂ-୮, ସକାଳ ୯ଟା ୧୫।
- ଭାରତୀୟ ବିକାଶ ପରିଷଦ ପକ୍ଷରୁ ୧୯ତମ ଜାତୀୟସ୍ତରୀୟ ପ୍ରତିଯୋଗିତା, ସୋଆ ୟୁନିଭର୍ସିଟି, କ୍ୟାମ୍ପସ ୨, ସକାଳ ୯ଟା ୩୦।
- ପଞ୍ଚମ ଦଧୀଚି ମହୋତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ଇଏସ୍ଆଇ ବେନିଫିସିଆରିସ୍ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମିଳନୀ, କିଟ ଅଡିଟୋରିୟମ, ନଂ.୫, ପୂର୍ବାହ୍ନ ୧୧ଟା।
- ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ଉତ୍ସବ, ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୧ଟା।
- ପୁସ୍ତକ ଉନ୍ମୋଚନ ସମାରୋହ, ଜୟଭାରତ ସଭାଗୃହ, ନିକୋ ପାର୍କ ଟ୍ରାଫିକ ଛକ ନିକଟ, ପୂର୍ବାହ୍ନ ୧୧ଟା ୧୫।
- ଚିଲିକା ଆଞ୍ଚଳିକ ବିକାଶ ପରିଷଦର ବାର୍ଷିକ ଉତ୍ସବ, ରେଡକ୍ରସ ଭବନ, ୟୁନିଟ-୯, ପୂର୍ବାହ୍ନ ୧୧ଟା ୩୦।
- ଫଟୋଗ୍ରାଫୀ ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ରିଜିଓନାଲ ସେଣ୍ଟର, ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା।
- ଶିଶୁପାଳଗଡ଼ ମହୋତ୍ସବ, ଦଶହରା ପଡ଼ିଆ, ସନ୍ଧ୍ୟା ୬ଟା।
- ସମ୍ଭାବନା ଟ୍ରଷ୍ଟ ପକ୍ଷରୁ ‘ପ୍ରଣବ ପ୍ରଣାମ’ ସୂଚନା ଭବନ, ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ଗୀତା ମହାଯଜ୍ଞ, ଅନନ୍ତ ବାସୁଦେବ ମନ୍ଦିର, ମଠପୋଖରୀ, ରସୁଲଗଡ଼, ସନ୍ଧ୍ୟା ୬ଟା।
- ଭାଷା ସଂସ୍କୃତି ସମାଜ ପକ୍ଷରୁ କବିତା ପାଠୋତ୍ସବ, ରାଜଧାନୀ କଳା ସଂସଦ ସଭାଗୃହ, ୟୁନିଟ-୩, ସନ୍ଧ୍ୟା ୬ଟା।

**କଟକ**

- ନେତାଜୀ ଜୟନ୍ତୀ ଉପଲକ୍ଷେ ଇଣ୍ଟରନ୍ୟାଶନାଲ କ୍ଲବ ପକ୍ଷରୁ ବିଦ୍ୟାଳୟସ୍ତରୀୟ ହସ୍ତାକ୍ଷର ଓ ଚିତ୍ରାଙ୍କନ ପ୍ରତିଯୋଗିତା, ନୀଳକଣ୍ଠେଶ୍ୱର ଉ.ପ୍ରା. ବିଦ୍ୟାଳୟ, ସକାଳ ୯ଟା।
- ରେଭେନ୍‌ଶା ପ୍ରାଣୀବିଜ୍ଞାନ ଆଲୁମ୍‌ନି ଆସୋସିଏଶନ ପକ୍ଷରୁ ବାର୍ଷିକ ସମ୍ମିଳନୀ କାର୍ଯ୍ୟକ୍ରମ, ଆନେକ୍ସ-୨, ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତଃମହାବିଦ୍ୟାଳୟ ସାଂସ୍କୃତିକ, କ୍ରୀଡ଼ା ଏବଂ ଏକାଡେମିକ ଫେଷ୍ଟିଭାଲର ଉଦ୍‌ଯାପନୀ ଉତ୍ସବ, ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- କୁଡୋ ଆସୋସିଏଶନ ଅଫ ଓଡ଼ିଶାର ସେମିନାର ଓ ତାଲିମ ଶିବିର ଉଦ୍‌ଯାପନୀ ଉତ୍ସବ, ବିଜୟ ଗୋବିନ୍ଦ ଭବନ, ଦୋଳମୁଣ୍ଡାଇ, ମଧ୍ୟାହ୍ନ ୧୨ଟା ୩୦।
- ଉଦୟଭାନୁ ସାହିତ୍ୟ ସଂସଦ ପକ୍ଷରୁ ନବବର୍ଷ ବନ୍ଧୁମିଳନ ଓ କବି ସମ୍ମିଳନୀ, କାର୍ଯ୍ୟାଳୟ ପରିସର, ମଧୁପାଟଣା, ଅପରାହ୍ନ ୪ଟା।

**ପୁରୀ**

- ଇଣ୍ଡିଆନ ଓଏଲ ପକ୍ଷରୁ ସାଇକେଲ ମାରାଥନ୍, ଗୁଣ୍ଡିଚା ମନ୍ଦିର, ସକାଳ ୮ଟା।
- ଓଡ଼ିଶା ଇକୋ ଟୁରିଜିମ୍ ଫାଉଣ୍ଡେଶନ ପକ୍ଷରୁ ସାଇକେଲ ଯାତ୍ରା, ପର୍ଯ୍ୟଟନ କାର୍ଯ୍ୟାଳୟ, ସକାଳ ୮ଟା ୩୦।
- ବାସୁଦେବ ମେମୋରିଆଲ ଟ୍ରଫି, ଶାସନ ଦାମୋଦରପୁର, ସକାଳ ୮ଟା ୩୦।
- ଓଡ଼ିଶା ଗୀତିକବି ସମାଜର ଅଧିବେଶନ, ସଂସ୍କୃତି ଭବନ, ପୂର୍ବାହ୍ନ ୧୦ଟା।
- ସିନର୍ଜି ଟ୍ରଷ୍ଟ ପକ୍ଷରୁ ପ୍ରତିଯୋଗିତା, ଗୋଏଙ୍କା ଧର୍ମଶାଳା,ପୂର୍ବାହ୍ନ ୧୧ଟା।
- ବିଶ୍ୱସମ୍ବାଦ କେନ୍ଦ୍ର ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ, ରାଣୀସତୀ ଭବନ, ଅପରାହ୍ନ ୩ଟା ୩୦।
- ମଦର୍ସ ପ୍ରୋଜେକ୍ଟ ପ୍ରତିଯୋଗିତା, ପଥର ଆଖଡା, ସୁଆରସାହି, ଅପରାହ୍ନ ୪ଟା।
- ପ୍ରଜାପିତା ବ୍ରହ୍ମାକୁମାରୀ ପକ୍ଷରୁ ଉତ୍ସବ, ରାମଚଣ୍ଡୀ ସାହି, ସନ୍ଧ୍ୟା ୬ଟା ୩୦।
- ରାଜ୍ୟସ୍ତରୀୟ ଶିଶୁ ସମ୍ମାନ ପରିଚୟ ମହୋତ୍ସବ, ଟାଉନ ହଲ, ସନ୍ଧ୍ୟା ୭ଟା।

**ଖୋର୍ଦ୍ଧା**

- ଖୋର୍ଦ୍ଧା ବରିଷ୍ଠ ନାଗରିକ ମହାସଭାର ଚତୁର୍ଥ ବାର୍ଷିକ ସାଧାରଣ ସଭା ଓ ମେଗା ସ୍ୱାସ୍ଥ୍ୟ ସେବା ଶିବିର, ବିଡିଏ କଲ୍ୟାଣ ମଣ୍ଡପ, ସକାଳ ୯ଟା।

### ସୋମବାର(୨୦।୧।୨୦୨୦)

**ଭୁବନେଶ୍ୱର**

- ଜଳଶକ୍ତି ମନ୍ତ୍ରଣାଳୟ, କେନ୍ଦ୍ରୀୟ ଜଳ ଆୟୋଗ ପକ୍ଷରୁ ବିପର୍ଯ୍ୟୟ ସମ୍ବନ୍ଧିତ ସମ୍ମିଳନୀ, ନାଲ୍‌କୋ ମହାନଦୀ ନିବାସ, ନାଲ୍‌କୋ ଭବନ, ପୂର୍ବାହ୍ନ ୧୦ଟା।
- ଫଟୋଗ୍ରାଫୀ ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ରିଜିଓନାଲ ସେଣ୍ଟର, ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା।
- ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘ ପକ୍ଷରୁ ଜାତୀୟ ଉଠାଦୋକାନୀ ଦିବସ ପାଳନ, ଉତ୍କଳ ଦୃଷ୍ଟିହୀନ ସଂଘ ସଭାକକ୍ଷ, ସତ୍ୟନଗର ବିଗ୍‌ବଜାର ନିକଟ, ମଧ୍ୟାହ୍ନ ୧୨ଟା।
- ଓକ୍ସଫମ ଇଣ୍ଡିଆ ପକ୍ଷରୁ ଏକ ଆଲୋଚନାଚକ୍ର, ଦ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା, ଅପରାହ୍ନ ୨ଟା।
- ଭାରତୀୟ ବିଦ୍ୟାଭବନ ଓ ଇନ୍‌ଫୋସିସ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଭଞ୍ଜ ସଂଗୀତ ଆସର, ମୁନ୍‌ସିହଲ, ଖାରବେଳ ନଗର, ସନ୍ଧ୍ୟା ୬ଟା ୩୦।
- ଅଜିତ ନାଟ୍ୟ ମହୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୪୫।

**ଖୋର୍ଦ୍ଧା**

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ବାଲିଅନ୍ତା ବ୍ଲକ ପରିସର, ପୂର୍ବାହ୍ନ ୧୦ଟା।

**ପୁରୀ**

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ଘୋଡାବଜାର, ପୂର୍ବାହ୍ନ ୧୦ଟା ୪୫।

### ମଙ୍ଗଳବାର(୨୧।୧।୨୦୨୦)

**ଭୁବନେଶ୍ୱର**

- ସିଫା ପକ୍ଷରୁ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ, ଭି.ଜି.ଝିଙ୍ଗରାନ ଅଡିଟୋରିୟମ, ସିଫା, କୌଶଲ୍ୟଗଙ୍ଗା, ପୂର୍ବାହ୍ନ ୧୦ଟା।
- ଫଟୋଗ୍ରାଫୀ ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ରିଜିଓନାଲ ସେଣ୍ଟର, ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା।
- ରୟାଲ ହାୟର ସେକେଣ୍ଡାରୀ ସ୍କୁଲ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ପ୍ରତିଷ୍ଠା ଦିବସ, କ୍ୟାମ୍ପସ ପରିସର, ଏ-୧୨୫, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ରସୁଲଗଡ଼, ଅପରାହ୍ନ ୩ଟା।
- ଅଜିତ ନାଟ୍ୟ ମହୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୪୫।

**ଖୋର୍ଦ୍ଧା**

- ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ- ଗୁରୁଜଙ୍ଗ ସ୍କୁଲ ପରିସର, ସମୟ- ଅପରାହ୍ନ ସାଢ଼େ ୪ଟା।

### ବୁଧବାର(୨୨।୧।୨୦୨୦)

**ଭୁବନେଶ୍ୱର**

- ଫଟୋଗ୍ରାଫୀ ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ରିଜିଓନାଲ ସେଣ୍ଟର, ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା।
- ଅଜିତ ନାଟ୍ୟ ମହୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୪୫।

**ପୁରୀ**

- ଶ୍ରୀକ୍ଷେତ୍ର ଯୁବ ମହୋତ୍ସବ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

### ଗୁରୁବାର(୨୩।୧।୨୦୨୦)

**ଭୁବନେଶ୍ୱର**

- ଫଟୋଗ୍ରାଫୀ ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ରିଜିଓନାଲ ସେଣ୍ଟର, ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା।




ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ ନିକଟ ଦ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ ଶନିବାର ଅବସରପ୍ରାପ୍ତ ପ୍ରଶାସକ ନୀଳମାଧବ ମହାନ୍ତିଙ୍କ ପୁସ୍ତକ ‘ଡିଫରେଣ୍ଟ କଲର୍ସ’ର ଉନ୍ମୋଚନ ସଭାରେ ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଗୋପାଳ ବଲ୍ଲଭ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି। ନିକଟରେ ମଞ୍ଚାସୀନ ଅଛନ୍ତି (ବାମରୁ) ପୁସ୍ତକର ପ୍ରକାଶକ ନରେନ୍ଦ୍ର କୁମାର, ସମ୍ବାଦ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, ବରିଷ୍ଠ ସାହିତ୍ୟିକ ସାତକଡ଼ି ହୋତା, ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ ଓ ପୁସ୍ତକ ଲେଖକ ନୀଳମାଧବ ମହାନ୍ତି।

# ‘ଦକ୍ଷତା, ନିଷ୍ଠା ଉତ୍ତମ ପ୍ରଶାସକଙ୍କ ହଲ୍‌ମାର୍କ’

## ପୁସ୍ତକ ‘ଡିଫରେଣ୍ଟ କଲର୍ସ’ ଉନ୍ମୋଚିତ

**ଭୁବନେଶ୍ୱର, ୧୮।୧(ବ୍ୟୁରୋ)**

ଦକ୍ଷତା ଓ ନିଷ୍ଠା ହେଉଛି ଜଣେ ଉତ୍ତମ ପ୍ରଶାସକଙ୍କ ହଲ୍‌ମାର୍କ। ରାଜନେତାମାନେ କୌଣସି ନିଷ୍ପତ୍ତି ନେବା ସମୟରେ ଆଇନର ପରିଧି ଭିତରେ ରହି ସ୍ୱଚ୍ଛ ଓ ନିରପେକ୍ଷ ପରାମର୍ଶ ଦେବା ଜଣେ ଦକ୍ଷ ପ୍ରଶାସକଙ୍କ କାମ। କିନ୍ତୁ ବର୍ତ୍ତମାନର ଅମଲାତନ୍ତ୍ର ରାଜନେତାମାନଙ୍କ ହାତର ଚାବିକାଠି ହୋଇଯାଇଛନ୍ତି। ଏକ ସ୍ୱଚ୍ଛ ନିଷ୍ପତ୍ତି ନେବାକୁ ପରାମର୍ଶ ଦେବା ବଦଳରେ ରାଜନେତାମାନେ ଯେଉଁ ନିଷ୍ପତ୍ତି ନେଉଛନ୍ତି ତାକୁ ହାସଲ କରିବା ପାଇଁ ଆଜିର ପ୍ରଶାସକମାନେ ନିୟମକୁ ସେଇ ବାଟରେ ବଦଳାଇ ଦେଉଛନ୍ତି ବୋଲି ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଗୋପାଳ ବଲ୍ଲଭ ପଟ୍ଟନାୟକ କହିଛନ୍ତି। ଅବସରପ୍ରାପ୍ତ ପ୍ରଶାସକ ନୀଳମାଧବ ମହାନ୍ତିଙ୍କ ପୁସ୍ତକ ‘ଡିଫରେଣ୍ଟ କଲର୍ସ’ ଶନିବାର ଦ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାଠାରେ ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଷ୍ଟିସ୍ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ତମ ସରକାର ଗଠନ ତଥା ଏକ ପ୍ରଗତିଶୀଳ ରାଷ୍ଟ୍ର ପାଇଁ ଅମଲାତନ୍ତ୍ରର ଗୁରୁତ୍ୱ ଅନେକ ବୋଲି କହିଥିଲେ। ବରିଷ୍ଠ ସାହିତ୍ୟିକ ସାତକଡ଼ି ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ‘ଧରିତ୍ରୀ’ ଓ ‘ଓଡ଼ିଶା ପୋଷ୍ଟ’ର ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ କହିଥିଲେ, ଅମଲାତନ୍ତ୍ର ଦ୍ୱାରା ହିଁ ଦେଶର ପରିବର୍ତ୍ତନ ସମ୍ଭବ। ରାଜନୀତି ନୁହେଁ କି ନ୍ୟାୟପାଳିକା ନୁହେଁ, ଦକ୍ଷ ପ୍ରଶାସକମାନେ ହିଁ ଦେଶର ପ୍ରଗତିର ମୁଖ୍ୟବାହକ। ସେହିପରି ବିଧାୟକ ତଥା ‘ସମ୍ବାଦ’ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଥିଲେ, ନିଜ ପ୍ରଶାସକ ଜୀବନର ଅନୁଭୂତିକୁ ନେଇ ମହାନ୍ତିଙ୍କ ଲିଖିତ ଏହି ପୁସ୍ତକ ଆଜିର ପ୍ରଶାସକଙ୍କ ପାଇଁ ବେଶ୍ ଉପାଦେୟ ହେବ। ସମସାମୟିକ ଇତିହାସ ଅତି ଦୁର୍ବଳ ହୋଇଥିବାବେଳେ ଏହି ଅଭାବକୁ ପୂରଣ କରିବାରେ ଆତ୍ମଜୀବନୀଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୂଚନାଥାଉ କି ପୁସ୍ତକ ‘ଡିଫରେଣ୍ଟ କଲର୍ସ’ରେ ଲେଖକ ମହାନ୍ତି ନିଜ ପ୍ରଶାସକ ଜୀବନର ଅନୁଭୂତି, ବିଭିନ୍ନ ସରକାରୀ ପ୍ରସଙ୍ଗ, ରାଜନୈତିକ କର୍ତ୍ତୃପକ୍ଷଙ୍କ ସହ ତାଙ୍କ ସମ୍ପର୍କ, କିଭଳି ଅନେକ ସରକାରୀ ନିଷ୍ପତ୍ତିରେ ତାଙ୍କ ମାନସିକ ସହମତି ନ ଥାଏ ସେ ସବୁ ବର୍ଣ୍ଣନା କରିଛନ୍ତି। କାର୍ଯ୍ୟକ୍ରମରେ ହର୍-ଆନନ୍ଦ ପବ୍ଲିକେଶନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରକାଶକ ନରେନ୍ଦ୍ର କୁମାର ସ୍ୱାଗତ ଭାଷଣ ଦେଇଥିଲେ।

# ଫର୍ଣ୍ଣେସ୍ ନିଆଁରେ ପୋଡ଼ିହୋଇ ୨ ଶ୍ରମିକ ଗୁରୁତର

**ଖୁଣ୍ଟୁଣୀ,୧୮।୧(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ଅର୍ନ୍ତଗତ ଘଣ୍ଟିଖାଲସ୍ଥିତ ଆରତୀ ଷ୍ଟିଲ କାରଖାନାରେ ଶନିବାର ଫର୍ଣ୍ଣେସ ନିଆଁରେ ପୋଡ଼ିହୋଇ ୨ଜଣ ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ମହାକାଳବସ୍ତ ପଞ୍ଚାୟତର ସମୀର ବେଉରା(୨୬) ଓ କଟକ ତୁଳସୀପୁର ଅଞ୍ଚର ମନୋଜ ବେହେରା। ଚିକିତ୍ସା ପାଇଁ ଉଭୟଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସମୀର କାରଖାନାରେ ଭେଙ୍କେଟଶ୍ୱର ଇଞ୍ଜିନିୟରିଂ ନାମକ ଏକ ଠିକା ସଂସ୍ଥା ଅଧୀନରେ ଫରୋ ଆଲଏକ୍ ସି ଫର୍ଣ୍ଣେସ୍‌ରେ ଶ୍ରମିକଭାବେ କାମ କରୁଥିଲେ। ସେହିପରି ମନୋଜ ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ଶନିବାର ସକାଳ ପ୍ରାୟ ୯ଟାରେ ଫର୍ଣ୍ଣେସ୍ ରୁମ୍‌କୁ ସଫା କରି ବାହାରୁଥିବାବେଳେ ହଠାତ୍ ନିଆଁ ଧାସ ଆସି ଉଭୟଙ୍କ ଉପରେ ପଡ଼ିଥିଲା। ସମୀରଙ୍କ ଶରୀରର ପ୍ରାୟ ୬୦ ପ୍ରତିଶତ ଓ ମନୋଜଙ୍କର ପ୍ରାୟ ୩୦ ପ୍ରତିଶତ ପୋଡିଯାଇଛି। କାରଖାନା କର୍ତ୍ତୃପକ୍ଷ ସେମାନଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ବୋଲି ଆରତୀ ଷ୍ଟିଲ୍‌ର ଲୋକ ସମ୍ପର୍କ ଅଧିକାରୀ ଶରତ ନିଶାଙ୍କ କହିଛନ୍ତି। ସମୀର ଘରର ଏକମାତ୍ର ରୋଜଗାରିଆ। ତାଙ୍କ ପରିବାର ପ୍ରତିପୋଷଣ ପାଇଁ ପ୍ରଶାସନ ଏବଂ କାରଖାନା କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ଗୀତାଞ୍ଜଳି



ଅନନ୍ତ



ରାକେଶ



ମହେଶ୍ୱର



ଶେଖର



ଅଶୋକ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ସାରଳା ଦାସ, ଫକୀରମୋହନ ଓଡ଼ିଆ ସାହିତ୍ୟକୁ ବିଶ୍ୱବ୍ୟାପୀ କରିଛନ୍ତି




## ନୂଆଦିଲ୍ଲୀରେ ପଲ୍ଲୀବାଣୀର ଯୁବଲେଖକ ସମ୍ମିଳନୀ ‘ଶବ୍ଦ’

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

ଆଞ୍ଚଳିକ ସାହିତ୍ୟର ବଳିଷ୍ଠତା ଯେଉଁଠି ଭାରତୀୟ ସାହିତ୍ୟକୁ ବଳିଷ୍ଠ କରିଛି। ଅପରପକ୍ଷେ ପଞ୍ଚଦଶ ଶତାବ୍ଦୀରେ ଶୂଦ୍ରମୁନି ଭାବେ ପରିଚିତ ସାରଳା ଦାସଙ୍କ ମହାଭାରତ ଓଡ଼ିଆ ସାହିତ୍ୟକୁ ଜାତୀୟସ୍ତରରେ ଧ୍ରୁବ ତାରା ପରି ଜାଜ୍ଜ୍ୱଲ୍ୟମାନ କରିଛି ବୋଲି ପଲ୍ଲୀବାଣୀ ମିଶନ ଦ୍ୱାରା ନୂଆଦିଲ୍ଲୀରେ ଆୟୋଜିତ ଯୁବ ଲେଖକ ସମ୍ମିଳନୀ ‘ଶବ୍ଦ’ରେ ବକ୍ତା ଭାବେ ଯୋଗଦେଇ ହିନ୍ଦୀ କବି ଲକ୍ଷ୍ମୀଶଙ୍କର ବାଜପେୟୀ ମତବ୍ୟକ୍ତ କରିଛନ୍ତି। ସେହିପରି ବଙ୍ଗଳା ଭାଷାର ବିଶିଷ୍ଟ ଲେଖକ ନିର୍ମଳକାନ୍ତି ଭଟ୍ଟାଚାର୍ଯ୍ୟ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଫକୀରମୋହନ ସେନାପତିଙ୍କ ଲେଖକୀୟ କୃତୀ ଭାରତୀୟ ବିଶେଷକରି ଓଡ଼ିଆ ସାହିତ୍ୟକୁ ବିଶ୍ୱବ୍ୟାପୀ କରିଛି ବୋଲି କହିଥିଲେ। ଅନ୍ୟତମ ବକ୍ତା ଭାବେ କବି ତଥା ପ୍ରଶାସକ ଅମରେନ୍ଦ୍ର ଖଟୁଆ ଏବଂ କୁଳମଣି ବିଶ୍ୱାଳ ଦେଶର ସଂହତି ଓ ଏକତା କ୍ଷେତ୍ରରେ ସାହିତ୍ୟ ମଶାଲର ଭୂମିକା ଗ୍ରହଣ କରିଥିବା କହିଥିଲେ।

ଦ୍ୱିତୀୟ ବର୍ଷ ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଭାଷାର ୨୦ଜଣ ଯୁବ ସାହିତ୍ୟିକ ଯୋଗ ଦେଇଥିଲେ। ସଂଗଠନର ଅଧ୍ୟକ୍ଷ ରାମଚନ୍ଦ୍ର ନାଥ ‘ଶବ୍ଦ’ ଆଳୁଆଳରେ ପଲ୍ଲୀବାଣୀ ମିଶନ ଯୁବ ସାହିତ୍ୟିକମାନଙ୍କୁ ଗୋଟିଏ ମଞ୍ଚରେ ଏକତ୍ର କରିବାକୁ ପ୍ରୟାସ କରୁଥିବା କହିଥିଲେ। ଓଡ଼ିଆ ଭାଷାରେ ବାସୁଦେବ ସୁନାନୀ, ନେତାଜୀ ଅଭିନନ୍ଦନ, ବିରଜା ମହାପାତ୍ର, ପରବ୍ରହ୍ମ ତ୍ରିପାଠୀ, ବିଜୟଲକ୍ଷ୍ମୀ ପରିଡ଼ା, ଦିଲୀପ ତ୍ରିପାଠୀ ଓ ବହୁ କବି ନିଜର ରଚନା ଉପସ୍ଥାପନ କରିଥିଲେ। ମିଶନ ସମ୍ପାଦକ ନବଜ୍ୟୋତି ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପଲ୍ଲୀବାଣୀ ପତ୍ରିକାର ନୂଆବର୍ଷ ସଂଖ୍ୟା ଉନ୍ମୋଚିତ ହୋଇଥିଲା।

# ରାଜାରାଣୀ ସଙ୍ଗୀତ ମହୋତ୍ସବ ଉଦ୍‌ଘାଟିତ

**ପୁରୁଣା ଭୁବନେଶ୍ୱର, ୧୮।୧ (ଡି.ଏନ.ଏ.)**

ଶାସ୍ତ୍ରୀୟ ସଙ୍ଗୀତର ମୂର୍ଚ୍ଛନାରେ ରାଜାରାଣୀ ମନ୍ଦିର ପ୍ରାଙ୍ଗଣ ଶନିବାର ସନ୍ଧ୍ୟାରେ ମୁଖରିତ ହୋଇ ଉଠିଥିଲା। ଅବସର ଥିଲା ରାଜ୍ୟ ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ରାଜାରାଣୀ ସଙ୍ଗୀତ ମହୋତ୍ସବର ଉଦ୍‌ଘାଟନ। ସନ୍ଧ୍ୟାର ପ୍ରଥମ ଶିଳ୍ପୀ ଭାବେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଗାୟିକା ଡ଼. ଏସ. ସୋମ୍ୟା କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତର ବିଭିନ୍ନ ରାଗ ଓ ତାଳକୁ ନେଇ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଥମ ଅର୍ଘ୍ୟରେ ରାଗ ହଂସଧ୍ୱନି ବାତାପି ଗଣପତି ଏବଂ ରାଗ ପୂର୍ବୀ କଲ୍ୟାଣୀ ମିଶ୍ର ଚମ୍ପୂ ତାଳ ସହ ବିଭିନ୍ନ ରାଗ ଓ ତାଳରେ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କୁ ବେହେଲାରେ ପଣ୍ଡିତ ଅମ୍ବର ଏସ. କାନନ, ମୃଦଙ୍ଗରେ ପଣ୍ଡିତ ପି. ସୁବ୍ରମଣ୍ୟମ ଏବଂ ଜିରାରେ ପଣ୍ଡିତ କେ. ଗୋପାଲ କ୍ରିଷ୍ଣନ ସହଯୋଗ କରିଥିଲେ। ସନ୍ଧ୍ୟାର ଦ୍ୱିତୀୟ କାର୍ଯ୍ୟକ୍ରମ ଥିଲା କୈଳାସ ପାତ୍ରଙ୍କ ଦ୍ୱାରା ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଉପରେ ବିଭିନ୍ନ ରାଗ ଓ ତାଳକୁ ନେଇ ବେହେଲା ବାଦନ। ତାଙ୍କୁ ତାନପୁରାରେ କଳ୍ପନା ଓ ତବଲାରେ ପଣ୍ଡିତ ରାମଦାସ ପଲସୁଲେ ସହଯୋଗ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ଶ୍ରୀମୟୀ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ଶାସନ ସଚିବ ଜି. ମାଥିଭାଥନନ୍, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଚାଳନା କରିଥିଲେ ଡ. ସଙ୍ଗୀତା ଗୋସାଇଁ ଏବଂ ଅନୁଜା ତାରିଣୀ ମିଶ୍ର। ପର୍ଯ୍ୟଟନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ ଅଧିକାରୀ ଓ ପର୍ଯ୍ୟଟନ ଉନ୍ନୟନ ନିଗମର ଅଧିକାରୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ମହୋତ୍ସବକୁ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରୁଛନ୍ତି।



ମହୋତ୍ସବରେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ଆଞ୍ଚଳିକ ମେରୁଦଣ୍ଡ ଆଘାତ କେନ୍ଦ୍ରରେ ପ୍ରଶାସନିକ ତଦନ୍ତ

## ନିଯୁକ୍ତିରେ ହୋଇଥିଲା କେଳେଙ୍କାରୀ

**କଟକ ଅଫିସ,୧୮।୧**

ଏସ୍‌ସିବି ମେଡିକାଲ ପରିସରସ୍ଥ ଆଞ୍ଚଳିକ ମେରୁଦଣ୍ଡ ଆଘାତ କେନ୍ଦ୍ରରେ ନିଯୁକ୍ତି ସମ୍ପର୍କରେ ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ତଦନ୍ତ କରାଯାଉଛି। ସୂଚନାଥାଉ କି, ଉକ୍ତ କେନ୍ଦ୍ରରେ ଦୀର୍ଘଦିନରୁ କାର୍ଯ୍ୟ କରୁଥିବା କର୍ମଚାରୀମାନେ ସ୍ଥାୟୀ ହୋଇ ନ ଥିବାବେଳେ ନୂଆ କର୍ମଚାରୀମାନଙ୍କୁ ରାତିଅଧିଆ ସ୍ଥାୟୀ କରାଯାଇଥିଲା। ୨୦୧୬ରେ ଉକ୍ତ କେନ୍ଦ୍ରରେ ହୋଇଥିବା ଏକ ଅଡିଟରେ ଦର୍ଶାଯାଇଥିଲା ଯେ, ଏଭଳି ରାତିଅଧିଆ ସ୍ଥାୟୀ ନିଯୁକ୍ତି ପରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର କେଳେଙ୍କାରୀ ହୋଇଛି। ଏହାପରେ ୨୦୧୭ରେ ଏହାର ପ୍ରଶାସନିକ ତଦନ୍ତ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁପାରିଶ କରାଯାଇଥିଲା। ମାତ୍ର ତାହା ଆଜି ପର୍ଯ୍ୟନ୍ତ ହୋଇ ନ ଥିଲା।



କୋମଳ ଉତ୍ତର କ୍ରୋଧକୁ ଦମନ କରେ,
ମାତ୍ର କଟୁ ବାକ୍ୟ କୋପ ଜନ୍ମାଏ।
- ଯୀଶୁଖ୍ରୀଷ୍ଟ



## ସଂକ୍ଷେପରେ

### ବସ ଧକ୍କାରେ ସାଇକେଲ ଆରୋହୀ ମୃତ

**ଖୋର୍ଦ୍ଧା ଅଫିସ, ୧୮।୧:** ଖୋର୍ଦ୍ଧା ସଦର ଥାନା ତାଳତୋଳା ବଜାରର ଶ୍ମଶାନ ନିକଟରେ ଶୁକ୍ରବାର ରାତିରେ ବସ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରଫୁଲ୍ଲ କୁମାର କହଲସିଂ(୨୯)। ଘର ବେଗୁନିଆ ଥାନା ଲୋକିପୁର ଗାଁରେ। ପ୍ରଫୁଲ୍ଲ ଘରକୁ ଫେରୁଥିବାବେଳେ ଏକ ଘରୋଇ ବସ ଧକ୍କା ଦେଇ ପଳାଇଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପରେ (ନଂ.୯/୨୦) ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି।

### ଟ୍ରକ୍ ଧକ୍କାରେ ବ୍ୟବସାୟୀ ମୃତ

**ଖୋର୍ଦ୍ଧା ଅଫିସ, ୧୮।୧:** ଖୋର୍ଦ୍ଧା ଆଦର୍ଶ ଥାନା ପିତାପଲ୍ଲୀ ଛକ ନିକଟରେ ଶନିବାର ପୂର୍ବାହ୍ନ ୧୧ଟାରେ ଟ୍ରକ ଧକ୍କାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଢେଙ୍କାନାଳ ଜିଲାର ନନ୍ଦକିଶୋର ମିଶ୍ର(୪୯)। ତାଙ୍କର ଏକ ଦାନା ଗୋଦାମ ପିତାପଲ୍ଲିରେ ରହିଛି। ସେ ବାଇକ୍ (ନଂ. ଓଡି଼୦୫ ଏବି ୪୨୨୧) ଯୋଗେ ଖୋର୍ଦ୍ଧା ଫେରୁଥିବାବେଳେ ଟ୍ରକ୍ (ନଂ. ଓଡି଼୦୨ ଏଏମ ୨୮୨୩) ତାଙ୍କୁ ଧକ୍କା ଦେଇଥିଲା। ନନ୍ଦକିଶୋରଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଗଛରୁ ଝୁଲନ୍ତା ମୃତଦେହ ଜବତ

**ଭୁବନେଶ୍ୱର,୧୮।୧(ବ୍ୟୁରୋ):** ନୟାପଲ୍ଲୀ ଥାନା ଅନ୍ତର୍ଗତ ଲୟୋଲା ସ୍କୁଲ ଗେଟ୍ ନଂ-୨ ସମ୍ମୁଖ ଏକ ଗଛରେ ଲୁଙ୍ଗି ଦ୍ୱାରା ଝୁଲୁଥିବା ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଶନିବାର ସକାଳେ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ମୃତକ ହେଲେ ସାଲିଆସାହି ଆଦିତ୍ୟ ନଗରରେ ରହୁଥିବା ମୁରଲୀ ବାଡ଼ତିଆ(୫୦)। ମୁରଲୀଙ୍କ ଘର ଗଞ୍ଜାମ ଜିଲା ସିଦ୍ଧପୁରରେ ହୋଇଥିବା ବେଳେ ସେ ପରିବାର ସହ ଆଦିତ୍ୟ ନଗରରେ ରହୁଥିଲେ। ଗତ ମାସେ ହେବ ତାଙ୍କର ମାନସିକ ସ୍ଥିତି ଠିକ୍ ନ ଥିଲା। ଶୁକ୍ରବାର ରାତିରେ ସେ ଘରୁ କେଉଁଆଡେ ପଳାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ତାଙ୍କର ପତ୍ତା ପାଇ ନ ଥିଲେ। ସକାଳେ ତାଙ୍କ ମୃତଦେହ ଗଛରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରି ପୋଲିସ ତଦନ୍ତ କରୁଛି। ଏନେଇ ଏକ ଅପମୃତ୍ୟୁ ମାମଲା ନଂ. ୭/୨୦ ରୁଜୁ ହୋଇଛି।

# ବଳଶାଳୀ ବିଲ୍ଡରଙ୍କ ବଡ଼ କାରନାମା



## ଜବରଦଖଲକୁ ବିରୋଧ କରି ଧାରଣା

ନୟାପଲ୍ଲୀ ଥାନା ଅନ୍ତର୍ଗତ ପାଇକ ନଗର ଅଞ୍ଚଳରେ ଥିବା ସରକାରୀ ଜମିରେ ଜବରଦଖଲକୁ ବିରୋଧ କରି ସ୍ଥାନୀୟବାସିନ୍ଦା ଜାତୀୟ ରାଜପଥରେ ଧାରଣା ଦେଇଛନ୍ତି। ବଳଶାଳୀ ବିଲଡରଙ୍କ ଦୌରାତ୍ମ୍ୟ ସହ ନୟାପଲ୍ଲୀ ଥାନା ଅଧିକାରୀଙ୍କ ମନମାନୀ କାର୍ଯ୍ୟକଳାପକୁ ବିରୋଧ କରି ସ୍ଥାନୀୟ ବାସିନ୍ଦା ଶେଷରେ ଧାରଣା ପନ୍ଥା ବାଛିଛନ୍ତି ବୋଲି କହିଛନ୍ତି। ଉକ୍ତ ଜମିରେ ପୂର୍ବରୁ ଜଳାଶୟ ଥିବା ବେଳେ ବଳପୂର୍ବକ ଉକ୍ତ ଜଳାଶୟକୁ ପୋତି ଜାଲ ନକ୍ସାରେ ବିଲଡର ଜଣଙ୍କ ତାକୁ ନିଜର ସ୍ଥିତିବାନ ଜମି ବୋଲି ଦର୍ଶାଉଛନ୍ତି। ଏହି ଜମିକୁ ନେଇ ୨୦୦୯ରେ ବିଲଡରଙ୍କ ସହ ସ୍ଥାନୀୟ ବାସିନ୍ଦାଙ୍କ ବିବାଦ ଲାଗିରହିଥିବା ବେଳେ ଶନିବାର ଏହାକୁ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଶନିବାର ବିଲଡର ଜଣକ ପୁନର୍ବାର ସେଠାରେ କାର୍ଯ୍ୟ ଆରମ୍ଭ କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ବିରୋଧ କରିଥିଲେ ମଧ ବିଲଡର ଜଣଙ୍କ କିଛି ଶୁଣି ନ ଥିଲେ। ଫଳରେ ସ୍ଥାନୀୟ ବାସିନ୍ଦା ନୟାପଲ୍ଲୀଠାରେ ଜାତୀୟ ରାଜପଥକୁ ବନ୍ଦ କରିବା ସହ ଧାରଣାରେ ବସିଥିଲେ। ଘଟଣା ସ୍ଥଳରେ ନୟାପଲ୍ଲୀ ଥାନା ଅଧିକାରୀ ଅରୁଣ ସ୍ୱାଇଁ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପରେ ଉଭୟ ପକ୍ଷରୁ କିଛି ମୁରବୀ ଲୋକଙ୍କୁ ନେଇ ପୋଲିସ ଆଲୋଚନା କରିଥିଲା। ଆଲୋଚନାରେ ସ୍ଥାନୀୟ ଏସିପି ଅନିଲ ମିଶ୍ର ମଧ ଉପସ୍ଥିତ ଥିଲେ। ଆଲୋଚନା ପରେ ସୋମବାର ଏହି ଜମି ଉପରେ ମାପଚୁପ କରାଯିବ। ମାପ ହେବା ପରେ ବିଲଡରଙ୍କ ଜମି ସେ ନେବେ ସରକାରୀ ଜମି ଛାଡିଦେବେ ବୋଲି ନିଷ୍ପତ୍ତି ହୋଇଛି।



ସ୍ଥିତପ୍ରଜ୍ଞ ମିଶ୍ର
ଭୁବନେଶ୍ୱର, ୧୮।୧ (ବ୍ୟୁରୋ)

ଭୁବନେଶ୍ୱରରେ ଏବେ ଜମି ଦର ଆକାଶଛୁଆଁ। ଜଣେ ସାଧାରଣ ବର୍ଗର ଲୋକ ପାଇଁ ଭୁବନେଶ୍ୱରରେ ଜମି କିଣିବା ସ୍ୱପ୍ନ। ଏପରି ସ୍ଥଳେ କେତେକ ଅସାଧୁ ଅଫିସରଙ୍କ ସହାୟତାରେ ଜାଲ ନକ୍ସା ତିଆରି କରି ଏକରରୁ ଊର୍ଦ୍ଧ୍ୱ ଜଳାଶୟ ଜମି ଓ ଡ୍ରେନ ଯାଉଥିବା ରାସ୍ତାକୁ କବ୍‌ଜା କରିବାକୁ ବସିଛନ୍ତି ବଳଶାଳୀ ବିଲଡର୍। ସ୍ଥାନୀୟ ଲୋକଙ୍କୁ ଧମକଚମକ ଦେବା ସହ ଭୟଭୀତ କରିବା ଓ ଆର୍ଥିକ ପ୍ରଲୋଭନ ଦେଖାଇ ଜବରଦଖଲ କରିବାକୁ ଚେଷ୍ଟା ଚଳାଇଛନ୍ତି ସମ୍ପୃକ୍ତ ବିଲଡର। ଏପରି ଘଟଣା ଦେଖିବାକୁ ମିଳିଛି ସ୍ଥାନୀୟ ପାଇକ ନଗର ଅଞ୍ଚଳରେ।

ପାଇକ ନଗର ୱେଲ ଫେୟାର ଆସୋସିଏସନ୍ ନିକଟରେ ଥିବା ପ୍ଲଟ୍ ନଂ ୨୨୭, ୨୨୮ ସରକାରୀ ଜମି ଓ ପ୍ଲଟ ନଂ ୨୩୩ ଜଳାଶୟ ଜମିରେ ଜବରଦଖଲ ହୋଇଛି। ବଡ଼ କଥା ହେଲା ୨୦୦୬ ମସିହାରୁ ବିଧାନସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଜମିକୁ ସରକାରୀ ଜମି କହୁଥିବା ବେଳେ ୨୦୦୯ରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ), ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ସାଧାରଣ ପ୍ରଶାସନ(ଜିଏ) ବିଭାଗ ଉକ୍ତ ବେଆଇନ ଜବରଦଖଲ ଉଚ୍ଛେଦ କରିଥିଲା। ହେଲେ ଏବେ ପୁଣି ସମ୍ପୃକ୍ତ ବିଲ୍‌ଡଲ ଜଣକ ପୁନର୍ବାର ଜବରଦଖଲ କରି ଜମି ହାତେଇବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ଏପରି ସ୍ଥିତିରେ ସ୍ଥାନୀୟ ଲୋକେ ଥାନା ଓ କୋର୍ଟ ଦ୍ୱାରସ୍ଥ ହେବା ସହ ଭୁବନେଶ୍ୱର ଜିଲା ଦୌରାଜଜ୍‌ଙ୍କଠାରୁ ଉକ୍ତ ଜମିରେ ନିର୍ମାଣରେ ରୋକ୍ ଲଗାଇବା ପାଇଁ ସ୍ଥଗିତାଦେଶ ଆଣିବାରୁ ଘଟଣାସ୍ଥଳରେ ନିର୍ମାଣ କାମ ବନ୍ଦ ପଡ଼ିଥିବା ଦେଖିବାକୁ ମିଳିଛି।

### ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବେଖାତିର, ପୁଣି ଜବରଦଖଲ ଉଦ୍ୟମ

- ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମି ହାତେଇବା ପ୍ରୟାସ
- ୨୦୦୯ରେ ଉଚ୍ଛେଦ କରି ପ୍ରଶାସନ ନୀରବ, ଲୋକଙ୍କୁ ମିଳୁଛି ଧମକ
- ଚାର୍ଜଶିଟ୍ ଦାଖଲ କରୁନି ପୋଲିସ, ଡିସିପି କୋର୍ଟରୁ ନିରାଶ୍ ହୋଇ ଫେରୁଛନ୍ତି ଲୋକେ

ଉଲ୍ଲେଖଯୋଗ୍ୟ, ବିଲଡର ଜଣକ ୨୦୦୬ରୁ ବଳପୂର୍ବକ ପାଇକ ନଗରରେ ଥିବା ଜଳାଶୟ ସମେତ ଡ୍ରେନ ଓ ଅନ୍ୟଜମିକୁ ମାଟି ପକାଇ ପୋତି ଦେଇଥିଲେ। ସେହି ସମୟରେ ସ୍ଥାନୀୟ ଲୋକଙ୍କ ବିରୋଧ ଏବଂ ବିଧାନସଭାରେ ଏହା ଉପରେ ପ୍ରଶ୍ନ ଉଠିବା ପରେ କାର୍ଯ୍ୟ ବନ୍ଦ ହୋଇଥିଲା। ତତ୍‌କାଳୀନ ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଦେବୀ ପ୍ରସନ୍ନ ଚାନ୍ଦ, ଯୋଗେଶ ସିଂଙ୍କ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ, ଉକ୍ତ ୭ ଟି ପ୍ଲଟରେ ଥିବା ସରକାରୀ ଜମି ଜବରଦଖଲ କରାଯାଇଛି। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଏହା ସ୍ୱୀକାର କରିବା ସହ ଏହାକୁ ଉଚ୍ଛେଦ କରାଯିବ ବୋଲି କହିଥିଲେ। ପରେ ୨୦୦୯ରେ ଉକ୍ତ ପ୍ଲଟରୁ ଜବରଦଖଲ ଉଚ୍ଛେଦ ହୋଇଥିଲା।

କିନ୍ତୁ ଗତ ଡିସେମ୍ବର ୨୭ରୁ ପୁନର୍ବାର ଉକ୍ତ ଜମି ଜବରଦଖଲ କରାଯାଉଛି। ବିଲଡର ଜଣକ ରାତାରାତି ସେଠାରେ ବାଲି ଗୋଡ଼ି ପକାଇ ଡ୍ରୋଜର ଜରିଆରେ ଜମି ଖୋଳାକାମ ଆରମ୍ଭ କରିଛନ୍ତି। ଗତ ୫ ତାରିଖରେ ସେଠାରେ କାର୍ଯ୍ୟ ଚାଲିଥିବା ବେଳେ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ସ୍ଥାନୀୟବାସିନ୍ଦା ଏନେଇ ନୟାପଲ୍ଲୀ ଥାନା ଘେରାଉ କରିବା ପରେ ପୋଲିସ କାର୍ଯ୍ୟ ବନ୍ଦ କରିଥିଲା ଓ ଡିସିପିଙ୍କ କୋର୍ଟ ଏକ ମାମଲା ଦାଏର କରି ଜମି ଉପରେ ୧୪୪ ଧାରା ଜାରି କରିଛି। ହେଲେ ବାରମ୍ବାର ସ୍ଥାନୀୟ ଲୋକଙ୍କୁ ଏବେ ବିନା ଶୁଣାଣିରେ ଫେରିବାକୁ ପଡୁଛି। ପୋଲିସ ମାମଲାରେ ନିରପେକ୍ଷତା ନଦେଖାଇ ଏଯାବତ୍ ଚାର୍ଜଶିଟ୍ ଦାଖଲ କରୁନାହିଁ। ଫଳରେ ଡିସିପିଙ୍କ କୋର୍ଟରେ ମାମଲାର ଶୁଣାଣି ହୋଇପାରୁନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସେହିପରି ବିଲ୍‌ଡର ଜଣକ ବିଭିନ୍ନ ସମୟରେ ସ୍ଥାନୀୟ ଲୋକଙ୍କୁ ଧମକ ଚମକ ଦେଉଥିବା କଥା ସ୍ଥାନୀୟ ଲୋକ କହିଛନ୍ତି। ଡୁମ୍‌ଡୁମା, ବଡ଼ଗଡ଼ରୁ ପିଲା ଆଣି ଏ ଏରିଆରେ କାହାକୁ ରଖେଇ ଦେବିନି ପରି ଧମକ ଦେଉଥିବାର କଥା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

### ଜଳାଶୟ ନୁହେଁ, ଘରବାରି ଜମି



ଉକ୍ତ ଜମିକୁ ବିଲଡର ଜଣକ ପୋତିଦେବା ପରେ ଏବେ ପିଲାମାନେ ସେଠାରେ ଖେଳାଖେଳି କରୁଛନ୍ତି ଓ ବରିଷ୍ଠ ନାଗରିକ ସେଠାରେ ଚଲାବୁଲା କରୁଛନ୍ତି। ପାଇକ ନଗରରେ ରହୁଥିବା ୫୦୦ରୁ ଅଧିକ ପରିବାରଙ୍କ ପାଇଁ ଏହା ଏକ ଅଭ୍ୟାସଗତ ସ୍ଥାନ ଭାବେ ଏବେ ପରିଗଣିତ ହୋଇଗଲାଣି। ସବୁଠୁ ଦୁଃଖର ବିଷୟ ହେଉଛି ଜଳାଶୟ ଥିବା ଜମିକୁ ବିଲଡର୍ ତାଙ୍କର ବାରି ଜମି ବୋଲି ଦର୍ଶାଉଛନ୍ତି, ଯାହାକି ସମ୍ପୂର୍ଣ୍ଣ ଭାବେ ଆଇନ ବିରୋଧୀ।

- ସ୍ନେହାଂଶୁ ବେଦମତ୍ତା, ସ୍ଥାନୀୟ ବାସିନ୍ଦା

### ସରକାରୀ କର୍ମଚାରୀଙ୍କ ହାତ ରହିଛି



ବିଲଡର ଜଣକ ବେଆଇନ ଭାବେ ସରକାରୀ ଜମି ହାତେଇବାକୁ ଚେଷ୍ଟା କରୁଛନ୍ତି। ଏଥିରେ କିଛି ସରକାରୀ ଅଫିସର ମଧ ତାଙ୍କୁ ସହଯୋଗ କରୁଛନ୍ତି। ସାଧାରଣ ପ୍ରଶାସନ ବିଭାଗର ପାଖରେ ଥିବା ନକ୍ସାରେ ଉକ୍ତ ପ୍ଲଟରେ ଜଳାଶୟ ଥିବା ଦର୍ଶାଯାଇଥିବା ବେଳେ ବିଲଡର ଜଣଙ୍କ ତାହାକୁ ନିଜର ବାଡି ଜମି ବୋଲି ଦର୍ଶାଇଛନ୍ତି। ଯାହା କେବେ ସମ୍ଭବ ନୁହେଁ।

- ସମୀର ନାୟକ, ପାଇକ ନଗର ୱେଲଫେୟାର ଆସୋସିଏଶନ୍‌ର ସମ୍ପାଦକ

### ପାର୍କ ଖୋଲାଯାଉ



ପୂର୍ବରୁ ସେଠାରେ ଜଳାଶୟ ଏବଂ କିଛି ପଡିଆ ଥିଲା। ଯାହା ଉପରେ ସ୍ଥାନୀୟ ଲୋକେ ନିର୍ଭର କରୁଥିଲେ। ହେଲେ ବେଆଇନ ଭାବେ ଉକ୍ତ ଜମିକୁ ଜବରଦଖଲ କରାଯାଇ ତାକୁ ପୋତାଗଲା। ଆଉ ଉଚ୍ଛେଦ ମଧ ହେଲା କିନ୍ତୁ ଏବେ ପୁଣି ସେଠାରେ ଜବରଦଖଲ କରାଯିବାକୁ ଚେଷ୍ଟା କରାଯାଉଛି। ଏହାକୁ ଆମେ ବିରୋଧ କରିବା ସହ ଏଠାରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଏକ ପାର୍କ ନିର୍ମାଣ କରିବାକୁ ଦାବି କରୁଛୁ।

- ଶୈଳବାଳା ବିଶ୍ୱାଳ, ସ୍ଥାନୀୟ ବାସିନ୍ଦା




ଓଡ଼ିଶାକୁ ପର୍ଯ୍ୟଟକମାନଙ୍କୁ ସ୍ୱାଗତ ଜଣାଇ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ଫଟୋରେ ପ୍ରାକୃତିକ ସୌନ୍ଦର୍ଯ୍ୟର ପ୍ରତିଫଳନ

ଭୁବନେଶ୍ୱର, ୧୮।୧(ବ୍ୟୁରୋ)

ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସଂଯୋଗସ୍ଥଳର ନୈସର୍ଗିକ ଶୋଭାକୁ ନେଇ ଫଟୋଗ୍ରାଫର ସ୍ୱାତୀ ମହାପାତ୍ରଙ୍କ ଏକ ଫଟୋଗ୍ରାଫି ପ୍ରଦର୍ଶନୀ ଶନିବାର ଲଳିତକଳା ଏକାଡେମୀ ପରିସରରେ ଉଦ୍‌ଘାଟିତ ହୋଇଛି। ଯୁବା ଶିଳ୍ପୋଦ୍ୟୋଗୀ ତଥା ଫଟୋଗ୍ରାଫିରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଥିବା ସ୍ୱାତୀ ତାଙ୍କର ଭ୍ରମଣ ସମୟରେ କ୍ୟାମେରା ଲେନ୍ସରେ ଉତ୍ତୋଳିତ ସମସ୍ତ ଫଟୋଗ୍ରାଫ୍ ଏଥିରେ ସ୍ଥାନ ପାଇଛି। ଚିଲିକା, ହିମାଳୟ, ଲଦାଖ୍, ମସୌରୀ, କାଶ୍ମୀର ଉପତ୍ୟକା, ନେପାଳ, ସିକିମ୍, ହିମାଚଳ ପ୍ରଦେଶ, ମେଘାଳୟର ଜଙ୍ଗଲ ଜୀବନ ଦୃଶ୍ୟ ସହିତ ଥାଇଲାଣ୍ଡ ଏବଂ ଅନ୍ୟ ପ୍ରାଚ୍ୟଦେଶ ସମୂହର ଅନେକ ପ୍ରାକୃତିକ ଦୃଶ୍ୟ ଏହି ପ୍ରଦର୍ଶନୀରେ ପ୍ରତିଫଳିତ ହୋଇଛି। ଏହି ପ୍ରଦର୍ଶନୀକୁ ଏମ୍‌ପି ପିନାକୀ ମିଶ୍ର ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟବକ୍ତାଭାବେ ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ, ସମ୍ମାନିତ ଅତିଥି ଭାବେ ସୁନାମଧନ୍ୟ ଫଟୋଗ୍ରାଫର ରାଜ୍ ସରକାର ଯୋଗଦେଇ ଫଟୋଗ୍ରାଫିକୁ ନେଇ କ୍ୟାରିୟର ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଫଟୋ ପ୍ରଦର୍ଶନୀ ସ୍ୱର୍ଗବାସୀ ପିତା ସୋମନାଥ ମହାପାତ୍ର ଏବଂ ମାତା ନୀଳିମା ମିଶ୍ରଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଥିବା ସ୍ୱାତୀ କହିଛନ୍ତି। ଅଲ୍ ଇଣ୍ଡିଆ ରେଡିଓର ପୂର୍ବତନ ନିର୍ଦ୍ଦେଶକ ଦୀପକ ସାମନ୍ତରାୟ ସଂଯୋଜନା କରିଥିବାବେଳେ ଶିଳ୍ପ ଯୁବୋଦ୍ୟୋଗୀ ଗୌରୀଶଙ୍କର ମିଶ୍ର ପରିଚାଳନା କରିଥିଲେ। ଆସନ୍ତା ୨୩ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ନିମନ୍ତେ ଖୋଲା ରହିବ।



ଫଟୋଗ୍ରାଫି ପ୍ରଦର୍ଶନୀକୁ ଏମ୍‌ପି ପିନାକୀ ମିଶ୍ରଙ୍କ ସହ ଅନ୍ୟମାନେ ଦେଖୁଛନ୍ତି।



## ଋତୁରାଜଙ୍କ ସୁଫି ସଙ୍ଗୀତରେ ଝୁମିଲେ ଶ୍ରୋତା



ଭୁବନେଶ୍ୱର, ୧୮।୧(ବ୍ୟୁରୋ)/
ପୁରୁଣା ଭୁବନେଶ୍ୱର, (ଡି.ଏନ୍.ଏ.)

କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) ପକ୍ଷରୁ ଆୟୋଜିତ ଶିଶୁପାଳଗଡ଼ ମହୋତ୍ସବର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ପାଇକ ଆଖଡ଼ାରୁ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମ। ବାଳିକାମାନେ ଖଣ୍ଡା ଓ ଲାଠି ମାଧ୍ୟମରେ ସାହସିକତା ପରିଦର୍ଶନ କରିଥିଲେ। ପରେ ଶ୍ରୀ ଡ୍ୟାନ୍ସ ଇନ୍‌ଷ୍ଟିଚ୍ୟୁଟ୍‌ର ଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ 'ରାମ ପାଦ ପୂଜା' ଏବଂ ସୋନି ଡ୍ୟାନ୍ସ ଗ୍ରୁପର କଳାକାରଙ୍କ ଦ୍ୱାରା 'ଗଣେଶ ବନ୍ଦନା' ନୃତ୍ୟ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା। ନୃତ୍ୟ ନିର୍ଦ୍ଦେଶକ ହରିହର ଦାଶ ଓ ସାଥୀଙ୍କ ସୁରଜ୍ ହୁଆ ମଧମ୍, ଘୁଙ୍ଗୁର, ଏ ବଲମ ନୃତ୍ୟ ଦର୍ଶକଙ୍କୁ ବେଶ୍ ମନୋରଞ୍ଜନ ଯୋଗାଇଥିଲା। ଭିକି ଡ୍ୟାନ୍ସ ଗ୍ରୁପର କୁନି କଳାକାରମାନେ ନୃତ୍ୟ ମାଧ୍ୟମରେ ସର୍ଜିକାଲ ଷ୍ଟ୍ରାଇକ୍ ଓ ଶିଶୁ ଶ୍ରମିକ ରୋକିବାକୁ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ସୋନି ଡ୍ୟାନ୍ସ ଗ୍ରୁପର କଳାକାରଙ୍କ ଚମତ୍କାର ଫାୟାର ଡ୍ୟାନ୍ସ କାର୍ଯ୍ୟକ୍ରମର ସ୍ୱତନ୍ତ୍ର ଆକର୍ଷଣ ଥିଲା। ଏହାପରେ କଣ୍ଠଶିଳ୍ପୀ ଋତୁରାଜ ମହାନ୍ତିଙ୍କ ସୁଫି ସଙ୍ଗୀତ ନିଆରା ପରିବେଶ ସୃଷ୍ଟି କରିଥିଲା। ଛେୟାଁ ଛେୟାଁ..., ରମତା ଯୋଗୀ..., ଗଲିୟାଁ ..., ଅଧୁରି ଜିନ୍ଦେଗି..... ଆଦି ଗୀତ ଗାଇ ଋତୁରାଜ ଶ୍ରୋତାଙ୍କୁ ଝୁମାଇଥିଲେ। କାପୋକ ଅଧକ୍ଷ ସଂଗ୍ରାମ କେଶରୀ ପାଇକରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗାଦେଇ ଶିଶୁପାଳଗଡ଼ର ଇତିହାସ, ଖାରବେଳଙ୍କ ବୀରତ୍ୱ, ଉତ୍କଳୀୟ ସଂସ୍କୃତି ପରମ୍ପରାର ଅସ୍ମିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍ମରଣିକା ପ୍ରବନ୍ଧ ନାମ 'ଶିଶୁପାଳଗଡ଼ ଦି ଲଷ୍ଟ ସିଟି'କୁ ପରିବର୍ତ୍ତନ କରି 'ପ୍ରାଚୀନ ଗୌରବ' କରାଇବା ପାଇଁ ମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ। ଅତିଥିଙ୍କ ସହ କାପୋକ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି, ସହ ସମ୍ପାଦକ ରବୀନ୍ଦ୍ର ପାତ୍ର ପ୍ରମୁଖ ତୃତୀୟ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। କାପୋକର ସଭ୍ୟ ଭକ୍ତଭୂଷଣ ବାରିକ ଧନ୍ୟବାଦ ଦେଇଥିଲେ।

### ଆଜି ସରିବ, ମିଳିବ 'ଓଲିଉଡ୍ ସମ୍ମାନ'

ରବିବାର ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା ଓଡ଼ିଆ ଚଳଚ୍ଚିତ୍ର ଓ ଟିଭି ଧାରାବାହିକ କଳାକାରଙ୍କ ପାଇଁ ସମର୍ପିତ ହେବ। ବିଜୟ ମହାନ୍ତି, ସିଦ୍ଧାନ୍ତ ମହାପାତ୍ର, ଅନୁଭବ ମହାନ୍ତି, ପ୍ରଦ୍ୟୁମ୍ନ ଲେଙ୍କା, ବାବୁସାନ, ପପୁ ପମ୍‌ପମ୍, ସୋମେଶ୍, ଲିପ୍‌ସା ମିଶ୍ର, ଅନୁ ଚୌଧୁରୀ, ଏଲିନା ସାମନ୍ତରାୟ, ଶୁଭାଶିଷ ଶର୍ମା ପ୍ରମୁଖ ଯୋଗଦେବେ। ୩୫ରୁ ଅଧିକ କଳାକାରଙ୍କୁ 'ଓଲିଉଡ଼ ସମ୍ମାନ-୨୦୨୦' ପ୍ରଦାନ କରାଯିବ।

### ଶିଶୁପାଳଗଡ଼ ମହୋତ୍ସବର ତୃତୀୟ ସନ୍ଧ୍ୟା



ଭାରତରେ ଥିବା ୯ଟି ଦର୍ଶନ ମଧ୍ୟରୁ ଆଦିବାସୀ ଦର୍ଶନ ସର୍ବଶ୍ରେଷ୍ଠ। ଆଦିବାସୀ ସମ୍ପ୍ରଦାୟର ଜନସାଧାରଣ ପ୍ରକୃତିକୁ ପୂଜା କରିଥାନ୍ତି।
-ଦ୍ରୌପଦୀ ମୁର୍ମୁ,
ଝାଡ଼ଖଣ୍ଡ ରାଜ୍ୟପାଳ



# ବିବାଦରେ ସାଇବାବାଙ୍କ ଜନ୍ମସ୍ଥାନ

ଶିରିଡ଼ି,୧୮।୧

ଶିରିଡ଼ିର ସାଇବାବାଙ୍କ ଜନ୍ମସ୍ଥାନକୁ ନେଇ ବିବାଦ ଦେଖାଦେଇଛି। ଫଳରେ ରବିବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମନ୍ଦିର ସହରକୁ ବନ୍ଦ ରଖିବାକୁ ସାଇବାବା ସଂସ୍ଥାନ ଟ୍ରଷ୍ଟ ନିଷ୍ପତ୍ତି ନେଇଥିବା ଜଣାପଡିଛି। ମନ୍ଦିର ପ୍ରଶାସନ ପକ୍ଷରୁ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଲୋକମାନଙ୍କ ଏକ ବୈଠକ ଡକାଯାଇ ଏସମ୍ପର୍କରେ ଆଲୋଚନା କରାଯାଇଥିଲା। ତେବେ ଶିରିଡ଼ି ଆସୁଥିବା ଭକ୍ତମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଟ୍ରଷ୍ଟର ଜଣେ ଅଧିକାରୀ କହିଛନ୍ତି। ସାଇବାବାଙ୍କ ମନ୍ଦିର ବନ୍ଦ ରହିବ ବୋଲି ଯେଉଁ ପ୍ରଚାର ହେଉଛି, ତାହା ସମ୍ପୂର୍ଣ୍ଣ ଗୁଜବ। ମନ୍ଦିର ଖୋଲାରହିବ ଓ ପୂଜାକାର୍ଯ୍ୟ ଯଥାରୀତି ଚାଲିବ। ସେଠାରେ ସମସ୍ତ ସୁବିଧା ପୂର୍ବଭଳି ମିଳିବ ବୋଲି ପରିଚାଳନା ବିଭାଗ ସିଇଓ ଦୀପକ ମୁଗଲିକର ସ୍ପଷ୍ଟ କରିଦେଇଛନ୍ତି।



■ଆଜିଠୁ ଶିରିଡ଼ି ବନ୍ଦ
■ଖୋଲା ରହିବ ମନ୍ଦିର

ସାଇବାବାଙ୍କ ଜନ୍ମସ୍ଥାନକୁ ନେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ବୟାନ ପରେ ବିବାଦ ଦେଖାଦେଇଛି। ସାଇବାବାଙ୍କ ଜନ୍ମସ୍ଥାନ ଶିରିଡ଼ି ନୁହେଁ, ପରଭାଣୀର ପଥ୍ରୀ ଗ୍ରାମରେ ବୋଲି ଉଦ୍ଧବ କହିବା ସହ ଉକ୍ତ ସ୍ଥାନର ବିକାଶ ପାଇଁ ୧୦୦ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଘୋଷଣା କରିଥିଲେ। ଜନ୍ମସ୍ଥାନକୁ ନେଇ ଉଦ୍ଧବଙ୍କ ମନ୍ତବ୍ୟ ଉପରେ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିବା ସହ ବନ୍ଦରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛନ୍ତି। ସାଇବାବାଙ୍କ ଜନ୍ମସ୍ଥାନ ପଥ୍ରୀ ବୋଲି କୌଣସି ଦସ୍ତାବିଜ୍ ନାହିଁ। ସାଇବାବା ଶିରିଡ଼ିରେ ଥିଲାବେଳେ ତାଙ୍କର ଜନ୍ମସ୍ଥାନ ଓ ଧର୍ମକୁ ନେଇ କେବେ କିଛି କହିନାହାନ୍ତି ବୋଲି ଶ୍ରୀ ସାଇବାବା ସଂସ୍ଥାନ ଟ୍ରଷ୍ଟର ପୂର୍ବତନ ଟ୍ରଷ୍ଟି କୈଳାସବାପୁ କୋଟେ ସୂଚାଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚାଲିବ ବୋଲି ସ୍ଥାନୀୟ ବ୍ୟକ୍ତି ନୀତିନ କୋଟେ କହିଛନ୍ତି। ବନ୍ଦରୁ ସାଇ ପ୍ରସାଦାଳୟ, ସାଇ ହସ୍ପିଟାଲ, ସାଇ ଭକ୍ତନିବାସ ଏବଂ ସ୍ଥାନୀୟ ମେଡିକାଲ ଷ୍ଟୋରଗୁଡ଼ିକୁ ବାଦ୍ ଦିଆଯାଇଛି।



## ଉଦ୍ଧବଙ୍କ ମନ୍ତବ୍ୟକୁ ନେଇ ଉଠିଲା ଝଡ଼

ଶିରିଡ଼ିକୁ ଚାଲୁଥିବା ମହାରାଷ୍ଟ୍ର ରାଜ୍ୟ ଆଞ୍ଚଳିକ ପରିବହନ ନିଗମର ବସ୍‌ଗୁଡ଼ିକ ପୂର୍ବଭଳି ଚାଲିବା ସହ ହୋଟେଲ ଖୋଲାରହିବ। ଅନ୍ୟାନ୍ୟ ବସ୍ ଓ ଟ୍ରେନ୍ ଚଳାଚଳ ବନ୍ଦ ରହିବ।

ପଥ୍ରୀର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୧୦୦ କୋଟି ଟଙ୍କା ମଞ୍ଜୁର କରିବାକୁ ନେଇ ରାଜନୈତିକ ବିବାଦ ଆରମ୍ଭ ହୋଇଯାଇଛି। ଏହି ପ୍ରସଙ୍ଗକୁ ନେଇ ଅଦାଲତକୁ ଯିବେ ବୋଲି ଭାଜପା ଏମ୍‌ପି ସୁଜୟ ଭିଖେ ପାଟିଲ ଧମକ ଦେଇଛନ୍ତି। ସାଇବାବାଙ୍କ ଜନ୍ମସ୍ଥାନକୁ ନେଇ ଏପର୍ଯ୍ୟନ୍ତ କୌଣସି ବିବାଦ ନ ଥିଲା। ନୂଆ ସରକାର ଆସିବା ପରେ କ'ଣ ପାଇଁ ପଥ୍ରୀକୁ ଜନ୍ମସ୍ଥାନ ଦାବି କରାଯାଉଛି ବୋଲି ପାଟିଲ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ପଥ୍ରୀ ସାଇବାବାଙ୍କ ଜନ୍ମସ୍ଥାନ ପ୍ରମାଣ କରିବା ଲାଗି ଅନେକ ଐତିହାସିକ ତଥ୍ୟ ରହିଥିବା ବରିଷ୍ଠ ଏନ୍‌ସିପି ନେତା ଦୁରାନି ଅବଦୁଲ୍ଲା ଖାନ୍ କହିଛନ୍ତି। ପଥ୍ରୀ ସାଇବାବାଙ୍କ ଜନ୍ମଭୂମି ଓ ଶିରିଡ଼ି କର୍ମଭୂମି ହୋଇଥିବାରୁ ଉଭୟ ଭକ୍ତମାନଙ୍କ ପାଇଁ ସମାନ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ଦେଇଛନ୍ତି।

# ଦୁର୍ଘଟଣାରେ ଶବାନା ଆଜ୍‌ମୀ ଗୁରୁତର



ନୂଆଦିଲ୍ଲୀ,୧୮।୧(ପି.ଟି.)

ଅଭିନେତ୍ରୀ ଶବାନା ଆଜ୍‌ମୀ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ମହାରାଷ୍ଟ୍ରର ରାୟଗଡ଼ ଜିଲା ଅନ୍ତର୍ଗତ ମୁମ୍ବାଇ-ପୁଣେ ଏକ୍ସପ୍ରେସର ଖଲାପୁରଠାରେ ଶନିବାର ଅପରାହ୍ନ ୩.୩୦ରେ ତାଙ୍କ ଟାଟା ସଫାରି ଏସ୍‌ୟୁଭି ଏକ ଟ୍ରକ୍‌କୁ ପଛପଟୁ ଧକ୍କାଦେଇଥିଲା। ଏସ୍‌ୟୁଭିର ଆଗପଟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ ଏଥିରେ ଥିବା ଶବାନାଙ୍କ ସ୍ୱାମୀ ତଥା ପ୍ରସିଦ୍ଧ ଗୀତିକାର ଜାଭେଦ୍ ଅଖ୍‌ତାର ଆହତ ହୋଇ ନ ଥିବା ଜଣାପଡ଼ିଛି। ଗୁରୁତର ଶବାନାଙ୍କୁ ସଙ୍ଗେ ସଙ୍ଗେ କାର୍‌ରୁ ଉଦ୍ଧାର କରାଯାଇ ନବି ମୁମ୍ବାଇସ୍ଥିତ ଏମ୍‌ଜିଏମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି। ହାଇୱେ ପୋଲିସ ପାଟ୍ରୋଲ ଟିମ୍ ଦୁର୍ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ପ୍ରକାଶଥାଉ କି, ଶବାନା ୧୯୯୮ରେ ପଦ୍ମଶ୍ରୀ ସମ୍ମାନ ପାଇଥିବାବେଳେ ୫ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଥିଲେ। 'ଅଙ୍କୁର', 'ଆର୍ଥ', 'ମଣ୍ଡି' ଭଳି ବିଭିନ୍ନ ଚଳଚ୍ଚିତ୍ରରେ ସେ ଉଚ୍ଚକୋଟୀର ଅଭିନୟ କରିଥିଲେ।

# ଅଶ୍ୱିନୀ ଚୋପ୍ରାଙ୍କ ପରଲୋକ



ଚଣ୍ଡିଗଡ଼/ନୂଆଦିଲ୍ଲୀ,୧୮।୧(ପି.ଟି.)

'ପଞ୍ଜାବ କେଶରୀ'ର ସମ୍ପାଦକ ତଥା ପୂର୍ବତନ ଭାଜପା ଏମ୍‌ପି ଅଶ୍ୱିନୀ ଚୋପ୍ରାଙ୍କର ଶନିବାର ଗୁରୁଗ୍ରାମର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୬୩ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ହେଲା କର୍କଟ ରୋଗରେ ପୀଡ଼ିତ ଥିଲେ ଓ ୩ ସପ୍ତାହ ହେଲା ମେଦାନ୍ତ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଏହି ବରିଷ୍ଠ ସାମ୍ବାଦିକ ୨୦୧୪ରେ ହରିୟାଣାର କର୍ନାଲରୁ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କର ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ, ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।




ଅହମଦାବାଦ୍‌ରେ ଶନିବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା, ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ସୁରେଶ ମେହେଟ୍ଟା ଓ ଅନ୍ୟ ନେତାମାନେ ସିଏଏ ଏବଂ ଏନ୍‌ଆର୍‌ସି ବିରୋଧରେ ଧାରଣାରେ ବସିଛନ୍ତି।

## ୫୪ ପ୍ରାର୍ଥୀଙ୍କ ନାମ ଘୋଷଣା କଲା କଂଗ୍ରେସ

ମୁମ୍ବାଇ,୧୮।୧(ପି.ଟି.)

ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି କଂଗ୍ରେସ ପକ୍ଷରୁ ଶନିବାର ୫୪ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ପୂର୍ବତନ ଏଏପି ନେତା ଆଲକା ଲାମ୍ବା ଚାନ୍ଦ୍‌ନୀଚୌକ, ନିର୍ବାଚନ ପ୍ରଚାର କମିଟି ଅଧକ୍ଷ କୀର୍ତ୍ତି ଆଜାଦ୍‌ଙ୍କ ସ୍ତ୍ରୀ ପୁନମ୍ ସଙ୍ଗମବିହାର, ପୂର୍ବତନ କେନ୍ଦ୍ରମନ୍ତ୍ରୀ କ୍ରିଷ୍ଣା ତୀରଥ୍ ପଟେଲନଗର, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଲଭ୍‌ଲି ଗାନ୍ଧୀନଗର, ପୂର୍ବତନ ମନ୍ତ୍ରୀ ଅଶୋକ କୁମାର ୱାଲିଆ କ୍ରିଷ୍ଣାନଗର, ହାରୁନ୍ ୟୁସୁଫ ବଲ୍ଲିମାରାନ୍, ମତିନ୍ ଅହମଦ ସିଲମ୍ପୁର ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଛନ୍ତି। ତେବେ ଏଏପି ସୁପ୍ରିମୋ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବିରୋଧରେ କାହାକୁ ପ୍ରାର୍ଥୀ କରାଯିବ, ସେନେଇ କଂଗ୍ରେସ କୌଣସି ଘୋଷଣା କରିନାହିଁ।

# ବଳାତ୍କାର ମାମଲା: ୨ ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀ,୧୮।୧(ପି.ଟି.): ୨୦୧୩ରେ ପୂର୍ବ ଦିଲ୍ଲୀରେ ଜଣେ ୫ ବର୍ଷୀୟ ଝିଅକୁ ବଳାତ୍କାର ମାମଲାରେ ପୋକ୍ସୋ କୋର୍ଟ ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ମନୋଜ ଶାହା ଓ ପ୍ରଦୀପ କୁମାର ଜଘନ୍ୟ ଅପରାଧ କରିଥିବା ଅତିରିକ୍ତ ସେସନ୍ସ ଜଜ୍ ନରେଶ କୁମାର ମାଲହୋତ୍ରା ପ୍ରକାଶ କରିଛନ୍ତି। ଗାନ୍ଧୀନଗରର ଅଞ୍ଚଳରେ ଏମାନେ ଝିଅକୁ ବଳାତ୍କାର କରିବା ସହ ତାଙ୍କ ଗୁପ୍ତାଙ୍ଗରେ କିଛି ବସ୍ତୁ ପୂରାଇ ଦେଇଥିଲେ। ଝିଅଟି ମରିଯାଇଥିବା ଭାବି ସେମାନେ ଫେରାର୍ ହୋଇଯାଇଥିଲେ। ଘଟଣାର ୪୦ ଘଣ୍ଟା ପରେ ପୀଡ଼ିତାଙ୍କୁ ଉଦ୍ଧାର କରାଯାଇଥିଲା। ଶାହାଙ୍କୁ ଦିଲ୍ଲୀ ପୋଲିସ ମୁଜାଫରପୁର ଓ କୁମାରକୁ ବିହାରର ଦରଭଙ୍ଗାରୁ ଗିରଫ କରିଥିଲା। ମେ ୨୪ରେ ସେମାନଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରାଯାଇଥିଲା। ୫୭ ସାକ୍ଷୀଙ୍କ ବୟାନ ଏବଂ ଓକିଲଙ୍କ ଯୁକ୍ତି ପରେ ପୋକ୍ସୋ କୋର୍ଟ ଦୁହିଁଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଜାନୁୟାରୀ ୩୦ରେ ଦୋଷୀଙ୍କ ଦଣ୍ଡବିଧାନ କରାଯିବାର କାର୍ଯ୍ୟକ୍ରମ ରହିଛି।



ନୂଆଦିଲ୍ଲୀରେ ଶନିବାର କଂଗ୍ରେସ ରାଜ୍ୟ ସଭାପତି ସୁଭାଷ ଚୋପ୍ରା ଏବଂ ପି.ସି. ଚାକୋଙ୍କ ଉପସ୍ଥିତିରେ ଏଏପି ବିଧାୟକ ଆଦର୍ଶ ଶାସ୍ତ୍ରୀ (ମଝି) କଂଗ୍ରେସରେ ଯୋଗ ଦେଉଛନ୍ତି।

## ଇତିହାସର ଆଇନାରେ

### ଜାନୁୟାରୀ ୧୯ର ପ୍ରମୁଖ ଘଟଣା

୧୯୦୫ ଜାନୁୟାରୀ ୧୯ରେ ବେଙ୍ଗଲି ଦାର୍ଶନିକ ତଥା କବି ଦେବେନ୍ଦ୍ରନାଥ ଠାକୁରଙ୍କ ପରଲୋକ ହୋଇଥିଲା। ୧୮୧୭ ମେ ୧୫ରେ ଜନ୍ମଗ୍ରହଣ କରିଥିବା ଠାକୁର ରାଜା ରାମମୋହନ ରାୟଙ୍କ ଶିଷ୍ୟ ଭାବେ ବ୍ରାହ୍ମ ସମାଜକୁ ଗୁରୁତ୍ୱ ଦେଇଆସୁଥିଲେ। ଜଣେ ଧାର୍ମିକ ଓ ହିନ୍ଦୁବାଦୀ ଭାବେ ସେ ବେଶ୍ ଜଣାଶୁଣା।

୨୦୧୪ ଜାନୁୟାରୀ ୧୯ରେ ପାକିସ୍ତାନର ବନ୍ନୁ ସହରରେ ତାଲିବାନ ଆତଙ୍କବାଦୀଙ୍କ ବିସ୍ଫୋରଣରେ୨୬ ପାକ୍ ସୈନ୍ୟ ପ୍ରାଣ ହରାଇଥିଲେ ଓ ୪୦ ଆହତ ହୋଇଥିଲେ। ସେନା ଗାଡ଼ିକୁ ଲକ୍ଷ୍ୟକରି ଏହି ଆତ୍ମଘାତୀ ବୋମା ବିସ୍ଫୋରଣ କରାଯାଇଥିଲା।

# 'ନାଗରିକତ୍ୱ କେବଳ ଅଧିକାର ନୁହେଁ'

ନାଗପୁର,୧୮।୧(ପି.ଟି.)

ନାଗରିକତ୍ୱ କେବଳ ଜନସାଧାରଣଙ୍କ ଅଧିକାର ପାଇଁ ନୁହେଁ ବରଂ ସମାଜ ପ୍ରତି ସେମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେ ଶନିବାର କହିଛନ୍ତି। ରାଷ୍ଟ୍ରସନ୍ଥ ତୁକାଡୋଜି ମହାରାଜ ନାଗପୁର ୟୁନିଭର୍ସିଟି (ଆର୍‌ଟିଏମ୍‌ଏନ୍‌ୟୁ)ର ୧୦୭ତମ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ସିଜେଆଇ କହିଥିଲେ, କେତେକ ଶିକ୍ଷାନୁଷ୍ଠାନ ଅତ୍ୟନ୍ତ ବ୍ୟବସାୟିକ ମନୋବୃତ୍ତିର ହୋଇଯାଇଛନ୍ତି। ଜ୍ଞାନ ଓ ଚରିତ୍ରର ବିକାଶ ଶିକ୍ଷାର ପ୍ରକୃତ ଲକ୍ଷ୍ୟ ବୋଲି ସେ କହିଥିଲେ। କୌଣସି ଶିକ୍ଷାନୁଷ୍ଠାନର ନାଁ ନ ନେଇ ବୋବ୍‌ଡେ କହିଥିଲେ, ଶିକ୍ଷା ଏବେ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ଶିକ୍ଷାନୁଷ୍ଠାନ ଅତ୍ୟଧିକ ବ୍ୟବସାୟିକ ମନୋବୃତ୍ତି ରଖିବା ଦୁର୍ଭାଗ୍ୟଜନକ। ବିଶ୍ୱବିଦ୍ୟାଳୟଗୁଡ଼ିକ କେବଳ ଇଟା ସିମେଣ୍ଟରେ ଗଢ଼ା ନୁହେଁ ଏବଂ ଏହାର କାର୍ଯ୍ୟ ପ୍ରଡକ୍ସନ ୟୁନିଟର ଆସେମ୍ବ୍ଲି ଲାଇନ ଭଳି ନୁହେଁ। ସେହିପରି ବିଶ୍ୱବିଦ୍ୟାଳୟ ଡିଗ୍ରୀ ଏହାର ଶେଷ ନୁହେଁ ବୋଲି ସିଜେଆଇ କହିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ସମାଜକୁ ଆମେ କିପରି ଭାବେ ହାସଲ କରିବାକୁ ଚାହୁଁଛେ ତାହା ବିଶ୍ୱବିଦ୍ୟାଳୟର ଚିନ୍ତାଧାରାରେ ପ୍ରତିଫଳିତ ହୋଇଥାଏ। ତେଣୁ ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜକୁ ପରିବର୍ତ୍ତନ କରି ସମାଜର ମୂଳ ଲକ୍ଷ୍ୟ ହାସଲ ଦିଗରେ ଆଗେଇନେବା ପାଇଁ କାର୍ଯ୍ୟ କରିବା ଆବଶ୍ୟକ। ତାହା ହେଲେ ପରିବର୍ତ୍ତନ ନିଶ୍ଚୟ ଆସିବ ଏହା ନିଃସନ୍ଦେହ ବୋଲି ସିଜେଆଇ କହିଥିଲେ। ଶୃଙ୍ଖଳା (ଡିସିପ୍ଲିନ୍) ଶବ୍ଦ ଶିଷ୍ୟ (ଡିସିପ୍ଲ)ରୁ ଏବଂ ଶିଷ୍ୟ ଶବ୍ଦ ଶିକ୍ଷାରୁ ଆସିଛି। ଶିକ୍ଷା ହେଉଛି ବିଦ୍ୟାର୍ଥୀଙ୍କ ପାଇଁ ମାନସିକ ଅବସ୍ଥା ଏବଂ ଏହି ମାନସିକ ଅବସ୍ଥା ହିଁ ଶୃଙ୍ଖଳା ବୋଲି ବୋବ୍‌ଡେ କହିଥିଲେ।



ସିଜେଆଇ ଏସ୍.ଏ. ବୋବ୍‌ଡେ

## ଭାଜପା କର୍ମୀଙ୍କ ଉପରେ ପୋଲିସର ଲାଠିମାଡ଼

କୋଲକାତା,୧୮।୧(ଏଆଇଏନ୍‌ଏସ୍)

ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଜିଲା ଅନ୍ତର୍ଗତ ନନ୍ଦିଗ୍ରାମରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସପକ୍ଷରେ ଶନିବାର ଶୋଭାଯାତ୍ରା ବାହାର କରିଥିବା ଭାଜପା କର୍ମୀଙ୍କ ଉପରେ ପୋଲିସ ଲାଠିମାଡ଼ କରିଛି। ରାଜ୍ୟ ଭାଜପା ସଭାପତି ଦିଲୀପ ଘୋଷଙ୍କ ନେତୃତ୍ୱରେ ଏହି ର୍‍ୟାଲି ବାହାରିଥିଲା। ଏଥିପାଇଁ ଅନୁମତି ଦିଆଯାଇ ନ ଥିବାରୁ ପୋଲିସ ରେୟାପାରା ନିକଟରେ ଘୋଷଙ୍କ କାର୍ ସହ ଯାଉଥିବା ବାଇକ ଆରୋହୀମାନଙ୍କୁ ଅଟକାଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଭାଜପା କର୍ମୀମାନେ ବାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିବାରୁ ପୋଲିସ ଲାଠିଚାଳନା କରିଥିଲା। ଏଥିରେ ୪ ଜଣ ଭାଜପା କର୍ମୀ ଆହତ ହୋଇଥିବା କୁହାଯାଉଛି।

# ଜମ୍ମୁ-କଶ୍ମୀରକୁ ଫେରିଲା ମୋବାଇଲ ସେବା

ଜମ୍ମୁ,୧୮।୧(ପି.ଟି.)

ଜମ୍ମୁ-କଶ୍ମୀରରେ ଶନିବାର ପ୍ରିପେଡ୍ ମୋବାଇଲ ସଂଯୋଗ ପୁନଃସ୍ଥାପନ କରାଯାଇଛି। ଏଥିସହିତ ଉପତ୍ୟକାର ଦୁଇଟି ଜିଲାରେ ୨ଜି ସେବା ପୁନର୍ବାର ଚାଲୁ କରାଯାଇଛି। ଗତବର୍ଷ ଅଗଷ୍ଟ ୫ରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ସହ ମୋବାଇଲ ଇଣ୍ଟରନେଟ ସେବା ବିଚ୍ଛିନ୍ନ କରିଦିଆଯାଇଥିଲା। ଏବେ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ସମସ୍ତ ଲୋକାଲ ପ୍ରିପେଡ୍ ମୋବାଇଲ ଫୋନ ସେବା ଓ ଏସ୍‌ଏମ୍‌ଏସ୍ ସୁବିଧା ଶନିବାରଠାରୁ ଉପଲବ୍ଧ ହେଲା ବୋଲି ପ୍ରମୁଖ ସଚିବ ରୋହିତ କନ୍‌ସାଲ କହିଛନ୍ତି। ଜମ୍ମୁ ଅଞ୍ଚଳର ସମସ୍ତ ୧୦ଟି ଜିଲା ଓ ଉତ୍ତର କଶ୍ମୀରର ଦୁଇଟି ଜିଲା କୁପୱାଡ଼ା ଓ ବନ୍ଦିପୋରାରେ ଫିକ୍ସଡ୍ ଲାଇନ ଇଣ୍ଟରନେଟ ସେବା ଯୋଗାଇଦେବାକୁ ଟେଲିକମ୍ କମ୍ପାନୀଗୁଡ଼ିକୁ କୁହାଯାଇଛି। ଇଣ୍ଟରନେଟ ସେବା ଏକ ମୌଳିକ ଅଧିକାର ହୋଇଥିବାରୁ ତୁରନ୍ତ ସଂଯୋଗ ଦେବା ପାଇଁ ଗତ ସପ୍ତାହରେ ସୁପ୍ରିମକୋର୍ଟ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନକୁ କହିଥିଲେ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ସମସ୍ତ ଜିଲାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଶୀତ ଅନୁଭୂତ ହେବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ପ୍ରାୟତଃ ଶୁଖିଲା ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୧ | ୧୨.୭ |
| ଚାନ୍ଦବାଲି | ୩୦.୨ | ୧୭.୪ |
| କଟକ | ୨୮.୬ | ୧୬.୦ |
| ପାରାଦ୍ୱୀପ | ୨୮.୦ | ୧୬.୮ |
| ଭୁବନେଶ୍ୱର | ୩୦.୨ | ୧୭.୪ |
| ଗୋପାଳପୁର | ୨୯.୬ | ୧୮.୩ |
| ପୁରୀ | ୨୭.୦ | ୧୬.୬ |
| ଅନୁଗୋଳ | ୨୯.୭ | ୧୧.୦ |
| ବାରିପଦା | ୨୯.୦ | ୧୩.୬ |
| ଝାରସୁଗୁଡ଼ା | ୨୯.୬ | ୧୪.୦ |
| କେନ୍ଦୁଝର | ୨୮.୬ | ୧୨.୮ |
| ସମ୍ବଲପୁର | ୩୧.୦ | ୧୪.୫ |
| ସୁନ୍ଦରଗଡ଼ | ୨୫.୦ | ୧୨.୫ |
| ହୀରାକୁଦ | ୩୦.୨ | ୧୫.୬ |
| ତାଳଚେର | ୨୮.୧ | ୯.୮ |
| ଭବାନୀପାଟଣା | ୨୯.୫ | ୧୫.୦ |
| ବଲାଙ୍ଗୀର | ୩୧.୦ | ୧୪.୮ |
| କୋରାପୁଟ | ୨୯.୦ | ୧୨.୮ |
| ଫୁଲବାଣୀ | -- | ୧୦.୫ |
| ଟିଟିଲାଗଡ଼ | ୩୧.୦ | ୧୨.୫ |
| ମାଲକାନଗିରି | ୩୦.୦ | ୧୦.୦ |
| ସୋନପୁର | ୩୧.୦ | ୧୧.୨ |
| ଦାରିଙ୍ଗିବାଡ଼ି | ୨୫.୫ | ୯.୫ |

ଡିଗ୍ରୀ ସେଲ୍‌ସିୟସ୍

# ୨୦ରେ ପବନଙ୍କ ଆବେଦନର ଶୁଣାଣି

ନୂଆଦିଲ୍ଲୀ,୧୮।୧(ପି.ଟି.):

ନିର୍ଭୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ୪ ଦୋଷୀଙ୍କ ମଧ୍ୟରୁ ପବନ କୁମାର ଗୁପ୍ତା ଅପରାଧ ସମୟରେ ନାବାଳକ ଥିଲେ ବୋଲି ଦାବି କରିଥିଲେ। ସେତେବେଳେ ଦିଲ୍ଲୀ ହାଇକୋର୍ଟ ତାଙ୍କ ଦାବିକୁ ଅଗ୍ରାହ୍ୟ କରିଦେଇଥିଲେ। ଶୁକ୍ରବାର ଦିଲ୍ଲୀର ଏକ ଅଦାଲତ ୪ ଅପରାଧୀଙ୍କ ବିରୋଧରେ ମୃତ୍ୟୁଦଣ୍ଡ ୱାରେଣ୍ଟ ଜାରି କରିବା ପରେ ପବନ ହାଇକୋର୍ଟଙ୍କ ପୂର୍ବ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହାର ଶୁଣାଣି ୨୦ରେ କରିବାକୁ ସର୍ବୋଚ୍ଚ ଅଦାଲତ ନିଷ୍ପତ୍ତି ନେଇଛନ୍ତି। ଜଷ୍ଟିସ୍ ଆର୍. ଭାନୁମଥୀ, ଅଶୋକ ଭୂଷଣ ଏବଂ ଏ.ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ପିଟିଶନର ଶୁଣାଣି କରିବେ। ଏଥିସହିତ ଫେବୃୟାରୀ ୧ରେ ଫାଶୀଦଣ୍ଡ କାର୍ଯ୍ୟକାରିତାକୁ ସ୍ଥଗିତ ରଖିବା ଲାଗି ନିର୍ଦ୍ଦେଶ ଦେବାକୁ ମଧ୍ୟ ପବନ କୁମାର ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ କ୍ଷମା ଆବେଦନ ଖାରଜ କରିଦେବା ପରେ ଦିଲ୍ଲୀର ଏକ ଅଦାଲତ ଅପରାଧୀ ବିନୟ ଶର୍ମା, ମୁକେଶ କୁମାର, ଅକ୍ଷୟ କୁମାର ସିଂ ଓ ପବନ କୁମାରଙ୍କ ବିରୋଧରେ ମୃତ୍ୟୁଦଣ୍ଡ ୱାରେଣ୍ଟ ଜାରି କରିଥିଲେ।



## ଓକିଲଙ୍କୁ ବାର୍ କାଉନ୍‌ସିଲ୍‌ର ନୋଟିସ

ନୂଆଦିଲ୍ଲୀ,୧୮।୧(ପି.ଟି.): ଅପରାଧୀ ପବନ କୁମାର ଗୁପ୍ତାଙ୍କ ଓକିଲ ଏ.ପି. ସିଂଙ୍କ ବିରୋଧରେ ଦିଲ୍ଲୀର ବାର୍ କାଉନ୍‌ସିଲ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ନୋଟିସ୍ ଜାରି କରିଛି। ଜାଲ୍ କାଗଜପତ୍ର ଦାଖଲ କରିବା ଓ ଶୁଣାଣି ବେଳେ ଉପସ୍ଥିତ ନ ରହିବା ନେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦିଲ୍ଲୀ ହାଇକୋର୍ଟ ବାର୍ କାଉନ୍‌ସିଲ୍‌କୁ ନିର୍ଦ୍ଦେଶ ଦେଇଥିଲେ। ଦୁଇ ସପ୍ତାହ ମଧ୍ୟରେ ନୋଟିସ୍‌ର ଜବାବ ଦାଖଲ କରିବା ଲାଗି ଓକିଲଙ୍କୁ କୁହାଯାଇଛି। ୨୦୧୨ ଡିସେମ୍ବରରେ ନିର୍ଭୟା ଗଣବଳାତ୍କାର ବେଳେ ଅପରାଧୀ ପବନ କୁମାର ନାବାଳକ ଥିଲେ ବୋଲି ତାଙ୍କ ଓକିଲ ପୂର୍ବରୁ ଯେଉଁ ଦସ୍ତାବିଜ ଦାଖଲ କରିଥିଲେ ତାହା ଜାଲ୍ ଥିଲା। ଏଥିସହିତ ଶୁଣାଣି ଦିନ ଓକିଲ ସିଂ କୋର୍ଟରେ ଉପସ୍ଥିତ ହୋଇ ନ ଥିଲେ। ଫଳରେ ଗତବର୍ଷ ଡିସେମ୍ବର ୧୯ରେ ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଅଦାଲତଙ୍କ ସମୟ ବରବାଦ କରିଥିବାରୁ ୨୫ ହଜାର ଟଙ୍କା ଦାଖଲ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏ.ପି. ସିଂଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଜଷ୍ଟିସ୍ ସୁରେଶ କୁମାର କୈତ୍ ବାର୍ କାଉନସିଲ୍‌କୁ ଲେଖିଥିଲେ।

## ସଂକ୍ଷେପରେ

### 'ଅପରାଜିତା'ର ଶୁଭାରମ୍ଭ

**ଭୁବନେଶ୍ୱର,୧୮।୧(ବ୍ୟୁରୋ) :** ଭୁବନେଶ୍ୱର ଚାଇଲ୍ଡଲାଇନ ଓ ରୁଚିକା ସମାଜ ସଙ୍ଗଠନ ଦ୍ୱାରା ଆୟୋଜିତ ସ୍ୱଚ୍ଛ ଭାରତ ଅଭିଯାନର ଶୁଭାରମ୍ଭ ହୋଇଛି। ରୁଚିକା ସ୍କୁଲ ପରିସରରେ ଆୟୋଜିତ 'ଅପରାଜିତା'- ଆମ ଶିଶୁତ୍ୱ ଆପଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଅଭିଯାନକୁ ଉଦ୍‌ଘାଟନ କରିଥିଲେ ମୁଖ୍ୟଅତିଥି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ। ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତ, ଭୁବନେଶ୍ୱର ଅତିରିକ୍ତ କମିଶନର ଅନୁପ କୁମାର ସାହୁ, ଭିନ୍ନକ୍ଷମ କମିଶନର ସୁଲୋଚନା ଦାସ, ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଚାଇଲ୍ଡ ଲାଇନ ଇଣ୍ଡିଆ ସଂଯୋଜକ ଅର୍କ ଲାହା, ଖୋର୍ଦ୍ଧା ଜିଲା ଶିଶୁ କଲ୍ୟାଣ ସମିତିର ଅଧକ୍ଷ ନୀଳକଣ୍ଠ ତିପାଠୀ, ରୁଚିକା ସ୍କୁଲ ନିର୍ଦ୍ଦେଶକ ଗୁରୁପ୍ରିତ ଖୁରାନା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦୦ ଶିଶୁ ଓ ୧୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଶିଶୁ ଅଭିଯାନର ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

### ଜେଲ୍ ଅନ୍ତେବାସୀଙ୍କ ସହ ପାଳିଲେ ନେତାଜୀ ଜୟନ୍ତୀ

**ଭୁବନେଶ୍ୱର,୧୮।୧(ବ୍ୟୁରୋ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍ପମେଟ ଇଂରାଜୀ ନବବର୍ଷ ଓ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜୟନ୍ତୀଙ୍କୁ ଝାରପଡ଼ା ଜେଲର ଅନ୍ତେବାସୀଙ୍କ ସହ ପାଳନ କରିଛି। ନିର୍ଭୀକ ଜାତୀୟ ବୀର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଯେପରି ଜଣେ ନିଃସ୍ୱାର୍ଥପର, ଦେଶ ସେବକ ଥିଲେ ଓ ତାଙ୍କ ଯୋଗୁ ଓଡ଼ିଶା ଗର୍ବିତ, ଠିକ୍ ସେପରି ଅନ୍ତେବାସୀ ମଧ ତାଙ୍କର ତ୍ୟାଗମୂଳକ କାର୍ଯ୍ୟ ଦ୍ୱାରା ଅନୁପ୍ରାଣିତ ହୋଇ ନିଜର ପରିଚୟ ସୃଷ୍ଟି କରିବା ଉଚିତ୍ ବୋଲି ହେଲ୍ପମେଟର ସମ୍ପାଦିକା ନିବେଦିତା ଭଞ୍ଜ କହିଥିଲେ। ନେତାଜୀ ମଧ କାରାବରଣ କରିଛନ୍ତି କିନ୍ତୁ ନିଜର ଦାୟିତ୍ୱକୁ ସେ ଠିକ୍ ଭାବରେ ତୁଲାଇଛନ୍ତି। ସଭାପତି ଅଞ୍ଜଳି ତ୍ରିପାଠୀ, ଆରତି ମହାନ୍ତି ଓ ଅଭିଜିତ୍ ଦୀକ୍ଷିତ୍ ମିଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜେଲର ପରିଚାଳନା ଅଧିକାରୀ ଶୁଭକାନ୍ତ ମିଶ୍ର ଓ ସତ୍ୟପ୍ରକାଶ ସ୍ୱାଇଁ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ।

### ଚନ୍ଦ୍ରଭାଗା ବେଳାଭୂମି ବୁଲିଲେ ମୁଖ୍ୟ ଶାସନ ସଚିବ

**କୋଣାର୍କ,୧୮।୧(ଡି.ଏନ.ଏ):** କୋଣାର୍କ ମେରାଇନ୍ ଡ୍ରାଇଭ୍ ଇକୋ ରିଟ୍ରିଟ୍ ଉତ୍ସବସ୍ଥଳରେ ଶନିବାର ବରିଷ୍ଠ ଅଧିକାରୀମାନଙ୍କର ବୈଠକ ହୋଇଛି। ଏଥିରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ସମେତ ଆଇଏଏସ୍ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ସକାଳ ୭ଟାରେ ମୁଖ୍ୟ ଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଚନ୍ଦ୍ରଭାଗା ବେଳାଭୂମି ପରିଦର୍ଶନ କରିଛନ୍ତି। ଚନ୍ଦ୍ରଭାଗା ବେଳାଭୂମିରେ ପର୍ଯ୍ୟଟକଙ୍କ ନିମନ୍ତେ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ, ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ସହ ପର୍ଯ୍ୟଟକଙ୍କ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସଙ୍କ ସହ ମୁଖ୍ୟ ଶାସନ ସଚିବ ଆଲୋଚନା କରିଥିଲେ। ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ଶୌଚାଳୟ ଓ ବେଳାଭୂମିରେ ଅଧିକ ଡଷ୍ଟବିନ ରଖିବା ସହିତ ବେଳାଭୂମିକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ଶାସନ ସଚିବଙ୍କ ସହିତ ଅତିରିକ୍ତ ଶାସନ ସଚିବ ସୁରେଶ କୁମାର ମହାପାତ୍ର, ନଗର ଉନ୍ନୟନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଏବଂ ପୁରୀ ଜିଲାପାଳ ବଳୱନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ବାପୁଜୀ ନଗରର ହେବ ୱାନ୍‌ୱେ ଟ୍ରାଫିକ

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

- ଫେବୃୟାରୀ ପହିଲାରୁ ଆରମ୍ଭ
- ଜଗିବେ ୪ ଏସ୍‌ପିଓ
- ରଙ୍ଗ୍ ୱେରେ ଗଲେ ଫାଇନ୍ ବଦଳରେ ଗାଡ଼ି ସିଜ୍

ଭୁବନେଶ୍ୱରର ଜନଗହଳିପୂର୍ଣ୍ଣ ସ୍ଥାନ ବାପୁଜୀ ନଗର ମାର୍କେଟ ଭିତରେ ୱାନୱେ ଟ୍ରାଫିକ ବ୍ୟବସ୍ଥା ହେବାକୁ ଯାଉଛି। ଏଣିକି ଲୋକମାନେ ବଜାର ଭିତରେ ଯାତାୟାତ ପାଇଁ ଅସୁବିଧା ହେବାକୁ ପଡ଼ିବନି। ଏହାସହ ଏଠାରେ ପାର୍କିଂ ବ୍ୟବସ୍ଥା କରାଯାଇ ଲୋକଙ୍କ ଯାତାୟାତକୁ ଆହୁରି ସୁବିଧା କରାଯିବା ବୋଲି ପୋଲିସ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ମୁଖ୍ୟତଃ ବାପୁଜୀ ନଗରରେ ଥିବା ଦୁଇଟି ମୁଖ୍ୟ ରାସ୍ତା ଏବଂ ୮ଟି ଲେନ୍ ଦେଇ ପ୍ରତିଦିନ ହଜାର ହଜାର ଗାଡ଼ି ଯାତାୟାତ ହୋଇଥାଏ। ବ୍ୟବସାୟ ପ୍ରତିଷ୍ଠାନଗୁଡିକରେ ପାର୍କିଂ ପାଇଁ ବ୍ୟବସ୍ଥା ନ ଥିବାରୁ ଗ୍ରାହକମାନେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ରଖି ଟ୍ରାଫିକ ସମସ୍ୟା ସୃଷ୍ଟି କରିଥାନ୍ତି। ଏହାଦ୍ୱାରା ଯାତାୟାତରେ ଅସୁବିଧା ହେବା ସହ ସ୍ଥାନୀୟ ବାସିନ୍ଦାମାନେ ମଧ ବହୁ ହଇରାଣ ହୋଇଥାନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ପୋଲିସ ୱାନୱେ ଟ୍ରାଫିକ ବ୍ୟବସ୍ଥା କରିଛନ୍ତି। ଯାହା ଆସନ୍ତା ଫେବୃୟାରୀରୁ କାର୍ଯ୍ୟକାରୀ ହେବ। ଏଥିପାଇଁ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଶୁକ୍ରବାର କମିଶନରେଟ୍ ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପୋଲିସ କମିଶନର ଡ.ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। ଫୋରମ ଫର ସ୍ମାର୍ଟ ସିଟିଜେନର



ବୈଠକରେ ଉପସ୍ଥିତ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ଓ ଅନ୍ୟ ଅଧିକାରୀମାନେ।

ଆବାହକ ତଥା ପୂର୍ବତନ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକଙ୍କ ଦ୍ୱାରା ଆୟୋଜିତ ବୈଠକରେ ବାପୁଜୀ ନଗର ନାଗରିକ କମିଟି, ବିଏମ୍‌ସିର ଯୁଗ୍ମ କମିଶନର ରୂପକ କୁମାର ପଟ୍ଟନାୟକ, ଟ୍ରାଫିକ୍ ଡିସିପି ସାଗରିକା ନାଥ ଏବଂ ପୋଲିସ କମିଶନର ଉପସ୍ଥିତ ଥିଲେ।

ବାପୁଜୀ ନଗରସ୍ଥିତ ୮ଟି ଲେନ୍‌ରେ ଏକ ପାର୍ଶ୍ୱରେ ପାର୍କିଂ ବ୍ୟବସ୍ଥା ରହିବ। ଏହି ପାର୍କିଂ ବ୍ୟବସ୍ଥା ସପ୍ତାହର ୬ଦିନ ଲାଗୁହେବ। ପ୍ରଥମ ଲେନ୍‌ର ଗୋଟିଏ ପାର୍ଶ୍ୱରେ ପାର୍କିଂ ହେଲାବେଳେ ପରଦିନ ଲେନ୍‌ର ଅନ୍ୟପାର୍ଶ୍ୱରେ ପାର୍କିଂ କରାଯିବ। ପାର୍କିଂ ନିୟମ ସକାଳ ୮ଟାରୁ ରାତ୍ରି ୧୦ଟାପର୍ଯ୍ୟନ୍ତ ବଳବତ୍ତର ରହିବ। ରବିବାର ଏହି ନିୟମ କାର୍ଯ୍ୟକାରୀ କରାଯିବ ନାହିଁ ବୋଲି ଟ୍ରାଫିକ ଡିସିପି ନାଥ କହିଛନ୍ତି। ଟ୍ରାଫିକ୍ ବ୍ୟବସ୍ଥାରେ ନିୟନ୍ତ୍ରଣ କରିବା ପାଇଁ ଏଠାରେ ୪ଜଣ ଏସ୍‌ପିଓଙ୍କୁ ନିଯୁକ୍ତି ଦିଆଯିବ। ପାର୍କିଂ ସ୍ଥାନର ଭିତ୍ତିଭୂମି ବିଏମ୍‌ସି ନିର୍ମାଣ କରିବା ସହ ସ୍ଥାନ ନିରୂପଣ ଏବଂ ସାଇନ୍‌ବୋର୍ଡ ବ୍ୟବସ୍ଥା କରାଯିବ। ଆସନ୍ତା ସୋମବାର ବିଏମ୍‌ସି, ଟ୍ରାଫିକ୍ ଏସିପି ଏବଂ ବାପୁଜୀନଗରର ନାଗରିକ କମିଟି ପକ୍ଷରୁ ପାର୍କିଂ ସ୍ଥାନ ନିରୂପଣ କରାଯିବ। ପାର୍କିଂର ଦେଖାଶୁଣା ପାଇଁ ଏଠାରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଘରୋଇ ସୁରକ୍ଷାକର୍ମୀ ନିୟୋଜିତ କରିବେ। ବାପୁଜୀ ନଗର ଜଗନ୍ନାଥ ସଦନ ସମ୍ମୁଖରେ ଥିବା ଉଠାଦୋକାନଙ୍କୁ ସ୍ଥାନାନ୍ତରଣ କରାଯାଇ ସେଠାରେ ଉପୁଜିଥିବା ଟ୍ରାଫିକ୍ ସମସ୍ୟାକୁ ଦୂର କରାଯିବ ବୋଲି ଟ୍ରାଫିକ ଡିସିପି ନାଥ କହିଛନ୍ତି। ଏହାସହ ରଙ୍ଗ୍ ୱେରେ ଗାଡି ଚଳାଇଲେ ଫାଇନ୍ ଆଦାୟ କରା ନ ଯାଇ ଗାଡିକୁ ଜବତ କରିବାକୁ କମିଶନରେଟ୍ ପୋଲିସ ନିଷ୍ପତ୍ତି ନେଇଛି। କିଛି ବେପରୁଆ ଲୋକ ରଙ୍ଗ୍ ୱେରେ ଗାଡି ଚଳାଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରିଥିବାରୁ ଏପରି ପଦକ୍ଷେପ ନିଆଯାଇଛି। ଗାଡି ସିଜ୍ ହେଲେ ଗାଡି ମାଲିକଙ୍କୁ ଏଥିପାଇଁ ୫୦୦୦ଟଙ୍କା ଜରିମାନା ଦେବାକୁ ପଡିବ ବୋଲି ଟ୍ରାଫିକ୍ ଡିସିପି କହିଛନ୍ତି। ଭୁବନେଶ୍ୱର ଜାତୀୟ ରାଜପଥରେ ଟ୍ରାଫିକ୍ ସମସ୍ୟା କମ୍ କରିବା ପାଇଁ ଆଗଭଳି ମାଲିବାହୀ ଗାଡିଗୁଡିକ ପିତାପଲ୍ଲୀରୁ ଗୋପାଳପୁର ରାସ୍ତାଦେଇ ଯିବାକୁ ବ୍ୟବସ୍ଥା କରିବାକୁ ଫୋରମ୍ ପକ୍ଷରୁ କମିଶନରଙ୍କୁ ପ୍ରସ୍ତାବ ଦିଆଯାଇଛି। ଅନ୍ୟପଟେ ରାଜମହଲରୁ ଏଜି ଛକ ପର୍ଯ୍ୟନ୍ତ ବାମକଡ଼ରେ ଏକାଧିକ ଉଠାଫଳ ଦୋକାନୀ ରାସ୍ତା ଉପରେ ଭିଡ଼ ଜମାଉଛନ୍ତି। ତେଣୁ ସେମାନଙ୍କୁ ଉଠାଯାଇ ଟ୍ରାଫିକ ସମସ୍ୟାକୁ ଦୂର କରାଯିବା ପାଇଁ ମଧ ଏହି ବୈଠକରେ ନିଷ୍ପତ୍ତି ହୋଇଛି।

# ପ୍ରବୋଧ ରଥ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ

**ଭୁବନେଶ୍ୱର, ୧୮।୧(ବ୍ୟୁରୋ)**

ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ପ୍ରବୋଧ ରଥ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ନୂଆ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ଆସନ୍ତା ସୋମବାର ସେ ଦାୟିତ୍ୱ ଗ୍ରହଣ କରିବେ। ଏକକ ମଞ୍ଚ ନାଟକର ପ୍ରଚାର ପ୍ରସାର ପାଇଁ ପ୍ରୟାସ ଜାରି ରଖିଥିବା ପ୍ରବୋଧଙ୍କର କଳା, ସଂସ୍କୃତି ଓ ପରମ୍ପରା ଆଦି କ୍ଷେତ୍ରରେ ବହୁ ଅଭିଜ୍ଞତା ରହିଛି। ସେ କଳାହାଣ୍ଡି ଜିଲା ସଂସ୍କୃତି ପରିଷଦର ସଦସ୍ୟ, କଳାହାଣ୍ଡି ଜିଲା କଳା ସଂସ୍କୃତି ସଂଘର ଉପସଭାପତି, କଳାହାଣ୍ଡି କଳାକାର ସଂଘ ସଭାପତି, ଭବାନୀପାଟଣା ସ୍ମାରକୀ ନାଟ୍ୟ ସଂସ୍ଥାର ସଭାପତି, ଓଡ଼ିଶା ନାଟ୍ୟ ସଂଘର ପୂର୍ବତନ ଉପ ସଭାପତି, ଓଡ଼ିଶା ନାଟ୍ୟ ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି। 'ଶବ ପଡିଛି', 'ହେ ମୋର ଶବ ବାହକମାନେ', 'ଚାରି ଛକ', 'ସ୍ୱର୍ଗକୁ ଯାଅ ହେ ପାପୀମାନେ', 'ତିତ୍‌ଲି', 'ଏମାନେ ସେମାନେ ଆପଣମାନେ', 'ବିସ୍ଫୋରଣ' ଭଳି ୩୦ରୁ ଊର୍ଦ୍ଧ୍ୱ ନାଟକରେ ଅଭିନୟ କରି ବେଶ୍ ପ୍ରଶଂସା ସାଉଣ୍ଟିଛନ୍ତି। ସେହିପରି 'ଶବ ପଡିଛି', 'ଯାହା କହିବି', 'ଅବାଞ୍ଛିତ କୁରୁକ୍ଷେତ୍ର', 'ପୁଣି କେବେ',



'ମରୁଭୂମି', 'ଦୃଶ୍ୟାନ୍ତର' ଭଳି ଅନେକ ନାଟକର ନିର୍ଦ୍ଦେଶନା ଦେଇଛନ୍ତି।

୧୯୬୯ ଏପ୍ରିଲ ୨୫ରେ କଳାହାଣ୍ଡିର ଭବାନୀପାଟଣାରେ ଜନ୍ମଗ୍ରହଣ କରିଥିବା ପ୍ରବୋଧ ନିର୍ଦ୍ଦେଶନା, ଅଭିନୟ ପାଇଁ 'ଶତାବ୍ଦୀର କଳାକାର ନାଟ୍ୟ ସମ୍ମାନ', 'ଶ୍ରୀ ନାଟ୍ୟ ସମ୍ମାନ' ଭଳି ବିଭିନ୍ନ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ନୂଆ ଦାୟିତ୍ୱ ଗ୍ରହଣ କରିବା ପରେ ସେ କହିଛନ୍ତି, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସମସ୍ତ କାର୍ଯ୍ୟକ୍ରମକୁ ମାଲକାନଗିରିଠାରୁ ନୂଆପଡ଼ା ପର୍ଯ୍ୟନ୍ତ ନେବା ପାଇଁ ପ୍ରଚେଷ୍ଟା କରିବି। ସଚିବ ଭାବେ ସାରା ଓଡ଼ିଶାର ସଂସ୍କୃତି ଉପରେ ନଜର ରଖିବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ ୨ ତାରିଖରୁ ଏହି ସଚିବ ପଦବୀ ଖାଲି ପଡ଼ିଥିଲା।

# ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲେ ବ୍ୟାଙ୍କ ମ୍ୟାନେଜରଙ୍କ ମା'

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

- ପୋଲିସ ପକ୍ଷପାତିତାର ପ୍ରତିବାଦ
- ଥାନା ଆଗରେ ୩ ଦିନ ଧରି ଧାରଣା ଦେଇଥିଲେ

ଜଣେ ଅଧ୍ୟାପିକାଙ୍କୁ ବଳାତ୍କାର ଓ ବ୍ଲାକ୍‌ମେଲ୍ ମାମଲାରେ ପୋଲିସ ବ୍ୟାଙ୍କ୍ ମ୍ୟାନେଜର ସୁନିଲ ପ୍ରସାଦ ମିଶ୍ରଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ ବ୍ୟାଙ୍କ୍ ମ୍ୟାନେଜରଙ୍କୁ ଅପହରଣ ଓ ବ୍ଲାକ୍‌ମେଲ୍ ଅଭିଯୋଗ ସତ୍ତ୍ୱେ ପୋଲିସ ଅଧ୍ୟାପିକାଙ୍କୁ ଥାନାରୁ ଛାଡ଼ିଦେଇଛି। ପୋଲିସର ଏଭଳି ପକ୍ଷପାତିତା କାର୍ଯ୍ୟଧାରାକୁ ସୁନିଲଙ୍କ ପରିବାର ଲୋକ ପ୍ରତିବାଦ କରିଥିଲେ। ସୁନିଲଙ୍କ ମା'ଙ୍କ ସମେତ ଏକ ମହିଳା ସଂଗଠନର ସଦସ୍ୟାମାନେ ଚନ୍ଦ୍ରଶେଖରପୁର ଥାନା ଆଗରେ ଗୁରୁବାରଠାରୁ ଧାରଣାରେ ବସିଥିଲେ। ନ୍ୟାୟ ନ ମିଳିଲେ ଥାନା ଆଗରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଥିଲେ। ଶନିବାର ଅତିରିକ୍ତ ଡିସିପି ରାଜକିଶୋର ପାଇକରାୟ ପହଞ୍ଚି ବୁଝାଶୁଝା କରିଥିଲେ। ସୁନିଲଙ୍କୁ ଅପହରଣ ଘଟଣାରେ ଅଧ୍ୟାପିକାଙ୍କ ସମ୍ପୃକ୍ତି ନେଇ ତଦନ୍ତ କରି ୭ଦିନ ଭିତରେ ଉଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସୁନିଲଙ୍କ ମା' ଓ ଅନ୍ୟମାନେ ଧାରଣାରୁ ଓହରିଥିଲେ।

ସୂଚନା ମୁତାବକ, ପୋଲିସର ପକ୍ଷପାତିତା ବିରୋଧରେ ଗତ ମଙ୍ଗଳବାର ସୁନିଲଙ୍କ ମା' ଅନ୍ୟମାନଙ୍କ ସହ ଥାନା ଆଗରେ ଧାରଣାରେ ବସିଥିଲେ। ଜୋନ-୬ ଏସିପି ପ୍ରକାଶ ଚନ୍ଦ୍ର ପାଲ ପହଞ୍ଚି ୪୮ ଘଣ୍ଟା ଭିତରେ ଅଧ୍ୟାପିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। ହେଲେ ପୋଲିସ ଚୁପ୍ ବସିବାରୁ ପୁଣି ଗୁରୁବାର ସକାଳୁ ସେମାନେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ।

# ୧୦୦ ଫୁଟିଆ ହେବ ଭିଏସ୍‌ଏସ୍ ନଗରରୁ ଗାଡ଼କଣ ରାସ୍ତା

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

ଭିଏସ୍‌ଏସ୍ ନଗରରୁ ଗାଡ଼କଣ ପର୍ଯ୍ୟନ୍ତ ରାସ୍ତାର ପୂରା ରୂପରେଖ ବଦଳିବ। ୧୦୦ ଫୁଟ ଓସାର କରାଯିବା ସହ ସୌନ୍ଦର୍ଯ୍ୟ ବୃଦ୍ଧି କରାଯିବ। ଏଥିପାଇଁ ଶନିବାର ରାସ୍ତାର ଦୁଇପାର୍ଶ୍ୱରେ ଉଚ୍ଛେଦ କରାଯାଇଛି। ବିଡିଏ, ବିଏମ୍‌ସି ଓ କମିଶନରେଟ ପୋଲିସ୍‌ର ମିଳିତ ଟିମ୍ ପକ୍ଷରୁ ପୂର୍ବାହ୍ନ ୧୦ଟା ୩୦ରୁ ଉଚ୍ଛେଦ ଆରମ୍ଭ ହୋଇଥିଲା। ଏଥିରେ ୫୦ ବେଆଇନ୍ ଜବରଦଖଲକୁ ହଟାଇ ଦିଆଯାଇଥିବା ମିଳିତ ଉଚ୍ଛେଦ ଟିମ୍‌ର ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁଶେଖର ମହାନ୍ତି କହିଛନ୍ତି। ତାଙ୍କ ସୂଚନାନୁସାରେ, ଆର୍ ଆଣ୍ଡ୍ ବି ଡିଭିଜନ-୪ ଦ୍ୱାରା କରାଯାଇଥିବା ଚିଠି ସଂଖ୍ୟା ୪୮୬୫କୁ

**ହଟିଲା ୫୦ ବେଆଇନ ଜବରଦଖଲ**



ଭିତ୍ତିକରି ଏହି ଉଚ୍ଛେଦ କରାଯାଇଥିଲା। ୩୭ ଅସ୍ଥାୟୀ ଦୋକାନ, ୧୩ ଆଗକୁ ବଢ଼ିଥିବା ଘରର ଆଜବେଷ୍ଟସ୍ ଓ ୧୦୦ ଫୁଟର ଗୋଟିଏ ପାଚେରିକୁ ଭଙ୍ଗାଯାଇଛି। ବିଡିଏ ଉଚ୍ଛେଦ ଅଧିକାରୀ-୨ ପ୍ରମୋଦ ପାତ୍ର, ମଞ୍ଚେଶ୍ୱର ଥାନା ଏସ୍‌ଆଇ ସନ୍ତୋଷ ଶତପଥୀ ସହ ପୋଲିସ ଫୋର୍ସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ସୋହମ୍‌ସ୍ମି ପକ୍ଷରୁ ଚାଲିଥିବା କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ଚଣ୍ଡିପ୍ରସାଦର ଚାଷୀଙ୍କୁ ମାଙ୍କଡ଼ ଭୟ

**ବାରଙ୍ଗ.୧୮।୧(ଡି.ଏନ.ଏ.)**

ବାରଙ୍ଗ ବ୍ଲକର ଚଣ୍ଡିପ୍ରସାଦ ଗ୍ରାମରେ ଗତ କିଛିଦିନ ହେବ ମାଙ୍କଡମାନଙ୍କର ଦୌରାତ୍ମ୍ୟ ଦେଖିବାକୁ ମିଳିଛି। ଦୁଇଶହ ପରିବାର ବିଶିଷ୍ଟ ଏହି ଗ୍ରାମର ଶତକଡା ୯୦ଭାଗ ଲୋକ ପନିପରିବା ଚାଷ କରି ନିଜ ଗୁଜୁରାଣ ମେଣ୍ଟାଉଛନ୍ତି। ୧୫ରୁ ଊର୍ଦ୍ଧ୍ୱ ଜଙ୍ଗଲୀ ମାଙ୍କଡ଼ଙ୍କ ଉତ୍ପାତ ହୋଇ ଜମିରେ ପଶି ପନିପରିବା ନଷ୍ଟ କରିଦିଅନ୍ତି। ଚାଷୀମାନେ ଦିନରାତି ପାଳି କରି ଚାଷକୁ ବିଲରେ ଜଗି ରହୁଛନ୍ତି। ଏହାସହ ଘରବାଡିରେ ଥିବା ଗଛ ପତ୍ର ଖାଇ ଘର ଭିତରକୁ ପଶି ଖାଦ୍ୟ ଖାଇ ଦେଉଛନ୍ତି। ମାଙ୍କଡଙ୍କ ସଂଖ୍ୟା ବୃଦ୍ଧି ସହ ଉତ୍ପାତ ଯୋଗୁ ପିଲାମାନେ ସ୍କୁଲକୁ ଯିବାକୁ ନିରାପଦ ମଣୁନାହାନ୍ତି। ଏ ନେଇ ଗ୍ରାମବାସୀ କଟକ ବନାଞ୍ଚଳ ଡିଏଫ୍‌ଓଙ୍କ ନିକଟରେ ଶନିବାର ଅଭିଯୋଗ କରିଛନ୍ତି।

# ଆଜିଠୁ ଫାର୍ମ ଗେଟ୍ ବସ୍ତି ଉଚ୍ଛେଦ

■ 'ପିଲାଙ୍କ ପରୀକ୍ଷା, ସମୟ ଦିଅ': ବସ୍ତିବାସିନ୍ଦା

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ଉନ୍ନତୀକରଣ ସହ ରନ୍‌ୱେକୁ ଆହୁରି ବଢ଼ାଯିବ। ଏଥିପାଇଁ ବିମାନବନ୍ଦର ପାର୍ଶ୍ୱରେ ଥିବା ଦୁଇଟି ବସ୍ତିକୁ ହଟାଇବା ପାଇଁ ନିର୍ଦ୍ଦେଶ ଆସିବା ପରେ ବିଡିଏ ଯୋଜନା ଆରମ୍ଭ କରିଥିଲା। ପୂର୍ବରୁ ଗୋଟିଏ ବସ୍ତି ଉଚ୍ଛେଦ ହୋଇଥିବାବେଳେ ରବିବାରଠାରୁ ଫାର୍ମ ଗେଟ୍ ବସ୍ତି ଉଚ୍ଛେଦ କରାଯିବ ବୋଲି ବିଡିଏ ପକ୍ଷରୁ ସୂଚନା ମିଳିଛି। ଆସନ୍ତା ୨୨ ତାରିଖରେ ବିମାନବନ୍ଦର କାର୍ଯ୍ୟ ନେଇ ବୈଠକ ବସିବାର ରହିଛି। ତେଣୁ ଏହା ପୂର୍ବରୁ ବସ୍ତି ଉଚ୍ଛେଦ କରିବାକୁ ବିଡିଏ ତତ୍ପରତା ପ୍ରକାଶ କରିଛି। ଏ ସଂକ୍ରାନ୍ତରେ ଏକ ବୈଠକ ବସିବା ସହ ଶନିବାର ସ୍ଥାନୀୟ ଅଞ୍ଚଳରେ ପ୍ରଚାର ମାଧ୍ୟମରେ ଲୋକଙ୍କୁ ଅବଗତ କରାଯାଇଛି। ମାତ୍ର ଏଭଳି ତରବରିଆ ଉଚ୍ଛେଦକୁ ବସ୍ତିବାସିନ୍ଦା ବିରୋଧ କରିବେ ବୋଲି ସୂଚନା ମିଳିଛି। ଆଗକୁ ସେମାନଙ୍କ ପିଲାଙ୍କର ମାଟ୍ରିକ ସହ ବିଭିନ୍ନ ପରୀକ୍ଷା ରହିଛି। ବସ୍ତି ଭଙ୍ଗାହେଲେ ଶୀତ କାକରରେ ସେମାନେ କେଉଁଠି ରହିବେ, ପିଲାମାନେ କିପରି ପାଠପଢ଼ିବେ। ପିଲାଙ୍କ ଭବିଷ୍ୟତ କଥା ଭାବି ବସ୍ତିବାସିନ୍ଦାମାନେ ଚିନ୍ତାରେ ରହିଛନ୍ତି। ପରୀକ୍ଷା ସରିବା ପରେ ସେମାନେ ଅନ୍ୟତ୍ର ପଳାଇବେ ଓ ସେପର୍ଯ୍ୟନ୍ତ ଉଚ୍ଛେଦ ନ କରିବାକୁ ସେମାନେ ନିବେଦନ କରିଛନ୍ତି। ଯଦି ବସ୍ତି ଉଚ୍ଛେଦ ପାଇଁ ଉଦ୍ୟମ ହୁଏ, ତେବେ ଘୋର୍ ବିରୋଧ କରାଯିବ। ଆବଶ୍ୟକ ପଡ଼ିଲେ ଆଇନ୍‌କୁ ହାତକୁ ନେବୁ ବୋଲି ବସ୍ତିବାସିନ୍ଦା ଚେତାବନୀ ଦେଇଛନ୍ତି।

# ଭୁବନେଶ୍ୱର ଡ୍ରେନେଜ ବ୍ୟବସ୍ଥା ଠିକ୍ ନାହିଁ

■ ପୁରୀରେ ସଂସଦୀୟ ଷ୍ଟାଣ୍ଡିଂ କମିଟିର ସମୀକ୍ଷା ବୈଠକ

**ପୁରୀ ଅଫିସ, ୧୮।୧**

ଓଡ଼ିଶାରେ କେନ୍ଦ୍ରୀୟ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ରାଜଧାନୀ ଭୁବନେଶ୍ୱରର ଡ୍ରେନେଜ ବ୍ୟବସ୍ଥାରେ ଅନେକ ତ୍ରୁଟି ରହିଛି। ଏହା ଠିକ୍ ନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ ବାସହୀନ ପରିବାରକୁ ଗୃହ ଯୋଗାଇବାରେ ମଧ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଏମିତି ରାଜ୍ୟ ସରକାରଙ୍କ ଅନେକ କାର୍ଯ୍ୟଧାରା ଉପରେ ପ୍ରଶ୍ନ ଉଠାଇବା ସହ ଉଦ୍‌ବେଗ ପ୍ରକାଶ କରିଛି ସଂସଦୀୟ ଷ୍ଟାଣ୍ଡିଂ କମିଟି। ଭୁବନେଶ୍ୱର ଏବଂ ପୁରୀ ସହରାଞ୍ଚଳ ବିକାଶ ସମ୍ବନ୍ଧରେ ଶନିବାର ସ୍ଥାନୀୟ ମେ' ଫେୟାର ହୋଟେଲ ପରିସରରେ କମିଟି ବର୍ଜ୍ୟବସ୍ତୁ ପରିଚାଳନା, ଡ୍ରେନେଜ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ସ୍ୱଚ୍ଛ ଭାରତ, ପରିମଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମେତ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ସମୀକ୍ଷା କରିଥିଲେ। ଜଗଦମ୍ବିକା ପାଲ୍‌ଙ୍କ ଅଧକ୍ଷତାରେ ଆସିଥିବା ୧୧ ସଦସ୍ୟଙ୍କ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀ ଏଥିରେ ଯୋଗଦେଇଥିଲେ। ଶୁକ୍ରବାର କମିଟି ଭୁବନେଶ୍ୱରଠାରେ ସମୀକ୍ଷା ବୈଠକ କରିଥିବାବେଳେ ଶନିବାର ପୁରୀରେ ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ବିଶେଷକରି ଭୁବନେଶ୍ୱରର ଡ୍ରେନେଜ ବ୍ୟବସ୍ଥାକୁ ନେଇ ସେମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଗଙ୍ଗୁଆ ନାଳ ସହ କିପରି ଅଧିକ ଡ୍ରେନକୁ ସଂଯୋଗ କରାଯାଇପାରିବ ସେନେଇ ମଧ ଆଲୋଚନା କରାଯାଇଥିଲା। ୨୦୦୮ରେ ଡ୍ରେନେଜ ବ୍ୟବସ୍ଥା ଯାହା ଥିଲା ସେହିପରି ରହିଛି, ଏଥିରେ କୌଣସି ଅଗ୍ରଗତି ହୋଇନାହିଁ। ତେଣୁ ଏହାର ସମାଧାନ ଲାଗି ଖୁବ୍‌ଶୀଘ୍ର ମାଷ୍ଟରପ୍ଲାନ କରିବା ଲାଗି କମିଟି ପରାମର୍ଶ ଦେଇଛି। ଅର୍ବାନ ଡେଭଲପ୍‌ମେଣ୍ଟର ପ୍ରିନ୍ସିପାଲ ସେକ୍ରେଟାରୀଙ୍କୁ ଏଥିଲାଗି ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ରାଜଧାନୀର ଏବେ ବି ୪୦ ପ୍ରତିଶତ ଲୋକ ବସ୍ତିରେ ରହୁଛନ୍ତି। ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଲୋକଙ୍କ ଘରେ ଶୌଚାଳୟ ସୁବିଧା ନାହିଁ। ଏ ସବୁଦିଗରେ ଅଗ୍ରଗତି ହେବା ଦରକାର।

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସେବାୟତ ସମ୍ପାଦକଙ୍କ ଦୁର୍ବ୍ୟବହାର

**ପୁରୁଣା ଭୁବନେଶ୍ୱର, ୧୮।୧ (ଡି.ଏନ.ଏ.)**

ଶ୍ରୀଲିଙ୍ଗରାଜ ମନ୍ଦିର ଚତୁର୍ପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ଓ ବିକାଶ କାର୍ଯ୍ୟ ଜାରି ରହିଛି। ଏହାକୁ ପ୍ରତ୍ୟକ୍ଷ ଭାବେ ତୁଲାଉଥିବା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା ମିଳୁଛି। କେତେଜଣ ସେବାୟତଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ସମ୍ପୃକ୍ତ ଅଫିସରଙ୍କୁ ଦୁର୍ବ୍ୟବହାର ସହ ଜୀବନରେ ମାରି ଦେବାକୁ ଧମକ ଦିଆଯାଇଥିବାରୁ ଲିଙ୍ଗରାଜ ଥାନାରେ ଏତଲା ଦିଆଯାଇଥିଲା। ଏ ନେଇ ଥାନାରେ ଦଫା ୨୯୪, ୫୦୬ ନଂ. ୧୦/୨୦ରେ ମାମଲା ରୁଜୁ ହୋଇଛି।

ଏକାମ୍ର କ୍ଷେତ୍ର ବିକାଶ ଯୋଜନାର ସଫଳ ରୂପାୟନ କରିବା ସହ କେତେକ ସ୍ଥାନରେ ଥିବା ଜବରଦଖଲ ଉଚ୍ଛେଦ କରାଯାଇଛି। ଏଥିସହ ସେବାୟତଙ୍କ ମନମୁଖି କାର୍ଯ୍ୟରେ ଅଙ୍କୁଶ କଷିବାରୁ ରୋଷର ଶିକାର ହୋଇଛନ୍ତି ଶ୍ରୀଲିଙ୍ଗରାଜ ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ। ୨୦୧୯ ଅକ୍ଟୋବରରେ ଏହିଭଳି ବିଶୃଙ୍ଖଳିତ ଆଚରଣ ଦେଖାଇ ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟରେ ଅନ୍ୟ କେତେଜଣ ଅଭିଯୁକ୍ତଙ୍କ ସହ ସଂଘବଦ୍ଧ ଭାବେ ଅଧିକାରୀଙ୍କୁ ଆକ୍ରମଣ କରିବା, ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଧମକ ଦେଇ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ସେମାନେ କାର୍ଯ୍ୟାଳୟରେ ତାଲା ପକାଇବାକୁ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ପକ୍ଷରୁ ନଂ. ୨୧୦/୧୯ରେ ମାମଲା ରୁଜୁ କରାଯାଇଥିଲା। ସେ ସମୟରେ କାର୍ଯ୍ୟକ୍ଷେତ୍ରରେ ଅଧିକାରୀଙ୍କୁ ମାଡ଼ମାରିବା ପ୍ରତିବାଦରେ ଓ ସମ୍ପୃକ୍ତ ଅଧିକାରୀଙ୍କ ସୁରକ୍ଷା ନେଇ ଓଡ଼ିଶା ରାଜସ୍ୱ ଅଫିସର ସଂଘ ପକ୍ଷରୁ ଡିସିପି ଭୁବନେଶ୍ୱର ଓ କମିଶନର ପୋଲିସ୍‌ଙ୍କୁ ଅବଗତ କରାଯାଇଥିଲା। ପୁନର୍ବାର ସମ୍ପାଦକ ପତି ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜାନୁୟାରୀ ୧୬ ତାରିଖ ଅପରାହ୍ନରେ କାର୍ଯ୍ୟାଳୟ ପରିସରରେ ଉଚ୍ଛେଦ କରାଯିବା ନେଇ ଓ ନିର୍ଦ୍ଦିଷ୍ଟ କର୍ମଚାରୀଙ୍କୁ ସେବାୟତଙ୍କ ଅନୁଯାୟୀ ନିଯୁକ୍ତ କରିବା ଦାବି ନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରି କି ଜୀବନରେ ମାରିଦେବାକୁ ଧମକ ନେଇ ଥାନାରେ ଏତଲା ଦିଆଯାଇଛି। ବିଭିନ୍ନ ସମୟରେ ବାରମ୍ବାର ସରକାରୀ କାର୍ଯ୍ୟସ୍ଥଳରେ ଅଧିକାରୀଙ୍କୁ ଧମକଚମକ ଦେବା ଓ ମାଡ଼ ମାରିବା ଯୋଗୁ ଏକାମ୍ର ସୌନ୍ଦର୍ଯ୍ୟକରଣ ଯୋଜନା ବାଧାପ୍ରାପ୍ତ ହେବାରେ ଲାଗିଛି। ଏ ନେଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ସାହୁ କୁହନ୍ତି, ପୂର୍ବ ମାମଲାରେ ସମ୍ପୃକ୍ତ ସେବାୟତ ନ୍ୟାୟାଳୟରୁ ଜାମିନରେ ଆସି ପୁଣି ଏଭଳି ଆଚରଣ କରିଥିବା ଯୋଗୁ ଏହା ଜାମିନ ସର୍ତ୍ତାବଳୀ ଖିଲାପ କରୁଛି। ଏସବୁ କାରଣରୁ ବ୍ୟକ୍ତିଗତ ଭାବେ ନିଜର ସୁରକ୍ଷା ଓ କାର୍ଯ୍ୟାଳୟ ସୁରକ୍ଷା ପାଇଁ ନ୍ୟାୟାଳୟଙ୍କ ନିକଟରେ ଜାମିନ ରଦ୍ଦ ନେଇ ଅନୁରୋଧ କରିବା ସହ କମିଶନରେଟ୍ ପୋଲିସକୁ ଦୃଢ କାର୍ଯ୍ୟାନୁଷ୍ଠାନପାଇଁଲିଖିତଭାବେଜଣାଇବୁ।

# ୱିଣ୍ଟର ଫିଟ୍‌ନେସ୍

**ଶୀତ ପ୍ରଭାବରେ ବାୟୁମଣ୍ଡଳର ତାପମାତ୍ରା ଯେତିକି କମୁଛି, ପାଣିପାଗ ପରିବର୍ତ୍ତନର ସେତିକି ପ୍ରଭାବ ଶରୀର ଉପରେ ମଧ୍ୟ ପଡୁଛି। ତେଣୁ ଏଦିନେ ଫିଟ୍ ରହିବା ଲାଗି କେତେକ ଦିଗ ପ୍ରତି ବିଶେଷ ଦୃଷ୍ଟିଦେବା ଆବଶ୍ୟକ...**





■ ଶୀତଦିନେ ଅନେକେ କମ୍ ପାଣି ପିଇଥାନ୍ତି । ଫଳରେ ସେମାନଙ୍କଠାରେ ଜଳୀୟାଂଶ କମିଯାଇ ଶରୀର ଅଧିକ ଶୁଷ୍କ ହେବା, ଚର୍ମ ପାଉଁଶିଆ ଦେଖାଯିବା, ଗୋଡ଼, ହାତ, ଓଠ ଆଦି ଫାଟିବା, କୁଣ୍ଡାଇହେବା ଭଳି ସମସ୍ୟା ଦେଖାଯାଏ। କେତେକଙ୍କଠାରେ ଶିରାପ୍ରଶିରା ସଙ୍କୁଚିତ ହୋଇଯିବା ସହ ରୋଗ ପ୍ରତିରୋଧକ ଶକ୍ତି କମିବା ଫଳରେ ଥଣ୍ଡା, ଜ୍ୱର ଭଳି ରୋଗ ଦେଖାଦେଇଥାଏ। ଏସବୁକୁ ଏଡ଼ାଇବା ଲାଗି ସୁଷମ ଆହାର ଗ୍ରହଣ କରନ୍ତୁ। ସବୁ ପ୍ରକାର ସିଜନାଲ ପନିପରିବା, ଶାଗ ଏବଂ ଫଳକୁ ଖାଦ୍ୟତାଲିକାରେ ସାମିଲ କରନ୍ତୁ। ଏହା ସହ ପ୍ରଚୁର ପରିମାଣରେ ପାଣି ପିଇବା ଆବଶ୍ୟକ। ଦେହରେ ତେଲ ଏବଂ ମଶ୍ଚରାଇଜର ବ୍ୟବହାର କରିବା ବି ଗୁରୁତ୍ୱପୂର୍ଣ୍ଣ।

■ ଶୀତରେ ସକାଳୁ ବ୍ଲାଙ୍କେଟ୍ ଭିତରୁ ବାହାରିବା ଏବଂ ଉଠିବା ପରେ ଥଣ୍ଡାରେ ଏକ୍ସରସାଇଜ୍ କରିବାକୁ ଅନେକଙ୍କୁ ଇଚ୍ଛା ହୋଇ ନ ଥାଏ। ତେଣୁ ଶାରୀରିକ ବ୍ୟାୟାମ ଅଭାବରୁ ମଧ୍ୟ ଏଦିନେ ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ତେଣୁ ଯେଉଁମାନେ ପୂର୍ବରୁ ପ୍ରତିଦିନ ଯୋଗ, ବ୍ୟାୟାମ ଆଦି ଅଭ୍ୟାସ ରଖିଥାନ୍ତି ସେମାନେ ଆଳସ୍ୟ ଯୋଗୁ ଶୀତରେ ଆଦୌ ଏସବୁ ବନ୍ଦ କରିବା ଠିକ୍ ନୁହେଁ।

■ ଥଣ୍ଡା ଥଣ୍ଡା ପାଗରେ ଗରମ ଗରମ ଚଟପଟା ତେଲ ମସଲାଯୁକ୍ତ ଖାଦ୍ୟ କିମ୍ବା ଫାଷ୍ଟଫୁଡ୍ ଆଦି ଅନେକଙ୍କର ପ୍ରଥମ ପସନ୍ଦ ପାଲଟିଯାଏ। ହେଲେ ଏଭଳି ଖାଦ୍ୟ ସହଜରେ ହଜମ ହୋଇ ନ ଥାଏ ଏବଂ ଏଥିପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ଶୀତରେ ଫିଟ୍‌ନେସ୍ ବଜାୟ ରଖିବା ଲାଗି ଏଭଳି ଖାଦ୍ୟ ପରିବର୍ତ୍ତେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଲାଗି ସୁଷମ ଆହାର ଗ୍ରହଣ କରନ୍ତୁ। ବିଶେଷକରି ପ୍ରୋଟିନ୍, ଆଇରନ୍, ଜିଙ୍କ୍, ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହ ଋତୁଭିତ୍ତିକ ସବୁଜ ପନିପରିବା, ଫଳ, ଶାଗ ଏବଂ ଗାଈଘିଅକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।



■ ଥଣ୍ଡା ପବନ ବାଜି ଏଦିନେ ଅନେକଙ୍କଠାରେ ଥଣ୍ଡା, ଜ୍ୱର, କାଶ ଆଦି ସମସ୍ୟା ଦେଖାଯାଇଥାଏ। ତେଣୁ ଏହାକୁ ଏଡ଼ାଇବା ଲାଗି ପ୍ରଚୁର ପରିମାଣରେ ପାଣି ପିଇବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତା'ଛଡ଼ା କାଶ ହେଲେ ସକାଳୁ ଖାଲିପେଟରେ ଅଦାରସ, ମହୁ କିମ୍ବା ତୁଳସୀ ରସ, ମହୁ ଖାଆନ୍ତୁ । ଉଷୁମ କ୍ଷୀର ପିଇବା ଦ୍ୱାରା ମଧ୍ୟ ଆପଣ ଉପକୃତ ହେବେ। ରସୁଣ ମଧ୍ୟ ଖାଇବା ଏଦିନେ ବେଶ୍ ଉପକାରୀ। ଏସବୁ ବ୍ୟତୀତ ବାହାରକୁ ଯିବା ସମୟରେ ଯେପରି ଥଣ୍ଡା ପବନ ଶରୀରରେ ନ ଲାଗେ ସେଥିପାଇଁ ଭଲ ଭାବେ ଶୀତବସ୍ତ୍ର, କ୍ୟାପ୍, ସକ୍ସ, ଗ୍ଲୋଭ୍ସ ଆଦି ପିନ୍ଧିବା ଆବଶ୍ୟକ।

■ ଅଧିକ କୁହୁଡ଼ି ହୋଇଥାଏ। ଫଳରେ ବାୟୁମଣ୍ଡଳରେ କୁହୁଡ଼ି(ଫଗ୍) ସାଙ୍ଗରେ ଧୂଳିକଣା ବି ମିଶି ରହିଥାଏ; ଯେଉଁଥିରେ କାର୍ବନ ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ସଲ୍‌ଫର, ମ୍ୟାଗ୍ନେଟିଆଜିମ୍, ଭାଇରସ୍, ବ୍ୟାକ୍ଟେରିଆ ଭଳି ବିଷାକ୍ତ ପଦାର୍ଥ ରହିଥାଏ। ଏହା ତ୍ୱଚା ସଂସ୍ପର୍ଶରେ ଆସିବା ଦ୍ୱାରା କୁଣ୍ଡାଇ ହେବା, ଫଳିଯିବା, ସ୍କିନ୍ ଆଲର୍ଜି, ଫଙ୍ଗାଲ ଇନ୍‌ଫେକ୍ସନ ଭଳି ଚର୍ମରୋଗ କରାଇଥାଏ। ତେଣୁ ଯଥା ସମ୍ଭବ କୁହୁଡ଼ି ସଂସ୍ପର୍ଶରେ ନ ଆସିବା ଲାଗି ଚେଷ୍ଟା କରନ୍ତୁ। ଆବଶ୍ୟକ ସ୍ଥଳେ ଫୁଲ୍ ଶୀତବସ୍ତ୍ର, ଫୁଲ୍ ଜୋତା, କ୍ୟାପ୍ ଆଦି ବ୍ୟବହାର କରନ୍ତୁ।

– ଶୀତଦିନେ ଅଧିକାଂଶ ଯୁବତୀ ଯୁବକଙ୍କର କେଶ ଶୁଷ୍କ ହେବା, ରୁପି ହେବା ଏକ ବଡ଼ ସମସ୍ୟା ପାଲଟେ। ଏହାକୁ ଦୂରକରିବା ଲାଗି କେଶମୂଳେ ନିୟମିତ ସମୟ ଅନ୍ତରାଳରେ ତେଲ ମାଲିସ କରନ୍ତୁ। ଭିଟାମିନ୍ ବି୬, ଏ, ସି, ଇ ସହ ଜିଙ୍କ୍, ପୋଟାସିଅମ୍ ଏବଂ ଆଇରନ୍ ଭଳି ମିନେରାଲ୍ସ ଥିବା ଖାଦ୍ୟ ବିଶେଷକରି କଦଳୀ, ସେଓ, ଅମୃତଭଣ୍ଡା ଭଳି ଫଳ ଖାଆନ୍ତୁ।

## କ'ଣ କରନ୍ତି ଏମାନେ...



**କୀର୍ତ୍ତିରଞ୍ଜନ ନାୟକ**(ଛାତ୍ର, କିଟ୍ କଲେଜ, ପଟିଆ, ଭୁବନେଶ୍ୱର)– ଶୀତଦିନେ ପାଗ କେବେ କେବେ କମ୍ ପୁଣି କେବେ ହଠାତ୍ ଅଧିକ ଥଣ୍ଡା ହୋଇଯାଏ। ଏଭଳି ବାରମ୍ବାର ପାଣିପାଗ ପରିବର୍ତ୍ତନ ଯୋଗୁ ଅନେକ ସମୟରେ ଥଣ୍ଡା, କାଶ ଭଳି ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତିକରିବାକୁ ହୁଏ। ଏହାକୁ ଏଡ଼ାଇବା ଲାଗି ଖାଦ୍ୟପେୟ ଠିକ୍ ରଖିବା ସହ ବାହାରକୁ ଯିବା ସମୟରେ ଯେପରି ଥଣ୍ଡା ପବନ ଦେହରେ ନ ଲାଗେ ସେଥିପାଇଁ ଶୀତବସ୍ତ୍ର ବ୍ୟବହାର କରେ।



**ପ୍ରଜ୍ଞାପାରମିତା ସେନାପତି**(ଛାତ୍ରୀ, ନିମାପଡ଼ା, ପୁରୀ)– ଶୀତଦିନେ ନିଜକୁ ଫିଟ୍ ରଖିବା କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ। କାରଣ ଏଦିନେ କେବେ ସ୍କିନ୍ ଡ୍ରାଏ ହେଲାଣି ତ କେବେ ରୁପି, ଓଠ, ଗୋଇଠି ଆଦି ଫାଟିବା ପୁଣି କେବେ ବଦହଜମି ଭଳି ସମସ୍ୟା ଦେଖାଦିଏ। ଏସବୁ ନ ହେବା ଲାଗି ଶରୀରକୁ ହାଇଡ୍ରେଟ୍ ରଖିବା ଗୁରୁତ୍ୱପୂର୍ଣ୍ଣ। ତେଣୁ ମୁଁ ପ୍ରଚୁର ପରିମାଣରେ ପାଣି ପିଏ, ଶୀତ ହେଉଥିଲେ ବି ଗାଧୋଇବାରେ ଆଦୌ ଅବହେଳା କରେ ନାହିଁ। ଡ୍ରାଏନେସ୍ ଦୂରକରିବା ଲାଗି ମଶ୍ଚରାଇଜର ଏବଂ ଭେସ୍‌ଲିନ୍ ବ୍ୟବହାର କରେ।

## ଚଣ୍ଡିମାତା ଯୁବକ ସଂଘ

# ସମାଜରେ ସୁଧାର ଆଣିବାକୁ ଲକ୍ଷ୍ୟ

ସେମାନଙ୍କର ଲକ୍ଷ୍ୟ ସମାଜରେ ଦରିଦ୍ର ନିଷ୍ପେଷିତ ଲୋକଙ୍କୁ ମୁଖ୍ୟସ୍ରୋତକୁ ଆଣିବା। ଓଡ଼ିଶାର ପୁରପଲ୍ଲୀର ସଂସ୍କୃତିକୁ ବଞ୍ଚାଇ ରଖିବା। ସ୍ୱଚ୍ଛ ପରିବେଶ ସୁସ୍ଥ ପରିବେଶ ସ୍ଲୋଗାନକୁ ଘରେ ଘରେ ପହଞ୍ଚାଇବା। କ୍ରୀଡ଼ା ମାଧ୍ୟମରେ ଆଗାମୀ ପିଢ଼ି ଭିତରେ ଶାରୀରିକ ସୁସ୍ଥତାର ମନ୍ତ୍ର ପଢ଼ାଇବା । ଏଭଳି ମହତ ଉଦ୍ଦେଶ୍ୟ ଓ ଆକାଙ୍କ୍ଷା ନେଇ ସଂଗ୍ରାମ ଜାରି ରଖିଛନ୍ତି ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗୋଳିହା ଗ୍ରାମର ଚଣ୍ଡିମାତା ଯୁବକ ସଂଘର ସଦସ୍ୟମାନେ । ସମସ୍ତେ ନିଜ ନିଜର ବୃତ୍ତି ଓ କାମଧନ୍ଦା ସହ କିଛି କିଛି ସମୟ ବାହାର କରି ଏକ ମନ ଏକ ପ୍ରାଣରେ ସେବାକୁ ବ୍ରତ ଭାବେ ଗ୍ରହଣ କରିଛନ୍ତି। ୧୯୮୫ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ଏହି ଯୁବକ ସଂଘର ବର୍ତ୍ତମାନର ସଦସ୍ୟ ସଂଖ୍ୟା ୭୦। ତତ୍କାଳୀନ ଶିକ୍ଷକ ଉଦୟ ଚରଣ ନାୟକ, ସୁରେନ୍ଦ୍ର ଘଡ଼େଇ, ଗୌରୀଶଙ୍କର ଘଡ଼େଇ, କ୍ଷୀରୋଦ ଘଡ଼େଇ ପ୍ରମୁଖ ସଂଘ ପ୍ରତିଷ୍ଠାର ପ୍ରମୁଖ କର୍ଣ୍ଣଧାର ଥିଲେ। ତା'ପରଠାରୁ ଏହି ସଂଘର ସଦସ୍ୟମାନେ ମୂଳଲକ୍ଷ୍ୟରୁ କେବେ ପଛକୁ ହଟିନାହାନ୍ତି। ନିକଟସ୍ଥ ଐତିହାସିକ ହୋଲି ମେଳାରେ ପ୍ରତ୍ୟେକ ବର୍ଷ ଅଳିଆ ଆବର୍ଜନା ସଫା କରିବା ଠାରୁ ଆରମ୍ଭକରି ସେଠାକୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ସେମାନେ ପ୍ରାଥମିକତା ଦେଇଥାନ୍ତି । ଏହା ବ୍ୟତୀତ ରକ୍ତଦାନ ଶିବିର କରିବା, ମେଳା ପରିସରରେ ନିଶାଦ୍ରବ୍ୟ ଉପରେ କଟକଣା ଲଗାଇବାକୁ ମଧ୍ୟ ଭୁଲି ନ ଥାନ୍ତି। ଅନୁଷ୍ଠାନର ବର୍ତ୍ତମାନ ସଭାପତି ସନ୍ତୋଷ କୁମାର ବେହେରା କୁହନ୍ତି, "ସମାଜରେ ସୁଧାର ଆଣିବା ଲକ୍ଷ୍ୟ ରଖି ଆମ କ୍ଲବ୍ ପକ୍ଷରୁ ସବୁ ବିଷୟରେ ସଚେତନତା ସୃଷ୍ଟି କରୁଛୁ। ଏହା ବ୍ୟତୀତ ପ୍ରତ୍ୟେକ ବର୍ଷ ଭଲି ଓ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନକରି ଯୁବକମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି କରୁଛୁ। ଏଥିପାଇଁ ଆମ କ୍ଲବ୍ ଅନେକ ସ୍ଥାନରେ ପ୍ରଶଂସିତ ହେବା ସହ କ୍ରିକେଟରେ ପାରଦର୍ଶିତା ପାଇଁ ୨୦ରୁ ଅଧିକ ଟୁର୍ନାମେଣ୍ଟରେ ଚାମ୍ପିୟନ ହେବାର ସୌଭାଗ୍ୟ ମଧ ଅର୍ଜନ କରିଛି। ତେବେ ଆଗକୁ ମହିଳାମାନଙ୍କ ମଧ୍ୟରେ ବି କ୍ରୀଡ଼ା ପ୍ରତି ଆଗ୍ରହ ବଢ଼ାଇବା ଉଦ୍ଦେଶ୍ୟରେ ମହିଳା ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଲକ୍ଷ୍ୟ ରଖିଛୁ।" ନିଜସ୍ୱ ଉଦ୍ୟମରେ ଗ୍ରାମରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିବା ସହ ରାସ୍ତାଘାଟ ମରାମତି କରିବାକୁ କେବେ ସରକାରଙ୍କ ଉପରେ ନିର୍ଭର କରିନାହାନ୍ତି ଏହି କ୍ଲବ୍‌ର ସଦସ୍ୟମାନେ। ଯଦିଓ ଏହା ଆମ ଚଳାପଥରେ ପ୍ରତିବନ୍ଧକ ନୁହେଁ, ତଥାପି ସରକାରୀ ସ୍ତରରେ କିଛି ଆର୍ଥିକ ପ୍ରୋତ୍ସାହନ ମିଳିଲେ ସଭ୍ୟମାନଙ୍କର କାର୍ଯ୍ୟ କରିବାର ସ୍ପୃହା ଆହୁରି ବଢ଼ିପାରନ୍ତା ବୋଲି କୁହନ୍ତି ସାଧାରଣ ସମ୍ପାଦକ ଅକ୍ଷୟ ହାତୀ। ଅନ୍ୟ ସଂଘଗୁଡ଼ିକଠାରୁ ଏମାନଙ୍କର ଯେଉଁ ବିଶେଷ ଗୁଣଟି ପୃଥକ୍ କରେ ତାହା ହେଲା ଗୋସେବା। ଏମାନେ ଗୋପୂଜା କରିବା ସହ ରାସ୍ତାଘାଟରେ ଖଣ୍ଡିଆଖାବରା ଅବସ୍ଥାରେ ପଡ଼ିଥିବା ଗାଈଗୋରୁ ବିଶେଷ କରି ଷଣ୍ଢମାନଙ୍କର ଚିକିତ୍ସା କରାଇଥାନ୍ତି। ନିରବଚ୍ଛିନ୍ନ ସେବା ପାଇଁ ସଂଘ କର୍ମକର୍ତ୍ତାମାନେ ପତିରାଜପୁର ଦୋଳ ମହୋତ୍ସବରେ ସମ୍ବର୍ଦ୍ଧିତ ହୋଇଛନ୍ତି। କ୍ଲବ୍‌ର ପ୍ରତିଷ୍ଠାତା ସଭାପତି ଉଦୟ କୁମାର ନାୟକ କୁହନ୍ତି, "ଐତିହାସିକ ପତିରାଜପୁର ଦୋଳ ମେଳନରେ ଶାନ୍ତି ଶୃଙ୍ଖଳା ରକ୍ଷାକରିବା ଉଦ୍ଦେଶ୍ୟରେ ଆମେ ଆରମ୍ଭ କରିଥିଲୁ ଏହି କ୍ଲବ୍। ବର୍ତ୍ତମାନ ସେହି ଛୋଟ ଚାରା ଏବେ ମହାଦ୍ରୁମରେ ପରିଣତ ହୋଇଛି। ଆଗକୁ ମଧ୍ୟ ଆମ ସମୟରୁ ଆରମ୍ଭ ହୋଇଥିବା ଏହି ସମାଜଧର୍ମୀ କାର୍ଯ୍ୟ ସବୁ ଜାରି ରହିବ ବୋଲି ମୁଁ ଆଶାବାଦୀ।"



ଚଣ୍ଡିମାତା ଯୁବକ ସଂଘର ସଦସ୍ୟମାନେ।

–ଉତ୍କଳବନ୍ଧୁ ପଣ୍ଡା

## ଏ ସପ୍ତାହର ପ୍ରଶ୍ନ

୧– ଭାରତର ଆନୁଆଲ ଷ୍ଟାଟସ୍ ଅଫ୍ ଏଜୁକେଶନ ରିପୋର୍ଟ ପ୍ରକାଶ କରୁଥିବା ସଂସ୍ଥା ........................ ?
୨– ଭାରତରେ ଆର୍ମି ଡେ'................ ତାରିଖରେ ପାଳନ କରାଯାଏ ?
୩–ଭାରତର ପ୍ରଥମ ମାନବ ମହାକାଶ ମିଶନରେ ଯିବା ଲାଗି .......ଜଣ ମହାକାଶଚାରୀଙ୍କୁ ବଛାଯାଇଛି ?
୪– ନିକଟରେ .......... ଦେଶରେ ରାଷ୍ଟ୍ରପତିଙ୍କ ଦ୍ୱାରା ସାମ୍ବିଧାନିକ ସଂଶୋଧନ ଘୋଷଣା ହେବା ପରେ ସମସ୍ତ ସରକାରୀ କର୍ମଚାରୀ ଇସ୍ତଫା ଦେଇଦେଲେ ?
୫– 'ହାଓ ଟୁ ଆଭଏଡ୍ ଏ କ୍ଲାଇମେଟ୍ ଡିଜାଷ୍ଟର' ପୁସ୍ତକର ଲେଖକ....... ?

## ଗତ ଥରର ଉତ୍ତର

୧ କେ. ଶ୍ରୀକାନ୍ତ
୨ ଦୂତୀ ଚାନ୍ଦ୍
୩ ପଶ୍ଚିମବଙ୍ଗ
୪ ଅନିନ୍ଦିତା ନିୟୋଗୀ ଆନାମ
୫ ପ୍ରଧାନମନ୍ତ୍ରୀ ଲଘୁ ବ୍ୟାପାରୀ ମନ୍ ଧନ୍ ସ୍କିମ୍

## ଉତ୍ତର ଦାତା


ଆକାଶ ସାହୁ, ଚାନ୍ଦବାଲି


ନନ୍ଦିନୀ ରାଉତ, ଅନୁଗୋଳ


ଶେଖ୍ ନିଆଜୁଦ୍ଦିନ୍, କେନ୍ଦ୍ରାପଡ଼ା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ୟୁ | ଥ୍ | ଆ | ଲ | ର୍ଟ

# ଯୋଗ କରୁଥିଲେ

**ଶରୀରକୁ ସୁସ୍ଥ ରଖିବାରେ ଯୋଗାସନର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତା' ସମସ୍ତେ ଜାଣନ୍ତି। ହେଲେ ଏହାର ଠିକ୍ ଫଳ ପାଇବାକୁ ହେଲେ କେତୋଟି କଥା ସମ୍ପର୍କରେ ଅବଗତ ହେବା ନିହାତି ଆବଶ୍ୟକ। ଜାଣିରଖନ୍ତୁ ସେ ସମ୍ପର୍କରେ...**

■ ସୂର୍ଯ୍ୟୋଦୟର ଅଧଘଣ୍ଟା ପୂର୍ବରୁ ଓ ତା'ପରଠୁ ଏକଘଣ୍ଟା ପର୍ଯ୍ୟନ୍ତ ଦେଢ଼ଘଣ୍ଟା ସମୟ ହେଉଛି ଯୋଗ କରିବାର ଉପଯୁକ୍ତ ସମୟ । ତେଣୁ ଦିନର ଅନ୍ୟ କୌଣସି ସମୟ ଅପେକ୍ଷା ଆପଣ ଯଦି ଏହି ସମୟ ମଧ୍ୟରେ ଯୋଗ କରୁଛନ୍ତି ତେବେ ଏହାର ସମ୍ପୂର୍ଣ୍ଣ ଲାଭ ଉଠାଇପାରିବେ।

■ ଯୋଗ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ସକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ଯୋଗ କରିବା ସମୟରେ ତରତର ନ ହୋଇ ମନକୁ ସ୍ଥିର ରଖନ୍ତୁ। ନଚେତ୍ ଏହା ଆପଣଙ୍କ ଲାଗି ଉପକାରୀ ସାବ୍ୟସ୍ତ ହେବା ବଦଳରେ ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପକାଇବ।

■ ଯୋଗ କରିବାର ପ୍ରାରମ୍ଭିକ ଦିନଗୁଡିକରେ ଅଧିକାଂଶ ଏକାସଙ୍ଗେ ବହୁତ ଯୋଗାସନ ତାହା ପୁଣି ଅଧିକ ସମୟ ପାଇଁ କରିଥାନ୍ତି। ହେଲେ ଯୋଗ କରିବାର ଶୀଘ୍ର ଫଳ ପାଇବା ଆଶାରେ ଏପରି କରିବା ଠିକ୍ ନୁହେଁ। କାରଣ ସମସ୍ତଙ୍କ ଶାରୀରିକ କ୍ଷମତା ଭିନ୍ନ ଭିନ୍ନ। ତେଣୁ ଆବଶ୍ୟକରୁ ଅଧିକ ଯୋଗ ଏକାଦିନେ କରିବା ଦ୍ୱାରା ମଧ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ। ତେଣୁ ପ୍ରାରମ୍ଭିକ ଦିନଗୁଡ଼ିକରେ ଅଳ୍ପ ଅଳ୍ପ ଯୋଗାସନ କରନ୍ତୁ ଏବଂ ଧୀରେ ଧୀରେ ଅଭ୍ୟାସ ହେବା ପରେ ଏହାର ସମୟସୀମା ବଢ଼ାନ୍ତୁ।

■ ଯୋଗାସନ କେବେ ବେଡ୍, ସୋଫା ଭଳି ସୁବିଧାଜନକ ସ୍ଥାନରେ ବସି କରନ୍ତୁ ନାହିଁ। ଏହା ବଦଳରେ ଚଟାଣ ଉପରେ ଆସନ ବିଛାଇ ଯୋଗ କରନ୍ତୁ।



■ ଯୋଗ କରିବା ଦିନଗୁଡ଼ିକରେ ଏହାର ଉପକାରିତା ପାଇବାକୁ ଚାହୁଁଥିଲେ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ତେଲ ମସଲାଯୁକ୍ତ କିମ୍ବା ଅନ୍ୟ କୌଣସି ଗରିଷ୍ଠ ଖାଦ୍ୟ ନ ଖାଇ ସୁଷମ ଖାଦ୍ୟ ଖାଆନ୍ତୁ ଏବଂ ପ୍ରଚୁର ପାଣି ପିଅନ୍ତୁ। ଯୋଗାସନ କରିବାର କିଛି ସମୟ ପୂର୍ବରୁ ୨ ଗ୍ଲାସ୍ ପାଣି ପିଇବାକୁ ଆଦୌ ଭୁଲନ୍ତୁ ନାହିଁ।

## ଟପ୍ ୧୦

### ପୃଥିବୀର ସବୁଠୁ ବଡ଼ ଷ୍ଟକ୍ ଏକ୍ସଚେଞ୍ଜ

୧– ନ୍ୟୁୟର୍କ ଷ୍ଟକ୍ ଏକ୍ସଚେଞ୍ଜ
୨– ନ୍ୟାଶନାଲ ଆସୋସିଏଶନ ଅଫ୍ ସିକ୍ୟୁରିଟିଜ୍ ଡିଲର୍ସ ଅଟୋମେଟେଡ୍ କୋଟେସନ୍ସ(ଏନ୍‌ଏସ୍‌ଡିଏକ୍ୟୁ)
୩– ଲଣ୍ଡନ ଷ୍ଟକ୍ ଏକ୍ସଚେଞ୍ଜ
୪– ଟୋକିଓ ଷ୍ଟକ୍ ଏକ୍ସଚେଞ୍ଜ
୫– ଶାଙ୍ଘାଇ ଷ୍ଟକ୍ ଏକ୍ସଚେଞ୍ଜ
୬– ୟୁରୋନେକ୍ସ୍ଟ
୭– ହଂକଂ ଷ୍ଟକ୍ ଏକ୍ସଚେଞ୍ଜ
୮– ଶେହନାଜ୍ ଷ୍ଟକ୍ ଏକ୍ସଚେଞ୍ଜ
୯– ଟରଣ୍ଟୋ ଷ୍ଟକ୍ ଏକ୍ସଚେଞ୍ଜ
୧୦– ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ





ଦିଲ୍ଲୀରେ ଶାସକ ଏଏପିକୁ ଚେକ୍‌ଦେବା ଲାଗି ଭାଜପା ପକ୍ଷରୁ ଆଗାମୀ ୨୦ ଦିନ ମଧ୍ୟରେ ୫ ହଜାର ରାଲି କରାଯିବାକୁ ଯୋଜନା କରାଯାଇଛି। ଦିଲ୍ଲୀର ୭୦ ବିଧାନସଭା ଆସନରେ ପ୍ରତିଦିନ ୩ରୁ ୪ଟି ରାଲି କରାଯିବ। ଏଭଳି ଦିନକୁ ୨୫୦ ରାଲି ୨୦ ଦିନ ପର୍ଯ୍ୟନ୍ତ ହେବ। କେନ୍ଦ୍ରୀୟ ନେତାମାନେ ଏଭଳି ନିର୍ଦ୍ଦେଶ ଦେଇଥିବାବେଳେ ଦଳର ୧୦୦ ବରିଷ୍ଠ ନେତା ଓ ମନ୍ତ୍ରୀ ରାଲିର ନେତୃତ୍ୱ ନେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୦ ରାଲିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

# ନିସ୍ତେଜ ହେଉଛି ନରହନ୍ତା ଦନ୍ତା

ବନ୍ତଳା/ତାଳଚେର,୧୮।୧(ନି.ପ୍ର.)

ଅନୁଗୋଳ ବନଖଣ୍ଡ ତାଳଚେର ରେଞ୍ଜ ଅଞ୍ଚଳରେ ଦୀର୍ଘଦିନ ଧରି ଉପଦ୍ରବ କରିବା ସହ ୬ ଜଣଙ୍କ ଜୀବନ ନେଇଥିବା ନରହନ୍ତା ଦନ୍ତା ହାତୀକୁ ଶନିବାର ଟ୍ରାଙ୍କୁଲାଇଜ୍ କରୁଛି ବନ ବିଭାଗ। ସନ୍ଧ୍ୟାରୁ ବିଳମ୍ବିତ ରାତି ମଧ୍ୟରେ ୪ଥର ଟ୍ରାଙ୍କୁଲାଇଜ କରାଯାଇଛି।

- ରାତିସୁଦ୍ଧା କରାଯାଇଛି ୪ଥର ଟ୍ରାଙ୍କୁଲାଇଜ୍
- ଟ୍ରକ୍‌ରେ ଲଦି ନିଆଯିବ କପିଳାସ ଚିଡ଼ିଆଖାନା
- ୨ ଦିନ ଧରି ଚାଲିଛି ଅପରେଶନ

ରାତିରେ ଯଦି ହାତୀ ସମ୍ପୂର୍ଣ୍ଣ ନିସ୍ତେଜ ହୁଏ ତାହାକୁ ରବିବାର ସକାଳେ ଟ୍ରକ୍‌ରେ ଲଦି ଢେଙ୍କାନାଳର କପିଳାସ ଚିଡ଼ିଆଖାନାକୁ ନିଆଯିବ ବୋଲି ସୂଚନା ମିଳିଛି।

ତାଳଚେର ରେଞ୍ଜ ଅଞ୍ଚଳରେ ଦୁଇଦିନ ହେଲା ଜଗି ରହିଥିବା ବନ ବିଭାଗର ଅଫିସର ଓ କର୍ମଚାରୀମାନେ ଶନିବାର ଅପରାହ୍ନରେ ଖୋଲା ଜାଗାରେ ଦନ୍ତା ବୁଲୁଥିବା ଦେଖିଥିଲେ। ଫଳରେ ସୁବିଧା ଦେଖି ରାତି ପ୍ରାୟ ୭ଟାରେ ଡେରା ଅନନ୍ତ ପି.ଓ. ଅଫିସ ସମ୍ମୁଖରେ ଟ୍ରାଙ୍କୁଲାଇଜ୍ କରିଥିଲେ। ପ୍ରଥମ ଡୋଜ୍ କାମ ନ ଦେବାରୁ ୭ଟା ୪୫ରେ ପୁନର୍ବାର ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ଏହାପରେ ହାତୀଟି ବୁଦା ମଧ୍ୟରେ ଲୁଚି ରହିଥିଲା। ଦ୍ୱିତୀୟ ଡୋଜ୍ ଅଳ୍ପ କାମ କରିବାରୁ ରାତି ୮ଟା ୩୦ରେ ତୃତୀୟ ଡୋଜ୍ ଦିଆଯାଇଥିଲା। ଏହାପରେ ବିଳମ୍ବିତ ରାତିରେ ଆଉ ଏକ ଡୋଜ୍ ଦିଆଯାଇଥିଲା। ଫଳରେ ନରହନ୍ତା ହାତୀ ଧୀରେ ଧୀରେ ନିସ୍ତେଜ ହେଉଥିବା ବନ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ରାତିରେ ଦନ୍ତା ନିସ୍ତେଜ ହୋଇଗଲେ ଏକ ସ୍ୱତନ୍ତ୍ର ଟ୍ରକ୍‌ରେ ସୁରକ୍ଷା ମଧ୍ୟରେ କପିଳାସସ୍ଥିତ ଚିଡ଼ିଆଖାନାକୁ ନେବା ପାଇଁ ବିଭାଗ ପକ୍ଷରୁ ପ୍ରସ୍ତୁତି କରାଯାଉଛି। ଏହି ଅପରେଶନ୍ ଟିମ୍‌ରେ ଅନୁଗୋଳ ଡିଏଫ୍‌ଓ ଭି. କାର୍ତ୍ତିକ, ସାତକୋଶିଆ ପ୍ରାଣୀ ଡାକ୍ତର କିଶୋର ସାହୁ, ସାତକୋଶିଆ ଏସିଏଫ୍ ସରୋଜ କୁମାର ପଣ୍ଡା, ନନ୍ଦନକାନନ ଟ୍ରାଙ୍କୁଲାଇଜ୍ ଟିମ୍, ଅନୁଗୋଳ ଡିଭିଜନ ଅଫିସର ପ୍ରୋବେଶନାଲ ଆଇଏଫ୍‌ଏସ୍ ସାଇକରଣ, ଏସିଏଫ୍ ବାସୁଦେବ ନାଏକ, ଏକ୍ସପର୍ଟ କମଳ ଲୋଚନ ପୁରୋହିତ, ଅନୁଗୋଳ ରେଞ୍ଜର ସତ୍ୟବ୍ରତ ପ୍ରଧାନ, ତାଳଚେର ରେଞ୍ଜର ହିମାନୀ ନାୟକ, ତାଳଚେର ଫରେଷ୍ଟର ଲିଜାଲିନ ସାହୁଙ୍କ ସମେତ କଣିହାଁ, ଛେଣ୍ଡିପଦା ରେଞ୍ଜରଙ୍କ ସହ ପ୍ରାୟ ୪୦ କର୍ମଚାରୀ ସାମିଲ ହୋଇଥିଲେ।



ଟ୍ରାଙ୍କୁଲାଇଜ ପାଇଁ ଡାକ୍ତର କିଶୋର ସାହୁ ପ୍ରସ୍ତୁତ ହେଉଛନ୍ତି।

# ନିଲାମ ପରେ ଖଣିରେ ନିଯୁକ୍ତି ନେଇ ଶଙ୍କାରେ ଶ୍ରମିକ

ଯୋଡ଼ା, ୧୮।୧(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ଖଣି ନିଲାମ ପ୍ରକ୍ରିୟା। ଏଭଳି ସ୍ଥିତିରେ ନିଲାମ ହେଉଥିବା ଖଣିରେ କାର୍ଯ୍ୟରତ ଶ୍ରମିକ, ବନ୍ଦ ଥିବା ଖଣି ଗୁଡ଼ିକର ଶ୍ରମିକ , ପରିବହନ ଟ୍ରକର ଡ୍ରାଇଭର ଓ ହେଲପର କିପରି ପୁନଃ ଖଣି ଖୋଲିଲେ ନିଯୁକ୍ତି ଓ ଥଇଥାନ ପାଇପାରିବେ ସେନେଇ ଚିନ୍ତାରେ ଅଛନ୍ତି। ଏପରିକି ଶ୍ରମିକ ସଂଘ ଏଆଇଟିୟୁସି ପକ୍ଷରୁ ଜାନୁୟାରୀ ୨୦ ତାରିଖରେ ଭୁବନେଶ୍ୱର ସଚିବାଳୟ ସମ୍ମୁଖରେ ଧାରଣା ଦେବାର ଆହ୍ୱାନ ଦିଆଯାଇଛି। ଏଆଇଟିୟୁସି ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ମହେଶ୍ୱର ରାଉତ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଖଣି ନିଲାମ ପ୍ରକ୍ରିୟାରେ କେନ୍ଦୁଝର ଓ ସୁନ୍ଦରଗଡ ଜିଲାରେ ଚାଲୁଥିବା ୨୦ଟି ଖଣିର ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ୩୧ ତାରିଖରେ ଉକ୍ତ ଖଣିଗୁଡିକ ବନ୍ଦ ହୋଇଯିବ। ବନ୍ଦ ହେବାକୁ ଥିବା ବଡ ଖଣି ଯଥା- ଏସେଲ୍ ମାଇନିଂ, ରୁଙ୍ଗଟା ଖଣି, ସିରାଜୁଦ୍ଦିନ୍ ଖଣି ଓ କେଜେଏସ୍ ଆଲୁୱାଲିଆ ଖଣିରେ ହଜାର ହଜାର ଶ୍ରମିକ କାର୍ଯ୍ୟରତ ଅଛନ୍ତି।

ସରକାରଙ୍କ ନିଲାମ ପ୍ରକ୍ରିୟାରେ ଉକ୍ତ ଖଣିଗୁଡିକରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ନୂତନ ଲିଜ୍‌ଧାରୀମାନେ ବାଧ୍ୟତାମୂଳକ ନିଯୁକ୍ତି ଦେବା ପାଇଁ କୌଣସି ସର୍ତ୍ତ ସରକାରଙ୍କ ପକ୍ଷରୁ କରାଯାଇନାହିଁ । ନିଲାମ ପରେ ସରକାରୀ ବୈଧାନିକ ଅନୁମୋଦନର ଆବଶ୍ୟକତା ରହିଥିବାରୁ ପୁନଃ ଖଣି ଖୋଲିବା ପାଇଁ ଦୀର୍ଘ ସମୟ ଲାଗିବା ଆଶଙ୍କା ରହିଛି। ତେବେ ଏହି ସମୟ ମଧ୍ୟରେ କାର୍ଯ୍ୟରତ ଶ୍ରମିକଙ୍କୁ ନୂତନ ଲିଜ୍ ଧାରୀମାନେ ବାଧ୍ୟତାମୂଳକ ଦରମା ଦେବା ପାଇଁ ସରକାରଙ୍କ ନିକଟରେ ସଂଘ ପକ୍ଷରୁ ଦାବି କରାଯାଇଛି । ବଣ ଜଙ୍ଗଲଭରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଖଣିଗୁଡିକ ଥିବାରୁ ଏଠାକାର ସ୍ଥାନୀୟ ଆଦିବାସୀମାନେ ପ୍ରାୟତଃ ଖଣି ଉପରେ ନିର୍ଭର କରିଥାନ୍ତି। ଖଣିରେ କାର୍ଯ୍ୟ କରି କିମ୍ବା ପରିବହନ କ୍ଷେତ୍ରରେ ନିଯୁକ୍ତି ପାଇ ନିଜର ଜୀବିକା ନିର୍ବାହ କରିଥାନ୍ତି। ସ୍ଥାନୀୟ ଲୋକେ ବ୍ୟାଙ୍କରୁ ଋଣ ନେଇ ଟ୍ରକ ଡମ୍ପର କିଣି ଖଣିଜ ପଦାର୍ଥ ପରିବହନରେ ବ୍ୟବସାୟ କରୁଛନ୍ତି। ଖଣି ଅଞ୍ଚଳରେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଟ୍ରକ ଡମ୍ପର ଚଳାଚଳ କରୁଛି। ଖଣି ବନ୍ଦ ହେଲେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହେବ। ସେହିଭଳି ଓଡିଶା ଖଣି ନିଗମ (ଓଏମ୍‌ସି) ଏବଂ ଓଏମ୍‌ଡିସି ଭଳି ସରକାରୀ ଖଣି ଦୀର୍ଘବର୍ଷ ହେବ ବନ୍ଦହୋଇ ପଡିରହିଛି। ଏହି ଖଣିରେ କାର୍ଯ୍ୟ କରୁଥିବା ହଜାର ହଜାର ଶ୍ରମିକ ପୁନଃ ନିଯୁକ୍ତିକୁ ଅପେକ୍ଷା କରି ରହିଛନ୍ତି। ଅନେକ ଖଣିରେ ଶ୍ରମିକମାନେ ସେମାନଙ୍କର ପ୍ରାପ୍ୟ ମଧ୍ୟ ପାଇପାରିନାହାନ୍ତି। ତେଣୁ ବନ୍ଦ ଥିବା ସରକାରୀ ଖଣି ଗୁଡ଼ିକୁ ତୁରନ୍ତ ଚାଲୁ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ସରକାରୀ ଖଣିଗୁଡିକ ପରିବେଶ ଅନୁମୋଦନ ପାଇ ନ ଥିବାରୁ ଦୀର୍ଘ ୬ ବର୍ଷ ଧରି ବନ୍ଦ ରହିଛି। ୨୦୨୦ ମାର୍ଚ୍ଚ ମାସ ପରଠାରୁ ସମସ୍ତ ଖଣି ବନ୍ଦ ହେଲେ ଶ୍ରମିକମାନଙ୍କର ଆର୍ଥିକ ସ୍ଥିତି ତଥା ୨ଟି ଜିଲାର ଅର୍ଥନୈତିକ ଅବସ୍ଥା ଦୁର୍ବଳ ହେବା ସହିତ ପ୍ରାୟ ଲକ୍ଷାଧିକ ଲୋକ ବେକାର ହୋଇଯିବେ। ଶ୍ରମିକମାନଙ୍କର ଭବିଷ୍ୟତ ନେଇ ଦାବି ଉପସ୍ଥାପନ କରାଯାଉଥିଲେ ହେଁ , ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ନୀତି ନିର୍ଦ୍ଧାରଣ କରାଯାଉନାହିଁ ।



**୨୦ରେ ସଚିବାଳୟ ସମ୍ମୁଖରେ ଧାରଣା**

ବନ୍ଦ ହେବାକୁ ଥିବା ଏକ ଖଣି।

## ମେଧାବୀ ଛାତ୍ରୀଙ୍କୁ ଆକ୍ରମଣ

ଜେକେପୁର, ୧୮।୧ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ସିଙ୍ଗପୁର ରୋଡ ଷ୍ଟେଶନ ନିକଟରେ ଜଣେ ମେଧାବୀ ଛାତ୍ରୀଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରିବା ସହ ତାଙ୍କ ବହିରେ ନିଆଁ ଲଗାଇ ଦେଇଛନ୍ତି। ସଞ୍ଜୟ ପ୍ରସାଦଙ୍କ ଝିଅ ପଲକ ଜଣେ ମେଧାବୀ ଛାତ୍ରୀ। ପଲକ ଶୁକ୍ରବାର ସକାଳ ୮ଟାରେ ଘରେ ଏକୁଟିଆ ଥିବାବେଳେ ୩ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ବହିଖାତାରେ ନିଆଁ ଲଗାଇ ଦେଇଥିଲେ। ଏ ନେଇ ଚାନ୍ଦିଲି ଥାନାରେ ସଞ୍ଜୟ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପିକ୍‌ନିକ୍ ଗାଡ଼ି ଦୁର୍ଘଟଣାଗ୍ରସ୍ତ: ୫ ଗୁରୁତର

ଭୋଗରାଇ,୧୮।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇର ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ନହରା ଛକଠାରେ ଶନିବାର ଭୋର ସମୟରେ ଏକ ବୋଲେରୋ ଘନ କୁହୁଡ଼ିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୫ ଗୁରୁତର ଆହତ ହୋଇଛନ୍ତି। ପଶ୍ଚିମବଙ୍ଗ ପୁରୁଳିଆ ଜିଲା ଅଞ୍ଚଳରୁ ବୋଲେରୋରେ ୧୦ଜଣ ବ୍ୟକ୍ତି ଦୀଘା ପିକନିକ୍ କରିବାକୁ ଜଳେଶ୍ୱର ଏନ୍‌ଏଚ୍ ୧୬ ରାଜପଥ ଦେଇ ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ଦୀଘା ଅଭିମୁଖେ ଆସୁଥିଲେ। ନହରା ଛକରେ ଘନ କୁହୁଡ଼ି ହେବାରୁ ଗାଡ଼ି ଧୀରେ ଧୀରେ ଚାଲୁଥିବା ବେଳେ ପଛପଟୁ ଏକ ବାଲି ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା। ବୋଲେରୋ ୬ ଫୁଟ୍ ତଳ ନୟନଯୋରିକୁ ଖସି ପଡ଼ିଥିଲା।

# ଓଏଏସ୍‌ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍)ସ୍ତରରେ କାର୍ଯ୍ୟରତ ଅଫିସରସ୍ତରରେ ଅଦଳବଦଳ କରାଯାଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ଜଳସମ୍ପଦ ବିଭାଗ ସ୍ୱତନ୍ତ୍ର ସଚିବ ପ୍ରଦୀପ କୁମାର ଦାଶଙ୍କୁ ଇସ୍ପାତ ଓ ଖଣି ବିଭାଗକୁ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ସେହିଭଳି ବିଷ୍ଣୁ ପ୍ରସାଦ ମିଶ୍ରଙ୍କୁ ସେକେଣ୍ଡାରୀ ଏଜୁକେଶନ ନିର୍ଦ୍ଦେଶକ, ଡକ୍ଟର ଅଭୟ କୁମାର ନାୟକଙ୍କୁ ଜଳସମ୍ପଦ ଅତିରିକ୍ତ ସଚିବ, ଡକ୍ଟର ଉଦ୍ଧବ ଚରଣ ମାଝୀଙ୍କୁ କେନ୍ଦୁଝର ଡିଆରଡିଏର ପିଡି ଭାବେ ନିଯୁକ୍ତି ମିଳିଛି। କୃଷ୍ଣ ପ୍ରସାଦ ପତି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅତିରିକ୍ତ ସଚିବଭାବେ କାର୍ଯ୍ୟ କରିବେ। ଶରତ ଚନ୍ଦ୍ର ପଣ୍ଡାଙ୍କୁ ରାୟଗଡା ଏଡିଏମ୍, ଉଷାରାଣୀ ସାହୁ ଏବଂ ପ୍ରକାଶ ଚନ୍ଦ୍ର ମହାନ୍ତି ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ସଚିବ, ମନୋଜ କୁମାର ପାଢୀଙ୍କୁ ଏଡିଏମ୍ ଖୋର୍ଦ୍ଧା ଏବଂ ମନୋରଞ୍ଜନ ମଲ୍ଲିକଙ୍କୁ ଗଜପତି ଜିଲା ଡିଆରଡିଏ ପିଡିଭାବେ ନିଯୁକ୍ତି ମିଳିଛି। ଲକ୍ଷ୍ମଣ କମାର ମଲ୍ଲିକଙ୍କୁ ଦେଓଗଡ ପିଡି, ଡିଆରଡିଏ, ଭିନସେଣ୍ଟ ପୁନମ୍ କାନ୍ତ ଏକ୍କାଙ୍କୁ ଏଡିଏମ୍ ସମ୍ବଲପୁର, ପ୍ରକାଶ ଚନ୍ଦ୍ର ବେହେରାଙ୍କୁ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ,ଡିଆରଡିଏ ବାଲେଶ୍ୱର, ସର୍ବେଶ୍ୱର ସିଂଙ୍କୁ ଲୋକାୟୁକ୍ତ କାର୍ଯ୍ୟାଳୟ ତଦନ୍ତ ବିଭାଗୀୟ ଉପନିର୍ଦ୍ଦେଶକ, କିଶୋର ଚନ୍ଦ୍ର ସ୍ୱାଇଁଙ୍କୁ ବାଲେଶ୍ୱର ଜିଲା ଅତିରିକ୍ତ ସବ୍-କଲେକ୍ଟରଭାବେ ନିଯୁକ୍ତି ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ରାଉତଙ୍କୁ ନବରଙ୍ଗପୁର ଅତିରିକ୍ତ ସବ୍ କଲେକ୍ଟର, ଜସମିନ୍ ପଟ୍ଟନାୟକଙ୍କୁ ରାଜସ୍ୱ ବିଭାଗ ଯୁଗ୍ମ ସଚିବ, ଧର୍ମେନ୍ଦ୍ର ମଲ୍ଲିକଙ୍କୁ ଗଞ୍ଜାମ ଜିଲା ଡିଆରଡିଏ ଏପିଡି ଏବଂ ରଞ୍ଜନ କୁମାର ଜେନାଙ୍କୁ ବାଙ୍କୀ ସବ୍‌କଲେକ୍ଟରଭାବେ ନିଯୁକ୍ତି ମିଳିଛି।

## ‘ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ନବୀନଙ୍କ ଆଭିମୁଖ୍ୟ କଠୋର’

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବେହେଲେ ଦୁର୍ନୀତିକୁ ବରଦାସ୍ତ କରନ୍ତି ନାହିଁ। ଯିଏ ଯେତେବଡ଼ ପଦବୀରେ ଥାଆନ୍ତୁ ନା କାହିଁକି ଦୁର୍ନୀତିରେ ଲିପ୍ତଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ରଖିଥାନ୍ତି ବୋଲି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି ଶନିବାର କହିଛନ୍ତି। ପୂର୍ବରୁ ଗଣମାଧ୍ୟମରେ ବକ୍ତବ୍ୟ ରଖି ଭାଜପାର ବରିଷ୍ଠ ନେତା ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ରାଜ୍ୟ ସରକାର ଆକ୍ରୋଶ ରଖି ଭିଜିଲାନ୍ସ ଖଣ୍ଡା ବୁଲାଉଛନ୍ତି। ୨୦୦୦ ମସିହାରେ ଏପରି କରୁଥିଲେ। ବର୍ତ୍ତମାନ ମଧ୍ୟ ସେହିପରି କରୁଛନ୍ତି। ଦଳ ଭିତରେ ଥିବା ବିବାଦକୁ ଏଡାଇବା ପାଇଁ ମୁଖ୍ୟମନ୍ତ୍ରୀ ଏପରି କରୁଥିବା ହରିଚନ୍ଦନ କହିଛନ୍ତି। ଏହାର ଉତ୍ତରରେ ଲେନିନ୍ କହିଥିଲେ ଯେ, ସେ(ପୃଥ୍ୱୀରାଜ) ଅଧିକାଂଶ ସମୟ ଓଡ଼ିଶା ବାହାରେ କାଟୁଥିବାରୁ ରାଜ୍ୟ ସରକାରଙ୍କ ପଦକ୍ଷେପ ବିଷୟରେ ବୋଧହୁଏ ଠିକଣା ଭାବେ ଅବଗତ ନାହାନ୍ତି।

## ଆବେଦନପତ୍ର, ସ୍ଥାୟୀ କମିଟି-୪ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ଓଡ଼ିଶା ବିଧାନସଭାର ଆବେଦନ ପତ୍ର କମିଟିର ନବମ ବୈଠକ ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ବିଧାନସଭାସ୍ଥିତ ପ୍ରକୋଷ୍ଠ ନଂ-୫୫ରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମ୍ପର୍କିତ ବକେୟା ଥିବା ଆବେଦନ/ନିବେଦନ ପତ୍ରଗୁଡ଼ିକ ଉପରେ ଅଦ୍ୟାବଧି ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ କମିଟିର ସଭ୍ୟଙ୍କ ସମେତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟି -୪ ଙ୍କର ଏକାଦଶ ବୈଠକ ବିଧାୟକ ଭୂପିନ୍ଦର ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଧାନସଭାସ୍ଥିତ ପ୍ରକୋଷ୍ଠ ନଂ-୫୪ରେ ଅନୁଷ୍ଠିତ ଏହି ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ବିଜ୍ଞାନ ଓ କାରିଗରି, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ସାଧାରଣ କାର୍ଯ୍ୟାବଳୀ ବିଷୟରେ ଆଲୋଚନା ହୋଇଥିଲା । ଏହି ବୈଠକରେ କମିଟି ସଭ୍ୟଙ୍କ ସମେତ ଉପରୋକ୍ତ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

**ବାଲିଆପାଳ ଆବାସ ଯୋଜନା ଦୁର୍ନୀତି**

କଟକ ଅଫିସ,୧୮।୧

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ସରକାରଙ୍କ ଆବାସ ଯୋଜନା ବଣ୍ଟନରେ ବ୍ୟାପକ ଦୁର୍ନୀତି ହୋଇଛି। ଏଥିରେ ସରକାରୀ କର୍ମଚାରୀମାନଙ୍କ ଭୂମିକା ରହିଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଗତ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଏହି ଦୁର୍ନୀତିର ତଦନ୍ତ ନିମନ୍ତେ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡଭୋକେଟ ଶଙ୍କର ପ୍ରସାଦ ପାଣିଙ୍କ କହିବାନୁଯାୟୀ, ଉକ୍ତ ବ୍ଲକର ମୋଟ୍ ୨୮ ପଞ୍ଚାୟତରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି। ଏପରି କି ଉକ୍ତ ବ୍ଲକ ଅଧୀନ କଳାରୁଇ ପଞ୍ଚାୟତର ଶ୍ରୀକାନ୍ତ ଗଙ୍ଗାଇ ଓ ଜାମକୁଣ୍ଡ ପଞ୍ଚାୟତର କାଳିଚରଣ ଜେନାଙ୍କ ଆବାସ ଯୋଜନା ଅର୍ଥକୁ ହେରଫେର କରାଯାଇଥିଲା। ଏହାକୁ ନେଇ ୨୦୧୭ ଜୁଲାଇ ୨୭ ତାରିଖରେ ହୋଇଥିବା ପଞ୍ଚାୟତ ବୈଠକରେ ଭିଜିଲାନ୍ସ ତଦନ୍ତ ନିମନ୍ତେ ପ୍ରସ୍ତାବ ପାରିତ ହୋଇଥିଲା। ୨୦୧୮ ମେ’ ୨ ତାରିଖରେ ଦୁର୍ନୀତି ସମ୍ପର୍କରେ ବାଲେଶ୍ୱର ଭିଜିଲାନ୍ସ ଡିଭିଜନରେ ଅଭିଯୋଗ ହୋଇଥିଲା। ଏହା ସତ୍ତ୍ୱେ ମଧ୍ୟ ଭିଜିଲାନ୍ସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଆବେଦନକାରୀ ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି, ଆବାସ ଯୋଜନାକୁ ନେଇ ରାଜ୍ୟ ଭିଜିଲାନ୍ସ ପକ୍ଷରୁ ୨୦୧୭ ଜୁନ୍ ୨୫ ତାରିଖରୁ ସ୍ୱତନ୍ତ୍ର ଡ୍ରାଇଭ ରାଜ୍ୟବ୍ୟାପୀ କରାଯିବ ବୋଲି ତତ୍କାଳୀନ ଭିଜିଲାନ୍ସ ନିର୍ଦ୍ଦେଶକ ଗଣମାଧ୍ୟମ ଆଗରେ କହିଥିଲେ। ମାତ୍ର ତାହା ଏଠାରେ ନିଷ୍ଫଳ ପ୍ରମାଣିତ ହୋଇଥିଲା। କୌଣସି ଉପାୟ ନ ପାଇ ଅଞ୍ଜୁ ମହାପାତ୍ର ନାମକ ସ୍ଥାନୀୟ ଅଧିବାସୀ ହାଇକୋର୍ଟରେ ଏହି ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଆବେଦନ କରି ମାମଲା ରୁଜୁ କରିଥିଲେ। ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଛନ୍ତି, ସରକାରୀ ଜାଗାରେ ଆବାସ ଯୋଜନା ଘର ନିର୍ମାଣ ହୋଇଥିବାବେଳେ ଅନେକ ଅଯୋଗ୍ୟଙ୍କୁ ଯୋଜନାରେ ସାମିଲ କରାଯାଇଛି। ୭୦୦୦ ବର୍ଗଫୁଟର କୋଠାଘର ଥିବା ଲୋକଙ୍କୁ ବ୍ଲକର ଡଗରା ପଞ୍ଚାୟତରେ ଆବାସ ଯୋଜନାରେ ଘର ଦିଆଯାଇଛି। ସେହିପରି ଘଣ୍ଟୁଆ ପଞ୍ଚାୟତରେ ପୋଖରୀକୁ ଘରଡିହ ଦର୍ଶାଇ ଆବାସ ଯୋଜନା ମଞ୍ଜୁର କରାଯାଇଛି। ବ୍ଲକର ୨୮ ପଞ୍ଚାୟତରେ ଆବାସ ଯୋଜନାରେ ବହୁ କୋଟି ଟଙ୍କା ହେରଫେର ହୋଇଥିବା ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି।

**କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଓଡ଼ିଶା**

**‘‘ବିହନ ବିଶୋଧନ ଅଭିଯାନ’’ ରବି-୨୦୧୯-୨୦ ରାଜ୍ୟ ଯୋଜନା**

ଗତ ଖରିଫ ଋତୁରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ସଂଗଠିତ ହୋଇଥିବା ବିହନ ବିଶୋଧନ ଅଭିଯାନ କାର୍ଯ୍ୟକ୍ରମରେ ସାକ୍ଷୀଗୋପାଳ କୃଷି ଜିଲ୍ଲାର ସମସ୍ତ ପଞ୍ଚାୟତର ଚାଷୀ ଭାଇ ଓ ଭଉଣୀମାନେ ବହୁସଂଖ୍ୟାରେ ଯୋଗଦାନ ପୂର୍ବକ ନିଜ ବିହନକୁ ବିଶୋଧନ କରିବା ସହ ତତ୍‌ସମ୍ବନ୍ଧୀୟ କୌଶଳ ତାଲିମପ୍ରାପ୍ତ ହୋଇଥିଲେ।

ଚଳିତ ରବିଋତୁରେ ସେହି ଜ୍ଞାନ କୌଶଳକୁ ଉପଯୋଗ କରି ଯେ କୌଣସି ଫସଲ ବୁଣିବା ପୂର୍ବରୁ ବିହନ ବିଶୋଧନ ଉପଚାର କରି ସ୍ୱଳ୍ପ ଖର୍ଚ୍ଚରେ ଫସଲର ରୋଗପୋକ ସମସ୍ୟାକୁ ଲାଘବ କରିବାକୁ ଅନୁରୋଧ।

| ଫସଲ | ରୋଗ | ବିହନ ବିଶୋଧକ | ପରିମାଣ |
|---|---|---|---|
| ଚିନାବାଦାମ | କାଣ୍ଡସଢ଼ା<br>ବେକସଢ଼ା | ଟ୍ରାଇକୋଡର୍ମା ଭିରିଡେ ୧% WP<br>କିମ୍ବା ଟେବୁକୋନାଜୋଲ ୨% DS | ୪ ଗ୍ରାମ ପ୍ରତି କେଜି ବିହନରେ<br>୨ ଗ୍ରାମ ପ୍ରତି କେଜି ବିହନରେ |
| ସୂର୍ଯ୍ୟମୁଖୀ | ଝାଉଁଳା | ଟେବୁକୋନାଜୋଲ ୨% DS | ୨ ଗ୍ରାମ ପ୍ରତି କେଜି ବିହନରେ |
| ମୁଗ/ ବିରି | ବିହନ ସଢ଼ା<br>ଝାଉଁଳା | ଥିରାମ ୭୫% WS<br>ଟେବୁକୋନାଜୋଲ ୨% DS | ୩ ଗ୍ରାମ ପ୍ରତି କେଜି ବିହନରେ<br>୨ ଗ୍ରାମ ପ୍ରତି କେଜି ବିହନରେ |
| ଧାନ | ପତ୍ରଚିତା,<br>ମହିଷା,<br>ପତ୍ରାଚ୍ଛାଦ ପୋଡ଼ା | କାର୍ବେଣ୍ଡାଜିମ୍ ୨୫% +<br>ମାଙ୍କୋଜେବ ୫୦% WP | ୩ ଗ୍ରାମ ପ୍ରତି କେଜି ବିହନରେ |

ସ୍ୱା./-
କୃଷି ଜିଲ୍ଲା ଅଧିକାରୀ, ସାକ୍ଷୀଗୋପାଳ

**ZILLA SWASTHYA SAMITI, KHORDHA**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**
e-mail: nhmkhordha@gmail.com

**CORRIGENDUM**

**No.E-681:-** In continuation to advt No-15548 dtd-30.12.2019 the office has updated the information regarding tender of Helpdesk, Bio-Medical waste management, Vehicle and Bike Amblulance.

For detail information please visit **www.khordha.nic.in**.

The closing date & time of receipt of bid is extended to dt-28.01.2020 till 04.00 PM. The technical bid will be opened on dt- 29.01.2020 at 11.00 AM.

**Sd./- Chief District Medical & Public Health Officer, Khordha**

10029/11/0018/1920

**GOVERNMENT OF ODISHA** No.: B-598
**OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR - 751001**
e-mail: ceworldbankprojects@gmail.com
**ROAD CONNECTIVITY PROJECT OF LEFT WING EXTREMISM AFFECTED AREA (RCPLWEA)**
**e-Procurement Notice**
Bid Identification No. CE-WBP(O)-12/2019-20
File No.: CERP-RCPLWE-PH-2-14/2018

**1st Corrigendum to Bid Identification No. CE-WBPs-12/2019-20 Dtd.10.01.2020**

1. The Bid documents will be available in the website: **www.tendersodisha.gov.in** from **10.00 A.M. of 28.01.2020 to 5.00 P.M. of 17.02.2020** for online bidding.
2. Bids shall be received only on “Online” on or before **5.00 P.M. of 17.02.2020**.
3. Bids received Online shall be opened at **11.30 hours on 24.02.2020** in the Office of the Engineer-in-Chief (Civil), Nirmana Saudha, Unit-V, Bhubaneswar, Odisha.

For further details please log on to **www.pmgsytenders.gov.in**.

Sd./- Chief Engineer, World Bank Project, Odisha
34003/11/0025/1920 O/o. E.I.C. (Civil), Odisha Nirman Soudha, Unit - V, Bhubaneswar - 751001

# ପରିବେଶ ମଞ୍ଜୁରୀ ପାଇଁ ରିପୋର୍ଟରେ ଚଞ୍ଚକତା

**ପ୍ରସ୍ତାବିତ ଚେଟିନାଡ଼ ସିମେଣ୍ଟ କାରଖାନା**

- ୧୦୦ ମିଟର ମଧ୍ୟରେ ରହିଛି ୭ଟି ଗାଁ
- ବିସ୍ଥାପନ କରିବାକୁ କମ୍ପାନୀ ନାରାଜ

ଯାଜପୁର ଅଫିସ,୧୮।୧

କଳିଙ୍ଗନଗର ଯଖପୁରା ମୌଜାରେ ଚେଟିନାଡ଼ ସିମେଣ୍ଟ କର୍ପୋରେଶନ ପ୍ରାଇଭେଟ ଲିଃ କାରଖାନା ପ୍ରତିଷ୍ଠା ପାଇଁ ପରିବେଶ ମଞ୍ଜୁରୀ ନିମନ୍ତେ ମିଥ୍ୟା ରିପୋର୍ଟ ଦାଖଲ କରିଥିବା ଜଣାପଡ଼ିଛି। ୬।୩।୨୦୧୯ରେ ଦାନଗଦୀ ଭବନଠାରେ ଅନୁଷ୍ଠିତ ଜନଶୁଣାଣିକୁ ଚଞ୍ଚକତା କରି କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପାଖରେ ଆବେଦନ କରାଯାଇଛି। ଏଥିରେ ୬୦୦ଜଣ ପରିବର୍ତ୍ତେ ୨୦୯ ଜଣ ଅଞ୍ଚଳବାସୀଙ୍କ ଲିଖିତ ବିରୋଧକୁ ଚଞ୍ଚକତା କରି ସ୍ଥାନ ଦିଆଯାଇଛି। ବିଡ଼ମ୍ବନା ଯେ, ପ୍ରସ୍ତାବିତ ଚେଟିନାଡ ସିମେଣ୍ଟ କାରଖାନାର ୧୦୦ମିଟର ମଧ୍ୟରେ ୭ଟି ଗ୍ରାମ ରହିଥିଲେ ହେଁ କୌଣସି ଗ୍ରାମକୁ ବିସ୍ଥାପନର ଆବଶ୍ୟକତା ନାହିଁ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏପରିକି ଇଆଇଏ ରିପୋର୍ଟରେ ପ୍ରସ୍ତାବିତ କାରଖାନାର ୧୦ କି.ମି. ମଧ୍ୟରେ କୌଣସି ଗ୍ରାମ ନାହିଁ ବୋଲି ଉଲ୍ଲେଖ କରାଯାଇଛି। ଦାନଗଦୀ ତହସିଲ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ଯଖପୁରା ମୌଜାର ଖାତା ନମ୍ବର ୪୧୯ରେ ପ୍ରତିଷ୍ଠା ହେବାକୁ ଯାଉଥିବା ଚେଟିନାଡ ସିମେଣ୍ଟ ପ୍ରକଳ୍ପର ଜମି ଝାଟି ଜଙ୍ଗଲ, ଶାଳ ଜଙ୍ଗଲ ଓ ଶାଳୁଆ ଜଙ୍ଗଲ ବୋଲି ଜଣାପଡ଼ିଛି। ହେଲେ ପରିବେଶ ମଞ୍ଜୁରୀ ଆବେଦନପତ୍ରରେ କମ୍ପାନୀ କର୍ତ୍ତୃପକ୍ଷ କୌଣସି ଜଙ୍ଗଲ, ନାଳ ଆଦି ନାହିଁ ବୋଲି ଦର୍ଶାଇଛନ୍ତି। ଏଭଳି ମିଥ୍ୟା ରିପୋର୍ଟ ପ୍ରକାଶ ପାଇବା ପରେ ସମ୍ପୃକ୍ତ ଅଞ୍ଚଳବାସୀ ତଥା ପରିବେଶ ସୁରକ୍ଷା ସମିତି ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇବା ସହ ପ୍ରଭାବିତ ଲୋକଙ୍କୁ ବିସ୍ଥାପନ ନ କଲେ କାରଖାନାକୁ ତୀବ୍ର ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହାସହ କାରଖାନା ପ୍ରତିଷ୍ଠା ହେଲେ କୁଡୁମୀସାହି, କଚେରୀଗାଁ, ଅରାସାହି, ଦଶମାଣିଆ, ବରପାଳ, ମହୁଲିପାଳ ଓ ଯଖପୁରା ଗ୍ରାମର ସମୁଦାୟ ପ୍ରାୟ ୩୦ ହଜାର ଲୋକ ସିଧାସଳଖ ପ୍ରଦୂଷଣ ଯୋଗୁ ପ୍ରଭାବିତ ହେବେ। ତଥାପି ଜନଶୁଣାଣିକୁ ଚଞ୍ଚକତା କରି ଚେଟିନାଡ କମ୍ପାନୀ ପକ୍ଷରୁ ପରିବେଶ ମଞ୍ଜୁରୀ ସକାଶେ ଆବେଦନ କରାଯାଇଛି। ଏହି ତହସିଲ ଅନ୍ତର୍ଗତ ଯଖପୁରା ଗ୍ରାମରେ ବର୍ଷକୁ ୨x୧.୦ ମିଲିୟନ ଟନ ପୋର୍ଟଲ୍ୟାଣ୍ଡ ପୋଯୋଲୋନା ସିମେଣ୍ଟ(ପିପିସି), ପୋର୍ଟଲ୍ୟାଣ୍ଡ ସ୍ଲାଗ ସିମେଣ୍ଟ(ପିଏସସି), ଓପିସି ଏବଂ ଭୂମିଷ୍ଠ ବ୍ଲାଷ୍ଟ ଫର୍ନେସ ସ୍ଲାଗର ଉତ୍ପାଦନ କରିବ ବୋଲି ପ୍ରସ୍ତାବ ରହିଛି। ଏସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ, ନିର୍ଦ୍ଧାରିତ ସମୟ ଅନୁସାରେ ଜନଶୁଣାଣି ହୋଇଥିଲା। ଜନଶୁଣାଣିର ରିପୋର୍ଟ ଆଧାରରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବିବରଣୀ ପ୍ରଦାନ କରାଯାଇଛି। ତେବେ ପରିବେଶ ମଞ୍ଜୁରୀ ସକାଶେ ଏକ କମିଟି ନିଷ୍ପତ୍ତି ନେବ।

idco Your power to grow
ODISHA NEW OPPORTUNITIES

**Tender Call Notice No. 1032** **Dt. 14.01.2020**

**NOTICE INVITING REQUEST FOR PROPOSAL UNDER NATIONAL COMPETITIVE BIDDING THROUGH e-procurement**

No.CAD-839

| Sl. No. | Name of the work | Pro-curement Officer | Bid Identification No. | Availability of Tender on-Line for Bidding | |
|---|---|---|---|---|---|
| | | | | From | To |
| 1 | 2 | 3 | 4 | 5 | 6 |
| 1. | Assessment of rate/ cost. for design, Supply, Installation, Construction, Testing and Commissioning of 30 KLD/ 50KLD/ 70 KLD Capacity SBR type/ MBBR Type/SBT type/ Anaerobic Type Sewage Treatment Plant (STP) with ancillary Structures, including subsequent 5 years Operation & Maintenance at any place in Odisha. | S. E (P.H) IDCO, IDCO Towers, Janpath, Bhubaneswar | Bid ID. No. Civil-EST-27/ 2019-20 | 18.00 hours of 24.01.2020 | 17.00 hours of 10.02.2020 |

Further details can be seen from the e-procurement portal **www.tendersodisha.gov.in**. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

14003/11/0047/1920 **Sd./- Superintending Engineer (P.H)**

**GOVERNMENT OF ODISHA** No.: B-597
**OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR - 751001**
e-mail: ceworldbankprojects@gmail.com
**ROAD CONNECTIVITY PROJECT OF LEFT WING EXTREMISM AFFECTED AREA (RCPLWEA)**
**e-Procurement Notice**
Bid Identification No. CE-WBP(O)-09/2019-20
File No.: CERP-RCPLWE-PH-2-14/2018

**2nd Corrigendum to Bid Identification No. CE-WBPs-09/2019-20 Dtd.27.12.2019**

1. The Bid documents will be available in the website: **www.tendersodisha.gov.in** from **10.00 A.M. of 24.01.2020 to 5.00 P.M. of 14.02.2020** for online bidding.
2. Bids shall be received only on “Online” on or before **5.00 P.M. of 14.02.2020**.
3. Bids received Online shall be opened at **11.30 hours on 19.02.2020** in the Office of the Engineer-in-Chief (Civil), Nirmana Saudha, Unit-V, Bhubaneswar, Odisha.

For further details please log on to **www.pmgsytenders.gov.in**.

Sd./- Chief Engineer, World Bank Project, Odisha
34003/11/0024/1920 O/o. E.I.C. (Civil), Odisha Nirman Soudha, Unit - V, Bhubaneswar - 751001

# SUNDAY classifieds




## BRIDE WANTED

Brahmin groom 45y/ 5'6" B.Com LLB, Marketing of industrial goods and also in Astrology, suitable candidate may contact 9556756352, 9831106142. D-16081

Brahmin boy 1989, B-Tech IIT MBA IIM Manager, Mumbai.9437555525. D-16191

Son age 30 B.Tech IIT MBA IMT Ghaziabad work in New Delhi Caste-no-bar 6372748613. D-16282

Wanted Karan girl for my brother 31, 5'7" working as manager Mahindra Lifespace Gurgaon, Call: 9437697324. D-16284

Son age 29 Brahmin B.Tech NIT MBA MDI Gurgaon working MNC Bangalore salary 35 lakhs 7008986005. D-16283

Wanted fresh, divorcee, widow bride for 38, General Manager, handsome, 5'9", early marriage (caste-no-bar)- 7008468672. D-16279

Now Matrimonial ads. only on Wednesday & Sunday Book 1 Get 1 FREE

## GROOM WANTED

Wanted groom for Kaibarta bride 36 and 38yrs (both govt. Employee)- 8328972008. D-68648

Girl Age 30 B.Tech NIT Rourkela MBA IIM Ahmedabad Work as Brand Manager at Bangalore Caste-no-bar 8144589551. D-16199

Girl Age 28 B.Tech M.Tech BITS Ranchi, Work in MNC Company at Bangalore, Khandayat 9437078326, 700898603. D-16200

45 ବର୍ଷ ବିଧବା ଝିଅ Post officeରେ Clerk ଭାବରେ କାର୍ଯ୍ୟରତ। ଯେକୌଣସି ଜାତିର ପାରିବାରିକ ବରପାତ୍ର ଯୋଗାଯୋଗ କରନ୍ତୁ। 8895411143. D-68812

Required suitable Khandayat/Karan boy for beautiful Karan girl, 1979, 5'5", 4/2, B.Sc. Contact SWAYAMVER: 9861501286. D-60862

Fresh, divorcee, widower groom for Karan bride 45, fair, teacher, (early marriage)- 7008468672. D-16280

Central Government Job ଦରମା 54000, age 37, divorcee ଗୁଡ଼ିଆ ଝିଅଙ୍କ ପାଇଁ any caste ପୁଅ ଦରକାର 7381366103. D-67928




## SALE

Duplex for sale, 4BHK at Niladribihar gated society, price- 1.6cr, 9949368924. D-16281

ଭୁବନେଶ୍ୱର New Rly Station ପାଖରେ Yellow zone plot ମିଳୁଛି। 6371406921. D-16190

**Litigation free, boundarywall, electricity provides plots sale @ Pahala, Hanspal, Phulnakhara, Balianta. Finance available: 9040011888, 9439471272.** D-16257

Demarketed gharabari plot sale near Sundarpada 550 per sqft. close to 100' road. Contact: 8018516246. D-68760

**ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ 30' ରାସ୍ତା Electricity, boundary plot ମିଳୁଅଛି। 6372852525.** D-68474

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 4,50,000. Contact: 8908492594. D-16256

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**Immediate sale south open 3BHK 1528sqft. flat with open garage at Balaji Complex (1st floor) Jharpada, Bhubaneswar, 9330617197, 9830137277, 9861177019.** D-67277

୩୦' ରାସ୍ତାଥାଇ boundary ସହିତ ଘରବାରି ପ୍ଲଟ୍ ଗୁଡ଼ିଆପୋଖରୀ ନିକଟରେ କିଣନ୍ତୁ। 9937166932. D-68541

**Plot sale near AIIMS Hospital, Bhubaneswar, Contact: 8280037688, 8480745797, 8480612300.** D-68467

Construction of residential and commercial within Rs. 450/-, and Rs. 1000/-, per sqft., 7064105860. D-15988

**2800 Sqft. gharabari corner plot sale at Bomikhal, Bhubaneswar, only buyer directly contact Deepak: 9937329999.** D-68049

Bhubaneswar ସୁନ୍ଦରପଦା ନିକଟରେ ଘରବାରି ପ୍ଲଟ୍ 1500 ବର୍ଗଫୁଟକୁ 13,50,000/, ରେ କିଣି ଆଜି ଘର କରନ୍ତୁ। Investment plot 4,00,000/-, Swati, 8249680401. D-68543

**Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826.** D-16175

SC house 23,00,000/- finishing Hanspal (bank finance available) : 8093465134, 9668194157 D-68646

**Yellowzone sthitiban plot having boundary wall 1200sqft. 2Nos. 1500sqft. 1No. for sale near Audi Showroom service centre, Bhubaneswar. Contact: 8260114933.** D-16063

ସୁନ୍ଦରପଦା– ଜଟଣୀ ରୋଡ ପ୍ରଧାନ ସାହି ଏବଂ ଜାମୁକୋଳିରେ ୩୦ଫୁଟ ରୋଡଥାଇ ଘରବାରି ପୋଜେସନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ– 7205504254, 7978554467. D-67528

**ଭୁବନେଶ୍ୱର ଜଟଣୀ ଗେଟ୍ ଠାରେ 1200sqft. 2,20,000/-, ନଖରା ତ୍ରିନାଥ ବଜାରଠାରେ SC plot 1200sqft. 3,44,000/- (outright), 7894433357, 9776974912.** D-68476

**Fully developed gated community advance boundary wall with electricity, gharabari plot sale Gudiapokhari near KEC College, Bhubaneswar. 8763887357, 9438331183.** D-68468

ପ୍ଲଟ୍ ବିକ୍ରିହେବ– ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପଟ୍ଟାରୁ। 9178660666. D-68967

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16132

Khandagiri to Dhauli bypass ଦୟାନଦୀ ବନ୍ଧରୁ Revenue road ଥାଇ 10 ଟି ସ୍ଥିତିବାନ୍ ପ୍ଲଟ୍ ବିକ୍ରିହେବ। sqft. 550/-, 9777236619. D-16252

**Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି– 9078736851.** D-68471

Bhubaneswar Patia Rlystationରୁ 1.5km. ବାସୋପଯୋଗୀ plot 1200 ବର୍ଗଫୁଟକୁ 6,60,000/-ରେ ମିଳୁଅଛି। 8249005131, 9583328312. D-68469

**2BHK flat 1120sqft. adjacent to Mountlitera Zee School, Kateni Bhubaneswar for sale @ 18,50,000/- **, 9937847725.** D-16276

Yellowzone gharabari plot near Uttara square NHରୁ 50mtr. distance (9556794241). D-16274

**ଭୁବନେଶ୍ୱର Adyanta Science College ପାଖରେ 30' ରାସ୍ତାଥାଇ Developed demarcated plot sqft.-350/-, 650/-, ସୁନ୍ଦରପଦା OEC College ପାଖରେ sqft.-200/, 1st possession/ registration, 7735843008.** D-68475

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-16225

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16131

Gharabari residential plots eastfacing Tankapaniroad Saimandir sqft. 1600/-, possession immediately, boundary walls free, booking 2BHK Simplex near BJEM-(2), 16,80,000/-, 7735738102. D-16272

Plot sale Sundarpada near Hi-Tech Plaza sqft-880/- 9861964818, 9337766961. D-16253

**ଭୁବନେଶ୍ୱର New Southcityରେ Infocity-II, New Airport, NH-5 ପାଖାପାଖି ସଙ୍ଗେସଙ୍ଗେ ଘରୋପଯୋଗୀ ଘରବାରି ପ୍ଲଟ୍ ମିଳୁଛି। 9348906056.** D-68470

**1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore- 7809525452.** D-68761

**2/3 BHK earthquake proof flats in Avantika Apartment near Gokul Residency on GGP Pandara Road touching Puri Highway for sale. Contact: 9437396718 during office hours immediately.** D-68051

## PURCHASE

Urgently require commercial purpose genuine plot/house owner 3000/7000sft. Buyer 8456888081 (broker excuse). D-48722




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16229

Construct your home with branded materials just @ 1350/- onwards, core house 850/-. For more details: 9438315332, 8249485093. D-16181

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68452

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




2BHK/ 1BHK flat at main road Soubhagya Nagar, Unit-8 for off/ res. 9000004523. D-67744

One bedroom house drawing, Prachivihar near Palasuni Hata, Bhubaneswar. Contact: 8895081625, 9437091233. D-38567

1BT flat at Main Road Soubhagya Nagar for office/ residence. 9000004523. D-67743

Furnished houses available for office/ godown/ residence near Bomikhal: 9437001960. D-68647

**800 sqft. furnished office space, Sahid Nagar, near Janpath, Vani Vihar Chhak-9437185769, 6371805087.** D-68050

One, Two roomed house 300sqft. in 3rd floor at Cuttack road, Jyoti Petrol Pump, adjacent to Yamaha Show Room and opposite to Falcon house, Bhubaneswar for immediate occupation, 9438081042, 9438668573. D-16162

Single bedroom for small family at ID Market. Contact: 7735285599. D-35848

3BHK independent house with parking, Santha Vihar, Lingipur, Bhubaneswar. 9439357429, 8114351359. D-61075

One hall for Office 1000sqft. in the first floor suitable for Office, Business units will be vacant on 31st March 2020. Book immediately before others book it. This is on the Cuttack road, Jyoti Petrol Pump compound adjacent to Yamaha Show Room infront of Falcon house, Bhubaneswar, 9438081042, 9438668573. D-16163

3BHK with parking for families only, near AMRI Hospital, Kolathia. Contact No. 9348534277. D-16211




Rejuvenate and ayurvedic full body massage by smart therapist. 9114402304. D-68946

Full body herbal massage with refreshment expert therapist. 7381239385, 06742540855. D-68963

Experience full body massage with us (expert). Call: 7377048581, 06742597822. D-68964

Herbal full body massage by smart / expert therapist. Contact: 8338067247. D-68965

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68966

Refresh your body with smart and expert therapist. Contact: 8457855286. D-68962

Sai herbal spa refresh your body with smart, expert therapist. 7608062524. D-68961

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68756

Ayurvedic full body massage ladies and gents. Contact: 9861064981. D-68759

Refresh your mind and soul with best therapy at Orchid Salon/Spa. 9937287222. D-68755

Newly open full body massage by ladies, gents therapist. 8018656899 D-60863

Ayurvedic full body massage by ladies, gents therapist. 7008773793 D-60864

## AFFIDAVIT

I, Musammat Tanweer Sultana born on 17.11.1964 have removed title (Musammat) from my name as per affidavit sworn before Executive Magistrate. Hence I shall be called as Tanweer Sultana. D-16278

By an affidavit before the Notary Public, Sambalpur, I Mohammed Sadique, R/o- Kumbharpara, PO/Dist.- Sambalpur declare that my daughter's name has been wrongly mentioned as Shifat Bano instead of Shifat Hunani in the passport No. M6433287. That both the names belongs to the one and same person. D-37390

By an affidavit before the Notary Public, Sambalpur, I Mohammed Sadique, R/o- Kumbharpara, PO/Dist.- Sambalpur declare that my daughter's name has been wrongly mentioned as Arshiya Bano instead of Arshiya Hunani in the passport No. M6433286. That both the names belongs to the one and same person. D-37391

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ତେଜସ୍ ଓ ତେଜସ୍ୱିନୀ

ବାଲିଅନ୍ତା, ଭୁବନେଶ୍ୱର

ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ, ଭଉଣୀଙ୍କ ଚଲାପଥକୁ କୁସୁମିତ ଓ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ:

ଆଈ: କୁସୁମଲତା, ମାମୁ: ତାପସ ପତି ଓ ତାମସ, ମାଈଁ: ସଂଘମିତ୍ରା, ନମ୍ରତା, ବାବା: ସନ୍ତୋଷ, ମାମା: ବବିତା ଓ ପରିବାରବର୍ଗ।

ଧ–୪୬୭୭୪

## LEGAL NOTICE

Notice Under Order-5, Rule 20 Of C.P.C. Read With Section 372 of Indian Succession ACT

In The Court of the Civil Judge (Sr. Div.), Dhenkanal

Intestate Case No. 4/2019

Krishna @ Krushna Mohapatra ........Petitioner

Versus

Sushree Mishra and others ........ Opp. Parties

Whereas the petitioner Krishna @ Krushna Mohapatra, Daughter of Late Rudranarayan Mohapatra and Late Sita Mohapatra, Village- Balabhadrapur Sasan, Ps- Sadar, Dist.- Dhenkanal has filed the above case for grant of succession certificate for getting the family pension of his deceased father Rudranarayan Mohapatra, who had already been expired on 24.05.1996 being a retired Government employee.

As such, it is hereby noticed that if anybody else having any interest or objection for grant of such certificate, he/she/ they may contest the case in support of his/ her/their claim and to appear before this court in person or through his/her/their pleader on this the 6th day of February 2020 at about 10.30 AM, failing which the case will be heard and determined in his/her/ their absence.

Given under my hand and seal of this court, this 4th day of January 2020.

Sd/-
Alpana Swain
Civil Judge (SR. Div.)
Dhenkanal

D-66845

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

### ଷଷ୍ଠ ଜନ୍ମଦିନ ଶୁଭେଚ୍ଛା



ଯଶରାଜ ପାଢୀ

ଗ୍ରାମ: ବାହାରପାଳ, ପୋ: ଖେରଙ୍ଗ, ତିହିଡି, ଭଦ୍ରକ

ଷଷ୍ଠ ଜନ୍ମଦିନ ପାଇଁ ଆମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ କି ତୋତେ ଠାକୁର ଭଲରେ ରଖନ୍ତୁ।

–:ଶୁଭେଚ୍ଛା ସହ:–

ବାପା, ମାଆ, ଜେଜେବାପା, ଜେଜେମା', ଅଜା, ଆଈ, ଲୁଲୁକକା, ନେତ କକା, ବୁଲା କକା, ଓମ୍, ମଉସା, ମାଉସୀ, ମାମୁ, ମାଇଁ ଓ ପରିବାରବର୍ଗ।

ଧ–୧୬୨୮୪




Shivam logistic packers movers. Household/ car relocation countrywide. 9777044177, 9338461133. D-16087

## CLASSIFIED BOOKING STATIONS

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12
Chinmaya Choudhury
Ph:9338991113, 9439811130
Email: anitaadvt@gmail.com

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR
Prabina Kumar Mohanty
Ph: 9337336614, 7008967858

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR DHARITRI OFFICE**
Contact: Siba prasad Das, Mob: 9040449673

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

“ ୫ ଟ୍ରିଲିୟନ ଡଲାର ଅର୍ଥନୀତି ହାସଲ କଷ୍ଟସାଧ୍ୟ, କିନ୍ତୁ ଅସମ୍ଭବ ନୁହେଁ।
– ନୀତିନ ଗଡକରୀ, କେନ୍ଦ୍ର ମନ୍ତ୍ରୀ



“ ଭାରତରେ ବ୍ୟବସାୟ କରିବା ନେଇ ଅନେକ ପ୍ରତିବନ୍ଧକ ରହିଛି।
– ଏନ୍. ଚନ୍ଦ୍ରଶେକରନ, ଟାଟା ସନ୍ସ ଅଧ୍ୟକ୍ଷ



## ସଂକ୍ଷେପରେ

### ୨୦ରେ ହାଲୱା ସେରିମନି

**ନୂଆଦିଲ୍ଲୀ,୧୮-୧:** ଚଳିତ ମାସ ୨୦ ତାରିଖରେ ହାଲୱା ସେରିମନି ଅନୁଷ୍ଠିତ ହେବ। ପ୍ରଥା ଅନୁସାରେ ଏହି ଦିନ ବଜେଟ ଦସ୍ତାବିଜ ପ୍ରିଣ୍ଟ ଆରମ୍ଭ ହୋଇଥାଏ। ଫେବୃୟାରୀ ପହିଲାରୁ ସାଧାରଣ ବଜେଟ ଆସିବାକୁ ଥିବା ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦ରେ ହାଲୱା ସେରିମନିକୁ ଆରମ୍ଭ କରିବେ। ନର୍ଥ ବ୍ଲକରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅର୍ଥ ମନ୍ତ୍ରୀଙ୍କ ସହ ବଜେଟ ପ୍ରକ୍ରିୟାରେ ସାମିଲ ଟିମ୍ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିବେ। ସାଧାରଣ ବଜେଟ ଆସିବାର କିଛି ଦିନ ଆଗରୁ ଏହି ସେରିମନି ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ। ଏକ ବଡ ପାତ୍ରରେ ହାଲୱା ପ୍ରସ୍ତୁତ କରାଯିବା ସହ ଅର୍ଥ ମନ୍ତ୍ରଣାଳୟ ଅଧିକାରୀଙ୍କୁ ଏହା ଖାଇବା ଲାଗି ପ୍ରଦାନ କରାଯାଇଥାଏ। ଏହି ଉତ୍ସବ ଶେଷ ହେଲା ପରେ ବଜେଟ ପ୍ରସ୍ତୁତି ପ୍ରକ୍ରିୟାରେ ରହିଥିବା ଅଧିକାରୀମାନେ ପ୍ରାୟ ୧୦ ଦିନ ଲାଗି ନର୍ଥ ବ୍ଲକର ବେସ୍‌ମେଣ୍ଟକୁ ଯାଇଥାନ୍ତି। ସଂସଦରେ ବଜେଟ ଉପସ୍ଥାପନ ହେବା ପରେ ସେମାନେ ବାହାରକୁ ଆସିଥାନ୍ତି। ବାର୍ଷିକ ସାଧାରଣ ବଜେଟ ସଂକ୍ରାନ୍ତ କୌଣସି କଥା ଯେଭଳି ବାହାରେ ପ୍ରଘଟ ନ ହୁଏ ତାକୁ ନଜରରେ ରଖି ଏଭଳି ନିୟମ କରାଯାଇଛି।

### ବଜେଟରେ ମିଳିପାରେ ଟିକସ ରିହାତି

**ନୂଆଦିଲ୍ଲୀ,୧୮-୧:** ଫେବୃୟାରୀ ପହିଲାରେ ସାଧାରଣ ବଜେଟ ଆସିବାକୁ ଥିବା ବେଳେ ଏଥିରେ ବିଭିନ୍ନ ଟିକସ ରିହାତି ମିଳିପାରେ ବୋଲି ବଜାର ବିଶେଷଜ୍ଞ ମତ ରଖିଛନ୍ତି। ବେତନଭୋଗୀ ଏବଂ କର୍ପୋରେଟ ଏହି ବଜେଟକୁ ନେଇ ଅନେକ ଆଶାବାଦୀ ଅଛନ୍ତି। ମାତ୍ର ବଜେଟରେ ସାଲାରୀକ୍ଲାସ ବା ବେତନଭୋଗୀ ଶ୍ରେଣୀଙ୍କୁ ଅଧିକ ଫାଇଦା ମିଳିବ ବୋଲି ବଜାର ବିଶେଷଜ୍ଞ ଆଶାବାଦୀ। ୨୦ରୁ ୩୦% ଟିକସ ସ୍ଲାବରେ ରହିଥିବା ଟିକସଦାତାଙ୍କ ଲାଗି ସ୍ୱତନ୍ତ୍ର ସ୍କିମ ଆସିପାରେ। ଏହା ଉପରେ ଫ୍ଲାଟ୍ ଟିକସ ହାର ଲାଗୁ କରାଯାଇପାରେ। ଏହାବାଦ ବାସଗୃହ ଋଣ ଉପରେ ପ୍ରଦାନ କରାଯାଉଥିବା ସୁଧ କ୍ଷେତ୍ରରେ ରିହାତି ସୀମା ବଢ଼ିବା ନେଇ ଆଲୋଚନା କରାଯାଉଛି। ଏକ ଗଣମାଧ୍ୟମ ରିପୋର୍ଟ ମୁତାବକ, ୨୦ରୁ ୩୦% ଟିକସ ପ୍ରଦାନ କରୁଥିବା ଟିକସଦାତାଙ୍କ ଲାଗି ୧୫ରୁ ୧୮% ଫ୍ଲାଟ ଟିକସ ହାର ଲାଗୁ କରାଯାଇପାରେ। ବର୍ତ୍ତମାନ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଟିକସ ମୁକ୍ତ ରହିଛି। ୨.୫ରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ବର୍ତ୍ତମାନ ୫% ଟିକସ ଲାଗୁ ହେଉଛି। ସେହିଭଳି ୫ରୁ ୧୦ ଲକ୍ଷ ଟଙ୍କା ଉପରେ ୨୦%, ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଆୟ ଉପରେ ୩୦% ଟିକସ ହାର ଲାଗୁ ହେଉଛି। ସେହିଭଳି ଟିକସ ଯୁକ୍ତ ଆୟ ଉପରେ ଅଲଗା ୪% ସେସ୍ ମଧ୍ୟ ଲାଗୁ କରାଯାଉଛି। ୫୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଆୟ କରୁଥିବା ବ୍ୟକ୍ତି ବିଶେଷଙ୍କୁ ସୁପରରିଚ ବର୍ଗରେ ରଖାଯାଇଥିବା ବେଳେ ସେମାନଙ୍କ ଉପରେ ସରଚାର୍ଜ ମଧ୍ୟ ଲାଗୁ ହୋଇଥାଏ। ଏହାବାଦ ୮୦ସିରେ ରିହାତି ସୀମା, ବାସଗୃହ ଋଣ ମୂଳ ଅର୍ଥ ଉପରେ ଅଧିକ ରିହାତି ଏବଂ ବାସଗୃହ ଋଣ ଟିକସ ଉପରେ ରିହାତି ମଧ୍ୟ ପ୍ରଦାନ କରାଯାଇପାରେ।

### ୭ ଲକ୍ଷ କୋଟି ଟଙ୍କା ବଢ଼ିଲା ଆଲଫାବେଟର ବଜାର ପୁଞ୍ଜୀକରଣ

**ନୂଆଦିଲ୍ଲୀ,୧୮-୧:** ଗୁଗଲର ମୂଳ କମ୍ପାନୀ ଆଲ୍‌ଫାବେଟର ବଜାର ପୁଞ୍ଜୀକରଣ ପ୍ରଥମଥର ଲାଗି ୧ ଟ୍ରିଲିୟନ ଡଲାର (୭୧ ଲକ୍ଷ କୋଟି ଟଙ୍କା) ଟପିଛି। ସୁନ୍ଦର ପିଚାଇ ଆଲ୍‌ଫାବେଟ ସିଇଓ ହେବାବେଳେ କମ୍ପାନୀର ବଜାର ପୁଞ୍ଜୀକରଣ ୬୪ ଲକ୍ଷ କୋଟି ଟଙ୍କା ରହିଥିଲା। ସେ କମ୍ପାନୀର ସିଇଓ ହେବାର ଦେଢ଼ ମାସ ପରେ ଆଲ୍‌ଫାବେଟର ବଜାର ପୁଞ୍ଜୀକରଣ ୧୨% ବଢ଼ିଥିବା ଦେଖାଯାଇଛି। ପିଚାଇ ୪ ଡିସେମ୍ବରରେ ଏହି କମ୍ପାନୀର ସିଇଓ ପଦବୀରେ ଅବସ୍ଥାପିତ ହୋଇଥିଲେ। ନୂଆ ଦାୟିତ୍ୱ ପରେ ପିଚାଇଙ୍କୁ ଆଗାମୀ ୩ ବର୍ଷରେ ପ୍ରାୟ ୧୭୬୨ କୋଟି ଟଙ୍କାର ପ୍ୟାକେଜ ମିଳିବ।

# ଜିଏସ୍‌ଟି ଆଦାୟ ଲକ୍ଷ୍ୟ ବଢ଼ିଲା

**ନୂଆଦିଲ୍ଲୀ,୧୮-୧**

- ଜାନୁୟାରୀ, ଫେବୃୟାରୀରେ ୧.୧୫ ଲକ୍ଷ କୋଟି ଆଦାୟ ଯୋଜନା
- ଧାର୍ଯ୍ୟ ରାଜସ୍ୱ ଲକ୍ଷ୍ୟ ପୂରଣ ହେଉନି
- ମାର୍ଚ୍ଚ ମାସ ଲାଗି ୧.୨୫ ଲକ୍ଷ କୋଟି ସଂଗ୍ରହ ଲକ୍ଷ୍ୟ




ଜାନୁୟାରୀ, ଫେବୃୟାରୀ ମାସ ଲାଗି ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଆଦାୟ ଲକ୍ଷ୍ୟ ବୃଦ୍ଧି କରାଯାଇ ୧.୧୫ ଲକ୍ଷ କୋଟି ଟଙ୍କା କରାଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ଶୁକ୍ରବାର ଏଭଳି ଲକ୍ଷ୍ୟ ରଖାଯାଇଥିବା ଜଣାପଡ଼ିଛି। ସେହିଭଳି ମାର୍ଚ୍ଚ ମାସ ଲାଗି ଟିକସ ସଂଗ୍ରହ ଲକ୍ଷ୍ୟକୁ ୧.୨୫ ଲକ୍ଷ କୋଟି ଟଙ୍କାକୁ ବଢାଯାଇଛି। ଡାଟା ଆନାଲିଟିକ୍ସର ବ୍ୟବହାର ଦ୍ୱାରା ବେଆଇନ ଇନପୁଟ ଟିକସ କ୍ରେଡିଟ ଉପରେ ଲଗାମ ଲଗାଇବା ଲାଗି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ବିଭିନ୍ନ ପଦକ୍ଷେପ ହାତକୁ ନେଉଥିବା ଜଣାପଡିଛି।

ଚଳିତ ଆର୍ଥିକ ବର୍ଷ ଡିସେମ୍ବର ଯାଏ ସରକାର ଜିଏସ୍‌ଟି ରାଜସ୍ୱ ବାବଦ ମାସିକ ୧ ଲକ୍ଷ କୋଟି ଟଙ୍କାରୁ କମ୍ ଆଦାୟ କରୁଛନ୍ତି। ବର୍ତ୍ତମାନର ପ୍ରକୃତ ଟିକସ ସଂଗ୍ରହ ଠାରୁ ଅଧିକ ୧୦ ହଜାର କୋଟି ଟଙ୍କା ଅଧିକ ରାଜସ୍ୱ ସଂଗ୍ରହ ନେଇ ଯୋଜନା ରଖାଯାଇଛି। ଡିସେମ୍ବରରେ ସରକାର ୧.୦୩ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଆଦାୟ କରିଛନ୍ତି। ଡିସେମ୍ବର, ଜାନୁୟାରୀ, ଫେବୃୟାରୀ ମାର୍ଚ୍ଚ ଲାଗି ପ୍ରତି ମାସ ୧.୧ ଲକ୍ଷ କୋଟି ଟିକସ ଆଦାୟ କରିବାକୁ ଗତ ମାସରେ ଲକ୍ଷ୍ୟ ରଖାଯାଇଥିଲା। ଏହା ମଧ୍ୟରେ କୌଣସି ଏକ ମାସରେ ୧.୨୫ ଲକ୍ଷ କୋଟି ଆଦାୟ ନେଇ ମଧ୍ୟ ସରକାର ଯୋଜନା କରିଥିଲେ।

ଶୁକ୍ରବାର ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଟିକସର ପରିବର୍ତ୍ତିତ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି। ବୈଠକରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ ଏବଂ କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମାନ୍ଦାବସ୍ଥା ଯୋଗୁ ଏବେ ଟିକସ ସଂଗ୍ରହ କମିଛି। ଏପଟେ ଅର୍ଥ ବ୍ୟବସ୍ଥାକୁ ଗତି ଦେବା ଲାଗି ସରକାର କର୍ପୋରେଟ ଟିକସ ହ୍ରାସ କରିଛନ୍ତି। ଏହା ଫଳରେ ଅର୍ଥ ବ୍ୟବସ୍ଥା ଉପରେ ପ୍ରାୟ ୧.୪୫ ଲକ୍ଷ କୋଟି ଟଙ୍କା ହ୍ରାସ ଘଟିଛି। ଟିକସ ସଂଗ୍ରହ ଲକ୍ଷ୍ୟକୁ କିଭଳି ପୂରଣ କରାଯିବ ସେ ଦିଗରେ ଅଧିକାରୀମାନେ ଆଲୋଚନା କରିଛନ୍ତି।



## ରୁଚି ଫ୍ରୋଜିଟର ନୂଆ ଆଉଟଲେଟ୍

**କଟକ,୧୮-୧**

ପ୍ରମୁଖ ମସଲା ଉଦ୍ୟୋଗ ରୁଚି ଦ୍ୱାରା ପରିଚାଳିତ ଫ୍ରୋଜିଟର ୨ନୂଆ ଆଉଟଲେଟ କଟକରେ ଖୋଲିଛି। ଏହା ନୂଆ ବଜାରସ୍ଥିତ ମାଛ ବଜାର ସାମ୍ନା ଏବଂ କଲେଜଛକସ୍ଥିତ ଭରତିଆ ସାମସନଠାରେ ଉନ୍ମୋଚନ ହୋଇଛି। ରୁଚି ଉଦ୍ୟୋଗର ଏମ୍‌ଡି ଶରତ କୁମାର ସାହୁ, ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ନିର୍ଦ୍ଦେଶକ ଅରବିନ୍ଦ ସାହୁ, ନିର୍ଦ୍ଦେଶିକା ରଶ୍ମି ସାହୁ, ଓଡିଆ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଆକ୍ସିସ ବ୍ୟାଙ୍କ କଟକ ଶାଖାର ଡେପୁଟି ଭାଇସ ପ୍ରେସିଡେଣ୍ଟ ସୁଶାନ୍ତ କୁମାର ଲେଙ୍କା ନୂଆ ଷ୍ଟୋରଗୁଡିକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଏମଡି ଶରତ କୁମାର ସାହୁ କହିଛନ୍ତି ଯେ, ଫ୍ରୋଜିଟର ଫ୍ରୋଜେନ ଫୁଡ୍ ଗ୍ରାହକଙ୍କ ଦ୍ୱାରା ଆଦୃତ ହେଉଛି। ପଖାଳ, ପୋଡ ପିଠା, ଖିରି ଭଳି ସାରା ଓଡିଶାର ପାରମ୍ପରିକ ଖାଦ୍ୟକୁ ବିଶ୍ୱ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟ ରହିଛି। ଗତ ୧୫ ବର୍ଷ ଧରି ଅତ୍ୟାଧୁନିକ ଉପାୟରେ ପ୍ରଡକ୍ଟ ପ୍ରସ୍ତୁତ କରାଯାଉଛି। ଗୁଣବତ୍ତା ପ୍ରଡକ୍ଟ ଯୋଗାଣ ଦିଗରେ ଲକ୍ଷ୍ୟ ରହିଛି। ରାଜ୍ୟର ଅଧିକାଂଶ ସହରରେ ଏହି ଷ୍ଟୋର ଖୋଲିବାକୁ ପଦକ୍ଷେପ ନିଆଯାଉଥିବା ସେ ମତ ରଖିଛନ୍ତି। ଏଠାରେ ଫ୍ରୋଜିଟର ପାରମ୍ପରିକ ପିଠା, ରେଡି ଟୁ ଇଟ୍ ଖାଦ୍ୟ, ଫ୍ରୋଜେନ ଫୁଡସ୍, ସୁସ୍ୱାଦୁ ମୃଦୁ ପାନୀୟ ଉପଲବ୍ଧ ହେବ। ଏହି ଅବସରରେ ଗ୍ରାହକଙ୍କ ଲାଗି ଉଦଘାଟନୀ ରିହାତି ମଧ୍ୟ ରହିଛି।

## ଜୟରାମ ଲେଙ୍କାରେ ମିଡ୍ ନାଇଟ୍ ସେଲ୍ ଆଜି

**କଟକ,୧୮-୧**

Robi's Jayram Lenka SINCE 1956 WHERE STYLE SPEAKS

ପ୍ରମୁଖ ଫ୍ୟାଶନ ଶୋ'ରୁମ ଜୟରାମ ଲେଙ୍କା ପକ୍ଷରୁ ଗ୍ରାହକଙ୍କ ଲାଗି ମିଡ୍ ନାଇଟ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ୧୯ ତାରିଖ ରବିବାର ପୂର୍ବାହ୍ନ ୧୧ଟା ଠାରୁ ରାତି ୧୧ଟା ପର୍ଯ୍ୟନ୍ତ ଚାଲିବ। ଏହା ଦ୍ୱାରା ଗ୍ରାହକ ନିଜ ପରିବାର ନିମନ୍ତେ ସୁଲଭ ମୂଲ୍ୟରେ ମନ ପସନ୍ଦର ସାମଗ୍ରୀ କିଣି ପାରିବେ ବୋଲି ଜୟରାମ ଲେଙ୍କା ପକ୍ଷରୁ ସୂଚନା ରହିଛି। ନୂଆ ବର୍ଷରେ ନୂଆ ପଦକ୍ଷେପ ଅନ୍ତର୍ଗତ ଏହି ସେଲ୍ ହାତକୁ ନିଆଯାଇଛି। ଏହା ପୂର୍ବରୁ ନିକଟରେ ଗ୍ରାହକଙ୍କ ଲାଗି ଫ୍ଲାଟ୍ ୫୦% ଅଫ୍‌ରେ ପ୍ରଡକ୍ଟ ଯୋଗାଣ କରାଯାଇଥିଲା। ଏହା ବିଶେଷ ଭାବେ ଆଦୃତ ହୋଇଥିଲା। ଏହାକୁ ଧ୍ୟାନରେ ରଖି ନୂଆ ଅଫର ଆରମ୍ଭ କରାଯାଇଥିବା ଶୋ'ରୁମ ପକ୍ଷରୁ ସୂଚନା ରହିଛି।

## ପୂର୍ବତନ ଭୂଷଣ ସିଏମ୍‌ଡିଙ୍କ ୨୦୦ କୋଟିର ସମ୍ପତ୍ତି ଜବତ

**ନୂଆଦିଲ୍ଲୀ,୧୮-୧**

ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲିମିଟେଡର ପୂର୍ବତନ ସିଏମ୍‌ଡି ସଞ୍ଜୟ ସିଂଘଲଙ୍କ ୨୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସମ୍ପତ୍ତି ଜବତ କରାଯାଇଛି। ବେଆଇନ ଅର୍ଥ କାରବାର ନିରୋଧୀ ଆଇନ ଅନୁସାରେ ଦିଲ୍ଲୀ ଏବଂ ଲଣ୍ଡନସ୍ଥିତ ସମ୍ପତ୍ତି ଜବତ ହୋଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ସୂଚନା ରହିଛି। ଜବତ ହୋଇଥିବା ସମ୍ପତ୍ତି ମଧ୍ୟରେ ଉଭୟ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ରହିଛି। କମ୍ପାନୀ ନାମରେ ବ୍ୟାଙ୍କରୁ ଋଣ ନେଇ ଏହାକୁ ବିଦେଶର ବିଭିନ୍ନ ସ୍ଥାନରେ ସମ୍ପତ୍ତି କିଣିବାରେ ସିଂଘଲ ବ୍ୟବହାର କରିଛନ୍ତି ବୋଲି ଅଭିଯୋଗ ଆସିଛି। ଇଡି ସିଂଘଲଙ୍କ ନାମରେ ଶୁକ୍ରବାର ଚାର୍ଜଶିଟ ଫାଇଲ କରିଛି। ଚାର୍ଜଶିଟରେ ୨୪ ଜଣଙ୍କ ନାମ ଉଲ୍ଲେଖ କରାଯାଇଛି। ଗତବର୍ଷ ଜାନୁୟାରୀରେ ସିଂଘଲଙ୍କ ନାମରେ କୋର୍ଟ ପ୍ରଡକସନ ୱାରେଣ୍ଟ ଜାରି କରିଥିଲେ। ନଭେମ୍ବରରେ ଇଡି ତାଙ୍କୁ ଗିରଫ କରିଥିବା ବେଳେ ସେ ବର୍ତ୍ତମାନ ବିଚାର ବିଭାଗୀୟ ହାଜତରେ ଅଛନ୍ତି।

## ଭୁବନେଶ୍ୱରରେ ଓଡ଼ିଶା ଡାଏରି ପ୍ରଡକ୍ଟ

**ଭୁବନେଶ୍ୱର,୧୮-୧**



ଓଡିଶା ଭିତ୍ତିକ ଦୁଗ୍ଧ ଉତ୍ପାଦ କମ୍ପାନୀ ଓଡିଶା ଡାଏରି ଭୁବନେଶ୍ୱର ବଜାରରେ ଏହାର ନୂଆ ଉତ୍ପାଦ ଶୁଭାରମ୍ଭ କରିଛି। କମ୍ପାନୀର ବିକ୍ରୟ ପ୍ରବନ୍ଧକ ପ୍ରଶାନ୍ତ କୁମାର ଦାସ ଏହାକୁ ଉନ୍ମୋଚନ କରିଥିଲେ। ଏହି ପ୍ରଡକ୍ଟଗୁଡିକ ମଧ୍ୟରେ ହୋଲ୍ ମିଲ୍କ, ଟୋନ ମିଲ୍କ, ବସା ଦହି, ରାବିଡ଼ି, ମିଠା ଦହି, ଘୋଳ ଦହି, ଲସି ରହିଛି। ୨୦୧୭ରୁ ଉତ୍ପାଦନ ଆରମ୍ଭ କରିଥିବା ଏହି କମ୍ପାନୀ କଟକ ଟାଙ୍ଗିଠାରେ ଦୈନିକ ୨୦ ହଜାର ଲିଟର କ୍ଷମତାର ଏକ ୟୁନିଟ ସ୍ଥାପନ କରିଛି। କମ୍ପାନୀର ବିଭିନ୍ନ ପ୍ରଡକ୍ଟ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ଯାଜପୁର, ଆଠଗଡ ଏବଂ କେନ୍ଦ୍ରାପଡା ଭଳି ଅଞ୍ଚଳରେ ଉପଲବ୍ଧ ହେଉଛି। ଆଗାମୀ ଦିନରେ ଟାଙ୍ଗୀ ପ୍ଲାଣ୍ଟ ପରିସରରେ ୩୦ ହଜାର ଲିଟର କ୍ଷମତା ବିଶିଷ୍ଟ ଆଉ ଏକ ୟୁନିଟ ସ୍ଥାପନ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଥି ଲାଗି ୩ କୋଟି ଟଙ୍କା ନିବେଶ ହେବ। ଗ୍ରାହକଙ୍କୁ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ଯୋଗାଣ ଲକ୍ଷ୍ୟ ରହିଛି। ସୁଲଭ ମୂଲ୍ୟ ବିନା କୌଣସି ଅପମିଶ୍ରଣରେ ଲୋକେ ପ୍ରଡକ୍ଟର ଶୁଦ୍ଧତା ଲାଭ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହି ଅବସରରେ ସୁପର ଷ୍ଟକିଷ୍ଟ ପୁଷ୍ପିତା ଦାସ ଏବଂ ପ୍ରିୟବ୍ରତ ମିଶ୍ର ଉପସ୍ଥିତ ଥିଲେ।

## ବ୍ୟାଙ୍କ ଅଫ୍ ବରୋଦାର ନୂଆ ଶାଖା

**ପରଜଙ୍ଗ, ୧୮।୧(ଡି.ଏନ.ଏ.)**



ଢେଙ୍କାନାଳ ଜିଲା ପରଜଙ୍ଗ ଖଣ୍ଡିଆବନ୍ଧ ନିକଟରେ ବ୍ୟାଙ୍କ ଅଫ୍ ବରୋଦାର ନୂତନ ଶାଖା ଏବଂ ଏଟିଏମ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ସ୍ନିଗ୍ଧାରାଣୀ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଫିତା କାଟି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ମହାପ୍ରବନ୍ଧକ ତଥା ଆଞ୍ଚଳିକ ପ୍ରମୁଖ ନିତ୍ୟାନନ୍ଦ ବେହେରା, ଶାଖା ପ୍ରବନ୍ଧକ ସୁବ୍ରତ କୁମାର ସାହୁ, ଭୁବନେଶ୍ୱର କ୍ଷେତ୍ର ଉପମହାପ୍ରବନ୍ଧକ ସୋମନାଥ ନନ୍ଦ, ସହକାରୀ ଶାଖା ପରିଚାଳକ ରୂପକ ମହାପାତ୍ର, ବଡିଓ ବସନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନୂତନ ବ୍ୟାଙ୍କ ଶାଖା ଦ୍ୱାରା ଜନସାଧାରଣ ଉପକୃତ ହେବେ। ପ୍ରଥମ ଦିନରେ ୧୦୦ରୁ ଉର୍ଦ୍ଧ୍ୱ ନୂତନ ଗ୍ରାହକ ବ୍ୟାଙ୍କରେ ଜମାଖାତା ଖୋଲିଛନ୍ତି। ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ଆଇନଜୀବୀ ପ୍ରଦୀପ ସାହୁ, ଅଶୋକ ଦଳବେହେରା, ଅନ୍ତର୍ଯ୍ୟାମୀ ସାମଲ, ବିଭୂତି ସାମଲ, ସୁଶାନ୍ତ ଦଳବେହେରା, ଦୀପକ ଦଳବେହେରାଙ୍କ ସମେତ ବହୁ ବ୍ୟବସାୟୀ ଉପସ୍ଥିତ ଥିଲେ।


**State DMLT/DMRT Council & Board**
**Office of the Directorate Medical Education & Training, Odisha**
**Heads of the Department Building Unit-V, Bhubaneswar**

No.773 Bhubaneswar, the Dated: 18.01.2020

**SHORT TENDER CALL NOTICE**

No.E-679 :- Sealed tenders are invited from the registered firm having GSTIN for disposal of old used answer Scripts. The sealed tenders super scribing "Tender for disposal of Answer Scripts" at the top of the envelope.should reach the Secretary DMLT/DMRT Board, office of the DMET (O) Heads of the Department Building Unit-V Bhubaneswar by Speed post/Registered post on or before-29.01.2020 by 5.30 PM and the tenders will be opened on 31.01.2020 at 3.30 PM in the Chamber of Secretary DMLT/DMRT Board DMET (O). Incomplete tenders received after due date and time will not be considered.

**Terms and Conditions**

1. The used answer scripts will be used for recycling only.
2. The minimum quoted price should not be less than Rs.12.00 per K.G.
3. The Bidders should deposit EMD of Rs. 10,000/- (Ten Thousand) only in shaper of SBI DD drawn in favour of the DMLT/DMRT Examination Board payable at SBI, HOD Branch Bhubaneswar. The EMD of Rs.10,000/- will be forfeited, if the successful Bidder fails to lift the material at the quoted price within fifteen days from the date of issue of order.
4. The intending Bidder may inspect the material during office hour in any working day with due permission of the Secretary DMLT/ DMRT Board/Asst. Registrar DMLT/DMRT Council.
5. The Bidder or its representative may remain present at the time of opening of tender.
6. The Board reserves all the rights to accept or reject any/all Tenders in full or in part without assigning any reason thereof.

Sd./- Secretary
DMLT/ DMRT Examination Board,
Odisha, BBSR

10016/11/0043/1920

**THE ODISHA STATE COOPERATIVE BANK LTD.**
Pandit Jawaharlal Nehru Marg, Bhubaneswar - 751 001

Ref. No.: OSCB-HRDD/6972/2019-20 Date: 17.01.2020

**AUCTION SALE NOTICE**

No.: LL-38: Sealed tenders/bids from intending purchasers are invited in prescribed format by 28.01.2020 upto 2.00 P.M. for auction sale of unserviceable/damaged assets of the bank "AS IS WHERE IS BASIS AND AS IS WHAT IS BASIS".

The tender/bid application alongwith term and conditions and detailed list of the unserviceable/ damaged assets put under auction sale with book value may be downloaded from the website **www.odishascb.com**.

**Last date for submission of EMD and application: 28.01.2020 upto 2.00 P.M.**

Sd./- Managing Director
39012/11/0030/1920 Odisha State Cooperative Bank Ltd.

**नालको NALCO**
National Aluminium Company Limited
(A Government of India Enterprise)
Smelter Plant, Nalco Nagar, Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

**NOTICE INVITING TENDERS**

1. Bids invited from Indian manufacturers for Manufacture & supply of **180 sets of Flue Wall Bricks for Anode Baking Furance-II & III.** The last date & time of bid submission : **Dt 13.02.2020, 10:00am** ( Bid opening date : **15.02.2020**) Tender documents will be available at **https://eprocure.gov.in/eprocure/app and www.nalcoindia.com**. Any corrigendum/addendum will be published in websites only. **DGM (Materials)**

2- NIT No. OMC-5157
**Name of the work:** Mechanical Maintenance of PTMs, Transfer Gantry, 160T Crane, Lifting Beam, Pot Room Rails & Cleaning of Equipments. For details of NITs like contract period, EMD, Date and time of E-submission, Part-I Bid Opening, Modification/ Amendments (if any) please log in to **www.nalcoindia.com** & **http://eprocure.gov.in**
**AGM (Mech.) -T&C**

**GOVERNMENT OF ODISHA**
**OFFICE OF THE**
**EXECUTIVE ENGINEER, SAMBALPUR**
**(R&B) DIVISION No.1, SAMBALPUR**
**e-procurement Notice**
**BID IDENTIFICATION No: EE/R&B/SBP/ 19 / 2019-20**
**E-mail - exeengsbp@rediffmail.com**
**Phone/Fax-0663-2548013**
No.B-587

No. 224 Dated: 13.01.2020

1. The Executive Engineer, Sambalpur (R&B) Division No-I, Sambalpur on behalf of Governor of Odisha, invites Percentage Rate bids in Double Cover System in ONLINE MODE for construction of Civil Work as detailed in the DTCN from the eligible Class of Contractors.
2. No. of works : 01(One)
3. Tender Cost : Rs.10,000/- (On Line)
4. Class of Contractor : "B" & "A" Class Contractor
5. Date and time available in Website & receipt of Bids: 16.00 Hrs 22.01.2020 to 17:00 Hrs of 05.02.2020.
6. Date of Opening of Tender: 06.02.2020 at 11:30 Hrs.
7. The Bidders have to participate in ONLINE bidding only. Further details can be seen from the Website.
8. Any Corrigendum / Addendum will be displayed in the website **www.tendersodisha.gov.in** only.

Sd./-
Executive Engineer
34042/11/0023/1920 Sambalpur (R&B) Division No.I

See Career Appointment on every Wednesday & Saturday

**GOVERNMENT OF ODISHA**
**e-Procurement Notice, ANGUL (R&B) DIVISION**
**Bid Identification No.- 22 of 2019-20**
**e-mail ID- angulrbdivision@yahoo.co.in**
B-599

| | | |
|---|---|---|
| 1. | Number of Works | : 6 (Six) number of Building works<br>2 (Two) ) number of Road works |
| 2. | Approximate estimated cost | : Varies from Rs.09.00 lakh to 78.00 lakh |
| 3. | Period of completion | : 02 (Two) to 06 (Six) Calendar month |
| 4. | Date & Time of availability of bid document In the portal | : Dt. 02.02.2020 at 10.00 A.M. |
| 5. | Last date / Time for receipt of bid in the portal | : Dt. 16.02.2020 up to 5.00 P.M. |
| 6. | Date of opening Bid | : Dt. 18.02.2020 at 11.00 A.M. |
| 7. | Name and address of the Office Inviting Bid | : Executive Engineer, Angul (R&B) Division, Angul |
| 8. | The bidders have to participate in ONLINE bidding only. Further details can be seen from the e-procurement portal https:/tendersodisha.gov.in | |

34074/11/0007/1920 Sd./- Executive Engineer, Angul(R&B)Division.

**WORKS DEPARTMENT**
No. B-593
**OFFICE OF THE SUPERINTENDING ENGINEER, EASTERN CIRCLE (R&B), BALASORE**
**e-mail: - seec_bls@rediffmail.com**
**Government of Odisha "e" Procurement Notice**
**Bid Identification No.SEEC-08/ 2019-20.**
**No- 231 / dt. 13.01.2020**

Nature of work:- Building Work
Number of works: 1 (One) No of Building work (Composite mode) (EI & PH)
Amount put to Tender: - Rs.171.72 Lakhs.
Class of Contractor: - "B" & "A" Class
Date & Time of availability of bid document in the portal: - Dt.21.01.2020 at 10.00 AM
Last Date / Time of receipt of bid in the portal: - Dt.04.02.2020 up to 05.00 PM
Date of opening of bid : - Dt.05.02.2019 at 11.00 AM
Name & address of the Office inviting bid: - Superintending Engineer, Eastern Circle (R&B), Balasore.
The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only.

Sd/- S.K.Mohnaty
34026/11/0008/1920 Superintending Engineer, Eastern Circle (R& B), Balasore

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**E-auction Notice (24.01.2020 – 69th E-auction)**
**No.CAD-838 :- IRON ORE CLO**

The Odisha Mining Corporation Ltd. intends to sell various grades of Iron ore CLO produced at different iron ore mines at Daitari and Gandhamardan Regions in Keonjhar District & Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00AM to 2.00PM on 24.01.2020.**

For details, please visit the website of MSTC i.e. www.mstcecommerce.com

30005/11/0119/1920 C.G.M. (Min.)

GOVT. OF ODISHA
**OFFICE OF THE**
**COLLECTOR, KANDHAMAL, PHULBANI**
**(ST & SC Development Section)**
Ph./Fax: 06842-253643, E-mail: dwo.kandhamal@gmail.com
Order No. 216/SSD/XV-04/2019 Date: 17.01.2020

**NOTICE**

No.: V-74: It is hereby informed that the applicants who have applied for the Post of Sikhya Sahayaka on Contractual Basis to be appointed in different schools under ST & SC Dev. Deptt. of Kandhamal district in pursuance to Advertisement No. 268/Welfare Date 15.01.2019 has been enlisted and the Provisional Selection list is available in the District Portal: **www.kandhamal.nic.in** as well as in the Notice Board of District Welfare Office, Kandhamal/Inspectors of Schools (SSD) Kandhamal. Selected candidates were directed to present before the undersigned for certificate verification/ counseling on **25.01.2020 at 10.00 A.M.** unfailingly.

**Sd./- By Order of the Collector, Kandhamal**
**Sd./- District Welfare Officer**
24041/11/0015/1920 **Kandhamal, Phulbani**

# କଳିଙ୍ଗରେ ଭାରତର ଆଉ ଏକ ବିଜୟ

## ନେଦରଲାଣ୍ଡସ୍‌କୁ ୫-୨ ଗୋଲ୍‌ରେ ହରାଇଲା






ଗୋଲ୍ ଦେବା ପରେ ଭାରତର ମନ୍‌ଦୀପ ସିଂ ଓ ରୂପିନ୍ଦର ପାଲ୍ ସିଂଙ୍କ ପ୍ରତିକ୍ରିୟା ।

ଭୁବନେଶ୍ୱର, ୧୮।୧ (କ୍ରୀଡ଼ା ପ୍ରତିନିଧି)

ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ରେ ଘରୋଇ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ମ୍ୟାଚରେ ଭାରତ ୫-୨ ଗୋଲରେ ଶକ୍ତିଶାଳୀ ନେଦରଲାଣ୍ଡସ୍‌କୁ ହରାଇଛି। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ପ୍ରଭାବ ବିସ୍ତାର କରି ଖେଳିଥିଲେ। ଚଳିତ ଲିଗ୍‌ର ଦ୍ୱିତୀୟ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ରବିବାର ଏହି ଦୁଇ ଦଳ ମଧ୍ୟରେ ଖେଳାଯିବ।

### ଆରମ୍ଭ କଲେ ରୂପିନ୍ଦର

ମ୍ୟାଚ ଆରମ୍ଭ ହେବା ମାତ୍ରେ ଭାରତୀୟ ଖେଳାଳିମାନେ ବିଜୁଳି ବେଗରେ ବଲ୍ ନେଇ ନେଦରଲାଣ୍ଡ ଗୋଲପୋଷ୍ଟ ଡି' ଏରିଆରେ ପ୍ରବେଶ କରିଥିଲେ। କେବଳ ସେତିକି ନୁହେଁ ୧୩ତମ ସେକେଣ୍ଡରେ ଗୋଲ ଦେଇ ଗୁରଜାନ୍ତ ସିଂ ଶୀତୁଆ ସନ୍ଧ୍ୟାରେ ଉଷ୍ମତା ଭରି ଦେଇଥିଲେ। ଏହି ଗୋଲ ଭାରତୀୟ ଖେଳାଳିଙ୍କ ମନୋବଳ ବହୁ ପରିମାଣରେ ବଢ଼ାଇ ଦେଇଥିଲା। ତା'ର ଫଳ ମଧ୍ୟ ପ୍ରଥମ କ୍ୱାର୍ଟରରେ ମିଳିଥିଲା। ୧୨ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ରୂପିନ୍ଦରପାଲ ସିଂ ଭାରତର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ।

### ନେଦରଲାଣ୍ଡସ୍‌ର ପ୍ରତ୍ୟାବର୍ତ୍ତନ

ନେଦରଲାଣ୍ଡସ୍ କିନ୍ତୁ ସହଜରେ ବାଟ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା। ପ୍ରଥମ କ୍ୱାର୍ଟର ଶେଷ ଭାଗରେ ଅର୍ଥାତ୍ ମ୍ୟାଚର ୧୪ତମ ମିନିଟରେ ଦଳ ଏକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିବାବେଳେ ଜିପ୍ ଜାନସେନ ତାହାକୁ ଗୋଲରେ ପରିଣତ କରି ଗୋଲ ବ୍ୟବଧାନକୁ ହ୍ରାସ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏକାଧିକ ଥର ପେନାଲ୍ଟି କର୍ନର ଏବଂ ଫିଲ୍ଡ ଗୋଲ ସୁଯୋଗ ସୃଷ୍ଟି ହୋଇଥିଲା। ଏହି କ୍ୱାର୍ଟରର ଶେଷ ପର୍ଯ୍ୟାରେ ୨୮ତମ ମିନିଟରେ ଜେରୋନ ହର୍ଜବର୍ଜର ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ସମାନ ସ୍ଥିତିକୁ ନେଇ ଆସିଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ୨-୨ ଗୋଲରେ ବରାବର ରହିଥିଲା।

**ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ**

**ଫଳାଫଳ**

**ଭାରତ-୫**
ଗୁରଜାନ୍ତ ସିଂ: ୧ମ ମିନିଟ
ରୂପିନ୍ଦରପାଲ ସିଂ: ୧୨ତମ ମିନିଟ
ମନଦୀପ ସିଂ:୩୪ତମ ମିନିଟ
ଲଳିତ ଉପାଧ୍ୟାୟ: ୩୬ତମ ମିନିଟ
ରୂପିନ୍ଦରପାଲ ସିଂ: ୪୬ତମ ମିନିଟ

**ନେଦରଲାଣ୍ଡସ୍-୨**
ଜିପ୍ ଜାନସେନ: ୧୪ତମ ମିନିଟ
ଜେରୋନ ହର୍ଜବର୍ଜର: ୨୮ତମ ମିନିଟ

**ପ୍ଲେୟର ଅଫ୍ ଦି ମ୍ୟାଚ୍: ଲଳିତ ଉପାଧ୍ୟାୟ (ଭାରତ)**

### ଦ୍ୱିତୀୟାର୍ଦ୍ଧରେ ଭାରତ ପ୍ରଭାବୀ

ଘରୋଇ ପରିବେଶ, ଟର୍ଫ ଏବଂ ଦର୍ଶକଙ୍କ ସମର୍ଥରେ ଭାରତ ଦ୍ୱିତୀୟାର୍ଦ୍ଧରେ ଚମତ୍କାର ଖେଳିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରୁ ଦଳ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲା। ୩୪ତମ ମିନିଟରେ ମନଦୀପ ସିଂ ଏକାକୀ ବଲ୍‌କୁ ଆଗେଇ ନେଇ ନେଦରଲାଣ୍ଡସ୍ ଡିଫେନ୍ସ ବିଭାଗ ଓ ଗୋଲକିପରଙ୍କୁ ଚକ୍‌ମା ଦେଇ ଗୋଲ ସ୍କୋର କରିଥିଲେ। ଫଳରେ ଭାରତ ପୁଣି ଅଗ୍ରଣୀଲାଭ କରିଥିଲା। ଏହାର ୨ ମିନିଟ ପରେ ଲଳିତ ଉପାଧ୍ୟାୟ ଆଉ ଏକ ଫିଲ୍ଡ ଗୋଲ ଦେଇ ଘରୋଇ ଦଳର ସ୍ଥିତିକୁ ଦୃଢ଼ କରିଥିଲେ। ତୃତୀୟ କ୍ୱାର୍ଟର ଶେଷ ବେଳକୁ ଭାରତର ଅଗ୍ରଣୀ ବ୍ୟବଧାନ ୪-୨ରେ ପହଞ୍ଚିଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଆରମ୍ଭ କ୍ଷଣି ଭାରତ ଏକ ପେନାଲ୍ଟି କର୍ନର ପାଇଥିଲା। ରୂପିନ୍ଦର ତାହାକୁ ଗୋଲରେ ପରିଣତ କରି ନେଦରଲାଣ୍ଡ ଉପରେ ଚାପକୁ ବଢ଼ାଇ ଦେଇଥିଲେ। ବିଶ୍ୱର ୩ ନମ୍ବର ଦଳ ନେଦରଲାଣ୍ଡସ୍ ପ୍ରତ୍ୟାବର୍ତ୍ତନ ପାଇଁ ଆପ୍ରାଣ ଉଦ୍ୟମ କରିଥିଲା। ଦଳ ଏକାଧିକ ପେନାଲ୍ଟି କର୍ନର ସୁଯୋଗ ମଧ୍ୟ ସୃଷ୍ଟି କରିଥିଲା। ମାତ୍ର ଫିନିଶିଂ ଭଲ ହୋଇ ନ ଥିଲା। ଫଳରେ ଭାରତ ୫-୨ ଗୋଲରେ ବିଜୟୀ ହୋଇଥିଲା।

### ଭାରତ ୭, ନେଦରଲାଣ୍ଡସ୍ ୧୦

ମ୍ୟାଚରେ ଭାରତ ୭ଟି ଏବଂ ନେଦରଲାଣ୍ଡସ୍ ୧୦ଟି ପେନାଲ୍ଟି କର୍ନର ପାଇଥିଲା। ଏଥିରୁ ଭାରତ ୨ଟି ଏବଂ ନେଦରଲାଣ୍ଡସ୍ ମାତ୍ର ଗୋଟିଏ ଗୋଲ ଦେଇଥିଲା। ତେଣୁ ଉଭୟ ଦଳ ପେନାଲ୍ଟି କର୍ନରରୁ ଯେପରି ସଫଳତା ପାଇବା କଥା ପାଇନାହାନ୍ତି। ବିଶେଷ କରି ହକି ବିଶ୍ୱକପ ରନର୍ସଅପ୍ ନେଦରଲାଣ୍ଡସ୍‌ର ପେନାଲ୍ଟି କର୍ନର କନଭର୍ସନ ବିଫଳତା କୋଚ୍‌ଙ୍କୁ ଚିନ୍ତିତ କରିଛି।






ମ୍ୟାଚ୍ ପୂର୍ବରୁ ହକି ଇଣ୍ଡିଆ ସିଇଓ ଏଲିନା ନର୍ମାନଙ୍କ ସହ ହକି କିମ୍ବଦନ୍ତୀ ପଦ୍ମଶ୍ରୀ ଦିଲୀପ ତିର୍କୀ । ଷ୍ଟାଡ଼ିୟମ୍‌ରେ ଉପସ୍ଥିତ ଦର୍ଶକ ।

# ସ୍ପୋର୍ଟ୍ସ ଆଇଟି ୨୦୨୦ ଆରମ୍ଭ

ଭୁବନେଶ୍ୱର,୧୮।୧(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶନିବାର ସ୍ପୋର୍ଟ୍ସ ଆଇଟି ୨୦୨୦ ଆରମ୍ଭ ହୋଇଛି। ଜାଭିୟର ଏମ୍‌ଲିୟନ ବିଜ୍‌ନେସ ସ୍କୁଲ (ଏକ୍ସଇବିଏସ୍) ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ଆନୁକୂଲ୍ୟରେ ଏହି ସ୍ପୋର୍ଟ୍ସ ଆଣ୍ଡ ଇନୋଭେଶନ ଫେଷ୍ଟିଭାଲ ତଥା ଉତ୍ସବ ପୂରା ଢ଼ଙ୍ଗରେ ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରାକାନ୍ତି ବେହେରା ଏହି କ୍ରୀଡ଼ା ଉତ୍ସବର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ହକି ଲିଜେଣ୍ଡ ଓ ହକି ପ୍ରମୋଶନ କାଉନସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ, ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିନା ନର୍ମାନ ଓ ଏକ୍ସଇବିଏସ୍ ଅଧ୍ୟକ୍ଷ ଆଶଲେ ଫର୍ଣ୍ଣାଣ୍ଡିଜ୍ ଉପସ୍ଥିତ ଥିଲେ। ହ୍ୟୁସିଲ ବଜାଇ ଅତିଥିମାନେ ଇଭେଣ୍ଟ ଆରମ୍ଭ ହେଲା ବୋଲି ଘୋଷଣା କରିଥିଲେ। ଦେଶରେ ପ୍ରଥମଥର ପାଇଁ ଏଭଳି ଏକ ଭିନ୍ନ ଧରଣର ଫେଷ୍ଟିଭାଲ ଆରମ୍ଭ ହୋଇଛି।

ଉଦ୍‌ଘାଟନୀ ଉତ୍ସବରେ ୨୫ଜଣ ଭିନ୍ନକ୍ଷମ ପିଲାଙ୍କ ସହ ବିଭିନ୍ନ ସ୍କୁଲ, କଲେଜର ୧,୨୦୦ଜଣ ଛାତ୍ର ଯୋଗ ଦେଇଥିଲେ। କ୍ରୀଡ଼ାର ଉନ୍ନତି ସର୍ବୋପରି ରାଜ୍ୟରେ କୀଡ଼ା ସଂସ୍କୃତିର ବିକାଶ ପାଇଁ ଏଭଳି କାର୍ଯ୍ୟକ୍ରମ ପ୍ରଥମଥର ପାଇଁ ଆୟୋଜିତ ହୋଇଛି। ରାଜ୍ୟରେ ଏକ ବଳିଷ୍ଠ କ୍ରୀଡ଼ା ପରମ୍ପରା ଓ ପରିବେଶ ସୃଷ୍ଟିକରିବା ଦିଗରେ ଏହି କାର୍ଯ୍ୟକ୍ରମ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି। ଦୁଇଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ସହାୟକ ହେବ।

କ୍ରୀଡ଼ାର ବିକାଶ ଓ କ୍ରୀଡ଼ାକୁ ଏକ ନୂଆ ସୋପାନରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି ବୋଲି ତୁଷାରକାନ୍ତ କହିଛନ୍ତି। କ୍ରୀଡ଼ା ବ୍ୟବସାୟୀକରଣକୁ ସରକାର ପ୍ରୋତ୍ସାହିତ କରୁଛନ୍ତି। ଏହାଦ୍ୱାରା ଚାକିରି ସୃଷ୍ଟି ହୋଇପାରିବ ବୋଲି ସେ କହିଛନ୍ତି। ଏଥିପାଇଁ ଛାତ୍ର ଓ କ୍ରୀଡ଼ାପ୍ରେମୀମାନେ ଆଗେଇ ଆସିବା ଉଚିତ୍। କ୍ରୀଡ଼ା ଏବେ ଏକ ଫିଜିକାଲ ଫିଟ୍‌ନେସ ବା ମନୋରଞ୍ଜନରେ ସୀମିତ ହୋଇରହି ନାହିଁ। ବ୍ୟବସାୟରେ ମଧ୍ୟ କ୍ରୀଡ଼ାର ଲୋକପ୍ରିୟତା ଶୀର୍ଷରେ ପହଞ୍ଚିଛି। ଏବେ ଓଡ଼ିଶାରେ ଏହାର ସମ୍ଭାବନା ସୃଷ୍ଟି କରିବା ଲକ୍ଷ୍ୟରେ ଏହି ଫେଷ୍ଟିଭାଲ ଆୟୋଜନ ହେଉଛି ବୋଲି ସେ କହିଛନ୍ତି।

ସ୍ପୋର୍ଟ୍ସ ଆଇଟି ଅନ୍ୟ ସ୍ପୋର୍ଟ୍ସ ଇଭେଣ୍ଟଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଦିଲୀପ କହିଛନ୍ତି। କ୍ରୀଡ଼ାରେ ପୁଞ୍ଜି ନିବେଶ କରିବା ପାଇଁ ସେ ନିବେଶକମାନଙ୍କୁ ପରାମର୍ଶ ଦେଇଥିଲେ। ଏହିକ୍ରମରେ ନିବେଶକମାନେ ଓଡ଼ିଶା ସରକାରଙ୍କ ସହ ଯୋଗ ଦେଇ ଭୁବନେଶ୍ୱରକୁ ଦେଶର ସ୍ପୋର୍ଟ୍ସ କ୍ୟାପିଟାଲ ବା କ୍ରୀଡ଼ା ରାଜଧାନୀରେ ପରିଣତ କରିବା ପାଇଁ କାର୍ଯ୍ୟକରିବା ଆବଶ୍ୟକ ବୋଲି ସେ କହିଛନ୍ତି। ସେହିପରି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସହିତ ଏକ୍ସଇବିଏସ୍‌କୁ ପ୍ରଶଂସା କରିଥିଲେ ଏଲିନା ନର୍ମାନ। କ୍ରୀଡ଼ାକୁ ଲୋକପ୍ରିୟ କରାଇବା ପାଇଁ ଓ ଯୁବ କ୍ରୀଡ଼ାବିତଙ୍କ ପାଇଁ ଏହି ଇଭେଣ୍ଟ ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଛନ୍ତି।

ଏହି ଫେଷ୍ଟିଭାଲ୍‌ରେ ବିଭିନ୍ନ କ୍ଷେତ୍ରରୁ ୧୨ଟି ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ଏଥିରେ ସ୍ପୋର୍ଟ୍ସ ମାରାଥନ ସବୁଠାରୁ ଆକର୍ଷଣୀୟ ହୋଇଥିଲା। ଏଥିରେ ହାଇପରଫର୍ମାନ୍ସ ସେଣ୍ଟର, ଓଡ଼ିଶା ଏଫ୍‌ସି, ନାଭାଲ ଟାଟା ଏକାଡେମୀ, ଗୁରୁକୁଳ ଟେନିସ, ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ, ଉତ୍କଳ କରାଟେ ସ୍କୁଲ, ବିଗ୍ ଅରେଞ୍ଜ୍ ବାସ, ଡେକାଥେଲନ ଓ ପାରା ଆଥଲେଟଙ୍କ ଏକ ଗ୍ରୁପ୍ ଯୋଗ ଦେଇ ଏକ ସ୍ପୋର୍ଟ୍ସ ଜୋନ ସୃଷ୍ଟି କରିଥିଲେ। ଫୁଟବଲ, ହକି, ଟେବୁଲ ଟେନିସ, ଶୁଟିଂ, ଟେନିସ, ବାସ୍କେଟବଲ ଓ କରାଟେରେ ଶହ ଶହ ସଂଖ୍ୟାରେ ଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରମାନଙ୍କ ସହ ଓଡ଼ିଶା ଏଫସିର ଖେଳାଳିମାନେ ଭାବର ଆଦାନପ୍ରଦାନ କରିଥିଲେ। କେତେକ ଛାତ୍ର ଅଭିନବ ବିନ୍ଦ୍ରା ଟାର୍ଗେଟିଂ ପରଫର୍ମାନ୍ସ ସେଣ୍ଟରର ଗାଇଡ୍ ଟୁର କରିଥିଲେ।

ନିବେଶକ ଓ ବ୍ୟବସାୟୀମାନେ ମଧ୍ୟ କ୍ରୀଡ଼ା, ଶିକ୍ଷା, ଇନୋଭେଶନ ଓ ଅନ୍ୟାନ୍ୟ ବିଷୟରେ ବୈଠକରେ ବସି ଆଲୋଚନା କରିଥିଲେ। ସ୍ପୋର୍ଟ୍ସ ହେକାଥନରେ ଫ୍ରାନ୍ସର ଏକ ଗ୍ରୁପ୍ ଭାଗ ନେଇଥିଲା। ରବିବାର ଇଭେଣ୍ଟର ଦ୍ୱିତୀୟ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିରୂପେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।




ଉଦ୍‌ଘାଟନ ଅବସରରେ ଦିଲୀପ ତିର୍କୀ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଏଲିନା ନର୍ମାନ ଓ ଆଶଲେ ଫର୍ଣ୍ଣାଣ୍ଡିଜ୍ ଉପସ୍ଥିତ ।



**କଳିଙ୍ଗ କର୍ନର**

ଭାରତୀୟ ହକି ଦଳର ରିଜର୍ଭ ଖେଳାଳିମାନେ ମ୍ୟାଚ୍ ଉପଭୋଗ କରୁଛନ୍ତି।

## ମ୍ୟାଚ ଦେଖିଲେ ରିଜର୍ଭ ଖେଳାଳି

**ଭୁବନେଶ୍ୱର, ୧୮।୧(କ୍ରୀଡ଼ା ପ୍ରତିନିଧି):** ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ପାଇଁ କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ଦଳର କ୍ୟାମ୍ପ ଚାଲିଥିଲା। ତେଣୁ କୋର୍ ଦଳର ୩୪ ଖେଳାଳି ଏଠାରେ ଉପସ୍ଥିତ ଥିଲେ। ଭାରତୀୟ ଦଳ ପାଇଁ ୧୮ ଖେଳାଳି ମନୋନୀତ ହୋଇଥିବାରୁ ଅବଶିଷ୍ଟ ଖେଳାଳିମାନେ ଏଠାରେ ରହିଛନ୍ତି। କାରଣ ନେଦରଲାଣ୍ଡସ୍ ବିପକ୍ଷ ମ୍ୟାଚ ପରେ ମଧ୍ୟ ଏଠାରେ କ୍ୟାମ୍ପ ଚାଲିବ। ତେଣୁ ଏହି ମ୍ୟାଚ ପାଇଁ ଦଳରେ ସ୍ଥାନ ପାଇ ନ ଥିବା ଖେଳାଳିମାନେ ୱେଷ୍ଟ ଗ୍ୟାଲେରୀରେ ବସି ଖେଳ ଉପଭୋଗ କରିଥିଲେ। ସେମାନଙ୍କ ମଧ୍ୟରେ ତାରକା ଖେଳାଳି ରମଣଦୀପ ସିଂ ଆକର୍ଷଣର କେନ୍ଦ୍ରରେ ରହିଥିଲେ। କିଛି ଦର୍ଶକ ଏହି ଖେଳାଳିଙ୍କ ସହିତ ମିଶିବା ଏବଂ ଅଟୋଗ୍ରାଫ ନେବାକୁ ଭୁଲି ନ ଥିଲେ।

### ସ୍କୁଲ ପିଲାଙ୍କୁ ସୁଯୋଗ

ହକି ପ୍ରୋ ଲିଗ୍ ପାଇଁ ପର୍ଯ୍ୟାପ୍ତ ଟିକେଟ ବିକ୍ରି ନ ହେବାରୁ ଭାରତ-ନେଦରଲାଣ୍ଡସ୍ ମ୍ୟାଚ ଦେଖିବା ପାଇଁ ସ୍କୁଲ ପିଲାଙ୍କୁ ସୁଯୋଗ ଦିଆଯାଇଥିଲା। ଇଷ୍ଟ ଓ ସାଉଥ୍ ଷ୍ଟାଣ୍ଡରେ କିସ୍, ସୈନିକ ସ୍କୁଲ ଏବଂ ଅନ୍ୟ କେତେକ ସ୍କୁଲରୁ ଅନେକ ପିଲା ମ୍ୟାଚ ଉପଭୋଗ କରିଥିଲେ। ଅଧିକାଂଶ ପିଲା ଖେଳକୁ କ୍ୟାରିୟର କରୁଥିବାରୁ ଏପରି ଏକ ବଡ଼ ମ୍ୟାଚକୁ ନିକଟରୁ ଦେଖି ଅନେକ ଅଭିଜ୍ଞତା ହାସଲ କରିଛନ୍ତି। ଖେଳ ବିରତି ସମୟରେ ହିନ୍ଦୀ ଓ ଓଡ଼ିଆ ଗୀତର ତାଳେତାଳେ ପିଲାମାନେ ନାଚୁଥିବା ପରିଲକ୍ଷିତ ହୋଇଥିଲା। ନର୍ଥ, ସାଉଥ ଏବଂ ୱେଷ୍ଟଷ୍ଟାଣ୍ଡରେ ବହୁ ଦର୍ଶକ ମ୍ୟାଚ ଉପଭୋଗ କରିଥିଲେ।

## ସିରିଏଲୋ ପରିବାର, ଏକାଡେମୀ ପ୍ରଶିକ୍ଷାର୍ଥୀ

ଶନିବାର ଭାରତ-ନେଦରଲାଣ୍ଡସ୍ ଏଫଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ ସମୟରେ କଳିଙ୍ଗ ଷ୍ଟାଡିୟମରେ ଉପସ୍ଥିତ ଥିଲେ କ୍ରିସ୍ ସିରିଏଲୋଙ୍କ ପରିବାର ଏବଂ ଏକାଡେମୀର ପ୍ରଶିକ୍ଷାର୍ଥୀମାନେ। ନିଜ ସମୟରେ ଜଣେ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଖେଳାଳି ଥିବା ଅଷ୍ଟ୍ରେଲିଆର ସିରିଏଲୋ ଏବେ ଭାରତୀୟ ହକି ଦଳର ଆନାଲିଟିକାଲ କୋଚ୍ ଅଛନ୍ତି। ଏହା ବ୍ୟତୀତ ନିଜେ ଜଣେ ଦକ୍ଷ ଡିଫେଣ୍ଡର ଥିବାରୁ ସିରିଏଲୋ ଅଭ୍ୟାସ ସମୟରେ ଭାରତୀୟ ରକ୍ଷଣଭାଗ ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ପାଇଁ କାମ କରିଥାନ୍ତି। ନେଦରଲାଣ୍ଡସ୍ ବିପକ୍ଷ ହାଇ ପ୍ରୋଫାଇଲ ମ୍ୟାଚ ଅବସରରେ ସିରିଏଲୋଙ୍କ ବାପା ଏବଂ ପତ୍ନୀ ମ୍ୟାଚ ଉପଭୋଗ କରିଥିଲେ। ଏଠାରେ ସେମାନେ ଭାରତୀୟ ଦଳକୁ ସମର୍ଥନ କରିବେ ବୋଲି ସିରିଏଲୋଙ୍କ ପତ୍ନୀ ପ୍ରକାଶ କରିଥିଲେ। ଅଷ୍ଟ୍ରେଲିଆରେ କ୍ରିସ୍ ସିରିଏଲୋ ହକି ଏକାଡମୀ ଅଛି। ସେଠାରେ ଅନେକ ଖେଳାଳି ପ୍ରଶିକ୍ଷଣ ନେଉଛନ୍ତି। ସେମାନଙ୍କ ମଧ୍ୟରୁ ପାଖାପାଖି ୨୫ ଖେଳାଳି ଓ କର୍ମକର୍ତ୍ତା ଷ୍ଟାଡିୟମରେ ଉପସ୍ଥିତ ରହି ମ୍ୟାଚ ଉପଭୋଗ କରିଥିଲେ। ଆମେ ଅଷ୍ଟ୍ରେଲିଆର ସିରିଏଲୋ ଏକାଡେମୀରୁ ଆସିଛୁ। ଏଠାକାର ଷ୍ଟାଡିୟମ ପରିବେଶ ଆମକୁ ଉତ୍ସାହିତ ଏବଂ ଉଲ୍ଲସିତ କରିଛି ବୋଲି ଜଣେ ବାଳିକା ହକି ଖେଳାଳି ପ୍ରକାଶ କରିଥିଲେ। ଭାରତୀୟ ଦଳର ପ୍ରତିଟି ମୁଭ୍ ସମୟରେ ସେମାନେ ଦଳକୁ ଉତ୍ସାହିତ କରୁଥିବା ମଧ୍ୟ ପରିଲକ୍ଷିତ ହୋଇଥିଲା।



ଆନାଲିଟିକାଲ୍ କୋଚ୍ କ୍ରିସ୍ ସିରିଏଲୋଙ୍କ ପରିବାର ଓ ଅଷ୍ଟ୍ରେଲିଆସ୍ଥିତ ଏକାଡେମୀର ପ୍ରଶିକ୍ଷାର୍ଥୀମାନେ ।

"ଧୂଆଁଳିଆ ବାୟୁମଣ୍ଡଳ ଯୋଗୁ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ପାଇଁ ମୁଁ ନିଜକୁ ଭଲରୂପେ ପ୍ରସ୍ତୁତ କରିପାରିନି ।

–ନିକ୍ କିର୍ଗିଓସ, ଅଷ୍ଟ୍ରେଲୀୟ ଟେନିସ ଖେଳାଳି



"ରୋମ୍ ର୍ୟାଙ୍କିଙ୍ଗ ସିରିଜ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ଅଲିମ୍ପିକ୍ସ ପାଇଁ ମୋର ପ୍ରସ୍ତୁତି ଠିକଣା ମାର୍ଗରେ ଚାଲିଛି ବୋଲି ମୁଁ ଭାବୁଛି ।

–ଭିନେଶ ଫୋଗଟ୍, ଭାରତୀୟ କୁସ୍ତିଯୋଦ୍ଧା



# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

ବେଙ୍ଗାଲୁରୁ,୧୮।୧(ପି.ଟି.)

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ ରବିବାର ଭାରତ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ମଧ୍ୟରେ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍ ଖେଳାଯିବ। ସିରିଜ ୧–୧ ସମାନସ୍ତରରେ ଥିବା ବେଳେ ଏହି ମ୍ୟାଚ୍ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଛି। ସିରିଜ ଜିତିବା ପାଇଁ ଉଭୟ ଦଳ ପାଇଁ ଏହି ମ୍ୟାଚ ଜିତିବା ଜରୁରୀ ହୋଇ ପଡିଛି। ବିଶ୍ୱ କ୍ରିକେଟର ଦୁଇ ଶ୍ରେଷ୍ଠ ଦଳ ମଧ୍ୟ ଆଉ ଏକ ରୋମାଞ୍ଚକ ଲଢେଇ ଦେଖିବାକୁ ମିଳିବ। ମୁମ୍ବାଇରେ ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୭୪ଟି ବଲ୍ ବାକି ରଖି ୧୦ ଉଇକେଟରେ ଅତି ସହଜରେ ଭାରତକୁ ହରାଇଥିଲା। ତେବେ ରାଜକୋଟ୍‌ରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ୩୬ ରନରେ ବିଜୟ ହାସଲ କରିଥିଲା। ବିଜୟୀ ହେଲେ ଅଷ୍ଟ୍ରେଲିଆ ଭାରତ ମାଟିରେ କ୍ରମାଗତ ଦ୍ୱିତୀୟ ଦିନିକିଆ ସିରିଜ ବିଜୟ ହାସଲ କରି ବିରଳ ସଫଳତା ହାସଲ କରିବ। ଦ୍ୱିତୀୟ ଦିନିକିଆ ଭାରତ ତା'ର ବ୍ୟାଟିଂ କ୍ରମକୁ ସୁଧାରିବାରେ ସକ୍ଷମ ହୋଇଛି। ନୂଆ ବ୍ୟାଟିଂ କ୍ରମ ନମ୍ବର ୫ ରେ ଲୋକେଶ ରାହୁଲ ସଫଳତ ହୋଇଛନ୍ତି। ଦୁଇ ଓପନର ରୋହିତ ଶର୍ମା ଓ ଶିଖର ଧାୱନ ସେମାନଙ୍କ ଦକ୍ଷତା ପ୍ରତିପାଦନ କରିଥିଲେ। ସେହିପରି ବ୍ୟାଟିଂ ସୁପରଷ୍ଟାର ତଥା ଅଧିନାୟକ ବିରାଟ କୋହଲି ମଧ୍ୟ ଦମ୍‌ଦାର ପ୍ରଦର୍ଶନ କରିଥିଲେ ଓ ତାଙ୍କ ଚିରାଚରିତ ୩ ନମ୍ବରରେ ବ୍ୟାଟିଂ କରି ବେଶ୍ ସଫଳ ହୋଇଥିଲେ। ଶ୍ରେୟାସ ଆୟାର ୪ ନମ୍ବରରେ ବ୍ୟାଟିଂ କରିଥିଲେ।

ରୋହିତ ଫିଲ୍ଡ଼ିଂ କରିଥିବା ବେଳେ କାନ୍ଧରେ ଆଘାତ ପାଇଥିଲେ। ତେବେ ସେ ଏହି ନିର୍ଣ୍ଣାୟକ ମ୍ୟାଚ୍ ପୂର୍ବରୁ ଠିକ୍ ହୋଇଯାଇଥିବେ ବୋଲି କୋହଲି ଆଶା ପ୍ରକାଶ କରିଛନ୍ତି। ଶୁକ୍ରବାର ବ୍ୟାଟିଂ କରୁଥିବା ବେଳେ ଧାୱନ ମଧ୍ୟ ପ୍ୟାଟ୍ କୁମିନ୍ସଙ୍କ ବାଉନ୍ସରରେ ଆହତ ହୋଇଥିଲେ। ରୋହିତ ଓ ଧାୱନଙ୍କ ଆହତ ହେବା ଭାରତୀୟ ଟିମ୍ ମ୍ୟାନେଜମେଣ୍ଟର ଚିନ୍ତା ବଢାଇଛି। ଏହି ବ୍ୟାଟ୍ସମ୍ୟାନଙ୍କ ଆଘାତ ସମସ୍ୟାରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେଉଛି। ଏମାନଙ୍କ ଇଞ୍ଜୁରି ସମସ୍ୟାକୁ ନିରୀକ୍ଷଣ କରାଯାଉଛି। ତେବେ ମ୍ୟାଚ୍ ଠିକ୍ ପୂର୍ବରୁ ଏମାନେ ଖେଳିବେ କି ନା ସେ ନେଇ ଅନ୍ତିମ ନିଷ୍ପତ୍ତି ନିଆଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ସ୍ଥାନରେ ମନୀଷ ପାଣ୍ଡେଙ୍କୁ ଦ୍ୱିତୀୟ ଦିନିକିଆରେ ଖେଳିବାର ସୁଯୋଗ ମିଳିଥିଲା। ତେବେ ଯଦି ପନ୍ତ ଫିଟ୍ ଥିବେ ସେ ତୃତୀୟ ଦିନିକିଆ ଖେଳିବେ କି ନା ତାହା ଦେଖିବାକୁ ବାକି ରହିଲା।

୫ ନମ୍ବରରେ ରାହୁଲ ଜବରଦସ୍ତ ବ୍ୟାଟିଂ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରାହୁଲଙ୍କ ସଫଳତା ଦଳରେ ନୂଆ ସନ୍ତୁଳନ ଆଣିଛି। ଜଣେ ସ୍ପେଶାଲିଷ୍ଟ ଓପନର ହୋଇଥିଲେ ମଧ୍ୟ ରାହୁଲ ନୂଆ ସ୍ଥାନରେ ବ୍ୟାଟିଂ କରି ୧୫୦ରୁ ଊର୍ଦ୍ଧ୍ୱ ଷ୍ଟ୍ରାଇକ ରେଟ୍‌ରେ ରନ ସଂଗ୍ରହ କରିଥିଲେ। ଗତ ମ୍ୟାଚ୍‌ରେ ମଧ୍ୟ ସେ ୩ ନମ୍ବରରେ ବ୍ୟାଟିଂ କରିଥିଲେ। ତେଣୁ ଏହା ଭାରତ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିଛି।

ଅପରପକ୍ଷରେ ପରାସ୍ତ ହୋଇଥିଲେ ମଧ୍ୟ ଅଷ୍ଟ୍ରେଲିଆ ଦଳରେ କୌଣସି ପରିବର୍ତ୍ତନ କରିବ ନାହିଁ ବୋଲି ଆଶା କରାଯାଉଛି। ଅଷ୍ଟ୍ରେଲିଆ ଭଲ ଚେଜ୍ କରିଥିଲ। ତେବେ କୁଲଦୀପ ସ୍ମିଥ୍ ଓ କାରେଙ୍କୁ ଆଉଟ କରିବା ପରେ କଥା ଅଲଗା ହୋଇଥିଲା। ଶେଷ ଆଡକୁ ଅଷ୍ଟ୍ରେଲିଆ ହାତରୁ ମ୍ୟାଚ୍ ଖସି ଯାଇଥିଲା। ଇନ୍‌ଫର୍ମ ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସେନ ନିଜ ପ୍ରଥମ ଦିନିକିଆ ଇନିଂସରେ ଭଲ ଖେଳିଥିଲେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସମୟରେ ଆଉଟ ହୋଇଥିଲେ। ବୋଲିଂରେ ମିଚେଲ ଷ୍ଟାର୍କ ୧୦ ସଭରରେ ୭୮ ରନ ବ୍ୟୟକରି ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ପ୍ୟାଟ୍ କୁମିନ୍ସ ମଧ୍ୟ ମହଙ୍ଗ ସାବ୍ୟସ୍ତ ହୋଇଥିଲେ। ସ୍ପିନର ଆଡାମ ଜାମ୍ପା ଦିନିକିଆ ପଞ୍ଚମଥର ପାଇଁ କୋହଲିଙ୍କ ଆଉଟ କରି ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି। ତେବେ ବାମହାତୀ ସ୍ପିନର ଆଷ୍ଟନ ଅଗର ସେତେଟା ପ୍ରଭାବୀ ସାବ୍ୟସ୍ତ ହୋଇ ନ ଥିଲେ। ତେବେ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ସେ ପ୍ରଦର୍ଶନରେ ଉନ୍ନତି ଆଣିବେ ବୋଲି ଆଶା କରାଯାଉଛି। ରବିବାର ଏହି ନିର୍ଣ୍ଣାୟକ ମ୍ୟାଚ ରୋମାଞ୍ଚକ ହେବ ଓ ଦର୍ଶକ ଏହାର ମଜାନେବେ ବୋଲି ଆଶା କରାଯାଉଛି।



ଭାରତୀୟ ଦଳର ଖେଳାଳିମାନେ।

## ଅନ୍ତିମ ଦିନିକିଆ ଆଜି

- ଭାରତୀୟ ଦଳ: ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, କେଦାର ଯାଦବ, ଶିବମ ଦୁବେ, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ନବଦୀପ ସଇନି, ଯଶପ୍ରୀତ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର ଓ ମହମ୍ମଦ ସାମି।
- ଅଷ୍ଟ୍ରେଲିଆ ଦଳ: ଆରୋନ ଫିଞ୍ଚ୍ (ଅଧିନାୟକ), ଆଲେକ୍ସ କାରେ (ଉଇକେଟକିପର), ପାଟ୍ରିକ କୁମିନ୍ସ, ସିନ୍ ଆବୋଟ, ଆଷ୍ଟନ ଅଗର, ପିଟର ହ୍ୟାଣ୍ଡ୍‌ସକମ୍ବ, ଜୋଶ ହାଜେଲଉଡ, ମାର୍ନସ ଲାବୁସେନ, କେନ ରିଚାର୍ଡ୍‌ସନ, ଷ୍ଟିଭ ସ୍ମିଥ୍, ମିଚେଲ ଷ୍ଟାର୍କ, ଆଷ୍ଟନ ଟର୍ନର, ଡେଭିଡ ୱାର୍ନର ଓ ଆଡାମ ଜାମ୍ପା।

| ମ୍ୟାଚ୍ ଆରମ୍ଭ | ସ୍ଥାନ | ପ୍ରସାରଣ |
|---|---|---|
| ଅପରାହ୍ଣ ୧.୩୦ | ବେଙ୍ଗାଲୁରୁ | ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ |

# ଆଜିଠାରୁ ଓଡ଼ିଶା–ଜମ୍ମୁ କଶ୍ମୀର ମ୍ୟାଚ୍

**କଟକ ଅଫିସ, ୧୮।୧:** ଡ୍ରିମ୍ସ ଗ୍ରାଉଣ୍ଡରେ ରବିବାରଠାରୁ ଓଡ଼ିଶା ଓ ଜମ୍ମୁ କଶ୍ମୀର ମଧ୍ୟରେ ରଣଜୀ ଟ୍ରଫି ମ୍ୟାଚ୍ ଆରମ୍ଭ ହେବ। ଏହି ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଖେଳାଯିବାର କାର୍ଯ୍ୟସୂଚୀ ରହିଥିଲା। କିନ୍ତୁ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଏଠାରେ କାର୍ଯ୍ୟକ୍ରମ ଥିବାରୁ ମ୍ୟାଚ୍‌କୁ ଶେଷ ମୁହୂର୍ତ୍ତରେ ଡ୍ରିମ୍ସକୁ ସ୍ଥାନାନ୍ତରିତ କରାଯାଇଛି। ଚଳିତ ସିଜିନରେ ଓଡ଼ିଶା ଡ୍ରିମ୍ସରେ ଦୁଇଟି ମ୍ୟାଚ ଖେଳିସାରିଛି, ଯେଉଁଥିରେ ଦୁଇଟି ଯାକରେ ଘରୋଇ ଦଳ ବିଜୟୀ ହୋଇଛି। ଓଡ଼ିଶା ବିଜୟଧାରା ବଜାୟ ରଖିବାକୁ ଚେଷ୍ଟା କରିବ ବୋଲି ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି କହିଛନ୍ତି। ଗତ ଦୁଇଟି ଯାକ ମ୍ୟାଚ୍‌ରେ ଓଡ଼ିଶାର ପେସ୍ ବୋଲରମାନେ ସଫଳତା ପାଇଥିଲେ। ଜମ୍ମୁ ଓ କଶ୍ମୀର ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ପେସରଙ୍କ ଉପରେ ଦଳ ଭରସା

### ରଣଜୀ ଟ୍ରଫି

ରଖିବ ବୋଲି ଶୁଭ୍ରାଂଶୁ କହିଛନ୍ତି।

ଚଳିତ ସିନରେ ଓଡ଼ିଶା ଏବଂ ଜମ୍ମୁ ଓ କଶ୍ମୀର ୫ଟି ଲେଖାଏ ମ୍ୟାଚ୍ ଖେଳି ଉଭୟ ଦଳ ସମାନ ଫଳାଫଳ ହାସଲ କରିଛନ୍ତି। ୪ଟି ବିଜୟ ଓ ଗୋଟିଏ ଡ୍ର ବଳରେ ଓଡ଼ିଶା ୨୮ ପଏଣ୍ଟ ହାସଲ କରି ଏଲିଟ ଗ୍ରୁପ–ସି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛି। ସେହିଭଳି ଜମ୍ମୁ ଓ କଶ୍ମୀର ସେହି ସମାନ ଗ୍ରୁପ୍‌ରେ ୨୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ରଣଜୀ ଟ୍ରଫିରେ ଜମ୍ମୁ ଓ କଶ୍ମୀର ଏବଂ ଓଡ଼ିଶା ମୋଟ୍ ୩ଥର ସାମ୍ନାସାମ୍ନି ହୋଇଛନ୍ତି। ଦୁଇଟି ମ୍ୟାଚ୍ ଓଡ଼ିଶା ବିଜୟୀ ହୋଇଥିବା ବେଳେ ଗୋଟିଏ ଡ୍ର ରହିଥିଲା। ଫଳରେ ଓଡ଼ିଶାର ପଲା ଭାରି ରହିଛି। ଅନ୍ୟପକ୍ଷରେ ପରଭେଜ ରସୁଲଙ୍କ ନେତୃତ୍ୱାଧୀନ ଜମ୍ମୁ ଓ କଶ୍ମୀର ଚଳିତ ସିଜନରେ ଚମତ୍କାର ପ୍ରଦର୍ଶନ ଜାରି ରଖିଛି। ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ଭଳି ଶକ୍ତିଶାଳୀ ଦଳକୁ ପରାସ୍ତ କରିସାରିଛି। ଉତ୍ତରାଖଣ୍ଡ ବିପକ୍ଷରେ ଜମ୍ମୁ ଓ କଶ୍ମୀର ୨୫୩ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଥିଲା। ବର୍ଷା ଓ ପାଗ ଖରାପ ଯୋଗୁ ଖେଳରେ ପ୍ରଭାବ ପଡ଼ିବା ସହ ଆସାମ ବିପକ୍ଷ ମ୍ୟାଚ୍ ଡ୍ର ରହିଥିଲା। କ୍ୱାର୍ଟର ଫାଇନାଲ ନିମନ୍ତେ ମୁକାବିଲା ଜୋରଦାର ହୋଇ ସାରିଥିବା ଯୋଗୁଁ ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ଜମ୍ମୁ ଓ କଶ୍ମୀର ବିଜୟ ହାସଲ କରିବାକୁ ଚେଷ୍ଟା କରିବ। ଅନ୍ୟପକ୍ଷରେ ସୂର୍ଯ୍ୟକାନ୍ତ ପ୍ରଧାନ, ରାଜେଶ ମହାନ୍ତି ଓ ବସନ୍ତ ମହାନ୍ତିଙ୍କ ପ୍ରଭାବଶାଳୀ ପେସ୍ ବୋଲିଂ ଚଳିତ ସିଜନରେ ବଜାୟ ରହିଛି। ଘରୋଇ ପରିବେଶରେ ଏହି ୩ ପେସ୍ ତାରକା ପୂର୍ବରୁ ଓଡ଼ିଶାକୁ ଜିତାଇବାରେ ସହାୟକ ହୋଇଛନ୍ତି। ଜମ୍ମୁ ଓ କଶ୍ମୀର ବିପକ୍ଷରେ ଓଡ଼ିଶା ମଧ୍ୟ ଏହି ତିନି ପେସ୍ ବୋଲରଙ୍କୁ ଭରସା କରିବ। ଅନ୍ୟପକ୍ଷରେ ବ୍ୟାଟିଂ ଲାଇନଅପ୍‌ରେ ଘରୋଇ ଓଡ଼ିଶା ସାମାନ୍ୟ ପରିବର୍ତ୍ତନ କରିବ ବୋଲି ଜଣାପଡ଼ିଛି।



ବସନ୍ତ ମହାନ୍ତି

# ଶୀର୍ଷକୁ ଉଠିଲା ଏଟିକେ

**କୋଲକାତା, ୧୮।୧ (ପି.ଟି.):** ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍ଏଲ୍)ରେ ଶନିବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଏଟିକେ ୨–୦ ଗୋଲରେ ଏଫ୍‌ସି ଗୋଆକୁ ପରାସ୍ତ କରିଛି। ସ୍ଥାନୀୟ ସଲ୍ଟ ଲେକ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ପ୍ରାରମ୍ଭରୁ ପ୍ରୀତମ୍ କୋଟାଲ (୪୭ତମ ମିନିଟ୍)ଙ୍କ ହେଡ୍ ବଳରେ ଘରୋଇ ଦଳ ୧–୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ଏହାପରେ ମ୍ୟାଚ୍ ଶେଷ ହେବାକୁ ଆଉ ୨ ମିନିଟ୍ ରହିଥିବାବେଳେ ଜୟେସ ରାନେ (୮୮ତମ) ଆଉ ଏକ ଗୋଲଦେଇ ଏଟିକେକୁ ୨–୦ ଗୋଲରେ ଜିତାଇଥିଲେ। ଚଳିତ ସିଜନରେ ଅନୁଷ୍ଠିତ ପ୍ରଥମ ଲେଗ୍ ମ୍ୟାଚ୍‌ରେ ଏଫ୍‌ସି ଗୋଆ ୨–୧ ଗୋଲରେ ଏଟିକେକୁ ପରାସ୍ତ କରିଥିଲା। ତେଣୁ ଏହି ବିଜୟ ସହ ଏଟିକେ ପ୍ରତିଶୋଧ ନେଇଛି। ତ୍ରୟୋଦଶ ମ୍ୟାଚ୍‌ରୁ ୭ମ ବିଜୟ ସହ ଏଟିକେ ୨୪ ପଏଣ୍ଟ ପାଇ ଟେବୁଲ ଶୀର୍ଷକୁ ଉଠିଛି। ସେହି ସମାନ ସଂଖ୍ୟକ ମ୍ୟାଚ୍ ଖେଳି ଗୋଆ ୨୪ ପଏଣ୍ଟ ପାଇଥିଲେ ମଧ୍ୟ ଗୋଲ ବ୍ୟବଧାନ ଦୃଷ୍ଟିରୁ ୨ୟ ସ୍ଥାନରେ ରହିଛି।

# ପଡ଼ିଆ ବାହାର କଥା

ବାଇଚୁଙ୍ଗ ଭୂଟିଆ

ଚଳିତ ହିରୋ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ପଡ଼ିଆ ବାହାରେ ବଡ଼ ବଡ଼ କଥା ଦେଖିବାକୁ ମିଳୁଛି। ତନ୍ମଧ୍ୟରେ ମୁମ୍ବାଇ ସିଟି ଏଫ୍‌ସିର ପ୍ରମୁଖ ଅଂଶଧନ ମାଞ୍ଚେଷ୍ଟର ସିଟି କ୍ରୟ କରିବା। କୋଲକାତାରେ ମୋହନବାଗାନ ଓ ଏଟିକେ ଫୁଟ୍‌ବଲ କ୍ଲବର ମିଶ୍ରଣ ଅନ୍ୟତମ। ଏହି ଘଟଣାକୁ ନେଇ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଇଏସ୍ଏଲର ଦ୍ୱିତୀୟ ସିଜନ ବେଳେ ମୁଁ ଏଟିକେର ଉପଦେଷ୍ଟା ଭାବେ କାର୍ଯ୍ୟ କରୁଥିଲି। ସେତେବେଳେ ଏହି କ୍ଲବ ୟୁରୋପର ଏକ ଟପ୍ କ୍ଲବ ସହିତ ଚୁକ୍ତି କରିବା ଲାଗି ବିଚାର ଚଳାଇଥିଲା। ମାତ୍ର ମୁଁ କ୍ଲବର ମାଲିକ ସଞ୍ଜୀବ ଗୋଏଙ୍କାଙ୍କୁ ମୋହନ ବାଗାନ କ୍ଲବ ନାମ ପ୍ରସ୍ତାବ ଦେଇଥିଲି। କାରଣ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ମୋହନବାଗାନ ଭଳି ଦେଶର ଅନ୍ୟତମ ପୁରାତନ ଫୁଟ୍‌ବଲ କ୍ଲବ ପୁଞ୍ଜିନିବେଶକାରୀ ଓ କ୍ରେତା ସନ୍ଧାନରେ ଥିଲା। ସେତେବେଳେ ପ୍ରାଥମିକ କଥାବର୍ତ୍ତା ହୋଇଥିଲା, ମାତ୍ର ନିଷ୍ପତ୍ତି ହୋଇପାରି ନ ଥିଲା। ଏବେ ଦୁଇ କ୍ଲବର ମିଶ୍ରଣ ଘଟିଛି। ବର୍ତ୍ତମାନ କ୍ଲବର ନାମ କ'ଣ ରଖାଯିବା ଉଚିତ୍ ସେ ନେଇ ନାନା ମତ ରହିଛି। ମୋହନ ବାଗାନ କ୍ଲବର କେବଳ କୋଲକାତା ନୁହେଁ ସମଗ୍ର ଭାରତ ବର୍ଷରେ ବହୁ ପ୍ରଶଂସକ ରହିଛି। ଏଟିକେ ଏ କ୍ଷେତ୍ରରେ ବହୁ ପଛରେ ରହିଛି। ତେବେ ପରିଚାଳନା ଦୃଷ୍ଟିରୁ ବର୍ଷକ ମଧ୍ୟରେ ଦେଶର ଅନ୍ୟତମ ଶ୍ରେଷ୍ଠ କ୍ଲବରେ ପରିଣତ ହୋଇ ପାରିଛି। ଭଲ ପ୍ରଦର୍ଶନ କରିଆସୁଥିଲେ ମଧ୍ୟରେ ଏହାର ଯଥେଷ୍ଟ ପ୍ରଶଂସକ ହୋଇ ପାରିନାହାନ୍ତି। ଦୁଇ କ୍ଲବର ମିଶ୍ରଣ ପରେ ଯଦିଓ କ୍ଲବର ନାମ ଏଟିକେ ମୋହନବାଗାନ ରଖାଯାଇଛି, ଏହାର ନାମ ମୋହନବାଗାନ ଏଟିକେ ରଖାଗଲେ ଅନେକ ଫୁଟ୍‌ବଲ ପ୍ରେମୀଙ୍କ ଦ୍ୱାରା ଅପେକ୍ଷାକୃତ ଗ୍ରହଣୀୟ ହୋଇପାରିବ। ଯାହାବି ହେଉ ଭାରତୀୟ ଫୁଟ୍‌ବଲର ଉନ୍ନତି ପ୍ରତି ଧ୍ୟାନ ଦିଆଯିବା ଉଚିତ୍। ମୁଁ ଆଶା କରୁଛି ଦୁଇ ଦଳ ପୃଥକ୍ ପୃଥକ ନାମରେ ନୁହେଁ ଗୋଟିଏ ଦଳ ହୋଇ ଖେଳିବା ଉଚିତ। ତା' ନ ହେଲେ ଖେଳପ୍ରେମୀମାନେ ଦ୍ୱନ୍ଦ୍ୱରେ ପଡ଼ିବେ।

–(ଗେମ୍‌ପ୍ଲାନ୍)

#WhatDrivesYou
EXIDE

# ନ୍ୟୁଜିଲାଣ୍ଡ ଟୁର୍ ପାଇଁ ଆଜି ଦଳ ଚୟନ



ଲୋକେଶ ରାହୁଲ



ହାର୍ଦ୍ଦିକ ପାଣ୍ଡ୍ୟା

ବେଙ୍ଗାଲୁରୁ, ୧୮।୧ (ପି.ଟି.)

ଚଳିତ ମାସ ଶେଷ ସପ୍ତାହରେ ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ଭାରତୀୟ କ୍ରିକେଟ୍ ଦଳ ଏକ ସମ୍ପୂର୍ଣ୍ଣ ଦ୍ୱିପାକ୍ଷିକ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି। ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ଲାଗି ପୂର୍ବରୁ ଭାରତୀୟ ଦଳ ଘୋଷିତ ହୋଇସାରିଛି। ବଳକା ଥିବା ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ଓ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ରବିବାର ଭାରତୀୟ ଦଳ ଘୋଷଣା ହେବ। ଏଠାରେ ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତିମ ତଥା ୩ୟ ଦିନିକିଆ ଅବସରରେ ଚୟନ କମିଟି ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ଓ ଟେଷ୍ଟ ସିରିଜ ଲାଗି ଭାରତୀୟ ଦଳ ଘୋଷଣା କରିବେ ବୋଲି ଜଣାପଡ଼ିଛି।

ଅଷ୍ଟ୍ରେଲିଆ ବିପକ୍ଷ ଚଳିତ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଲୋକେଶ ରାହୁଲ ପୁଣିଥରେ ଟେଷ୍ଟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ରହିଛି। ଟି୨୦ ଓ ଦିନିକିଆ କ୍ରିକେଟ୍‌ରେ ରାହୁଲ ଭାରତ ପାଇଁ ଜଣେ ଶ୍ରେଷ୍ଠ ଖେଳାଳିଭାବେ ନିଜକୁ ପ୍ରତିପାଦିତ କରିପାରିଛନ୍ତି। କିନ୍ତୁ ଅଷ୍ଟ୍ରେଲିଆ ବିପକ୍ଷ ଗତ ଟୁର୍‌ରେ ଖରାପ ପ୍ରଦର୍ଶନ ଲାଗି କ୍ରିକେଟ୍‌ର ସବୁଠାରୁ ଲମ୍ବା ଫର୍ମାଟ୍ ଟେଷ୍ଟରେ ସେ ନିଜର ସ୍ଥାନ ହରାଇଥିଲେ। ତେବେ ନିକଟରେ ଅଧିନାୟକ ବିରାଟ କୋହଲିଙ୍କ ପ୍ରଶଂସା ରାହୁଲଙ୍କୁ ଟେଷ୍ଟ ଦଳରେ ସ୍ଥାନ ମିଳିବାର ସଙ୍କେତ ଦେଇଛି। ଉଦୀୟମାନ ଦ୍ରୁତ ବୋଲର ନବଦୀପ ସଇନିଙ୍କୁ ମଧ୍ୟ ରେଡ୍ ବଲ କ୍ରିକେଟ୍‌ରେ ସୁଯୋଗ ମିଳିପାରେ।

ସେହିଭଳି କିୱି ଦଳ ବିପକ୍ଷ ଦିନିକିଆ ଲାଗି ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନାମ ବିଚାରକୁ ନିଆଯାଇପାରେ। କିନ୍ତୁ ଚୟନକର୍ତ୍ତାମାନେ ତାଙ୍କ ଫିଟ୍‌ନେସ ଉପରେ ପ୍ରଥମେ ଦୃଷ୍ଟି ଦେବାର ସମ୍ଭାବନା ରହିଛି। ନିକଟରେ ବୋଲିଂ ଟେଷ୍ଟରେ ପାଣ୍ଡ୍ୟା ଫିଟ୍ ନ ହେବାରୁ ନ୍ୟୁଜିଲାଣ୍ଡ ଗସ୍ତ ଲାଗି ଇଣ୍ଡିଆ–ଏ ଦଳରୁ ଓହରି ଯିବାକୁ ତାଙ୍କ ବ୍ୟକ୍ତିଗତ ଟ୍ରେନର ଏସ୍. ରଜନୀକାନ୍ତ ପରାମର୍ଶ ଦେଇଥିଲେ। ଯଦି ପାଣ୍ଡ୍ୟା ଫିଟ୍ ନ ହୁଅନ୍ତି ତେବେ ଘରୋଇ କ୍ରିକେଟ୍‌ର ଅନ୍ୟତମ ବିସ୍ଫୋରକ ଅଲ୍‌ରାଉଣ୍ଡର ସୂର୍ଯ୍ୟକାନ୍ତ ଯାଦବଙ୍କୁ ଚୟନକର୍ତ୍ତାମାନେ ଦଳରେ ନେଇପାରନ୍ତି ବୋଲି ଆଲୋଚନା ହେଉଛି।

### ରାହୁଲ, ପାଣ୍ଡ୍ୟାଙ୍କ ଉପରେ ନଜର



ଟ୍ରଫି ସହ ସାନିଆ ମିର୍ଜା ଓ ନାଡିଆ କିଚେନୋକ।

# ଟାଇଟଲରୁ ସାନିଆଙ୍କ ସିଜନ ଆରମ୍ଭ

**ହୋବାର୍ଟ,୧୮।୧:** ଦୀର୍ଘ ଦୁଇ ବର୍ଷ ପରେ କୋର୍ଟକୁ ଫେରିଥିବା ଭାରତୀୟ ମହିଳା ଟେନିସ ଷ୍ଟାର ସାନିଆ ମିର୍ଜା ତାଙ୍କ ପାର୍ଟନର ନାଡିଆ କିଚେନୋକଙ୍କ ସହ ମିଶି ହୋବାର୍ଟ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟର ମହିଳା ଡବଲ୍ସ ବର୍ଗରେ ଚାମ୍ପିୟନ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ସାନିଆ ଓ ନାଡିଆଙ୍କ ଯୋଡ଼ି ୬–୪, ୬–୪ ସେଟ୍‌ରେ ଚାଇନିଜ ଶୁଆଇ ପେଙ୍ଗ ଓ ଶୁଆଇ ଝାଙ୍ଗ୍‌ଙ୍କୁ ହରାଇ ଦେଇଛନ୍ତି। ପୁଅ ଇଜହାନଙ୍କୁ ଜନ୍ମଦେବା ପରେ ପ୍ରଥମ ଥର ପାଇଁ କୌଣସି ପ୍ରତିଦ୍ୱନ୍ଦ୍ୱିତାମୂଳକ ଟୁର୍ନାମେଣ୍ଟରେ ଖେଳୁଥିବା ୩୩ ବର୍ଷୀୟା ସାନିଆ ଟାଇଟଲ ସହ ଅଲିମ୍ପିକ୍ସ ବର୍ଷ ଆରମ୍ଭ କରିଛନ୍ତି। ଏହା ତାଙ୍କ ୪୨ତମ ଡବ୍ଲ୍ୟୁଟିଏ ଡବଲ୍ସ ଟାଇଟଲ। ୨୦୧୭ରେ ବ୍ରିସ୍‌ବେନ ଇଣ୍ଟରନ୍ୟାଶନାଲ ଟ୍ରଫି ପରେ ଏହା ତାଙ୍କର ପ୍ରଥମ ଟାଇଟଲ। ହୋବାର୍ଟ ଇଣ୍ଟରନ୍ୟାଶନାଲ ଟାଇଟଲ ସହ ସାନିଆ ଓ ନାଡିଆ ୧୩,୫୮୦ ଡଲାର ପୁରସ୍କାର ରାଶି ଓ ୨୮୦ ର୍ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରିଛନ୍ତି।

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ନୀଳକଣ୍ଠ ପଟ୍ଟନାୟକ
ବୀରବନ୍ଧ, ଖୋର୍ଦ୍ଧା
ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ। ଭକ୍ତିପୂର୍ଣ୍ଣ ଶ୍ରଦ୍ଧାସୁମନ ସହ ବନ୍ଧୁ ଓ ପଟ୍ଟନାୟକ ପରିବାରବର୍ଗ ।
ଧ–୬୦୯୫୭

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



✓ ରାଧାଗୋବିନ୍ଦ ସାହୁ
ପୂର୍ବତନ ବିଧାୟକ ତଥା ସମବାୟବିତ୍
ଖଲ୍ଲେଶ୍ୱରୀପାଟଣା, ଆସିକା, ଗଞ୍ଜାମ
ତିରୋଧାନ : ୮–୧–୨୦୨୦
ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମରଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ ।
– ହତଭାଗା
ଶୋକସନ୍ତପ୍ତ ପରିବାର ବର୍ଗ
ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ
ଧ–୧୬୨୭୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ସାବିତ୍ରୀ ଧଳ
କେଶନଗର, ଭାରିଗଦା, ରାଜକନିକା, କେନ୍ଦ୍ରାପଡ଼ା
ଆବିର୍ଭାବ: ୨୯।୦୮।୧୯୪୦
ତିରୋଧାନ: ୨୯।୦୧।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ପୁତ୍ର–ପୁତ୍ରବଧୂ : ଅରୁନ୍–ଶାନ୍ତିଲତା, ଅମିୟ–ନମିତା, ଅକ୍ଷୟ–ମିନଲତା, ଅନୁର୍ଯ୍ୟ, ଝିଅ–ଜ୍ୱାଇଁ: ରବୀନ୍ଦ୍ରନାଥ–କନକଲତା, ପ୍ରକାଶ–ମଧୁସ୍ମିତା, ବିଧାଂଶୁ–ମହେଶ୍ୱେତା, ନାତି–ନାତୁଣୀ: ପବିତ୍ର, ପ୍ରିୟବ୍ରତ, ଅଙ୍କିତା, ଅଭିଷେକ, ଅନିକେତ, ଅଭିନବ ଏବଂ ଶୁଭଶ୍ରୀ, ଦିବ୍ୟଜ୍ୟୋତି, ଦିବ୍ୟ ପ୍ରକାଶ
ଧ–୧୬୧୦୯

### ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ଡାକ୍ତର ପ୍ରାଣବଲ୍ଲଭ ଦାସ
ଆବିର୍ଭାବ: ୧୩।୦୮।୧୯୪୪
ତିରୋଧାନ: ୦୮।୦୧।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ନିଷ୍ଠା, ଧର୍ମପରାୟଣତା ଓ ପରୋପକାରିତା ଆମ ଜୀବନର ପାଥେୟ ହେଉ।
ଶୋକାତୁର ପରିବାର, ବନ୍ଧୁ ଓ ଲଳିତଗିରି ଗ୍ରାମବାସୀ
ଧ–୧୬୨୮୭

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଜାନୁୟାରୀ ୧୯/୨୦୨୦ Bhubaneswar, Sunday, January 19/2020

# ଆନ୍ଦୋଳନରୁ ଓହରିଯିବାକୁ ଆଇନଜୀବୀ ପରିଷଦର ଅନୁରୋଧ

କଟକ ଅଫିସ,୧୮।୧

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ସେଠାରେ ଓକିଲ ଆନ୍ଦୋଳନ ଚାଲିଛି। ମାତ୍ର ଇତିମଧ୍ୟରେ ଓକିଲ ଆନ୍ଦୋଳନକୁ ନେଇ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଯେଉଁ ବାର୍‌ର ଓକିଲମାନେ ଆନ୍ଦୋଳନ ଜାରି ରଖିଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କାର୍ଯ୍ୟାନୁଷ୍ଠାନ ସଦୃଶ ସମ୍ପୃକ୍ତ ଓକିଲମାନଙ୍କର ଲାଇସେନ୍ସ ରଦ୍ଦ କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

**କାର୍ଯ୍ୟାନୁଷ୍ଠାନ ଚେତାବନୀ**

ଏହାକୁ ଆଧାର କରି ଆନ୍ଦୋଳନରତ ଓକିଲମାନଙ୍କୁ ଆନ୍ଦୋଳନରୁ ଓହରିଯିବା ପାଇଁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଅନୁରୋଧ କରାଯାଇଛି। ନଚେତ ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି। ସୂଚନାଥାଉ କି, ସୁପ୍ରିମକୋର୍ଟଙ୍କ ଆଦେଶ ପରେ ପଶ୍ଚିମ ଓଡ଼ିଶାର କେତେକ ବାର୍ ଆନ୍ଦୋଳନରୁ ଓହରିଯାଇଥିବାବେଳେ ଆଉ କେତେକ ବାର୍ ଆନ୍ଦୋଳନ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଯଦି କୌଣସି ବାର୍ ଆନ୍ଦୋଳନରେ ଥାଏ ଏବଂ ଏହାଦ୍ୱାରା ଅଦାଲତ ବନ୍ଦ ରହୁଥାଏ ତେବେ ସମ୍ପୃକ୍ତ ଅଦାଲତର ମାମଲାକୁ ନିକଟସ୍ଥ ଅଦାଲତକୁ ସ୍ଥାନାନ୍ତର କରିବାକୁ ମଧ୍ୟ ସୁପ୍ରିମକୋର୍ଟ କହିଥିଲେ। ଏହି କ୍ରମରେ ହାଇକୋର୍ଟ ଫୁଲ ବେଞ୍ଚରେ ମାମଲା ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ହୋଇଥିଲା। ଏବେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି।




# ୩୦୭ ଦଫା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେବେ ପରବିନ୍ଦର

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ପଞ୍ଜାବୀ ଯୁବକ ପରବିନ୍ଦର ସିଂ ପାଲ୍‌ଙ୍କୁ ପୋଲିସ ସମ୍ମୁଖରେ ସଂଘବଦ୍ଧ ଆକ୍ରମଣ ଘଟଣାକୁ ନେଇ ସମାଲୋଚନାର ଶିକାର ହୋଇଛି କମିଶନରେଟ ପୋଲିସ। କୋହଳ ଦଫା ଲଗାଯିବାରୁ ଗିରଫ ୩ ଅଭିଯୁକ୍ତ ଦୀପକ ଜେନା, ଶଙ୍କର ରାଉତ ଓ ଦୀପକ ମହାନ୍ତି କେଇଘଣ୍ଟାରେ ଜାମିନରେ ମୁକୁଳିଗଲେ। ପୋଲିସ ଚାପରେ ଏପରି କାର୍ଯ୍ୟ କରିଥିବା ଚର୍ଚ୍ଚା ଓ ଅଭିଯୋଗ ହେଉଥିବାବେଳେ ରାତି ଅଧରେ ବିଧାୟକ, ଜଣେ ବରିଷ୍ଠ ପୋଲିସ ଅଧିକାରୀ ଓ ଅନ୍ୟ ଦୁଇଜଣ ପରବିନ୍ଦରଙ୍କ ଘର କବାଟ ବାଡ଼େଇବା ଏଭଳି ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଘଟଣା ସହ ରାଜନୈତିକ ଓ ପୋଲିସର ଲିଙ୍କ୍ ପଦାକୁ ଆସିବା ପରେ କମିଶନରେଟ ପୋଲିସ ବିବାଦକୁ ଟାଣିହୋଇଯାଇଛି। ଏପରିସ୍ଥଳେ ଭୁବନେଶ୍ୱରରେ ରହୁଥିବା ଶିଖ୍ ସମ୍ପ୍ରଦାୟ ମଧ୍ୟରେ ଅସନ୍ତୋଷର ନିଆଁ ଜଳୁଛି। ଅଭିଯୁକ୍ତଙ୍କ ନାଁରେ ୩୦୭ ଦଫା ଲଗାଇବାକୁ ଦାବି କରି ଶୁକ୍ରବାର ଗୁରୁଦ୍ୱାରଠାରେ ମହମବତି ଶୋଭାଯାତ୍ରା କରାଯାଇଥିଲା। ଶନିବାର

**ପୋଲିସ ସମ୍ମୁଖରେ ପଞ୍ଜାବୀ ଯୁବକଙ୍କୁ ଆକ୍ରମଣ ଘଟଣା**



ପରବିନ୍ଦରଙ୍କ ଓକିଲ ସୁଖ୍‌ବିନ୍ଦର କୌର କହିଛନ୍ତି, ପୋଲିସ ଏଭଳି ଜାଣିଶୁଣି କୋହଳ ଦଫା ଲଗାଇଛି। ପୋଲିସ ନିଜ ଦୋଷ ଘୋଡାଇବାକୁ ଏବେ ମିଛ କହୁଛି। ମାମଲାରେ ୩୦୭ ଦଫା ଯୋଡ଼ିବାକୁ କୋର୍ଟରେ ଆବେଦନ କରାଯିବ। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କୋର୍ଟଙ୍କ ନିକଟରେ ଦାବି ରଖାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଘଟଣାର ୬ଦିନ ପରେ ବି ପରବିନ୍ଦର ଓ ତାଙ୍କ ପରିବାର ସଦସ୍ୟଙ୍କ ମାନସିକ ସ୍ଥିତି ସ୍ୱାଭାବିକ ହୋଇପାରିନି। ପୋଲିସ ଯାହା କରୁଛି ସେଥିରେ ବିଶ୍ୱାସ କିପରି ହେବ? ପୂରା ଘଟଣାକ୍ରମ ମୋ ମନକୁ ଆନ୍ଦୋଳିତ କରୁଛି। ପୋଲିସ ଉପରେ ଭରସା ପାଉନି ବୋଲି ପରବିନ୍ଦର ଦୁଃଖର ସହ କହିଛନ୍ତି।

ସୂଚନାଯୋଗ୍ୟ, ଗତ ମଙ୍ଗଳବାର ଅପରାହ୍ନରେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଭଗବାନ ଟାୱାର ଆପାର୍ଟମେଣ୍ଟ ସମ୍ମୁଖରେ ପରବିନ୍ଦରଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ପିସିଆର୍ ଇନ୍‌ଚାର୍ଜ ସୁବାସ ଚନ୍ଦ୍ର ରାଉତଙ୍କୁ ନିଲମ୍ବିତ କରାଯିବା ସହ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

## ଦଫାକୁ ଠିକ୍ ନ ବୁଝି ଉଦ୍‌ଭ୍ରାନ୍ତ କରାଯାଉଛି: ପୋଲିସ କମିଶନର

ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏକ କାର୍ଯ୍ୟକ୍ରମରେ କହିଛନ୍ତି, ପୋଲିସ ଯାହା ପ୍ରମାଣ ପାଇଥିଲା, ସେହି ଅନୁସାରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଡାକ୍ତରୀ ରିପୋର୍ଟ ଆଧାରରେ ଚାର୍ଜଶିଟ୍ ଦାଖଲ କରାଯାଇଛି। କୋର୍ଟ ଉଭୟ ପକ୍ଷଙ୍କ କଥା ଶୁଣିବେ। କୋର୍ଟ ହୃଦବୋଧ କଲେ ଅଧିକ ଦଫା ଲଗାଇ ପାରନ୍ତି। ଡାକ୍ତରୀ ରିପୋର୍ଟ ନ ଦେଖି ଅଯଥା ମତ ଦେବା ଠିକ୍ ନୁହେଁ। ୩୦୭ ଦଫାକୁ ଠିକ୍ ନ ବୁଝି ଲୋକଙ୍କୁ ଉଦ୍‌ଭ୍ରାନ୍ତ କରାଯାଉଛି। କୋର୍ଟ ଯଦି ବେଲ୍ ଦେଲେ ପୋଲିସକୁ ଦୋଷ ଦେବା ଠିକ୍ କି ବୋଲି କମିଶନର ଷଡ଼ଙ୍ଗୀ କହିଛନ୍ତି।

## ଡିସିପିଙ୍କୁ ଦାବିପତ୍ର, ରାସ୍ତାକୁ ଓହ୍ଲାଇବ ଭାଜପା

ପରବିନ୍ଦରଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଭାଜପା। ଶନିବାର ଭାଜପା ଭୁବନେଶ୍ୱର ଜିଲା ସଭାପତି ହରେକୃଷ୍ଣ ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଡିସିପିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଡିସିପିଙ୍କୁ ଦାବିପତ୍ର ପ୍ରଦାନ କରିଛି। ହରେକୃଷ୍ଣ କହିଛନ୍ତି, ଦିନ ଦ୍ୱିପ୍ରହରରେ ଜଣେ ଶିଖ୍ ସମ୍ପ୍ରଦାୟର ସାଧାରଣ ବ୍ୟକ୍ତିଙ୍କୁ ବିଜୁ ଜନତା ଦଳର ଅସାମାଜିକ ଗୁଣ୍ଡା ଆକ୍ରମଣ କରି ଜୀବନରୁ ମାରି ଦେବାର ପ୍ରୟାସ କରିଛନ୍ତି। ରାଜନୈତିକ ଚାପରେ ଏସିପି ଏତେ ବଡ଼ ଘଟଣାକୁ ପୋଲିସ ହାଲ୍‌କା ଭାବେ ଗ୍ରହଣ କରି କୋହଳ ଦଫା ଲଗାଇଛନ୍ତି। ବିଳମ୍ବିତ ରାତିରେ ପରବିନ୍ଦର ଘରକୁ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଖୋର୍ଦ୍ଧା ଡିଏସ୍‌ପି ଅନୁପ କାନୁନ ଗୋ କ'ଣ ପାଇଁ ଯାଇଥିଲେ? ଏହି ଘଟଣାରେ ସେମାନଙ୍କର ସମ୍ପୃକ୍ତି ଥିବା ଖୁଣ୍ଟିଆ ଅଭିଯୋଗ କରିଛନ୍ତି। ପରବିନ୍ଦରଙ୍କୁ ନ୍ୟାୟ ନ ମିଳିଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ପ୍ରବକ୍ତା ଦିଲୀପ ମହାନ୍ତି, ଜଗନ୍ନାଥ ପ୍ରଧାନ ପ୍ରମୁଖ ଥିଲେ।

## ଚାପରେ ନୁହେଁ, ନିରପେକ୍ଷ ତଦନ୍ତ ହେଉ : ପୂର୍ବତନ ଡିଜିପି

ଘଟଣାକୁ ନେଇ ପୂର୍ବତନ ପୋଲିସ ଡିଜି ପ୍ରକାଶ ମିଶ୍ର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ନିଜ ଟୁଇଟର ଆକାଉଣ୍ଟରେ ପ୍ରକାଶ ଲେଖିଛନ୍ତି ଯେ, ପରବିନ୍ଦର ପାଲ ସିଂଙ୍କ ଆକ୍ରମଣ ଘଟଣାକୁ ଦେଖିଲେ ପୂରା ରହସ୍ୟମୟ ଲାଗୁଛି। ଘଟଣା ଧୀରେ ଧୀରେ ଆହୁରି ରହସ୍ୟ ଭିତରକୁ ଚାଲିଯାଉଛି। ପୋଲିସ ଚାପରେ ନ ଆସି ଘଟଣାର ନିରପେକ୍ଷ ତଦନ୍ତ କରି ସାଧାରଣ ଲୋକଙ୍କ ମନରେ ସୃଷ୍ଟି ହୋଇଥିବା ଆଶଙ୍କାକୁ ଶୀଘ୍ର ଦୂର କରନ୍ତୁ ବୋଲି ସେ ଉଲ୍ଲେଖ କରିଛନ୍ତି।

## ଅନ୍ୟମାନଙ୍କୁ ଧରିବାକୁ ହାତ ଯାଉନି

ଘଟଣାକୁ ନେଇ କମିଶନରେଟ ପୋଲିସର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆକ୍ରମଣ ଘଟଣାରେ ୭ରୁ ୮ଜଣ ସମ୍ପୃକ୍ତ ଥିଲେ ମଧ୍ୟ ପୋଲିସ କେବଳ ୩ଜଣଙ୍କୁ ଗିରଫ କରି ବସି ପଡିଛି। ଅନ୍ୟମାନଙ୍କୁ ଗିରଫ କରିବାକୁ ପୋଲିସର ହାତ ଯାଉ ନ ଥିବାରୁ ପୂର୍ବରୁ ଗିରଫ ହୋଇଥିବା ଯୁବକମାନେ ପ୍ରକୃତ ଅଭିଯୁକ୍ତ କି ନୁହେଁ, ତାହାକୁ ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି। ଯେଉଁମାନଙ୍କୁ ଗିରଫ କରାଗଲା ବୋଲି ଦର୍ଶାଯାଇଛି, ସେମାନଙ୍କ ବଦଳରେ ଅନ୍ୟ କେତେଜଣଙ୍କୁ ମୁହଁଘୋଡ଼ାଇ କୋର୍ଟରେ ହାଜର କରାଯାଇଥିବା ମଧ୍ୟ ଅଭିଯୋଗ ଉଠୁଛି। ଶୁକ୍ରବାର ମଧ୍ୟ ପୋଲିସର କାର୍ଯ୍ୟଧାରାକୁ ନେଇ ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାସ ପ୍ରଶ୍ନ କରିଥିଲେ।




# ଗାନ୍ଧୀ ପାର୍କରେ ଆକର୍ଷଣୀୟ ଫୁଲର ସମ୍ଭାର

**ଦୁଇଦିନିଆ ପୁଷ୍ପ ପ୍ରଦର୍ଶନୀ ଆରମ୍ଭ**

ପୁରୀ ଅଫିସ, ୧୮।୧

ଭଳିକି ଭଳି ଫୁଲର ସମ୍ଭାରରେ ବେଶ୍ ଆକର୍ଷଣୀୟ ଲାଗୁଛି ଗାନ୍ଧୀ ପାର୍କ। ପାର୍କକୁ ଯେଉଁମାନେ ବୁଲି ଆସିଥିଲେ ସେମାନେ ରଙ୍ଗ ବେରଙ୍ଗର ଫୁଲ ଦେଖି ଅଟକି ଯାଉଥିଲେ। କେହି କେହି ଫୁଲଗୁଡ଼ିକୁ ନିରିଖେଇ ତା'ର ସୌନ୍ଦର୍ଯ୍ୟକୁ ଉପଭୋଗ କରୁଥିଲେ ତ ଆଉ କେହି ମୋବାଇଲରେ ଫୁଲ ସହିତ ନେଉଥିଲେ ସେଲ୍‌ଫି। ଛୋଟ ପିଲାମାନେ ଫୁଲ କୁଣ୍ଡ ଚାରିପାଖରେ ଦୌଡ଼ି ଦୌଡ଼ି ଖୁସି ମନାଉଥିଲେ। ଶନିବାର ଅପରାହ୍ନରେ ଗାନ୍ଧୀ ପାର୍କରେ ଏମିତି ଦୃଶ୍ୟ ଦେଖିବାକୁ ମିଳିଥିଲା। ନେଚର ଲଭର୍ସ କ୍ଲବ ପକ୍ଷରୁ ଗାନ୍ଧୀ ପାର୍କରେ ଆରମ୍ଭ ହୋଇଛି ଦୁଇଦିନିଆ ପୁଷ୍ପ ପ୍ରଦର୍ଶନୀ। ଏହାକୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରିବା ସହ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏମିତି ପ୍ରଦର୍ଶନୀ ଫୁଲକୁ ଭଲ ପାଉଥିବା ଲୋକଙ୍କୁ ଅଧିକ ପ୍ରେରଣା ଦେବ। ତେଣୁ ବିଭିନ୍ନ ସ୍ଥାନରେ ଆୟୋଜନ ହେବା ଦରକାର ବୋଲି ଅତିରିକ୍ତ ଜିଲାପାଳ ସାହୁ କହିଥିଲେ।

ଏହି ପ୍ରଦର୍ଶନୀରେ ଗୋଲାପ, ସୂର୍ଯ୍ୟମୁଖୀ, ଡାଲିଆ, ଜିନିଆ, ଗେଣ୍ଡୁ, ଜରବେରା, ସାଲ୍‌ଭିଆ, ସେଲୋସିଆ, ଅର୍କିଡ ଆଦି ବିଭିନ୍ନ ଫୁଲ ରହିଛି। ଏଥିରେ ଭାଗ ନେଇଥିବା ପ୍ରତିଯୋଗୀମାନେ ଠାଏ ଠାଏ ଫୁଲଗଛକୁ ସଜାଇ ରଖିଛନ୍ତି। ସତେ ଯେମିତି ଫୁଲ ବଗିଚା ଭଳି ଲାଗୁଛି। ବାସ୍ନାରେ ମହକି ଉଠୁଛି ପରିବେଶ। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ କିଛିକ୍ଷଣ ଫୁଲର ପ୍ରେମରେ ମଜିଯାଉଛନ୍ତି। କଂକ୍ରିଟ ଯୁଗରେ ଫୁଲବଗିଚା ଆଉ ଏତେଟା ଦେଖିବାକୁ ମିଳୁ ନ ଥିବାବେଳେ ଏଭଳି ମନୋରମ ଦୃଶ୍ୟ ସମସ୍ତଙ୍କୁ ଦେଉଛି ଭିନ୍ନ ଅନୁଭୂତି। ରବିବାର ଏହା ଉଦ୍‌ଯାପିତ ହେବ। ଚାମ୍ପିୟନ, ରନର୍ସଅପ୍ ଏବଂ ଗୋଲାପ ଫୁଲ ବିଭାଗରେ କୁଇନ୍ ଫ୍ଲାୱାର ଚୟନ କରାଯାଇ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି।


ଗାନ୍ଧୀ ପାର୍କରେ ଲାଗିଥିବା ୱାଟର ଫାଉଣ୍ଟେନ।


ପୁଷ୍ପ ପ୍ରଦର୍ଶନୀରେ ଲୋକଙ୍କ ଭିଡ଼।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ପାୱାରଟିଲର ଓଲଟି ଚାଳକ ମୃତ

**ନିଶ୍ଚିନ୍ତକୋଇଲି,୧୮।୧(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ଥାନା କଟିକଟା ପଞ୍ଚାୟତ ଅନ୍ତର୍ଗତ ଆୟନ୍ଦା ମୌଜାରେ ଶନିବାର ଜଣେ ପାୱାର ଟିଲର ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ପଞ୍ଚାୟତ ଅନ୍ତର୍ଗତ ପାଟସୁରା ଗ୍ରାମର ଅନନ୍ତକାଣ୍ଡିଙ୍କ ପୁଅ ପ୍ରଦୀପ୍ତ କାଣ୍ଡି (୩୫)। ସେ ଅପରାହ୍ନରେ ଆୟନ୍ଦା ମୌଜାର ଏକ ବିଲରେ ଚାଷ କରି ପାୱାରଟିଲର ବୁଲାଇ ୯ନଂ କେନାଲ ବନ୍ଧକୁ ଉଠୁଥିଲେ। ଏହି ସମୟରେ ପାୱାର ଟିଲର ତାଙ୍କ ଉପରେ ଓଲଟି ପଡ଼ିଥିଲା। ଫଳରେ ସେ ଚାପି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଭାଜପା ରାଜ୍ୟ ସଭାପତିଙ୍କୁ ସମ୍ବର୍ଦ୍ଧନା

**କଟକସଦର,୧୮।୧(ଡି.ଏନ୍.ଏ.):** କଟକସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କନ୍ଦରପୁର ଠାରେ ଶନିବାର ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭାଜପା ନେତା ଦିଲ୍ଲୀପ ମଲ୍ଲିକ, ହୃଷୀକେଶ ଜେନା, ଗୋକୁଳ ପ୍ରଧାନ, ଅଭୟ ସ୍ୱାଇଁ, ବନମାଳୀ ରାଉତ ପ୍ରମୁଖ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଉପସ୍ଥିତ ଥିଲେ।

### ବ୍ରହ୍ମାବାବାଙ୍କ ସ୍ମୃତିଚାରଣ

**କଣ୍ଟାପଡ଼ା,୧୮।୧(ଡି.ଏନ୍.ଏ.):** ଫୁଲନଖରା ନିକଟ ଅନନ୍ତପୁର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବିଶ୍ୱଶାନ୍ତି ସରୋବରଠାରେ ପ୍ରଜାପିତା ବ୍ରହ୍ମାବାବାଙ୍କ ୫୧ତମ ଅବ୍ୟକ୍ତ ସ୍ମୃତିଦିବସ ଶନିବାର ପାଳିତ ହୋଇଯାଇଛି। ଜୟଦେବ ବିଧାନସଭା ନିର୍ବାଚନମଣ୍ଡଳୀ ବିଧାୟକ ଅରବିନ୍ଦ ଢ଼ାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଧାତ୍ମିକ ଓ ରାଜଯୋଗର ଉପକାରିତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ରାଜଯୋଗିନୀ ସୁଲୋଚନା ଅତିଥି ପରିଚୟ ପ୍ରଦାନ କରିବା ସହ ବ୍ରହ୍ମାବାବାଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂ. ମୋହନ ଗିରି, ବ୍ରହ୍ମାକୁମାରୀ ପ୍ରତିଭା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

### ରାଜ୍ୟସ୍ତରୀୟ କ୍ରିକେଟ: ଟିଏଫ୍‌ସି ବିଜୟୀ

**ବାଙ୍କୀ,୧୮।୧(ସ୍ୱ.ପ୍ର):** ବାଙ୍କୀ କଚେରି ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଗୋପାଳ ଚ୍ୟାଉ ପଟ୍ଟନାୟକ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ୭ମ ଦିନରେ ଟିଏଫ୍‌ସି ବମିଖାଲ ବିଜୟୀ ହୋଇଛି। ଏହି ମ୍ୟାଚ ଟିଏଫ୍‌ସି ଓ ଖୋର୍ଦ୍ଧା ଅତ୍ରି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟିଏଫ୍‌ସି ଦଳ ଟସ୍ ଜିତି ନିର୍ଦ୍ଧାରିତ ୨୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୨୭ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ଅତ୍ରି ଖୋର୍ଦ୍ଧା ସମସ୍ତ ଉଇକେଟ୍ ହରାଇ ୧୮୪ରନ୍ କରିବାକୁ ସକ୍ଷମ ହୋଇଥିଲା। ମ୍ୟାଚରେ ଟିଏଫ୍‌ସି ଦଳର ଏସ୍.ଆର.ରାୟ ଶ୍ରେଷ୍ଠ ପ୍ରଦର୍ଶନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥି ସଦାଶିବ ଦାଶ ତାଙ୍କୁ ପୁରସ୍କୃତ କରିଥିଲେ। ମ୍ୟାଚକୁ ଶୁଭେନ୍ଦୁ ମିଶ୍ର ଓ ରାଜକିଶୋର ମହାପାତ୍ର ପରିଚାଳନା କରିଥିଲେ।

# ୨୦ ଛାତ୍ର ହାଡ଼ଫୁଟିରେ ଆକ୍ରାନ୍ତ

**ପୋପରା ସେବାଶ୍ରମ**



■ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମନ୍ତ୍ରୀ
■ପରୀକ୍ଷା ପରେ ଔଷଧ ପ୍ରଦାନ କରିଛନ୍ତି ଡାକ୍ତରୀଦଳ

**ଟିଗିରିଆ,୧୮।୧(ଡି.ଏନ୍.ଏ.)**

ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ପଞ୍ଚାୟତର ନୂଆସଡ଼କସ୍ଥିତ ପୋପରା ଆବାସିକ ସେବାଶ୍ରମରେ ୨୦ଜଣ ଛାତ୍ର ହାଡ଼ଫୁଟିରେ ଆକ୍ରାନ୍ତ ହୋଇଛନ୍ତି। ଖବରପାଇ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ମଣ୍ଡଳ ଉନ୍ନୟନ ଅଧିକାରୀ ପରେଶ କୁମାର ନାୟକ ଶନିବାର ପୋପରା ଆଶ୍ରମ ପରିଦର୍ଶନ କରି ଆକ୍ରାନ୍ତ ଛାତ୍ର ଓ ଅନ୍ୟ ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ । ଏଥିସହ ଟିଗିରଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ନରେ ଏକ ଡାକ୍ତରୀଦଳ ସେବାଶ୍ରମକୁ ଆସି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରିଛନ୍ତି। ଏହା ଏକ ବାୟୁଜନିତ ସଂକ୍ରାମକ ରୋଗ ହୋଇଥିବାରୁ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି । ଜିଲା ସମାଜ ମଙ୍ଗଳ ଅଧିକାରୀ ସମସାଦ୍ ଅଖତରୀ ଓ ଟିଗିରିଆ ବ୍ଲକ ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଞ୍ଜୁ ଦେଇ ସେବାଶ୍ରମ ପହଞ୍ଚି ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ପରଖିଛନ୍ତି। ସୂଚନାଯୋଗ୍ୟ, ସେବାଶ୍ରମର ପ୍ରଧାନଶିକ୍ଷୟିତ୍ରୀ ସୁଲୋଚନା ରାଉତ ଗୁରୁବାର ୩, ଶୁକ୍ରବାର ୬ଜଣ ଛାତ୍ରଙ୍କୁ ପର୍ଯ୍ୟାୟକ୍ରମେ ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ହାଡ଼ପୁଟି ଚିକିତ୍ସା କରାଇଥିଲେ। ଏହି ରୋଗରେ ୨୦ ଜଣ ଛାତ୍ର ଆକ୍ରାନ୍ତ ହୋଇଛନ୍ତି ବୋଲି ସେ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ କହିଥିଲେ। ଏନେଇ ସେବାଶ୍ରମରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରିବା ଲାଗି ସେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହି ଚିଠିର ଏକ ନକଲ କଟକ ଜିଲା ମଙ୍ଗଳ ଅଧିକାରୀ, ଆଠଗଡ଼ ଉପଜିଲାପାଳ ଏବଂ ଟିଗିରିଆ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟକୁ ପ୍ରେରଣ କରିଥିଲେ। ମନ୍ତ୍ରୀ ସ୍ୱାଇଁ ଶନିବାର ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଟିଗିରିଆ ଆସିଥିବା ବେଳେ ମଣ୍ଡଳ ଉନ୍ନୟନ ଅଧିକାରୀ ନାୟକ ଏସମ୍ପର୍କରେ ତାଙ୍କୁ ଅବଗତ କରାଇଥିଲେ। ଏହାପରେ ମନ୍ତ୍ରୀ ସେବାଶ୍ରମ ପରିଦର୍ଶନ କରି ପିଲାଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ଗତ କିଛିଦିନ ହେବ ନୂଆସଡକ ଗ୍ରାମର ଆଖପାଖ ପଡା ଗ୍ରାମରେ ହାଡ଼ଫୁଟି ବ୍ୟାପିବାରେ ଲାଗିଛି।



କଟକ କନିକାଛକ ଦେଇ ଯାତ୍ରୀମାନେ ବିପଦସଙ୍କୁଳ ଅବସ୍ଥାରେ ଗନ୍ତବ୍ୟସ୍ଥଳକୁ ଯାଉଛନ୍ତି।

## ଜଗନ୍ନାଥଙ୍କ ଜମିକୁ ନେଇ ଗ୍ରାମରେ ବିବାଦ

**ମାହାଙ୍ଗା, ୧୮।୧(ସ୍ୱ.ପ୍ର.)**

ଜଗନ୍ନାଥଙ୍କ ଜମିକୁ ନେଇ ମାହାଙ୍ଗା ଥାନା ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତର ଉତ୍ତରସାହି ଗ୍ରାମରେ ଶନିବାର ବିବାଦ ସୃଷ୍ଟି ହୋଇଛି। ଏନେଇ ଥାନାରେ ଅଭିଯୋଗ ହୋଇଛି। ଏହି ପଞ୍ଚାୟତରେ ପୁରୀ ଜଗନ୍ନାଥଙ୍କ କିଛି ଜମି ରହିଛି। ଏସବୁ ଜମିରେ ଅନେକ ପରିବାର ଜବରଦଖଲ କରି ରହୁଛନ୍ତି। ଉତ୍ତରସାହି ଗ୍ରାମରେ ରହୁଥିବା ଏକ ପରିବାର ଏହି ସ୍ଥାନର ୧୫ ଡିସିମିଲ ଜାଗାକୁ ଦୀର୍ଘ ବର୍ଷ ହେବ କବ୍‌ଜାରେ ରଖିଛନ୍ତି। ଏନେଇ ସମ୍ପୃକ୍ତ ପରିବାର ପକ୍ଷରୁ ପୁରୀ ଅମୃତଣୋହୀ ଜମିର ଟ୍ରଷ୍ଟ ବୋର୍ଡକୁ ଖଜଣା ଦିଆଯାଉଛି। ଏହି ଜମି ମଧ୍ୟରୁ ୩ ଡିସିମିଲ ଜାଗା ଗ୍ରାମଦେବତୀଙ୍କ ବିଜେସ୍ଥଳୀ ଥିବା ଚକବନ୍ଦୀ ପଟାରେ ଉଲ୍ଲେଖ ରହିଛି।ଏଥିଯୋଗୁ ସମ୍ପୃକ୍ତ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ କିଛି ବର୍ଷ ହେବ ବିବାଦ ଲାଗି ରହିଥିବା ବେଳେ କୋର୍ଟରେ ମାମଲା ଚାଲିଛି। ଶନିବାର ସମ୍ପୃକ୍ତ ପରିବାର ଯାତାୟାତ କରୁଥିବା ବେଳେ କିଛି ଗ୍ରାମବାସୀ ତାଙ୍କ ଘରରାସ୍ତାକୁ ବାଡ ଦେଇ ଅବରୋଧ କରିଥିଲେ। ଏନେଇ ସମ୍ପୃକ୍ତ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା । ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଥିଲା। ମାତ୍ର କୌଣସି ସମସ୍ୟା ସମାଧାନ ହୋଇ ନ ଥିଲା । ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଅନିଲ ନାୟକ କହିଛନ୍ତି, ଘଟଣାର ସମାଧାନ ପାଇଁ ଉଭୟ ପକ୍ଷଙ୍କୁ ବୁଝାଶୁଝା କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ କୌଣସି ସମାଧାନର ବାଟ ମିଳିପାରିନାହିଁ।

## ଚିଟ୍‌ଫଣ୍ଡ ଠକେଇ: ୬ଗିରଫ

**କଟକ ଅଫିସ, ୧୮।୧**

ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ମହିଳାମାନଙ୍କୁ ଲୋନ୍ କରାଇଦେବାକୁ କହି ୨ କୋଟି ଟଙ୍କା ଠକି ନେଇଥଲା ଏକ ଅର୍ଥ ଲଗାଣକାରୀ ସଂସ୍ଥା। ନିଜକୁ ସରକାରୀ ପଞ୍ଜିକୃତ ଏକ ଏନ୍‌ଜିଓ ଦର୍ଶାଇ ଉକ୍ତ ସଂସ୍ଥା ଏଭଳି କାରସାଦି କରିଥିଲା। ୧୦ଲକ୍ଷ ଟଙ୍କାର ଲୋନ୍ କରାଇଦେବା ପାଇଁ ୪୦ହଜାର ଓ ୧୫ଲକ୍ଷ ଟଙ୍କାର ଲୋନ୍ କରାଇଦେବାକୁ ୧ଲକ୍ଷ ଲେଖାଏଁ ଟଙ୍କା ଉକ୍ତ ସଂସ୍ଥା ଏସ୍‌ଏଚ୍‌ଜି ଗ୍ରୁପ୍‌ଗୁଡିକଠାରୁ ନେଇଥିଲା। ତେବେ ଟଙ୍କା ପାଇବା ପରେ ଲୋନ୍ ନ ଦେଇ ସିଡିଏ ସେକ୍ଟର ୯ ଅଞ୍ଚଳରେ ଖୋଲିଥିବା ଅଫିସ୍‌ରେ ତାଲା ପକାଇ କର୍ମଚାରୀମାନେ ଫେରାର ହୋଇଯାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ମର୍କତନଗର ପୋଲିସ ଶନିବାର ନାବାର୍ଡ ଫାଇନାନ୍‌ସିଆଲ ସର୍ଭିସେସ୍ ନାମକ ଏକ ସଂସ୍ଥାର ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ପୁରୀଘାଟ ଥାନା ଅଞ୍ଚଳର ସିତନ ସେଠୀ, କେନ୍ଦ୍ରାପଡା ଜିଲା ଦାନପୁରର ଶୁବେନ୍ଦୁ ମିଶ୍ର, ବଡବାରଙ୍ଗର ଲକ୍ଷ୍ମୀପ୍ରିୟା ସାହୁ, ଡେରାବିଶ୍ୱର ବରେନ୍ଦ୍ର କୁମାର ମଲ୍ଲିକ, ଚାନ୍ଦୋଳାର ସନ୍ତୋଷ କୁମାର ରାଉତ ଓ ବଡଗାଁର ବନ୍ଦିତା ବେହେରା। ଏହି ଗ୍ୟାଙ୍ଗର ମୁଖ୍ୟ କାର୍ଫଟଦାର ଜଗନ୍ନାଥ ଦାସ ଫେରାର ଅଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ.୨୨୦/୧୯) ରୁଜୁ ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ୨୦୧୯ ଡିସେମ୍ବର ୧୬ ତାରିଖରେ କେନ୍ଦ୍ରାପଡା ଜିଲାର ଜ୍ୟୋତିର୍ମୟୀ ବେହେରା(୨୮) ଓ ତାଙ୍କ ସହ ୩୦/୪୦ ମହିଳାପୁରୁଷ ମର୍କତନଗର ଥାନାରେ ପହଞ୍ଚିଥିଲେ। ସିଡିଏ ଅଞ୍ଚଳରେ ଥିବା ନାବାର୍ଡ ଫାଇନାନ୍‌ସିଆଲ ସର୍ଭିସେସ୍ ନାମକ ଉକ୍ତ ଚିଟ୍‌ଫଣ୍ଡ ସଂସ୍ଥା ସେମାନଙ୍କୁ ଲୋନ୍ କରାଇଦେବାକୁ କହି ଲକ୍ଷାଧିକ ଟଙ୍କା ଠକି ନେଇଥିବା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ଉକ୍ତ ସଂସ୍ଥାର ମୁଖ୍ୟ ଜଗନ୍ନାଥ ଦାସ ସେମାନଙ୍କୁ ଲୋନ୍ କରାଇ ଦେବାକୁ କହିବା ସହ ଏଥିପାଇଁ ପ୍ରଥମେ କିଛି ଟଙ୍କା ସଂସ୍ଥା ନିକଟରେ ଜମା ଦେବାକୁ ପଡିବ ବୋଲି ପ୍ରକାଶ କରିଥିଲେ। ଏଭଳି କରି ଜଗନ୍ନାଥ ଓ ତାଙ୍କ ସହଯୋଗୀମାନେ ପ୍ରାୟ ୨୦୦ଜଣ ଏସ୍‌ଏଚ୍‌ଜି ମହିଳାମାନଙ୍କ ବିଶ୍ୱାସଭାଜନ ହେବା ସହିତ ସେମାନଙ୍କ ନିକଟରୁ ୨କୋଟି ଟଙ୍କା ଲୋନ୍ ପୁର୍ବରୁ ଜମା ଆକାରରେ ନେଇଯାଇଥିଲେ। ମହିଳାମାନଙ୍କ ମନରେ ଅଧିକ ବିଶ୍ୱାସ ଜନ୍ମାଇବା ପାଇଁ ଜଗନ୍ନାଥ ଲୋନ୍‌ର ପ୍ରଥମ କିସ୍ତି ଆକାରରେ ୧ଲକ୍ଷ ଲେଖାଏ ଟଙ୍କା ୫୭ ଜଣଙ୍କ ବ୍ୟାଙ୍କ ଖାତାକୁ ପଠାଇଥିଲେ। ମାତ୍ର ଏହାପରେ ସେ ଆଉକାହାକୁ ଟଙ୍କା ଦେଇ ନ ଥିଲେ। ପରେ ମହିଳାମାନେ ତାଙ୍କୁ ବାରମ୍ବାର ଟଙ୍କା ମାଗିବାରୁ ଜଗନ୍ନାଥ ସେମାନଙ୍କୁ ୬ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ସେମାନେ ଉକ୍ତ ଚେକ୍ ବ୍ୟାଙ୍କ୍‌ରେ ଦେବାରୁ ଏହା ବାଉନ୍ସ ହୋଇଯାଇଥିବା ଜଣାପଡିଥିଲା। ଏ ସମ୍ପର୍କରେ ମହିଳାମାନେ ଜଗନ୍ନାଥଙ୍କୁ ଫୋନ୍‌ରେ ଜଣାଇବାକୁ ଚେଷ୍ଟା କରିଥିଲେ। ମାତ୍ର ତାଙ୍କ ମୋବାଇଲ ସୁଇଚ ଅଫ ଥିଲା। ଏହାପରେ ସେମାନେ ସିଡିଏ ସ୍ଥିତ ଉକ୍ତ ସଂସ୍ଥାର ଅଫିସକୁ ଆସି ଦେଖିବାରୁ ସେଠାରେ ତାଲା ଝୁଲୁଥିଲା। ସମସ୍ତ ଟଙ୍କା ନେଇ ସଂସ୍ଥାର କର୍ମଚାରୀ ଫେରାର ହୋଇଯାଇଥିଲେ।

## ମତ୍ସ୍ୟଚାଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବଡମ୍ବା,୧୮।୧(ସ୍ୱ.ପ୍ର.)**

ଜିଲା ମତ୍ସ୍ୟବିଭାଗ ଆନୁକୂଲ୍ୟରେ ବଡମ୍ବାସ୍ଥିତ ଆମ୍ରା ସଭାଗୃହରେ ଚାଲିଥିବା ୨ ଦିନିଆ ମତ୍ସ୍ୟଚାଷ ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପୋଖରୀରେ ମାଛଚାଷ କରି ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଉପମତ୍ସ୍ୟ ନିର୍ଦ୍ଦେଶକ ସୀମାଞ୍ଚଳ ବେହେରା, ଜିଲା ମତ୍ସ୍ୟ ଅଧିକାରୀ ବବିତା ମହାନ୍ତି, ବଡମ୍ବା ଭାରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ ଦିନେଶ କୁମାର ପ୍ରଧାନ ଓ ନରସିଂହପୁର ଭାରପ୍ରାପ୍ତ ମତ୍ସ୍ୟ ଅଧିକାରୀ ଦେବୀଦତ୍ତ ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଉଦ୍‌ଯାପନୀ ପରେ ଏଥିରେ ଯୋଗଦେଇଥିବା ବଡମ୍ବା-ନରସିଂହପୁରର ବିଭିନ୍ନ ମହିଳା ଗୋଷ୍ଠୀର ୩୦ଜଣ ସଦସ୍ୟାଙ୍କୁ ଭୁବନେଶ୍ୱରସ୍ଥିତ କୌଶଲ୍ୟାଗଙ୍ଗର ମଧୁରଜଳ ମତ୍ସ୍ୟଚାଷ ସଂସ୍ଥାକୁ ପରିଦର୍ଶନରେ ନିଆଯାଇଥିଲା। ଏଥିରେ ବଡ଼ମ୍ବା ସହକାରୀ ମତ୍ସ୍ୟ ସହାୟକ ନୃସିଂହ ଚରଣ ମହାନ୍ତି ଓ ସାମାଜିକ କର୍ମୀ ମାନସ କୁମାର ବରାଳ ସହଯୋଗ କରିଥିଲେ ।

## ଚନ୍ଦ୍ରଭାଗା ବେଳାଭୂମି ବୁଲିଲେ ମୁଖ୍ୟ ଶାସନ ସଚିବ



ଚନ୍ଦ୍ରଭାଗା ବେଳାଭୂମିରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଏବଂ ଅନ୍ୟମାନେ।

**କୋଣାର୍କ,୧୮।୧(ଡି.ଏନ.ଏ):**

କୋଣାର୍କ ଇକୋ ରିଟ୍ରିଟ୍ ପର୍ଯ୍ୟଟନସ୍ଥଳୀରେ ଶନିବାର ବରିଷ୍ଠ ଅଧିକାରୀ ଏବଂ ଜିଲାପାଳମାନଙ୍କର ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ସମେତ ବହୁ ଆଇଏଏସ୍ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ସକାଳ ୭ଟାରେ ମୁଖ୍ୟ ଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଚନ୍ଦ୍ରଭାଗା ବେଳାଭୂମି ପରିଦର୍ଶନ କରିଛନ୍ତି। ଚନ୍ଦ୍ରଭାଗା ବେଳାଭୂମିରେ ପର୍ଯ୍ୟଟକଙ୍କ ନିମନ୍ତେ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ, ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ସହ ପର୍ଯ୍ୟଟକଙ୍କ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସଙ୍କ ସହ ମୁଖ୍ୟ ଶାସନ ସଚିବ ଆଲୋଚନା କରିଥିଲେ। ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ଶୌଚାଳୟ ଓ ବେଳାଭୂମିରେ ଅଧିକ ଡଷ୍ଟବିନ ରଖିବା ସହିତ ବେଳାଭୂମିକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ସେ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟ ଶାସନ ସଚିବଙ୍କ ସହିତ ଅତିରିକ୍ତ ଶାସନ ସଚିବ ସୁରେଶ କୁମାର ମହାପାତ୍ର, ନଗର ଉନ୍ନୟନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଏବଂ ପୁରୀ ଜିଲାପାଳ ବଲୱନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱରଠାରେ ଶୁକ୍ରବାର ବରିଷ୍ଠ ଆଇଏଏସ୍ ଅଧିକାରୀମାନଙ୍କର ବୈଠକ ଶେଷ ହେବା ପରେ ରାତିରେ ଏହି ଅଧିକାରୀମାନେ କୋଣାର୍କ ଆସି ରାତ୍ରୀଯାପନ କରିଥିଲେ ବୋଲି ଜଣାପଡ଼ିଛି।

## ଫନୀ ସହାୟତା ପ୍ରଦାନରେ ଅନିୟମିତତା

**ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ**

**ନିଶ୍ଚିନ୍ତକୋଇଲି,୧୮।୧(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ତହସିଲ ଅଧୀନ କେନ୍ଦୁପାଟଣା ପଞ୍ଚାୟତରେ ଫନୀ ସହାୟତା ପ୍ରଦାନରେ ଅନିୟମିତତା ହୋଇଛି। ଏନେଇ ପଞ୍ଚାୟତବାସୀ ଶନିବାର ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପୂର୍ବାହ୍ନରେ କେନ୍ଦୁପାଟଣା ପଞ୍ଚାୟତର ଦେବାଶିଷ ବେହୁରା, ସମୀର ପ୍ରଧାନ ଓ ଗଣେଶ୍ୱର ବାରିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ତହସିଲଦାରଙ୍କୁ ଭେଟି ଅଭିଯୋଗ ପତ୍ର ସହ ପଞ୍ଚାୟତର ଅଯୋଗ୍ୟ ହିତାଧିକାରୀଙ୍କ ନାମ ଦେଇଥିଲେ। କୋଠାଘର ଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ମଧ୍ୟ ଫନୀ ସହାୟତାରେ ତାଲିକାଭୁକ୍ତ କରାଯାଇଛି ବୋଲି ସେମାନେ ଅଭିଯୋଗ ପତ୍ରରେ ଦର୍ଶାଇଥିଲେ। ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଥିଲେ। ଏସମ୍ପର୍କରେ ତହସିଲଦାର ପାତ୍ର କୁହନ୍ତି ଅଭିଯୋଗର ନିରେପକ୍ଷ ତଦନ୍ତ କରାଯିବ।ଠକକତା କରି ଫନୀ ସହାୟତା ହାତେଇଥିବା ହିତାଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଆବଶ୍ୟକ ପଡ଼ିଲେ ଠକକତା କରିଥିବା ହିତାଧିକାରୀଙ୍କୁ ଅର୍ଥ ଫେରାଇବାକୁ ପଡିବ ବୋଲି ସେ କହିଛନ୍ତି। ଫନୀ ସହାୟତାର ତଦନ୍ତ ବେଳେ କୌଣସି ଅଯୋଗ୍ୟ ହିତାଧିକାରୀ ଯୋଜନାରେ ସାମିଲ ହୋଇଥିଲେ, ସେମାନଙ୍କ ନାମକୁ ତାଲିକାରୁ ବାଦ କରାଯିବ। ତହସିଲ ଅଧୀନ ତିଲକଣା ପଞ୍ଚାୟତରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା।

ସୂଚନାଯୋଗ୍ୟ, କିଛି ଦିନ ତଳେ ଏହି ତହସିଲ ଅଧୀନ ତିଲକଣା ପଞ୍ଚାୟତରେ ଅନିୟମିତତା ହୋଇଥିବା ନେଇ ଏସଆରସିଙ୍କ ପକ୍ଷରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପରେ ସମ୍ପୃକ୍ତ ନେମାଳ ରାଜସ୍ୱ ନିରୀକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ସହ ଅଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ଫେରସ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶନାମା ଅନୁଯାୟୀ, ନିଶ୍ଚିନ୍ତକୋଇଲି ତହସିଲଦାର ପାତ୍ର ୨୭ଜଣ ଅଯୋଗ୍ୟ ହିତାଧିକାରୀଙ୍କୁ ନୋଟିସ ଜାରି କରିଥିଲେ। ଏହି ଦୁର୍ନୀତି ସମ୍ପର୍କରେ ଜଣାପଡ଼ିବା ପରେ ତହସିଲ ପ୍ରଶାସନ ପକ୍ଷରୁ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ନାମ ସହାୟତା ତାଲିକାରୁ କାଟି ଦିଆଯାଇଥିଲା।

## ଫିଟ୍ ଇଣ୍ଡିଆ ଦିବସରେ ସାଇକେଲ ଶୋଭଯାତ୍ରା

**ବଡ଼ମ୍ବା/ବାଙ୍କୀ,୧୮।୧ (ଡି.ଏନ୍.ଏ./ସ୍ୱ.ପ୍ର.)**

ବଡ଼ମ୍ବା ବ୍ଲକ ଖୁଣ୍ଟକଟା ପଞ୍ଚାୟତରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଶନିବାର ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ସୁଦାମ ଦେବତା, ଶୁଭସ୍ମିତା ବେଉରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସାଇକେଲ ଚାଳନା କାର୍ଯ୍ୟକ୍ରମ ହୋଇଥିଲା। ପରେ ଖୁଣ୍ଟକଟା ପଞ୍ଚାୟତର କଜଳବେଢ଼ା ଗ୍ରାମରେ ଏକ ସଚେତନତା ସଭା ହୋଇଥିଲା। ଖୁଣ୍ଟକଟା ସମିତିସଭ୍ୟ ସୁବଳ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ସାମାଜିକ କର୍ମୀ କବିରାଜ ସାହୁ, ସମ୍ମାନିତ ଅତିଥିଭାବେ ଚନ୍ଦ୍ରଶେଖର ପ୍ରଧାନ, ସୁଶେଣ ସେଣ, ଉପେନ୍ଦ୍ର ନାୟକ, ଶରତ କୁମାର ବେଉରା ଓ ଗଣେଶ୍ୱର ଷଣ୍ଢ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଡମପଡ଼ା ବ୍ଲକ ଅଧୀନ ତାଳବସ୍ତ ପଞ୍ଚାୟତ ଅନ୍ତର୍ଗତ ପଦନପୁର ଗ୍ରାମରେ ନେହେରୁ ଯୁବକେନ୍ଦ୍ର କଟକ ଓ ଆଦର୍ଶ ଯୁବ ପରିଷଦ ଚକାପଦାର ମିଳିତ ସହଯୋଗରେ ଫିଟ୍ ଇଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଉପେନ୍ଦ୍ର କରଣ ଏହାକୁ ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ର ଓ ଯୁବକମାନେ ସାଇକେଲ ଶୋଭାଯାତ୍ରାରେ ବାର୍ତ୍ତା ପ୍ରଚାର କରିଥିଲେ। ଲଲାଟେନ୍ଦୁ ପଣ୍ଡା, ମହେଶ୍ୱର ପ୍ରଧାନ, ସରୋଜ କୁମାର ବଳ, ମଧୁସୂଦନ ମହାରଣା, ଅମ୍ବିକା ସ୍ୱାଇଁ, ଦମୟନ୍ତୀ ଶତପଥୀ ଓ ନିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ।




ବଡ଼ମ୍ବାରେ ଫିଟ୍ ଇଣ୍ଡିଆ ଦିବସରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ହୋଇଥିବା ଶୋଭାଯାତ୍ରା।

## ଧାନ ନ କିଣି ଖସି ପଳାଇଲେ ମିଲର

**ଗୋପାଳପୁର ଧାନମଣ୍ଡି**
■ମଧ୍ୟାହ୍ନ ଭୋଜନ ପରେ ଫେରିଲେନି କର୍ମଚାରୀ
■ବାହାରେ ପଡିଛି ଧାନବସ୍ତା, ଚିନ୍ତାରେ ଚାଷୀ

**ମାହାଙ୍ଗା,୧୮।୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଗୋପାଳପୁର ସେବା ସମବାୟ ସମିତି ଧାନମଣ୍ଡିରେ ଶନିବାର ଚାଷୀଙ୍କ ଠାରୁ ଧାନ ନ କିଣି ମିଲର ଖସି ପଳାଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମଣ୍ଡିରୁ ୧୩ ଜଣ ଚାଷୀଙ୍କ ୩୮୭ କୁଇଣ୍ଟାଲ ଧାନ କିଣିବା ପାଇଁ ଶନିବାର ବ୍ୟବସ୍ଥା ହୋଇଥିଲା । ଏଥିପାଇଁ ଚାଷୀମାନେ ଖର୍ଚ୍ଚାନ୍ତ ହୋଇ ଧାନନେଇ ସମୟ ଅନୁସାରେ ମଣ୍ଡିକୁ ଆସିଥିଲେ । କିନ୍ତୁ ଧାନ କିଣିବା ନିଯୁକ୍ତ ହୋଇଥିବା ମିଲର ଗାଡି ଓ କର୍ମଚାରୀମାନେ ସେଠାରେ ବିଳମ୍ବରେ ପହଞ୍ଚିଥିଲେ । ଏହାପରେ ସେଠାରେ ଚାଷୀଙ୍କ ଧାନର ଆର୍ଦ୍ରତା ଓ ମାନ ନିର୍ଦ୍ଧାରଣ କରାଯାଇଥିଲା । ଏହି ନିର୍ଦ୍ଧାରଣ ସମୟରେ ମାତ୍ର କିଛି ଚାଷୀଙ୍କୁ ଛାଡ଼ିଦେଇ ଅନ୍ୟମାନଙ୍କ ଧାନର ମାନ ଠିକ୍ ରହିଥିଲା । ମାତ୍ର ସମ୍ପୃକ୍ତ ମିଲର ଧାନର ମାନ ଠିକ୍ ଥିବା ଚାଷୀଙ୍କଠାରୁ ଧାନ ନ କିଣିବାକୁ ବିଳମ୍ବ କରିବା ସହ ସମୟ ଗଡ଼ାଇ ଚାଲିଥିଲା। ମଧ୍ୟାହ୍ନ ଭୋଜନ ସମୟ ହୋଇଯିବାରୁ ଏହା ପରେ ଧାନ ସଂଗ୍ରହ କରାଯିବ ବୋଲି ଆଳ ଦେଖାଇ ମିଲର କର୍ମଚାରୀ ଗାଡି ସହ ସେଠାରୁ ପଳାଇଯାଇଥିଲେ।



ଧାନମଣ୍ଡିରେ ଗଦା ହୋଇଥିବା ଧାନ ବସ୍ତା।

ଚାଷୀମାନେ ଦୀର୍ଘ ସମୟ ଅପେକ୍ଷା କରି ଧାନ ବିକ୍ରୟ କରି ନ ପାରି ନିରାଶ ହୋଇଛନ୍ତି। ଧାନମଣ୍ଡିକୁ ଆଣିଥିବା ଧାନ ବସ୍ତା ବାହାରେ ପଡ଼ିଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଏ ସମ୍ପର୍କରେ ମଣ୍ଡିରୁ ଧାନ କ୍ରୟ କରୁଥିବା ମଙ୍ଗୁଳି ପଣ୍ଡା ଆସୋସିଏଟର କର୍ମଚାରୀ ଆରତ ରାଉଳ କହିଛନ୍ତି, ଆରଏମ୍‌ସି ରିପୋର୍ଟ ଆଧାରରେ ଯେଉଁ କେତେଜଣ ଚାଷୀଙ୍କ ଧାନରମାନ ନିର୍ଦ୍ଧାରଣ କରାଯାଇଥିଲା। ସେଥିରେ ଅଧିକ ଆଦ୍ରତା ରହିଥିଲା । ଅନ୍ୟକିଛି ଚାଷୀଙ୍କ ଧାନର ମାନ ଠିକ୍ ଥିଲେ ମଧ ପରିମାଣ କମ ରହିଥିଲା। ଏଥିଯୋଗୁ ଆମେ ଧାନ ନ କିଣି ସେଠାରୁ ଚାଲି ଆସିଥିଲୁ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ କରଜ କରି ଧାନମଣ୍ଡିକୁ ଧାନ ଆଣିଥିବା ଚାଷୀଙ୍କୁ ସହାୟତା ଯୋଗାଇଦେବା ଲାଗି ସାଧାରଣରେ ଦାବି ହୋଇଛି।



ଏକମାତ୍ର କୁହୁକ ହେଉଛି କଠିନ ପରିଶ୍ରମ, ଦୂରଦୃଷ୍ଟି, କର୍ତ୍ତବ୍ୟବୋଧ ଓ ଦୃଢ଼ ସଂକଳ୍ପ।
-ଇନ୍ଦିରାଗାନ୍ଧୀ

## ସଂକ୍ଷେପରେ

### ଡକାୟତି ଉଦ୍ୟମ ପଣ୍ଡ: ୪ ଡକାୟତ ଜେଲଗଲେ

ଖୋର୍ଦ୍ଧା ଅଫିସ, ୧୮।୧: ଖୋର୍ଦ୍ଧା ଆଦର୍ଶ ଥାନାର ଶିକ୍ଷାଞ୍ଚଳ ଫାଣ୍ଡି ପୋଲିସ ଡକାୟତି ଉଦ୍ୟମ ପଣ୍ଡ କରି ଗିରଫ କରିଥିବା ୪ ଡକାୟତିଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ମୁକୁନ୍ଦପ୍ରସାଦର ଉଜ ଖାଁ(୫୧), କଶ୍ମୁଦ୍ଦିନ ଖାଁ(୩୪), ଶେଖ୍ ମଜିଦ୍(୨୫) ଓ ତୋଟାପଡାର ହାଜରତ ଅଲ୍ଲୀ ଖାଁ ଓରଫ ଟୁଲୁ (୩୨)ଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ୬ ଜଣ ଖୋର୍ଦ୍ଧା ପି.ଏନ. କଲେଜ ଅଞ୍ଚଳର ଏକ ପରିତ୍ୟକ୍ତ ଘରେ ଡକାୟତି ପାଇଁ ଉଦ୍ୟମ କରୁଥିଲେ। ଖବରପାଇ ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଥିଲା। ୨ ଜଣ ଫେରାର ହୋଇଯାଇଥିଲେ। ଗିରଫ ଡକାୟତଙ୍କଠାରୁ ଖଣ୍ଡା, ୨ ବାଇକ, ଲୁହାରଡ ଜବତ କରାଯାଇଛି।

### ଯୁବତୀଙ୍କଠାରୁ ବ୍ୟାଗ୍ ଝାମ୍ପି ନେଲେ

ଯାଁଳା,୧୭।୧(ଡି.ଏନ୍.ଏ):ଜଟଣୀ ଥାନା ଅନ୍ତର୍ଗତ ଯାଁଳା ଫାଣ୍ଡି ଅଧୀନ ୧୬ ନଂ. ଜାତୀୟ ରାଜପଥର ପୋଷ୍ଟ ଅଫିସ ସମ୍ମୁଖରେ ଜଣେ ଯୁବତୀଙ୍କଠାରୁ ଦୁର୍ବୃତ୍ତମାନେ ଭ୍ୟାନିଟି ବ୍ୟାଗ୍ ଲୁଟି ନେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏକ ଘରୋଇ କମ୍ପାନୀରେ କାମ କରୁଥିବା ପଦ୍ମିନୀ ପୁହାଣ ଶନିବାର ରାତି ପ୍ରାୟ ୮ଟା ବେଳେ ଘରକୁ ଫେରୁଥିଲେ। ପୋଷ୍ଟ ଅଫିସ୍ ଛକଠାରେ ଏକ ପଲସର୍ ବାଇକ୍‌ରେ ୩ ଜଣ ଯୁବକ ଆସି ତାଙ୍କ ଭ୍ୟାନିଟି ବ୍ୟାଗ୍ ଛଡ଼ାଇ ନେଇଥିଲେ। ବ୍ୟାଗ୍ ଭିତରେ ୧୫ ହଜାର ଟଙ୍କା, ସୁନା ମୁଦି, ସୁନା ଚେନ୍, ଏଟିଏମ୍ କାର୍ଡ଼, ମୋବାଇଲ୍ ଫୋନ୍ ଥିଲା। ଏ ନେଇ ସେ ଯାଁଳା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି।

### ୨୪କିଗ୍ରା ଗଞ୍ଜେଇ ଜବତ, ୩ ଗିରଫ

ପୁରୁଣା ଭୁବନେଶ୍ୱର, ୧୮।୧ (ଡି.ଏନ.ଏ.)- ନିଶା କାରବାର ରୋକିବାକୁ ପୋଲିସ ବିଭାଗ ଯେତିକି ସଜାଗ ହେଉଥିଲେ ମଧ୍ୟ ବ୍ୟବସାୟୀମାନେ ଅଭିନବ ଉପାୟ ଅବଲମ୍ବନ କରୁଛନ୍ତି। ଚୋରା ଚାଲାଣ ସମୟରେ କୌଣସି ସନ୍ଦେହ ନ ହେବା ପାଇଁ ଅଭିଯୁକ୍ତମାନେ ବ୍ୟବହାର କରୁଥିବା କାର୍‌ରେ ପୋଲିସ ଲୋଗୋ ବ୍ୟବହାର କରୁଥିବା ଜଣାପଡିଛି। ଏପରି ଏକ ଘଟଣାର ଶ୍ରୀଲିଙ୍ଗରାଜ ଥାନା ପକ୍ଷରୁ ପର୍ଦ୍ଦାଫାଶ କାରାଯାଇଛି। ଏକ ଇଣ୍ଡିକା କାର (ନଂ. ଓଆର୦୨ଏକ୍ସ୯୨୯୩) ଯୋଗେ ଚାଲାଣ ହେଉଥିବା ୨୪ କିଗ୍ରାରୁ ଉର୍ଦ୍ଧ୍ୱ ଗଞ୍ଜେଇ ସମେତ ନଗଦ ୯, ୫୦୦ଟଙ୍କା ଓ ୪ଟି ମୋବାଇଲ ଜବତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ କନ୍ଧମାଳ ଅଞ୍ଚଳର ଉମେଶ ଚନ୍ଦ୍ର କୁଅଁର(୩୫), କାହ୍ନୁଚରଣ ଦିଗାଲ(୨୩) ଓ ଅନିଲ ଦିଗାଲ(୨୩)ଙ୍କୁ ପୋଲିସରୁ ଗିରଫ କରିଛି। ଏହି ଘଟଣାରେ ପୋଲିସ ପକ୍ଷରୁ ନଂ. ୧୧/୨୦ରେ ମାମଲା ରୁଜୁ କରାଯିବା ସହ ଘଟଣା ସହ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ତଦନ୍ତ ଚାଲୁ ରହିଛି।

### ଭିଏସ୍ଏସ୍ ନଗରରୁ ଗାଡ଼କଣ ରାସ୍ତା ୧୦୦ ଫୁଟିଆ ହେବ

#### ହଟିଲା ୫୦ ବେଆଇନ ଜବରଦଖଲ

ଭୁବନେଶ୍ୱର,୧୮।୧(ବ୍ୟୁରୋ)- ଭିଏସ୍ଏସ୍ ନଗରରୁ ଗାଡ଼କଣ ପର୍ଯ୍ୟନ୍ତ ରାସ୍ତାର ପୂରା ରୂପରେଖ ବଦଳିବ। ୧୦୦ ଫୁଟ ଓସାର କରାଯିବା ସହ ସୌନ୍ଦର୍ଯ୍ୟ ବୃଦ୍ଧି କରାଯିବ। ଏଥିପାଇଁ ଶନିବାର ରାସ୍ତାର ଦୁଇପାର୍ଶ୍ୱରେ ଉଚ୍ଛେଦ କରାଯାଇଛି। ବିଡିଏ, ବିଏମ୍‌ସି ଓ କମିଶନରେଟ ପୋଲିସ୍‌ର ମିଳିତ ଟିମ୍ ପକ୍ଷରୁ ପୂର୍ବାହ୍ନ ୧୦ଟା ୩୦ରୁ ଉଚ୍ଛେଦ ଆରମ୍ଭ ହୋଇଥିଲା। ଏଥିରେ ୫୦ ବେଆଇନ୍ ଜବରଦଖଲକୁ ହଟାଇ ଦିଆଯାଇଥିବା ମିଳିତ ଉଚ୍ଛେଦ ଟିମ୍‌ର ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁଶେଖର ମହାନ୍ତି କହିଛନ୍ତି। ତାଙ୍କ ସୂଚନାନୁସାରେ, ଆର୍ ଆଣ୍ଡ୍ ବି ଡିଭିଜନ-୪ ଦ୍ୱାରା କରାଯାଇଥିବା ଚିଠି ସଂଖ୍ୟା ୪୮୬୫କୁ ଭିତ୍ତିକରି ଏହି ଉଚ୍ଛେଦ କରାଯାଇଥିଲା। ୩୭ ଅସ୍ଥାୟୀ ଦୋକାନ, ୧୩ ଆଗକୁ ବଢ଼ିଥିବା ଘରର ଆଜବେଷ୍ଟସ୍ ଓ ୧୦୦ ଫୁଟର ଗୋଟିଏ ପାଚେରିକୁ ଭଙ୍ଗାଯାଇଛି। ବିଡିଏ ଉଚ୍ଛେଦ ଅଧିକାରୀ-୨ ପ୍ରମୋଦ ପାତ୍ର, ମଞ୍ଚେଶ୍ୱର ଥାନା ଏସ୍ଆଇ ସନ୍ତୋଷ କୁମାର ଶତପଥୀ, ଆର୍ ଆଣ୍ଡ୍ ବି ଡିଭିଜନ୍-୪ର ଆସିଷ୍ଟାଣ୍ଟ ଇଞ୍ଜିନିୟର ରମେଶଚନ୍ଦ୍ର ସାହୁ, ରେଲ୍‌ୱେ ଅଧିକାରୀ ସରୋଜ କୁମାର ଦାସଙ୍କ ସହ ପୋଲିସ ଫୋର୍ସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗୁରୁଜଙ୍ଗ ଫାର୍ମରେ ଡାଲି ଗବେଷଣାର କ୍ଷେତ୍ରୀୟ କେନ୍ଦ୍ର

- ଭାରତରେ ଖୋର୍ଦ୍ଧା ହେଉଛି ୪ର୍ଥ କେନ୍ଦ୍ର
- ଡାଲି ଜାତୀୟ ଫସଲରେ ଆତ୍ମ ନିର୍ଭରଶୀଳ ହେବ ଓଡ଼ିଶା

ଖୋର୍ଦ୍ଧା ଅଫିସ, ୧୮।୧:



ପ୍ରଶାସନିକ ଅଧିକାରୀଙ୍କ ସ୍ତରରେ ଡାଲିଜାତୀୟ ଗବେଷଣା ଲାଗି ଆଲୋଚନା ଚାଲିଛି ।

ଭାରତରେ ଖୋର୍ଦ୍ଧାର ଗୁରୁଜଙ୍ଗ ଫାର୍ମ ହେଉଛି ୪ର୍ଥ ଡାଲି ଗବେଷଣା କେନ୍ଦ୍ର। ଏଥିପାଇଁ ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଡାଲି ଜାତୀୟ ଗବେଷଣା ପରେ ଓଡିଶା ଲୋକଙ୍କର ଭାଗ୍ୟ ବଦଳିବ। ଡାଲି ଜାତୀୟ ଫସଲ ଉପରେ ଓଡିଶା ଆତ୍ମ ନିର୍ଭରଶୀଳ ହୋଇପାରିବ।

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ କାନପୁରସ୍ଥିତ ଭାରତୀୟ ଡାଲି ଅନୁସନ୍ଧାନ ସଂସ୍ଥାନର କ୍ଷେତ୍ରୀୟ କେନ୍ଦ୍ର ଭୁବନେଶ୍ୱର ସେକ୍ଟରର ଗୁରୁଜଙ୍ଗସ୍ଥିତ କୃଷି ବିଭାଗ ଫାର୍ମ ହାଉସରେ ଆରମ୍ଭ ହୋଇଛି। ୫୦ବର୍ଷ ପାଇଁ ଗବେଷଣା କରାଯିବାକୁ ଓଡ଼ିଶା ସରକାରଙ୍କ ସହ କାନପୁରସ୍ଥିତ ଭାରତୀୟ ଡାଲି ଅନୁସନ୍ଧାନ ସଂସ୍ଥାନ ପକ୍ଷରୁ ସରକାରୀ ସ୍ତରରେ ଏମ୍ଓୟୁ ସୋମବାର କରାଯାଇଛି। ଏଠାରେ ଏବେ ୬ ଜଣ ବୈଜ୍ଞାନିକ ରହିବେ। ପରେ ଏହାର ନବକଳେବର ହେବ। ମୁଗ, ବିରି, କୋଳଥ ପରି ଡାଲି ଜାତୀୟ ଫସଲ ପାଇଁ ନୂଆ ନୂଆ ଭେରାଇଟ୍ ସୃଷ୍ଟି କରାଯିବ। କେଉଁ ଜଳବାୟୁରେ କିଭଳି ଡାଲି ଜାତୀୟ ଫସଲ ହେବ ତାହା ଏଠାରେ କରାଯିବ। କାନପୁରସ୍ଥିତ ଭାରତୀୟ ଡାଲି ଅନୁସନ୍ଧାନ ସଂସ୍ଥାନର ପ୍ରମୁଖ ବୈଜ୍ଞାନିକ ଚନ୍ଦ୍ରଶେଖର ପ୍ରହରାଜ ନୋଡାଲ ଅଫିସର ଭାବେ କାମ ଏଠାରେ କରିବେ। ଏ ନେଇ କାନପୁରସ୍ଥିତ ଭାରତୀୟ ଡାଲି ଅନୁସନ୍ଧାନ ସଂସ୍ଥାନର ନିର୍ଦ୍ଦେଶକ ନରେନ୍ଦ୍ର ଶତପଥୀ ଫାର୍ମ ହାଉସ ବୁଲି ଖୋର୍ଦ୍ଧା ଜିଲା ମୁଖ୍ୟ କୃଷି ଅଧିକାରୀ ଭାସ୍କର ବାରିକଙ୍କ ସହ ଆଲୋଚନା କରି କାମ ଆରମ୍ଭ କରିଛନ୍ତି। ଭାରତୀୟ ଡାଲି ଅନୁସନ୍ଧାନ ସଂସ୍ଥାନର ନିର୍ଦ୍ଦେଶକ ଶତପଥୀ ଓ ପ୍ରମୁଖ ବୈଜ୍ଞାନିକ ପ୍ରହରାଜଙ୍କ ସୂଚନା ଅନୁସାରେ, ଭାରତୀୟ ଡାଲି ଅନୁସନ୍ଧାନ ସଂସ୍ଥାନର କ୍ଷେତ୍ରୀୟ କେନ୍ଦ୍ର ଓଡ଼ିଶା ପାଇଁ ଗୁରୁଜଙ୍ଗସ୍ଥିତ ଫାର୍ମ ହାଉସରେ ହେବାକୁ ଯାଉଛି। ଏଥିପାଇଁ କୃଷି ବିଭାଗର ୧୨ ହେକ୍ଟର ଜମି ଥିବା ଫାର୍ମ ହାଉସକୁ ନିଆଯାଇଛି। ଖୋର୍ଦ୍ଧା ଜିଲା ମୁଖ୍ୟ କୃଷି ଅଧିକାରୀ ଭାସ୍କର ବାରିକ କୁହନ୍ତି, ଡାଲି ଜାତୀୟ ଫସଲରେ କିସମ, ପୋକ ପରି ଯେଉଁ ସମସ୍ୟା ଦେଖାଦେଉଥିଲା ଆଉ ରହିବନି, ଯାହାକି ଏହି କେନ୍ଦ୍ର ଦୂର କରିବ। ଯାହାଦ୍ୱାରା ଖୋର୍ଦ୍ଧା ସମେତ ଓଡିଶାର ଲୋକ ଉପକୃତ ହେବେ।

# ମଣ୍ଡିରେ ଧାନ କୁଇଣ୍ଟାଲ ପିଛା ୩ କେଜି କଟାଯାଉଛି

- ଧାନ ସଂଗ୍ରହ ପଦ୍ଧତିକୁ ନେଇ ଚାଷୀ ଅସନ୍ତୁଷ୍ଟ
- ଧାର୍ଯ୍ୟଲକ୍ଷ୍ୟଠାରୁ କମ୍ ପରିମାଣର ସଂଗ୍ରହ ହେଉଛି

ଜଟଣୀ,୧୮।୧(ଡି.ଏନ୍.ଏ.):



ମଣ୍ଡିରେ ଥିବା ଧାନ ।

ଜଟଣୀର ବିଭିନ୍ନ ସ୍ଥାନରେ ଖୋଲିଥିବା ମଣ୍ଡିରେ ଧାନ ସଂଗ୍ରହ ପଦ୍ଧତିକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଧାନ କ୍ରୟ ଲାଗି ରହିଥିବା ନିୟମକୁ ଠିକ୍ ଭାବେ ପାଳନ କରାଯାଉ ନ ଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ମିଲରମାନେ କୁଇଣ୍ଟାଲ ପିଛା ୩ କେଜି ଧାନ କାଟିଦେଉଛନ୍ତି। ଧାନର ଉଚିତ୍ ମୂଲ୍ୟ ଦେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏପରି କି ଉତ୍ପାଦିତ ଧାନ ବିକ୍ରୟ କରି ନ ପାରି ଅନେକ ଚାଷୀ ବାଦ୍ ପଡୁଛନ୍ତି। ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ।

କୁଦିଆରୀ ସେବା ସମବାୟ ସମିତିରେ ଖୋଲିଥିବା ମଣ୍ଡିରେ ଏଭଳି ଅବ୍ୟବସ୍ଥାକୁ ନେଇ ଅନେକ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଚାଷୀ ଭୁବନେଶ୍ୱର ମହାନ୍ତି ଓ ଗୋପୀନାଥ ପରିଡା କୁହନ୍ତି, ପ୍ରଥମେ ଚଳିତ ମାସ ୧୧ ତାରିଖରେ ମଣ୍ଡି ଖୋଲାଯିବ ବୋଲି କୁହାଗଲା। କିନ୍ତୁ ଏହାକୁ ଘୁଞ୍ଚାଯାଇ ୧୪ ତାରିଖରେ ଖୋଲିଲା। ୨୩ ଜଣ ଚାଷୀଙ୍କଠାରୁ ୪୯୬ କୁଇଣ୍ଟାଲ ଧାନ ସଂଗ୍ରହ କରାଗଲା। ହେଲେ ଉକ୍ତ ଦିନ ୫ ଜଣ ଚାଷୀଙ୍କ ଧାନ ମିଲର ନେଇଥିଲେ। ଅନ୍ୟମାନଙ୍କର ମଣ୍ଡିରେ ଧାନ ପଡି ରହିଥିଲା। ଅଭିଯୋଗ ପରେ ଶୁକ୍ରବାର ମିଲର ପଡ଼ି ରହିଥିବା ଅନ୍ୟ ଚାଷୀଙ୍କ ଧାନ ନେଇଥିଲେ। ମିଲର ଧାନର ମାନ ନିର୍ଦ୍ଧାରଣ ନ କରି କୁଇଣ୍ଟାଲ ପିଛା ୩ କେଜି ମନଇଚ୍ଛା କାଟି କି ନେଉଛନ୍ତି । ଗାଡ଼ିରେ ଲଦିକି ମଣ୍ଡି ପର୍ଯ୍ୟନ୍ତ ଧାନ ଆଣିବାକୁ ପଡୁଛି। ପରିବହନ ବାବଦରେ ଟଙ୍କା ଖର୍ଚ୍ଚ ହେଉଛି। ଏହାସହ ଅଖା କିଣିକି ଧାନ ପ୍ୟାକିଂ କରି ଆଣିବାକୁ ପଡୁଛି। ସେ ବାବଦରେ କୌଣସି ଅର୍ଥ ମିଳୁନାହିଁ। ଓଜନରେ ୫୦କେଜି ୫୦୦ କିମ୍ବା ୬୦୦ ଗ୍ରାମ ରହିଲେ କେବଳ ୫୦ କେଜିର ହିସାବ ହେଉଥିବା ଏହି ଚାଷୀମାନେ କହିଛନ୍ତି। ସେହିପରି କୁସୁମାଟି ଗ୍ରାମର ଚାଷୀ ସନ୍ତୋଷ ବାରିକ କୁହନ୍ତି, ଏହିସବୁ ସମସ୍ୟା ନେଇ ଦାୟିତ୍ୱରେ ଥିବା ବିଭାଗର ଅଧିକାରୀ କିମ୍ବା କର୍ମଚାରୀଙ୍କୁ ଅଭିଯୋଗ କଲେ କୌଣସି ସୁଫଳ ମିଳୁନାହିଁ। ଅନ୍ୟ ଉପରେ ଦୋଷ ଲଦି ସମସ୍ତେ ଖସିଯିବାକୁ ଉଦ୍ୟମ କରୁଥିବା ସେ କହିଛନ୍ତି। କନ୍ତିଆ ଗ୍ରାମର ଚାଷୀ ପଦ୍ମଚରଣ ସୁବୁଦ୍ଧି କୁହନ୍ତି, ଗୋଟିଏ ପକ୍ଷରେ କୁଇଣ୍ଟାଲ ପିଛା ପରିମାଣ କମ୍ କରି ମିଲର ଧାନ ନେଉଛନ୍ତି। ଅନ୍ୟପକ୍ଷରେ ମଣ୍ଡିରେ ଲକ୍ଷ୍ୟଧାର୍ଯ୍ୟଠାରୁ କମ୍ ପରିମାଣର ଧାନ ସଂଗ୍ରହ କରାଯାଉଛି। ଫଳରେ ଅନେକ ଚାଷୀ ଧାନ ଦେବାରୁ ବଞ୍ଚିତ ହେଉଛନ୍ତି। ଛଣଘର ଓ କନ୍ତିଆ ମଣ୍ଡିରେ ୧୨ ହଜାର କୁଇଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ହେଲେ ୭ରୁ ୮ ହଜାର କୁଇଣ୍ଟାଲ ସଂଗ୍ରହ ପରେ ମଣ୍ଡି ବନ୍ଦ କରି ଦିଆଯାଉଛି। ଯେଉଁ ମଣ୍ଡି ଅଞ୍ଚଳରେ ଶତ ପ୍ରତିଶତ ଚାଷ ହେଉଛି ସେଠାରେ ଧାର୍ଯ୍ୟ ମୁତାବକ ଧାନ ସଂଗ୍ରହ କରାଗଲେ ଚାଷୀ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି। ଏ ନେଇ ଖୋର୍ଦ୍ଧା ଜିଲା ଯୋଗାଣ ଅଧିକାରୀ ରବୀନ୍ଦ୍ର ବେହେରା କୁହନ୍ତି, ଦାୟିତ୍ୱରେ ଥିବା ସମସ୍ତ ବିଭାଗୀୟ କର୍ମଚାରୀ ଓ ଚାଷୀଙ୍କ ମଧ୍ୟରେ ଆଲୋଚନା କରାଯାଇ ସହମତିରେ କାର୍ଯ୍ୟ ସମ୍ପାଦନ କରାଯାଉଛି। କୌଣସି ଅଭିଯୋଗ ଆସିଲେ ଏହାର ତଦନ୍ତ କରାଯାଇ ପ୍ରତିକାର କରାଯାଉଛି।

# ୨୦ରୁ ବେଟି ବଚାଅ ବେଟି ପଢାଅ କାର୍ଯ୍ୟକ୍ରମ



ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଅନ୍ୟମାନେ ।

ଖୋର୍ଦ୍ଧା ଅଫିସ, ୧୮।୧:

ବେଟି ବଚାଅ ବେଟି ପଢ଼ାଅ ସପ୍ତାହ ପାଳନ ପାଇଁ ଏକ ଖବରଦାତା ସମ୍ମିଳନୀ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ସିତାଂଶୁ କୁମାର ରାଉତ କହିଥିଲେ ଜାନୁୟାରୀ ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ସପ୍ତାହେ ବ୍ୟାପୀ ବେଟି ବଚାଅ ବେଟି ପଢ଼ାଅ କାର୍ଯ୍ୟକ୍ରମ ହେବ। ଏହି ସାପ୍ତାହିକ କାର୍ଯ୍ୟକ୍ରମ ମଧ୍ୟରେ ଜାନୁୟାରୀ ୨୪ରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ ହେବ। ଝିଅମାନଙ୍କୁ ଶିକ୍ଷିତ ଓ ମୁଖ୍ୟସ୍ରୋତରେ ସାମିଲ ପାଇଁ ଗୁରୁତ୍ୱ ଦିଆଯିବ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଝିଅମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ସପ୍ତାହରେ ଦସ୍ତଖତ ଅଭିଯାନ କରାଯିବ। ଯେଉଁ ଝିଅମାନେ ସରକାରୀ ମେଡିକାଲରେ ବେଟି ବଚାଅ ବେଟି ପଢ଼ାଅ ସପ୍ତାହରେ ଜନ୍ମ ନେବେ ସେମାନଙ୍କ ମାତାପିତାଙ୍କୁ ସମ୍ମାନିତ କରାଯିବ। ଝିଅ ଜନ୍ମଦିନରେ ବୃକ୍ଷରୋପଣ କରାଯିବ। ଏହାକୁ ଜିଲାରେ ଭଲ ଭାବେ ପାଳନ କରିବାକୁ କୁହାଯାଇଛି। ଏଥିରେ ଜିଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଉପସ୍ଥିତ ଥିଲେ।

ସଚେତନା ପାଇଁ ଟଙ୍କା ଖର୍ଚ୍ଚ ହୋଇପାରୁନାହିଁ ବେଟି ବଚାଅ, ବେଟି ପଢ଼ାଅ ପାଇଁ ସଚେତନତା ଉଦ୍ଦେଶ୍ୟରେ ଆସିଥିବା ଅନୁଦାନ ଖର୍ଚ୍ଚ କରିବାରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ସକ୍ଷମ ହୋଇନାହିଁ। ୨୦୧୮ରେ ଆସିଥିବା ୧୯ ଲକ୍ଷ ଟଙ୍କା ପଡି ରହିଛି। ସେହିପରି ୨୦୧୯-୨୦ରେ ପୁଣି ୫ ଲକ୍ଷ ଟଙ୍କା ଆସିଛି। ଏହି କାର୍ଯ୍ୟକମ କରି ପ୍ରାୟ ୨ ବର୍ଷ ତଳେ ନୟାଗଡ ଜିଲା ରାଜ୍ୟରେ ଆଗୁଆ ଥିବାବେଳେ ଖୋର୍ଦ୍ଧା ଜିଲା ପଛରେ ପଡି ରହିଛି। କେନ୍ଦ୍ର ସରକାରଙ୍କ ଚାପ ପରେ ପ୍ରଶାସନ ତତ୍ପର ହୋଇଉଠିଛି। ବେଟି ବଚାଅ, ବେଟି ପଢ଼ାଅ ସପ୍ତାହ ପାଳନ ଅବସରରେ ସମ୍ପୃକ୍ତ ଟଙ୍କା ଖର୍ଚ୍ଚ କରିବାକୁ ଚେଷ୍ଟା କରିଛି। ଏ ନେଇ ଜିଲାପାଳ ରାଉତ କହିଥିଲେ, ନିର୍ବାଚନ ଓ ଫନୀ ଯୋଗୁ ଉକ୍ତ କାର୍ଯ୍ୟକ୍ରମ କରାଯାଇ ପାରିଲା ନାହିଁ। ତେବେ ଏହି ଅନୁଦାନ ଶୀଘ୍ର ଖର୍ଚ୍ଚ ହେବ। ଏପରି କି ଏଥିପାଇଁ ଜିଲା ଓ ବ୍ଲକସ୍ତରରେ ଟିମ ଗଠନ ହୋଇସାରିଛି ବୋଲି ଜିଲାପାଳ କହିଥିଲେ।

# ସୂକ୍ଷ୍ମେଶ୍ୱର ମନ୍ଦିର ପ୍ରତି ଯତ୍ନବାନ ହେବାକୁ ଦେବୋତ୍ତର ଆୟୁକ୍ତଙ୍କ ନିକଟରେ ଦାବି

ପୁରୁଣା ଭୁବନେଶ୍ୱର, ୧୮।୧ (ଡି.ଏନ.ଏ.)

ପୁରୁଣା ଭୁବନେଶ୍ୱରସ୍ଥିତ ଐତିହ୍ୟ ସୂକ୍ଷ୍ମେଶ୍ୱର ମନ୍ଦିର ରାଜ୍ୟ ସରାକରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଥିଲେ ମଧ୍ୟ ବିଭିନ୍ନ ସମୟରେ ଅବହେଳା କରାଯାଉଛି। ଏ ନେଇ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଶନିବାର ଦେବୋତ୍ତର ଆୟୁକ୍ତଙ୍କୁ ଏଥିପ୍ରତି ଯତ୍ନବାନ ହେବାକୁ ଦୃଷ୍ଟି ଆକର୍ଷଣ କରାଯାଇଛି। ମନ୍ଦିର ରୀତିନୀତି ସମ୍ପନ୍ନ କରାଯାଉଥିବା ପୁଷ୍କରିଣୀରେ ବିଏମ୍‌ସି ପକ୍ଷରୁ କରାଯାଇଥିବା ନାଳରେ ନର୍ଦ୍ଦମା ପାଣି ମିଶିବା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିବା ମଞ୍ଚ ଅଧ୍ୟକ୍ଷ ଭୀଷ୍ମନାରାୟଣ ନାୟକ କହିଛନ୍ତି। ପୂର୍ବରୁ ମନ୍ଦିର ପୁଷ୍କରିଣୀ ପୁନରୁଦ୍ଧାର ନେଇ ୩୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯିବା ପରେ ନିମ୍ନମାନର କାର୍ଯ୍ୟ ଯୋଗୁ ଏହା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିବା ନେଇ ଭିଜିଲାନ୍ସ ତଦନ୍ତ ଦାବି କରାଯାଇଥିଲା। ସେହିଭଳି ଭୁବନେଶ୍ୱର ବ୍ଲକ ପକ୍ଷରୁ ମନ୍ଦିର ପରିସରରେ ସୂକ୍ଷ୍ମେଶ୍ୱର ମହାଦେବଙ୍କ ରୋଷଘର ରେକର୍ଡଭୁକ୍ତ ସମ୍ପତ୍ତି ଉପରେ କମ୍ୟୁନିଟି ସେଣ୍ଟର ନାମରେ ଅବୈଧ ନିର୍ମାଣ ଅଭିଯୋଗ ମଧ୍ୟ ଆସିଥିଲା। ଏଣୁ ବିଭିନ୍ନ ସମସ୍ୟା ପ୍ରତି ଦୃଷ୍ଟି ଦେବା ସହ ମନ୍ଦିର ରକ୍ଷଣାବେକ୍ଷଣ କରାଯିବା ନେଇ ଦାବି କରାଯାଇଛି।

CLASSIFIED DISPLAY
ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
BUSINESS

SHINGHANIA TOWER
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No 8887184570

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

CAPITAL FINANCE
CAPITAL ଋଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
9992220486

BUSINESS
ଭାରତ ସରକାର ଦ୍ୱାରା ମାନ୍ୟତାପ୍ରାପ୍ତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ରେ ଡିଜିଟାଲ ଟାୱର ଲଗାନ୍ତୁ
ଅଗ୍ରିମ - 70ଲକ୍ଷ, ଭଡା-50000 + 20 Years କୋର୍ଟ ଆଗ୍ରୀମେଣ୍ଟ,
ଧୋଖା ଖାଇଥିବା ବ୍ୟକ୍ତି ଥରେ ଅବଶ୍ୟ କଲ କରି ଡାଇରେକ୍ଟ କମ୍ପାନୀ ସହ କଥା ହୁଅନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
Amit Tiwari: -
7429717631

JOB JOB
ଶିବାନୀ SMS ଜବ୍ ପାର୍ଟ ଟାଇମ୍/ଫୁଲ୍ ଟାଇମ୍ JOB ALL ଓଡ଼ିଶାର ସବୁ ଜିଲ୍ଲା ଅନୁସାରେ ପୁଅ/ଝିଅ, ବେରୋଜଗାର, ଗୃହିଣୀ, ବେରୋଜଗାରୀ/ମାନ୍ଦାବସ୍ଥା ସମୟରେ ଆୟର ସୁବର୍ଣ୍ଣ ସୁଯୋଗ 15,000/-ରୁ 20,000/- ରୋଜଗାର କରନ୍ତୁ । ଲାପଟପ୍, ମୋବାଇଲ, ବାଇକ୍ ମାଗଣା । ଅନ୍‌ଲାଇନ୍ SMS କରନ୍ତୁ । ଜବ୍ ଆଇ.ଡି. ପାଇଁ ଯୋଗାଯୋଗ କରନ୍ତୁ ।
7265982706
7064678575

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

2003ଠାରୁ ଆପଣଙ୍କ ସେବାରେ
TOWER VISION CO.
ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ସିଧା କମ୍ପାନୀ ସହ କଥା ହୋଇ ନିଜର ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍‌ରେ ମଲ୍ଟିମିଡିଆ ଡିଜିଟାଲ ଟାୱାର୍ ଲଗାନ୍ତୁ ।
ଅଗ୍ରିମ: 65 ଲକ୍ଷ | ଭଡ଼ା: 60 ହଜାର
+ କୋର୍ଟ ଏଗ୍ରିମେଣ୍ଟ + ବାଇକ୍
ଜମିର ନିରୀକ୍ଷଣ କରାନ୍ତୁ ଓ ନିଜ ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
073762-57896
094994-92906
ADDRESS: T-51, GAUTAMPURI, DELHI

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |



ଜଣେ ଯେତେ ତଳେ ପଡିଥାଉ ପଛକେ
ସେ'ତ ମନୁଷ୍ୟ, ଏଣୁ ଆଦରର ଅଧିକାରୀ।
- ସେନେକା



## ସଂକ୍ଷେପରେ

### ନିଆଁ ଲାଗି ମହିଳା ଗୁରୁତର

ଯାଁଳା, ୧୮।୧(ଡି.ଏନ.ଏ.): ରୋଷେଇ କରୁଥିବା ସମୟରେ ବାତ ମାରିବାରୁ ଚୁଲିରେ ପଡ଼ି ମାଳତୀ ବେହେରା (୫୨)ଙ୍କ ଶରୀରରେ ନିଆଁ ଲାଗି ଗୁରୁତର ହୋଇଥିଲେ। ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ଓଗାଳପଡ଼ା ମୌଜାରେ ଶନିବାର ଏହା ଘଟିଥିଲା। ମାଳତୀଙ୍କର ବାତ ରୋଗ ରହିଛି। ମଧାହ୍ନ ସମୟରେ ରୋଷେଇ କରୁଥିବା ବେଳେ ତାଙ୍କୁ ବାତ ମାରିଥିଲା। ଫଳରେ ସେ ଚୁଲି ଉପରେ ପଡ଼ି ଯାଇଥିଲେ। ଚୁଲିର ନିଆଁରେ ତାଙ୍କ ଶରୀର ପୋଡ଼ି ଯାଇଥିଲା। ଚୁଲି ନିଆଁ ଘରର ଚାଳରେ ମଧ ଲାଗି ଯାଇଥିଲା। ପାଟି ଶୁଣି ପଡ଼ୋଶୀମାନେ ପହଞ୍ଚି ମାଳତୀଙ୍କୁ ଉଦ୍ଧାର କରିବା ସହ ପାଣି ପକାଇ ଚାଳରେ ଲାଗି ଥିବା ନିଆଁକୁ ଲିଭାଇଥିଲେ। ମାଳତୀଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସରେ ପ୍ରଥମେ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଏମ୍ସ ଓ ସେଠାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା।

### ଚୋରି ବ୍ୟାଟେରି ଜବତ, ୩ ଗିରଫ

ଭୁବନେଶ୍ୱର,୧୮।୧(ବ୍ୟୁରୋ): ଖଣ୍ଡଗିରି ଥାନା ଅଞ୍ଚଳରେ ଥିବା ଏକ ବିଏସ୍ଏନ୍ଏଲ୍ ଟାୱାରରୁ ଲକ୍ଷାଧିକ ଟଙ୍କାର ୨୭ଟି ଚୋରି ବ୍ୟାଟେରିକୁ ପୋଲିସ ଜବତ କରିବା ସହ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ଇଟାମାଟି ଅଞ୍ଚଳର ବିପିନ ବେହେରା, ଶୈଳଶ୍ରୀ ବେହେରା ଅଞ୍ଚଳର ମାଧବ ମାଣିକ ଓ କାକଟପୁର ଥାନା ଅଞ୍ଚଳର ଜଗନ୍ନାଥ ପାତ୍ର। ସୂଚନା ମୁତାବକ, ବରମୁଣ୍ଡା ରୁଚିକା ମାର୍କେଟ ନିକଟରେ ଥିବା ଏକ ବିଏସ୍ଏନ୍ଏଲ ଟାୱାରରୁ ୨୭ଟି ବ୍ୟାଟେରି ଚୋରି ହେବା ନେଇ ଏସଡିଓ ଗୋପାଳ କୃଷ୍ଣ ବେହେରା ଗତ ୧୫ତାରିଖରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଶୁକ୍ରବାର ରାତିରେ ଶୈଳଶ୍ରୀ ବିହାର ଅଞ୍ଚଳରେ ଥିବା ଏକ କବାଡିଆ ଦୋକାନରେ ଚଢ଼ାଉ କରି ସମସ୍ତ ବ୍ୟାଟେରିକୁ ଜବତ କରିଥିଲା। ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ପୋଲିସ କବାଡିଆ ଦୋକାନର ୩ଜଣଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ନେବା ଆଣିବାରେ ବ୍ୟବହୃତ ଏକ ଟାଟା ଏସିଇ ମାଲବାହୀ ଅଟୋକୁ ମଧ ପୋଲିସ ଜବତ କରିଥିଲା।

### ସମ୍ବେଦନଶୀଳ ଘଟଣାବଳୀକୁ ନେଇ କ୍ଷୁଦ୍ର ଚଳଚ୍ଚିତ୍ର 'ସବୁ ପ୍ରଶ୍ନ'

ଭୁବନେଶ୍ୱର,୧୮।୧(ବ୍ୟୁରୋ): ଅନେକ ସମ୍ବେଦନଶୀଳ ଘଟଣାକୁ ନେଇ ନିର୍ମାଣ ହୋଇଛି କ୍ଷୁଦ୍ର ଚଳଚ୍ଚିତ୍ର 'ସବୁ ପ୍ରଶ୍ନ'। ୨୫ ମିନିଟ୍ର ଏହି ଚଳଚ୍ଚିତ୍ରଟିର କାହାଣୀ ନାରୀ ନିର୍ଯାତନା ଓ ବଳାତ୍କାର ଉପରେ ଆଧାରିତ ହୋଇଥିବାରୁ ଜାତୀୟ ମାନବାଧିକାର ଆୟୋଗ (ଏନ୍ଏଚ୍ଆରସି) ଇଣ୍ଡିଆ ଦ୍ୱାରା ପୁରସ୍କୃତ ହୋଇଛି। ଚଳଚ୍ଚିତ୍ରରେ ଆମ ଗଣତନ୍ତ୍ରର ସୁରକ୍ଷା ପାଇଁ ପ୍ରତିବଦ୍ଧତା ଦର୍ଶାଯାଇଛି। ଚଳଚ୍ଚିତ୍ରକୁ ଇଂ. ଜେ. ଆଦିନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବେଳେ ମୁଖ୍ୟ ଚରିତ୍ରରେ ମନୋରଞ୍ଜନ ମହାପାତ୍ର, ଅନୁରାଧା, ବିଦ୍ୟା, ସଙ୍ଗୀତା, ଶ୍ରାବଣୀ, ଗୁଡୁ, ନାରାୟଣ ଓ ମିଥୁନ ଅଭିନୟ କରିଛନ୍ତି। ଚଳଚ୍ଚିତ୍ର ଲୋକମାନଙ୍କ ଦ୍ୱାରା ଗ୍ରହଣୀୟ ହେବ ବୋଲି ନିର୍ମାତା ଆଶା ରଖିଛନ୍ତି।

# ଧାନ ଅମଳ ପରେ ଗାଁମୁହାଁ ହାତୀ

■ ସୁରକ୍ଷା ଦେଇପାରୁନି ବନ ବିଭାଗ
■ ୨ଜଣଙ୍କ ମୃତ୍ୟୁ ପରେ ଭୟ ଘାରିଲା

**ଧାନ ଅମଳ ପରେ ଜମିକୁ ଛାଡି ଗାଁମୁହାଁ ହୋଇଛନ୍ତି ହାତୀ। ସନ୍ଧ୍ୟା ହେଉ କି ଦିନବେଳା ଗାଁ ଦାଣ୍ଡରେ ଉତ୍ପାତ କରୁଛନ୍ତି ହାତୀପଲ। ଗାଁ ଲୋକ ହାତୀପଲକୁ ଘଉଡାଇଲେ ସେମାନେ ସ୍ଥାନ ପରିବର୍ତ୍ତନ କରି ଅନ୍ୟ ଏକ ଗାଁରେ ପହଞ୍ଚି ଯାଉଛନ୍ତି। ଏଭଳିସ୍ଥଳେ ବେଗୁନିଆ ବ୍ଲକ ହଜ ପଞ୍ଚାୟତରେ ହାତୀ ଆକ୍ରମଣରେ ଶୁକ୍ରବାର ରାତିରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ଓ ଜଣେ ଗୁରୁତର ହେବା ପରେ ଲୋକଙ୍କ ମଧରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସନ୍ଧ୍ୟା ହେଲେ ଜଙ୍ଗଲ ତଳି ଅଞ୍ଚଳ ଲୋକ ଟାଟି କବାଟ ପକାଇ ଦେଉଛନ୍ତି। ତେବେ ହାତୀଙ୍କୁ ଘଉଡାଇବାକୁ ବନବିଭାଗର ସହାୟତା ଠିକ୍ ସମୟରେ ମିଳୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି।**

### ସଙ୍କଟରେ ଜୀବନ



ହାତୀଙ୍କ ଭୟରେ ବଞ୍ଚିବାକୁ ପଡୁଛି। ହାତୀ ହିଂସ୍ର ହୋଇଯିବା ପରେ କିପରି ଚଳିବୁ, କୁଆଡେ ଯିବୁ ଚିନ୍ତା ଘାରିଲାଣି। ବାଦବାରବାଟି ଗାଁ ରାସ୍ତା ହାତୀଙ୍କ ଚଲାପଥ। ଏଠାରେ ଅଧିକାଂଶ ସମୟ ହାତୀଙ୍କୁ ଦେଖିବାକୁ ମିଳେ। ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ପରେ ପିଲାଙ୍କୁ ରାତିରେ ଟିଉସନ ଛାଡିବାକୁ ଭୟ ଲାଗୁଛି। ହାତୀଙ୍କ ଯୋଗୁ ଫସଲ ଉଜୁଡୁଥିଲା। ଏବେ ଜୀବନ ଯାଉଛି।

–ରାମଚନ୍ଦ୍ର ସେଠୀ, ବାଦବାରବାଟି

### ହାତୀଙ୍କ ଉତ୍ପାତ ବଢୁଛି



କାଠ ଓ ଜମି ମାଫିଆଙ୍କ ଯୋଗୁ ଚନ୍ଦକା ହାତୀ ଅଭୟାରଣ୍ୟ ଧ୍ୱଂସ ପାଲଟିଛି। ଚନ୍ଦକା ହାତୀ ସେଠାରୁ ଆସି ଏବେ ଏଠାକାର ଗାଁ ଦାଣ୍ଡରେ ରାଜୁତି କରୁଛନ୍ତି। ଖାଦ୍ୟ ନ ପାଇଲେ ହାତୀ ହିଂସ୍ର ହୋଇ ଲୋକଙ୍କୁ ମାରିଲେଣି। ଆଗକୁ ସେମାନଙ୍କର ଉତ୍ପାତ ବଢ଼ିବ। କାରଣ ଗାଁରେ ଆଉ ଖାଦ୍ୟ ମିଳୁନାହିଁ। ଯେଉଁଠି ଅଛି ସେଠାରେ ଲୋକ ହାତୀକୁ ଘଉଡାଉଛନ୍ତି। ଏଣୁ ସରକାର ହାତୀଙ୍କ ପାଇଁ ଚିନ୍ତା କରିବା ସହ ଲୋକଙ୍କ ସମସ୍ୟା ବୁଝନ୍ତୁ। ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଦିଆଯାଉଥିବା କ୍ଷତିପୂରଣ ରାଶିକୁ ୪ ଲକ୍ଷ ବଦଳରେ ୫୦ ଲକ୍ଷ କରନ୍ତୁ।

–ପ୍ରଶାନ୍ତ ରାଉତରାୟ, ସିକୋ

### ଜମି ପଡ଼ିଆ ପଡ଼ିଛି



ହାତୀ ଫସଲ ନଷ୍ଟ କରୁଥିବାରୁ ନାରଗଦା ଗାଁରେ ଚାଷୀଙ୍କର ପ୍ରାୟ ୧୨୦ ଏକରରୁ ଉର୍ଦ୍ଧ୍ୱ ଜମି ପଡିଆ ପଡିଛି। ହାତୀ ଫସଲ ପ୍ରତିବର୍ଷ ଉଜାଡି ଚାଲିଥିବାବେଳେ ସରକାରୀ ସହାୟତା ମିଳୁନାହିଁ। ବନବିଭାଗ ଯେଉଁ ସହାୟତା ଦେଉଛି ତାହା ସମୁଦ୍ରକୁ ଶଙ୍ଖେ। ଚାଷୀ ଚାଷ ଛାଡିବା ବ୍ୟତୀତ ଅନ୍ୟ ଉପାୟ ନାହିଁ। ଗାଁରେ ପ୍ରାୟ ୧୦ବର୍ଷ ହେଲା ହାତୀଙ୍କ ଉତ୍ପାତ ଲାଗି ରହିଛି।

–ଧୀରେନ ମହାନ୍ତି, ନାରଗୋଦା

### ମିଥ୍ୟା ରିପୋର୍ଟରେ ନିୟନ୍ତ୍ରଣ



ମିଥ୍ୟା ରିପୋର୍ଟରେ ଚାଲିଛି ହାତୀଙ୍କ ନିୟନ୍ତ୍ରଣ। ସାଧାରଣ ଲୋକଙ୍କୁ କ୍ଷତି ଭୋଗିବାକୁ ପଡୁଛି। ପୁଣି ବର୍ଷତମାମ ପନିପରିବା ଫସଲ ସହ ଧାନ ଫସଲ ନଷ୍ଟ ହେଉଛି। ହାତୀଙ୍କ ଉତ୍ପାତ ନେଇ ବନବିଭାଗକୁ ଖବର ଦେଲେ ସହାୟତା ମିଳୁନି। ହାତୀକୁ ଘଉଡାଇବାକୁ ବନବିଭାଗ ପକ୍ଷରୁ ହଜ ଅଞ୍ଚଳରେ କର୍ମଚାରୀ ନିୟୋଜିତ ହୋଇଛନ୍ତି। ହେଲେ ସେମାନେ ଠିକ୍ ଭାବେ କାମ କରୁନାହାନ୍ତି।

–ଧ୍ରୁବ ଚରଣ ବାହିନୀପତି, ହଜ

### ମାନସିକତାରେ ପରିବର୍ତ୍ତନ ଦରକାର



ମାନସିକତାରେ ପରିବର୍ତ୍ତନ ଆଣି ଗାଁମୁହାଁ ହାତୀଙ୍କ ସମ୍ପର୍କରେ ଅଭିଯୋଗ କଲେ ବନବିଭାଗ କର୍ମଚାରୀ ଫୋନ ଉଠାନ୍ତୁ। ହାତୀ ଘଉଡାଇବାରେ ସହଯୋଗ କରନ୍ତୁ। ନ ହେଲେ ବିଭାଗର କର୍ମଚାରୀଙ୍କ ବିରୋଧରେ ଅସନ୍ତୋଷ ବଢିବ। ଲୋକେ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବେ।

–ପୁଲକ ବଡଜେନା, ହଜ ସରପଞ୍ଚ

### ହାତୀର ପଥ ବଦଳାନ୍ତୁ



ସରକାର ଗାଁମୁହାଁ ହାତୀଙ୍କ ଚଲାପଥକୁ ବଦଳାନ୍ତୁ। ଦରକାର ପଡିଲେ ଜଙ୍ଗଲ ଅଞ୍ଚଳରେ ଟ୍ରେଞ୍ଚ ଖୋଳନ୍ତୁ। ଗାଁରେ ହାତୀପଲ ପଶିଲେ ବନବିଭାଗ ଅଭିଯୋଗ ପାଇଲେ ବିଳମ୍ବରେ ଆସିବାର ସ୍ୱଭାବକୁ ପରିବର୍ତ୍ତନ କରାନ୍ତୁ। ହାତୀ ଉପଦ୍ରବ ଅଞ୍ଚଳରେ କିଛିଦିନ ପାଇଁ ଅସ୍ଥାୟୀ କ୍ୟାମ୍ପ କରାଯାଉ।

–ସୁକଦେବ ଜୟସିଂହ, କଲରାଝର

### କର୍ମଚାରୀଙ୍କ ଅଭାବ



ଟାଙ୍ଗୀ ରେଞ୍ଜ ଅଞ୍ଚଳରେ ୩୧ ହାତୀ ଅଛନ୍ତି। ଏମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ସମ୍ଭବ ନୁହେଁ। ଖୋର୍ଦ୍ଧା ବନଖଣ୍ଡରେ ଦେଢ ଲକ୍ଷ ଲୋକ ହାତୀ ଦ୍ୱାରା କ୍ଷତିଗ୍ରସ୍ତ ହେଉଛନ୍ତି। ସବୁ କ୍ଷତିଗ୍ରସ୍ତ ଚାହୁଁଛନ୍ତି ସେମାନଙ୍କ ଅଞ୍ଚଳରେ କ୍ୟାମ୍ପ ଖୋଲୁ। ହେଲେ କର୍ମଚାରୀଙ୍କ ଅଭାବରୁ ସମସ୍ତଙ୍କୁ ସେବା ଯୋଗାଇବା ସମ୍ଭବ ହେଉନାହିଁ। ତେବେ ଚେଷ୍ଟା କରୁଛୁ ହାତୀ ଘଉଡାଇବାକୁ। ହେଲେ ସେମାନେ ଦିଗ ବଦଳାଇ ଅନ୍ୟ ଗାଁକୁ ଚାଲି ଯାଉଛନ୍ତି। ହାତୀ ଉପଦ୍ରୁତ ଅଞ୍ଚଳରେ ସନ୍ଧ୍ୟା ହେଲେ ଯାତାୟାତ ବନ୍ଦ କରିବାକୁ ସଚେତନତା କରୁଛୁ।

–ସୁଦୀପ୍ତ ନାୟକ, ଡିଏଫଓ ଖୋର୍ଦ୍ଧା

## ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ଚାଷୀ

**ନବନିର୍ମାଣ କୃଷକ ସଂଗଠନ ବୈଠକ**

ବୋଲଗଡ,୧୮।୧(ଡି.ଏନ.ଏ.)– ସ୍ୱାଧୀନତାର ୭୨ ବର୍ଷ ପରେବି ଦେଶରେ କୃଷି ଉପରେ ନିର୍ଭର କରି ବସବାସ କରୁଥିବା ପ୍ରାୟ ୭୨ ପ୍ରତିଶତରୁ ଉର୍ଦ୍ଧ୍ୱ ଚାଷୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ପ୍ରାଇସ,ପ୍ରେଷ୍ଟିଜ ଏବଂ ପେନସନ ପାଇ ପାରି ନାହାନ୍ତି। କୃଷି ଉପରେ ନିର୍ଭର କରୁଥିବା ପରିବାର ପାଇଁ ସରକାର ପ୍ରାଇସ,ପ୍ରେଷ୍ଟିଜ ଏବଂ ପେନସନ ଦାବିରେ ନବନିର୍ମାଣ କୃଷକ ସଂଗଠନ ରାଜରାସ୍ତାକୁ ଓହ୍ଲାଇ ଗଣତାନ୍ତ୍ରିକ ଆନ୍ଦୋଳନ ଜାରି ରଖିବ ବୋଲି ସଂଗଠନର ରାଷ୍ଟ୍ରୀୟ ସଂଗଠକ ଅକ୍ଷୟ କୁମାର କହିଛନ୍ତି। ସେ ବୋଲଗଡ ବ୍ଲକ ଅସରଳା ଠାରେ ଶନିବାର ଅନୁଷ୍ଠିତ ଏକ କୃଷକ ସମାବେଶରେ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିବା ସହ ୧୬ଦଫା ଦାବି ନେଇ ସଂଗଠନ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଥିଲେ। ଆଗାମୀ ମାର୍ଚ୍ଚ ମାସରେ ରାଜ୍ୟ ବଜେଟରେ ଏଥିପାଇଁ ବ୍ୟୟ ଅଟକଳ କରାଯାଇ ଯଦି ମଞ୍ଜୁରୀ କରା ନଯାଏ ତାହା ହେଲେ ଆଗାମୀ ମେ ମାସରେ ୭ଲକ୍ଷ ଚାଷୀ ରାସ୍ତାକୁ ଓହ୍ଲାଇ ଗଣତାନ୍ତ୍ରିକ ଉପାୟରେ ଦାବି କରିବେ ବୋଲି ଅକ୍ଷୟ କୁମାର କହିଥିଲେ। ସେହିପରି ସଂଗଠନର ରାଜ୍ୟ ସଂଗଠକ ଶେଷଦେବ ନନ୍ଦ ଏହି ବୈଠକରେ କାଳିଆ ଯୋଜନାକୁ କେନ୍ଦ୍ର ସରକାରଙ୍କ ପ୍ରଧାନ ମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ସାମିଲ କରିଥିବାକୁ ନେଇ ବିରୋଧ କରିଥିଲେ। ଖୋର୍ଦ୍ଧା ଜିଲା ସଂଯୋଜକ ସୁରେଶ କୁମାର ମାନସିଂହ କହିଥିଲେ କୃଷି ଉତ୍ପାଦିତ ଦ୍ରବ୍ୟର ଠିକ ଦର ନିର୍ଦ୍ଧାରଣ ସହିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨ହଜାର ୯ଶହ ୫୦ଟଙ୍କା,କୃଷକମାନଙ୍କୁ ୬୦ବର୍ଷ ପରେ ୫ହଜାର ଟଙ୍କା ପେନସନ ଏବଂ ସରକାରୀ ଦପ୍ତର ସହିତ ସରକାରୀ ଅଧିକାରୀ ଏବଂ କର୍ମଚାରୀମାନେ ଚାଷୀମାନଙ୍କୁ ଉଚିତ ସମ୍ମାନ ଦେବା ପାଇଁ ନବନିର୍ମାଣ କୃଷକ ସଂଗଠନ ୧୦ବର୍ଷ ଧରି ଆନ୍ଦୋଳନ ଜାରିରଖିଛି । ତେବେ ସରକାର ଚାଷୀ ମାନଙ୍କ ଦାବି ମାନି ନ ନେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସେ କହିଥିଲେ। ଅଞ୍ଚଳର ଅଗ୍ରଣୀ ଚାଷୀ ନଟବର ପାଣ୍ଡେ ଚାଷୀଙ୍କ ସମସ୍ୟା ଉପସ୍ଥାପନ କରିଥିଲେ। ସମାବେଶରେ ସ୍ଥାନୀୟ ସରପଞ୍ଚ ଫକୀର ସ୍ୱାଇଁ ମଞ୍ଚାସୀନ ଥିଲେ।



ନବ ନିର୍ମାଣ କୃଷକ ସଂଗଠନ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

## ରେନ୍‌ବୋ କପ୍ କ୍ରିକେଟ: କଳିଙ୍ଗ ବିଜୟୀ

ଖୋର୍ଦ୍ଧା ଅଫିସ, ୧୮।୧: ସାରୁଅ ପଞ୍ଚାୟତର ପତନୀବର ଖେଳପଡିଆରେ ରେନ୍‌ବୋ କପ କ୍ରିକେଟ ଚାଲିଛି। ଏହାର ୨ୟ ଦିବସ ମ୍ୟାଚରେ କଳିଙ୍ଗ କ୍ରିକେଟ କ୍ଲବ ଖୋର୍ଦ୍ଧା ୧୦ ରନରେ ଭାଲିଆବାଡି କ୍ରିକେଟ କ୍ଲବକୁ ପରାସ୍ତ କରି ବିଜୟୀ ହୋଇଛି। କଳିଙ୍ଗ କ୍ରିକେଟ କ୍ଲବ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରୁ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୮୭ ରନ କରିଥିଲା। ଜବାବରେ ଭାଲିଆବାଡି କ୍ରିକେଟ କ୍ଲବ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୭ ରନ କରିଥିଲା। ବିଜୟୀ କଳିଙ୍ଗ ଦଳର ରିଙ୍କୁ ବଡଜେନା ୧୮ରନ୍ କରିଥିବାବେଳେ ୪ ଓଭରରେ ୧୧ ରନ ଦେଇ ୪ ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଖେଳ ପରିଚାଳନା ସନ୍ତୋଷ ପାଇକରାୟ ଓ ନିକୁଞ୍ଜ ବଳିଆରସିଂହ, ଜ୍ୟୋତି ରଞ୍ଜନ ଭୁଜବଳ କରିଥିଲେ। ରବିବାର ରାଇଜିଂ ଷ୍ଟାର କ୍ରିକେଟ କ୍ଲବ କୁମାରବସ୍ତ ବନାମ ଅତ୍ରି କ୍ରିକେଟ କ୍ଲବ ମଧରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ପାଇଥିବା ପର୍ସକୁ ଯୁବକ ଫେରାଇଲେ



ଜଟଣୀ, ୧୮।୧(ଡି.ଏନ.ଏ.): ରେଲୱେ କର୍ମଚାରୀଙ୍କ ହଜି ଯାଇଥିବା ପର୍ସକୁ ପାଇ ଜଣେ ବଦାନ୍ୟ ଯୁବକ ଫେରାଇଛନ୍ତି। ରେଲୱେରେ ଲୋକୋ ପାଇଲଟ୍ ଭାବେ କାର୍ଯ୍ୟ କରୁଥିବା ଅମିତ କୁମାରଙ୍କ ପର୍ସଟି ପ୍ୟାଣ୍ଟ ପକେଟରୁ ଶୁକ୍ରବାର ଖସି ପଡିଥିଲା। ପର୍ସରେ ୮ ହଜାର ଟଙ୍କା, ରେଲୱେର ପରିଚୟ ପତ୍ର, ଆଧାର କାର୍ଡ଼ ଓ ଅନ୍ୟ ଦରକାରୀ କାଗଜ ରହିଥିଲା। ପର୍ସଟି ହଜିଯିବା ପରେ ଅମିତ ବ୍ୟସ୍ତ ହୋଇ ବିଭିନ୍ନ ସ୍ଥାନରେ ଖୋଜି ନିରାଶ ହୋଇଥିଲେ। ଜଟଣୀ କୁଦିଆରୀ ମହତାବନଗର ଅଞ୍ଚଳର ସନ୍ତୋଷ ନାୟକ ସ୍ଥାନୀୟ ରେଲୱେ ମାର୍କେଟରୁ ଏହି ପର୍ସଟିକୁ ପାଇଥିଲେ। ପାଇଲା ପରେ ପର୍ସ ମଧ୍ୟରେ ରହିଥିବା ପରିଚୟପତ୍ରରୁ ଅମିତଙ୍କ ଫୋନ୍ ନମ୍ବର ପାଇ କଲ କରିଥିଲେ। ଶନିବାର ଅମିତ ପହଞ୍ଚି ସନ୍ତୋଷଙ୍କଠାରୁ ତାଙ୍କର ହଜି ଯାଇଥିବା ପର୍ସଟି ଗ୍ରହଣ କରିଥିଲେ। ସନ୍ତୋଷଙ୍କ ଏପରି ମହାନତା କାର୍ଯ୍ୟକୁ ଅମିତଙ୍କ ସମେତ ଉପସ୍ଥିତ ଅନ୍ୟମାନେ ସାଧୁବାଦ୍ ଜଣାଇବା ସହ ଧନ୍ୟବାଦ ଜଣାଇଥିଲେ।

## ୪୧ବର୍ଷ ପରେ ମିଳନ ପର୍ବ



ବନ୍ଧୁମିଳନରେ ଯୋଗ ଦେଇଥିବା ପୁରାତନ ବିଦ୍ୟାର୍ଥୀ ଓ ଅନ୍ୟମାନେ।

ଜଟଣୀ, ୧୮।୧(ଡି.ଏନ.ଏ.): ଜଟଣୀ କୁଦିଆରୀ ମଧ ଇଂରାଜୀ ବିଦ୍ୟାଳୟର ୧୯୭୮ ମସିହା ସପ୍ତମ ଶ୍ରେଣୀ ବ୍ୟାଚରେ ଏକ ମିଳନ ପର୍ବ ଶନିବାର ଆୟୋଜିତ ହୋଇଥିଲା। ସ୍ଥାନୀୟ ବୁଢ଼ାପଡ଼ା ସୋମନାଥ ଦେବଙ୍କ ପୀଠରେ ଆୟୋଜିତ ଏହି ମିଳନ ପର୍ବରେ ୫୦ରୁ ଅଧିକ ପୁରାତନ ବିଦ୍ୟାର୍ଥୀ ଏକତ୍ରିତ ହୋଇ ନିଜ ଅନୁଭୂତି ପରସ୍ପର ମଧରେ ବାଣ୍ଟିଥିଲେ। ଏହି ପରିପ୍ରେକ୍ଷୀରେ ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ତ୍ରିଲୋଚନ ମହାପାତ୍ର, ବିଜୟ କେତନ ପଟ୍ଟନାୟକ, ପଞ୍ଚୁଦୋଳ ମହାନ୍ତି ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ସୁରିଆ ବାରିକ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଈଶ୍ୱର ସାମନ୍ତରାୟ, କିଶୋର ସୁବୁଦ୍ଧି, ବ୍ୟୋମକେଶ ମହାନ୍ତି, ଲକ୍ଷ୍ମୀଧର ବରିଶଲ, ସୁଦର୍ଶନ ସୁନ୍ଦରାୟ ପ୍ରମୁଖ ପୁରାତନ ବିଦ୍ୟାର୍ଥୀଙ୍କ ଦ୍ୱାରା ଏହା ଆୟୋଜିତ ହୋଇଥିଲା।

## ଅନିୟମିତତା: ଅଙ୍ଗନୱାଡି କର୍ମୀ, ସୁପରଭାଇଜରଙ୍କ ଦରମା ବନ୍ଦ

**ଜିଲାପାଳଙ୍କ ଅଚାନକ ପରିଦର୍ଶନ**

ଖୋର୍ଦ୍ଧା ଅଫିସ, ୧୮।୧: ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତ ଶନିବାର ଖୋର୍ଦ୍ଧା ସହରର ବାସେଳିସାହି, ମାରୱାଡିପଟି, ଗାନ୍ଧୀ ପଡିଆ ଓ ନବୀନାବାଗସ୍ଥିତ ଅଙ୍ଗନୱାଡି କେନ୍ଦ୍ରକୁ ଅଚାନକ ପରିଦର୍ଶନରେ ଯାଇଥିଲେ। ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଅନିୟମିତତା, ଅବ୍ୟବସ୍ଥା ଦେଖି ବିରକ୍ତି ହେବା ସହ କର୍ମୀ, ସହାୟିକାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଅନ୍ୟପକ୍ଷେ ମାସକ ଦରମା ବନ୍ଦ କରିବାକୁ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସ୍ଥାନୀୟ ସୁପରଭାଇଜରଙ୍କୁ କାରଣ ଦର୍ଶାଅ ନୋଟିସ୍ ସହ ମାସକର ଦରମା ବନ୍ଦ କରାଯାଇଛି। ଜିଲାପାଳ ରାଉତଙ୍କ ସୂଚନା ଅନୁସାରେ, ଶନିବାର ପରିଦର୍ଶନରେ ଯାଇଥିବା ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଷ୍ଟକ ରେଜିଷ୍ଟର, ଉପସ୍ଥାନ ଖାତା ଦେଖାଇ ପାରି ନ ଥିଲେ। ପୁଣି ସରକାରଙ୍କ ନିର୍ଦ୍ଦେଶ ମୁତବାକ ଶିଶୁମାନଙ୍କୁ ଖାଦ୍ୟ ଦିଆଯାଇ ନ ଥିଲା। ରିପୋର୍ଟରେ ଅଧିକ ଦେଖାଯାଉଥିଲେ ମଧ ସ୍ୱଳ୍ପ ସଂଖ୍ୟାକ ଶିଶୁ ଉପସ୍ଥିତ ଥିଲେ।

## ଶ୍ରୀବସ୍ତ ମେମୋରିଆଲ ଫୁଟବଲ : ଫାଇନାଲ୍‌ରେ ମହାବୀର କ୍ଲବ ଓ ମଙ୍ଗଳା କ୍ଲବ

ଜଟଣୀ, ୧୮।୧(ଡି.ଏନ.ଏ.) ଜଟଣୀ କୁଶମାଟି–ଛଣଘର ଖେଳପଡ଼ିଆରେ ଚାଲିଥିବା ଶ୍ରୀବସ୍ତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶନିବାର ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର କିଶୋର କ୍ଲବକୁ ୪–୩ ଟାଇବ୍ରେକରରେ ପରାସ୍ତ କରି ସମ୍ବଲପୁରର ମହାବୀର କ୍ଲବ ଫାଇନାଲ୍‌ରେ ପ୍ରବେଶ କରିଛି। ଖେଳର ନିର୍ଦ୍ଧାରିତ ସମୟରେ ଉଭୟ ଦଳ ପରସ୍ପରକୁ ୨ଟି ଲେଖାଏ ଗୋଲ ଦେବାରୁ ମ୍ୟାଚ ଡ୍ର ରହିଥିଲା। ଫଳରେ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ରେଫରି ଭାବେ ପ୍ରଶାନ୍ତ କୁମାର ପାଲ ରହିଥିବା ବେଳେ ଆସିଷ୍ଟାଣ୍ଟ ରେଫରି ଚନ୍ଦ୍ରକାନ୍ତ ବାରିକ ଓ ପ୍ରଫୁଲ୍ଲ ବେହେରା ମ୍ୟାଚ ପରିଚାଳନା କରିଥିଲେ। ମହାବୀର କ୍ଲବର ଶିବଲାଲ୍ ଓରାମ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଇଣ୍ଡିଆନ୍ ଅଏଲ୍ ଜଟଣୀ ଟର୍ମିନାଲର ଜିଏମ୍ ନୃସିଂହ ଚରଣ ସେଠୀ ଓ ପୂର୍ବତନ ପୌରାଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ଫ୍ରେଣ୍ଡସ୍ ପାରାଡାଇଜ୍ ସ୍ପୋର୍ଟସ ଆସୋସିଏଶନର ରମେଶ ପ୍ରଧାନ, ସୁବାଶିଷ ପରିଡ଼ା, ତପନ ନାୟକ ପ୍ରମୁଖଙ୍କ ଦ୍ୱାରା ଖେଳ ପରିଚାଳିତ ହୋଇଥିଲା। ରବିବାର କଟକର ମଙ୍ଗଳା କ୍ଲବ ଓ ସମ୍ବଲପୁରର ମହାବୀର କ୍ଲବ ମଧରେ ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହେବ।




ଅତିଥିମାନେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ।

## ଚିନ୍ତାରେ ରାଜସୁନାଖଳା ଶୁଖୁଆ ବ୍ୟବସାୟୀ

**୫୭ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ**

ବୋଲଗଡ଼,୧୮।୧(ଡି.ଏନ.ଏ.) ଖୋର୍ଦ୍ଧା–ନୟାଗଡ ଉଭୟ ଜିଲାର ସୀମାନ୍ତ ସ୍ଥଳରେ ରହିଛି ରାଜସୁନାଖଳା ବଜାର। ଏହି ବଜାରର ୫୭ ନଂ. ଜାତୀୟ ରାଜପଥର ଉଭୟପାର୍ଶ୍ୱରେ ଅନେକ ଶୁଖୁଆ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ବଜାର ଅଞ୍ଚଳରେ ଶତାଧିକ ବର୍ଷ ଧରି ବ୍ୟବସାୟୀମାନେ ଶୁଖୁଆ ବ୍ୟବସାୟ କରି ଆସୁଛନ୍ତି। ଏଠାରୁ ଛୋଟ ଛୋଟ ବ୍ୟବସାୟୀମାନେ ଶୁଖୁଆ କିଣି ନେଇ ଉଭୟ ଜିଲାର ଗ୍ରାମାଞ୍ଚଳରେ ବ୍ୟବସାୟ କରି ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି। ଏପରି କି ଅନେକ ପରିବାର ଏହି ବଜାରରେ ସେମାନଙ୍କର କୌଳିକ ବ୍ୟବସାୟ ଭାବେ ଶୁଖୁଆ ବ୍ୟବସାୟ କରୁଛନ୍ତି। ସମ୍ପ୍ରତି ୫୭ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କରାଯାଉଛି। ଫଳରେ ଏହି ରାଜପଥର ଉଭୟପାର୍ଶ୍ୱରେ ଥିବା ଶୁଖୁଆ ଦୋକାନଗୁଡିକ ଉଚ୍ଛେଦ ହେବାର ସମ୍ଭାବନା ଦେଖାଯାଇଛି। ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ବଜାର ଅଞ୍ଚଳରେ ଆରମ୍ଭ ହେଲେ ଶୁଖୁଆ ଦୋକାନ, ଗୋଦାମଗୁଡିକ ବନ୍ଦ ହୋଇଯିବ ବୋଲି ବ୍ୟବସାୟୀମାନେ ଚିନ୍ତାରେ ପଡିଛନ୍ତି। ବ୍ୟବସାୟୀମାନେ ପାରାଦୀପ, ହୁମା, ବ୍ରହ୍ମଗିରି ଅଞ୍ଚଳରୁ ଏଠାକୁ ଶୁଖୁଆ ଆଣି ଗୋଦାମ ଏବଂ ଦୋକାନରେ ବିକ୍ରି କରିଥାନ୍ତି। ଏହି ଗୋଦାମଗୁଡିକରୁ ଖୁଚୁରା ବ୍ୟବସାୟୀମାନେ ଶୁଖୁଆ ନେଇ ଗ୍ରାମାଞ୍ଚଳରେ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି। ଅପରପକ୍ଷରେ ବଜାରକୁ ଆସୁଥିବା ଖାଉଟିମାନେ ମଧ ବଜାରରୁ ଶୁଖୁଆ ନିଜ ଘରକୁ କିଣି ନେଇଥାନ୍ତି। ପ୍ରଶାସନ କିମ୍ବା ସରକାରଙ୍କ ପକ୍ଷରୁ ଏଠାରେ ଶୁଖୁଆ ବ୍ୟବସାୟୀମାନଙ୍କୁ ଥାଇଥାନ କରିବାକୁ ବ୍ୟବସାୟୀ ମହଲରେ ମତପ୍ରକାଶ ପାଇଛି। ନଚେତ୍ ଏହି ବଜାରରେ ଶୁଖୁଆ ବ୍ୟବସାୟ ପ୍ରଭାବିତ ହେବ। ଶୁଖୁଆ ବ୍ୟବସାୟ ଉପରେ ନିର୍ଭର କରୁଥିବା ବହୁସଂଖ୍ୟାରେ ପରିବାରଙ୍କ ଜୀବନ ଜୀବିକା ବ୍ୟାଘାତ ହେବାର ସମ୍ଭାବନା ଦେଖାଯାଇଛି।



୫୭ନଂ ଜାତୀୟ ରାଜପଥ ରାଜସୁନାଖଳା ବଜାର କଡରେ ଥିବା ଶୁଖୁଆ ଗୋଦାମ ।



ଏକମାତ୍ର କୁହୁକ ହେଉଛି କଠିନ ପରିଶ୍ରମ, ଦୂରଦୃଷ୍ଟି, କର୍ତ୍ତବ୍ୟବୋଧ ଓ ଦୃଢ଼ ସଂକଳ୍ପ।
-ଇନ୍ଦିରାଗାନ୍ଧୀ



## ସଂକ୍ଷେପରେ

### ଫସଲ ଉଜାଡ଼ି ଦେଲେ ୨ ଯୁବକ

ନିମାପଡ଼ା,୧୮।୧(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଦେଉଳି ଗ୍ରାମର ଭରତ ସ୍ୱାଇଁଙ୍କ ବିଲରେ ପଶି ୨ଜଣ ଯୁବକ ପନିପରିବା ଫସଲ ଉଜାଡ଼ିଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଫସଲ ନଷ୍ଟ ସହ ତାଙ୍କୁ ଠେଲାପେଲା କରିବା ଏବଂ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଭରତ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ପୋଲିସ (ନଂ.୧୩/୨୦) ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଥାଉ କି, ଗ୍ରାମରେ ସବର୍ଣ୍ଣ ଏବଂ ଦଳିତଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଉଭୟ ପକ୍ଷରୁ ଥାନାରେ ଏକାଧିକ ମାମଲା ରୁଜୁ ହୋଇଛି। ଏହି ବିବାଦ ଯୋଗୁ ଫସଲ ନଷ୍ଟ କରାଯାଇଥିବା ଭରତ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

### ଭତ୍ତା ବୃଦ୍ଧି ଦାବି

ପୁରୀ ଅଫିସ, ୧୮।୧: କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୂଆପଡ଼ା ପଞ୍ଚାୟତ ଗୁରୁବାର ଗ୍ରାମର ବୁଢ଼ୀମା' ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଶନିବାର ଭତ୍ତାଧିକାରୀମାନଙ୍କ ବୈଠକ ହୋଇଥିଲା। ସାମାଜିକ କର୍ମୀ ମାନସ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ହିତାଧିକାରୀମାନେ ଭତ୍ତା ଟଙ୍କା ବୃଦ୍ଧି ଦାବି କରିବା ସହ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶନିବାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଅନ୍ୟ ରାଜ୍ୟରେ ଭତ୍ତାଧିକାରୀମାନେ ୨ରୁ ୩ ହଜାର ଟଙ୍କା ପାଉଛନ୍ତି। ମାତ୍ର ଆମକୁ ୮୦ ବର୍ଷ ବୟସ ତଳକୁ ୫୦୦ ଏବଂ ୮୦ ବର୍ଷ ଉପରକୁ ୭୦୦ ଟଙ୍କା ଦିଆଯାଉଛି। ଏତିକି ଟଙ୍କାରେ ଚଳିବା କଷ୍ଟକର ହେଉଛି। ତେଣୁ ସରକାର ଭତ୍ତା ଟଙ୍କା ବୃଦ୍ଧି ନ କଲେ ହିତାଧିକାରୀମାନେ ଆନ୍ଦୋଳନକୁ ଓହ୍ଲାଇବେ।

### ସାଇକେଲ୍ ଶୋଭାଯାତ୍ରା

କୋଣାର୍କ,୧୮।୧(ଡି.ଏନ.ଏ): ସୂର୍ଯ୍ୟମନ୍ଦିର ମୁଖ୍ୟଫାଟକ ସମ୍ମୁଖରେ ଶନିବାର ସୁସ୍ଥ ଭାରତ ଓ ସମୃଦ୍ଧ ଭାରତ ସମନ୍ୱୟ ସାଇକେଲ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ପୁରୀ ଜିଲା ନେହେରୁ ଯୁବକେନ୍ଦ୍ର ସହାୟତାରେ ବସନ୍ତ ମଞ୍ଜରୀ ପାଠାଗାର ଆନୁକୂଲ୍ୟରେ ଆୟୋଜିତ ଏହି ଶୋଭାଯାତ୍ରାକୁ ଜିଲାପରିଷଦ ଅଧକ୍ଷ ଜ୍ୟୋତିର୍ମୟ ଦଳେଇ ଓ ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ର ଜିଲା ସଂଯୋଜକ ଜୟଶଙ୍କର ଜୋଷୀ, କୋଣାର୍କ ବସ୍‌ଷ୍ଟାଣ୍ଡ ବ୍ୟବସାୟୀ ସଂଘ ସଭାପତି ପଦ୍ମଚରଣ ବେଉରା ଏବଂ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରୁ ସଚେତନତା ସାଇକେଲ ଶୋଭାଯାତ୍ରା ବାହାରି କୋଣାର୍କ ବଜାର ପରିକ୍ରମା କରିଥିଲା। ଶୁଭ୍ରାଂଶୁ ସେଠୀ, ସୂର୍ଯ୍ୟନାରାୟଣ ମିଶ୍ର, ପ୍ରଦୀପ୍ତ ପ୍ରଧାନ, ସୁନୀଲ ନାୟକ, ଯଶସ୍ୱୀ ରାୟ, ସ୍ମିତିରଞ୍ଜନ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରୋଟାରୀ କ୍ଲବର ସମ୍ବର୍ଦ୍ଧନା ଉତ୍ସବ

ପୁରୀ ଅଫିସ,୧୮।୧: ରୋଟାରୀ କ୍ଲବ ଶ୍ରୀଜଗନ୍ନାଥ ଧାମ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇନରହୁଇଲ କ୍ଲବ ଶ୍ରୀଜଗନ୍ନାଥ ଧାମର ପୂର୍ବତନ ସଭାପତି ମଧୁସ୍ମିତା ତ୍ରିପାଠୀ ରୋଟାରୀ ଜିଲା ୩୨୬୨ର ଆଇଏସ୍‌ଓ ରୂପେ ନିର୍ବାଚିତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କ୍ଲବ ସଭାପତି ପ୍ରଦୀପ ନାୟକ ଓ ଇନର ହୁଇଲ ସଭାପତି ଝରଣା ନାୟକ ତାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ପରିଡ଼ାଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ଲବ ସମ୍ପାଦକ ସରୋଜକାନ୍ତି ଦେ, ପ୍ରଭୁଦତ୍ତ ସୁବୁଦ୍ଧି, ରବି ନାରାୟଣ ସାହୁ, ଅଜିତ ରାୟ, ସମ୍ପାଦିକା ନିରୁପମା ଷଡ଼ଙ୍ଗୀ, ଶରତ ମିଶ୍ର, ମନୋଜ ତ୍ରିପାଠୀ, ଦେବଦତ୍ତ ଷଡ଼ଙ୍ଗୀ, ଦେବରାଜ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

### ପୁସ୍ତକ ଉନ୍ମୋଚିତ

ପୁରୀ ଅଫିସ,୧୮।୧: ଚନ୍ଦନପୁର ନିକଟ ଭାର୍ଗବୀ ବିହାରସ୍ଥିତ ଶ୍ରୀଜଗନ୍ନାଥ ଆଶ୍ରମରେ ଶନିବାର ଭାର୍ଗବୀ ଐତିହ୍ୟରେ ଭକ୍ତି ଭାଗବତ ଓ ଭକ୍ତ ମନେଇ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ସତ୍ୟ ରଞ୍ଜନ ମିଶ୍ରଙ୍କ ରଚିତ ଏହି ପୁସ୍ତକୁ ଆଶ୍ରମର ପ୍ରତିଷ୍ଠାତା ଡ. ନାରାୟଣ ବାବା, ଡ. ପ୍ରକାଶ ଚନ୍ଦ୍ର ମହାନ୍ତି ଉନ୍ମୋଚନ କରିଥିଲେ। ଅଧାପକ ସହଦେବ ସାହୁ, ପ୍ରମୋଦ ଦଳାଇ, ପ୍ରଫେସର ହରପ୍ରସାଦ ମିଶ୍ର, ଲେଖକ ପ୍ରସନ୍ନ ମିଶ୍ର, କବି ପବିତ୍ର କୁମାର ମହାନ୍ତି, ସତ୍ୟନାରାୟଣ ମିଶ୍ର, ଶ୍ରୀକାନ୍ତ ମିଶ୍ର, ହରେକୃଷ୍ଣ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ। ମନୋରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉଚ୍ଛେଦ ବେଳେ ଦୁର୍ଘଟଣା

- ଭଙ୍ଗା ଅଂଶ ଛିଟିକି ଜେସିବି ଚାଳକ ଆହତ
- ୨ ଘରୋଇ ପ୍ଲଟରୁ ଭଙ୍ଗାଗଲା କୋଠା

ପୁରୀ ଅଫିସ, ୧୮।୧:

ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଚାଲିଛି ଉଚ୍ଛେଦ ଅଭିଯାନ। ଯେଉଁମାନେ ଜମି ବିକ୍ରି କରିସାରିଛନ୍ତି ସେମାନଙ୍କ ଘର ଭଙ୍ଗାଯାଉଛି। ଶନିବାର କାକୁଡ଼ିଖାଇ ଛକରେ ଉଚ୍ଛେଦ କରାଯାଉଥିବା ବେଳେ ଦୁର୍ଘଟଣା ଘଟିଛି। ଏଥିରେ ଆହତ ହୋଇଛନ୍ତି ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ଜେସିବି ଚାଳକ କଟକ ନିଆଳିର ଲକ୍ଷ୍ମୀଧର ମୁଦୁଲି। ଏକ ଭଙ୍ଗା ଅଂଶ ଛିଟିକି ଗାଡ଼ି କାଚ ଭାଙ୍ଗି ଲକ୍ଷ୍ମୀଧରଙ୍କ ଗୋଡ଼ରେ ବାଜିଥିଲା। ଫଳରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସକାଳେ ୨ ପ୍ଲାଟୁନ ପୋଲିସ ଫୋର୍ସ କାକୁଡ଼ିଖାଇ ଛକରେ ପହଞ୍ଚି ଉଚ୍ଛେଦ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ଉଚ୍ଛେଦ ସ୍ଥଳ ସଂଲଗ୍ନ ରାସ୍ତାକୁ ବ୍ୟାରିକେଡିଂ କରି ଦେଇଥିଲେ। ଏହାପରେ ଭଙ୍ଗା ଆରମ୍ଭ ହୋଇଥିଲା। ୨ ଘରୋଇ ପ୍ଲଟର କୋଠା ଭଙ୍ଗା ଯାଉଥିଲା।



କାକୁଡ଼ିଖାଇ ଛକ ନିକଟରେ କୋଠା ଭଙ୍ଗାଯାଉଛି।

ଏହି ଉଚ୍ଛେଦରେ ନିୟୋଜିତ ଜେସିବି ମଧ୍ୟରୁ ଗୋଟିଏ ଜେସିବି ଚଳାଉଥିଲେ ଲକ୍ଷ୍ମୀଧର। ଅପରାହ୍ନ ପ୍ରାୟ ୧ଟାରେ ଖଣ୍ଡିଏ ଭଙ୍ଗା ଅଂଶ ଛିଟିକି ଜେସିବି କାଚ ଭାଙ୍ଗି ତାଙ୍କ ଡାହାଣ ଗୋଡ଼ରେ ବାଜିଥିଲା। ଫଳରେ ଆଣ୍ଠୁ ପାଖରେ କ୍ଷତ ହୋଇ ରକ୍ତ ବାହାରିଥିଲା। ସଙ୍ଗେ ସଙ୍ଗେ ପ୍ରଶାସନ ପକ୍ଷରୁ ତାଙ୍କୁ ଜିଲା ସଦର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଆବଶ୍ୟକ ଚିକିତ୍ସା କରାଯିବା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, କାକୁଡ଼ିଖାଇ ଛକ ନିକଟରେ ଉଚ୍ଛେଦ କାର୍ଯ୍ୟ ଚାଲିଥିଲା। ଉଚ୍ଛେଦ ସମୟରେ ଖଣ୍ଡେ ଭଗ୍ନାବଶେଷ ଛିଟିକି ଆସି ଜେସିବି ଚାଳକଙ୍କ ଗୋଡ଼ରେ ବାଜିଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଇଥିଲା। ଉଚ୍ଛେଦ ସମୟରେ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ଯେହେତୁ ମନ୍ଦିର ଚତୁଃପାର୍ଶ୍ୱରେ ଉଚ୍ଛେଦ କାର୍ଯ୍ୟ ଚାଲୁଛି ତେଣୁ ଭକ୍ତମାନେ ଯେପରି ସୁବିଧାରେ ଯା'ଆସ କରିପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି।



ଆହତ ଜେସିବି ଚାଳକ ଲକ୍ଷ୍ମୀଧର ମୁଦୁଲି।

## ସାମ୍ୟବାଦୀ ନେତା ଲିଙ୍ଗରାଜଙ୍କ ସ୍ମୃତି ସମାରୋହ

ନିମାପଡ଼ା,୧୮।୧(ଡି.ଏନ୍.ଏ.):

ନିମାପଡ଼ାର ବିଶିଷ୍ଟ ସାମ୍ୟବାଦୀ, ଚାଷୀ ମୂଲିଆ କୃଷକ ଶ୍ରମିକ ନେତା ଲିଙ୍ଗରାଜ ଦାଶଙ୍କ ୧୭ତମ ସ୍ମୃତି ସମାରୋହ ଓ ସମ୍ବର୍ଦ୍ଧନା ସଭା ଶନିବାର ଗୁହାଳପଡ଼ା ଜନତା ନୋଡାଲ୍ ଉ.ପ୍ରା. ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ ଅଧକ୍ଷତା କରିଥିଲେ। ଅତିଥି ଭାବେ ସାମ୍ୟବାଦୀ ନେତା ଦେବେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ରାଉତ, ଶିକ୍ଷାବିତ୍ ଅନିଲ ବିଶ୍ୱାଳ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରଦୀପ୍ତ ଖଟୋଇ, ପୂର୍ବତନ ନଗରପାଳ ସନାତନ ପ୍ରଧାନ, ଅଧାପକ ରବୀନ୍ଦ୍ରନାଥ ପାଢ଼ି, ନିମାପଡ଼ା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ହାଡୁ ସେଠୀ, ପଦ୍ମଚରଣ ସାହୁ, ଗୌରାଙ୍ଗ ସାହୁ, ସନ୍ତୋଷ ଦାଶ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସେ ନିମାପଡ଼ା ମାଟିର ବିପ୍ଳବୀ, ଲଢୁଆ, ସଂଗ୍ରାମୀ ନେତା ତଥା ଚାଷୀ ଆନ୍ଦୋଳନର ପୁରୋଧା ଥିଲେ ବୋଲି ଅତିଥିମାନେ କହିଥିଲେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମାଜିକ କର୍ମୀ ଲିଙ୍ଗରାଜ ମିଶ୍ର, ସନାତନ ସେନାପତି, ଅଚ୍ୟୁତ ଚରଣ ମହାନ୍ତି, ଅଭିରାମ ପାତ୍ର, ହରିହର ସ୍ୱାଇଁ, କୈଳାସ ବେହେରା ପ୍ରମୁଖଙ୍କୁ ଲିଙ୍ଗରାଜ ଦାଶ ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ମୋହନ ଦାଶ, ମହାତ୍ମା ଗାନ୍ଧୀ, ଲିଙ୍ଗରାଜ ଦାଶ ଏବଂ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶହୀଦ୍ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।



ସମାରୋହରେ ଯୋଗଦେଇଥିବା ଅତିଥିମାନେ।

## ଫିଟ୍ ଇଣ୍ଡିଆ ସାଇକ୍ଲୋଥନ

ସାକ୍ଷୀଗୋପାଳ,୧୮।୧(ଡି.ଏନ୍.ଏ.):

ପୁରୀ ନେହେରୁ ଯୁବକେନ୍ଦ୍ର ଓ ସତ୍ୟବାଦୀ ଯୁଥ କ୍ଲବ ପକ୍ଷରୁ ସାଇକେଲ ଦିବସ ପାଳନ ଅବସରରେ ଶନିବାର ଫିଟ ଇଣ୍ଡିଆ ସାଇକ୍ଲୋଥନ ଅନୁଷ୍ଠିତ ହୋଇଯାଇଛି। ସୁସ୍ଥ ସମାଜ ଗଠନ ପାଇଁ ସାଇକେଲ ଚାଳନା ନିମନ୍ତେ ସଚେତନତା ଏକ ସାଇକେଲ ରାଲି ବାଟମହାବୀର ମନ୍ଦିର ନିକଟରୁ ବାହାରି ସାକ୍ଷୀଗୋପାଳ ମନ୍ଦିର ଠାରେ ପହଞ୍ଚିଥିଲା। ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ପାନ୍ଥଶାଳାରେ ଆୟୋଜିତ ବ୍ଲକସ୍ତରୀୟ ଯୁଥ କନଭେନଶନର ଯୁବକମାନେ ଯୋଗଦେଇଥିଲେ। ପୁରୀ ନେହେରୁ ଯୁବକେନ୍ଦ୍ର ସଂଯୋଜକ ଜୟ ଶଙ୍କର ଯୋଶୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏକତା, ନିଷ୍ଠା ଓ ଶୃଙ୍ଖଳା ବଳରେ ଯୁବଶକ୍ତିର ବିକାଶ ସମ୍ଭବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ କ୍ଲବ ସଭାପତି ନିହାର ରଞ୍ଜନ ସ୍ୱାଇଁ, ଯୁବ ସଙ୍ଗଠକ ନିଶିକାନ୍ତ ପ୍ରଧାନ, ସଦସ୍ୟ ତୋଫାନ ବେହେରା, ଆତ୍ମା ପ୍ରକାଶ, ଅମର ଶତପଥୀ, ତୁଷାର ରଞ୍ଜନ ନାୟକ, ଅଭିଜିତ୍ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସତ୍ୟବାଦୀ କ୍ଲବର ସମ୍ପାଦକ ଆଲୋକ ଖୁଣ୍ଟିଆ ସଂଯୋଜନା କରିଥିଲେ।




ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ଅତିଥି ଏବଂ ଯୁବକମାନେ ।

## ଭୁବନେଶ୍ୱର ଡ୍ରେନେଜ ବ୍ୟବସ୍ଥା ଠିକ୍ ନାହିଁ

ପୁରୀ ଅଫିସ, ୧୮।୧:

ଓଡ଼ିଶାରେ କେନ୍ଦ୍ରୀୟ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ରାଜଧାନୀ ଭୁବନେଶ୍ୱରର ଡ୍ରେନେଜ ବ୍ୟବସ୍ଥାରେ ଅନେକ ତ୍ରୁଟି ରହିଛି। ଏହା ଠିକ୍ ନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ ବାସହୀନ ପରିବାରକୁ ଗୃହ ଯୋଗାଇବାରେ ମଧ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଏମିତି ରାଜ୍ୟ ସରକାରଙ୍କ ଅନେକ କାର୍ଯ୍ୟଧାରା ଉପରେ ପ୍ରଶ୍ନ ଉଠାଇବା ସହ ଉଦ୍‌ବେଗ ପ୍ରକାଶ କରିଛି ସଂସଦୀୟ ଷ୍ଟାଣ୍ଡିଂ କମିଟି। ଭୁବନେଶ୍ୱର ଏବଂ ପୁରୀ ସହରାଞ୍ଚଳ ବିକାଶ ସମ୍ବନ୍ଧରେ ଶନିବାର ସ୍ଥାନୀୟ ମେ' ଫେୟାର ହୋଟେଲ ପରିସରରେ କମିଟି ବର୍ଜ୍ୟବସ୍ତୁ ପରିଚାଳନା, ଡ୍ରେନେଜ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ସ୍ୱଚ୍ଛ ଭାରତ, ପରିମଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମେତ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ସମୀକ୍ଷା କରିଥିଲେ। ଜଗଦମ୍ବିକା ପାଲ୍‌ଙ୍କ ଅଧକ୍ଷତାରେ ଆସିଥିବା ୧୧ ସଦସ୍ୟଙ୍କ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀ ଏଥିରେ ଯୋଗଦେଇଥିଲେ।




ବୈଠକରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, କମିଟି ଅଧକ୍ଷ ଜଗଦମ୍ବିକା ପାଲ୍‌ଙ୍କ ସମେତ ଅନ୍ୟ ସଦସ୍ୟ ଏବଂ ବିଭିନ୍ନ ବିଭାଗର ଅଧିକାରୀ।

### ସଂସଦୀୟ ଷ୍ଟାଣ୍ଡିଂ କମିଟିର ସମୀକ୍ଷା ବୈଠକ

ଶୁକ୍ରବାର କମିଟି ଭୁବନେଶ୍ୱରଠାରେ ସମୀକ୍ଷା ବୈଠକ କରିଥିବାବେଳେ ଶନିବାର ପୁରୀରେ ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି।

ପ୍ରାୟ ୪ଘଣ୍ଟା ଧରି ଅନୁଷ୍ଠିତ ବୈଠକରେ କମିଟି ସଦସ୍ୟମାନେ ପୁଙ୍ଖାନୁପୁଙ୍ଖ ଭାବେ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା, ଲୋକେ ଏହାର କେତେ ସୁଫଳ ପାଉଛନ୍ତି ତାହା ଉପରେ ତର୍ଜମା କରିଥିଲେ। ବିଶେଷକରି ଭୁବନେଶ୍ୱରର ଡ୍ରେନେଜ ବ୍ୟବସ୍ଥାକୁ ନେଇ ସେମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଡ୍ରେନେଜ ବ୍ୟବସ୍ଥାରେ ସମସ୍ୟା ଥିବାରୁ ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଗଙ୍ଗୁଆ ନାଳ ସହ କିପରି ଅଧିକ ଡ୍ରେନକୁ ସଂଯୋଗ କରାଯାଇପାରିବ ସେନେଇ ମଧ୍ୟ ଆଲୋଚନା କରାଯାଇଥିଲା। ୨୦୦୮ରେ ଡ୍ରେନେଜ ବ୍ୟବସ୍ଥା ଯାହା ଥିଲା ସେହିପରି ରହିଛି, ଏଥିରେ କୌଣସି ଅଗ୍ରଗତି ହୋଇନାହିଁ। ତେଣୁ ଏହାର ସମାଧାନ ଲାଗି ଖୁବ୍‌ଶୀଘ୍ର ମାଷ୍ଟରପ୍ଲାନ କରିବା ଲାଗି କମିଟି ପରାମର୍ଶ ଦେଇଛି। ଅର୍ବାନ ଡେଭଲପ୍‌ମେଣ୍ଟର ପ୍ରିନ୍ସିପାଲ ସେକ୍ରେଟାରୀଙ୍କୁ ଏଥିଲାଗି ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ରାଜଧାନୀରେ ଏବେ ବି ୪୦ ପ୍ରତିଶତ ଲୋକ ବସ୍ତିରେ ରହୁଛନ୍ତି। ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଲୋକଙ୍କ ଘରେ ଶୌଚାଳୟ ସୁବିଧା ନାହିଁ। ବସ୍ତିବାସିନ୍ଦା ବିଭିନ୍ନ ପ୍ରକାର ସମସ୍ୟାରେ ଗତି କରୁଛନ୍ତି। ସ୍ୱଚ୍ଛ ଭାରତ କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ସବୁଠୁ ଖରାପ ରହିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଧ ରାଜ୍ୟ ସରକାର ଫେଲ୍ ମାରିଛନ୍ତି। ରାଜ୍ୟ ସରକାରଙ୍କ ରିପୋର୍ଟରୁ ଏହା ଜଣାପଡ଼ିଛି। ତେଣୁ ଏ ସବୁ ଦିଗରେ ଅଗ୍ରଗତି ହେବା ଦରକାର। ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ବୈଠକରେ ବର୍ଜ୍ୟବସ୍ତୁ ପରିଚାଳନା, ଜଳ ଯୋଗାଣ, ପରିମଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା। ଏଥିରେ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ତର୍ଜମା କରାଯାଇଛି। ଲୋକଙ୍କୁ କିପରି ଅଧିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ତାହା ଉପରେ କମିଟି ସଦସ୍ୟ ଗୁରୁତ୍ୱ ଦେଇଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

BUSINESS

SHINGHANIA TOWER
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No 8887184570

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ୱେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

CAPITAL FINANCE
CAPITAL ଋଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
999220486

BUSINESS
ଭାରତ ସରକାର ଦ୍ୱାରା ମାନ୍ୟତାପ୍ରାପ୍ତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ରେ ଡିଜିଟାଲ ଟାୱର ଲଗାନ୍ତୁ
ଅଗ୍ରିମ - 70ଲକ୍ଷ, ଭଡା-50000 + 20 Years କୋର୍ଟ ଆଗ୍ରୀମେଣ୍ଟ,
ଧୋଖା ଖାଇଥିବା ବ୍ୟକ୍ତି ଥରେ ଅବଶ୍ୟ କଲ କରି ଡାଇରେକ୍ଟ କମ୍ପାନୀ ସହ କଥା ହୁଅନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
Amit Tiwari: -
7429717631

JOB JOB
ଶିବାନୀ SMS ଜବ୍ ପାର୍ଟ ଟାଇମ୍/ଫୁଲ୍ ଟାଇମ୍ JOB ALL ଓଡ଼ିଶାର ସବୁ ଜିଲ୍ଲା ଅନୁସାରେ ପୁଅ/ଝିଅ, ବେରୋଜଗାର, ଗୃହିଣୀ, ବେରୋଜଗାରୀ/ମାନ୍ଦାବସ୍ଥା ସମୟରେ ଆୟର ସୁବର୍ଣ୍ଣ ସୁଯୋଗ 15,000/-ରୁ 20,000/- ରୋଜଗାର କରନ୍ତୁ । ଲାପଟପ୍, ମୋବାଇଲ, ବାଇକ୍ ମାଗଣା । ଅନ୍‌ଲାଇନ୍ SMS କରନ୍ତୁ । ଜବ୍ ଆଇ.ଡି. ପାଇଁ ଯୋଗାଯୋଗ କରନ୍ତୁ ।
7265982706
7064678575

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

2003ଠାରୁ ଆପଣଙ୍କ ସେବାରେ
TOWER VISION CO.
ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ସିଧା କମ୍ପାନୀ ସହ କଥା ହୋଇ ନିଜର ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍‌ରେ ମଲ୍ଟିମିଡିଆ ଡିଜିଟାଲ ଟାୱାର୍ ଲଗାନ୍ତୁ ।
ଅଗ୍ରିମ: 65 ଲକ୍ଷ | ଭଡ଼ା: 60 ହଜାର
+ କୋର୍ଟ ଏଗ୍ରିମେଣ୍ଟ + ବାଇକ୍
073762-57896
094994-92906
ADDRESS: T-51, GAUTAMPURI, DELHI

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |



ଜଣେ ଯେତେ ତଳେ ପଡିଥାଉ ପଛକେ
ସେ'ତ ମନୁଷ୍ୟ, ଏଣୁ ଆଦରର ଅଧିକାରୀ।
- ସେନେକା



## ସଂକ୍ଷେପରେ

### ସାଇକେଲ ଚଳାନ୍ତୁ, ସୁସ୍ଥ ରୁହନ୍ତୁ

ପୁରୀ ଅଫିସ,୧୮।୧: ସତ୍ୟବାଦୀ ଏଜୁକେଶନାଲ ଚାରିଟେବୁଲ ଟ୍ରଷ୍ଟ ଏବଂ ନେହେରୁ ଯୁବକେନ୍ଦ୍ର ମିଳିତ ଆନୁକୂଲ୍ୟରେ ଏକ ସାଇକେଲ ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ସୁରଜମଲ୍ଲ ଶାହା କଲେଜ, ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ପିକେଡିଏ ଛକରୁ ସାଇକେଲ ଯାତ୍ରାରେ ବାହାରି ଟାଉନ ହଲ ପର୍ଯ୍ୟନ୍ତ ଯାଇଥିଲେ। ରାସ୍ତାରେ ସେମାନେ ସଚେତନତା ବାର୍ତ୍ତା ଦେଇଥିଲେ । ଦୈନିକ ସାଇକେଲ ଚଳାଇବା ଦ୍ୱାରା ମାନସିକ ଓ ଶାରୀରିକ ସନ୍ତୁଳନ ରହିବା ସହ ଶରୀର ସୁସ୍ଥ ରହିଥାଏ। ସାଇକେଲ ଚଲାନ୍ତୁ ଫିଟ୍ ରୁହନ୍ତି ବୋଲି ଛାତ୍ରୀଛାତ୍ରମାନେ ସ୍ଲୋଗାନ୍ ଦେବା ସହ ପରିବେଶ ପ୍ରଦୂଷମୁକ୍ତ ଭାରତ ଗଠନ ଲାଗି ଆହ୍ୱାନ ଦେଇଥିଲେ। ଏନୱାଇକେ ସଂଯୋଜକ ଜୟଶଙ୍କର ଜୋଶୀ, ବେଦକର୍ମକାଣ୍ଡ ମହାବିଦ୍ୟାଳୟ ଅଧକ୍ଷ ଡ. ଜଗବନ୍ଧୁ ମିଶ୍ର, ବରିଷ୍ଠ ସାମାଜିକ କର୍ମୀ ବାମଦେବ ନାୟକ ଅତିଥି ଭାବେ ଯୋଗଦେଇଥିଲେ। ଏନୱାଇଭି ରୋଜାଲିନ ପଣ୍ଡା, ତାରାପ୍ରସାଦ ଦାଶ, ଶିବାନନ୍ଦ ପାଢ଼ୀ, ଓମପ୍ରସାଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ବୈଠକ

ଗୋପ,୧୮।୧(ଡି.ଏନ.ଏ): ଶିକ୍ଷକ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ରହିଲେ ଗୁଣାତ୍ମକ ଶିକ୍ଷାର ନିଶ୍ଚିତ ବିକାଶ ହୋଇପାରିବ ବୋଲି ଗୋପ ବ୍ଲକ୍ ଶିକ୍ଷକ ସମନ୍ୱୟ ସମିତି ସଭାପତି ଶିବଦତ୍ତ ନାୟକ କହିଛନ୍ତି। ଶନିବାର ଏରବଙ୍ଗସ୍ଥିତ ବଳରାମଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବ୍ଲକ୍ ଶିକ୍ଷକ ସମନ୍ୱୟ ସମିତିର ବୈଠକରେ ମୁଖ୍ୟଅତିଥି ଭାବେ ସମିତି ସଭାପତି ନାୟକ ଯୋଗଦେଇ ଏହା କହିଥିଲେ। ଏଥିରେ ଶିକ୍ଷକ ସଂଘ ସଭାପତି ସୁଶାନ୍ତ ନାୟକ ଅଧକ୍ଷତା କରିଥିଲେ। ଉପଦେଷ୍ଟା କୈଳାସ ଚନ୍ଦ୍ର ପଣ୍ଡା, ଶ୍ରୀଧର ଛାଟୋଇ, ଯୁବରାଜ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଉପସଭାପତି ପ୍ରଭାସିନୀ ମିଶ୍ର, କାର୍ଯ୍ୟକାରୀ ସଭାପତି ରାଜକିଶୋର ଜେନା, ସାଧାରଣ ସମ୍ପାଦକ ସତ୍ୟନାରାୟଣ ସାହୁ, ଜଟାଧାରୀ ବେହେରା, ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି, କୃଷ୍ଣଚନ୍ଦ୍ର ବଳବନ୍ତରାୟ, ତ୍ରିଲୋଚନ ବେଜ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଲେଭୁଲ୍-୫ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ବକେୟା ପ୍ରାପ୍ୟ, ଅବସର ସମୟରେ ପେନସନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ବୈଠକରେ ଗୋପ ବ୍ଲକ୍‌ର ୩୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

### ବ୍ୟବସାୟୀଙ୍କ ପରଲୋକ

ନିମାପଡ଼ା,୧୮।୧(ଡି.ଏନ୍.ଏ.): ନିମାପଡ଼ା ବଡ଼ବଜାରର ବ୍ୟବସାୟୀ ଭୀମସେନ ବେହେରାଙ୍କ ଶନିବାର ପରଲୋକ ଘଟିଛି। ତାଙ୍କୁ ୪୦ବର୍ଷ ବୟସ ହୋଇଥିଲା। ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ନିମାପଡ଼ାରେ ଶୋକର ଛାୟା ଖେଳିଯାଇଛି।

# ଅଧିଗ୍ରହଣ ହେବ ୨.୬୬ ଏକର ଜମି



ରେଲୱେ ଓଭରବ୍ରିଜ୍ ନିର୍ମାଣ ପାଇଁ ମାପଚୁପ କରାଯାଉଛି।

## ଫାଟକ ପଡ଼ିଲେ ସମସ୍ତେ ହଇରାଣ

ପୁରୀ-କୋଣାର୍କ ମୁଖ୍ୟରାସ୍ତାର ମାଟିଆପଡ଼ାଠାରେ ରହିଛି ସିଦ୍ଧମହାବୀର ଲେଭଲ କ୍ରସିଂ। ଏହି ଲେଭଲ କ୍ରସିଂ ଦେଇ ଦୈନିକ ଶହ ଶହ ସଂଖ୍ୟାରେ ଗାଡ଼ିମୋଟର, ଟୁରିଷ୍ଟ ବସ୍ ଚଳାଚଳ କରିଥାଏ। ଲକ୍ଷାଧିକ ସଂଖ୍ୟାରେ ଯାତ୍ରୀ, ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକେ ଯା'ଆସ କରନ୍ତି। ଛାତ୍ରୀଛାତ୍ର, ରୋଗୀ ମଧ୍ୟ ଏହି ଲେଭଲ କ୍ରସିଂ ଦେଇ ଯିବା ବେଳେ ସମସ୍ୟାରେ ପଡ଼ନ୍ତି। ଦୈନିକ ପ୍ରାୟ ୫୫ଥର ଗେଟ୍ ପଡୁଥିବାରୁ ଏଠାରେ ଟ୍ରାଫିକ ସମସ୍ୟା ଅସମ୍ଭାଳ ହୋଇପଡ଼େ। ପ୍ରାୟ ୧୫ରୁ ୨୦ ମିନିଟ୍ ମଧ୍ୟରେ ଥରେ ଗେଟ୍ ପଡ଼ିଥାଏ। ୭ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ଗେଟ୍ ବନ୍ଦ ରହିଥାଏ। ଏମିତି କି ସମୟେ ସମୟେ ଯଦି ଦୁଇପାର୍ଶ୍ୱରୁ ପାଖାପାଖି ସମୟରେ ଗାଡ଼ି ଆସେ ତେବେ ୧୦ମିନିଟ୍‌ରୁ ଅଧିକ ସମୟ ପର୍ଯ୍ୟନ୍ତ ଗେଟ୍ ପଡ଼ିଯାଏ। ଫଳରେ ଉଭୟ ପାର୍ଶ୍ୱରେ ୨ କିମି ପର୍ଯ୍ୟନ୍ତ ଗାଡ଼ି ଲମ୍ୱିଯାଏ। ଏହି ଟ୍ରାଫିକ ଜାମ୍‌ରେ ଆମ୍ବୁଲାନ୍ସ ଏପରି କି ପରୀକ୍ଷା ପାଇଁ ଯାଉଥିବା ଛାତ୍ରୀଛାତ୍ରମାନେ ମଧ୍ୟ ଫସିଯାନ୍ତି। ଅନେକଥର ଆମ୍ବୁଲାନ୍ସ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକିବାର ନଜିର ରହିଛି। ଛାତ୍ରୀଛାତ୍ର ବି ଏଥିପାଇଁ ବିଳମ୍ବରେ ସ୍କୁଲ, କଲେଜରେ ପହଞ୍ଚନ୍ତି। ଏପରି ଘଟଣା ବାରମ୍ବାର ଦୃଷ୍ଟିଗୋଚର ହେଉଥିବାରୁ ଅନେକ ସମୟରେ ଏହାକୁ ନେଇ ଆନ୍ଦୋଳନ, ବିକ୍ଷୋଭ ଏବଂ ବିଭିନ୍ନ ସ୍ତରରେ ଦାବିପତ୍ର ଦିଆଯାଇଛି। କୌଣସି ଜାତୀୟସ୍ତରୀୟ ନେତା ପୁରୀ ଆସିଲେ ତାଙ୍କ ଆଗରେ ସିଦ୍ଧମହାବୀର ଆର୍‌ଓବି ଦାବି ରଖାଯାଏ। ଏହାକୁ ଏକ ପ୍ରମୁଖ ପ୍ରସଙ୍ଗ ଭାବି ରାଜନେତାମାନେ ଫାଇଦା ନେବାକୁ ଅନେକ ଥର ଉଦ୍ୟମ କରିଛନ୍ତି। ନିର୍ବାଚନ ଆସିଲେ ପୁରୀ ବିଧାନସଭା କ୍ଷେତ୍ର ଏବଂ ସଂସଦୀୟ କ୍ଷେତ୍ରର ପ୍ରାର୍ଥୀମାନେ ଏହାକୁ ଅସ୍ତ୍ର କରିଥାନ୍ତି। କ୍ଷମତାକୁ ଆସିଲେ ସିଦ୍ଧମହାବୀର ଆର୍‌ଓବି କରିବେ ବୋଲି ପ୍ରତିଶ୍ରୁତି ଦେଇଥାନ୍ତି। ନିର୍ବାଚନ ସରିଗଲେ ଏହାକୁ ସେମାନେ ଭୁଲିଯାନ୍ତି। ଏମିତି କି ଏହି ଆର୍‌ଓବି ଦାବିରେ ଗତବର୍ଷ ଜନଜାଗରଣ ମଞ୍ଚର ଆବାହକ ଜ୍ୟୋତିରଞ୍ଜନ ନାୟକ ଚାଲି ଚାଲି ଦିଲ୍ଲୀ ଯାଇଥିଲେ । ସେଠାରେ କେନ୍ଦ୍ର ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଭେଟି ଓଭରବ୍ରିଜ୍ ପାଇଁ ୧ଲକ୍ଷ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ନିକଟରେ ଆର୍‌ଓବି ନିର୍ମାଣ ନେଇ ସରକାରଙ୍କ ପକ୍ଷରୁ ସବୁଜ ସଙ୍କେତ ମିଳିଥିଲା। ବର୍ଷ ବର୍ଷ ଧରି ସିଦ୍ଧମହାବୀର ଆର୍‌ଓବି ନିର୍ମାଣ କ୍ଷେତ୍ରରେ ପ୍ରତାରିତ ହେଉଥିବା ପୁରୀବାସୀଙ୍କ ସ୍ୱପ୍ନ ଏବେ ପୂରଣ ହେବାକୁ ଯାଉଥିବା କୁହାଯାଉଛି।

## ସିଦ୍ଧ ମହାବୀର ରେଲୱେ ଓଭରବ୍ରିଜ୍

- ତିଆରି ହେବ ୯୦୦ ମିଟର ଲମ୍ବର ବ୍ରିଜ୍
- ମାପଚୁପ ଆରମ୍ଭ, ପୁରୀବାସୀ ଉତ୍ସାହିତ

ପୁରୀ ଅଫିସ,୧୮।୧

ପୁରୀକୁ ବିଶ୍ୱସ୍ତରୀୟ ସହର କରିବା ଲାଗି ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରି ଦେଇଛନ୍ତି। ଗତ ୧୬ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୭ଟି ମେଗା ପ୍ରକଳ୍ପର ଶିଳାନ୍ୟାସ କରିଥିବାବେଳେ ଦୀର୍ଘବର୍ଷ ଧରି ସହରବାସୀଙ୍କ ଆଉ ଏକ ଦାବି ମଧ୍ୟ ପୂରଣ ହେବାକୁ ଯାଉଛି। ସିଦ୍ଧମହାବୀର ଲେଭଲକ୍ରସିଂରେ ରେଲୱେ ଓଭରବ୍ରିଜ୍ (ଆର୍‌ଓବି) ତିଆରି ପାଇଁ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପୁରୀବାସୀ ବିଭିନ୍ନ ଫୋରମରେ ଦାବି କରୁଥିବାବେଳେ ଏବେ ପ୍ରଶାସନିକ ସ୍ତରରେ ଏଥିପାଇଁ ତତ୍ପରତା ପ୍ରକାଶ ପାଇଛି। ଆର୍‌ଓବି ତିଆରି ଲାଗି ଜମି ଅଧିଗ୍ରହଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଏସ୍.ଏମ୍. କନସଲ୍‌ଟାନ୍ସି ଏବଂ କମ୍ପିଟେଣ୍ଟ ଅଥରିଟି ଅଫ୍ ଲ୍ୟାଣ୍ଡ ଆକ୍ୟୁଜଶନ (କାଲା)ର ଅଧିକାରୀମାନେ ମାପଚୁପ କରି ଚିହ୍ନ ଦେବା ଆରମ୍ଭ କରିଛନ୍ତି। ସହକାରୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ଶତପଥୀ କହିଛନ୍ତି, ସିଦ୍ଧମହାବୀର ଆର୍‌ଓବି ପାଇଁ ପ୍ରାୟ ୨.୬୬ ଏକର ଜମି ଅଧିଗ୍ରହଣ କରାଯିବ। ଏଥିଲାଗି ମାପଚୁପ ଆରମ୍ଭ ହୋଇ ଚିହ୍ନ ଦିଆଯାଉଛି। ଏହାପରେ ଏହି ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯିବ। ଏହି ଓଭରବ୍ରିଜ୍‌ର ଲମ୍ବ ପ୍ରାୟ ୯୦୦ ମିଟର ହେବ। ଏଥିପାଇଁ ରାସ୍ତାର ଦୁଇପାର୍ଶ୍ୱରେ ୮୦ ଫୁଟ ଚଉଡ଼ାର ଜମି ଅଧିଗ୍ରହଣ କରାଯିବ। ଆର୍‌ଓବି ୪୦ ଫୁଟ ଓସାର ରହିବ। ଏହାର ଦୁଇପାର୍ଶ୍ୱରେ ୧୫ ଫୁଟ ଲେଖାଏ ୩୦ ଫୁଟ ରାସ୍ତା ଏବଂ ଆଉ ୫ ଫୁଟ ଲେଖାଏ ଜାଗା ବିଦ୍ୟୁତ୍ ଖୁଣ୍ଟ, ପାଣି ପାଇପ ଆଦି ପାଇଁ ଛଡ଼ାଯିବ ବୋଲି ଶତପଥୀ ସୂଚନା ଦେଇଛନ୍ତି। ତେବେ ଶନିବାର ଅଧିକାରୀମାନେ ନକ୍ସା ଦେଖି ମାପଚୁପ କରିବା ସମୟରେ ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଏହି ପ୍ରକଳ୍ପ ଲାଗି ଯେଉଁମାନଙ୍କୁ ବିସ୍ଥାପିତ ହେବାକୁ ପଡ଼ିବ ସେମାନଙ୍କ ମଧ୍ୟରେ ଏକପ୍ରକାର ଛନକା ପଶିଛି।

## ଆଜି ଡଲ୍‌ଫିନ ଗଣନା



ପୁରୀ ଅଫିସ, ୧୮।୧

ପୁରୀ ବନ୍ୟପ୍ରାଣୀ ଡିଭିଜନରେ ରବିବାର ଡଲ୍‌ଫିନ ଗଣନା ହେବ। ସକାଳେ ଏହି ଗଣନା କରାଯିବା ଲାଗି ପ୍ରସ୍ତୁତି ସରିଛି। ଗତ କିଛିଦିନ ହେବ ଘନ କୁହୁଡ଼ି ରହୁଛି। ତେଣୁ କୁହୁଡ଼ି ଛାଡ଼ିବା ପରେ ଗଣନା ହେବ ବୋଲି ସହକାରୀ ବନ ସଂରକ୍ଷକ (ଏସିଏଫ୍) ପ୍ରଶାନ୍ତ କୁମାର ସ୍ୱାଇଁ କହିଛନ୍ତି। ଏହି ଗଣତିରେ ସାମିଲ ହେବାକୁ ଥିବା କର୍ମଚାରୀଙ୍କୁ ବାଲୁଖଣ୍ଡ ରେଞ୍ଜ ଅଫିସରେ ପ୍ରଶିକ୍ଷଣ ଦିଆସରିଛି। ଦେବୀ ମୁହାଣରୁ ଚିଲିକା ମୁହାଣ (ଅରଖକୁଦା) ପର୍ଯ୍ୟନ୍ତ ପ୍ରାୟ ୧୦୦ କିମିରୁ ଊର୍ଦ୍ଧ୍ୱ ତଟବର୍ତ୍ତୀ ଅଞ୍ଚଳରେ ଡଲ୍‌ଫିନ ଗଣନା ହେବ। ଏଥିପାଇଁ ମୋଟ ୧୦ଟି ଟିମ୍ ଗଠନ କରାଯାଇଛି। ଗୋଟିଏ ଟିମ୍‌ରେ ୫ ଜଣ ଲେଖାଏ ରହିବେ। ନଦୀରେ ଗୋଟିଏ, ସମୁଦ୍ରରେ ୨ଟି ଏବଂ ସମୁଦ୍ର କୂଳରେ ୭ଟି ଟିମ୍ ନିୟୋଜିତ ହେବେ। ନଦୀରେ ଗୋଟିଏ ବୋଟ୍ ଏବଂ ସମୁଦ୍ରରେ ଦୁଇଟି (ଦେବୀ ମୁହାଣ-ଚନ୍ଦ୍ରଭାଗା ଏବଂ ଅରଖକୁଦା-ଚନ୍ଦ୍ରଭାଗା) ଟ୍ରଲରରେ ଗଣତି କରାଯିବ। ସମୁଦ୍ର କୂଳରେ ନିୟୋଜିତ ୭ଟି ଟିମ୍ ବାଇନାକୁଲାର ସାହାଯ୍ୟରେ ଗଣତି କରିବେ। ତେବେ ଯେଉଁ ନଦୀ, ସମୁଦ୍ରରେ ଗଣନା କରୁଥିବା ଟିମ୍‌ରେ ଅଧିକ ସଂଖ୍ୟକ କର୍ମଚାରୀ ରହିବେ ବୋଲି ଜଣାପଡ଼ିଛି। ଗତବର୍ଷ କୁହୁଡ଼ି ଯୋଗୁ ଗଣତି ଠିକ୍ ଭାବେ ହୋଇପାରି ନ ଥିଲା।

# ଚନ୍ଦ୍ରଭାଗା ବେଳାଭୂମି ବୁଲିଲେ ମୁଖ୍ୟ ଶାସନ ସଚିବ

କୋଣାର୍କ,୧୮।୧(ଡି.ଏନ.ଏ)



ବେଳାଭୂମିରେ ମୁଖ୍ୟ ଶାସନ ସଚିବ ଏବଂ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

କୋଣାର୍କ ନିକଟରେ ଚାଲିଥିବା ମେରାଇନ୍ ଡ୍ରାଇଭ୍ ଇକୋ ରିଟ୍ରିଟ୍ ଉତ୍ସବସ୍ଥଳରେ ଶନିବାର ବରିଷ୍ଠ ଅଧିକାରୀମାନଙ୍କର ବୈଠକ ହୋଇଛି। ଏଥିରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ସମେତ ବହୁ ଆଇଏଏସ୍ ଅଧିକାରୀ ଯୋଗଦେଇଥିଲେ। ଏହି ଅବସରରେ ସକାଳ ୭ଟାରେ ମୁଖ୍ୟ ଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଚନ୍ଦ୍ରଭାଗା ବେଳାଭୂମି ପରିଦର୍ଶନ କରିଛନ୍ତି। ଚନ୍ଦ୍ରଭାଗା ବେଳାଭୂମିରେ ପର୍ଯ୍ୟଟକଙ୍କ ନିମନ୍ତେ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ, ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ସହ ପର୍ଯ୍ୟଟକଙ୍କ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସଙ୍କ ସହ ମୁଖ୍ୟ ଶାସନ ସଚିବ ଆଲୋଚନା କରିଥିଲେ। ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ଶୌଚାଳୟ ଓ ବେଳାଭୂମିରେ ଅଧିକ ଡଷ୍ଟବିନ ରଖିବା ସହିତ ବେଳାଭୂମିକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟ ଶାସନ ସଚିବଙ୍କ ସହିତ ଅତିରିକ୍ତ ଶାସନ ସଚିବ ସୁରେଶ କୁମାର ମହାପାତ୍ର, ନଗର ଉନ୍ନୟନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଏବଂ ପୁରୀ ଜିଲାପାଳ ବଲୱନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱରଠାରେ ଶୁକ୍ରବାର ବରିଷ୍ଠ ଆଇଏଏସ୍ ଅଧିକାରୀମାନଙ୍କର ବୈଠକ ଶେଷ ହେବା ପରେ ରାତିରେ ଏହି ଅଧିକାରୀମାନେ କୋଣାର୍କ ଆସି ରାତ୍ରୀଯାପନ କରିଥିଲେ ବୋଲି ଜଣାପଡ଼ିଛି।

## ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା

ପୁରୀ ଅଫିସ,୧୮।୧

ସିନର୍ଜୀ ଟ୍ରଷ୍ଟ ଆନୁକୂଲ୍ୟରେ ଶ୍ରୀକ୍ଷେତ୍ର ଯୁବ ମହୋତ୍ସବ ଉପଲକ୍ଷେ ଶନିବାର ଗୋଏଙ୍କା ଧର୍ମଶାଳା ପରିସରରେ ବକ୍ତୃତା, ପ୍ରବନ୍ଧ, ଏକକ ଅଭିନୟ, ମେହେନ୍ଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରବିବାର ସାଧାରଣ ଜ୍ଞାନ, ଗୀତାବୃତ୍ତି, ଚିତ୍ରାଙ୍କନ ଓ ଯୋଗ ପ୍ରତିଯୋଗିତା ହେବ। ବିଚାରକ ଭାବେ ଜଗନ୍ନାଥ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ରୋଜାଲିନ ମିଶ୍ର ଯୋଗଦେଇଥିଲେ। ୨୨ତାରିଖରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶ୍ରୀକ୍ଷେତ୍ର ଘୁଙ୍ଗୁର ଓ ସନ୍ଧ୍ୟାରେ ମହୋତ୍ସବ କାର୍ଯ୍ୟକ୍ରମ ଆୟୋଜନ ହେବ। ଚଳିତ ବର୍ଷ କଟକର ଅଭିଜିତ ଦାଶଙ୍କୁ ଶ୍ରୀପତି ଯୁବ ପ୍ରତିଭା, ପୂର୍ବତନ ଡିଜିପି ସାରଙ୍ଗଧର ରାୟଗୁରୁଙ୍କୁ ଶ୍ରୀକ୍ଷେତ୍ର ସମ୍ମାନ ଏବଂ ଗୋବିନ୍ଦ ପ୍ରସାଦ ମହାନ୍ତିଙ୍କୁ ଶ୍ରୀକ୍ଷେତ୍ର ରତ୍ନ ସମ୍ମାନରେ ସମ୍ମାନିତ କରାଯିବ ବୋଲି ଟ୍ରଷ୍ଟ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା କହିଛନ୍ତି।

# ୩ ବେଆଇନ କରତକଳରେ ଚଢ଼ାଉ

## ୪୦ ଲକ୍ଷ ଟଙ୍କାର କାଠ, ଯନ୍ତ୍ରାଂଶ ସମେତ ୨ ଗାଡ଼ି ଜବତ



ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ କରତ କଳରେ ଚଢ଼ାଉ କରାଯାଉଛି।

ଗୋପ,୧୮।୧(ଡି.ଏନ.ଏ)

ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ ଶନିବାର ଭୋରୁ ଗୋପ ୨ଟି, କୁଶୁପୁରରେ ଥିବା ଗୋଟିଏ ବେଆଇନ କରତକଳରେ ଚଢ଼ାଉ କରାଯାଇଛି। ଚଢ଼ାଉରେ ୪୦ ଲକ୍ଷ ଟଙ୍କାର ବେଆଇନ କାଠ ଓ କରତକଳ ଯନ୍ତ୍ରାଂଶ ଜବତ ହୋଇଛି। ଏହାସହ ଗୋଟିଏ ୧୦ ଚକିଆ ଟ୍ରକ୍ ସହ ଗୋଟିଏ ଟ୍ରାକ୍ଟର ମଧ୍ୟ ଜବତ କରାଯାଇଛି। ସୂଚନାଯୋଗ୍ୟ, ଗୋପ ଅଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ ବେଆଇନ କରତକଳ ଚାଲିବା ନେଇ ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ଏହି ଅଭିଯୋଗକୁ ନେଇ ଭୁବନେଶ୍ୱର ଭିଜିଲାନ୍ସ ଏସ୍‌ପି ବିଷ୍ଣୁ ଚରଣ ବେହେରାଙ୍କ ନେତୃତ୍ୱରେ ପୁରୀ ବନଖଣ୍ଡ ଅଧିକାରୀଙ୍କ ମିଳିତ ସହଯୋଗରେ ଚଢ଼ାଉ କରାଯାଇଥିଲା। ଏ ନେଇ ପୂର୍ବରୁ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍‌ରେ ଚଢ଼ାଉ ଲାଗି ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଥିଲା। ଶନିବାର ସକାଳୁ ପ୍ରବଳ କୁହୁଡ଼ି ସତ୍ତ୍ୱେ ଭିଜିଲାନ୍ସ ଏସ୍‌ପି ବେହେରା, ପୁରୀ ବନଖଣ୍ଡ ବନାଞ୍ଚଳର ଜିଲା ସହକାରୀ ବନରକ୍ଷୀ ଶ୍ରୀକାନ୍ତ ବେହେରା, କୋଣାର୍କ-ଗୋପ ବନଖଣ୍ଡ ଅଧିକାରୀ ବେଣୁଧର ବେହେରା, ବ୍ରହ୍ମଗିରି ଓ ବାଲୁଖଣ୍ଡ ବନଖଣ୍ଡ ଅଧିକାରୀ ରଜତ ମହାପାତ୍ର ପ୍ରମୁଖ ଗୋପ ବଜାରରେ ପହଞ୍ଚି ଦୁଇଟି ବେଆଇନ କରତକଳ ଉପରେ ଚଢ଼ାଉ କରି ଯନ୍ତ୍ରାଂଶଗୁଡ଼ିକ ସମେତ ୩୫୦ ସିଏଫ୍‌ଟି ମୂଲ୍ୟବାନ କାଠ ଜବତ କରାଯାଇଥିଲା। ସେହିପରି କୁଶୁପୁରଠାରେ ଥିବା ବେଆଇନ କରତ କଳରେ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଜବତ କରିଥିଲେ। ଏ ନେଇ ଗୋପ ବନ ବିଭାଗ କାର୍ଯ୍ୟାଳୟରେ କେସ ନଂ- ୯, ୧୦, ୧୧, ୧୨, ୧୩, ୧୪ରେ ୬ଟି ମାମଲା ରୁଜୁ କରାଯାଇଥିବା ଏସିଏଫ୍ ଶ୍ରୀକାନ୍ତ ବେହେରା ସୂଚନା ଦେଇଛନ୍ତି। ଆଗାମୀ ଦିନରେ ମଧ୍ୟ ବେଆଇନ କରତକଳରେ ଚଢ଼ାଉ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସିଏଫ୍ ବେହେରା କହିଛନ୍ତି।

# ରାଜ୍ୟସ୍ତରୀୟ ସାଇକେଲ ପୋଲୋ: ପୁରୀ ଚାମ୍ପିୟନ

ପୁରୀ ଅଫିସ,୧୮।୧

ଓଡ଼ିଶା ସାଇକେଲ ପୋଲୋ ଆସୋସିଏଶନ ଆନୁକୂଲ୍ୟରେ ଇନ୍‌ଡୋର ଷ୍ଟାଡିୟମରେ ଶନିବାର ପୁରୀ ଜିଲା ସାଇକେଲ ସଂଘ ତରଫରୁ ରାଜ୍ୟସ୍ତରୀୟ ସାଇକେଲ ପୋଲୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ଟି ଜିଲାରୁ ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଅନୁଷ୍ଠାନର ସମ୍ପାଦକ ତଥା କ୍ରୀଡ଼ା ଶିକ୍ଷକ ରାଜକିଶୋର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ, କ୍ରୀଡ଼ାବିତ୍ ରବୀନ୍ଦ୍ର ସେନାପତି, କ୍ରୀଡ଼ା ସଙ୍ଗଠକ ସବ୍ୟସାଚୀ ରଥ, ବରିଷ୍ଠ ପୋଲିସ ଅଧିକାରୀ ହିରଣ୍ୟ କୁମାର ଜେନା, ରାଜେଶ କୁମାର ପ୍ରଧାନ, ରାଜେଶ ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗରେ ପୁରୀ ଜିଲା ଚାମ୍ପିୟନ୍ ହୋଇଛି । ସେହିଭଳି ବରିଷ୍ଠ ବର୍ଗରେ ବୌଦ୍ଧ ଜିଲା ଏବଂ କନିଷ୍ଠ ବର୍ଗରେ ଗଜପତି ଜିଲା ରନର୍ସଅପ୍ ହୋଇଛି । ଅଭିମନ୍ୟୁ ଶତପଥି, ପାବଚ୍ଛ କୁମାର ଭୂୟାଁ, ଶୁଭଜିତ ମିଶ୍ର, ଅନନ୍ତ ସାମଲ, ଟୁନା ଦାସ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।



ଚାମ୍ପିୟନ ଦଳକୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ରାଜ୍ୟସ୍ତରୀୟ କବି, ଲେଖକ ସମ୍ମିଳନୀ

ପୁରୀ ଅଫିସ, ୧୮।୧

## ୯ଜଣଙ୍କୁ ଶ୍ରୀକ୍ଷେତ୍ର ସାରସ୍ୱତ ସମ୍ମାନ

ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ଦ୍ୱାଦଶ ବାର୍ଷିକୋତ୍ସବ ଅବସରରେ ଶନିବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ରାଜ୍ୟସ୍ତରୀୟ କବି ଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ହରେକୃଷ୍ଣ ପ୍ରଧାନୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହରିହର ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଡ. କାର୍ତ୍ତିକ ଦାସ, ଇଂ. ସୂର୍ଯ୍ୟମଣି ଦାସ, ଲକ୍ଷ୍ମୀଧର ଦାସ ଯୋଗଦେଇଥିଲେ। ଏଭଳି ସମ୍ମିଳନୀ ଆୟୋଜନ ଦ୍ୱାରା ଓଡ଼ିଆ ସାହିତ୍ୟ ସମୃଦ୍ଧ ହେବ ବୋଲି ମତ ପ୍ରକାଶ ପାଇଥିଲା। ଅନୁଷ୍ଠାନର ମୁଖପତ୍ର 'ଅବଢା' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ୯ଜଣ ସାରସ୍ୱତ ସାଧକଙ୍କୁ ଶ୍ରୀକ୍ଷେତ୍ର ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ପାଦକ ରବୀନ୍ଦ୍ରନାଥ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁରେଶ ପଟ୍ଟନାୟକ, କ୍ରିଷ୍ଣା ମହାପାତ୍ର, ଅନ୍ନପୂର୍ଣ୍ଣା ଦେବୀ, ମନୋରମା ଆଚାର୍ଯ୍ୟ, ସୁକାନ୍ତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।





ସମ୍ମିଳନୀରେ ମଞ୍ଚାସୀନ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ସାରସ୍ୱତ ସାଧକମାନେ।

# ମୁଖ୍ୟ ଚିକିତ୍ସାଳୟରେ ସୁଧୁରୁନି ସ୍ୱାସ୍ଥ୍ୟସେବା

ପୁରୀ ଅଫିସ,୧୮।୧

- ଫନୀ ପରଠାରୁ ଲିଫ୍ଟ ଅଚଳ
- ନିୟମିତ ହେଉନି ସଫେଇ

ମୋ ସରକାର ଯୋଜନାରେ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଉଛନ୍ତି ରାଜ୍ୟ ସରକାର। ମାତ୍ର ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ଏହାର କୌଣସି ପ୍ରଭାବ ପଡୁ ନ ଥିବା ଜଣାପଡ଼ିଛି। ରୋଗୀ ସମସ୍ୟାଠାରୁଆରମ୍ଭ କରିବିଭିନ୍ନ ବିଭାଗରେ ଅବହେଳା ଏଭଳି ବିଭିନ୍ନ ସମସ୍ୟାକୁ ନେଇ ଦିନକୁ ଦିନ ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିଗିଡ଼ିବାରେ ଲାଗିଛି। ଏପରିକି ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗୀୟ ସଚିବ ବାରମ୍ବାର ଗସ୍ତରେ ଆସି ଅଧିକାରୀମାନଙ୍କୁ ତାଗିଦ ମଧ୍ୟ କରିଥିଲେ। ତଥାପି ସ୍ୱାସ୍ଥ୍ୟାବସ୍ଥାର ଉନ୍ନତିରେ କୌଣସି ସୁଧାର ଆସିନାହିଁ।

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଦୈନିକ ଶତାଧିକ ରୋଗୀ ଆସିଥାଆନ୍ତି। କିନ୍ତୁ ଆରମ୍ଭରୁ ହିଁ ରୋଗୀଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସ୍ୱାସ୍ଥ୍ୟ ପରୀକ୍ଷଣ ଲାଗି ଘଣ୍ଟା ଘଣ୍ଟା ଧରି ଟିକେଟ କାଉଣ୍ଟରରେ ଅପେକ୍ଷାଠାରୁ ଓପିଡିରେ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ଦୀର୍ଘ ସମୟ ଧରି ଠିଆ ହେବାକୁ ପଡୁଛି। ଟିକେଟ କାଉଣ୍ଟର ବୃଦ୍ଧି କରିବା, ଓପିଡିର ଆଶୁ ଚିକିତ୍ସା କେନ୍ଦ୍ର ୪ରୁ ୧୦ଶଯ୍ୟା ଲାଗି ଦାବି ସତ୍ତ୍ୱେ କାର୍ଯ୍ୟକାରୀ କରାଯାଉ ନାହିଁ। ଅନ୍ୟପଟେ ଡିଏଚ୍‌ଏଚ୍‌ରେ ହାଇ ଆଣ୍ଡ ପାଥୋଲାବ ବ୍ୟବସ୍ଥା ରହିଛି। କିନ୍ତୁ ନିଦାନ ଲାଗି ଆସୁଥିବା ରୋଗୀ ରକ୍ତ ପରୀକ୍ଷା ଏବଂ ରିପୋର୍ଟ ନେବା ଲାଗି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ଅନେକ ସମୟରେ ନିଦାନ କେନ୍ଦ୍ରରେ କର୍ମଚାରୀ ଠିକ୍ ସମୟରେ ଆସୁ ନ ଥିବା ଅଭିଯୋଗ ହେଉଛି। ସେହିଭିଳି ନିୟମିତ ୱାର୍ଡ ଶୌଚାଳୟ ସଫେଇ ନ ହେଉଥିବାରୁ ଯିବାଆସିବାବେଳେ ଦୁର୍ଗନ୍ଧରେ ନାକ ଫାଟିପଡୁଛି। ରୋଗୀଙ୍କ ଚିକିତ୍ସାରେ ଅବହେଳା ନେଇ କ୍ରମାଗତ ଭାବେ ସୋସିଆଲ ମିଡିଆରେ ଫଟୋ, ଭିଡିଓ ଭାଇରାଲ ହେଉଛି। କିଛିଦିନ ତଳେ ମେଡିସିନ୍ ୱାର୍ଡରେ ଡ୍ୟୁଟି କର୍ମଚାରୀ ଅନୁପସ୍ଥିତ ଥିବା ଏବଂ ଡାକ୍ତରଙ୍କ ସିଟ୍‌ରେ ରୋଗୀ ବିଶ୍ରାମ ନେଉଥିବା ଭିଡିଓ ଭାଇରାଲ ହୋଇଥିଲା। ମେଡିକାଲରେ ଲୋ-ଭୋଲଟେଜ, ପିଇବାପାଣି ସମସ୍ୟା, ନିରାମୟ କେନ୍ଦ୍ରରେ ସମସ୍ତ ଔଷଧ ନ ରହିବା ଯୋଗୁ ରୋଗୀ ହନ୍ତସନ୍ତ ହେଉଛନ୍ତି। ସାତମହଲା ବିଶିଷ୍ଟ ପ୍ରସୂତି ଓ ଶିଶୁ ଯତ୍ନ କେନ୍ଦ୍ରରେ ଥିବା ୨ଟି ଲିଫ୍ଟରୁ ଗୋଟିଏ ଲିଫ୍ଟ ଗତ ବାତ୍ୟା ଫନୀ ପରଠାରୁ ବନ୍ଦ ହୋଇପଡ଼ିଛି। ଲିଫ୍ଟ ଅଚଳ ଯୋଗୁ ସିଜରିଆନ ମହିଳା ଶିଡ଼ି ଚଢି ବହୁ କଷ୍ଟରେ ଯାତାୟାତ କରୁଛନ୍ତି। ଶବ ବ୍ୟବଚ୍ଛେଦ ଗୃହରେ ଥିବା ଫିଜର ୫ମାସ ହେଲା ଅଚଳ ହୋଇରହିଛି। ସେହିଭଳି ମେଡିକାଲରେ ପାର୍କିଂ ସୁବିଧା ନ ଥିବାରୁ ଓପିଡି ଆଗରେ ଶହ ଶହ ବାଇକ୍ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ରହୁଛି। ଫଳରେ ରୋଗୀଙ୍କ ଯାତାୟାତରେ ଅସୁବିଧା ହେଉଛି। ଗତ ଶୁକ୍ରବାର ରୋଗୀ କଲ୍ୟାଣ ସମିତିରେ ମେଡିକାଲର ଭିତ୍ତିଭୂମି ପ୍ରତି ଗୁରୁତ୍ୱାରୋପ କରାଯାଇଥିଲା। ପ୍ରତିବର୍ଷ ଆର୍‌କେଏସ ଓ ଜିକେଏସ୍ ବୈଠକ, ଆଲୋଚନା ହେଉଥିଲେ ମଧ୍ୟ କାର୍ଯ୍ୟକାରୀ ଠିକ ରୂପେ ହୋଇ ନ ପାରିବାରୁ ସମସ୍ୟା ବଢ଼ି ବଢ଼ି ଯାଉଛି। ଏ ନେଇ ସିଡିଏମ୍‌ଓ ନୀଳକଣ୍ଠ ମିଶ୍ର କୁହନ୍ତି, ଆରକେଏସ୍ ବୈଠକରେ ମେଡିକାଲର ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ପର୍ଯ୍ୟାୟକ୍ରମେ ସମସ୍ତ ସମସ୍ୟାର ସମାଧାନ କରାଯିବ।